# ଧରିତ୍ରୀ
DHARITRI

ସମ୍ବଲପୁର, ସୋମବାର, ଅଗଷ୍ଟ ୧୯/୨୦୧୯ (୧୬ ପୃଷ୍ଠା) Sambalpur, Monday, August 19 / 2019 ★★

୧୫ଶ ଭାଗ ୨୪୨ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୪/-




### ଭାରୋତ୍ତୋଳନ ଭିଡିଓ ଶେୟାର କଲେ ଟାଇଗର

ବଲିଉଡ ଆକ୍ସନ ହିରୋ ଟାଇଗର ଶ୍ରଫ୍ ରବିବାର ୨୦୦କିଲୋଗ୍ରାମ ଓଜନର ଭାରୋତ୍ତୋଳନ କରି ଏହାର ଭିଡିଓକୁ ବନ୍ଧୁ ଓ ପ୍ରଶଂସକଙ୍କ ନିକଟକୁ ଶେୟାର କରିଛନ୍ତି।

୧୧

୧୫

### ହିମାଙ୍କୁ ସ୍ୱର୍ଣ୍ଣ

ଚେକ୍ ରିପବ୍ଲିକ୍‌ରେ ଅନୁଷ୍ଠିତ ଆଥ୍‌ଲେଟିକ ମିଟ୍‌ଙ୍କ ରିଟର୍ ଇଭେଣ୍ଟରେ ଭାରତୀୟ ସ୍ପ୍ରିଣ୍ଟର ହିମା ଦାସ ୩୦୦ ମିଟର ମହିଳା ସ୍ୱର୍ଣ୍ଣ ପଦକ ଜିତିଛନ୍ତି।



## ବିପଦସଂକେତ ଟପିଲା ଜଳକା



ବସ୍ତା, ୧୮।୮(ସ୍ୱ.ପ୍ର.)

ଲଗାଣ ବର୍ଷା ଯୋଗୁ ବାଲେଶ୍ୱର ଜିଲାର ବିଭିନ୍ନ ନଦୀରେ ଏବର୍ଷର ପ୍ରଥମ ବନ୍ୟାଜଳ ଆସିଛି। ସୁବର୍ଣ୍ଣରେଖା, ବୁଢାବଲଙ୍ଗ, ଗଙ୍ଗାହାର ନଦୀରେ ଜଳପତ୍ତନ ବୃଦ୍ଧି ପାଇଥିବା ବେଳେ ଜଳକା ନଦୀରେ ବନ୍ୟାଜଳ ରବିବାର ବିପଦ ସଂକେତ ଅତିକ୍ରମ କରିଛି। ବସ୍ତା ବ୍ଲକ ଦେଇ ପ୍ରବାହିତ ଜଳକା ନଦୀର ମଥାନୀଠାରେ ବିପଦ ସଂକେତ ୫.୫୦ ମିଟର। ମଧ୍ୟାହ୍ନରୁ ବନ୍ୟାଜଳ ବିପଦସଂକେତ ଟପି ପ୍ରବାହିତ ହେବାରେ ଲାଗିଛି। ସନ୍ଧ୍ୟା ୬ଟା ସୁଦ୍ଧା ଜଳସ୍ତର ୬.୧୭ମିଟର ଛୁଇଁଛି। ନଦୀରେ ଘଣ୍ଟାପ୍ରତି ଜଳସ୍ତର ୦.୦୮ମିଟର ବୃଦ୍ଧିପାଉଥିବାରୁ ତଳିଆ ଅଞ୍ଚଳରେ ବନ୍ୟା ଆଶଙ୍କା ଦେଖାଦେଇଛି।

ପ୍ରଶାସନ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଜଳକା ନଦୀର ଉପର ମୁଣ୍ଡ ମୟୂରଭଞ୍ଜ ଜିଲାରେ ଅତ୍ୟଧିକ ବର୍ଷା ହେବା ଯୋଗୁ ନଦୀର ଜଳସ୍ତର କ୍ରମେ ବୃଦ୍ଧି ପାଇ ଚାଲିଛି। ରବିବାର ବର୍ଷା ପରିମାଣ ହ୍ରାସ ପାଇବାରୁ ସେଭଳି ବଡ ଧରଣର ବନ୍ୟା ଆଶଙ୍କା ନ ଥିବା କୁହାଯାଉଛି। ଏବେ ନଦୀରେ ଆସିଥିବା ବନ୍ୟାଜଳ ଚାଷ ପାଇଁ ଉପଯୋଗୀ ହେବ ବୋଲି ଅନେକ ଚାଷୀ ମତବ୍ୟକ୍ତ କରିଛନ୍ତି। ପୂର୍ବରୁ ବନ୍ଦ ଥିବା ମଥାନୀସ୍ଥିତ ଜଳକା ପ୍ରୋଜେକ୍ଟର ସମସ୍ତ ଗେଟ ରବିବାର ଖୋଲି ଦିଆଯାଇଛି । ଖବର ଲେଖା ହେବା ବେଳକୁ ନଦୀର ଜଳ ସ୍ତର କମିବା ଆରମ୍ଭ କରିଥିବା ବିଭାଗ ପକ୍ଷରୁ କୁହାଯାଇଛି। ନଦୀ ବିପଦସଙ୍କେତ ଉପରେ ପ୍ରବାହିତ ହେବା ଯୋଗୁ କେତେକ ନଦୀକୂଳିଆ ଗ୍ରାମର ଚାଷ ଜମିରେ ପାଣି ମାଡିଥିବା ଜଣାପଡିଛି।

# କଶ୍ମୀର ନୁହେଁ, ଏବେ କେବଳ ପିଓକେ

## ପାକିସ୍ତାନକୁ ରାଜନାଥଙ୍କ ଚରମବାଣୀ

କାଲ୍‌କା, ୧୮।୮(ପି.ଟି./ଆଇଏଏନ୍‌ଏସ୍)

ଆତଙ୍କବାଦ ଉପରେ ଲଗାମ ନ ଲଗାଇବା ଯାଏ ପାକିସ୍ତାନ ସହ ଆଲୋଚନା ସମ୍ଭବ ନୁହେଁ। ଯଦି ଆଗକୁ କଥାବାର୍ତ୍ତା ହୁଏ ତାହା କେବଳ ପାକିସ୍ତାନ ଅଧିକୃତ କଶ୍ମୀର (ପିଓକେ)କୁ ନେଇ ହେବ। କଶ୍ମୀରକୁ ନେଇ ଆଲୋଚନାର ପ୍ରଶ୍ନ ଉଠୁନାହିଁ ବୋଲି ପଡ଼ୋଶୀ ଦେଶକୁ ଚରମବାଣୀ ଶୁଣାଇଛନ୍ତି ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ।

ରାଜନାଥ ହରିୟାଣାରେ ଭାଜପାର ଏକ କାର୍ଯ୍ୟକ୍ରମରେ ସମ୍ବୋଧିତ କରି ପାକିସ୍ତାନ ବିରୋଧରେ ସ୍ୱର ଶାଣିତ କରିଛନ୍ତି। ପଡ଼ୋଶୀ ଦେଶକୁ ଟାର୍ଗେଟ କରି ସେ କହିଛନ୍ତି, ଜମ୍ମୁ-କଶ୍ମୀରକୁ ସ୍ୱତନ୍ତ୍ର ମାନ୍ୟତା ପ୍ରଦାନକାରୀ ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ ଉପତ୍ୟକାର ବିକାଶ ପାଇଁ ଉଦ୍ଦିଷ୍ଟ। ହେଲେ ଇସ୍‌ଲାମାବାଦ ଏହି ପଦକ୍ଷେପକୁ ଭାରତର ଏକ ଭୁଲ୍ ବୋଲି ଦର୍ଶାଇ



ଅନ୍ତର୍ଜାତୀୟ ସମୁଦାୟର କବାଟ ବାଡ଼ଉଛି। ପଡ଼ୋଶୀ ଯଦି ଆତଙ୍କବାଦୀଙ୍କୁ ସମର୍ଥନ ଦେବା ବନ୍ଦକରେ ତେବେ ଆଗକୁ ଆଲୋଚନା କେବଳ (୧୯୪୭ରୁ ପାକିସ୍ତାନ ବେଆଇନ ଭାବେ ଦଖଲ କରି ରଖିଥିବା) ପିଓକେକୁ ନେଇ ହେବ। ଭାରତ ବାଲାକୋଟ୍‌ଠାରୁ ବି ବଡ଼ଧରଣର କାର୍ଯ୍ୟାନୁଷ୍ଠାନ ନେବାକୁ ଯାଉଛି ବୋଲି କିଛିଦିନ ତଳେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ ତାଙ୍କ ଦେଶବାସୀଙ୍କୁ କହିଥିଲେ। ବାଲାକୋଟରେ ଭାରତ

### ଆଲୋଚନା ପାଇଁ ଆତଙ୍କବାଦକୁ ପ୍ରୋତ୍ସାହନ ବନ୍ଦକର

ପକ୍ଷରୁ ଏୟାରଷ୍ଟ୍ରାଇକ୍ କରାଯାଇଥିବା ନେଇ ପୂର୍ବରୁ ଖଣ୍ଡନ କରିଆସୁଥିବା ଇମ୍ରାନ୍ ଏବେ ଏହାକୁ ସ୍ୱୀକାର କରିଥିବା ଏଥିରୁ ସ୍ପଷ୍ଟ ହେଉଛି ବୋଲି ରାଜନାଥ କହିଛନ୍ତି।

କଶ୍ମୀର ପ୍ରସଙ୍ଗକୁ ନେଇ ପାକିସ୍ତାନ ଚାରିଆଡୁ ହତାଶ ହେବା ପରେ ତା'ର ସବୁଦିନିଆ ବନ୍ଧୁ ଚାଇନାର ସହଯୋଗ ଲୋଡ଼ିଥିଲା। ଉପତ୍ୟକାକୁ ଜମ୍ମୁ ଓ କଶ୍ମୀର ଏବଂ ଲଦାଖ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳରେ ପରିଣତ କରାଯିବା ନିଷ୍ପତ୍ତିରେ କ୍ଷୁବ୍ଧ ଚାଇନା ଏହାକୁ ଜାତିସଂଘ ସୁରକ୍ଷା ପରିଷଦ (ୟୁଏନ୍‌ଏସ୍‌ସି)କୁ ଟାଣିଥିଲା। ଚାଇନାର ଅନୁରୋଧକ୍ରମେ ଶୁକ୍ରବାର ରାତି ୭ଟା ୩୦ରେ ୟୁଏନ୍‌ଏସ୍‌ସିର ସିକ୍ୟୁରିଟି କାଉନ୍‌ସିଲ୍ କନ୍‌ସଲ୍‌ଟେଶନ ରୁମ୍‌ରେ ରୁଦ୍ଧଦ୍ୱାର ବୈଠକ ଅନୁଷ୍ଠିତ ହୋଇଥିଲା।

☞ପୃଷ୍ଠା-୪

### ଇମ୍ରାନ୍‌ଙ୍କୁ ଭାରତର ଆଣବିକ ଅସ୍ତ୍ର ଭୟ

ଇସ୍‌ଲାମାବାଦ, ୧୮।୮

ଭାରତର ଆଣବିକ ଅସ୍ତ୍ର ପ୍ରୟୋଗ ନୀତିରେ ସମ୍ଭାବ୍ୟ ପରିବର୍ତ୍ତନକୁ ନେଇ ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ ଛାନିଆ ହୋଇଯାଇଛନ୍ତି। ନରେନ୍ଦ୍ର ମୋଦି ସରକାରଙ୍କ ଅଧୀନରେ ଭାରତର ଆଣବିକ ଅସ୍ତ୍ରଶସ୍ତ୍ର ବିପଦ ସୃଷ୍ଟି କରିପାରେ ବୋଲି ଆଶଙ୍କାବ୍ୟକ୍ତ କରିବା ସହ ବିଶ୍ୱ ସମୁଦାୟ ଏହାକୁ ନେଇ ଗମ୍ଭୀରତା ସହ ଚିନ୍ତାକରୁ ବୋଲି ସେ ଅନୁରୋଧ କରିଛନ୍ତି।

ଭାରତ କୌଣସି ରାଷ୍ଟ୍ର ଉପରେ ପ୍ରଥମେ ଆଣବିକ ଅସ୍ତ୍ର ବ୍ୟବହାର କରିବ ନାହିଁ ବୋଲି ଅଦ୍ୟାବଧି ପ୍ରତିଶ୍ରୁତିବଦ୍ଧ ଥିବାବେଳେ ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ ଶୁକ୍ରବାର ଏହି 'ନୋ ଫାଷ୍ଟ ୟୁଜ୍' (ଏନ୍‌ଏଫ୍‌ୟୁ) ନୀତିରେ ପରିବର୍ତ୍ତନର ସଙ୍କେତ ଦେଇଥିଲେ। ଭାରତ ଆଗକୁ ପ୍ରଥମେ ଆଣବିକ ଅସ୍ତ୍ର ବ୍ୟବହାର କରିବ କି ନାହିଁ ତାହା ପରିସ୍ଥିତି ଉପରେ ନିର୍ଭର କରେ ବୋଲି ପୋଖରାନ୍‌ରୁ ରାଜନାଥ ପରୋକ୍ଷରେ ପାକିସ୍ତାନକୁ ଚେତାବନୀ



ଇମ୍ରାନ୍ ଖାନ

ଦେଇଥିଲେ। ଏହାକୁ ନେଇ ଚିନ୍ତିତ ଇମ୍ରାନ୍ ରବିବାର କହିଛନ୍ତି, ଭାରତର ଆଣବିକ ଅସ୍ତ୍ରଶସ୍ତ୍ରର ସୁରକ୍ଷା ଓ ନିରାପତ୍ତା ଏବେ ଫାସିବାଦୀ ହିନ୍ଦୁତ୍ୱବାଦୀ ନରେନ୍ଦ୍ର ମୋଦି ସରକାର ଅଧୀନରେ ରହିଛି। ଅନ୍ତର୍ଜାତୀୟ ସମୁଦାୟ ଏହାକୁ ନେଇ ବିଚାର କରନ୍ତୁ। କାରଣ ଏହା ଏପରି ଏକ ପ୍ରସଙ୍ଗ, ଯାହା କେବଳ ସମ୍ପୃକ୍ତ କ୍ଷେତ୍ରକୁ ନୁହେଁ, ବରଂ ସମଗ୍ର ବିଶ୍ୱକୁ ପ୍ରଭାବିତ କରିବ ବୋଲି ଇମ୍ରାନ୍ ଟୁଇଟ୍ କରିଛନ୍ତି। ନିଜକୁ ଆଣବିକ ଅସ୍ତ୍ରସମ୍ପନ୍ନ ରାଷ୍ଟ୍ର ବୋଲି ଭାରତକୁ ସବୁବେଳେ ଯୁଦ୍ଧଭୟ ଦେଖାଉଥିବା ପାକିସ୍ତାନ କେତେ ଭୟଭୀତ ସେଠାକାର ପ୍ରଧାନମନ୍ତ୍ରୀଙ୍କ ଏହି ମନ୍ତବ୍ୟରୁ ତାହା ସ୍ପଷ୍ଟ ହେଉଛି।

### ଯାଜପୁର ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ

# ତିତ୍‌ଲି ନାମରେ ଦେଢ଼ କୋଟି ଆତ୍ମସାତ୍

ଯାଜପୁର ଅଫିସ, ୧୮।୮

ଯାଜପୁର ଜିଲା ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ (ଆରଡବ୍ଲ୍ୟୁଏସ୍‌ଏସ୍) ବିଭାଗରେ ଏସ୍‌ଆରସି (ସ୍ପେଶିଆଲ ରିଲିଫ କମିଶନର) ପାଣ୍ଠିରୁ ତିତ୍‌ଲି ନାମରେ ଆବଣ୍ଟିତ ୧କୋଟି ୫୨ଲକ୍ଷ ୮୫ହଜାର ଟଙ୍କା ଆତ୍ମସାତ୍ ହୋଇଛି। ଜଣେ ଉଚ୍ଚ ପଦାଧିକାରୀଙ୍କ ପରୋକ୍ଷ ସହଯୋଗରେ ବିଭାଗୀୟ ଅଧିକାରୀ ଓ ଯନ୍ତ୍ରୀମାନେ ମିଳିମିଶି ମିଥ୍ୟା ବିଲ୍ ଭାଉଚର ପ୍ରସ୍ତୁତ କରି ପାଇପ୍ ଜଳଯୋଗାଣ ପ୍ରକଳ୍ପ ମରାମତି ନାମରେ ଏହି ଅର୍ଥ ଖର୍ଚ୍ଚ ହୋଇଥିବା ଦର୍ଶାଯାଇଛି। ଏହି ମର୍ମରେ ୧୪।୮।୨୦୧୯ରେ ଆରଡବ୍ଲ୍ୟୁଏସ୍‌ଏସ୍ ଯାଜପୁର ଡିଭିଜନର ନିର୍ବାହୀ ଯନ୍ତ୍ରୀ ୧କୋଟି ୫୨ଲକ୍ଷ ୮୫ ହଜାର ଟଙ୍କାର ବିନିଯୋଗ ପତ୍ର(ୟୁସି) ଦାଖଲ କରିଛନ୍ତି। ହେଲେ ବାସ୍ତବରେ ଏହି ଅର୍ଥରେ ଯେଉଁ ପ୍ରକଳ୍ପଗୁଡିକର

- ୧.୫୨ କୋଟି ଟଙ୍କାର ୟୁସି ଦାଖଲ
- ମରାମତି ନ ହୋଇ ମିଥ୍ୟା ବିଲ୍ ଭାଉଚର ପ୍ରସ୍ତୁତ
- ୮ ବ୍ଲକର ୧୦୪ ପ୍ରକଳ୍ପରେ ହରିଲୁଟ୍



ମରାମତି ହୋଇଥିବା ୟୁସିରେ ଉଲ୍ଲେଖ ରହିଛି ସେହି ପ୍ରକଳ୍ପଗୁଡିକ ସଂକ୍ରାନ୍ତରେ ଅନୁଧ୍ୟାନ କରିବାରୁ କୌଣସି କାର୍ଯ୍ୟ ହୋଇ ନ ଥିବା ସମ୍ପୃକ୍ତ ଗ୍ରାମବାସୀ ପ୍ରକାଶ କରିଛନ୍ତି। ତିତ୍‌ଲି ବାତ୍ୟାରେ ଯାଜପୁର ଜିଲାର କୌଣସି ପାଇପ୍ ଜଳଯୋଗାଣ ପ୍ରକଳ୍ପ କ୍ଷତିଗ୍ରସ୍ତ ହୋଇ ନ ଥିବାରୁ ସହଜରେ ସମ୍ପୃକ୍ତ ଅଧିକାରୀମାନେ ଆବଣ୍ଟିତ ଅର୍ଥକୁ ଖାଇଯାଇଥିବା ଅଭିଯୋଗ ହୋଇଛି। ଏ ସଂକ୍ରାନ୍ତରେ ଏକ ଉଚ୍ଚସ୍ତରୀୟ ନିରପେକ୍ଷ ତଦନ୍ତ କରାଗଲେ ବାସ୍ତବ ଚିତ୍ର ଲୋକଲୋଚନକୁ ଆସିପାରନ୍ତା ବୋଲି ଦାବି ହେଉଛି।

୨୦୧୮ ଅକ୍ଟୋବର ୧୧ରେ ତିତଲି ବାତ୍ୟା ଆସିଥିଲା। ଜିଲା ଜରୁରିକାଳୀନ ବିଭାଗ ପକ୍ଷରୁ ମିଳିଥିବା ସୂଚନା ମୁତାବକ ଜିଲାର କେବଳ ଯାଜପୁର, ଦଶରଥପୁର ଓ ବ୍ୟାସନଗର ତହସିଲର କେତେକ ଚାଷଜମି ତିତଲି ଯୋଗୁ କ୍ଷତିଗ୍ରସ୍ତ ହୋଇଥିଲା। ତେବେ ଏହି ବାତ୍ୟାର ସୁଯୋଗ ନେଇ ଆରଡବ୍ଲ୍ୟୁଏସଏସର ନିର୍ବାହୀ ଯନ୍ତ୍ରୀ ୧୦୪ଟି ପାଇପ୍ ଜଳଯୋଗାଣ ପ୍ରକଳ୍ପ ନଷ୍ଟ ହୋଇଥିବା ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ରିପୋର୍ଟ ଦେଇଥିଲେ। ରିପୋର୍ଟରେ ତୁରନ୍ତ ମରାମତି ଓ ପୁନରୁଦ୍ଧାର ପାଇଁ ୨କୋଟି ୫୦ଲକ୍ଷ ୩୨ହଜାର ଟଙ୍କା ଅନୁଦାନ ଦେବାକୁ ଅନୁରୋଧ କରାଯାଇଥିଲା। ଏହି ରିପୋର୍ଟକୁ ଯାଜପୁର ଜିଲାପାଳ ମଧ୍ୟ ପ୍ରମାଣିତ କରିଥିଲେ। ଏହାପରେ ଏସ୍‌ଆରସି ପାଣ୍ଠିରୁ ଆରଡବ୍ଲ୍ୟୁଏସଏସ ବିଭାଗର ଇଞ୍ଜିନିୟର-ଇନ-ଚିଫଙ୍କ ପତ୍ରସଂଖ୍ୟା ୧୦୫୨ ଓ ୧୮୪୩/୧।୨।୨୦୧୯ ଜରିଆରେ ଯାଜପୁର ଆରଡବ୍ଲୁଏସଏସକୁ ୧ କୋଟି ୫୩ ଲକ୍ଷ ୯୭ ହଜାର ଟଙ୍କା ଆବଣ୍ଟିତ ହୋଇଥିଲା। ଏହି ଆବଣ୍ଟିତ ଅର୍ଥ ମଧ୍ୟରୁ

☞ପୃଷ୍ଠା-୪

## ଜେଟ୍‌ଲୀଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ

ନୂଆଦିଲ୍ଲୀ, ୧୮।୮

ଦିଲ୍ଲୀର ଏମ୍ସରେ ଗତ ୯ ତାରିଖରୁ ଭର୍ତ୍ତି ହୋଇଥିବା ପୂର୍ବତନ କେନ୍ଦ୍ର ଅର୍ଥମନ୍ତ୍ରୀ ତଥା ବରିଷ୍ଠ ଭାଜପା ନେତା ଅରୁଣ ଜେଟ୍‌ଲୀଙ୍କ ସ୍ୱାସ୍ଥ୍ୟାବସ୍ଥା ରବିବାର ସଙ୍କଟାପନ୍ନ ଥିବା ଜଣାପଡିଛି। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଓ ସ୍ୱାସ୍ଥ୍ୟମନ୍ତ୍ରୀ ହର୍ଷବର୍ଦ୍ଧନ ଏମ୍‌ସରେ ପହଞ୍ଚି ଜେଟ୍‌ଲୀଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରି ବୁଝିଛନ୍ତି। ମେଡିକାଲ ପରିସରରେ ସୁରକ୍ଷା ବ୍ୟବସ୍ଥା ବଢ଼ାଇଦିଆଯାଇଛି।

ରବିବାର ଅନ୍ୟମାନଙ୍କ ମଧ୍ୟରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ

- ହସ୍ପିଟାଲରେ ଭେଟିଲେ ରାଜନାଥ
- ଏମ୍ସରେ ସୁରକ୍ଷା ବ୍ୟବସ୍ଥା ବଢ଼ାଗଲା



ଅରବିନ୍ଦ କେଜ୍‌ରିୱାଲ, କେନ୍ଦ୍ରମନ୍ତ୍ରୀ ସ୍ମୃତି ଇରାନୀ, ରାମବିଳାସ ପାଶ୍ୱାନ, ଜିତେନ୍ଦ୍ର ସିଂ ଏବଂ ଏମ୍‌ପି ଗୌତମ ଗମ୍ଭୀର ଏମ୍ସ ଯାଇ ଜେଟ୍‌ଲୀଙ୍କ

☞ପୃଷ୍ଠା-୪






**ଆଜିର ସମ୍ପାଦକୀୟ**

### ସଂଯମ ଜରୁରୀ

**ଆଜିର ମନ୍ତବ୍ୟ**

" କଂଗ୍ରେସ ଲଦାଖକୁ ଉପଯୁକ୍ତ ଗୁରୁତ୍ୱ ନ ଦେବାରୁ ଚାଇନା ଡେମ୍‌ଚୋକ୍‌କୁ ଅନୁପ୍ରବେଶ କରିଥିଲା।

-ଜାମ୍‌ୟାଙ୍ଗ୍ ସେରିଙ୍ଗ୍ ନାମଗ୍ୟାଲ

**କିଛି ତଥ୍ୟ**

ଚଳିତ ବର୍ଷ ଏପ୍ରିଲ୍-ଜୁନ ସମୟରେ ଦେଶ ମଧ୍ୟରେ ସବୁ ବର୍ଗରେ ଯାନ ବିକ୍ରି ୧୨.୩୫% ହ୍ରାସ ଘଟି ୬୦.୮୫ ଲକ୍ଷ ୟୁନିଟ୍ ରହିଛି।

- ସୋସାଇଟି ଅଫ୍ ଇଣ୍ଡିଆନ ଅଟୋମୋବାଇଲ ମାନୁଫାକଚରର୍ସ


NECC NATIONAL EGG CO-ORDINATION COMMITTEE 18.08.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 71 | 120 | 130 |
| CTC | 71 | 120 | 130 |
| DKL | 71 | 120 | 130 |
| BDK | 71 | 120 | 130 |
| BLS | 72 | 122 | 132 |
| ANG | 71 | 120 | 130 |
| BHM | 67 | 115 | 125 |

*Conditions Apply

Eggs Retail Price- 42/-Dozen
Issued in the Interest of Consumers


### ଟଳିନି ରାଜ୍ୟରେ ବନ୍ୟା ସ୍ଥିତି

# ବହୁ ଲୋକ ଜଳବନ୍ଦୀ, ଆଜି ପ୍ରବଳ ବର୍ଷା

ଭୁବନେଶ୍ୱର, ୧୮।୮(ବ୍ୟୁରୋ)

ରାଜ୍ୟରେ ବନ୍ୟା ସ୍ଥିତି ଟଳିଯାଇଛି ବୋଲି ସରକାର କହୁଛନ୍ତି। କିନ୍ତୁ ଏବେବି ରାଜ୍ୟର ତଳିଆ ଅଞ୍ଚଳରେ ପାଣି ମାଡ଼ିବାରେ ଲାଗିଛି। ଲୋକେ ଜଳବନ୍ଦୀ ହୋଇ ରହିଛନ୍ତି। କଟକ, କେନ୍ଦ୍ରାପଡ଼ା, ଜଗତସିଂହପୁର, ପୁରୀ ଜିଲାର କିଛି ସ୍ଥାନରେ ପାଣି ଜମି ରହିଥିବାରୁ ଲୋକେ ଘରୁ ବାହାରି ନ ପାରି ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଧାନ ବିଲରେ ପାଣି ଜମି ରହିଥିବାରୁ ହଜାର ହଜାର ହେକ୍ଟର ଧାନ ଫସଲ ଉଜୁଡ଼ିବା ପରିସ୍ଥିତି ଉପୁଜିଛି। ଅନ୍ୟପକ୍ଷରେ କଟକ ଜିଲାରେ ବନ୍ୟା ଯୋଗୁ ଜଣଙ୍କର ମୃତ୍ୟୁ ହୋଇଥିବା ସରକାରୀ ଭାବେ କୁହାଯାଇଛି। ସେହିପରି ବାଙ୍କୀ ଥାନା ଅନ୍ତର୍ଗତ ବରହମପୁରା ପଞ୍ଚାୟତ ହଳିଆ ସାହିର ବସନ୍ତ ସାମଲଙ୍କର ପାଣିରେ ବୁଡ଼ି ମୃତ୍ୟୁ ଘଟିଥିବା ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ କହିଛି। ରିପୋର୍ଟ ଅନୁସାରେ, ରବିବାର ସୁଦ୍ଧା ୧୪ ଜିଲାର ୫୧ ବ୍ଲକର ୨୦୯୧ ଗାଁ, ୯ ସହରାଞ୍ଚଳ ବନ୍ୟା ଦ୍ୱାରା ପ୍ରଭାବିତ ହୋଇଛି। ୩ ଲକ୍ଷ ୩୨ ହଜାର ୬୮୨ଲୋକ ବନ୍ୟା ଦ୍ୱାରା ପ୍ରଭାବିତ ହୋଇଥିବାବେଳେ ୯୨,୪୮୩

- ୩,୩୨,୬୮୨ ଲୋକ ବନ୍ୟା ଦ୍ୱାରା ପ୍ରଭାବିତ
- ତାଲିକାରେ ଯୋଡ଼ିହେଲା ଆଉ ୫ ବ୍ଲକ୍‌ର ୬୦ ଗାଁ
- ବନ୍ୟାଞ୍ଚଳରେ ବ୍ୟାପିଲାଣି ସଂକ୍ରାମକ ରୋଗ

ଜଣଙ୍କୁ ସ୍ଥାନାନ୍ତର କରାଯାଇଛି। ୧୯୮ ସ୍ଥାନରେ ରନ୍ଧା ଖାଦ୍ୟ ଯୋଗାଇ ଦିଆଯାଉଛି। ଅପରପକ୍ଷେ ରାଜସ୍ୱ ବିଭାଗ ଶୁକ୍ରବାର ରିପୋର୍ଟ ଦେଇଥିଲା ଯେ, ରାଜ୍ୟର ୧୪ ଜିଲାରେ ୪୬ ବ୍ଲକର ୨୦୩୧ ଗାଁ ଓ ୯ ସହରାଞ୍ଚଳ ପ୍ରଭାବିତ ହୋଇଛି। ୩,୧୧,୯୩୧ଜଣ ଲୋକ ବନ୍ୟା ଦ୍ୱାରା ପ୍ରଭାବିତ ହୋଇଥିବାବେଳେ ୯୨,୩୧୭ଜଣଙ୍କୁ ସ୍ଥାନାନ୍ତର କରାଯାଇଛି। ଗୋଟିଏ ଦିନ ପରେ ଆଉ ୫ ବ୍ଲକ, ୬୦ ଗାଁ ଓ ଅଧିକ ୨୦ହଜାର ୭୫୧ ଲୋକ ବନ୍ୟାରେ ପ୍ରଭାବିତ ହେଲେ। ତେଣୁ ବନ୍ୟା ପରିସ୍ଥିତି ଏବେ ବି ସଙ୍ଗିନ ଅଛି ବୋଲି ରିପୋର୍ଟରୁ ଜଣାପଡୁଛି। ସେପଟେ ବନ୍ୟାଞ୍ଚଳରେ ସଂକ୍ରାମକ ରୋଗ ବ୍ୟାପିବା ଆରମ୍ଭ କରିଥିବାରୁ ବିପନ୍ନଙ୍କ ଚିନ୍ତା ବଢ଼ିଛି।

ପୁରୀ ଜିଲାରେ ୭୯୧ ହେକ୍ଟର ଧାନ ଜମିରେ ପାଣି ମାଡ଼ି ଯାଇଛି। ସୋନପୁରରେ ୪ ବ୍ଲକ ଓ ୪୬ ଗାଁ ପ୍ରଭାବିତ ହୋଇଥିବାବେଳେ ସ୍ୱାସ୍ଥ୍ୟ ସ୍ଥିତି ସାଂଘାତିକ ହେବାରେ ଲାଗିଛି। ଲୋକଙ୍କଠାରୁ ଆରମ୍ଭ କରି ଗୃହପାଳିତ ପଶୁ ସଂକ୍ରମଣର ଶିକାର ହେଲେଣି। ଏଥିପାଇଁ ୨ ମେଡିକାଲ ଟିମ୍ ଓ ଗୋଟିଏ ପ୍ରାଣୀ ଚିକିତ୍ସକ ଦଳ ନିୟୋଜିତ ରହିଛନ୍ତି। କଟକ ଜିଲାରେ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୩୫୫୦ଜଣ ଲୋକ ଓ ୪୮୦ ଗୃହପାଳିତ ପ୍ରାଣୀ ବନ୍ୟା ଦ୍ୱାରା ପ୍ରଭାବିତ ହୋଇଛନ୍ତି। ଏଠାରେ ମଧ୍ୟ ସଂକ୍ରାମକ ରୋଗ ବ୍ୟାପିଥିବାରୁ ୨ଟି ମେଡିକାଲ ଟିମ୍ ଓ ଗୋଟିଏ ପ୍ରାଣୀ ଚିକିତ୍ସକ ଦଳକୁ ନିୟୋଜିତ କରାଯାଇଛି। ସେହିପରି ବଲାଙ୍ଗୀର ଜିଲାରେ ମଧ୍ୟ ୩ ମେଡିକାଲ ଟିମ୍ ନିୟୋଜିତ କରାଯାଇଛି। ବିପନ୍ନ ଅଞ୍ଚଳରେ ଉଦ୍ଧାର କାର୍ଯ୍ୟ ପାଇଁ ଏବେବି ୧୨ ଜିଲାରେ ୧୫ ଓଡ୍ରାଫ ଓ ଗୋଟିଏ ଏନ୍‌ଡିଆରଏଫ୍ ଟିମ୍ ନିୟୋଜିତ ଅଛନ୍ତି।

ଏପରିସ୍ଥଳେ ରାଜ୍ୟରେ ପୁଣି ବର୍ଷା ଆରମ୍ଭ ହୋଇଛି। ପଶ୍ଚିମବଙ୍ଗ ଓ

☞ପୃଷ୍ଠା-୪

# ହଂକଂରେ ସରକାର ବିରୋଧୀ ବିଶାଳ ର୍‍ୟାଲି

**ହଂକଂ,୧୮।୮**

ହଂକଂରେ ୧୧ ସପ୍ତାହ ହେଲା ସରକାର ବିରୋଧୀ ଆନ୍ଦୋଳନ ଜାରି ରହିଛି। ରବିବାର ପ୍ରବଳ ବର୍ଷା ସତ୍ତ୍ୱେ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ବିକ୍ଷୋଭକାରୀ ଛତାଧରି ଭିକ୍ଟୋରିଆ ପାର୍କରୁ ଶୋଭାଯାତ୍ରାରେ ବାହାରିଥିଲେ। ୨ ମାଇଲ ବ୍ୟାପୀ ବିଶାଳ ଶୋଭାଯାତ୍ରା ଶାନ୍ତିପୂର୍ଣ୍ଣ ଭାବେ ଅନୁଷ୍ଠିତ ହୋଇଥିଲା। ହଜାର ହଜାର ବିକ୍ଷୋଭକାରୀ ରାସ୍ତା ପାର୍ଶ୍ୱରେ ରାତି କଟାଇଛନ୍ତି। କିଛି ମାସ ହେଲା ପ୍ରତି ରବିବାର ଗଣତନ୍ତ୍ର ସପକ୍ଷବାଦୀ ବିକ୍ଷୋଭକାରୀମାନେ ଶୋଭାଯାତ୍ରାରେ ସାମିଲ ହେଉଛନ୍ତି। ଅନେକ ସମୟରେ ବିକ୍ଷୋଭକାରୀ ଓ ପୋଲିସ ମଧ୍ୟରେ ଧସ୍ତାଧସ୍ତିରୁ ହିଂସାକାଣ୍ଡ ସୃଷ୍ଟି ହେଉଛି। ତେବେ ଏଥର ସେଭଳି କୌଣସି ଭୟର ବାତାବରଣ ସୃଷ୍ଟି ହେବ ନାହିଁ ବୋଲି ଆୟୋଜକ ବୋନି ଲେଉଙ୍ଗ୍ ର୍‍ୟାଲି ପୂର୍ବରୁ ଆଶାବ୍ୟକ୍ତ କରିଥିଲେ।

ଜୁନ୍‌ରୁ ଇତିମଧ୍ୟରେ ଲେଉଙ୍ଗ୍‌ଙ୍କ ସିଭିଲ୍ ହ୍ୟୁମ୍ୟାନ୍ ରାଇଟ୍ସ ଫ୍ରଣ୍ଟ ହଂକଂରେ ତିନୋଟି ବିଶାଳ ର୍‍ୟାଲି ଆୟୋଜନ କଲାଣି । ପୋଲିସ ର୍‍ୟାଲି ପାଇଁ ଅନୁମତି ଦେଉଥିବାବେଳେ ଶୋଭାଯାତ୍ରା ପାଇଁ ସୁଯୋଗ ଦେଉ ନ ଥିବାରୁ ସଂଘର୍ଷ ହେଉଛି। ର୍‍ୟାଲି ସ୍ଥଳରେ ପର୍ଯ୍ୟାପ୍ତ ସ୍ଥାନ ନ ଥିବାରୁ ବିକ୍ଷୋଭକାରୀ ରାସ୍ତାରେ ରୁଣ୍ଡ ହେଉଥିବା ଜଣେ ଆନ୍ଦୋଳନକାରୀ କହିଛନ୍ତି। ଅଧିକ ଲୋକ ହେବା ଆଶଙ୍କାରେ ଟ୍ରେନ୍‌ଗୁଡିକ ବିକ୍ଷୋଭସ୍ଥଳ ନିକଟବର୍ତ୍ତୀ ଷ୍ଟେଶନରେ ଅଟକୁ ନାହିଁ। ହଂକଂରେ ଗଣତନ୍ତ୍ର ସପକ୍ଷବାଦୀ ଆନ୍ଦୋଳନକୁ ଆମେରିକାର ଆଇନ ପ୍ରଣେତାମାନେ ସମର୍ଥନ କରିଥିବାବେଳେ ବେଜିଂ ପକ୍ଷରୁ ଏହାର ନିନ୍ଦା କରାଯାଇଛି। ଅଳ୍ପ ସଂଖ୍ୟକଙ୍କ ହିଂସାତ୍ମକ ପ୍ରତିବାଦକୁ ହଂକଂର ୭୫ ଲକ୍ଷ ଜନସାଧାରଣ ଓ ଚାଇନାବାସୀ ପ୍ରତ୍ୟାଖ୍ୟାନ କରିଥିବା ଚାଇନା ପାର୍ଲାମେଣ୍ଟ ମୁଖପାତ୍ର ୟୁ ୱେଞ୍ଜୋ କହିଛନ୍ତି।

## ବର୍ଷାକୁ ଖାତିର କଲେନି ୧୦ ଲକ୍ଷ ବିକ୍ଷୋଭକାରୀ






## ବିଦ୍ୟୁତ୍ ସ୍ପର୍ଶରେ ୫ ଛାତ୍ରଙ୍କ ମୃତ୍ୟୁ

**ବେଙ୍ଗାଲୁରୁ,୧୮।୮(ପି.ଟି.)**

କର୍ନାଟକର କୋପାଲ ସହରରେ ଥିବା ଏକ ସରକାରୀ ହାଇସ୍କୁଲରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ୫ ଛାତ୍ର ପ୍ରାଣ ହରାଇଛନ୍ତି। ସ୍ୱାଧୀନତା ଦିବସ ପାଳନ ପାଇଁ ହଷ୍ଟେଲ ବିଲ୍ଡିଂର ପ୍ରଥମ ମହଲାରେ ଲଗାଯାଇଥିବା ପତାକାସ୍ତମ୍ଭକୁ ଏହି ଛାତ୍ରମାନେ ଉଠାଇବା ବେଳେ ତାହା ଉପରେ ଯାଇଥିବା ବିଦ୍ୟୁତ ତାରରେ ଲାଗିଯାଇଥିଲା। ପ୍ରଥମେ ସ୍ତମ୍ଭକୁ ଧରିଥିବା ଦୁଇଜଣ ଛାତ୍ରଙ୍କୁ ବିଦ୍ୟୁତ ଆଘାତ ଲାଗିଥିଲା। ସେମାନଙ୍କୁ ବଞ୍ଚାଇବାକୁ ଅନ୍ୟ ତିନିଜଣ ଛାତ୍ର ଧାଇଁଯିବାରୁ ସେମାନେ ମଧ୍ୟ ବିଦ୍ୟୁତ ସ୍ପର୍ଶରେ ଆସିଥିଲେ। ଫଳରେ ଘଟଣାସ୍ଥଳରେ ୫ ଜଣଙ୍କର ମୃତ୍ୟୁ ହୋଇଥିଲା। ମୁଖ୍ୟମନ୍ତ୍ରୀ ବି.ଏସ୍. ୟେଦୁରପ୍ପା ଘଟଣାର ତଦନ୍ତ ନିର୍ଦ୍ଦେଶ ଦେବା ସହ ମୃତ ଛାତ୍ରଙ୍କ ପରିବାରକୁ ୫ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ଯୋଗାଇଦେବାକୁ ଘୋଷଣା କରିଛନ୍ତି। ହଷ୍ଟେଲ୍‌ଟି ଏକ ଭଡ଼ାଘରେ ଚାଲୁଥିଲା। ପୋଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ବିଲ୍ଡିଂର ମାଲିକ, ହଷ୍ଟେଲ ୱାର୍ଡେନ ଏବଂ ବିଦ୍ୟୁତ୍ ଯୋଗାଣକାରୀ କମ୍ପାନୀର ଅଧିକାରୀଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ପାରେ ବୋଲି ପୋଲିସ କହିଛି।

## ଉତ୍ତରାଖଣ୍ଡରେ ବାଦଲଫଟା ବର୍ଷା
## ୨୦ ଘର ଭାସିଗଲା, ୧୮ ନିଖୋଜ



**ଡେରାଡୁନ,୧୮।୮**

ଉତ୍ତରାଖଣ୍ଡର ଉତ୍ତରକାଶୀ ଜିଲାରେ ବାଦଲଫଟା ବର୍ଷା ଫଳରେ ରବିବାର ଟୋନ୍ସ ନଦୀରେ ବନ୍ୟା ଆସି ୨୦ ଘର ଭାସିଯିବା ସହ ୧୮ ଜଣଙ୍କର ପତ୍ତା ମିଳୁନାହିଁ। କିଛିଦିନ ହେଲା ଉତ୍ତରାଖଣ୍ଡରେ ପ୍ରବଳ ବର୍ଷା ଜାରି ରହିଥିବାବେଳେ ଟୋନ୍ସ ନଦୀ ବିପଦସଙ୍କେତ ଉପରେ ପ୍ରବାହିତ ହେଉଛି। ଲୋକମାନଙ୍କୁ ନିରାପଦ ସ୍ଥାନକୁ ନେବା ସହ ଉଦ୍ଧାର କାର୍ଯ୍ୟ ପାଇଁ ମୁଖ୍ୟମନ୍ତ୍ରୀ ତ୍ରିବେନ୍ଦ୍ର ସିଂ ରାୱତ୍ ଉତ୍ତରକାଶୀ ଜିଲାପାଳ ଓ ବିପର୍ଯ୍ୟୟ ପରିଚାଳନା ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବିପନ୍ନମାନଙ୍କୁ ରିଲିଫ ସହାୟତା ଯୋଗାଇଦେବାକୁ ମୁଖ୍ୟମନ୍ତ୍ରୀ କହିଛନ୍ତି। ଉଦ୍ଧାର କାର୍ଯ୍ୟରେ ଇଣ୍ଡୋ–ତିବେତାନ୍ ସୀମା ପୋଲିସ (ଆଇଟିବିପି) ଜାତୀୟ ବିପର୍ଯ୍ୟୟ ପ୍ରଶମନ ବଳ (ଏନ୍‌ଡିଆର୍‌ଏଫ୍) ଏବଂ ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ବାହିନୀ (ଏସ୍‌ଡିଆର୍‌ଏଫ୍) ସାମିଲ ହୋଇଛନ୍ତି। ତେବେ ତୁହାକୁ ତୁହା ବର୍ଷା ଲାଗିରହିଥିବାରୁ ଘଟଣାସ୍ଥଳରେ ପହଞ୍ଚିବା ଉଦ୍ଧାରକାରୀଙ୍କ ପାଇଁ କଷ୍ଟସାଧ୍ୟ ହୋଇପଡିଛି।

ଭୂସ୍ଖଳନ ପରେ ରାଜ୍ୟର ପ୍ରମୁଖ ସଡକ ଗଙ୍ଗୋତ୍ରୀ ରାଜପଥକୁ ବନ୍ଦ କରିଦିଆଯାଇଛି। ବାଦଲଫଟା ବର୍ଷା ଓ ବନ୍ୟା ଯୋଗୁ ବିଭିନ୍ନ ସ୍ଥାନରେ ଲୋକମାନେ ଅଟକି ରହିଛନ୍ତି। ସୋମବାର ସ୍କୁଲ ଛୁଟି କରିବାକୁ ପ୍ରଶାସନ ସବୁ ଜିଲାକୁ ନିର୍ଦ୍ଦେଶ ଦେଇଛି। ବର୍ଷା ଆଉ ୩ ଦିନ ଲାଗିରହିବ ବୋଲି ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି। ସୂଚନାଯୋଗ୍ୟ ୨୦୧୩ରେ ଉତ୍ତରାଖଣ୍ଡରେ ପ୍ରଳୟଙ୍କରୀ ବନ୍ୟାରେ ହଜାର ହଜାର ଲୋକଙ୍କ ମୃତ୍ୟୁ ହେବା ସହ ବ୍ୟାପକ କ୍ଷୟକ୍ଷତି ହୋଇଥିଲା। ୯୦୦ ଲୋକ ପ୍ରାଣହରାଇବା ସହ ୫୭୦୦ ନିଖୋଜ ଥିବା ସରକାରୀ ଭାବେ କୁହାଯାଇଥିଲା।

## ହିମାଚଳରେ ବର୍ଷା, ଭୂସ୍ଖଳନ: ୨୨ ମୃତ

**ନୂଆଦିଲ୍ଲୀ,୧୮।୮**

ହିମାଚଳପ୍ରଦେଶରେ ପ୍ରବଳ ବର୍ଷା ଓ ଭୂସ୍ଖଳନରେ ରବିବାର ୨୨ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୯ ଆହତ ହୋଇଛନ୍ତି। ବର୍ଷା ଲାଗିରହିଥିବାରୁ ସୋମବାର ସ୍କୁଲ ବନ୍ଦ ରଖିବାକୁ ଶିମଲା ଜିଲାପାଳ ଅମିତ କଶ୍ୟପ ନିର୍ଦ୍ଦେଶ ଦେଇଛନ୍ତି। କୁଲ୍ଲୁ ଅଞ୍ଚଳର ସମସ୍ତ ସରକାରୀ ଓ ଘରୋଇ ଶିକ୍ଷାନୁଷ୍ଠାନ ସୋମବାର ବନ୍ଦ ରହିବ। ଶିମଲାରେ ୮ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ କୁଲ୍ଲୁ, ସିରମାଉର, ସୋଲାନ, ଚାମ୍ବାରେ ୨ ଜଣ ଲେଖାଏ ଏବଂ ଉନା, ଲାହଉଲ୍–ସ୍ପିତି ଜିଲାରେ ଜଣେ ଲେଖାଏ ପ୍ରାଣ ହରାଇଛନ୍ତି। ଶିମଲା ଆର୍‌ଟିଓ କାର୍ଯ୍ୟାଳୟ ନିକଟରେ ଭୂସ୍ଖଳନ ହେବାରୁ ୩ ଜଣଙ୍କ ମୃତ୍ୟୁ ହେବା ସହ ଜଣେ ଆହତ ହୋଇଥିବା ପୋଲିସ କହିଛି। ଗଛ ପଡ଼ି ଦୁଇ ଜଣ ନେପାଳୀଙ୍କ ମୃତ୍ୟୁ ହେବା ସହ ଅନ୍ୟ ତିନିଜଣ ଆହତ ହୋଇଥିବା ଜଣାପଡିଛି। ଲୋୟର ସିମେଟ୍ରୀ ଅଞ୍ଚଳରେ କାନ୍ଥପଡି ଜଣେ ଶ୍ରମିକଙ୍କ ମୃତ୍ୟୁ ହେବା ସହ ୬ ଜଣ ଆହତ ହୋଇଛନ୍ତି। ଚାମ୍ବା ଜିଲାରେ ଘର ଭୁଶୁଡ଼ି ୨ ଜଣଙ୍କ ଜୀବନ ଯାଇଛି।

## ଇତିହାସର ଆଇନାରେ
## ଅଗଷ୍ଟ ୧୯ର ପ୍ରମୁଖ ଘଟଣା

୨୦୦୫ ଅଗଷ୍ଟ ୧୯ରେ ପ୍ରଥମକରି ରୁଷିଆ ଓ ଚାଇନା ମଧ୍ୟରେ ମିଳିତ ସମରାଭ୍ୟାସ ଆରମ୍ଭ ହୋଇଥିଲା। ଏହା ପିସ୍ ମିଶନ୍-୨୦୦୫ ନାମରେ ନାମିତ। ଏହି ସମରାଭ୍ୟାସ ଅଗଷ୍ଟ ୨୫ରେ ସମ୍ପନ୍ନ ହୋଇଥିଲା।

୨୦୧୩ ଅଗଷ୍ଟ ୧୯ରେ ବିହାରର ଧାମରାଘାଟ ଟ୍ରେନ ଦୁର୍ଘଟଣାରେ ୩୭ ଲୋକଙ୍କ ମୃତ୍ୟୁ ଘଟିବା ସହିତ ୨୪ଜଣ ଆହତ ହୋଇଥିଲେ। ସହର୍ସା ପାଟ୍‌ନା ରାଜ୍ୟରାଣୀ ଏକ୍ସପ୍ରେସ ଟ୍ରେନଟି ହିନ୍ଦୁ ତୀର୍ଥଯାତ୍ରୀଙ୍କ ଉପରେ ମାଡି ଯାଇଥିଲା। ସେମାନେ ନିକଟବର୍ତ୍ତୀ କାତ୍ୟାୟନୀ ମନ୍ଦିରରୁ ପ୍ରାର୍ଥନା ସାରି ଫେରୁଥିଲେ।

## ଆଜି କ'ଣ କେଉଁଠି

**ସୁବର୍ଣ୍ଣପୁର**
- ଜିଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି ଓ କୃଷି ସମାଧାନ ଶିବିର, ଜିଲାପାଳଙ୍କ ପ୍ରକୋଷ୍ଠ, ପୂର୍ବାହ୍ନ ୧୦ଟା।
- ମୋମେଣ୍ଟ ଅନ ଲେନ୍ସ ପକ୍ଷରୁ ବିଶ୍ୱ ଫଟୋଗ୍ରାଫି ଦିବସ ଅବସରରେ ପ୍ରତିଯୋଗିତା ଓ ଫଟୋ ପ୍ରଦର୍ଶନୀ, ଟାଉନ ହଲ, ପୂର୍ବାହ୍ନ ୧୨ଟା ।

**କର୍ଲାମୁଣ୍ଡା**
- ନୂତନ ଛାତ୍ରୀଛାତ୍ରଙ୍କ ସ୍ୱାଗତ ଉତ୍ସବ, ଯୁକ୍ତଦୁଇ ମହାବିଦ୍ୟାଳୟ, ପୂର୍ବାହ୍ନ ୧୦ ଟା।
- ଅତିରିକ୍ତ ଶ୍ରେଣୀ ଗୃହ ଉଦ୍‌ଘାଟନ, ତେରେସିଂହା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ପୂର୍ବାହ୍ନ ୧୧.୩୫ ।

**ସରଣ୍ଡା**
- ବିଶ୍ୱ ଫଟୋଗ୍ରାଫି ଦିବସ ପାଳନ ଅବସରରେ ବୃକ୍ଷରୋପଣ, ଅତାବିରା ପାର୍ବତୀ ମନ୍ଦିର ପରିସର, ସକାଳ ୮ଟା।
- ବିଶ୍ୱ ଫଟୋଗ୍ରାଫି ଉପଲକ୍ଷେ ମୋଟରସାଇକେଲ ରାଲି, ଗୋଡଭଗା ଛକ, ଅପରାହ୍ନ ସାଢେ ୨ଟା।

**ସମ୍ବଲପୁର**
- ସମ୍ବଲପୁର ଫଟୋଗ୍ରାଫର୍ ସଂଘ ପକ୍ଷରୁ ବୃକ୍ଷରୋପଣ, ଗୋପାଳଜୀ ମଠ ନିକଟ, ପୂର୍ବାହ୍ନ ୯ଟା ।
- ଝଲକି ଫଟୋ ପ୍ରଦର୍ଶନୀ ଉଦ୍‌ଘାଟନ, ଫାର୍ମରୋଡସ୍ଥିତ ସିଟି ସେଣ୍ଟର, ପୂର୍ବାହ୍ନ ୯ଟା ।
- ବିଶ୍ୱ ଫଟୋଗ୍ରାଫି ଦିବସ ଅବସରରେ ସଭା, ଚିତ୍ରଗୁପ୍ତ କଲ୍ୟାଣ ମଣ୍ଡପ, ସନ୍ଧ୍ୟା ସାଢ଼େ ୬ଟା ।

**ବିଜେପୁର**
- ପ୍ରଧାନମନ୍ତ୍ରୀ ଆବାସ କାର୍ଯ୍ୟାଦେଶ, ଭତ୍ତା ଓ ଜମିପଟ୍ଟା ବଣ୍ଟନ ସମାରୋହ, ବ୍ଲକ ଅଫିସ ପରିସର, ପୂର୍ବାହ୍ନ ୧୦ଟା।

**ବରଗଡ଼**
- ବଲାଙ୍ଗୀର ବନ୍ୟା ପ୍ରପୀଡ଼ିତଙ୍କ ପାଇଁ ବସ୍ତ୍ରଦାନ କାର୍ଯ୍ୟକ୍ରମ, ଥାନାଛକ, ବରଗଡ଼, ପୂର୍ବାହ୍ନ ୯ଟା
- ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ସମାରୋହ, ଅଗ୍ରଗାମୀ ଯୁବକ ସଂଘ, ବରଗଡ଼, ସନ୍ଧ୍ୟା ସାଢେ ୬ଟା।

**ଦେଓଗାଁ**
- ଗଙ୍ଗାଧର ମେହେର ଜୟନ୍ତୀ, ଜଗତବନ୍ଧୁ ବିଶ୍ୱଭାରତୀ ଶିକ୍ଷା ନିକେତନ, ସାଲେପାଲି, ପୂର୍ବାହ୍ନ ୧୦ଟା।

**ଭେଡେନ**
- କବି ଗଙ୍ଗାଧର ମେହେର ଜୟନ୍ତୀ, ତାଲମେଣ୍ଡା ଗ୍ରାମ ମେହେରପଡ଼ା, ଅପରାହ୍ନ ୨ଟା।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

### ବରଗାଁ ଶ୍ରୀକାନ୍ତ ନନ୍ଦ ହତ୍ୟା ଘଟଣାର ପର୍ଦ୍ଦାଫାଶ

# ହନୁମାନ ପଇସା ଜୀବନ ନେଲା, ୪ ଗିରଫ

**ବଲାଙ୍ଗୀର ଅଫିସ, ୧୮।୮**

ବଲାଙ୍ଗୀର ଜିଲା ପୁଇଁତଲା ଥାନା ଅନ୍ତର୍ଗତ ବରଗାଁର ଶ୍ରୀକାନ୍ତ ନନ୍ଦ ହତ୍ୟାକାଣ୍ଡର ପର୍ଦ୍ଦାଫାଶ କରିଛି ପୋଲିସ। ହନୁମାନ ପଇସା (ଡାବୁ)କୁ ନେଇ ଏହି ହତ୍ୟାକାଣ୍ଡ ଘଟିଥିବା ପୋଲିସ ତଦନ୍ତରୁ ଜଣାପଡିଛି। ଏହି ଘଟଣାରେ ପୋଲିସ ୪ଜଣଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ବାହାଲବୁକା ଗ୍ରାମର ସୁରେଶ ବାଗ, ବେହେରାପାଲି ଗାଁର ନରେଶ ନନ୍ଦ, ବଲାଙ୍ଗୀର ସହର କଂସାରିପଡ଼ାର ମଦନ ନାଗ ଓ ଖଦାଲପଡାର ରିତେଶ ସେଠ୍ । ସମସ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଅନ୍ୟ ୫ ଅଭିଯୁକ୍ତ ଫେରାର ଥିବା ସଦର ଏସ୍‌ଡିପିଓ ଶ୍ରୀମନ୍ତ ବାରିକ ଓ ପୁଇଁତଲା ଥାନାଧିକାରୀ ସଂଗ୍ରାମ କେଶରୀ ପଟ୍ଟନାୟକ ଥାନା ପରିସରରେ ରବିବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ଗତ ୮ ତାରିଖ ସକାଳୁ ଶ୍ରୀକାନ୍ତ ବଲାଙ୍ଗୀର କଦଳୀ ଗୋଦାମକୁ କାମ କରିବାକୁ ଘରୁ ବାହାରିଥିଲେ । ହେଲେ ସେଦିନ ଆଉ ଘରକୁ ଫେରି ନ ଥିଲେ। ବହୁ ଖୋଜାଖୋଜି ପରେ ତାଙ୍କର କୌଣସି ପତ୍ତା ମିଳି ନ ଥିଲା। ଶେଷରେ ୯ ତାରିଖ ଦିନ ପରିବାର ଲୋକେ ପୁଇଁତଲା ଥାନାରେ ଅଭିଯୋଗ କରିଥିଲେ। ତାଙ୍କୁ କେହି ଅପହରଣ କରିନେଇଥିବା ଏତଲାରେ ଦର୍ଶାଇଥିଲେ। ପୋଲିସ ତଦନ୍ତ ଆରମ୍ଭ ହେବା ପରେ ବରଗାଁ–ଅଏଁଲାସାରୀ ରାସ୍ତାରେ ଶ୍ରୀକାନ୍ତଙ୍କ ଚପଲ, ଚଷମା ଏବଂ ୨୬ ନମ୍ବର ଜାତୀୟ ରାଜପଥର ଫାସଡ ସୁକ୍‌ତେଲ ନଦୀ ପୋଲ ନିକଟରେ ତାଙ୍କ ବାଇକ୍ ପଡିଥିବା ଦେଖିବାକୁ ମିଳିଥିଲା। ୧୦ ତାରିଖ ସକାଳେ ଦୁର୍ଗାପାଲି ସୁକ୍‌ତେଲ ନଦୀରୁ ଭାସମାନ୍ ଅବସ୍ଥାରେ ଶ୍ରୀକାନ୍ତଙ୍କ ମୃତଦେହକୁ ପୋଲିସ ଉଦ୍ଧାର କରିଥିଲା। ଏଭଳି ହତ୍ୟାକାଣ୍ଡକୁ ନେଇ ସ୍ଥାନୀୟ ଅଞ୍ଚଳରେ ହଇଚଇ ସୃଷ୍ଟି ହୋଇଥିଲା।



ଶ୍ରୀକାନ୍ତ ନନ୍ଦ ହତ୍ୟା ମାମଲାରେ ଗିରଫ ୪ ଅଭିଯୁକ୍ତ।

ପୋଲିସ ୪ ଅଭିଯୁକ୍ତଙ୍କୁ ଗିରଫ କରିବା ପରେ ଉକ୍ତ ହତ୍ୟାକାଣ୍ଡ ରହସ୍ୟ ସାମ୍ନାକୁ ଆସିଛି। ବାହାଲବୁକା ଗ୍ରାମର ସୁରେଶ ବାଗଙ୍କ ଦୂରସମ୍ପର୍କୀୟ ମାମୁ ହେଉଛନ୍ତି ଶ୍ରୀକାନ୍ତ ନନ୍ଦ। ସେ ଅଧିକାଂଶ ସମୟରେ ଶ୍ରୀକାନ୍ତଙ୍କ ଘରକୁ ଯିବା ଆସିବା କରୁଥିଲେ। ଏହି ଯିବା ଆସିବା ବେଳେ ଶ୍ରୀକାନ୍ତଙ୍କ ଘରେ ଏକ ହନୁମାନ୍ ପଇସା (ଡାବୁ) ଅଛି ବୋଲି ସୁରେଶ ଜାଣିବାକୁ ପାଇଥିଲେ। ଏହାପରେ ଏହି ହନୁମାନ୍ ପଇସା ହାତେଇବା ପାଇଁ ସାଂଘାତିକ ଷଡଯନ୍ତ୍ର କରିଥିଲେ। ଗିରଫ ୩ ଅଭିଯୁକ୍ତ ଓ ଫେରାର ୫ ଅଭିଯୁକ୍ତଙ୍କ ସହ ମିଶି ସୁରେଶ ପ୍ରଥମେ ଶ୍ରୀକାନ୍ତଙ୍କୁ ଅପହରଣ ଯୋଜନା କରିଥିଲେ। ମଦନ ନାଗ ତାଙ୍କ ଅଟୋରିକ୍ସା ଆଣି ଅନ୍ୟ ଅଭିଯୁକ୍ତଙ୍କ ସହ ମିଶି ଶ୍ରୀକାନ୍ତଙ୍କ ଫେରିବା ବାଟ ବହଲପଦର ଛକରେ ଜଗି ରହିଥିଲେ। ୮ ତାରିଖ ସନ୍ଧ୍ୟାରେ ଶ୍ରୀକାନ୍ତ କଦଳୀ ଗୋଦାମରୁ କାମ ସାରି ଘରକୁ ଫେରୁଥିଲେ। ଯୋଜନା ମୁତାବକ ଦୁଇଜଣ ବଲାଙ୍ଗୀରରୁ ଶ୍ରୀକାନ୍ତଙ୍କୁ ପିଛା କରିଥିଲେ। ବହଲପଦର ଛକରେ ପହଞ୍ଚିବା ପରେ ଶ୍ରୀକାନ୍ତଙ୍କୁ ବାଇକ୍‌ରୁ ଟେକିନେଇ ଅଟୋରିକ୍ସାରେ ଅପହରଣ କରିନେଲେ। ଚିତ୍କାର କରି ପାରିବେନି ବୋଲି ଶ୍ରୀକାନ୍ତଙ୍କ ମୁହଁରେ ଅଭିଯୁକ୍ତମାନେ ସେଲୋଟ୍ୟାପ୍ ଲଗାଇ ମୁହଁକୁ ବନ୍ଦ କରିଦେଇ ଦୁର୍ଗାପାଲିର ଏକ ଭଙ୍ଗାଘରକୁ ନେଇଯାଇଥିଲେ। ତେବେ ଅଟୋରିକ୍ସାରୁ ଓହ୍ଲାଇବାବେଳେ ଶ୍ରୀକାନ୍ତ ଚେତାଶୂନ୍ୟ ହୋଇଯାଇଥିବା ଦେଖିବାକୁ ପାଇଥିଲେ। ଅପହରଣକାରୀଙ୍କ ଭିତରେ ଥିବା ବାହାଲବୁକା ଗାଁର ଆମ୍ବୁଲାନ୍ସ ଡ୍ରାଇଭର ସଞ୍ଜୀବ ବାରିକ ଶ୍ରୀକାନ୍ତଙ୍କ ହାତ ନାଡି, ନିଃଶ୍ୱାସ ପ୍ରଶ୍ୱାସ ପରୀକ୍ଷା କରି ସେ ମରି ଯାଇଥିବା ଘୋଷଣା କଲେ। ଏହାପରେ ଅପହରଣକାରୀମାନେ ଶ୍ରୀକାନ୍ତଙ୍କ ମୃତଦେହକୁ ସୁକ୍‌ତେଲ ନଦୀପାଣିରେ ଓ ତାଙ୍କ ବାଇକକୁ ଫାସଡ ସୁକ୍‌ତେଲ ପୋଲ ନିକଟରେ ଫିଙ୍ଗିଦେଇ ଫେରାର ହୋଇଯାଇଥିଲେ। ଏହି ହତ୍ୟାକାଣ୍ଡର ମାଷ୍ଟରମାଇଣ୍ଡ ସୁରେଶଙ୍କ ମୋବାଇଲ ଫୋନ୍ କଲରୁ ହତ୍ୟାକାଣ୍ଡର ରହସ୍ୟ ଉନ୍ମୋଚିତ ହୋଇଥିବା ଏସ୍‌ଡିପିଓ ବାରିକ ସୂଚନା ଦେଇଛନ୍ତି। ପୋଲିସ ଅପହରଣରେ ବ୍ୟବହୃତ ଅଟୋରିକ୍ସା (ନଂ.ଓଡି୦୩ଏଫ୍ ୯୧୦୭) ଓ ୩ଟି ମୋବାଇଲ ଫୋନ୍ ଜବତ୍ କରିଛି। ଫେରାର ୫ ଅଭିଯୁକ୍ତ ବେହେରାପାଲି ଗାଁର ମାନସ ହରପାଲ, ରୋହିତ ବାଗ, ଅଭି ତାଣ୍ଡି, ସକଳ ତାଣ୍ଡି ଓ ବାହାଲବୁକା ଗାଁର ସଞ୍ଜୀବ ବାରିକଙ୍କୁ ପୋଲିସ ଖୋଜୁଛି ବୋଲି ଏସ୍‌ଡିପିଓ ବାରିକ ସୂଚନା ଦେଇଛନ୍ତି। ହନୁମାନ୍ ପଇସା (ଡାବୁ) କାରବାରରେ ଲକ୍ଷାଧିକ ଟଙ୍କା ମିଳେ ବୋଲି ଅପପ୍ରଚାର କାରଣରୁ ଏଭଳି ଅନେକ ଆପରାଧିକ ଘଟଣା ଘଟୁଥିବା ନଜରକୁ ଆସିଛି।

### ଫୁଲ ତୋଳିବାକୁ ଯିବା କାଳ ହେଲା

## ନଦୀରେ ବୁଡ଼ି ୨ ନାବାଳିକା ମୃତ

**କଟକସଦର/ରଘୁନାଥପୁର, ୧୮।୮ (ଡି.ଏନ.ଏ.)**

ଖୁଡୁରୁକୁଣୀ ଓଷାର ପ୍ରଥମ ପାଳି ରବିବାର ଥିଲା। ପରସ୍ପର ସାଙ୍ଗସାଥୀଙ୍କ ମଧ୍ୟରେ ଘାରିଥିଲା ଫୁଲ ତୋଳିବାର ନିଶା। ହେଲେ କିଏବା ଜାଣିଥିଲା ଫୁଲ ତୋଳିବାକୁ ଯିବା ବାଟରେ ଘଟିଯିବ ଏପରି ଘଟଣା। କିଶନନଗର ଥାନା ବାବୁଜଙ୍ଗ ପଞ୍ଚାୟତ ସଫିପୁର ଗ୍ରାମ ନିକଟସ୍ଥ ଶୁକପାଇକା ମୃତାନଦୀରେ ବୁଡ଼ି ୨ ନାବାଳିକାଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ଗ୍ରାମର ଧୀରେନ୍ଦ୍ର ଦାସଙ୍କ ଝିଅ ସୁଜାତା(୧୭), ପ୍ରଦୀପ ଦାସଙ୍କ ଝିଅ ସୁମନ୍(୧୭)। ସୌଭାଗ୍ୟବଶତଃ ଏଥିରୁ ଉଦ୍ଧାର ପାଇ ଯାଇଥିବା ସାଥୀ ହେଉଛନ୍ତି ନୃସିଂହ ଦାସଙ୍କ ଝିଅ ସୁନୀତା(୧୮)।

ଭୋର୍‌ରୁ ୩ଜଣ ସାଙ୍ଗ ହୋଇ ଫୁଲ ତୋଳିବାକୁ ବାହାରିଥିଲେ। ଶୁକପାଇକା ମୃତାନଦୀ ପାର ହୋଇ ଅପରପାର୍ଶ୍ୱରେ ଫୁଲ ତୋଳିବା ଥିଲା ଉଦ୍ଦେଶ୍ୟ। ହେଲେ ଖୁବ୍ କମ୍ ପାଣି ଦେଖା ଯାଉଥିବା ସ୍ଥାନରେ ପାଣିର ଗଭୀରତା ସମ୍ପର୍କରେ ସେମାନେ ଅଜ୍ଞ ଥିଲେ। ପହଁରା ଜାଣି ନ ଥିବା ନାବାଳିକାମାନେ ପାଣି ଭିତରକୁ ପ୍ରବେଶ କରିବା ପରେ ବୁଡ଼ି ଯାଇଥିଲେ। ସୁଜାତା, ସୁମନ ବୁଡି ଯାଇଥିବା ବେଳେ ସୁନୀତା ବର୍ତ୍ତି ଯାଇଥିଲେ। ତାଙ୍କ ଚିତ୍କାର ଶୁଣି ପରିବାର ଲୋକେ ଓ ଗ୍ରାମବାସୀ ଆସି ସେଠାରେ ରୁଣ୍ଡ ହୋଇଥିଲେ। ଦୀର୍ଘ ସମୟ ପାଣିରେ ବୁଡ଼ି ଖୋଜାଖୋଜି କରିବା ପରେ ସେମାନଙ୍କ ମଧ୍ୟରୁ ଜଣଙ୍କୁ ନିକଟସ୍ଥ ପୋଲ ପାଖରୁ ଭାସୁଥିବା ଅବସ୍ଥାରେ ଉଦ୍ଧାର କରିବା ସହ ଅନ୍ୟଜଣଙ୍କୁ ପାଣିରୁ ଉଦ୍ଧାର କରି ରଘୁନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। କିଶନନଗର ପୋଲିସ ୨ ନାବାଳିକାଙ୍କ ମୃତଦେହକୁ ବ୍ୟବଚ୍ଛେଦ ଲାଗି କଟକ ବଡ଼ ମେଡିକାଲକୁ ପଠାଇଥିଲା। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ପୋଲିସ ହସ୍ତାନ୍ତର କରିଥିଲା। ଗାଁ ଶ୍ମଶାନରେ ସେମାନଙ୍କ ମୃତଦେହ ସଂସ୍କାର କରାଯାଇଥିଲା। ପୋଲିସ ନଂ. ୯/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଏହି ଦୁଃଖଦ ଘଟଣା ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି କରିଥିଲା। ମୃତକଙ୍କ ପରିବାର ଦୁଃଖରେ ମ୍ରିୟମାଣ ହୋଇପଡ଼ିଛନ୍ତି। ଅଳ୍ପକେ ଉଦ୍ଧାର ପାଇଯାଇଥିବା ସୁନୀତା ସାଥୀଦ୍ୱୟଙ୍କୁ ହରାଇ ନିର୍ବାକ୍ ହୋଇପଡ଼ିଛନ୍ତି। ଏହି ଦୁଃଖଦ ଖବରପାଇ କଟକ ସଦର ବିଧାୟକ ଚନ୍ଦ୍ରସାରଥି ବେହେରା ଓ ଭାଜପା ନେତା ଦିଲୀପ ମଲ୍ଲିକ ଶ୍ମଶାନରେ ପହଞ୍ଚି ଶୋକସନ୍ତପ୍ତ ପରିବାରଙ୍କୁ ଭେଟିଥିଲେ। ଏମାନଙ୍କ ମଧ୍ୟରୁ ମୃତା ସୁମନ ସ୍ଥାନୀୟ କୁର୍ଯାଙ୍ଗସ୍ଥିତ ସ୍ୱାମୀ ଅରୂପାନନ୍ଦ ଜୁନିୟର କଲେଜ ଯୁକ୍ତ ୨ ପ୍ରଥମବର୍ଷର ଛାତ୍ରୀ ଥିଲେ।

## ରଣଜିତଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀଙ୍କ ଶୋକ

**ଭୁବନେଶ୍ୱର, ୧୮।୮ (ବ୍ୟୁରୋ)**

ବରିଷ୍ଠ ସାମ୍ବାଦିକ ରଣଜିତ ଗୁରୁଙ୍କର ଶନିବାର ବିଳମ୍ବିତ ରାତିରେ ପରଲୋକ ଘଟିଛି। ୬୧ ବର୍ଷ ବୟସରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ଦେହାନ୍ତ ହୋଇଛି। ଗତ ୧ ତାରିଖରେ ଅସୁସ୍ଥତା ଯୋଗୁ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସ୍ୱାସ୍ଥ୍ୟାବସ୍ଥା ଜଟିଳ ହେବାରୁ ତାଙ୍କୁ ଭେଣ୍ଟିଲେଟରରେ ରଖାଯାଇଥିଲା। ତାଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରବିବାର ଶୋକବ୍ୟକ୍ତ କରିଛନ୍ତି। ରଣଜିତ ନିଜ ସ୍ତମ୍ଭ 'ଅପ୍ରସଙ୍ଗ' ମାଧ୍ୟମରେ ଅନେକ ଗୁରୁତ୍ୱପୂର୍ଣ୍ଣ ବିଷୟରେ ଆଲୋଚନା କରି ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ ବୋଲି ସେ କହିଛନ୍ତି। ତାଙ୍କ ଅମର ଆତ୍ମାର ସଦଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ମୁଖ୍ୟମନ୍ତ୍ରୀ ସମବେଦନା ଜଣାଇଛନ୍ତି। ସେହିଭଳି ଭାରତୀୟ ଜନତା ପାର୍ଟି ପକ୍ଷରୁ ମଧ ରଣଜିତଙ୍କ ବିୟୋଗରେ ଶୋକ ପ୍ରକାଶ କରାଯାଇଛି। ବରଗଡ଼ ଜିଲାରେ ଜନ୍ମଗ୍ରହଣ କରିଥିବା ଗୁରୁ ୧୯୮୪ରେ ସାମ୍ବାଦିକତା ବୃତ୍ତିରେ ଯୋଗଦେଇଥିଲେ। ଦୀର୍ଘ ୩୫ବର୍ଷର ସାମ୍ବାଦିକତା ଜୀବନରେ ସେ ବିଭିନ୍ନ ଖବରକାଗଜ ପାଇଁ କାମ କରିବା ସହ ଜାତୀୟସ୍ତରୀୟ ଖବରକାଗଜ ପାଇଁ ଲେଖୁଥିଲେ। ସ୍ତମ୍ଭ ଲେଖିବା ସହ ଏକାଧିକ ପୁସ୍ତକ ମଧ୍ୟ ରଚନା କରିଥିଲେ। ଜଣେ ରାଜନୈତିକ ଭାଷ୍ୟକାର ଭାବେ ମଧ ତାଙ୍କର ପରିଚୟ ରହିଥିଲା।

### ଅନୁଚ୍ଛେଦ ୩୭୦, ୩୫ଏ ଉଚ୍ଛେଦ ପ୍ରସଙ୍ଗ

## ବିରୋଧ କରୁଥିବା ରାଜନେତାଙ୍କ ବିପକ୍ଷରେ କଠୋର କାର୍ଯ୍ୟାନୁଷ୍ଠାନ ହେବା ଉଚିତ: ଅଶ୍ୱିନୀ ବୈଷ୍ଣବ




ଖବରଦାତା ସମ୍ମିଳନୀରେ ରାଜ୍ୟ ସଭା ସଦସ୍ୟ ଅଶ୍ୱିନୀ ବୈଷ୍ଣବ ବକ୍ତବ୍ୟ ଦେଉଛନ୍ତି।

**କଟକ ଅଫିସ, ୧୮।୮**

କଶ୍ମୀର ଭାରତର ଅବିଚ୍ଛେଦ୍ୟ ଅଙ୍ଗ। ଦୀର୍ଘଦିନ ହେବ ସମ୍ବିଧାନର ଅନୁଚ୍ଛେଦ ୩୭୦ ଓ ୩୫ଏ ଯୋଗୁ ଏହି ରାଜ୍ୟରେ ଜନସାଧାରଣ ନିଜର ହକ୍ ପାଇ ପାରୁ ନ ଥିଲେ। କେନ୍ଦ୍ର ସରକାର ଅନୁଦାନ ଦେଉଥିଲେ ମଧ ତାହା ଲୋକଙ୍କ ପାଖରେ ପହଞ୍ଚି ପାରୁ ନ ଥିଲା। ସେହିପରି ଦୁଇଟି ପରିବାରର ରାଜନୀତି ଯୋଗୁ ଆତଙ୍କବାଦୀ ଏହାର ଫାଇଦା ନେଉଥିଲେ। ଗତ ୫ ତାରିଖରେ ଏହି ଅନୁଚ୍ଛେଦକୁ ଉଚ୍ଛେଦ କରାଯାଇଥିବାରୁ କଶ୍ମୀରର ସାଧାରଣ ଜନତା ସ୍ୱାଗତ କରିବା ସହ ବିଶ୍ୱବାସୀ ମଧ ଏଥିରେ ଏକମତ ରହିଛନ୍ତି। ଏହି ଦୁଇଟି ଅନୁଚ୍ଛେଦ ଯୋଗୁ ପାକିସ୍ତାନ ଆତଙ୍କବାଦୀ ଏଠାରେ ଅରାଜକତା ସୃଷ୍ଟି କରି ଆସୁଥିଲେ। ମାତ୍ର ଆଗକୁ ଆତଙ୍କବାଦୀଙ୍କୁ ଆଉ ସେଭଳି ସୁଯୋଗ ମିଳିବ ନାହିଁ। କେନ୍ଦ୍ର ସରକାରଙ୍କ ଏହି ନିଷ୍ପତ୍ତିକୁ ବିରୋଧ କରୁଥିବା ରାଜନେତାଙ୍କ ବିପକ୍ଷରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ ବୋଲି ସ୍ଥାନୀୟ ଏକ ହୋଟେଲରେ ଭାଜପା ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ରାଜ୍ୟ ସଭା ସଦସ୍ୟ ଅଶ୍ୱିନୀ ବୈଷ୍ଣବ କହିଛନ୍ତି। ଦୁଇଟି ନିର୍ଦ୍ଦିଷ୍ଟ ପରିବାର ନିଜର ସ୍ୱାର୍ଥ ସାଧନ ପାଇଁ ଲୋକଙ୍କୁ ପ୍ରରୋଚିତ କରି ଏଠାରେ ଅରାଜକତା ସୃଷ୍ଟି କରୁଥିଲେ। ସେମାନଙ୍କୁ ସରକାର ଗୃହବନ୍ଦୀ କରି ରଖିଛନ୍ତି, ଯାହା ପରିସ୍ଥିତି ଅନୁଯାୟୀ ଉଚିତ ପଦକ୍ଷେପ ବୋଲି ବୈଷ୍ଣବ କହିଛନ୍ତି।

ଏହି ଖବରଦାତା ସମ୍ମିଳନୀରେ ଭାଜପା ରାଜ୍ୟ ଉପସଭାପତି ନୟନ କିଶୋର ମହାନ୍ତି, ପୂର୍ବତନ ମନ୍ତ୍ରୀ ସମୀର ଦେ, ଭାଜପା ନେତା ଦିଲୀପ ମଲ୍ଲିକ, ବିନୋଦ ଦାସ, ହେମନ୍ତ ସାହୁ, କଟକ ନଗର ସଭାପତି ଲକ୍ଷ୍ମୀଧର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## କିଟ୍, କେମ୍ବ୍ରିଜ ବିଶ୍ୱବିଦ୍ୟାଳୟ ମଧ୍ୟରେ ବୁଝାମଣା ସ୍ୱାକ୍ଷରିତ

**ଭୁବନେଶ୍ୱର, ୧୮।୮ (ବ୍ୟୁରୋ)**

ଶିକ୍ଷା କ୍ଷେତ୍ରରେ ସହଯୋଗ ପାଇଁ କିଟ୍ ବିଶ୍ୱବିଦ୍ୟାଳୟର ସ୍କୁଲ ଅଫ୍ ଆର୍କିଟେକ୍ଟ ଏବଂ କେମ୍ବ୍ରିଜ ବିଶ୍ୱବିଦ୍ୟାଳୟର ଲ୍ୟାଣ୍ଡ୍ ଇକୋନୋମି ଆଣ୍ଡ୍ ସେଣ୍ଟର ଅଫ୍ ଡେଭଲପମେଣ୍ଟ ଷ୍ଟଡିଜ ବିଭାଗ ମଧ୍ୟରେ ରବିବାର ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି। କିଟ୍ ପକ୍ଷରୁ ସ୍କୁଲ ଅଫ୍ ଆର୍କିଟେକ୍ଟର ନିର୍ଦ୍ଦେଶକ ପ୍ରଫେସର ଏସ୍. ଏସ୍. ରାୟ ଓ କେମ୍ବ୍ରିଜ ବିଶ୍ୱବିଦ୍ୟାଳୟ ପକ୍ଷରୁ ଡ. ଶୈଳଜା ଫେନେଲ ଏହି ବୁଝାମଣା ପତ୍ରରେ ସ୍ୱାକ୍ଷର କରିଥିଲେ। କାର୍ଯ୍ୟକ୍ରମରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଏବଂ ଉପକୁଳାଧିପତି ପ୍ରଫେସର ଡା. ସୁବ୍ରତ ଆଚାର୍ଯ୍ୟ ଉପସ୍ଥିତ ଥିଲେ। ବୁଝାମଣାପତ୍ର ଅନୁଯାୟୀ, ଉଭୟ ଅନୁଷ୍ଠାନ ମିଳିତ ଭାବେ ଅଧ୍ୟାପକ ଏବଂ ଛାତ୍ରୀଛାତ୍ରଙ୍କ ପାଇଁ ଉପଯୁକ୍ତ ଶୈକ୍ଷିକ କାର୍ଯ୍ୟକ୍ରମ ବିକଶିତ କରିବେ। ଏହା ବ୍ୟତୀତ ମିଳିତ ଗବେଷଣା, ସାଂସ୍କୃତିକ ବିନିମୟ ଏବଂ ପାଠ୍ୟକ୍ରମ ବିକଶିତ କରିବା ସହ ଶିକ୍ଷାଦାନ,



କିଟ୍ ବିଶ୍ୱବିଦ୍ୟାଳୟର ସ୍କୁଲ ଅଫ୍ ଆର୍କିଟେକ୍ଟ ସହ କେମ୍ବ୍ରିଜ ବିଶ୍ୱବିଦ୍ୟାଳୟର ଲ୍ୟାଣ୍ଡ୍ ଇକୋନୋମି ଆଣ୍ଡ୍ ସେଣ୍ଟର ଅଫ୍ ଡେଭଲପମେଣ୍ଟ ଷ୍ଟଡିଜ ମଧ୍ୟରେ ବୁଝାମଣା ପତ୍ର ସ୍ୱାକ୍ଷର।

ଆଲୋଚନାଚକ୍ର, କର୍ମଶାଳା ଆୟୋଜନ କରାଯିବ। ଏହି ଦୁଇ ବିଶ୍ୱବିଦ୍ୟାଳୟ ଶୈକ୍ଷିକ ବିକାଶ ଓ ସାଂସ୍କୃତିକ ବୁଝାମଣାକୁ ପ୍ରୋତ୍ସାହିତ କରିବା ପାଇଁ ଅନ୍ୟାନ୍ୟ କାର୍ଯ୍ୟକ୍ରମ ହାତକୁ ନେବେ। ଏହି ଅବସରରେ ଡ. ଫେନେଲ କହିଲେ, ଗ୍ରାମାଞ୍ଚଳର ଯୁବପିଢ଼ିଙ୍କ ବିକାଶ ନିମନ୍ତେ ସ୍ମାର୍ଟ ସିଟି ଭଳି ସ୍ମାର୍ଟ ଭିଲେଜର ଆବଶ୍ୟକତା ରହିଛି। ଏହି ଦୁଇ ବିଶ୍ୱବିଦ୍ୟାଳୟ ମିଳିତ ଭାବେ କନ୍ଧମାଳ ଆଦି ବିଭିନ୍ନ ଜିଲାରେ ଗ୍ରାମାଞ୍ଚଳଗୁଡ଼ିକର ବିକାଶ ନିମନ୍ତେ ସମସ୍ୟାର ସ୍ଥାୟୀ ସ୍ମାର୍ଟ ସମାଧାନ ଉପରେ କାର୍ଯ୍ୟ କରିବେ। ଏହି ବୁଝାମଣା ଯୋଗୁ ଉଭୟ ଶିକ୍ଷାନୁଷ୍ଠାନ ଅଧ୍ୟାପକ ଓ ଛାତ୍ରୀଛାତ୍ର ଉଚ୍ଚତର ଶିକ୍ଷା ଓ ଗବେଷଣା କ୍ଷେତ୍ରରେ ଲାଭବାନ ହୋଇପାରିବେ ବୋଲି ପ୍ରଫେସର ରାୟ କହିଛନ୍ତି।

### ତାତିଲେ ବନ୍ୟା କ୍ଷତିଗ୍ରସ୍ତ ରାଜେନ୍ଦ୍ରପଡ଼ାବାସୀ

## ଜାତୀୟ ରାଜପଥ ଅବରୋଧ

**ବଲାଙ୍ଗୀର ଅଫିସ, ୧୮।୮**

ବନ୍ୟା କ୍ଷତିଗ୍ରସ୍ତଙ୍କ ରୋଷ ଆଜି ଉଗ୍ରରୂପ ଧାରଣ କରିଥିଲା। ସେମାନେ ବନ୍ୟାରେ ସମ୍ପୂର୍ଣ୍ଣ ଧୋଇ ହୋଇଯାଇଥିବା ବଲାଙ୍ଗୀର ରାଜେନ୍ଦ୍ରପଡା ରାସ୍ତା ମରାମତି ଓ ବନ୍ୟା ପୀଡିତଙ୍କୁ ରିଲିଫ୍ ସାମଗ୍ରୀ ଯୋଗାଇବା ଦାବିରେ ରାଜପଥ ଅବରୋଧ କରିଥିଲେ। ବଲାଙ୍ଗୀର ପ୍ୟାଲେସଲାଇନ୍

**ରାସ୍ତା ମରାମତି, ରିଲିଫ୍ ପ୍ରଦାନ ଦାବି**

ଛକରେ ୨୬ ନମ୍ବର ଜାତୀୟ ରାଜପଥ ଉପରେ ସେମାନେ ଟାୟାର ଜାଳି ନାରାବାଜି କରିବା ସହିତ ଦାବି ପୂରଣ ପାଇଁ ଅଡ଼ି ବସିଥିଲେ। ପଡାବାସୀଙ୍କ ଦୁର୍ଦ୍ଦଶାକୁ କୌଣସି ରାଜନୈତିକ ବ୍ୟକ୍ତି, ପ୍ରଶାସନିକ ଅଧିକାରୀ ଶୁଣୁନାହାନ୍ତି ବୋଲି ପଡାର ମହିଳା, ଶିଶୁ ଓ ପୁରୁଷମାନେ ଅଭିଯୋଗ କରିଥିଲେ। ଏମିତି କିଛି ଘଣ୍ଟା ଚାଲିବା ପରେ ବଲାଙ୍ଗୀର ଉପଜିଲାପାଳ ସଞ୍ଜୟ କୁମାର ମିଶ୍ର ଆନ୍ଦୋଳନ ସ୍ଥଳକୁ ଆସି ଲୋକଙ୍କୁ ବୁଝାସୁଝା କରିବା ପରେ ରାସ୍ତାରୋକୋ ହଟିଥିଲା ।

ଗତ ୧୨, ୧୩ ଓ ୧୪ ତାରିଖରେ ପ୍ରବଳ ବର୍ଷା ଯୋଗୁ ବଲାଙ୍ଗୀର



ବଲାଙ୍ଗୀର ପ୍ୟାଲେସ୍ ଲାଇନ୍ ଛକରେ ରାଜେନ୍ଦ୍ରପଡାର ମହିଳା ଓ ପୁରୁଷମାନେ ଜାତୀୟ ରାଜପଥ ଅବରୋଧ କରିଛନ୍ତି।

ସହରରେ ଅଭୂତପୂର୍ବ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିଲା। ରାଜେନ୍ଦ୍ରପଡା ଗଳି ରାସ୍ତାରେ ୮ ଫୁଟ୍ ଉଚ୍ଚର ବନ୍ୟାପାଣି ପ୍ରବାହିତ ହେବାରୁ ରାସ୍ତାଘାଟ, ଘରଦ୍ୱାରା ଭାଙ୍ଗିରୁଜି ଯାଇଥିଲା। ରାସ୍ତାଟି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇ ବଡ଼ ବଡ଼ ଗାତ ସୃଷ୍ଟି ହୋଇଯାଇଥିଲା। ବନ୍ୟା କମିବାର ୪ ଦିନ ବିତିଯାଇଥିଲେ ମଧ ଉକ୍ତ ପଡାର ରାସ୍ତାଘାଟ ମରାମତି ହୋଇପାରିନାହିଁ। ଲୋକେ ଘରକୁ ଫେରିବା ପରେ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି। ବିଶେଷକରି ମହିଳା, ବୃଦ୍ଧାବୃଦ୍ଧ ଓ ଶିଶୁମାନେ ଘୋର ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବନ୍ୟା ପରେ ଏହି ଅଞ୍ଚଳକୁ କୌଣସି ପ୍ରଶାସନିକ ଅଧିକାରୀ କିମ୍ବା ଜନପ୍ରତିନିଧି ବୁଲି ଦେଖିନାହାନ୍ତି ବୋଲି ମହିଳାମାନେ ଅଭିଯୋଗ କରିଛନ୍ତି। ଏଥିସହିତ ରିଲିଫ୍ ସାମଗ୍ରୀ ପହଞ୍ଚୁ ନ ଥିବା ଅଭିଯୋଗ କରିଛନ୍ତି। ପଡାବାସୀ ଶନିବାର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଭେଟିବାକୁ ଯାଇଥିଲେ। ମାତ୍ର ଭାଜପା କର୍ମୀ, ସାମାଜିକ କର୍ମୀ ଲଳିତ କୁମାର ନାୟକଙ୍କ ସମର୍ଥକ ଓ ପୋଲିସ ଭିତରେ ଠେଲାପେଲା ହେବାରୁ ପଡାର ମହିଳାମାନେ ମନ୍ତ୍ରୀଙ୍କୁ ଭେଟିନପାରିଥିଲେ।



ମୃତ୍ୟୁ ସମୟରେ ଯଦି ଆମର ମନ ଇଷ୍ଟ ବା ଗୁରୁଙ୍କଠାରେ ଯୋଗ ହୋଇଥାଏ ତେବେ ମୁକ୍ତି ମିଳିଥାଏ।
- ଶିରିଡ଼ି ସାଇବାବା

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................



ଗୁଡୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ଉତ୍କଳଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଆବାସିକ ବିଦ୍ୟାଳୟର ୩ ଛାତ୍ର ନିଖୋଜ

- ୪ ଦିନ ହେଲା ପତ୍ତା ମିଳୁନି
- ଖୋଜିବା ପାଇଁ ପୋଲିସ ଗଠନ କଲା ୨ ସ୍ୱତନ୍ତ୍ର ଟିମ୍

ବାରିପଦା ଅଫିସ,୧୮।୮

ବାରିପଦା ସଦର ଥାନା ଅଧୀନ ଶିରିଶବଣୀଠାରେ ଥିବା ଏସଭିଏସ ଆବାସିକ ବିଦ୍ୟାଳୟରେ ପଢୁଥିବା ନବମ ଶ୍ରେଣୀର ୩ ଛାତ୍ର ଗତ ୧୫ ତାରିଖ ରାତିରୁ କେଉଁଆଡ଼େ ଚାଲିଯାଇଛନ୍ତି। ଏନେଇ ୧୬ ତାରିଖରେ ବିଦ୍ୟାଳୟ ପକ୍ଷରୁ ବାରିପଦା ସଦର ଥାନାରେ ଅଭିଯୋଗ କରାଯାଇଛି। ପୋଲିସ ଏକ ମାମଲା ରୁଜୁ କରି ନିଖୋଜ ଛାତ୍ରମାନଙ୍କୁ ଖୋଜୁଛି। ଘଟଣାର ଗୁରୁତ୍ୱ ଦୃଷ୍ଟିରୁ ଏସ୍‌ପି ଅବିନାଶ କୁମାର ରବିବାର ବାରିପଦା ଏସଡିପିଓ କେ.ପି ପଟ୍ଟନାୟକ, ସଦର ଥାନା ଅଧିକାରୀ ସ୍ୱର୍ଣ୍ଣଲତା ମିଞ୍ଜ ଓ ବିଦ୍ୟାଳୟର ଅଧକ୍ଷା ବୀଣା ଦାସଙ୍କୁ ଡାକି ଘଟଣା ସମ୍ପର୍କରେ ଆଲୋଚନା କରିଛନ୍ତି। ନିଖୋଜ ଛାତ୍ରମାନଙ୍କୁ ଠାବ କରିବା ଲାଗି ଜିଲା ପୋଲିସ ପକ୍ଷରୁ ଦୁଇଟି ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି। ଗୋଟିଏ ଟିମ୍ ଭୁବନେଶ୍ୱର ଓ ଅନ୍ୟ ଟିମ୍ ଟାଟା ଯାଇ ଖୋଜାଖୋଜି କରିବ ବୋଲି ଜଣାପଡିଛି।

ବିଦ୍ୟାଳୟ ପକ୍ଷରୁ ଥାନାରେ ଦିଆଯାଇଥିବା ଏତଲାରେ ଦର୍ଶାଯାଇଛି ଯେ, ୧୫ ତାରିଖ ରାତିରେ ସବୁ ରାତି ଭଳି ବିଦ୍ୟାଳୟର ହଷ୍ଟେଲ ଫାଟକରେ ତାଲା ପକାଯାଇଥିଲା। କିନ୍ତୁ ଶୁକ୍ରବାର ସକାଳେ ୩ ଛାତ୍ର ନ ଥିବା କର୍ତ୍ତୃପକ୍ଷ ଜାଣିବା ପରେ ସେମାନଙ୍କ ଅଭିଭାବକ ଓ ପୋଲିସକୁ ସୂଚନା ଦିଆଯାଇଥିଲା। ସ୍ଥାନୀୟ ପୋଲିସ ଘଟଣାର ତଦନ୍ତ କରିବା ପରେ ଏହି ୩ ଛାତ୍ର ବାରିପଦା ରେଳ ଷ୍ଟେଶନକୁ ଯାଇଥିବାର ବାରିପଦା ସହରର ମୁଖ୍ୟ ରାସ୍ତାରେ ଲାଗିଥିବା ବିଭିନ୍ନ ସିସିଟିଭି କ୍ୟାମେରାରୁ ଜଣାପଡିଥିଲା। ଗୁରୁବାର ଷ୍ଟେଶନ ବଜାର ଗଡାଣିଠାରେ ରାତି ପ୍ରାୟ ୩ଟା ବେଳେ ଡ୍ୟୁଟି କରୁଥିବା ଜଣେ ପୋଲିସ କର୍ମଚାରୀ ଏହି ଛାତ୍ରମାନଙ୍କୁ ଅଟକାଇ ପଚରା ଉଚୁରା କରିଥିଲେ। ସେମାନେ ବିଟେକ୍ ପଢୁଛନ୍ତି ଓ ଭୁବନେଶ୍ୱର ଯାଉଥିବା କହି ଖସି ଯାଇଥିଲେ। ଛାତ୍ରମାନେ ଭୁବନେଶ୍ୱର ଯାଇଥିବା ପୋଲିସ ସନ୍ଦେହ କରୁଛି। ଏକ କାଗଜରେ ସେମାନେ କେଉଁ ରାସ୍ତା ଦେଇ ବିଦ୍ୟାଳୟରୁ ବାହାରକୁ ଯିବେ ସେ ନେଇ ତିଆରି କରିଥିବା ଡାଏଗ୍ରାମ ପୋଲିସର ହସ୍ତଗତ ହୋଇଥିବା ସଦର ଥାନା ଅଧିକାରୀ କହିଛନ୍ତି। ଛାତ୍ରମାନଙ୍କୁ ଠାବ କରିବା ପରେ ହିଁ ସେମାନେ କ’ଣ ପାଇଁ ବିଦ୍ୟାଳୟ ଛାଡି ଚାଲିଯାଇଛନ୍ତି ତାହା ସ୍ପଷ୍ଟ ହେବ ବୋଲି ପୋଲିସ କହିଛି।

# ଓଡ଼ିଶା ଫେରିବ କେନ୍ଦ୍ରୀୟ ପଣ୍ୟାଗାର କାର୍ଯ୍ୟାଳୟ

ଭୁବନେଶ୍ୱର,୧୮।୮(ବ୍ୟୁରୋ)

କେନ୍ଦ୍ରୀୟ ପଣ୍ୟାଗାର ନିଗମର ଆଞ୍ଚଳିକ କାର୍ଯ୍ୟାଳୟ ଓଡ଼ିଶା ଫେରିବ ବୋଲି ଜଣାପଡିଛି। ହାଇକୋର୍ଟ ଏନେଇ ସ୍ଥଗିତାଦେଶ ଦେବା ପରେ ଖାଦ୍ୟ ଯୋଗାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଏନେଇ ସୂଚନା ଦେଇଛନ୍ତି। କେନ୍ଦ୍ରୀୟ ପଣ୍ୟାଗାର ନିଗମର ଆଞ୍ଚଳିକ କାର୍ଯ୍ୟାଳୟ ବିହାରର ପାଟନାକୁ ସ୍ଥାନାନ୍ତର କରିବା ପାଇଁ କେନ୍ଦ୍ର ସରକାର ନିଷ୍ପତ୍ତି ନେଇଥିଲେ। ଏହାପରେ ଏହାକୁ ଓଡ଼ିଶା ଫେରାଇ ଆଣିବା ପାଇଁ ରାଜ୍ୟ ସରକାର କସରତ କରିଥିଲେ। ଏବେ ଏନେଇ ଆହୁରି ଜୋର୍‌ଦାର ଉଦ୍ୟମ କରାଯିବ ବୋଲି ମନ୍ତ୍ରୀ ସ୍ୱାଇଁ କହିଛନ୍ତି। ଏହି ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ରାଜ୍ୟ ଯୋଗାଣ ମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଚିଠି ଲେଖି ବିଭାଗୀୟ କେନ୍ଦ୍ରମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ। ଶନିବାର ହାଇକୋର୍ଟ ଏହା ଉପରେ ସ୍ଥଗିତାଦେଶ ଶୁଣାଇଛନ୍ତି। କେନ୍ଦ୍ରର ଏଭଳି ନିଷ୍ପତ୍ତି ପରେ ସୂଚନା ଅଧିକାର କର୍ମୀ ପ୍ରଦୀପ ପ୍ରଧାନ ଏହାକୁ ଚ୍ୟାଲେଞ୍ଜ କରି ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ରୁଜୁ କରିଥିଲେ। ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ହାଇକୋର୍ଟ ଏହା ଉପରେ ରହିତାଦେଶ ଶୁଣାଇଛନ୍ତି। ଗତ ଜୁଲାଇ ୨୬ରେ ହୋଇଥିବା ନିଷ୍ପତ୍ତି ଅନୁଯାୟୀ ଆଞ୍ଚଳିକ କେନ୍ଦ୍ରୀୟ ପଣ୍ୟାଗାର କାର୍ଯ୍ୟାଳୟ ବିହାରର ପାଟନାରେ ରହିବ ବୋଲି ନିଷ୍ପତ୍ତି ହେଲା। ଏହା ଅଧୀନରେ ଓଡ଼ିଶା ରହିବ। ରାଜ୍ୟରେ ଥିବା କର୍ମଚାରୀଙ୍କୁ ବଦଳି କରାଯାଇଥିବା ଜଣାପଡିଛି। ଏହାସହ କାର୍ଯ୍ୟାଳୟର ବିଭିନ୍ନ କାଗଜପତ୍ରକୁ ସ୍ଥାନାନ୍ତର କରାଯାଇଛି।



ରାଷ୍ଟ୍ରପତି ରାମନାଥ କୋବିନ୍ଦ ରବିବାର ସୁର ସାମ୍ରାଜ୍ଞୀ ଲତା ମଙ୍ଗେସ୍କରଙ୍କୁ ମୁମ୍ବାଇସ୍ଥିତ ତାଙ୍କ ବାସଭବନରେ ଭେଟିଛନ୍ତି।

- ଲୁହାପଥର ଚୋରା ଚାଲାଣ ବେଳେ ପୋଲିସର ଚଢ଼ାଉ

# ୪୫ ମେଟ୍ରିକ ଟନ୍ ଲୁହାପଥର ବୋଝେଇ ୨ ଟ୍ରକ ଜବତ, ୩ ଗିରଫ

ବଡବିଲ, ୧୮।୮(ସ୍ୱ.ପ୍ର.)

କେନ୍ଦୁଝର ଜିଲା ବାମେବାରୀ ଥାନା ପୋଲିସ ରବିବାର ଭୋର ସମୟରେ ଜୁରୁଡିସ୍ଥିତ ଆନ୍ତ୍ରାମାନ୍ତ୍ରାଠାରେ ଚଢାଉକରି ୨ଟି ଟ୍ରକରେ ଚୋରାଚାଲାଣ ହେଉଥିବା ୪୫ ମେଟ୍ରିକ ଟନ୍‌ରୁ ଊର୍ଦ୍ଧ୍ୱ ଲୁହାପଥର ଜବତ କରିଛି। ଏହି ଘଟଣାରେ ସଂପୃକ୍ତ ୩ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ବାରିଆ ଥାନା ଅନ୍ତର୍ଗତ କାଳିମା ଗ୍ରାମର ଟ୍ରକ ଡ୍ରାଇଭର ରଜତ କୁମାର ପାତ୍ର, ପଶ୍ଚିମବଙ୍ଗ ସାଲାନପୁର ଥାନା ବାସୁଦପୁର ଗ୍ରାମର ନବୀନ ଦାସ ଏବଂ ପଳଶା ଗ୍ରାମର ସୁରେଶ ବାରିକ। ଜବତ ଲୁହାପଥରର ଆନୁମାନିକ ମୂଲ୍ୟ ପ୍ରାୟ ୨ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ହେବ। ଗିରଫ ଅଭିଯୁକ୍ତଙ୍କ ମଧ୍ୟରେ ଦୁଇ ଜଣ ଡ୍ରାଇଭର ଥିବାବେଳେ ଅନ୍ୟ ଜଣେ ସ୍ଥାନୀୟ ବାସିନ୍ଦା ବୋଲି ଜଣାପଡିଛି। ଏହି ଚୋରା କାରବାରରେ ଅନ୍ୟ କାହାର ସମ୍ପୃକ୍ତି ରହିଛି, ସେ ନେଇ ପୋଲିସ ଅଧିକ ତଦନ୍ତ ଜାରି ରଖିଥିବା କହିଛି।

**ପ୍ରଥମ ପୃଷ୍ଠାରୁ...**

## ତିତ୍‌ଲି ନାମରେ...

୧କୋଟି ୫୨ଲକ୍ଷ ୮୫ ହଜାର ଟଙ୍କା ଖର୍ଚ୍ଚ ହୋଇଥିବା ୟୁସିରେ ଦର୍ଶାଯାଇଛି। ୟୁସି ରିପୋର୍ଟ ଅନୁସାରେ ଯାଜପୁର ବ୍ଲକର ମାଳଆନନ୍ଦପୁର, ଷଠିପୁର, ଈଶ୍ୱରପୁର, ନାଥସାହି ଆଦି ୨୦ଟି ପାଇପ ଜଳଯୋଗାଣ ପ୍ରକଳ୍ପର ମରାମତି ବାବଦକୁ ୧.୫୦ ଲକ୍ଷ ଟଙ୍କା ଲେଖାଏଁ ହିସାବରେ ୩୦ ଲକ୍ଷ ଟଙ୍କା, ବିଞ୍ଝାରପୁର ବ୍ଲକର ଆଉଁରି, ଚିକିନା, କାନ୍ତିପୁର, ଡିହକୁଳ, ଜରି, ଚିନା, ହଳଦିଡିହ, କପିଳା, ତଳବନ୍ଧ, ଅଳକୁଣ୍ଡ ଆଦି ପାଇପ ଜଳଯୋଗାଣ ପ୍ରକଳ୍ପରେ ୧.୫୦ ଲକ୍ଷ ଟଙ୍କା ଲେଖାଏ ହିସାବରେ ୩୪ଲକ୍ଷ ୫୦ହଜାର ଟଙ୍କା, ଦଶରଥପୁର ବ୍ଲକର କଟିକଟା, ଖଣ୍ଡରା, ମଙ୍ଗଳପୁରର ୨ଟି, ମଲ୍ଲିକାପୁର ପ୍ରଭୃତି ୧୪ଟି ପ୍ରକଳ୍ପର ମରାମତି ନାମରେ ୧୯ଲକ୍ଷ ୯୬ହଜାର ଟଙ୍କା, ବଡଚଣା ବ୍ଲକର ବରପଦା, ବାଲିଚନ୍ଦ୍ରପୁର, ସାମିଆ, ସୁଁଗୁଡା, ଚାରିନଙ୍ଗଲ, ଶକୁନ୍ତଳାପୁର ପ୍ରଭୃତି ୧୧ଟି ପ୍ରକଳ୍ପରେ ୧୫ଲକ୍ଷ ୫୧ହଜାର ଟଙ୍କା, ବରୀ ବ୍ଲକର ବାଇଁଶିରିଆ, ବୋଦୁଅ, ଉଦୟନାଥପୁର, ଈଶାନପୁର, ଗମ୍ଭୁ, କିମ୍ବିରିପାଳ ପ୍ରଭୃତି ୧୩ଟି ପ୍ରକଳ୍ପରେ ୧୯ଲକ୍ଷ ୫୦ହଜାର ଟଙ୍କା, ଧର୍ମଶାଳା ବ୍ଲକର କୁମାରୀ, ଅଣ୍ଟିଆ, କବାଟବନ୍ଧ, ନେଉଳପୁର, ଥାନୁଆଳ, ମଧୁପୁରଗଡ ପ୍ରଭୃତି ୭ଟି ପ୍ରକଳ୍ପରେ ୧୦ଲକ୍ଷ ୫୦ହଜାର ଟଙ୍କା, ରସୁଲପୁର ବ୍ଲକର କଳଣାର ୨ଟି, ନରସିଂହପୁର, ହରିପୁର, ରାଉତରାପୁର, ବନ୍ଧଡିହ, ଶ୍ରୀବନ୍ତପୁର, ଅତଳାପୁର ପ୍ରଭୃତି ୧୦ଟି ପ୍ରକଳ୍ପରେ ୧୩ ଲକ୍ଷ ୮୮ ହଜାର ଟଙ୍କା ଏବଂ କୋରେଇ ବ୍ଲକର କୋରେଇ, ଅମୃତିଆ, ତଳଗଡ, ଆରଡବ୍ଲୁଏସଏସ ଅଫିସ, ଧନିତ୍ରୀ ଓ ଯୁଗଳ ପ୍ରକଳ୍ପରେ ୯୦ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିବା ୟୁସିରେ ଦର୍ଶାଯାଇଛି। ରିପୋର୍ଟରେ ଖରାପ ହୋଇଯାଇଥିବା ପାଇପଲାଇନ ପରିବର୍ତ୍ତନ, ଷ୍ଟାଣ୍ଡପୋଷ୍ଟ ନିର୍ମାଣ, ଭଲବ ଚ୍ୟାମ୍ବର, ପରିସର ଉନ୍ନତିକରଣ, ପାଇପଲାଇନ ସଂପ୍ରସାରଣ, ଆଭ୍ୟନ୍ତରୀଣ ୱାରିଂ, ରଙ୍ଗ ଆଦିରେ ଖର୍ଚ୍ଚ ହୋଇଛି। ତିତଲି ପ୍ରଭାବରେ ରାଜ୍ୟର ବିଶେଷକରି ଗଞ୍ଜାମ ଓ ଗଜପତି ଜିଲାର ବହୁ ଅଞ୍ଚଳ ପ୍ରଭାବିତ ହୋଇଥିଲା। କିନ୍ତୁ ଯାଜପୁର ଜିଲାରେ ମାତ୍ର ଝିପିଝିପି ବର୍ଷା ହେବା ସହିତ ପାଗ ମେଘୁଆ ରହିଥିଲା । ଏପରିକି ପବନର ଗତି ମଧ୍ୟ ସେତେଟା ତୀବ୍ର ନ ଥିଲା। ତଥାପି ବିଭାଗ ପକ୍ଷରୁ ୧୦୪ଟି ପିଡବ୍ଲ୍ୟୁଏସ ନଷ୍ଟ ହୋଇଥିବା ରିପୋର୍ଟ ଦେଇ ରାଜ୍ୟ ରାଜକୋଷରୁ ପ୍ରାୟ ଦେଢକୋଟି ଟଙ୍କା ଚଞ୍ଚକତା କରି ଆତ୍ମସାତ କରାଯାଇଛି। ସଂକ୍ରାନ୍ତରେ ଆରଡବ୍ଲ୍ୟୁଏସଏସ ନିର୍ବାହୀ ଯନ୍ତ୍ରୀ ଅମିୟ କୁମାର ପରିଜାଙ୍କୁ ପଚାରିବାରୁ, ନିର୍ଦ୍ଦିଷ୍ଟ ଭାବେ ଅଭିଯୋଗ ହେଲେ ତଦନ୍ତ କରି ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ହେଲେ ଆରଡବ୍ଲ୍ୟୁଏସ୍‌ଏସ୍ ବିଭାଗରେ ଏଭଳି ଅର୍ଥ ଆତ୍ମସାତ କେବେ ହୁଏ ନାହିଁ ବୋଲି କହିଛନ୍ତି।

## କଶ୍ମୀର ନୁହେଁ...

ଏଥିରେ ଅନୌପଚାରିକ ଭାବେ ଆଲୋଚନାବେଳେ ଅନ୍ୟ ୪ ସ୍ଥାୟୀ ସଦସ୍ୟ ଫ୍ରାନ୍ସ, ରୁଷିଆ, ବ୍ରିଟେନ ଓ ଆମେରିକା ଏବଂ ୧୦ ଅସ୍ଥାୟୀ ସଦସ୍ୟ ରାଷ୍ଟ୍ର ବେଲ୍‌ଜିଅମ୍, କୋଟେ ଡି’ଆଇଭରି, ଡୋମିନିକାନ୍ ରିପବ୍ଲିକ୍, ଇକ୍ୱେଟୋରିଆଲ ଗିନି, ଜର୍ମାନୀ, ଇଣ୍ଡୋନେସିଆ, କୁଏଟ୍, ପେରୁ, ପୋଲାଣ୍ଡ ଓ ଦକ୍ଷିଣ ଆଫ୍ରିକା ଭାରତ ସପକ୍ଷରେ ମତ ଦେଇଥିଲେ। ଫଳରେ ପାକିସ୍ତାନ ଓ ଚାଇନା ଏକଘରିକିଆ ହୋଇଯାଇଥିଲେ। ଜାତିସଂଘରେ ନିରାଶ ହୋଇଥିବା ପାକିସ୍ତାନର ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍‌ଙ୍କ ନିକଟରେ କେବଳ ଭାରତ ବିରୋଧୀ ଟୁଇଟ୍ କରିବା ବ୍ୟତୀତ ଅନ୍ୟ କିଛି ବିକଳ୍ପ ନାହିଁ ବୋଲି କୁହାଯାଉଛି।

ପ୍ରକାଶ ଯେ, ଆସନ୍ତା ଅକ୍ଟୋବର ଆଡ଼କୁ ହରିୟାଣାରେ ବିଧାନସଭା ନିର୍ବାଚନ ହେବ। ଏହି ପରିପ୍ରେକ୍ଷୀରେ ରାଜନାଥ କାଲ୍‌କାରେ ଭାଜପାର ଜନ ଆଶୀର୍ବାଦ ଯାତ୍ରାକୁ ଉଦ୍‌ଘାଟନ କରିଛନ୍ତି। ଏହି ଯାତ୍ରା ରାଜ୍ୟର ୯୦ ବିଧାନସଭା ଆସନ ଦେଇ ଅତିକ୍ରମ କରି ସେପ୍ଟେମ୍ବର ୮ରେ ରୋହତକ୍‌ରେ ଉଦ୍‌ଯାପନ ହେବ।

## ବହୁ ଲୋକ...

ଝାଡ଼ଖଣ୍ଡ ଆଖପାଖ ଅଞ୍ଚଳରେ ଏକ ଲଘୁଚାପ ସୃଷ୍ଟି ହୋଇଥିବାରୁ ରବିବାର ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ହୋଇଛି। ସୋମବାର ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ ବୋଲି ପାଣିପାଗ ବିଭାଗ ସୂଚନା ଦେଇଛି। କେନ୍ଦୁଝର, ସୁନ୍ଦରଗଡ଼, ସମ୍ବଲପୁର, ଦେବଗଡ଼, ଝାରସୁଗୁଡ଼ା, ବରଗଡ଼, ସୋନପୁର, ବଲାଙ୍ଗୀର, ନୂଆପଡ଼ା ଜିଲାରେ ପ୍ରବଳ ବର୍ଷା ହେବ। ତେବେ ଆଭ୍ୟନ୍ତରୀଣ ଓଡ଼ିଶାର ଗୋଟିଏ କିମ୍ବା ଦୁଇଟି ସ୍ଥାନ ସମେତ ଗଜପତି, ଗଞ୍ଜାମ, ରାୟଗଡ଼ା, ରାୟଗଡ଼ା, କୋରାପୁଟ, ମାଲକାନଗିରି, ବାଲେଶ୍ୱର ଓ ଭଦ୍ରକ ଜିଲାରେ ଝଡ଼ତୋଫାନ ସହିତ କାଳବୈଶାଖୀ ହେବାର ସମ୍ଭାବନା ରହିଛି। ବର୍ଷା ଓ କାଳବୈଶାଖୀ ସୂଚନା ପାଇବା ପରେ ବନ୍ୟା ବିପନ୍ନଙ୍କ ନିଦ ହଜିଛି। ପଶ୍ଚିମ, ଉତ୍ତର ଓ ଉପକୂଳ ଓଡ଼ିଶାରେ ଏବେ ବର୍ଷା ହେଲେ ବିପନ୍ନଙ୍କ ସ୍ଥିତି ଜଟିଳ ହେବାର ସମ୍ଭାବନା ରହିଛି।

## ଜେଟ୍‌ଲୀଙ୍କ...

ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରି ବୁଝିଥିଲେ। ଶ୍ୱାସକ୍ରିୟାରେ ସମସ୍ୟା ଦେଖାଦେବାରୁ ୯ ତାରିଖରେ ଜେଟ୍‌ଲୀଙ୍କୁ ଏମ୍ସରେ ଭର୍ତ୍ତି କରାଯାଇଥିଲା। ତାଙ୍କୁ ଲାଇଫ ସପୋର୍ଟ ସିଷ୍ଟମ୍‌ରେ ରଖାଯାଇଥିବାବେଳେ ୧୦ ତାରିଖରୁ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ମେଡିକାଲ ପକ୍ଷରୁ କୌଣସି ବୁଲେଟିନ୍ ଜାରି କରାଯାଇନାହିଁ। ବହୁ ବିଶିଷ୍ଟ ନେତା ହସ୍ପିଟାଲ ଯାଇ ପୂର୍ବତନ ଅର୍ଥମନ୍ତ୍ରୀଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରି ବୁଝିଛନ୍ତି। ବିଭିନ୍ନ ବିଭାଗର ଡାକ୍ତରମାନଙ୍କର ଏକ ସ୍ୱତନ୍ତ୍ର ଟିମ୍ ତାଙ୍କ ଚିକିତ୍ସାର ତଦାରଖ କରୁଥିବା କୁହାଯାଉଛି।

ହିମାଚଳପ୍ରଦେଶ ରାଜ୍ୟପାଳ କଲରାଜ ମିଶ୍ର, ଆର୍‌ଏସ୍‌ଏସ୍ ଯୁଗ୍ମ ସାଧାରଣ ସମ୍ପାଦକ ଡ. କ୍ରିଷ୍ଣ ଗୋପାଳ ଏବଂ ସମାଜବାଦୀ ପାର୍ଟିର ପୂର୍ବତନ ନେତା ଅମର ସିଂ ମଧ୍ୟ ରବିବାର ହସ୍ପିଟାଲ ଯାଇଥିଲେ। ଶନିବାର ବହୁନେତା ଏମ୍ସରେ ଜେଟ୍‌ଲୀଙ୍କୁ ଭେଟିଥିଲେ। ଶୁକ୍ରବାର ରାଷ୍ଟ୍ରପତି ରାମନାଥ କୋବିନ୍ଦ, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହ, ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଏମ୍ସରେ ପହଞ୍ଚି ଜେଟ୍‌ଲୀଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ବୁଝିଥିଲେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜିର ଚନ୍ଦ୍ର ପାପଗ୍ରହ ମଧ୍ୟସ୍ଥ ଯୋଗୁ କର୍ମକ୍ଷେତ୍ରରେ ବୁଝାମଣା ନେଇ ତିକ୍ତତା ଦେଖାଦେଇପାରେ। ବନ୍ଧୁ ସାହାଯ୍ୟ ସହଯୋଗର ଦୃଢ ପ୍ରତିଶ୍ରୁତି ଦେବେ କିନ୍ତୁ ଦରକାର ସମୟରେ ପାଖରେ ନ ଥିବେ। ନିର୍ମାଣ, ନୂତନ କର୍ମାରମ୍ଭ ଅଟକି ଯିବ। କଳା, ସାହିତ୍ୟ, ମନୋରଞ୍ଜନ, ପ୍ରକାଶନ ଓ ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ।

**ବୃଷ** ରାଶ୍ୟାଧିପ ନୀଚ୍ଚାରୋହୀ କାରଣରୁ ଶାରୀରିକ ଦୁର୍ବଳତା ଯୋଗୁ କାମ କରିବାକୁ ଆଗ୍ରହ ପ୍ରକାଶ କରିବେ ନାହିଁ। ସ୍ଥଗିତ କାମକୁ ପୂରା ଦମରେ କରିବା ପାଇଁ ନିଷ୍ପତ୍ତି ନେବେ। ସାମାଜିକ ସ୍ତରରେ ସମ୍ମାନନୀୟ ବ୍ୟକ୍ତି ବିଶେଷ ସହାୟତା କରିବେ। ପରିବାରରେ ସାଧାରଣ କଥାକୁ କେନ୍ଦ୍ରକରି ମତାନ୍ତର ଅଶାନ୍ତିର ମାତ୍ରାକୁ ବଢାଇପାରେ।

**ମିଥୁନ** ଉଚ୍ଚାରୋହୀ ବୁଧ ପ୍ରଭାବରେ ଶାରୀରିକ ସୁସ୍ଥତା ସହ କର୍ମକ୍ଷେତ୍ରରେ ଥିବା ମାନସିକ ଦ୍ୱନ୍ଦ୍ୱର ଅବସାନ ଘଟିବ। ଆଲୋଚନାରେ ଭାଗନେଇ ବନ୍ଧୁଙ୍କ ପରାମର୍ଶକୁ ଗ୍ରହଣ କରି ଉପକୃତ ହୋଇପାରନ୍ତି। ପରିବାରର ସହଯୋଗ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିବାରେ ସାହାଯ୍ୟ କରିବ। ଅଳଙ୍କାର ଓ ସୌଖୀନ ଦ୍ରବ୍ୟ କ୍ରୟ ପାଇଁ ମନ ବଳାଇବେ।

**କର୍କଟ** ଚନ୍ଦ୍ର ନବମସ୍ଥ ରହି ପାପଗ୍ରହ ପ୍ରଭାବରୁ ମୁକ୍ତ ରହିଥିବାରୁ ଯେଉଁ କର୍ମାରମ୍ଭ କଲେ ମଧ୍ୟ ସଫଳତା ପାଇବେ। ଦୀର୍ଘ ଦିନରୁ ଭାଙ୍ଗି ପଡିଥିବା କୌଣସି ସମ୍ପର୍କ ପୁନଃ ପ୍ରତିଷ୍ଠିତ ହେବ। ଭାବପ୍ରବଣବଶତଃ ଓଲଟା କଥା କହି ବନ୍ଧୁ ଗହଣରେ ଅପଦସ୍ଥ ହୋଇପାରନ୍ତି। ଆନୁଷ୍ଠାନିକ କାର୍ଯ୍ୟ ଓ ଧର୍ମାନୁଷ୍ଠାନ ଦିଗରୁ ପ୍ରେରଣା ଲାଭ କରିବେ।

**ସିଂହ** ବୁଧ ବ୍ୟୟଭାବରେ ରହିଥିବାରୁ ପରିସ୍ଥିତିରେ ପଡି ହଠାତ୍ ବହୁତ୍ ଗୁଡିଏ ଟଙ୍କା ଖର୍ଚ୍ଚକରି ଦୁଃଖିତ ହେବେ। ଈର୍ଷା ପରାୟଣ ବ୍ୟକ୍ତିମାନଙ୍କ ମିଥ୍ୟା ଗୁଜବରେ ଆତଙ୍କିତ ହୁଅନ୍ତୁ ନାହିଁ। ସାମାଜିକ ସ୍ତରରେ ପ୍ରତିଯୋଗିତା କିମ୍ବା ବିବାଦୀୟ ଘଟଣାରେ ବିଜୟୀ ହେବେ। ବ୍ୟବସାୟରେ, ପ୍ରକଳ୍ପାରମ୍ଭରେ, ଯାତ୍ରାରେ ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି।

**କନ୍ୟା** ରାଶ୍ୟାଧିପ ଏକାଦଶସ୍ଥ ଯୋଗୁ ଯେଉଁ କାମ ହାତକୁ ନେଇଛନ୍ତି ସେଥିରେ କୃତକାର୍ଯ୍ୟ ହେବେ ଓ ଆଶାଜନକ ଫଳ ପାଇବେ। କଳା, ସାହିତ୍ୟ, ସାମ୍ବାଦିକତା, ଗବେଷଣା,ଏଜେନ୍ସିପରୁ ଖୁସି ରହିବେ। ଅଚାନକ ଭାବରେ ବନ୍ଧୁଙ୍କ ନିକଟରୁ ଶୁଭ ଖବର ଶୁଣି ଖୁସି ହେବେ। ଅର୍ଥ ସମ୍ପର୍କକୁ ନେଇ ଭ୍ରାତୃବିବାଦ ଦେଖାଦେଇ ପାରେ।

**ତୁଳା** ଦେବଗୁରୁଙ୍କ ଶୁଭଦୃଷ୍ଟି ଚନ୍ଦ୍ରଙ୍କ ଉପରେ ନିପତିତ ହେଉଥିବାରୁ ସମସ୍ୟା ସମାଧାନ ହୋଇଯିବାର ମାର୍ଗ ଉନ୍ମୁକ୍ତ ହେବ। ଲାଭସ୍ଥାନରେ ଶୁକ୍ର ହେତୁ ବିଳାସ ପ୍ରାଚୁର୍ଯ୍ୟ ମଧ୍ୟରେ ସମୟ ଅତିବାହିତ କରିପାରନ୍ତି। ସରକାରୀ ସ୍ତରରେ ବହୁ ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ନେ ପାଇବେ। ବ୍ୟବସାୟ, ପରିବହନ କ୍ଷେତ୍ରରେ ଆଶାନୁରୂପ ସୁଫଳ ପାଇବେ।

**ବିଛା** ଅନୁକୂଳ ଗ୍ରହସ୍ଥିତି ପ୍ରଭାବରେ ଜୀବନଯାତ୍ରା ସରଳ ଓ ସହଜସାଧ୍ୟ ରହିବ। ଆକସ୍ମିକ ଭାବରେ ବନ୍ଧୁଙ୍କ ମେଳରେ ରହିବାର ସୁଯୋଗ ପାଇବେ। କୌଣସି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକରିବା ସକାଶେ ଦୂରଯାତ୍ରାରେ ଅଭିଳଷିତ ଜିନିଷ ପାଇବେ। ଆର୍ଥିକ ସ୍ଥିତି, ବୈବାହିକ ସମ୍ପର୍କ, ସାମୂହିକ କାର୍ଯ୍ୟ ଓ ଆନୁଷ୍ଠାନିକ ଆଲୋଚନାରେ ଲକ୍ଷ୍ୟହାସଲ କରିବେ।

**ଧନୁ** ରାଶ୍ୟାଧିପ ଦ୍ୱାଦଶସ୍ଥ ଯୋଗୁ ଆପଣଙ୍କୁ ଅଚାନକ ଭ୍ରମଣ ସୁଯୋଗ ଜୁଟିପାରେ। କିନ୍ତୁ ଅଷ୍ଟମସ୍ଥ ବୁଧ ଯୋଗୁ କର୍ମକ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢିପାରେ। ଠିକ ଭୁଲ ବିଚାର ନ କରି କାମ କଲେ ନିଶ୍ଚିତ ଭାବରେ ପ୍ରତାରିତ ହେବେ। ଈର୍ଷାପରାୟଣ ବନ୍ଧୁଙ୍କ ହସ୍ତକ୍ଷେପ ଫଳରେ ପ୍ରାପ୍ୟଧନରେ ବାଧା ସୃଷ୍ଟି ହେବ।

**ମକର** ବିଭିନ୍ନ ବିଷୟ ଚିନ୍ତାକରି କାମ କରିବାର ସ୍ପୃହା କମି ଯାଇପାରେ। ଜାଗ୍ରତ ହେବ ଓ ମନୋବଳ କ୍ରମଶଃ ବୃଦ୍ଧି ପାଇବ। ସତ୍‌ସଙ୍ଗଜନିତ ଧର୍ମକାର୍ଯ୍ୟ ସକାଶେ ମନ ବଳିବ। ଫଳତଃ ସମାଜ ସେବା ଦିଗକୁ ମନ ବଳାଇପାରନ୍ତି। ଅନ୍ୟମନସ୍କତା କିମ୍ବା ଅସାବଧାନତାବଶତଃ ଦ୍ରବ୍ୟ ନଷ୍ଟ ହେବାର ଆଶଙ୍କା ରହିଛି।

**କୁମ୍ଭ** ଭ୍ରାତୃ ସମ୍ପର୍କରେ ଉନ୍ନତି ଘଟିବାରୁ ସାମୟିକ ଖୁସୀ ରହିବେ। ସଭାସମିତିରେ ପ୍ରିୟକଥା କହି ସମସ୍ୟାକୁ ସୁଧାରି ନେବେ। ଆଗାମୀ ଆନୁଷ୍ଠାନିକ କାମ ସକାଶେ ଘର ସାଜସଜ୍ଜାରେ ମଜ୍ଜିରହିପାରନ୍ତି। ଆଜି ଦିନଟି ସାଙ୍ଗସାଥି ମେଳରେ ଭଲରେ କଟିବ। ପରିହାସଯୁକ୍ତ କଥା କର୍ମକ୍ଷେତ୍ରରେ ସମସ୍ୟା ସୃଷ୍ଟି କରିବାର ସୂଚନା ରହିଛି।

**ମୀନ** ଅନ୍ୟମାନଙ୍କ ଦ୍ୱାରା ପ୍ରଭାବିତ ହୋଇ କର୍ମକ୍ଷେତ୍ରରେ ଜଣେ ବିଜାତୀୟ ବ୍ୟକ୍ତି ଅସହଯୋଗ କରିପାରେ। ଯେତେ ଭଲ କାମ କରନ୍ତୁ ନା କାହିଁକି ପରିବାର ମଧ୍ୟରେ ସମାଲୋଚିତ ହେବେ। ପାରିବାରିକ କ୍ଷେତ୍ରରେ ଭାରସାମ୍ୟ ରକ୍ଷା କରି ଚଳିବାକୁ ବାଧ୍ୟ ହେବେ। ଶିଳ୍ପ, ପରିବହନ, ଶେୟାର ବଜାର, ରପ୍ତାନି ବାଣିଜ୍ୟରେ ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି।

ଆଜି ଭାଦ୍ରବ କୃଷ୍ଣ ଚତୁର୍ଥୀ ସୋମବାର, ଅଗଷ୍ଟ ୧୯ ତାରିଖ, ବିଶ୍ୱ ଫଟୋଗ୍ରାଫି ଦିବସ, ରାଶି ନକ୍ଷତ୍ର-ଉତ୍ତରଭାଦ୍ରପଦ୍/ମୀନ, ମିଥୁନ ରାଶିର ଘାତବାର, ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ୬।୫୦ମି. ମଧ୍ୟେ ଘ୧।୫୦ମି. ଗତେ ଘ୨।୪୩ ମଧ୍ୟେ, ଘ୪।୪୩ମି. ଗତେ ଘ୬।୨୨ମି. ମଧ୍ୟେ ଅମୃତବେଳା। ଦିବା ଘ୮।୨୮ମି. ଗତେ ଘ୧୦।୦୨ମି. ମଧ୍ୟେ ମାହେନ୍ଦ୍ରବେଳା, ସକାଳ ଘ୭।୦୬ମି. ଗତେ ଘ୮।୪୦ମି. ମଧ୍ୟେ ରାହୁକାଳ।


## classifieds Everyday 0674-2580101, 2549302

real estate

**SALE**

Bhubaneswar ସୁନ୍ଦରପଦା କୁହାରେ sqft. 850/- ପ୍ଲଟ୍ କିଣି ଘର କରନ୍ତୁ। 9938016295. D-66177

**Bhubaneswar Sundarpada Xavier backside sqft.135/- Gangapada 1200sqft. 3,60,000/- spot possession. 9348232008, 9938841730.** D-66760

2BHK simplex 26,00,000/- finishing, Hanspal / plot- Atala, Rangabazar. 9337155580, 8093465134. D-67043

Contact for complete simplex/duplex/triplex house construction with interior from the experts. Call: 7008550473. D-13908

**2 Bedroom ready to move flat at Pokhariput, Bhubaneswar, genuine buyers directly contact Deepak: 9937329999.** D-66282

Own sthitiban residential 1200 sqft. plot for sale. 9937816565, 9937568585. D-13942

healthcare

Fully refreshed / relaxed body massage by expert therapist, Shastri Nagar. 7377984773. D-67333

Rejuvenate and ayurvedic full body massage by smart therapist. 9114402304. D-67334

Thailand unisex massage experience luxurious hospitality home services. 7077335555. thailandunisexspa9853999966@gmail.com. D-59937

Herbal full body massage by smart / expert therapist. Contact: 8338067247. D-67346

Summer special mesmerizing offer expert therapeutic refreshing massage appointment. 9668374480. D-67347

Full body herbal massage with refreshment expert therapist. 7381239385, 06742540855. D-67348

Experience full body massage with us (expert). Call: 7377048581, 06742597822. D-67349

Ayurvedic full body massage ladies & gents smart therapist. 9040900385. D-66945

Monalisa Massage Club: Full time body massage with hiprofile smart lady rooms service available 9708545108. D-13931

Newly open Herbal full body massage lady & gents. 8018246332. D-66942

astrology

ଆଚାର୍ଯ୍ୟଜୀ ଗୋଲ୍ଡ ମେଡ଼ାଲିଷ୍ଟ। ସମସ୍ୟାର ତୁରନ୍ତ ସମାଧାନ। ବଶୀକରଣ, ପ୍ରେମବିବାହ, ପ୍ରେମରେ ପ୍ରତାରଣା, ସଉତୁଣୀ ଶତ୍ରୁମୁକ୍ତି, ପ୍ରେମିକ, ସ୍ୱାମୀ, ସନ୍ତାନ, ମନୋମାଳିନ୍ୟ। ସମସ୍ୟା ଯାହା ବି ହେଉ- 8054019023, 9779158760. D-13793

ଫିସ୍ ନୁହେଁ, ପୁରସ୍କାର ନେବି, ସମସ୍ୟା ନୁହେଁ ସମାଧାନ ଦେବି। Gold Medalist, ପ୍ରେମବିବାହ, ସଉତୁଣୀ-ଶତ୍ରୁମୁକ୍ତି, ସମାଧାନ ଗୋଟିଏ ଫୋନ୍‌ରେ। 09521603776 096106-09485. D-13917


### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

Your Classified Advertisement published in Dharitri will be listed free in Dharitri Online Edition: www.dharitri.com



“ ଅଜ୍ଞକୁ ବୁଝାଇବା ସହଜ, ବିଜ୍ଞକୁ ବୁଝାଇବା ଆହୁରି ସହଜ; କିନ୍ତୁ ଅଳ୍ପ ଜ୍ଞାନରେ ଯିଏ ଉଦ୍ଧତ, ତାଙ୍କୁ ସ୍ୱୟଂ ବ୍ରହ୍ମା ମଧ୍ୟ ସନ୍ତୁଷ୍ଟ କରିପାରିବେ ନାହିଁ।

-ସର୍ବପଲ୍ଲୀ ରାଧାକ୍ରିଷ୍ଣନ





## ଜିଲାଚିଠି ଯାଜପୁର

## ୫-ଟି ଚ୍ୟାଲେଞ୍ଜ

ଯାଜପୁର ଜିଲାରେ ଶିକ୍ଷା, ସ୍ୱାସ୍ଥ୍ୟ, ପୋଲିସ, ଅମଲା, କ୍ରୀଡ଼ା, ପରିବହନ, ଯୋଗାଣ ଏମିତିକି ସ୍ୱେଚ୍ଛାସେବୀ ଅନୁଷ୍ଠାନ ଭଳି ଅନେକ ବିଭାଗରେ ଦୁର୍ନୀତି ତା'ର ଛାପ ଛାଡ଼ି ସାରିଛି। କିରାଣିଠାରୁ ଆରମ୍ଭ କରି ଅଧିକାରୀ ପର୍ଯ୍ୟନ୍ତ ରାତାରାତି କୋଟିକୋଟି ଟଙ୍କାର ସମ୍ପତ୍ତି ଠୁଳ କରି ଧରା ପଡୁଛନ୍ତି। ମାତ୍ର ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନର ଅଭାବ ଏଭଳି ଦୁର୍ନୀତି କରିବାକୁ ପରୋକ୍ଷରେ ପ୍ରୋତ୍ସାହିତ କରୁଛି। ନିକଟରେ ରାଜ୍ୟ ସରକାର ଦୁର୍ନୀତି ରୋକିବାକୁ ୫-ଟି ବ୍ୟବସ୍ଥା କାର୍ଯ୍ୟକାରୀ କରିଛନ୍ତି। ହେଲେ ଯାଜପୁର ଜିଲାରେ ଦୁର୍ନୀତିର ବ୍ୟାପକତାକୁ ଅବଲୋକନ କଲେ ୫-ଟିର କାର୍ଯ୍ୟକାରିତା ଏକ ବଡ଼ ଚ୍ୟାଲେଞ୍ଜ ବୋଲି ମତପ୍ରକାଶ ପାଉଛି। ସରକାର ସ୍ୱଚ୍ଛତା, ପ୍ରଯୁକ୍ତି ବିଦ୍ୟା, ସମୟାନୁବର୍ତ୍ତିତା, ସମ୍ମିଳିତ ଉଦ୍ୟମ ଓ ପରିବର୍ତ୍ତନ ଭଳି ୫-ଟିକୁ ଗୁରୁତ୍ୱ ଦେଇଛନ୍ତି। ଏହି ଅନୁସାରେ କାର୍ଯ୍ୟ କଲେ ତାହା କାର୍ଯ୍ୟାଳୟର ଚାପକୁ ହ୍ରାସ, ତୁରନ୍ତ ଫଇସଲା, ସାଧାରଣ ଲୋକଙ୍କୁ ଠିକ୍ ସମୟରେ ସେବା ଯୋଗାଇବାରେ ସକ୍ଷମତା ସହ ସରକାରୀ ବ୍ୟବସ୍ଥାର ସୁନାମ ବୃଦ୍ଧିରେ ସହାୟକ ହେବ ବୋଲି ସରକାର ଦାବି କରୁଛନ୍ତି। ଏହା ଠିକ୍ ଭାବେ କାର୍ଯ୍ୟକାରୀ କରାଗଲେ ବିଭିନ୍ନ ଅନୁଦାନର ସଦ୍‌ବିନିଯୋଗ ସହ ବିକାଶ ନିଶ୍ଚିତ କୁହାଯାଉଛି। କିନ୍ତୁ ଯାଜପୁର ଜିଲାରେ ବିଭିନ୍ନ ଉନ୍ନୟନ କାର୍ଯ୍ୟରେ ହେରାଫେରି, ଦୁର୍ନୀତି ଓ ଅନିୟମିତତା ଏତେ ଜୋର୍‌ରେ ଚାଲିଛି ଯେ, ୫-ଟି ବ୍ୟବସ୍ଥା ଏହାକୁ ରୋକିବାରେ ସଫଳ ହୋଇପାରିବ କି ନାହିଁ ତାହା ଆଶଙ୍କା ପ୍ରକାଶ ପାଇଛି। ଉନ୍ନୟନ କାର୍ଯ୍ୟରେ ପୂର୍ତ୍ତ, ଗ୍ରାମ୍ୟ ନିର୍ମାଣ, ଜନସ୍ୱାସ୍ଥ୍ୟ, ପାନୀୟ ଜଳଯୋଗାଣ ଓ ପରିମଳ, ପଞ୍ଚାୟତ ସମିତି, ଜିଲା ପରିଷଦ ଆଦି ବିଭାଗରେ ଦୁର୍ନୀତି ଚରମସୀମାରେ ପହଞ୍ଚିଛି। ବିଭିନ୍ନ ବିଭାଗରେ ଯନ୍ତ୍ରୀମାନେ ଦୀର୍ଘ ଦିନ ଧରି ଅବସ୍ଥାପିତ ହୋଇଥିବାରୁ ଦୁର୍ନୀତି କରିବାକୁ ସେମାନଙ୍କୁ ସହଜ ହେଉଛି। ଯାଜପୁର ଜିଲାରେ ଆବାସ ଦୁର୍ନୀତି, ପାଇଖାନା ନିର୍ମାଣରେ ହେରାଫେରି ଏବଂ ଅତି ନିମ୍ନମାନର ରାସ୍ତାଘାଟ ନିର୍ମାଣ ବିକାଶକୁ ପରାହତ କରିଛି। ସେହିପରି ଯୋଗାଣ ବିଭାଗରେ ଧାନକିଣା ଓ ଚାଉଳ ସଂଗ୍ରହରେ ଦୁର୍ନୀତି, ସମବାୟ ସମିତି(ପ୍ୟାକ୍ସ)ଗୁଡ଼ିକରେ ଚାଷୀଙ୍କ ନାମରେ ଜାଲ୍ କାଗଜପତ୍ର ପ୍ରସ୍ତୁତ କରି ସରକାରୀ ଅର୍ଥ ଆତ୍ମସାତ ଆଦି ଅନେକ ଦୁର୍ନୀତି ସଂକ୍ରାନ୍ତୀୟ ନଜିର ରହିଛି। ଜିଲାର ମଙ୍ଗଳପୁର, ମାର୍କଣ୍ଡପୁର, ବନ୍ଧାଳ, ବ୍ରହ୍ମବରଦା, ରଖିଦେଇପୁର, ମହିସରା ଆଦି ପ୍ୟାକ୍ସରେ ଧାନ ବିକ୍ରିରେ ହେରଫେର, ବୀମା ଟଙ୍କା, ଋଣ ଆଦି ଜାଲିଆତି କରାଯାଇ ବ୍ୟାପକ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି। ହେଲେ ଏହିସବୁ କେବଳ ତଦନ୍ତରେ ସୀମିତ ରହିଛି। ତେଣୁ ମୁଖ୍ୟମନ୍ତ୍ରୀଙ୍କ ୫-ଟି ଶାସନକୁ କାର୍ଯ୍ୟକାରୀ କରିବାକୁ ତଳିଆ କର୍ମଚାରୀଙ୍କ ସମେତ ପ୍ରଭାବଶାଳୀ ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କ ଉପରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାର ଆବଶ୍ୟକ ରହିଛି ବୋଲି ମତପ୍ରକାଶ ପାଉଛି। ଜିଲାରେ ଉନ୍ନୟନ କାର୍ଯ୍ୟରେ ଦୁର୍ନୀତି ଅଧିକ ରହିଛି। ଯନ୍ତ୍ରୀମାନେ ମଷ୍ଟରରୋଲ, ଏମ୍‌ବି ଆଦିରେ ଚଞ୍ଚକତା କରି ବ୍ୟାପକ ଆର୍ଥିକ ହେରାଫେରି କରୁଥିବା ଅନେକ ଘଟଣା ସାମ୍ନାକୁ ଆସୁଛି। ପୌରପରିଷଦ, ପଞ୍ଚାୟତ ସମିତି, ଜିଲା ପରିଷଦ ଆଦି ବିଭାଗର ଅଡିଟ ରିପୋର୍ଟରେ ଏହାର ପ୍ରମାଣ ମିଳି ସାରିଛି। ତେଣୁ ଜିଲା ପ୍ରଶାସନ ନିଜେ ସ୍ୱଚ୍ଛ ରହିବା ସହିତ ରାଜନୈତିକ ସମ୍ପୃକ୍ତିରୁ ଊର୍ଦ୍ଧ୍ୱରେ ରହି ଦୁର୍ନୀତିଖୋର ଅଧିକାରୀ, ଯନ୍ତ୍ରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲେ ରାଜ୍ୟ ସରକାରଙ୍କ ୫-ଟିର ଯଥାର୍ଥତା ପ୍ରତିପାଦିତ ହୋଇ ପାରିବ ବୋଲି କୁହାଯାଉଛି।

– ହର୍ଷବର୍ଦ୍ଧନ ବେହେରା

# ୫ ରାଜ୍ୟରେ ଚାଲିଛି ଓଡ଼ିଆ ପାଠପଢ଼ା

## ଅନ୍ୟ ରାଜ୍ୟର ଓଡ଼ିଆ ପିଲାଙ୍କ ପାଇଁ ହୋଇପାରୁନି ବ୍ୟବସ୍ଥା

ଭୁବନେଶ୍ୱର,୧୮।୮(ବ୍ୟୁରୋ)

ଓଡ଼ିଶାର ବହୁ ଲୋକ ଯାଇ ବାହାର ରାଜ୍ୟରେ ବସବାସ କରୁଛନ୍ତି। ଦେଶର ୨୮ଟି ରାଜ୍ୟ ମଧ୍ୟରୁ ମାତ୍ର ୫ଟି ରାଜ୍ୟରେ ରହୁଥିବା ଓଡ଼ିଆ ପରିବାରର ପିଲାମାନେ ନିଜ ମାତୃଭାଷାରେ ପାଠ ପଢିପାରୁଛନ୍ତି। ଅନ୍ୟ ରାଜ୍ୟଗୁଡିକରେ ସରକାର ଏଭଳି ବ୍ୟବସ୍ଥା କରିପାରିନାହାନ୍ତି। ଆନ୍ଧ୍ରପ୍ରଦେଶ, ଛତିଶଗଡ଼, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ ଏବଂ ଗୁଜରାଟରେ ଓଡ଼ିଆ ପିଲାମାନେ ନିଜ ମାତୃଭାଷା ପଢିପାରୁଛନ୍ତି। ସେଠାକାର ବିଦ୍ୟାଳୟଗୁଡିକରେ ଓଡ଼ିଆ ଶିକ୍ଷକଙ୍କୁ ମଧ୍ୟ ନିଯୁକ୍ତି ମିଳିଛି। ଜଣେ ସରକାରୀ ଅଧିକାରୀଙ୍କ କହିବାନୁଯାୟୀ, ଉତ୍କଳ ସମ୍ମିଳନୀ ଜରିଆରେ ହିଁ ଏହିସବୁ ରାଜ୍ୟରେ ଓଡ଼ିଆ ଶିକ୍ଷକ ନିଯୁକ୍ତି ଦିଆଯାଉଛି। କେବଳ ଝାଡ଼ଖଣ୍ଡରେ ସେଠାକାର ସରକାର ଓଡ଼ିଆ ଶିକ୍ଷକ ନିଯୁକ୍ତ କରୁଛନ୍ତି। ତେବେ ଅନ୍ୟ ରାଜ୍ୟଗୁଡିକରେ ରହୁଥିବା ଓଡ଼ିଆ ପିଲାଙ୍କ ପାଇଁ ଓଡ଼ିଶା ସରକାରଙ୍କ ତରଫରୁ ମାଗଣାରେ ବହି ପ୍ରଦାନ କରାଯାଉଥିବା ସ୍କୁଲ ଓ ଗଣଶିକ୍ଷା ସଚିବ ପ୍ରଦୀପ୍ତ ମହାପାତ୍ର କହିଛନ୍ତି। ମାତ୍ର ଆହୁରି ଅନେକ ରାଜ୍ୟରେ ବହୁ ଓଡ଼ିଆ ଲୋକ ବସବାସ କରୁଥିଲେ ହେଁ ସେମାନଙ୍କ ପିଲାମାନେ ଓଡ଼ିଆ ପଢିବାରୁ ବଞ୍ଚିତ ହେଉଛନ୍ତି। ରାଜ୍ୟ ସରକାର ଏ କ୍ଷେତ୍ରରେ କୌଣସି ପଦକ୍ଷେପ ନ ନେବା ଯୋଗୁ ବାଧ ହୋଇ ସେମାନେ ସ୍ଥାନୀୟ ଭାଷାକୁ ଆପଣାଉଥିବା ଜଣାପଡିଛି। ନିକଟରେ ରାଜ୍ୟ ସରକାର ସୁରଟରେ ୧୨ଟି ପ୍ରାଥମିକ ବିଦ୍ୟାଳୟ, ଉଚ୍ଚ ବିଦ୍ୟାଳୟ ଏବଂ ଯୁକ୍ତ ୨ କଲେଜ ଖୋଲିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ମାତ୍ର ଆହୁରି ଅନେକ ରାଜ୍ୟ ରହିଛି ଯେଉଁଠାରେ ବହୁତ ଓଡିଆ ରହୁଥିଲେ ସୁଦ୍ଧା ଓଡ଼ିଶା ସରକାର ସେଠାକାର ଓଡ଼ିଶା ପିଲାଙ୍କ ପାଇଁ ଓଡ଼ିଆ ଭାଷା ପଢିବାର କୌଣସି ବ୍ୟବସ୍ଥା କରିନାହାନ୍ତି। ଦିଲ୍ଲୀ ଏନ୍‌ସିଆର୍‌ରେ ପ୍ରାୟ ୧୪ଲକ୍ଷ ପାଖାପାଖି ଓଡିଆ ପରିବାର ରହୁଥିବା ସୂଚନା ମିଳିଛି। ହେଲେ ସେହି ପରିବାରର ପିଲାଙ୍କୁ ଓଡିଆ ଶିକ୍ଷା ଦେବା ସକାଶେ ଓଡ଼ିଶା ସରକାର କୌଣସି ପଦକ୍ଷେପ ଗ୍ରହଣ କରିନାହାନ୍ତି। ଆସ ଶିଖିବା ଆମରି ଭାଷା ନାମରେ ଏକ କାର୍ଯ୍ୟକ୍ରମ କରି ଏକ ସଙ୍ଗଠନ ପକ୍ଷରୁ ଓଡିଆ ଶିକ୍ଷା ପ୍ରଦାନ କରାଯାଉଛି। କିନ୍ତୁ ଦିଲ୍ଲୀ ସରକାରଙ୍କ ନିକଟରେ ଦାବି ଜଣାଇ ସେଠାକାର ସମସ୍ତ ସ୍କୁଲରେ ଓଡ଼ିଆ ଭାଷା ରଖିବା ପାଇଁ କୌଣସି ବ୍ୟବସ୍ଥା ନ ଥିବା ଜଣାପଡିଛି। ମାତ୍ର ଅନ୍ୟ ରାଜ୍ୟର ସରକାର ଦିଲ୍ଲୀରେ ନିଜ ନିଜର ସ୍କୁଲ ଖୋଲିଛନ୍ତି। କେରଳ, ପଶ୍ଚିମବଙ୍ଗ, ପଞ୍ଜାବ ଏବଂ ଗୁଜରାଟ ଭଳି ରାଜ୍ୟର ସରକାରଙ୍କ ପକ୍ଷରୁ ଦିଲ୍ଲୀରେ ସ୍କୁଲ ପ୍ରତିଷ୍ଠା କରାଯାଇଛି। ସେହି ସ୍କୁଲଗୁଡିକ ଇଂରାଜୀ ମିଡିୟମ ହୋଇଥିଲେ ମଧ୍ୟ ନିଜ ଭାଷା ପଢିବା ବାଧ୍ୟତାମୂଳକ କରାଯାଇଛି। ଆସ ଶିଖିବା ଆମରି ଭାଷା କାର୍ଯ୍ୟକ୍ରମର ଆବାହକ ଦେବେନ୍ଦ୍ର ରାଉତ କହିଛନ୍ତି, ଦିଲ୍ଲୀର ବିଭିନ୍ନ ଅଞ୍ଚଳରେ ଆମ ସଙ୍ଗଠନ ପକ୍ଷରୁ ପ୍ରତ୍ୟେକ ରବିବାର ୨ ଘଣ୍ଟା ଲେଖା ଓଡ଼ିଆ ପାଠପଢ଼ା ଯାଉଛି। ଏହି ବ୍ୟବସ୍ଥାକୁ ଦୂରନିରନ୍ତର ଶିକ୍ଷା ଦେବା ସକାଶେ ଦୀର୍ଘଦିନ ହେବ ରାଜ୍ୟ ସରକାରଙ୍କୁ ଆମେ ଦାବି କରିଆସୁଛୁ। ହେଲେ ସରକାର ଏ ଦିଗରେ କୌଣସି ପଦକ୍ଷେପ ନେଉନାହାନ୍ତି। ୨୦୧୨ ମସିହାରୁ ଏହି ଦାବି କରିଆସୁଥିଲେ ସୁଦ୍ଧା ସରକାର କେବଳ ଥରେ ବହି ପଠାଇଦେଇ ଚୁପ୍ ବସିପଡିଛନ୍ତି। ଏବେ ଓଡିଆ ବହି ମଧ୍ୟ ଆଉ ଦେଉନାହାନ୍ତି। ଅନ୍ୟ ରାଜ୍ୟର ସରକାରଙ୍କ ତରଫରୁ ଏଠାରେ ସ୍କୁଲ ଖୋଲାଯାଇ ସେମାନଙ୍କ ପିଲାଙ୍କୁ ନିଜ ଭାଷାରେ ପଢିବାକୁ ସୁଯୋଗ ଦିଆଯାଉଛି। ହେଲେ ଓଡିଆ ପିଲାମାନେ ବର୍ତ୍ତମାନ ବାଧ ହୋଇ ଦିଲ୍ଲୀକୁ ନିଜର ମାତୃଭାଷା କରିବା ପାଇଁ ବାଧ୍ୟ ହେଉଛନ୍ତି।

ସରକାରଙ୍କ ବ୍ୟବସ୍ଥା ଅନୁଯାୟୀ ବାହାର ରାଜ୍ୟରେ ରହୁଥିବା ଓଡ଼ିଆ ଲୋକଙ୍କ ପିଲାମାନେ ଯଦି ଓଡ଼ିଆ ପାଠପଢ଼ି ନ ଥିବେ ସେମାନେ ଏଠାରେ ଚାକିରି କରିପାରିବେ ନାହିଁ। ସେଥିପାଇଁ ସରକାରଙ୍କ ତରଫରୁ ଏକ ବ୍ୟବସ୍ଥା ରହିଛି। ବର୍ଷକୁ ଦୁଇ ଥର ଓଡ଼ିଆରେ ଏକ ପରୀକ୍ଷା ସରକାରଙ୍କ ପକ୍ଷରୁ କରାଯାଉଛି। ଏହି ପରୀକ୍ଷାରେ ଯଦି ଛାତ୍ରୀଛାତ୍ର ପାସ୍ କରନ୍ତି ତେବେ ସେମାନେ ଓଡ଼ିଶାରେ ଚାକିରି କରିପାରିବେ। ମାତ୍ର ବହୁ ପିଲା ଏହି ସମୟ ମଧ୍ୟରେ ଆସି ପରୀକ୍ଷା ଦେବାରେ ବିଫଳ ହେଉଥିବା ଅଭିଯୋଗ ହେଉଛି। ଏହାକୁ ନେଇ ମଧ୍ୟ ବହୁ ପିଲା ଅଭିଯୋଗ କରିଛନ୍ତି। ତେବେ ଏନେଇ ପ୍ରଦୀପ୍ତ ମହାପାତ୍ର କହିଛନ୍ତି, ଦିଲ୍ଲୀଠାରେ ଏକ ସେଣ୍ଟର କରାଯିବ। ଓଡ଼ିଆ ଭାଷାରେ ପରୀକ୍ଷା ଦେବା ପାଇଁ ସେଠାରୁ ପିଲାଙ୍କୁ ଓଡ଼ିଶା ଆସିବାକୁ ପଡୁଛି। ସେମାନେ ଆଗକୁ ସେଠାରେ ଖୋଲାଯିବାକୁ ଥିବା ସେଣ୍ଟରରେ କିପରି ପରୀକ୍ଷା ଦେବେ ସେନେଇ ବ୍ୟବସ୍ଥା କରାଯାଉଛି। ୫ଟି ରାଜ୍ୟରେ ଓଡ଼ିଆ ପାଠପଢା ଚାଲିଥିବା ବେଳେ ଅନ୍ୟ ରାଜ୍ୟରେ ସରକାରଙ୍କ ତରଫରୁ ବହି ପ୍ରଦାନ କରାଯାଉଛି ବୋଲି ସେ କହିଛନ୍ତି।

## ଖସି ପଡ଼ିଲା ରେଳଫାଟକ, ବର୍ତ୍ତିଗଲେ ଛାତ୍ରୀ

ପୁରୀ ଅଫିସ,୧୮।୮

ବିପଦସଙ୍କୁଳ ଅବସ୍ଥାରେ ରହିଛି ତାଳବଣିଆ ଏନ୍‌ସିସି କାର୍ଯ୍ୟାଳୟ ପାଖ ରେଳଫାଟକ। ଯାନ୍ତ୍ରିକ ତ୍ରୁଟି ଯୋଗୁ ଏଠାରେ ବିଭିନ୍ନ ସମୟରେ ଦୁର୍ଘଟଣା ଘଟୁଛି। ରବିବାର ପୂର୍ବାହ୍ନ ପ୍ରାୟ ୧୦.୩୦ରେ ହଠାତ ରେଳଫାଟକ ଖସିପଡ଼ିଥିଲା। ତେବେ ଏହି ସମୟରେ ଫାଟକ ପାର ହେଉଥିବା ଜଣେ ଛାତ୍ରୀ ସୌଭାଗ୍ୟବଶତଃ ଦୁର୍ଘଟଣାରୁ ବର୍ତ୍ତି ଯାଇଛନ୍ତି। ସୂଚନା ଅନୁଯାୟୀ, ଯାନ୍ତ୍ରିକ ତ୍ରୁଟି କାରଣରୁ ଗୋଟିଏ ଫାଟକ ମୁକୁଳା ପଡ଼ିଥିବାବେଳେ ଅନ୍ୟଟିକୁ ହାତରେ ଟେକି ଉପରକୁ ଉଠାଯାଇଥାଏ। ରବିବାର ପୂର୍ବାହ୍ନ ପ୍ରାୟ ୧୦.୩୦ ମିନିଟ୍‌ରେ ଏକ ଟ୍ରେନ ଛାଡ଼ିବା ପରେ ଉଭୟ ପଟୁ ଲୋକେ ଯାତାୟତ କରୁଥିଲେ। ଏହି ସମୟରେ ଗୋଟିଏ ବାଇକ ପଛରେ ବସିଥିବା ଯାତ୍ରୀ ରେଳଫାଟକକୁ ହାତରେ ଟେକି ଧରିଥିଲେ। ତେବେ ଜଣେ ଛାତ୍ରୀ ସାଇକେଲ ଧରି ଫାଟକ ପାର ହେଉଥିବାବେଳେ ଏହା ହଠାତ୍ ଖସି ପଡ଼ିଥିଲା। ସୌଭାଗ୍ୟବଶତଃ ସେତେବେଳକୁ ସେ ଫାଟକ ପାର ହୋଇସାରିଥିଲେ। ଫଳରେ କାହାରି କିଛି କ୍ଷତି ଘଟିନାହିଁ। ଏହି ଘଟଣା ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଏହି ରେଳଫାଟକ ଦେଇ ସ୍ଥାନୀୟ ସର୍ବୋଦୟ ନଗର, ପିକେଡିଏ ଛକ ଏବଂ ସିଦ୍ଧମହାବୀର ଅଞ୍ଚଳର ବାସିନ୍ଦା ଯାତାୟତ କରୁଛନ୍ତି। ଗତ କିଛି ଦିନ ହେଲା ଯାନ୍ତ୍ରିକ ତ୍ରୁଟି ଯୋଗୁ ଉଭୟ ପଟେ ରେଳଫାଟକ ଅଚଳ ହୋଇପଡ଼ିଛି। ଏ ନେଇ ଅଞ୍ଚଳବାସୀ ରେଳ କର୍ତ୍ତୃପକ୍ଷଙ୍କୁ ଅଭିଯୋଗ ଜଣାଇଥିଲେ ମଧ୍ୟ ପଦକ୍ଷେପ ନିଆଯାଇନାହିଁ। ପୂର୍ବରୁ ସିଦ୍ଧ ମହାବୀରଠାରେ ରେଳଫାଟକ ଖୋଲା ରହିଥିବାବେଳେ ଯାତ୍ରୀ ଉଭୟ ପଟୁ ଯାତାୟତ କରୁଥିଲେ। ଏହି ସମୟରେ ହଠାତ୍ ଏକ ଏକ୍ସପ୍ରେସ ଟ୍ରେନ ଦ୍ରୁତଗତିରେ ମାଡ଼ି ଆସିବାରୁ ଯାତ୍ରୀମାନେ ଭୟଭୀତ ହୋଇପଡ଼ିଥିଲେ। ତେବେ କାହାରି କିଛି କ୍ଷୟକ୍ଷତି ଘଟି ନ ଥିଲା।

GAYATRI GROUP OF INSTITUTION
Gayatri Vihar, Jamadarpali, Sambalpur
ADMISSION OPEN
GAYATRI COLLEGE OF PHYSIOTHERAPY
BPT
(Bachelor of Physiotherapy) Recognised by Govt. of Odisha, H&FW Dept & (Affilited to Sambalpur University) Eligibility: +2 Science Pass
GAYATRI COLLEGE OF PARAMEDICAL SCIENCE
DMLT
(Diploma in Medical Laboratory Technology, Only Govt. Recognized Institute in Sambalpur)
Eligibility: +2 Science with PCB
GAYATRI COLLEGE OF PHARMACY
D.Pharm B.Pharm
M.Pharm Ph.D
Eligibility: +2 Science Pass/ (PCB/PCM/ PCIT with 45% and a valid rank of OJEE/JEE (Main)/ NEET for B. Pharm)
CONTACT ADMISSION CELL
7978497929, 9861249377 (PHARMACY) 8249598936- (DMLT),7982724451, 7381578301 (PHYSIOTHERAPY)

## ଫିଲ୍ମ ପୋଷ୍ଟରକୁ ନେଇ ବିବାଦ ଘଟଣା

# ମୁହଁ ଖୋଲିଲେ ପପୁ ପମ୍‌ପମ୍

## 'ମୋ ଫଟୋକୁ ନେଇ ଅନ୍ୟ କେହି ଏଭଳି କଦର୍ଯ୍ୟ କରିଛନ୍ତି'

ଭୁବନେଶ୍ୱର,୧୮।୮(ବ୍ୟୁରୋ)



- ପ୍ରଯୋଜକ ସଂସ୍ଥା ଓ ପପୁଙ୍କୁ ହେବ ପଚରାଉଚରା: ଡିସିପି
- ଫିଲ୍ମର ପ୍ରମୋଶନ ପାଇଁ ଜାଣିଶୁଣି ବିବାଦ କରାଯାଇଛି: ଲିଙ୍କନ

ଗଣେଶ ପୂଜାରେ ରିଲିଜ ହେବାକୁ ଥିବା ଫିଲ୍ମ 'ମିଷ୍ଟର କନ୍ହେୟା'କୁ ନେଇ ସୋସିଆଲ ମିଡିଆରେ ଏକ ପୋଷ୍ଟର ଭାଇରାଲ ପରେ ଆରମ୍ଭ ହୋଇଛି ବିବାଦ। ଏଥିରେ ଛନ୍ଦି ହୋଇଯାଇଛନ୍ତି ଅଭିନେତା ପପୁ ପମ୍‌ପମ୍ ଓରଫ ତତ୍ତ୍ୱପ୍ରକାଶ ଶତପଥୀଙ୍କ ସମେତ ପ୍ରଯୋଜକ ସଂସ୍ଥା ଓ ନିର୍ଦ୍ଦେଶକ। ଉକ୍ତ ପୋଷ୍ଟରରେ ମହିଳାଙ୍କୁ ଅସମ୍ମାନିତ କରାଯାଇଥିବା ନେଇ ମହିଳା କମିଶନ ଓ ମହିଳା ଥାନାରେ ଅଭିଯୋଗ ପରେ ଥାନାରେ ମାମଲା ରୁଜୁ ହୋଇଛି। ଏପରିସ୍ଥଳେ ରବିବାର ମୁହଁ ଖୋଲିଛନ୍ତି ପପୁ। ସୋସିଆଲ ମିଡିଆରେ ଭିଡିଓ ଜାରି କରି ପପୁ କହିଛନ୍ତି, ନାରୀ ସମାଜପ୍ରତି ଯଥେଷ୍ଟ ସମ୍ମାନ ରହିଛି। ମୋର ମା'ଓ ଭଉଣୀ ଅଛନ୍ତି। ଏମିତି ଭୁଲ୍ ମୁଁ କେବେ କରିନାହିଁ। ଇଣ୍ଟରନେଟ୍ କିମ୍ବା ଏକ କଲେଜରେ ଫିଲ୍ମର ଗୀତ ସୁଟିଂ ହେଉଥିଲାବେଳେ କେହି ମୋର ଏକ ଫଟୋ ପାଇ ଏଭଳି ଏଡିଟ୍ କରିଥାଇପାରନ୍ତି। ସତ ନ ଜାଣି ଏଭଳି ଅଭିଯୋଗ କରିବା ମୋ ପ୍ରତି ଅନ୍ୟାୟ। ସବୁବେଳେ ଚୁପ୍ ରହିବା ମୋତେ କଷ୍ଟ ଦେଉଛି। ଯିଏ ଯେତେବେଳେ ପାରୁଛନ୍ତି ମୋ ନାମରେ ମିଥ୍ୟା ଅଭିଯୋଗ ଆଣି ଚର୍ଚ୍ଚା କରୁଛନ୍ତି। ଏନେଇ ମୁଁ ପ୍ରଯୋଜକଙ୍କ ସହ କଥା ହୋଇଥିଲି। ଏହା ତାଙ୍କ ପ୍ରଡକ୍ସନ ହାଉସ ପୋଷ୍ଟର ନୁହେଁ, ଅନ୍ୟକେହି ଏଭଳି କଦର୍ଯ୍ୟ କରି ଛାଡିଛନ୍ତି ବୋଲି ସେ ଜଣାଇଛନ୍ତି। କିନ୍ତୁ ଏହି ପୋଷ୍ଟର ପାଇଁ ମୋତେ ଦୋଷ ଦିଆ ନ ଯାଉ। ସିନେମା ପ୍ରମୋଶନରେ ପୋଷ୍ଟର ତିଆରି ହୁଏ। କିନ୍ତୁ ଯିଏବି ଏଭଳି କରିଛି ତାଙ୍କୁ ଧରାଯାଇ ପଦକ୍ଷେପ ନିଆଯାଉ। ମୋର କେହିଜଣେ ଫ୍ୟାନ୍ ମୋତେ ଏଭଳି ଫଟୋ ପଠାଇ ହ୍ୱାଟ୍‌ସଆପ୍ ଷ୍ଟାଟସ୍‌ରେ ରଖିବାକୁ କହିଥିଲେ। କିନ୍ତୁ ଏହାକୁ ନେଇ ଅଭିଯୋଗ ଉଠିଥିବା ଶୁଣି ତାହାକୁ ଷ୍ଟାଟସ୍‌ରୁ କାଟି ଦେଇଥିଲି ବୋଲି ପପୁ କହିଛନ୍ତି।

ମାତ୍ର ପପୁଙ୍କ ଏଭଳି ସଫେଇକୁ ଅଭିଯୋଗକାରିଣୀ ସାମାଜିକ କର୍ମୀ ଲିଙ୍କନ ସୁବୁଦ୍ଧି ସହଜରେ ଗ୍ରହଣ କରିନାହାନ୍ତି। ପପୁ ଜାରି କରିଥିବା ଭିଡିଓକୁ ନେଇ ସେ କହିଛନ୍ତି, ପପୁ ଓ ଫିଲ୍ମ ନିର୍ଦ୍ଦେଶକଙ୍କ କଥାରେ କୌଣସି ତାଳମେଳ ଖାଉନାହିଁ। ପପୁ ନାରୀଙ୍କୁ ସମ୍ମାନ ଦେବା କଥା କହୁଛନ୍ତି, କିନ୍ତୁ ସେ ଯେତେବେଳେ ଫଟୋ ଦେଖିଲେ ତାଙ୍କୁ କ'ଣ ଖରାପ ଲାଗିଲାନି। ସେ ତୁରନ୍ତ ହ୍ୱାଟ୍ସଆପ୍ ଷ୍ଟାଟସ୍‌ରେ କାହିଁକି ରଖିଥିଲେ। ଯୁବତୀଙ୍କୁ ଘୋଡା ଓ କୁକୁର ଭଳି ପୋଜ୍ କରି କିଭଳି କଲେଜରେ ଶୁଟିଂ କରାଯାଉଥିଲା। ପୁଣି ଫିଲ୍ମ 'ମିଷ୍ଟର କନ୍ହେୟା'ର 'ର' ଡିଜାଇନ୍‌କୁ ଜଣେ ସାଧାରଣ ଲୋକ କିଭଳି ପାଇବେ। ସିଦ୍ଧାର୍ଥ ଚଳଚ୍ଚିତ୍ରର ଲୋଗୋ, କେତେ ତମ ଚଳଚ୍ଚିତ୍ର ଓ ଷ୍ଟାର୍‌କାଷ୍ଟଙ୍କ ନାମ ମଧ୍ୟ ଉକ୍ତ ପୋଷ୍ଟରରେ ରହିଛି। ଜଣେ ବ୍ୟକ୍ତି ପୋଷ୍ଟର କରିଥିଲେ କିଭଳି ଏତେଗୁଡାଏ ତଥ୍ୟ ଜାଣିବ। ଏହାସହ ଫିଲ୍ମର ଅନ୍ୟ ଅଭିନେତାଙ୍କ ଫଟୋ କ'ଣ ପାଇଁ ଦିଆଯାଇନାହିଁ ବୋଲି ସେ ପ୍ରଶ୍ନ କହିଛନ୍ତି। କିଛିଦିନ ହେବ ସିର୍ଦ୍ଧାର୍ଥ ପ୍ରଡ଼କ୍ସନର ଅନେକ ଫିଲ୍ମ ଫ୍ଲପ୍ ହେବା ପରେ ଏବେ ପ୍ରମୋଶନ ପାଇଁ ଏଭଳି କରାଯାଇଛି। ପପୁ ଓ ପ୍ରଯୋଜକ ସଂସ୍ଥା ଜାଣିଶୁଣି ବିବାଦ ସୃଷ୍ଟି କରିଛନ୍ତି ବୋଲି ଲିଙ୍କନ କହିଛନ୍ତି।

ଏନେଇ ଡିସିପି ଅନୁପ କୁମାର ସାହୁ କହିଛନ୍ତି, ଘଟଣାର ତଦନ୍ତ ହେବ। ଅଭିଯୋଗ ପରେ ମହିଳା ଥାନାରେ ପ୍ରଯୋଜକ ସଂସ୍ଥା ନାମରେ ମାମଲା (ନଂ.୮୯/୧୯) ରୁଜୁ ହୋଇଛି। ପ୍ରଯୋଜକ ସଂସ୍ଥା, ଫିଲ୍ମ ନିର୍ଦ୍ଦେଶକ ଓ ଅଭିନେତା ପପୁ ପମ୍‌ପମ୍‌ଙ୍କୁ ନୋଟିସ କରି ପୋଷ୍ଟର ସଂକ୍ରାନ୍ତରେ ପଚରାଉଚରା କରାଯିବ। ପ୍ରମାଣ ଆଧାରରେ କାର୍ଯ୍ୟାନୁଷ୍ଠାନ ନିଆଯିବ।

## ହୀରାକୁଦ: ୭ ଗେଟ୍ ଖୋଲା

ସମ୍ବଲପୁର,୧୮।୮(ବ୍ୟୁରୋ)

ସମ୍ବଲପୁର ହୀରାକୁଦ ଡ୍ୟାମ୍‌ରେ ରବିବାର ରାତି ୧୦ଟା ସୁଦ୍ଧା ଜଳସ୍ତର ୬୨୦.୪୩ ଫୁଟ୍ ରହିଛି। ଡ୍ୟାମ୍‌କୁ ପ୍ରତି ସେକେଣ୍ଡରେ ୧ଲକ୍ଷ ୩୮ ହଜାର ୯୩୯ କ୍ୟୁସେକ ଜଳ ପ୍ରବେଶ କରୁଛି। ୭ଟି ସ୍ଲୁଇସ୍ ଗେଟ୍ ଖୋଲା ରହିଛି। ୭ଟି ସ୍ଲୁଇସ ଗେଟ୍‌ରେ ୧ଲକ୍ଷ ୯ହଜାର ୯୨୮କ୍ୟୁସେକ, ପାୱାର ଚ୍ୟାନେଲରେ ୧୪ ହଜାର ୪୧୭ କ୍ୟୁସେକ୍, ବିଭିନ୍ନ କେନାଲରେ ୩ହଜାର ୭୭ କ୍ୟୁସେକ ଓ ଶିଳ୍ପକୁ ୧୭୦ କ୍ୟୁସେକ ଜଳ ଛଡା ଯାଉଛି। ଡ୍ୟାମ୍ ତଳମୁଣ୍ଡ ବେଲଗାଁରେ ୨୭ ହଜାର, ପର୍ଥଲାରେ ୬୯.୪୭୩, ଖଇରମାଲରେ ୧ ଲକ୍ଷ ୯୪ ହଜାର, ମୁଣ୍ଡଳିରେ ୩ ଲକ୍ଷ ୩୭ ହଜାର ୧୩୬, ବାରମୂଳାରେ ୧ ଲକ୍ଷ ୯୨ ହଜାର ୧୨୫ କ୍ୟୁସେକ ଜଳ ପ୍ରବାହିତ ହେଉଛି। ଗତ ୨୪ ଘଣ୍ଟା ମଧ୍ୟରେ ବୁର୍ଲାରେ ୧.୨ ଓ ହୀରାକୁଦରେ ୧.୨ ମି.ମି. ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ମଧ୍ୟାହ୍ନ ୧୨ଟା ସୁଦ୍ଧା ୫ଟି ଗେଟ୍ ଦେଇ ଜଳ ନିଷ୍କାସିତ କରାଯାଉଥିଲା। କିନ୍ତୁ ଡ୍ୟାମ୍‌କୁ ଉପରମୁଣ୍ଡରୁ ଅଧିକ ବର୍ଷା ଜଳ ପ୍ରବେଶ କରୁଥିବାରୁ ଅପରାହ୍ନ ୧୨ଟା ୩୪ରେ କର୍ତ୍ତୃପକ୍ଷ ଆଉ ୨ଟି ସ୍ଲୁଇସ ଗେଟ୍ ଖୋଲିଥିଲେ। ତେଣୁ ମୋଟ ୭ଟି ସ୍ଲୁଇସ ଗେଟ୍ ଦେଇ ଜଳ ନିଷ୍କାସନ କରାଯାଉଛି।

## ବାପା ଠେଙ୍ଗାମାଡ଼ରେ ନାବାଳକ ପୁଅ ମୃତ

**କାଲିମେଲା,୧୮।୮(ଡି.ଏନ୍.ଏ.):** ମାଲକାନଗିରି ଜିଲା ପଡ଼ିଆ ଥାନା ଅନ୍ତର୍ଗତ ନିଲିଗୁଡା ପଞ୍ଚାୟତ ପୁରୁଣା ନିଲିଗୁଡା ଗ୍ରାମରେ ବାପାର ଠେଙ୍ଗା ମାଡ଼ରେ ନାବାଳକ ପୁଅର ମୃତ୍ୟୁ ଘଟିଛି। ମୃତକଙ୍କ ନାମ ଇମ୍ରା ମାଢ଼ି(୧୬)। ଶନିବାର ସନ୍ଧ୍ୟାରେ ମୁକା ମାଢି ତାଙ୍କ ପୁଅ ଇମ୍ରା ମାଢ଼ିଙ୍କୁ ଗାଈ ବାନ୍ଧିବାକୁ କହିବାରୁ ସେ ବାନ୍ଧି ନ ଥିଲେ। ଏହାକୁ ନେଇ ବାପ-ପୁଅଙ୍କ ମଧ୍ୟରେ ବଚସା ହୋଇଥିଲା। ମୁକା ରାଗରେ ପୁଅକୁ ଏକ ଶକ୍ତ ଚାପୁଡା ମାରିଥିଲେ। ଇମ୍ରା ମଧ୍ୟ ବାପାଙ୍କ ଉପରକୁ ହାତ ଉଠାଇ ଦେଇଥିଲେ। ପରେ ମୁକା ପୁଅଙ୍କୁ ଠେଙ୍ଗାରେ ମାଡ ମାରିବାରୁ ଇମ୍ରାଙ୍କ ମୃତ୍ୟୁ ଘଟିଥିଲା।

ସେହି ଜିନିଷ ସେହି କାମ, ଏବେ କିନ୍ତୁ ନୂଆ ନାମ
ଯାଦୁ, ପାଣିକଦ୍ଧା ଓ ଗୋଡ଼ଫଟା ପାଇଁ ବିଶେଷ ଫଳପ୍ରଦ
ହାଇପାୱାର
ସ୍କେବିରାଜ୍®
ମଲମ ଓ ଲୋଶନ
(ପ୍ରତ୍ୟେକ ଔଷଧ ଦୋକାନରେ ମିଳେ)



ନକଲି ପ୍ରତି ସାବଧାନ!
DIBYA SAI PHARMACY, CUTTACK-11, PH.-6372898038

# ହାସ୍ୟ ବିଦୂଷୀ ପଙ୍କଜିନୀ ଦାଶଙ୍କ ପରଲୋକ

ଢେଙ୍କାନାଳ ଅଫିସ, ୧୮।୮

ଆଉ ନାହାନ୍ତି ଓଡ଼ିଶାର ଖ୍ୟାତନାମା ହାସ୍ୟବିଦୂଷୀ ପଙ୍କଜିନୀ ଦାଶ। ଢେଙ୍କାନାଳ ସହର କୁଞ୍ଜକାନ୍ତ ଉତ୍ତର ମଧୁବନସ୍ଥିତ ବାସଭବନରେ ରବିବାର ତାଙ୍କର ପରଲୋକ ହୋଇଯାଇଛି। ତାଙ୍କୁ ୮୬ ବର୍ଷ ବୟସ ହୋଇଥିଲା। ଅନ୍ତିମ ସମୟରେ ତାଙ୍କ ନିକଟରେ ପରିବାର ଏବଂ ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ। ଏହି ଖବର ପ୍ରଚାରିତ ହେବାପରେ ବହୁ ମାନ୍ୟଗଣ୍ୟବ୍ୟକ୍ତି ପହଞ୍ଚି ଶେଷ ଦର୍ଶନ କରିଥିଲେ। କୁଞ୍ଜକାନ୍ତ ପୋଖରୀସ୍ଥିତ ଶ୍ମଶାନଘାଟରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି।

ଓଡ଼ାପଡ଼ା ବ୍ଲକ ଧଳପୁର ଗ୍ରାମରେ ଜନ୍ମିତ ପଙ୍କଜିନୀ ଥିଲେ ବହୁମୁଖୀ ପ୍ରତିଭାର ଅଧିକାରିଣୀ। ସାହିତ୍ୟକୁ ବାଦ୍‌ଦେଲେ ସଙ୍ଗୀତ ଏବଂ ସେବାମୂଳକ କାର୍ଯ୍ୟରେ ତାଙ୍କର ବେଶ୍ ରୁଚି ରହିଥିଲା। ୧୯୫୫ରେ ତାଙ୍କ ଦ୍ୱାରା ରଚିତ ପ୍ରଥମ କବିତା 'ପଦ୍ମଜା' ପ୍ରକାଶିତ ହୋଇଥିଲା। ୧୯୭୫ରୁ ତାଙ୍କର ଲେଖନୀ ଆହୁରି ତୀବ୍ର ହୋଇଥିଲା। ଗଳ୍ପ, କବିତା, ପ୍ରବନ୍ଧ, ଶିଶୁ ଗଳ୍ପ, କବିତା, ରମ୍ୟରଚନା ଭଳି ସାହିତ୍ୟର ବିଭିନ୍ନ ବିଭାଗରେ ସେ ନିଜର କଲମ ଚାଳନା କରି ପାରଦର୍ଶିତାର ପରିଚୟ ଦେଇଥିଲେ। ତାଙ୍କ ଦ୍ୱାରା ଲେଖାଯାଇଥିବା 'ଗୁଲାବୀ ଚିଠି' ଏବଂ 'ମୀମାଂସା' ଟେଲି ଫିଲ୍ମ ଭାବେ ଦିଲ୍ଲୀ ଦୂରଦର୍ଶନରେ ପ୍ରସାରିତ ହୋଇଥିଲା। ସାହିତ୍ୟ ପ୍ରତି ଗଭୀର ଭଲ ପାଇବାର ଫଳ ତାଙ୍କୁ ମିଳିଥିଲା ୧୯୮୮ରେ। ଏହି ବର୍ଷ ପଙ୍କଜିନୀଙ୍କୁ ସାହିତ୍ୟ ଏକାଡେମୀ ସମ୍ମାନରେ ସମ୍ମାନିତ କରାଯାଇଥିଲା। ସେହିପରି ସେ 'କାନ୍ତକବି' ପୁରସ୍କାର ମଧ୍ୟ ପାଇଛନ୍ତି। ଓଡ଼ିଶା, ବିଶାଖାପାଟଣା, କଲିକତା,



ପଙ୍କଜିନୀ ଦାଶ।

ମାଡ୍ରାସ, ବମ୍ବେର ଓଡ଼ିଆ ସମାଜ ଦ୍ୱାରା ସମ୍ମାନିତ ହୋଇଛନ୍ତି। ନିଜର ନିଆରା ପ୍ରତିଭା ପାଇଁ ତାଙ୍କୁ ସରସ ସାହିତ୍ୟ ସମିତି ପକ୍ଷରୁ 'ହାସ୍ୟବିଦୂଷୀ', ଆକାଶବାଣୀ ଧ୍ରୁବତାରା ପକ୍ଷରୁ 'ରଙ୍ଗବତୀ ରସକୁଇନ୍', ଇପିଟାଟା ଲେଡିଜ୍ କ୍ଲବ ପକ୍ଷରୁ 'ହାସ୍ୟ ସାମ୍ରାଜ୍ଞୀ', ଖୋର୍ଦ୍ଧା ଦରବାର ସାହିତ୍ୟ ସଂସଦ ପକ୍ଷରୁ 'ମହିଳାମଣି', 'ହାସ୍ୟ ଚମ୍ପାବତୀ' ଏବଂ ଗୋଳମାଳ ପତ୍ରିକା ପକ୍ଷରୁ 'ହାସ୍ୟ ଶ୍ରୀମତୀ' ଉପାଧିରେ ଭୂଷିତ କରାଯାଇଥିଲା। କେବଳ ଏତିକି ନୁହେଁ, ସେ ଢେଙ୍କାନାଳ ଜିଲାର ସର୍ବୋଚ୍ଚ 'ମହିମା ସମ୍ମାନ'ରେ ମଧ୍ୟ ସମ୍ମାନିତ ହୋଇଛନ୍ତି। ପଙ୍କଜିନୀ ଢେଙ୍କାନାଳର ଯୁବ ସାହିତ୍ୟ ଅନୁଷ୍ଠାନ ସନ୍ଧ୍ୟାତାରା ସାହିତ୍ୟ ସଂସଦ ସଭାନେତ୍ରୀ ଭାବେ ୨୯ ବର୍ଷ ଧରି ଦାୟିତ୍ୱରେ ଥିଲେ। ତାଙ୍କ ପରଲୋକରେ ସହରରେ ଶୋକର ଛାୟା ଖେଳିଯାଇଛି।

# ପାଟକୁରା ସଙ୍ଗଠନ ସଜାଡ଼ିବାକୁ ବୈଠକ

ଭୁବନେଶ୍ୱର,୧୮।୮(ବ୍ୟୁରୋ)

ପାଟକୁରା ବିଧାନସଭା ଆସନରେ ବିଜେଡି ପ୍ରାର୍ଥୀ ସାବିତ୍ରୀ ଅଗ୍ରୱାଲଙ୍କ ବିଜୟ ପରେ ଦ୍ୱିତୀୟ ଥର ଲାଗି ଦଳୀୟ ବୈଠକ ଅନୁଷ୍ଠିତ ହୋଇଛି। ପ୍ରଥମେ ନିର୍ବାଚନ ପରେ ନବୀନ ନିବାସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ବୈଠକ ହୋଇଥିଲା। ବିଜେଡି ରାଜ୍ୟ କାର୍ଯ୍ୟାଳୟଠାରେ ରବିବାର ଅନୁଷ୍ଠିତ ବୈଠକରେ ପାଟକୁରା ସଙ୍ଗଠନକୁ ସୁଦୃଢ଼ କରିବା ଏବଂ ବିକାଶ ଉପରେ ମୁଖ୍ୟତଃ ଅଧିକ ଗୁରୁତ୍ୱ ଦିଆଯାଇଛି। ନିର୍ବାଚନ ପରେ ବର୍ତ୍ତମାନ ଏହି ଆସନକୁ ନେଇ କ'ଣ ସବୁ ସମସ୍ୟା ରହିଛି ଏବଂ ସଙ୍ଗଠନରେ ଥିବା ଦୁର୍ବଳତା ସମ୍ପର୍କରେ ନେତାମାନେ ନିଜ ନିଜର ମତାମତ ରଖିଥିବା ଜଣାପଡିଛି। ମିଳିଥିବା ସୂଚନା ମୁତାବକ, ପାଟକୁରା ନିର୍ବାଚନରେ ବିଜେଡି ଓ ଭାଜପା ମଧ୍ୟରେ କଡ଼ା ଟକ୍କର ଦେଖିବାକୁ ମିଳିଥିଲା। ଏହି ଆସନକୁ ନିଜ ଅକ୍ତିଆରରେ ରଖିବା ପାଇଁ ବିଜେଡି ନିଜର ସମ୍ପୂର୍ଣ୍ଣ ବଳ ଲଗାଇଦେଇଥିଲା। ମାଳମାଳ ନେତା ପାଟକୁରାରେ ରହି ଦଳର ଭୋଟ ବଢ଼ାଇବାର ଦାୟିତ୍ୱ ନେଇଥିଲେ। ଏହି ନିର୍ବାଚନମଣ୍ଡଳୀର ଭୋଟ ଦୁଇରୁ ଚାରି ଭାଗରେ ପରିଣତ ହୋଇଥିଲା, ଯାହାକି ସେହି ସମୟରେ ଦାୟିତ୍ୱ ପାଇଥିବା ନେତାମାନଙ୍କ ଦ୍ୱାରା ସଜଡା ଯାଇ ବିଜେଡି ନିର୍ବାଚନ ଲଢ଼ିଥିଲା। ସେହିସବୁ ସମସ୍ୟାର ସମ୍ପୂର୍ଣ୍ଣ ସମାଧାନ କରିବା ପାଇଁ ସବୁ ନେତା ଏକାଠି ହୋଇଥିବା ବୈଠକରେ ଉପସ୍ଥିତ ଥିବା ଜଣେ ନେତା କହିଛନ୍ତି। ଅନ୍ୟପଟେ ପାଟକୁରା ନିର୍ବାଚନର ମୁଖ୍ୟ ଦାୟିତ୍ୱ ପାଇଥିବା ନେତାମାନେ ହିଁ ବୈଠକରେ ଉପସ୍ଥିତ ଥିଲେ।

ବରିଷ୍ଠ ନେତା ତଥା ମନ୍ତ୍ରୀ ପ୍ରଫୁଲ୍ଲ ମଲିକ କହିଛନ୍ତି, ପାଟକୁରା ନିର୍ବାଚନମଣ୍ଡଳୀର କର୍ମୀମାନଙ୍କୁ ନେଇ ବୈଠକ ହୋଇଛି। ନିର୍ବାଚନ ସମୟରେ କର୍ମୀମାନେ ଅଲଗା ଅଲଗା ହୋଇ ରହିଥିଲେ, ସେତେବେଳେ ସେମାନଙ୍କୁ ଏକାଠି କରାଯାଇଥିଲା। ଆଗକୁ ସମସ୍ତେ କିପରି ଏକାଠି ହୋଇ କାର୍ଯ୍ୟ କରିବେ ସେନେଇ ଆଲୋଚନା ହୋଇଛି ବୋଲି ପ୍ରଫୁଲ୍ଲ କହିଛନ୍ତି। ପ୍ରତାପ ଦେବ କହିଛନ୍ତି, ପାଟକୁରାରେ ବିକାଶମୂଳକ କାର୍ଯ୍ୟ କରିବା ନେଇ ଆଲୋଚନା ହୋଇଛି। ମୁଖ୍ୟମନ୍ତ୍ରୀ ନିର୍ବାଚନ ପୂର୍ବରୁ ଦେଇଥିବା ପ୍ରତିଶ୍ରୁତି ଠିକ୍ ଢଙ୍ଗରେ ପାଳନ କରିବା ଦିଗରେ ସମସ୍ତେ ମତ ରଖିଛନ୍ତି। ପାଟକୁରା ବିଧାୟିକାଙ୍କୁ କର୍ମୀମାନେ ବିରୋଧ କରିବା ଘଟଣାକୁ ସେ ଖଣ୍ଡନ କରିବା ସହିତ ଏହା ଅମୂଳକ ବୋଲି କହିଛନ୍ତି।

ସୂଚନାଯୋଗ୍ୟ ଯେ, ୨୦୧୯ ସାଧାରଣ ନିର୍ବାଚନ ସମୟରେ ପାଟକୁରା ପ୍ରାର୍ଥୀ ବେଦପ୍ରକାଶ ଅଗ୍ରୱାଲଙ୍କ ଦେହାନ୍ତ ଯୋଗୁ ସେଠାରେ ନିର୍ବାଚନ ଘୁଞ୍ଚିଥିଲା। ଏହି ଆସନରେ ବିଜେଡି ତାଙ୍କ ସ୍ତ୍ରୀ ସାବିତ୍ରୀ ଅଗ୍ରୱାଲଙ୍କୁ ପ୍ରାର୍ଥୀ କରିଥିଲା। ସାବିତ୍ରୀ ଅଗ୍ରୱାଲ ଭାଜପା ପ୍ରାର୍ଥୀ ବିଜୟ ମହାପାତ୍ରଙ୍କଠାରୁ ଜିତିଥିଲେ। ନିର୍ବାଚନର କିଛିଦିନ ପରେ ସିବିତ୍ରୀଙ୍କ ବିରୋଧରେ କେତେଜଣ ଦଳୀୟ କର୍ମୀ ନବୀନ ନିବାସରେ ଅଭିଯୋଗ କରିଥିବା ଚର୍ଚ୍ଚା ହୋଇଥିଲା। ରବିବାର ବୈଠକରେ ପ୍ରତାପ ଦେବ, ମନ୍ତ୍ରୀ ଅରୁଣ ସାହୁ, ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ମନ୍ତ୍ରୀ ପ୍ରଫୁଲ୍ଲ ମଲିକ, ପୂର୍ବତନ ମନ୍ତ୍ରୀ ସଞ୍ଜୟ ଦାସବର୍ମା, ଅତନୁ ସବ୍ୟସଚୀ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

ମନେ ପଡ଼ନ୍ତି

ଦ୍ୱାଦଶାହ ଉପଲକ୍ଷେ



ସ୍ୱର୍ଗତ ବିଜୟ କୁମାର ଦାଶ
ହାକିମପଡ଼ା, ଅନୁଗୋଳ
ଆବିର୍ଭାବ: ୦୨।୦୮।୧୯୬୩
ତିରୋଧାନ: ୦୮।୦୮।୨୦୧୯
ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ।
ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ।
ବାପା, ଆଜକୁ ୧୨ ଦିନ ହେଲା ଆମକୁ ଶୋକସାଗରରେ ଭସାଇ ଦେଇଗଲେଣି। କିନ୍ତୁ ପ୍ରତିଟି ମୁହୂର୍ତ୍ତରେ ତୁମେ ଆମ ସ୍ମୃତିରେ, ସ୍ୱପ୍ନରେ ଓ ହୃଦୟରେ ଘୁରିବୁଲୁଛ। ତୁମର ଅନାବିଳ ସ୍ନେହ, ଶ୍ରଦ୍ଧା, ତ୍ୟାଗ, କର୍ତ୍ତବ୍ୟ ନିଷ୍ଠା, ସହନଶୀଳତା, ସମ୍ମାନ ବୋଧ, ମମତାଭରା ଉପଦେଶ ଆମ ମଧ୍ୟରେ ଚିର ସ୍ମରଣୀୟ ହୋଇ ରହିବ।
ଶୋକସନ୍ତପ୍ତ:
ଦୁଇ କନ୍ୟା, ବନ୍ଧୁ ଓ ପରିବାରବର୍ଗ
ଧ-୧୩୯୬୦

ଦ୍ୱାଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତା ରାଜଲକ୍ଷ୍ମୀ ନାୟକ
ଡ଼ିହବାରୀ, ନିମାପଡ଼ା, ଜିଲ୍ଲା: ପୁରୀ
ଆବିର୍ଭାବ: ୩୦।୦୧।୧୯୪୩
ତିରୋଧାନ: ୦୮।୦୮।୨୦୧୯
ତୁମ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛୁ।
ଶୋକସନ୍ତପ୍ତ:
ପରିବାରବର୍ଗ ଓ ବନ୍ଧୁବାନ୍ଧବ।
ଧ-୬୭୦୪୨

ନୀରବ ରହିବା ଓ ନିଜର ଉଦ୍ଦେଶ୍ୟକୁ ପ୍ରକଟ ନ କରିବା ଗୋଟାଏ କଥା କିନ୍ତୁ ଉଦ୍ଦେଶ୍ୟ ନେଇ କିଛି କରିଥିବା ସ୍ଥଳେ- ମୁଁ ତାହା କରି ନାହିଁ ବୋଲି କହିବାଟା ନୀରବତା ନୁହେଁ- ଏହା ହିଁ ମିଥ୍ୟାଚାର। -ଶ୍ରୀମା



# ସଂଯମ ଜରୁରୀ

ନିକଟରେ ରାଜସ୍ଥାନର ପୋଖରାନ୍‌କୁ ଯାଇଥିବା ବେଳେ ଭାରତ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ କହିଥିଲେ ଯେ, ଆବଶ୍ୟକ ପଡ଼ିଲେ ଭାରତ ତା'ର ଆଣବିକ ନୀତିରେ ପରିବର୍ତ୍ତନ ଆଣିପାରେ। ଅର୍ଥାତ୍ 'ପ୍ରଥମେ ଆଣବିକ ଅସ୍ତ୍ର ପ୍ରୟୋଗ କରିବ ନାହିଁ' ବୋଲି ନୂଆଦିଲ୍ଲୀର ଯେଉଁ ନୀତି ରହିଥିଲା, ତାହା ପରିସ୍ଥିତିରେ ପଡ଼ିଲେ ବଦଳି ଯାଇପାରେ। ଭାରତର ଆଣବିକ ନୀତି ପ୍ରତ୍ୟାକ୍ରମଣମୂଳକ ରହିଆସିଛି। ଯେତେବେଳେ ଭାରତ ଉପରେ ଆକ୍ରମଣ ହେବ, ତାହା ହେଲେ ନୂଆଦିଲ୍ଲୀ ଆଣବିକ ଅସ୍ତ୍ର ବ୍ୟବହାର କରିବ। ମନେପକାଇ ଦିଆଯାଇପାରେ ଯେ, ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ ପୋଖରାନ୍ ପରମାଣୁ ପରୀକ୍ଷଣ ପରେ ଭାରତକୁ ଏକ ଆଣବିକ ଶକ୍ତିଶାଳୀ ରାଷ୍ଟ୍ର ଭାବେ ଦେଖିବାକୁ ଚାହିଁଥିଲେ। ଏଥିସହିତ ସେ କହିଥିଲେ ଯେ, ପ୍ରଥମେ ଏହାର ବ୍ୟବହାର ନ କରିବା ଉପରେ ଭାରତ ପ୍ରତିଶ୍ରୁତିବଦ୍ଧ। ଏହି ତତ୍ତ୍ୱକୁ ଦେଖିଲେ ଭାରତ ଯଥାସମ୍ଭବ ସଂଯମ ରକ୍ଷା କରିବା କଥା। କାରଣ ଏବେକା ପରିସ୍ଥିତିରେ ଉତ୍ତର କୋରିଆକୁ ବାଦ୍ ଦେଲେ ବିଶ୍ୱର ଅନ୍ୟସବୁ ଶକ୍ତିଶାଳୀ ରାଷ୍ଟ୍ର ଆଣବିକ ଚୁକ୍ତିରେ ବଦ୍ଧପରିକର। ଏଭଳିସ୍ଥଳେ ପ୍ରତିରକ୍ଷା ମନ୍ତ୍ରୀ ଆଣବିକ ନୀତି ବାହାରକୁ ଯାଇ ଏଭଳି ମନ୍ତବ୍ୟ ଦେଇଥିବାରୁ ଏହାକୁ ନେଇ ବିତର୍କ ହେଲାଣି।

ସମ୍ବିଧାନରୁ ଅନୁଚ୍ଛେଦ ୩୭୦ ଉଚ୍ଛେଦ ପରେ କଶ୍ମୀର ପ୍ରସଙ୍ଗରେ ପାକିସ୍ତାନ ଉତ୍‌କ୍ଷିପ୍ତ ହୋଇ ରହିଛି। ଜାତିସଂଘ ହସ୍ତକ୍ଷେପ ଲୋଡ଼ିବା ସହ ଅନ୍ୟାନ୍ୟ ରାଷ୍ଟ୍ରର ମଧ୍ୟ ସହଯୋଗ କାମନା କରିଛି। ଏପରି କି ଏହି ଘଟଣାକୁ ନେଇ ଭାରତ ସହ ଯୁଦ୍ଧ କରିବାକୁ ପାକିସ୍ତାନ ପ୍ରସ୍ତୁତ ବୋଲି ଏହାର ଏକାଧିକ ନେତା କହିଲେଣି। ଏସବୁ ସତ୍ତ୍ୱେ ପାକିସ୍ତାନକୁ କେତେକାଂଶରେ ଚାଇନା ବ୍ୟତୀତ ଅନ୍ୟ କାହାର ସହଯୋଗ ମିଳିପାରି ନାହିଁ। କହିବାକୁ ଗଲେ ପାକିସ୍ତାନ ଏକଘରିଆ ହୋଇଗଲାଣି। ଏଭଳି ସ୍ଥଳେ ପ୍ରତିରକ୍ଷା ମନ୍ତ୍ରୀଙ୍କ ମନ୍ତବ୍ୟ ଭାରତର ଆଣବିକ ନୀତିକୁ ଦୁର୍ବଳ କରିଦେଇଛି। କଶ୍ମୀର ପ୍ରସଙ୍ଗରେ ଆମେରିକା ସହ ଅନ୍ୟସବୁ ରାଷ୍ଟ୍ର ନୀରବତା ଅବଲମ୍ବନ କରୁଥିବା ବେଳେ ଭାରତ ପ୍ରତିରକ୍ଷା ମନ୍ତ୍ରୀଙ୍କ ମୁହଁରୁ ଆଣବିକ ଅସ୍ତ୍ର ପ୍ରୟୋଗ ନେଇ ବିବୃତି ଅଡୁଆ ପରିସ୍ଥିତି ସୃଷ୍ଟି କରିପାରେ।

ପାକିସ୍ତାନ ଆତଙ୍କବାଦୀଙ୍କୁ ପ୍ରୋତ୍ସାହନ ଦେଉଥିବା ବିଷୟ ବିଶ୍ୱବ୍ୟାପୀ ଜଣାଶୁଣା। ଗୁରୁତର ଆର୍ଥିକ ସଙ୍କଟ ଦେଇ ଗତି କରୁଥିଲେ ମଧ୍ୟ ଏହି ଦେଶ ଯୁଦ୍ଧ କରିବା ନେଇ ବାହୁସ୍ଫୋଟ ମାରୁଛି। ନିକଟରେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ ଆମେରିକା ଯାଇ ସେଠାକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଭେଟି ଉଭୟ ଆର୍ଥିକ ଓ ସାମରିକ ସାହାଯ୍ୟ ମାଗିଥିଲେ। ହେଲେ ୧୭ ଅଗଷ୍ଟରେ ଆମେରିକା ପାକିସ୍ତାନକୁ ଯୋଗାଉଥିବା ଆର୍ଥିକ ସହାୟତାରୁ ୪୪୦ ନିୟୁତ ଡଲାର ହ୍ରାସ କରିଛି। ଉଲ୍ଲେଖଯୋଗ୍ୟ, ଏହି ସହାୟତା ପରିମାଣ ୪.୫ ବିଲିୟନ ଡଲାର ଥିଲା। ଏଥିରୁ ବୁଝିବାକୁ ହେବ ଯେ, ପାକିସ୍ତାନକୁ ପୂର୍ବରୁ ଆମେରିକା ଭଳି ରାଷ୍ଟ୍ର ଯେଭଳି ସହଯୋଗ କରୁଥିଲା ତାହା ଆଉ ଦେଖିବାକୁ ମିଳିବ ନାହିଁ। କାରଣ ଆତଙ୍କବାଦ ହ୍ରାସ କରିବା ଦିଗରେ ପାକିସ୍ତାନ ସେଭଳି ପଦକ୍ଷେପ ନେଇନାହିଁ। ଏଠାରେ ଅନ୍ୟ ଏକ ଦିଗକୁ ଦେଖିଲେ ଆମେରିକା ଏବଂ ଉତ୍ତର କୋରିଆର କୂଟନୀତି ଆଣବିକ ପ୍ରସଙ୍ଗକୁ ନେଇ କେନ୍ଦ୍ରିତ। ଉତ୍ତର କୋରିଆ ନିଜର ଶକ୍ତି ପ୍ରଦର୍ଶନ କରିବା ଲାଗି ଆଣବିକ ପରୀକ୍ଷଣ କରୁଛି। ସେଥିପାଇଁ ତାହାକୁ ବିଶ୍ୱରୁ ଏକଘରିଆ ହେବାକୁ ପଡ଼ିଲାଣି। ଡୋନାଲ୍ଡ ଟ୍ରମ୍ପଙ୍କ ଉତ୍ତର କୋରିଆ ପ୍ରତି 'କଠୋର ଓ ନରମ' ନୀତି ଆଣବିକ କାର୍ଯ୍ୟକୁ ନିୟନ୍ତ୍ରଣ ମଧ୍ୟରେ ରଖିବା ଲାଗି ଉଦ୍ଦିଷ୍ଟ। ଏପରି କି ଟ୍ରମ୍ପ୍ ନିକଟ ଅତୀତରେ ଉତ୍ତର କୋରିଆରେ ପାଦ ରଖି ଆମେରିକା ରାଷ୍ଟ୍ରପତି ଭାବେ ଇତିହାସ ସୃଷ୍ଟି କରିଥିଲେ। ଏଥିରୁ ବୁଝିହେଉଛି ଯେ, ବିଶ୍ୱର ସବୁ ଶକ୍ତିଶାଳୀ ରାଷ୍ଟ୍ର ଆଣବିକ ଶକ୍ତିର କୁପ୍ରଭାବ ବିଷୟରେ ଚିନ୍ତିତ। ଏପରିସ୍ଥଳେ ଭାରତର ପ୍ରତିରକ୍ଷା ମନ୍ତ୍ରୀ ଏହାକୁ ନେଇ ହାଲୁକା ମନ୍ତବ୍ୟ ଦେବା କୌଣସି ଦୃଷ୍ଟିରୁ ଉଚିତ ନୁହେଁ।

ଦେଖିବାକୁ ଗଲେ, ପାକିସ୍ତାନ ଆତଙ୍କବାଦ ଓ ଉଗ୍ରବାଦ ଦ୍ୱାରା କବଳିତ। ନିଜ ନାଗରିକଙ୍କ ସୁରକ୍ଷାର ଚିନ୍ତା ରାଜନୈତିକ ନେତୃତ୍ୱର ଥିଲା ଭଳି ମନେ ହେଉନାହିଁ। ଯେହେତୁ ସେହି ଦେଶ ଆତଙ୍କବାଦ ଆଡ଼କୁ ଢଳିଆସିଛି, ଗୁଜରାଟର ଅହମ୍ମଦାବାଦ କିମ୍ବା ବରୋଦା ଉପରକୁ କ୍ଷେପଣାସ୍ତ୍ର ମାଡ଼ କରିବା ତା' ପାଇଁ ସହଜ ଲାଗିପାରେ। ପୁଲ୍‌ୱାମା ଆତଙ୍କବାଦୀ ଆକ୍ରମଣ ଓ ପରବର୍ତ୍ତୀ ପରିସ୍ଥିତି ପରେ ପାକିସ୍ତାନର ସାମରିକ ମୁଖ୍ୟ ଓ ଅନ୍ୟ ରାଜନୈତିକ ନେତାମାନେ ଆଣବିକ ଅସ୍ତ୍ର ବ୍ୟବହାର କରିବାକୁ ପାକିସ୍ତାନ ପଛାଇବ ନାହିଁ ବୋଲି କହିଥିଲେ। ଅବଶ୍ୟ ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ ଏ ସମ୍ପର୍କରେ ନିଜର ସଂଯମ ରକ୍ଷା କରିଆସିଛନ୍ତି।

ଅନୁଚ୍ଛେଦ ୩୭୦ ଉଚ୍ଛେଦ ପରେ ଭାରତ ସପକ୍ଷରେ ବିଶ୍ୱର ସମର୍ଥନ ରହିଥିବା ହୃଦ୍‌ବୋଧ ହେଉଛି। କ୍ଷମତାଶାଳୀ ରାଷ୍ଟ୍ରଗୁଡ଼ିକ କଶ୍ମୀର ପ୍ରସଙ୍ଗରେ ଭାରତର ପଦକ୍ଷେପକୁ ଆଭ୍ୟନ୍ତରୀଣ ବ୍ୟାପାର ବୋଲି ଅଭିହିତ କରିଛନ୍ତି। ଯେତେବେଳେ ଭାରତର କୂଟନୀତି ସକାରାତ୍ମକ ଆଡ଼କୁ ମୁହାଁଇଛି, ସେହି ସମୟରେ ପ୍ରତିରକ୍ଷା ମନ୍ତ୍ରୀ ଆଣବିକ ନୀତିରେ ପରିବର୍ତ୍ତନ ଅଣାଯାଇପାରେ ବୋଲି ମନ୍ତବ୍ୟ ଦେବା ଭାରତୀୟ କୂଟନୀତିକୁ ଦୁର୍ବଳ କରୁଛି। ଏହି ପରିପ୍ରେକ୍ଷୀରେ ଭାରତ ଏକ ପାକଳ ବା ପୂର୍ଣ୍ଣ ବିକଶିତ ଭାବମୂର୍ତ୍ତି ସୃଷ୍ଟି କରିବା କଥା। ସଂଯମ ରକ୍ଷା କଲେ ଏହା ବିଶ୍ୱ ସମୁଦାୟ ଦ୍ୱାରା ଅଧିକ ଗ୍ରହଣୀୟ ହୋଇପାରିବ।

## ୨୫ ବର୍ଷ ତଳର ଧରିତ୍ରୀ

୧୯ ଅଗଷ୍ଟ ୧୯୯୪

- ଭାରତ-ଲାଓସ ମଧ୍ୟରେ ଏକ ସାଂସ୍କୃତିକ ରାଜିନାମା ସ୍ୱାକ୍ଷରିତ।
- ଦସ୍ୟୁବୃତ୍ତି ଛାଡ଼ି ସାଧାରଣ ଜୀବନକୁ ଫେରିଥିବା ଚମ୍ବଲ ରାଣୀ ଫୁଲନଦେବୀ ତାଙ୍କ ଜୀବନୀ ଉପରେ ପ୍ରସ୍ତୁତ ଚଳଚ୍ଚିତ୍ର ପ୍ରଦର୍ଶନକୁ ବିରୋଧ କରିଛନ୍ତି।

## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | 7 | | D | | | 8 | | | | | | | | |
| | | | | 3 | | 9 | | D | 0 | | | 8 | A | |
| | 1 | 0 | | 8 | 7 | | | | | | | | | |
| | E | B | | 2 | | | | | | D | A | 3 | | |
| C | D | | | | | | 2 | A | | B | | E | | 1 |
| E | | | 4 | | | | | | | 3 | | C | | |
| | | 4 | | | | | | | | | 6 | B | | A |
| | 6 | 5 | A | 0 | | | | | | | B | | | 7 |
| | 2 | | | | B | | 0 | | | 7 | 9 | 6 | | |
| | B | A | 7 | E | | D | | 3 | | 0 | 8 | | 5 | 9 |
| | A | | | | | | | | | | | | | |
| 6 | | E | 0 | 4 | 1 | | | | 5 | | | | 9 | |
| | | 3 | | | | E | | | | 2 | D | | 8 | |
| | | 7 | C | 5 | | | | B | | | | | 2 | |
| | 4 | | | B | 9 | | | | C | | | D | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| E | 8 | 1 | 2 | 7 | C | B | 9 | 6 | 4 | D | 3 | 0 | A | 5 |
| B | 5 | C | 9 | 6 | 1 | A | 4 | D | 0 | E | 2 | 7 | 3 | 8 |
| 4 | A | 7 | B | 0 | D | 3 | 5 | E | C | 8 | 1 | 6 | 2 | 9 |
| 9 | D | 0 | E | A | 3 | 7 | 8 | 2 | 5 | 6 | B | C | 1 | 4 |
| 3 | 6 | 2 | 8 | 4 | 5 | 0 | C | 1 | 9 | A | 7 | E | D | B |
| 8 | B | 3 | 1 | 9 | 6 | E | 7 | A | 2 | 4 | C | D | 5 | 0 |
| 7 | 0 | 4 | A | D | B | 5 | 2 | 9 | E | 3 | 8 | 1 | 6 | C |
| 2 | E | D | 3 | C | 0 | 6 | B | 4 | 7 | 1 | 5 | 9 | 8 | A |
| 6 | 1 | 9 | 5 | E | 4 | 8 | D | C | A | B | 0 | 3 | 7 | 2 |
| A | C | 5 | 7 | 2 | 8 | 1 | 3 | 0 | D | 9 | 6 | B | 4 | E |
| 1 | 7 | 6 | 4 | 8 | 9 | D | A | 5 | B | C | E | 2 | 0 | 3 |
| C | 2 | A | 6 | 3 | 7 | 9 | 0 | B | 8 | 5 | D | 4 | E | 1 |
| 5 | 4 | 8 | 0 | B | E | 2 | 1 | 3 | 6 | 7 | 9 | A | C | D |
| 0 | 3 | B | D | 5 | A | C | E | 7 | 1 | 2 | 4 | 8 | 9 | 6 |
| D | 9 | E | C | 1 | 2 | 4 | 6 | 8 | 3 | 0 | A | 5 | B | 7 |

ଗତକାଲିର ଉତ୍ତର



ଚିତ୍ର-ଚରିତ୍ର

ନିରଞ୍ଜନ ପାଢ଼ୀ

# ମଣିମା ଓ ମଣିଷ

ଗଣତନ୍ତ୍ରର ଗରିମା ମଧ୍ୟରେ ରାଜତନ୍ତ୍ର ବିଲୟ ଲଭିବାର ଇତିହାସ ପୁରୁଣା ହୋଇଗଲାଣି। ଜନତନ୍ତ୍ରର ଜୟଧ୍ୱନି ମଧ୍ୟରେ କେବେଠୁଁ ନିଃଶବ୍ଦ ହୋଇଗଲାଣି ମଣିମା ବୋଲି ଏକ ରାଜକୀୟ ଉଚ୍ଚାରଣ। ଜରିଲଗା ଝଲମଲ ରାଜପୋଷାକ ପିନ୍ଧି, ସିଂହାସନରେ ବସି ମଣିମା ବୋଲାଉଥିବା ରାଜା ମହାରାଜାମାନେ କେବଳ ଯାହା ଏବେ ଦେଖା ମିଳୁଛନ୍ତି ଯାତ୍ରା ପାର୍ଟିରେ ଅବା ଟିଭି ପରଦାରେ। ମାତ୍ର ବିଡମ୍ବନାର ବିଷୟ, ଜନମାନସରେ ବିସ୍ମୃତ ହୋଇଥିବା ମଣିମା ଭଳି ସମ୍ଭ୍ରାନ୍ତ ଶବ୍ଦଟିଏ ତଥାପି ତିଷ୍ଠି ରହିଛି ନିଜକୁ ନିଆରା ବିଚାରୁଥିବା କେଇଜଣ ମହଙ୍ଗା ମଣିଷଙ୍କ ସାମନ୍ତବାଦୀ ମାନସିକତାରେ। ଅତୀତରେ ରାଜବଂଶର ଦାୟାଦଟିଏ ରାଜପୁରରେ ଜନ୍ମ ହେଲା ମାତ୍ରେ ମଣିଷ ଭାବେ କମ୍, ଭବିଷ୍ୟତର ମଣିମା ଭାବେ ବେଶି ସ୍ୱୀକୃତ ହେଉଥିଲେ। ନିଜ ଲଲାଟରେ ଅଦୃଶ୍ୟ ଭାବେ ଅଙ୍କିତ ମଣିମାର ମୋହରକୁ ନେଇ ରାଜକୀୟ ଔଜ୍ଜ୍ୱଲ୍ୟ ମଧ୍ୟରେ ଲାଳିତ ହେଉଥିଲା ସେମାନଙ୍କ ସୁକୁମାର ଶୈଶବ। ସେମାନଙ୍କ ଓଠର ହସରେ ସାରା ରାଜ୍ୟର ସୁଖ ସମୃଦ୍ଧି ପ୍ରତିଫଳିତ ହେଉଥିଲା ତ ଆଖିର ଲୁହରେ ଝରି ପଡୁଥିଲା ରାଇଜଯାକର ଦୁଃଖ। ଏମିତି ଏକ ସବୁଜ ଶୈଶବ ଯେତେବେଳେ ଦୀପ୍ତିମୟ ଯୌବନରେ ରୂପାନ୍ତରିତ ହେଉଥିଲା, ସେତେବେଳେ ବ୍ରାହ୍ମଣର ବେଦପାଠ ଓ ଶୁଭ ଶଙ୍ଖନାଦ ମଧ୍ୟରେ ଅଭିଷିକ୍ତ ହେଉଥିଲେ ରାଜକୁମାର, ଆସନ୍ତାକାଲିର ମଣିମା!

କାଳକ୍ରମେ ପୁରୁଣା ରାଜାଙ୍କ ଅବସର ପରେ ସିଂହାସନରେ ବସୁଥିଲେ ନୂଆ ରାଜା। ରାଜ ପରମ୍ପରାର ନବକଳେବର ମଧ୍ୟରେ ପ୍ରଜାମାନେ କିନ୍ତୁ ଯେଉଁଠି ଥିଲେ, ସେଇଠି ରହୁଥିଲେ। ମଣିମାଙ୍କ ନଅରଠାରୁ ସେମାନଙ୍କ ଦୁନିଆର ଦୂରତ୍ୱ କିଛି କମିଯାଉ ନ ଥିଲା। ଦରବାରୀ ସାମନ୍ତଙ୍କ ସ୍ତୁତିଗାନ, ରାଜନର୍ତ୍ତକୀର ଘୁଙ୍ଗୁର ଧ୍ୱନି ଓ ଲାସ୍ୟମୟୀ ଲଳନାଙ୍କ ଯାଦୁକରୀ ଆମନ୍ତ୍ରଣରୁ ମୁକ୍ତ ରହି ଦୁଃଖୀ ପ୍ରଜାଙ୍କର ଦୁଃଖ ମୋଚନ ପାଇଁ ରାଜାଙ୍କର ସମୟ ନ ଥିଲା। ନିଜ ଗୁହାରି ଜଣାଇବାକୁ ଦୂରଦୂରାନ୍ତରୁ ଆସି ଦିନ ଦିନ ଧରି ରାଜଧାନୀରେ ଅପେକ୍ଷା କରୁଥିବା ପ୍ରଜାମାନେ ରାଜାଙ୍କ ସାମାନ୍ୟ ଦର୍ଶନରୁ ମଧ୍ୟ ବଞ୍ଚିତ ହେଉଥିଲେ ଓ ଫେରି ଯାଉଥିଲେ ହୃଦୟରେ ପୁଳାଏ ଅସନ୍ତୋଷ ଭରି, ନିଜ ଅସହାୟତାକୁ ପ୍ରଚଣ୍ଡ ଅଭିଶାପ ଦେଇ।

ଏବେ କିନ୍ତୁ ସମୟ ବଦଳିଛି। ରାଜତନ୍ତ୍ର ବିରୋଧରେ ପୁଞ୍ଜୀଭୂତ ଜନ ଅସନ୍ତୋଷର ବିସ୍ଫୋରଣରେ ଧ୍ୱଂସ ପାଇଛି ସ୍ୱେଚ୍ଛାଚାରୀ ସାମନ୍ତବାଦ। ରାଜତନ୍ତ୍ରର ଧ୍ୱଂସସ୍ତୂପ ମଧ୍ୟରୁ ଗଢ଼ିଉଠିଛି ଜନକଲ୍ୟାଣକାରୀ ପ୍ରଜାତନ୍ତ୍ର। ପ୍ରତିଧ୍ୱନିତ ହେଉଛି ବଳିଷ୍ଠ ବିଶ୍ୱାସର ଏକ ଆତ୍ମିକ ଉଚ୍ଚାରଣ- ମୋର, ମୋ ପାଇଁ ଓ ମୋ ଦ୍ୱାରା। ରାଜରାଜୁଡା ଶାସନର କଳଙ୍କିତ କାହାଣୀ ପଢୁଥିବା ସାଧାରଣ ଲୋକଟିଏ ନିଜକୁ ନିଜେ ବୁଝାଉଛି, ରାଜା ଓ ପ୍ରଜା ମଧ୍ୟରେ ଦୁର୍ଲଂଘ୍ୟ ଦୂରତା ଏବେ ଦୂରୀଭୂତ। ମଣିମା ଓ ମଣିଷ ଭିତରେ ପାର୍ଥକ୍ୟ ଏବେ ସଂକୁଚିତ। ମୁଁ ଏବେ ମୁକ୍ତ, ମୁକ୍ତ ମୋର ଜଗତ, ଯେଉଁଠି କେହି ମଣିମା ନାହାନ୍ତି, ଚାରିଆଡେ କେବଳ ମଣିଷ ହିଁ ମଣିଷ।

ଅଥଚ ପ୍ରକୃତ ସତ୍ୟ ଏମିତି ଏକ ସ୍ୱପ୍ନର କେତେ ନିକଟବର୍ତ୍ତୀ ତାହା ଆମ ଭଳି ମଣିଷ ସମସ୍ତେ ଜାଣନ୍ତି। ଗଣତନ୍ତ୍ରର ବାସନାରେ ବିମୋହିତ ଓ ଏହାର ଗରିମାରେ ଗୌରବାନ୍ୱିତ ସାଧାରଣ ମଣିଷଟିର ମୋହଭଙ୍ଗ ସେଦିନରୁ ଘଟି ସାରିଲାଣି, ଯେଉଁଦିନରୁ ସେ ସେକାଳର ରାଜା ଓ ଏକାଳର ରାଜାଙ୍କ ମଧ୍ୟରେ କିଛି ବି ଫରକ ନାହିଁ ବୋଲି ବୁଝିସାରିଲାଣି। ଏବେ ନିର୍ବାଚନ ସରି ଆମ ରାଜ୍ୟରେ ନୂଆ ସରକାର ପ୍ରତିଷ୍ଠା ହେବା ତିନିମାସ ବି ପୂରିନାହିଁ, ଅଥଚ କେଇବର୍ଷ ମନ୍ତ୍ରୀ ଥାଇ ପୁଣି ଏବେ ମନ୍ତ୍ରୀ ହୋଇଥିବା ଜଣେ ଗଣତନ୍ତ୍ରର ଧ୍ୱଜାଧାରୀଙ୍କ ଆଚରଣରେ ଯେଉଁ ମଣିମାତ୍ୱ ଫୁଟି ଉଠିଲା, ତାକୁ ଦେଖି କିଏ ବା କହନ୍ତେ ଯେ ରାଜତନ୍ତ୍ର ତୁଳନାରେ ଗଣତନ୍ତ୍ର ଏକ ବାଞ୍ଛିତ ବରଦାନ!

ନିଜ ବୃତ୍ତିରୁ ଅବସର ନେଇ ଗାଁରେ ରହୁଥିବା ଜଣେ ବୃଦ୍ଧ ନିଜ ଅଞ୍ଚଳରେ ଏକ କଲ୍ୟାଣକାରୀ ଯୋଜନା କାର୍ଯ୍ୟକାରୀ କରିବା ନିମନ୍ତେ ମନ୍ତ୍ରୀଙ୍କ ସହଯୋଗ ପାଇଁ ଆସିଥିଲେ ରାଜଧାନୀ। ସାଙ୍ଗରେ ଥିଲେ ଅନ୍ୟ ଦୁଇଜଣ ସମବୟସ୍କ ସହଯୋଗୀ। ମନ୍ତ୍ରୀଙ୍କ ସହ ତାଙ୍କର ପରିଚୟ ସେତେ ଘନିଷ୍ଠ ନ ଥିଲେ ବି ସେ ତାଙ୍କର ଅଜଣା ନ ଥିଲେ। ମନ୍ତ୍ରିତ୍ୱର ମୁକୁଟ ପିନ୍ଧିବା ପୂର୍ବରୁ ନିର୍ବାଚନ ସମୟରେ ନେତା ମହୋଦୟ ତାଙ୍କ ଘରେ ପଖାଳ ଶାଗଭଜା ଖାଇଥିଲେ ଓ ତାଙ୍କ ଲଙ୍ଗଳା ନାତିକୁ କୋଳକୁ ନେଇ ଗେଲ କରିଥିଲେ। ସୁତରାଂ ମାତ୍ର ତିନିମାସ ପୂର୍ବର ଏ ଅନ୍ତରଙ୍ଗତା ଉପରେ ଭରସା କରି ମନ୍ତ୍ରୀଙ୍କ ସହଯୋଗ ସୁଲଭ ହେବ ବୋଲି ବୃଦ୍ଧ ବିଶ୍ୱାସ କରିଥିଲେ। ନିଜର କୌଣସି ବ୍ୟକ୍ତିଗତ ସ୍ୱାର୍ଥ ନ ଥାଇ ନିଜ ଗାଁର ସାମୂହିକ କଲ୍ୟାଣ ପାଇଁ ମନ୍ତ୍ରୀଙ୍କ ସାହାଯ୍ୟ ଲୋଡୁଥିବାରୁ ଏହା ଲାଭ କରିବା ଦିଗରେ ସେ ଥିଲେ ଯଥେଷ୍ଟ ଆଶାବାଦୀ।

ଅବଶ୍ୟ ଏହା ପୂର୍ବରୁ ନିଜ ଅଞ୍ଚଳରେ ମନ୍ତ୍ରୀଙ୍କ ସମ୍ବର୍ଦ୍ଧନା ସଭାରେ ସେ ତାଙ୍କୁ ଭେଟିବାକୁ ଉଦ୍ୟମ କରି ବିଫଳ ହୋଇଥିଲେ। ରାଜଧାନୀରେ ମନ୍ତ୍ରୀ ନିବାସରେ ପହଞ୍ଚି ପ୍ରାୟ ଘଣ୍ଟାଏ ଅପେକ୍ଷା କଲାପରେ ମନ୍ତ୍ରୀଙ୍କର ଦେଖା ମିଳିଲା। ତାଙ୍କୁ ନମସ୍କାର କରି କିଛି କହିବା ପୂର୍ବରୁ ମନ୍ତ୍ରୀ କାର୍‌ରେ ବସି ଗସ୍ତରେ ବାହାରିଗଲେ। ଜଣେ ବୟସ୍କ ଗୁରୁଜନଙ୍କ ନମସ୍କାରର ପ୍ରତିନମସ୍କାର ବା ପୂର୍ବପରିଚୟର ସନ୍ତକ ସ୍ୱରୂପ ଛୋଟ ହସଟିଏ ମଧ୍ୟ ତାଙ୍କ ପାଇଁ ମହଙ୍ଗା ହୋଇପଡ଼ିଲା। ବିଷଣ୍ଣଚିତ୍ତ ବୃଦ୍ଧଙ୍କୁ କୁହାଗଲା ମନ୍ତ୍ରୀ ରାତିରେ ଫେରିବେ ଏବଂ ପରଦିନ ସକାଳେ ତାଙ୍କ ସହ ସାକ୍ଷାତ୍ ସମ୍ଭବ ହୋଇପାରେ। ଦୁଇ ସହଯୋଗୀଙ୍କ ସହ ସେଦିନ ରାତିରେ ରାଜଧାନୀରେ ରହିଲାବେଳେ ବୃଦ୍ଧ ଅତୀତର ଅନ୍ଧାରି ଗର୍ଭରେ ଉଜ୍ଜ୍ୱଳ ବର୍ତ୍ତମାନଟିର ସ୍ୱରୂପକୁ ପ୍ରତ୍ୟକ୍ଷ କରୁଥିଲେ। କଳା ଅତୀତଟି ଏବେ ଧଳା ଦିଶିଲାଣି। ଗାଁ ଭୂଇଁର ପଖାଳ ଶାଗଭଜା ପଟପରିବର୍ତ୍ତନ କରି ରାଜଧାନୀରେ ଚିଙ୍ଗୁଡି ଚିକେନର ରୂପ ନେଲାଣି। ଚାଳଘର ଚଟାଣର ମସିଣା ବିଛଣା ରୂପାନ୍ତରିତ ହେଲାଣି ଏୟାର କଣ୍ଡିଶନ୍ଡ କକ୍ଷର ବହଳ କୁଶନ ଶଯ୍ୟାରେ। ଘରକୁଘର ବୁଲି ଭୋଟ ଭିକ୍ଷା କରୁଥିବା ନେତା ଏବେ ମନ୍ତ୍ରୀ ହେଲେଣି। ସାଧାରଣ ମଣିଷଟିଏ ବେଶ ବଦଳାଇ ମଣିମା ବନିଲେଣି!

ପରଦିନ ପ୍ରଭାତରେ ମନ୍ତ୍ରୀଙ୍କ ସହ ସାକ୍ଷାତ୍ ହେଲା। ମନ୍ତ୍ରୀ ଚିହ୍ନିଲେ ନାହିଁ କି ବୃଦ୍ଧ ଚିହ୍ନା ଦେଲେନାହିଁ। ତାଙ୍କ ଦରଖାସ୍ତ ଉପରେ ଥରେ ଆଖି ବୁଲାଇ ଦସ୍ତଖତଟିଏ ଦେଇ ବିଭାଗୀୟ ଅଧିକାରୀଙ୍କ ନିକଟକୁ ପଠାଇଦେବା ପାଇଁ ନିଜ ବ୍ୟକ୍ତିଗତ ସହାୟକଙ୍କୁ ନିର୍ଦ୍ଦେଶ ଦେଲେ ମନ୍ତ୍ରୀ। ବିସ୍ମିତ ହେଲେ ବୃଦ୍ଧ। ପରିଚିତ ମନ୍ତ୍ରୀଙ୍କ ସାହାଯ୍ୟ ଆଶାରେ ଏତେ ଦୂରରୁ ଅନ୍ୟ ଦୁହିଁଙ୍କ ସହ ସେ ରାଜଧାନୀକୁ ଆସିଲେ। ବ୍ୟୟବହୁଳ ନଗରୀରେ ବତିଶ ଘଣ୍ଟାର ଅପେକ୍ଷା ପରେ ମନ୍ତ୍ରୀଙ୍କ ସାକ୍ଷାତ୍ ମିଳିଲା ଯେ ବତିଶ ସେକେଣ୍ଡରେ ସବୁ ଶେଷ। ବିଚଳିତ ବୋଧକରି ସେ ଦ୍ୱିତୀୟ ବାର ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ଚେଷ୍ଟା କରିବାରୁ ବିରକ୍ତି ପ୍ରକାଶ କରି ସେ କହିଲେ, କେବଳ ଜଣଙ୍କୁ ଏତେ ସମୟ ଦେଲେ ଅନ୍ୟମାନଙ୍କ କଥା ଶୁଣିବି କେତେବେଳେ।

ଏ ଅନୁଭବ କେବଳ ଜଣେ ବୃଦ୍ଧଙ୍କର ନୁହେଁ, ଶହ ଶହ ବୃଦ୍ଧଙ୍କର, ସହସ୍ର ସହସ୍ର ଯୁବକଙ୍କର ଓ ଲକ୍ଷ ଲକ୍ଷ ସାଧାରଣ ମଣିଷଙ୍କର, ଯେଉଁମାନଙ୍କର ପ୍ରଥମ ଓ ସର୍ବଶେଷ ପରିଚୟ ହେଉଛି ସାଧାରଣ। ରାଜତନ୍ତ୍ର ହେଉ କି ଗଣତନ୍ତ୍ର, ସବୁ ତନ୍ତ୍ରରେ ସବୁବେଳେ ଏହି ସାଧାରଣ ମଣିଷ ମଣିମା ବୋଲାଉଥିବା ଅସାଧାରଣ ମଣିଷଙ୍କଠୁଁ ଯୋଜନ ଯୋଜନ ଦୂରତ୍ୱରେ। ଦିନେ ରାଜତନ୍ତ୍ରର ସ୍ୱେଚ୍ଛାଚାରିତା ବିରୋଧରେ ଏମାନଙ୍କ ପୁଞ୍ଜୀଭୂତ ଅସନ୍ତୋଷ ସଂଗଠିତ ରୂପ ନେଇ ମଣିମାମାନଙ୍କ ମଣି ହରଣ କରି ନେଇଥିଲା। ରାଜତନ୍ତ୍ର ସ୍ଥାନରେ ପ୍ରତିଷ୍ଠିତ ହୋଇଥିଲା ଜନତନ୍ତ୍ର। ମଣିଷ ଭାବିଥିଲା, ମଣିଷର ମର୍ଯ୍ୟାଦା ବୃଦ୍ଧି ପାଇଲା ଏଥର। ରାଜବଂଶରେ ଜନ୍ମ ନେଇ ଆଉ କେହି ମଣିମା ବୋଲାଇବେ ନାହିଁ କି ସାଧାରଣ ମଣିଷଠାରୁ ଦୂରେଇ ଯାଇ ଏକ ଅପହଞ୍ଚ ଇଲାକାର ଅଧୀଶ୍ୱର ବୋଲାଇବେ ନାହିଁ।

ଅଥଚ ଗଣତନ୍ତ୍ରରେ ବି ମୁକ୍ତି ନାହିଁ ମଣିଷର। ଏଠି ମଧ୍ୟ ବନ୍ଦୀ ତା'ର ବ୍ୟକ୍ତିସତ୍ତା। ଗଣତନ୍ତ୍ରର ମଣିମାମାନଙ୍କ ଇଚ୍ଛା ନିକଟରେ ବନ୍ଦୀ ତା'ର ସ୍ୱାଧୀନତା। ସେମାନଙ୍କୁ ସବୁ କଥାରେ ଆଗକୁ ଛାଡିଦେଇ କାକୁସ୍ଥକିଙ୍କର ଭାବେ ପଛରେ ଅପେକ୍ଷା କରି ରହିବାକୁ ଯେମିତି ତା'ର ଜନ୍ମ। ରାଜତନ୍ତ୍ର ଥିଲା ଯେମିତି, ଗଣତନ୍ତ୍ର ହେଲା ସେମିତି। କେବଳ ଫରକ ଏତିକି, ରାଜତନ୍ତ୍ରରେ ରାଜଜନ୍ମାମାନେ ମଣିମା ବୋଲାଉଥିବା ବେଳେ ଗଣତନ୍ତ୍ରରେ ତାରି ଭିତରୁ ଜଣେ ସାଧାରଣ ମଣିଷ ସିଂହାସନ ଆରୋହଣ କରୁଛି ଓ କେଇଦିନ ମଧ୍ୟରେ ଅଚାନକ ଏମିତି ଦୂରେଇ ଯାଉଛି ଯେ ରାଜକୀୟ ଜୀବନଚର୍ଯ୍ୟା ମଧ୍ୟରେ ସେ ପାଲଟିଯାଉଛି ଅପହଞ୍ଚ ଇଲାକାର ଅଧୀଶ୍ୱର। ରାଜା, ପ୍ରଜା, ଶାସକ ଶାସିତର ଭିନ୍ନ ଭିନ୍ନ ପରିଭାଷା ମଧ୍ୟରେ କେଉଁଠି କେଜାଣି ହଜିଯାଉଛି ନିରୋଳା ମଣିଷର ପରିଚୟ। ମଣିମା ନ ଥାଇ କେବଳ ମଣିଷରେ ଭରପୂର ଜଗତଟିଏ ପାଇବାକୁ ଆଉ କେଉଁ ତନ୍ତ୍ର ଯାଏ ଅପେକ୍ଷା କରିବାକୁ ପଡ଼ିବ କେଜାଣି।

ପ୍ରଜ୍ଞା ନିଳୟ, ବିଦ୍ୟାପତିନଗର, ଚକେଇସିହାଣି, ଭୁବନେଶ୍ୱର, ମୋ-୮୮୯୫୬୨୪୧୦୫



ଛନ୍ଦା ମିଶ୍ର

# ସେମାନେ ପଣ୍ଡିତ ପୁଅ

ଆମେ କହୁ ଆଇନ ଓ ସମ୍ବିଧାନ ଆଖିରେ ସମସ୍ତେ ସମାନ, କିନ୍ତୁ ପ୍ରକୃତରେ ଆମ ଦେଶରେ ଗରିବଙ୍କ ପାଇଁ ଯେଉଁ ନିୟମ, ଧନୀଙ୍କ ପାଇଁ ସେ ନିୟମଟି ସମ୍ପୂର୍ଣ୍ଣ ବିପରୀତ। ଏଠି ଲଙ୍କା ଓ କାକୁଡି ଚୋରଙ୍କ ବିଚାର ହୋଇ ନ ପାରି ସେମାନେ ବର୍ଷ ବର୍ଷ ଧରି ଜେଲରେ ଶଢନ୍ତି, କିନ୍ତୁ କୋଟି କୋଟି ଟଙ୍କା ଚଳୁ କରି ଦେଇଥିବା ମାନନୀୟଙ୍କ ପାଇଁ ରାତି ଅଧରେ କଚେରି ବସେ। ଏଠି ପଣ୍ଡିତ ପୁଅ ମାଙ୍କଡ଼ ମାରିଲେ ଦୋଷ ନାହିଁ। ପଣ୍ଡିତ, ତାଙ୍କ ପଣ୍ଡିତିଆ ମଗଜକୁ ଖେଳାଇ ଏପରି ଇନ୍ଦ୍ରଜାଲ ରଚିଦେବେ ଯେ, ମନେହେବ ପଣ୍ଡିତ ପୁଅ ମାଙ୍କଡ଼ ମାରିନାହିଁ। କିନ୍ତୁ ମୂର୍ଖଟିଏ ଯଦି ଅଜାଣତରେ ମାଛିଟିକୁ ଆଘାତ କଲା ତେବେ, ସେହି ପଣ୍ଡିତ ଏହାକୁ ସାଂଘାତିକ ଅପରାଧର ଆଖ୍ୟା ଦେଇ ମୂର୍ଖଟିକୁ ଫାଶୀଖୁଣ୍ଟରେ ଝୁଲାଇବା ପାଇଁ ଅଣ୍ଟା ଭିଡ଼େ।

ଏହା ଏମିତି ଏକ ଦେଶ, ଯେଉଁଠି ଅର୍ଥ ଦେଇ ଆପଣ ନିଜ ନାମରେ ହୋଇଥିବା ସଙ୍ଗିନ୍ ଅଭିଯୋଗକୁ ଲିଭାଇ ଦେଇପାରିବେ ଓ ନିର୍ଦ୍ଦୋଷକୁ ଅପରାଧୀର ଆଖ୍ୟା ଦେଇ ଆଜୀବନ କାରାଗାର ମଧ୍ୟକୁ ନିକ୍ଷେପ କରିପାରିବେ। ସମୟ ଏପରି ହେଲାଣି ଯେ, ଦେଶର ସର୍ବୋଚ୍ଚ ନ୍ୟାୟାଳୟର ମୁଖ୍ୟ ନ୍ୟାୟାଧୀଶଙ୍କ ନାମରେ ଯୌନଶୋଷଣର ଅଭିଯୋଗ ଆସୁଛି। ଅବଶ୍ୟ ଆମଦେଶରେ କୌଣସି ଘଟଣାକୁ ଭିନ୍ନମୋଡ଼ ଦେବା ପାଇଁ ଦନ୍ତହୀନ ତଦନ୍ତଗୁଡିକର ଆଶ୍ରା ନିଆଯାଏ। ତେବେ ଗୋଟିଏ ଘଟଣାରୁ ଆମ ଦେଶରେ 'ଅର୍ଥ ଦ୍ୱାରା ସବୁକିଛି ସମ୍ଭବ' ଉକ୍ତିଟି ସତ୍ୟ ପ୍ରମାଣିତ ହୁଏ। କିଛିଦିନ ତଳେ ଜଣେ ସରକାରୀ କର୍ମଚାରୀଙ୍କ କାର୍ଯ୍ୟାଳୟରେ ଭିଜିଲାନ୍ସ ଚଢ଼ାଉ ହେଲା। କର୍ମଚାରୀଙ୍କ ବିରୋଧରେ ଅଭିଯୋଗ ବାଢ଼ିଥିବା କଣ୍ଟ୍ରାକ୍ଟର ଜଣକ ଚଢାଉ ସମୟରେ ଭିଜିଲାନ୍ସ ଅଧିକାରୀଙ୍କ ଉପସ୍ଥିତିରେ କର୍ମଚାରୀଙ୍କ ଗାଲରେ ଚଟକଣା କଷିଦେଇ ଯାଉଥିଲେ। ତେବେ ଅଫିସଟିକୁ ତନ୍ନ ତନ୍ନ କରି ଯାଞ୍ଚ କଲାପରେ କିଛି ନ ପାଇ ଭିଜିଲାନ୍ସ ଅଧିକାରୀ ଅଳ୍ପ ସମୟ ପାଇଁ ବାହାରକୁ ଯାଇ ଫେରିଲା ପରେ ଥାକରୁ ଟଙ୍କା କାଢିବାର ଦେଖାଯାଇଥିଲା। ଅଭିଯୁକ୍ତ ସରକାରୀ କର୍ମଚାରୀଙ୍କୁ ଜେଲକୁ ପଠାଗଲା। ପରଦିନ ସରକାରୀ କର୍ମଚାରୀ ଜଣଙ୍କୁ ଲାଞ୍ଚୁଆ ଆଖ୍ୟା ଦେଇ ଭିଜିଲାନ୍ସ ବିଭାଗର ସଫଳତା ଗାନ କଲେ ଖବରକାଗଜମାନେ। ଜେଲରେ କିଛିଦିନ ରହି ଅଭିଯୁକ୍ତ ଜଣକ ଫେରିଲା ପରେ ଉକ୍ତ କୋଠରିରେ ଲଗାଯାଇଥିବା ସିସିଟିଭିରୁ ପ୍ରକୃତ ସତ୍ୟ ପଦାକୁ ଆସିଲା। ଏବେ ଭିଜିଲାନ୍ସ ଅଧିକାରୀ ଓ କଣ୍ଟ୍ରାକ୍ଟରଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ହୋଇପାରେ। ମାତ୍ର ଉକ୍ତ କର୍ମଚାରୀଙ୍କର ଯେଉଁ ମାନହାନି ହେଲା ତା'ର ଭରଣା କରିବ କିଏ ?

ରାଜନୀତିଆମାନେ ହେଉଛନ୍ତି ଆଇନର ଗେହ୍ଲାପୁଅ। ଏମାନଙ୍କୁ ସାତଖୁଣ ମାଫ୍। ଯଦିବା ଲୋକଲଜ୍ଜା ଭୟରେ ଆଇନର ରକ୍ଷକମାନେ ଏମାନଙ୍କୁ ଧରିବାକୁ ଯାଆନ୍ତି, ତତ୍‌କ୍ଷଣାତ୍ ଏମାନଙ୍କ ହୃଦୟ ଯନ୍ତ୍ରଣାରେ ଜର୍ଜରିତ ହୋଇଉଠେ। ଚିକିତ୍ସକମାନେ ପ୍ରସ୍ତୁତ ହୋଇ ରହିଥାନ୍ତି। ଏହି ଗେହ୍ଲାପୁଅମାନଙ୍କୁ ଆଉ ଜେଲ୍‌ର ମାଟି ମାଡିବାକୁ ପଡେନି। ଚିକିତ୍ସାଳୟରୁ ଏମାନେ ଜାମିନ ପାଇ ଘରକୁ ଫେରନ୍ତି। ସବୁ ନୀତିନିୟମରୁ ଊର୍ଦ୍ଧ୍ୱରେ ଥିବା ଏହି ରାଜନୀତିଆମାନେ ମଳିମୁଣ୍ଡିଆଙ୍କୁ ଆଇନର ଶତାଧିକ ଫାନ୍ଦରେ ବାନ୍ଧିପକାନ୍ତି। ଏଠି ଜଣେ ସାଧାରଣ ସରକାରୀ କର୍ମଚାରୀ ଅଜାଣତରେ କାର୍ଯ୍ୟରେ ସାମାନ୍ୟ ଅବହେଳା କରିଦେଲେ ଚାକିରି ହରାଉଥିଲା ବେଳେ ସଂଖ୍ୟାଧିକ ଅପରାଧର ଅଭିଯୁକ୍ତମାନେ ନିଜେ ସରକାର ସାଜି ଆମପାଇଁ ଆଇନ ତିଆରି କରନ୍ତି।

ଦେଶର ଆଇନ-ପ୍ରଣେତାମାନଙ୍କ ଉର୍ବର ମସ୍ତିଷ୍କକୁ ଯେତେ ତାରିଫ କଲେ ବି କମ୍ ହେବ। ଏଠି ବିବାହ ପାଇଁ ସର୍ବନିମ୍ନ ବୟସ ଏକୋଇଶ ବର୍ଷ ଧାର୍ଯ୍ୟ କରାଯାଇଥିଲା ବେଳେ, ଦେଶର ନେତା ବାଛିବାକୁ ଦୁଇବର୍ଷ ପୂର୍ବରୁ ଯୁବକଟିଏ ଯୋଗ୍ୟ ହୋଇଯାଏ। ଯେଉଁଠି ଜଣେ ସରକାରୀ କର୍ମଚାରୀର ଷାଠିଏ ବର୍ଷ ପରେ କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହେଉଥିବାରୁ ତା'ର ଅବସର ନେବା ବାଧ୍ୟତାମୂଳକ, ସେଇଠି ଦେଶ ଚଳାଇବାକୁ ନବେ ବର୍ଷର ଅଜାଟି ନିର୍ବାଚନ ଲଢିବା ପାଇଁ ଅଣ୍ଟା ଭିଡ଼େ। ସାଧାରଣ କିରାଣି ଚାକିରି ପାଇଁ ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତା ସ୍ନାତକ ହୋଇଥିଲା ବେଳେ, ଶ୍ରୀଅକ୍ଷର ବିବର୍ଜିତଟିଏ ଶିକ୍ଷାମନ୍ତ୍ରୀ ସାଜିବାରେ କୌଣସି ପ୍ରତିବନ୍ଧକ ନ ଥାଏ।

ତେବେ ଏସବୁ ଅବ୍ୟବସ୍ଥା ପାଇଁ ଦାୟୀ କିଏ ? ସବୁରି ମୂଳରେ ଆମେ, ସବଜାନ୍ତା-ଜନତା। ଆମ ଭିତରୁ ଅନେକେ ଟଙ୍କା ବା ମଦ ବିନିମୟରେ ଭୋଟ ଦିଅନ୍ତି। ନିଜ ପକେଟ ଖାଲିକରି ଟଙ୍କା ବାଣ୍ଟିଥିବା ପ୍ରାର୍ଥୀ ଜଣକ ଜିତିଗଲା ପରେ ନିଜ ପେଟ, ପକେଟ ଓ ପେଟିକୁ ଭର୍ତ୍ତି କରିବା ପାଇଁ ଅଣ୍ଟା ଭିଡ଼େ।

ଯେଉଁମାନଙ୍କ ଦସ୍ତଖତରେ ଗୁଡାଏ ସମସ୍ୟାର ସମାଧାନ ହୋଇପାରନ୍ତା, ସେଇସବୁ ବଡ଼ ବଡ଼ ସରକାରୀ ବାବୁମାନେ ନିଜ ପାଇଁ ପୁରସ୍କାର ଓ ପ୍ରମୋଶନ ସାଉଁଟିବାରେ ଏପରି ବ୍ୟସ୍ତ ଥାଆନ୍ତି ଯେ, ନୀତି-ନୈତିକତାର କଥା ତାଙ୍କର ମନେପଡେ ଚାକିରିରୁ ଅବସର ନେବା ପରେ। ସରକାରଙ୍କର ମରମ ବ୍ୟଥା ଏହି ବାବୁମାନେ ଆକଳନ କରିଥାଆନ୍ତି ବୋଲି ସରକାର ଏମାନଙ୍କୁ କୌଣସି କାର୍ଯ୍ୟ ନ ଥାଇ ସମସ୍ତ ସୁବିଧା ସୁଯୋଗ ମିଳୁଥିବା ପଦବୀରେ ଥଇଥାନ କରି ସନ୍ତୁଷ୍ଟ କରାଇ ଦିଅନ୍ତି।

ବାକି ରହିଲେ ବୁଦ୍ଧିଜୀବୀମାନେ, ଯେଉଁମାନଙ୍କ ସମ୍ଭ୍ରାନ୍ତ ନୀରବତା ଦେଖି ଆକଳନ କରି ହୁଏନାହିଁ ଯେ, ସେମାନେ କୌଣସି ସରକାରୀ ସୁବିଧା ପାଇବା ଲୋଭରେ ଚୁପ୍ ରହିଛନ୍ତି ନା ଏ ବ୍ୟବସ୍ଥା ପ୍ରତି ବୀତସ୍ପୃହ ଅଛନ୍ତି। ଆମ ଭଳି ସ୍ୱଳ୍ପବୁଦ୍ଧିଙ୍କ ମସ୍ତିଷ୍କରେ କୌଣସି ଉପାୟ ନ ଦିଶିବାରୁ, 'ନିଜ କଥା ନିଜେ ସମ୍ଭାଳ' ନୀତିରେ ଦିନ କାଟିବାକୁ ଆମେ ବାଧ୍ୟ। ହାତେ ମାପି ଚାଖଣ୍ଡେ ଚାଲିବା ହିଁ ବୁଦ୍ଧିମାନର କାର୍ଯ୍ୟ।

୩ ଆର/୬ ବିଜେବି ନଗର, ମୋ-୯୪୩୭୪୫୩୬୧୦

## ଏଇ ଭାରତରେ

ମା'ଛେଉଣ୍ଡ ନବଜାତ ଶିଶୁକନ୍ୟାକୁ ପୋଷ୍ୟ ଭାବେ ଗ୍ରହଣ କରି ସ୍ତନ୍ୟପାନ କରାଇଲେ ବିଚାରପତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବେଟି ବଚାଓ ବେଟି ପଢ଼ାଓ ଅଭିଯାନ ଏବେ ସମାଜରେ ସଚେତନତାର ବାର୍ତ୍ତା ବାଣ୍ଟିବାକୁ ସକ୍ଷମ ହୋଇଛି। ସମ୍ପ୍ରତି ଏହି ଅଭିଯାନରୁ ପ୍ରେରଣା ପାଇ ଗୁଜରାଟର ଜଣେ ଜିଲା ବିକାଶ ଅଧିକାରୀ ଏବଂ ତାଙ୍କ ବିଚାରପତି ସ୍ତ୍ରୀ ଏକ ନବଜାତ ଶିଶୁକନ୍ୟାଙ୍କୁ ପୋଷ୍ୟ ଭାବେ ଗ୍ରହଣ କରି ସ୍ତନ୍ୟପାନ କରାଇଛନ୍ତି। ସ୍ଥାନୀୟ ଆନନ୍ଦ ନିକଟରେ ଥିବା ବାସଦ ଗାଁରେ ଘଟିଛି ଏହି ଘଟଣା। ଚିକିତ୍ସା କେନ୍ଦ୍ରରେ ଜଣେ ମହିଳା ନିଜ ତୃତୀୟ ଶିଶୁକନ୍ୟାକୁ ଜନ୍ମଦେଇ ଶେଷନିଃଶ୍ୱାସ ତ୍ୟାଗ କରିଥିଲେ। ଶିଶୁକନ୍ୟାଙ୍କ ପିତା କିଭଳି ୩ ଜଣ କନ୍ୟାଙ୍କୁ ପାଳିବେ ସେ ନେଇ ଚିନ୍ତା କରୁଥିବାବେଳେ ଜିଲା ବିକାଶ ଅଧିକାରୀ ଅମିତ୍ ପ୍ରକାଶ ଯାଦବ ଏବଂ ବିଚାରପତି ଭାବେ ନିଯୁକ୍ତ ଥିବା ତାଙ୍କ ସ୍ତ୍ରୀ ଚିନ୍ନା ଶିଶୁଟିକୁ ପୋଷ୍ୟ ଭାବେ ଗ୍ରହଣ କରିଥିଲେ। ଏନେଇ ଅମିତ୍ ଶିଶୁକନ୍ୟା ପିତାଙ୍କ ସହିତ ଆଲୋଚନା କରିଥିଲେ। ଅମିତ୍ ଏବଂ ଚିନ୍ନାଙ୍କ ଏଭଳି କାର୍ଯ୍ୟ ଏବେ ସୋସିଆଲ୍ ମିଡିଆରେ ବେଶ୍ ଭାଇରାଲ ହେବାରେ ଲାଗିଛି।

## ଚିରନ୍ତନୀ

ହେ ସାରଥି ଆଜି ଚଉପାଶେ ଏ କି ବ୍ୟୂହ
ନ ଚଳେ ତୁରଗ ନ ପାରଇ ରଥ ବାହି
ଯେଉଁ ଦେଶେ ମୁଖ ଫେରାଉ ଶୁଭଇ ବାଣୀ-
ପଥ କାହିଁ ? ପଥ କାହିଁ ?
ଅଚଳ ପ୍ରାଚୀର ଆକାଶେ ଟେକିଛି ଶିର
ସକଳ ଦୁଆର ରୁଦ୍ଧ ହେଲାରେ ବୀର !
ଶୂନ୍ୟ ନୋହିଛି ତୂଣୀରୁ ତୋହର ତୀର
ନିଭିନାହିଁ ଆଶା ବିଶ୍ୱ ବିଜୟ ପାଇଁ
ପଥ କାହିଁ ? ପଥ କାହିଁ ?
ହେ ଗାୟକ ତୋର ମୁଖରିତ ମୂରଛନା
ନୀରବିଲା ସବୁ ଅନ୍ତର ଅରଚନା
ଯେ ଗୀତ ରଚିଲୁ ଆରେ ଚିର ଆନମନା !
କଣ୍ଠ ତୋହର ନ ପାରିଲା ତାହା ଗାଇ,
ପଥ କାହିଁ ? ପଥ କାହିଁ ?
(ପଥ କାହିଁ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ଆମ ସମସ୍ୟା

### ବିଏସ୍‌ଏନ୍‌ଏଲ୍ ଟାୱାର କାର୍ଯ୍ୟକ୍ଷମ ହେଉ

ମହାଶୟ,

କତିଙ୍ଗିଆ ଗ୍ରାମ ଏକ ପଞ୍ଚାୟତ ମୁଖ୍ୟାଳୟ। ଏଥିରେ ନିୟମିତ ଅଙ୍ଗନୱାଡି କେନ୍ଦ୍ର, ସରକାରୀ ପ୍ରାଥମିକ ବିଦ୍ୟାଳୟଠାରୁ ଉଚ୍ଚ ବିଦ୍ୟାଳୟ, ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ, ବେସରକାରୀ ଧନ୍ୱନ୍ତରୀ ଚିକିତ୍ସାଳୟ, ଏସ୍‌ବିଆଇ କାର୍ଯ୍ୟାଳୟ, କେନ୍ଦ୍ର ସରକାରଙ୍କ ଗ୍ରାମୀଣ ଡାକଘର ଏବଂ ଏକ ଫଳ ଓ ପନିପରିବା ସୋସାଇଟି ଆଦି ରହିଛି। ଏହି ଗ୍ରାମରେ ଅନେକ କୃଷକ ଓ ଶ୍ରମିକ ପରିବାରର ହୋଇଥିବାରୁ ସେମାନଙ୍କର ଉନ୍ନତି ନିମନ୍ତେ ବିଳମ୍ବ ନ କରି ଯଥାଶୀଘ୍ର ନିର୍ମାଣ ସମାପ୍ତ ହୋଇଥିବା ବିଏସ୍‌ଏନ୍‌ଏଲ୍ ଟାୱାରକୁ କାର୍ଯ୍ୟକ୍ଷମ କରାଯାଉ। ଏହାଦ୍ୱାରା ଅନୁନ୍ନତ ଅଞ୍ଚଳର ବିକାଶ ତ୍ୱରାନ୍ୱିତ ହୋଇପାରିବ।

ଭୋଳାନାଥ ପ୍ରଧାନ, ସରକାରୀ ଉଚ୍ଚ ବିଦ୍ୟାଳୟ, ସିକରପାଇ, ରାୟଗଡା

### ପାର୍କ ଖୋଲିବ କେବେ

ଜଟଣୀ ପୌର ପରିଷଦ ଅନ୍ତର୍ଗତ କୁଦିଆରୀ ଗ୍ରାମରେ ବିଡିଏ ୧୫ ଲକ୍ଷ ଟଙ୍କା ବ୍ୟୟରେ ଛୋଟପିଲାଙ୍କ ପାଇଁ ପାର୍କ ନିର୍ମାଣ କରି ତା'ର ତତ୍ତ୍ୱାବଧାନ ଲାଗି ଜଟଣୀ ମ୍ୟୁନିସିପାଲିଟିକୁ ହସ୍ତାନ୍ତର କରିଥିଲା। ଜଟଣୀ ମ୍ୟୁନିସିପାଲିଟି କର୍ତ୍ତୃପକ୍ଷ ପାର୍କଟିର ରକ୍ଷଣାବେକ୍ଷଣ ପାଇଁ କଣ୍ଟ୍ରାକ୍ଟର ଜରିଆରେ ଦାୟିତ୍ୱ ଦେଇଥିଲେ। କିଛିଦିନ ସେହି ପାର୍କଟିକୁ ଜଣେ ମାଳୀ ନିଯୁକ୍ତ ହୋଇ ଦେଖାଶୁଣା କରୁଥିଲେ ମଧ୍ୟ ତାଙ୍କୁ ଦରମା ଦିଆଗଲା ନାହିଁ। ଫନୀ ବାତ୍ୟାରେ ପାର୍କ ଭିତରେ ଗଛଗୁଡ଼ିକ ଉପୁଡ଼ିଯିବା ଫଳରେ ପାର୍କଟି ନିକାଞ୍ଚନ ଅନ୍ଧାରିଆ ହୋଇପଡ଼ିଛି। ପାର୍କରେ ମଦ, ଗଞ୍ଜେଇ ଖାଇବା ସହ ଅନୈତିକ କାର୍ଯ୍ୟ ହେଉଛି। ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅନୁରୋଧ ପାର୍କଟିର ପୁନରୁଦ୍ଧାର କରି ପିଲାଙ୍କ ପାଇଁ ଖୋଲିବା ବ୍ୟବସ୍ଥା କରନ୍ତୁ।

ଶ୍ରୀନିବାସ ମଙ୍ଗରାଜ, କୁଦିଆରୀ, ଜଟଣୀ, ଖୋର୍ଦ୍ଧା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସାପ୍ତାହିକ ପଞ୍ଜିକା

ଅଗଷ୍ଟ ୧୧- ବେନାମୀ ସମ୍ପତ୍ତି ରଖିବା ମାମଲାରେ ଆୟକର ବିଭାଗ ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ କମଲନାଥଙ୍କ ପୁତୁରା ରାତୁଲ ପୁରୀଙ୍କର ୩୦୦ କୋଟିଟଙ୍କାର ବଙ୍ଗଳା ସମେତ ୪୦ ନିୟୁତ ଡଲାର ମୂଲ୍ୟର ଏଫ୍‌ଡିଆଇ ଜବତ କରିଛି।

୧୨- ଜମ୍ମୁ-କଶ୍ମୀରରେ ପ୍ରବଳ ବର୍ଷା ଯୋଗୁ ଭୂସ୍ଖଳନରେ ୯ ଜଣଙ୍କ ମୃତ୍ୟୁ।

୧୩- ଲଘୁଚାପଜନିତ ଲଗାଣ ବର୍ଷାରେ ଦକ୍ଷିଣ-ପଶ୍ଚିମ ଓଡ଼ିଶାର ୫ ଜିଲାରେ ବନ୍ୟା: ୯ ମୃତ।

୧୪- ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀ ରାଜ୍ୟ ନିର୍ବାଚନ କମିଶନର ଭାବେ ନିଯୁକ୍ତି ପାଇଲେ।

୧୬- ୧୯୮୬ ବ୍ୟାଚ୍ ଆଇଏଏସ୍ ଅଫିସର ଅସିତ୍ କୁମାର ତ୍ରିପାଠୀ ଓଡ଼ିଶାର ମୁଖ୍ୟ ଶାସନ ସଚିବ ଭାବେ ନିଯୁକ୍ତି ପାଇଛନ୍ତି।

## ସେଲ୍ଫି କର୍ନର

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍ଫି ଛାପି ହେଉନାହିଁ। ଅଧିକ ସେଲ୍ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/category/selfie


ଶକ୍ତି


ଆରିୟନ୍


ଅରବିନ୍


କାହ୍ନା


ସାନ୍ତନୁ


ବଦ୍ରିନାଥ


ଗୋପିନାଥ

ସେଲ୍ଫି ଉଠାନ୍ତୁ ଆମକୁ ପଠାନ୍ତୁ smbselfie@gmail.com (ମନୋନୀତ ସେଲ୍ଫି ପ୍ରକାଶ ପାଇବ)

■ଚିକିତ୍ସା ଅଭାବରୁ ମୁରଡ଼ୁ ସଂଗେ ଯୁଝୁଛନ୍ ଜୟ

# କୁଲି ମଜୁରି କରି କୁଟୁମ ପୁଷୁଛେ ପୁଓ

ଲାଠୋର, ୧୮।୮ (ଡି.ଏନ୍.ଏ.)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ପଁଚେତ୍ ଅଧୀନ ପିପଲବାହାଲ ଗାଁର ଜୟ ମେହେର(୫୦)। ଆଏଜ୍‌କେ ୪ ମାସ ତଲେ ସେ ଘର ଉପ୍‌ରୁ ପଡ଼ି ତାକର ମେରୁହାଡ଼ ଭାଂଗି ଯାଇଛେ। ପରିବାରଟା ନିହାତି ଗରିବ୍ ହେଇଥିଲାବେଲେ ଚିକିତ୍ସା ଅଭାବୁ ସେ ଖଟେ ପଡ଼ି ରହିଛନ୍। ଇଆଡ଼େ ଜୟର ଚିକିତ୍ସା ଲାଗି ଲକ୍ଷାଧିକ୍ ଟଁକା ଦରକାର ଅଛେ, ହେଲେ ପରିବାର ଲୋକ୍ ଲକ୍ଷାଧିକ୍ ଟଁକା ଯୁଗାଡ଼ କରବାକେ ସକ୍ଷମ ନୁହଁନ୍। ଏନ୍‌ତାଥି ପରିବାରଟା ଉପେ ଶୁଇନ୍ ହେଇ ଭଗବାନ ଭରସାରେ ରହିଛନ୍।


ଜୟ ଖଟେ ପଡ଼ି ରହିଛନ୍।

ସୂଚନା ଅନ୍‌ସାରେ ପିପଲବାହାଲ ଗାଁର ଜୟ ମେହେରକଁର ପରିବାର କହେଲେ ମାଏକିନା ହିଙ୍ଗୁଳା, ଝିଁ ସମିତା ଆର ପୁଓ ଚିନ୍ତାମଣିକୁଁ ନେଇ ତାକର ସଁସାର। ସଁପତି କହେଲେ ୨୫ ଡେସିମିଲ ଚାଷ୍ ଜମିକେ ଛାଡ଼ିଦେଲେ କିଛି ନାଁଇଁନ। ଇଆଡ଼େ ଯୁବକ୍ ସମିଆରେ ଜୟ କେହେନ୍‌ସି ଗୁଟେ ଅଜନା ରୋଗ୍‌ରେ ପୀଡ଼ିତ ହେଇ ଅକାମିକା ହେଇଯାଇଥିଲେ। ଯେନ୍‌ଥିରଲାଗି ସେ ଭିଡ଼ଭାଡ଼ କାମ୍‌ଧଁଦା ନାଇଁ କରିପାରୁଥାଇ। ଫିଁଦିନ ଆଇସକ୍ରିମ ବିକି ଯାହା ରୁଜଗାର କରୁଥିଲେ ସେଥିରେ ଘର ଚଲବାର ସଂଗେ ପିଲାଛୁଆକର ପାଠ୍‌ପଢ଼ା ଚଲୁଥିଲା। ଇଆଡ଼େ ସରକାରୀ ସାହାଯ୍ କହେଲେ ମାସିକ ମିଲୁଥିବାର ୩୫ କେ.ଜି. ଚାଉଲ ଆର ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ଖଁଡ଼େ ପାଇଛନ୍। ଏନ୍‌ତାଥି ଗଲା ୪ ମାସ ତଲ ଜୟ ଘର ଉପରୁ ତଲେ ପଡ଼ି ଗୁରୁତର ହେଇଥିଲେ। ପରିବାର ଲୋକ୍ ୮୫ ହଜାର ଟଁକା ଧାର ଉଧାର କରି ଭିନେ ଭିନେ ଡାକ୍‌ତରଖାନାରେ ଚିକିତ୍ସା କରେଇ ନିରାଶ ହେଇଥିଲେ। ଶେଷେ ମା'ପୁଓ ଜୟକେ କଟକ ବଡ଼ ଡାକ୍‌ତରଖାନାକେ ନେଇଥିଲେ। ସେଠାନେ ପରୀକ୍ଷାରୁ ଜନାପଡ଼ଲା ଯେ ତାକର ମେରୁହାଡ଼ ଭାଂଗିଯାଇଛେ ଆର ଅପରେଶନ ଲାଗି ଲକ୍ଷାଧିକ୍ ଟଁକା ଦରକାର। ଏନ୍‌ତାଥି ମା'ପୁଓ ପଏସା କଉଡ଼ ଅଭାବୁ ଉପେ ଶୁଇନ୍ ହେଇ ୪ ହଜାର ଟଁକା ଉଷୋକଷା ଧରି ଘରକେ ପଲେଇ ଆଏଲେ। ସେ ଦିନ୍‌ଠାନୁ ଜୟ ଚିକିତ୍ସା ଅଭାବୁ ଭଗବାନ ଭରସାରେ ଘରେ ପଡ଼ି ରହିଛନ୍। ଇଆଡ଼େ ସେ ଉଷୋକଷା ସରବାର ଉପରେ ଥିଲାବେଲେ ପାଖାପାଖି ୧୫ ଦିନ୍ ହେଲା ଜୟ ଖାନାପିନା ଠିକ୍ ହିସାବେ ନାଇଁ କରିପାରବାର। ପରିସ୍ଥିତି ଏତେ ଖରାପ୍ ଯେ, ସେ ଖଟେ ଲାଂଗ୍ ହେଇ ପଡ଼ି ରହିଛନ୍, ହଲ୍‌ଚଲ ବି ନାଇଁ ହେଇପାରବାର। ଖଟେ ଗଧାମଖା, ଖାନାପିନା, ଝାଡ଼ାଝପଟ ସବୁ କରୁଛନ୍। ଇଆଡ଼େ ଅଭାବ ଅନାଟନ ଲାଗି ଝିଁ ଆର ପୁଓ ମାଟ୍ରିକ ପାସ କରି ଆଗ୍‌କେ ପଢ଼ି ନାଇଁ ପାରବାର। ଝିଁ ବାପର ସେବା ଯତନ କରୁଥିଲାବେଲେ ପୁଓ କୁଲିମଜୁରି କରି ଘର ଚଲଉଛନ୍। ଇ ଗରିବ୍ ପରିବାର ଉପରେ ଜିଲା ପରଶାସନ ଦୁରୁଷ୍‌ଟି ଦେଇ ଜୟକେ ଚିକିତ୍ସା ସାହାଯ୍ ଯୁଗେଇ ଦେବାକେ ଗାଁବାସୀ ଦାବି କରିଛନ୍।

# ଦୁବାଇରେ ଫଁସିଛନ୍ତି ୧୩ ଓଡ଼ିଆ ଶ୍ରମିକ

ଛତ୍ରପୁର,୧୮।୮(ଡି.ଏନ.ଏ.)

ଦୁବାଇରେ ଏବେ ମଧ୍ୟ ଆହୁରି ୧୩ ଶ୍ରମିକ ଫସି ରହିଛନ୍ତି। ସେମାନଙ୍କୁ ସେଠାରେ ମାନସିକ ଓ ଶାରିରୀକ ନିର୍ଯାତନା ଦିଆଯାଇଥିବା ତାଙ୍କ ପରିବାର ଲୋକଙ୍କ ପକ୍ଷରୁ ଅଭିଯୋଗ ହୋଇଛି । ଏମାନଙ୍କୁ ଭାରତ ଫେରାଇ ଆଣିବାକୁ ପରିବାର ଲୋକେ ଜିଲା ଶ୍ରମ ବିଭାଗ ଓ ପ୍ରଶାସନକୁ ନିବେଦନ କରିଛନ୍ତି। ଖଲ୍ଲିକୋଟ ଥାନା ତେନ୍ତୁଳିଆପଲ୍ଲୀ ନିକଟ ପାରିନୂଆଗାଁର ସନ୍ତୋଷ ବେହେରା (୩୧)। ୨୦୧୮ ସେପ୍ଟେମ୍ବର ୧୧ ତାରିଖରେ ଖୋର୍ଦ୍ଧା ଜିଲା ବାଣପୁର ଥାନା ଅଞ୍ଚଳର ଜଣେ ଏଜେଣ୍ଟଙ୍କ ମାଧ୍ୟମରେ କାମ କରିବାକୁ ଦୁବାଇ ଯାଇଥିଲେ । ଭିସା ଓ ଟିକେଟ ବାବଦରେ ଉକ୍ତ ଏଜେଣ୍ଟଙ୍କୁ ସନ୍ତୋଷ ୫୮ ହଜାର ଟଙ୍କା ଦେଇଥିଲେ । ଦୁବାଇର ସାଲେମଓ ବେଡ୍ ଫ୍ଲୋର ଓ ୱାଲ ଟାଇଲିଂ କମ୍ପାନୀରେ ସନ୍ତୋଷ ଚଳିତ ବର୍ଷ ଜୁନ୍ ପର୍ଯ୍ୟନ୍ତ କାମ କରୁଥିଲେ। ପ୍ରାପ୍ୟ ନ ଦେବା ସହ କିଛି ସୁବିଧା ନ ଦେଇ ନିର୍ଯାତନା ଦିଆଯାଉଥିଲା । ଏ ସମ୍ପର୍କରେ ସେଠାରେ ଥିବା ଭାରତ ଏମ୍ବାସୀଙ୍କ ନିକଟରେ ସେ ଅଭିଯୋଗ କରିଥିଲେ। ଏହାପରେ ୨ ମାସର ବକେୟା ଦରମା ଦେବା ସହ ପାସପୋର୍ଟ ଫେରାଇବେ ବୋଲି କମ୍ପାନୀ ପ୍ରତିଶ୍ରୁତି ଦେଇଥିଲା । ମାତ୍ର ଏହା ଉପରେ କୌଣସି ପଦକ୍ଷେପ ନିଆଯାଇ ନ ଥିଲା । ବର୍ତ୍ତମାନ ସନ୍ତୋଷ ସେଠାରେ ଏକ ଏଟିଏମ୍ କମ୍ପାନୀରେ ଲୋଡିଂ ଓ ଅନଲୋଡିଂ କାମ କରଛନ୍ତି । ତୁରନ୍ତ ସନ୍ତୋଷଙ୍କୁ ଭାରତ ଫେରାଇ ଆଣିବାର ବ୍ୟବସ୍ଥା କରିବାକୁ ତାଙ୍କ ବାପା ହଜାରୀ ବେହେରା ଶ୍ରମବିଭାଗ ନିକଟରେ ନିବେଦନ କରଛନ୍ତି । ଏ ସମ୍ପର୍କରେ ଖବର ପାଇ ପାରିନୂଆଗାଁକୁ ଛତ୍ରପୁର ଜିଲା ଶ୍ରମକାର୍ଯ୍ୟାଳୟ ଗ୍ରାମୀଣ ନିରୀକ୍ଷକ ଯାଇ ହଜାରୀଙ୍କ ବୟାନ ରେକର୍ଡ କରିବା ସହ ଜିଲା ଶ୍ରମ ଅଧିକାରୀଙ୍କ ନିକଟରେ ରିପୋର୍ଟ ଦାଖଲ କରିଛନ୍ତି । ପ୍ରକାଶଯେ, ଅଧିକ ରୋଜଗାର କରିବା ଆଶାରେ ୨୦୧୮ ନଭେମ୍ବର ୪ରେ ଖଲ୍ଲିକୋଟ ଥାନା ଅଧୀନ ମାଣିକପୁରଗାଁର ଏଜେଣ୍ଟ କାର୍ତ୍ତିକ ଜେନାଙ୍କ ଜରିଆରେ ଗଞ୍ଜାମ ଜିଲାର ୧୮ ଶ୍ରମିକ ଦୁବାଇ ଯାଇଥିଲେ । ସେଠାରେ ସେମାନଙ୍କୁ ଜଣକ ପିଛା ମାସକୁ ୩୫ ହଜାର ଟଙ୍କା ମିଳିବ ବୋଲି ସେତେବେଳେ କୁହାଯାଇଥିଲା। ଏବାବଦକୁ ଏଜେଣ୍ଟ ଜଣଙ୍କ ପିଛା ୬୦ ହଜାର ଟଙ୍କା ନେଇଥିଲେ । ଏମାନେ ସେଠାରେ ନିର୍ଯାତନା ପାଇବା ଅଭିଯୋଗ କରି କମ୍ପାନୀରୁ ଲୁଚି ଆସି ଏକ ଭିଡିଓ ମାଧ୍ୟମରେ ଏ ସମ୍ପର୍କରେ ପରିବାର ଲୋକଙ୍କୁ ଜଣାଇଥିଲେ । ପରେ ଏନେଇ ଛତ୍ରପୁରସ୍ଥିତ ଜିଲା ଶ୍ରମ ଅଧିକାରୀଙ୍କୁ ଜଣାଇବା ସହ ସେମାନଙ୍କୁ ଭାରତକୁ ଫେରାଇ ଆଣିବା ପାଇଁ ତାଙ୍କ ପରିବାର ଲୋକେ ନିବେଦନ କରିଥିଲେ । ଭାରତ ସରକାରଙ୍କ ହସ୍ତକ୍ଷେପ ପରେ ଉକ୍ତ ୧୮ ଜଣଙ୍କ ମଧ୍ୟରୁ ୬ ଜଣ ଶ୍ରମିକଙ୍କୁ ପ୍ରଥମ ପର୍ଯ୍ୟାୟରେ ଜୁଲାଇ ୨୭ ରେ ଘରକୁ ଫେରିଥିଲେ । ଏବେ ମଧ୍ୟ ଏଥିରୁ ୧୨ ଜଣ ଶ୍ରମିକ ସେଠାରେ ଫସି ରହିଛନ୍ତି । ସେମାନଙ୍କ ପରିବାର ଲୋକେ ଜିଲା ପ୍ରଶାସନ ଏ ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରିବା ସହ ସେମାନଙ୍କୁ ଫେରାଇ ଆଣିବାକୁ ଜୁଲାଇ ୨୯ରେ ଅନୁରୋଧ କରିଥିଲେ । ବର୍ତ୍ତମାନ ସୁଦ୍ଧା ଏମାନେ ଭାରତକୁ ଫେରି ନାହାନ୍ତି । ଦୁବାଇରେ ଫସି ରହିଥିବା ୧୨ ଶ୍ରମିକ ହେଲେ ଖଲ୍ଲିକୋଟ ବ୍ଲକ ମାଣିକପୁରଗାଁର ନବଘନ ପଲେଇ, ବୁଲୁ ମଳିକ, ବିଭୂତି ଗୌଡ, ସାନଘାଟିର ମଙ୍ଗୁଲୁ ସାହୁ, ବାଦିନୂଆପଲ୍ଲୀର ଦେବରାଜ ମଳିକ, ବଣିଆଗାର ରାଜୁ ଗୌଡ, ପିହଣିଆଗାଁର ପ୍ରଦୀପ ବେହେରା, ଲରଙ୍ଗଗାଁର ବଳିଆ ପାହାନ, ଉସ୍ତାପଡାଗାଁର ଜିତେନ୍ଦ୍ର ଗୌଡ,କୈରାଶିର ତ୍ରିନାଥ ନାହାକ, ବେଗୁନିଆପଡା ବ୍ଲକ ସାନଛଟିନା ରବି ଗୌଡ, ବାଲିଝରର ବଂଶୀଧର ବାରିକ ରହିଛନ୍ତି।

## ଯୁବକଙ୍କୁ ଧମକାଇ ଦୁଇ ଭାଇ ଗିରଫ

ଧମା, ୧୮।୮ (ଡି.ଏନ.ଏ.)

ସମ୍ବଲପୁର ଜିଲା ମାନେଶ୍ୱର ବ୍ଲକ୍ ଅର୍ଡା ଗ୍ରାମରେ ଗୁହାଳ ଘର ନିର୍ମାଣ ବାବଦକୁ ୭୯ ହଜାର ଟଙ୍କା ସରକାରୀ ଅର୍ଥ ଆତ୍ମସାତ ହୋଇଛି। ଗୁହାଳ ଘର ନିର୍ମାଣ ନ କରି ବି ଜଣେ ଜନ ପ୍ରତିନିଧିଙ୍କ ଶ୍ୱଶୁରଙ୍କ ନାମରେ ଏହି ଟଙ୍କା ଉଠିଛି। ଏଥିରେ ସରକାରୀ କର୍ମଚାରୀ ଓ ଅଧିକାରୀ ସମ୍ପୃକ୍ତ। ଏଣୁ ଏହାର ତଦନ୍ତ କରାଯାଉ ବୋଲି ଗ୍ରାମର ଲଳିତ ମଗର ବିଡିଓଙ୍କଠାରେ ଲିଖିତ ଅଭିଯୋଗ କରିଥିଲେ। ଏଥିରେ ଉତ୍ତ୍ୟକ୍ତ ହୋଇ ଚିତ୍ତରଞ୍ଜନ ବାଗ ଓ ରାଜୁ ବାଗ ନାମକ ଦୁଇ ଯୁବକ ଲଳିତଙ୍କୁ ଧମକଚମକ ଦେଇଥିଲେ। ଏହି ଅଭିଯୋଗ ପାଇବା ପରେ ଧମା ପୋଲିସ ଏ ଦୁଇ ଭାଇଙ୍କୁ ଗିରଫ କରିଛି।

## ୫ ବର୍ଷର ଶିଶୁ ସହ ଅପ୍ରାକୃତିକ ଯୌନସମ୍ପର୍କ: ଅଭିଯୁକ୍ତ ଅଟକ

ଧମା, ୧୮।୮ (ଡି.ଏନ.ଏ.)

ଜଣେ ୫ ବର୍ଷର ନାବାଳକ ଶିଶୁକୁ ଭୟଭୀତ କରି ଅପ୍ରାକୃତିକ ଯୌନସମ୍ପର୍କ ରଖିବା ଅଭିଯୋଗରେ ଫେରାର ଅଭିଯୁକ୍ତଙ୍କୁ ରବିବାର ଧମା ପୋଲିସ କାବୁ କରି ଅଟକ ରଖିଛି । ଅଭିଯୁକ୍ତ ଜଣକ ଧମା ଥାନା ଅନ୍ତର୍ଗତ ଝାଙ୍କରବାହାଲି ଗ୍ରାମର। ପ୍ରଥମେ ତାଙ୍କୁ ନାବାଳକ ବୋଲି ସନ୍ଦେହ କରାଯାଉଥିଲା। ହେଲେ ବୟସ ଯାଞ୍ଚ ବେଳେ ତାଙ୍କୁ ୧୮ ବର୍ଷ ୨ ମାସ ବୋଲି ସ୍ପଷ୍ଟ ହୋଇଛି। ଏସ୍‌ଡିପିଓ ଭବାନୀଶଙ୍କର ଉଦ୍‌ଗାତା କହିଛନ୍ତି ଯେ, ସୋମବାର ଅଭିଯୁକ୍ତଙ୍କ ଡାକ୍ତରୀମାଇନା କରାଯିବା ପରେ କୋର୍ଟରେ ହାଜର କରାଯିବ।

## ଚୋରି ବାଇକ୍ ସହ ଅଭିଯୁକ୍ତ ଗିରଫ

ସମ୍ବଲପୁର, ୧୮।୮ (ବ୍ୟୁରୋ)

ସମ୍ବଲପୁର ଅଇଁଠାପାଲି ଥାନା ପୋଲିସ ଏକ ଚୋରି ବାଇକ୍ (ନଂ. ଓଡି ୧୫ ଜେ- ୪୬୫୮) ସହ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି । ଅଭିଯୁକ୍ତ ହେଲେ ବରଗଡ ଟାଉନ ଥାନା ପାଣିଛତର ଗ୍ରାମର ରବି ଯାଦବ। ସୂଚନାଯୋଗ୍ୟ, ଅଇଁଠାପାଲି ତଳିଛକ ଭୀମ ଶର୍ମାଙ୍କ ବାଇକ ଗତ ବର୍ଷ ନଭେମ୍ବର ୧୩ରେ ତାଙ୍କ ଘରୁ ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏ ନେଇ ଏକ ମାମଲା (ନଂ.୪୨୨/୧୮)ରୁଜୁ କରିଥିଲା।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଡୁଛାକୁ ଛିଣ୍ଡି ଯାଉଛି,**
**ପାଳ ଦଉଡ଼ିଆ ଘଇତା ଦେଖି**
**ଆତ୍ମା ଉଡ଼ିଯାଉଛି ।**

ଉତ୍କଟ ଦାରିଦ୍ର୍ୟାବସ୍ଥା। ସ୍ୱାମୀ ଯେବେ ଅଯୋଗ୍ୟ ଅପାରଗ ହୁଏ ସେତେବେଳେ ଘରର ଆର୍ଥିକ ସ୍ଥିତି ଦୋହଲିଯାଏ। ଘରର ଅଭାବ ପୂରଣ କରିବା କଷ୍ଟସାଧ ହୋଇଯାଏ। ସ୍ୱାମୀର ଅଯୋଗ୍ୟପଣକୁ ଧିକ୍କାର କରି ବସିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଡୁଛାକୁ ମଲି,**
**ଛିଣ୍ଡାକନାଯାକ ଗଣ୍ଠିଲି କଲି;**
**ଦାଣ୍ଡେ ଦାଣ୍ଡେ ଚାଲିଗଲି,**
**କେହି ନ କହିଲେ ଆସ ବୋଲି ।**

ଯେଉଁଠି ଆଦର ଅଭ୍ୟର୍ଥନା ନ ଥାଏ ସେଠି ସମ୍ପର୍କ ପାଣିଚିଆ ବା ମୂଲ୍ୟହୀନ ଲାଗିଥାଏ। ସମ୍ପର୍କର ରଙ୍ଗ ଯେତେବେଳେ ଫିକା ହୋଇଯାଏ ସେତେବେଳେ ମନର ସରାଗ ଆପେ ଆପେ ମରିଯାଏ। ଆନ୍ତରିକତାବିହୀନ ସମ୍ପର୍କକୁ ନେଇ ମନରେ ସୃଷ୍ଟି ହେଉଥିବା ହତାଶାଭାବ ପ୍ରତି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
– ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

## ଗ୍ୟାସ ସିଲିଣ୍ଡର ଲିକ୍‌ରୁ ଅଗ୍ନିକାଣ୍ଡ

ସମ୍ବଲପୁର, ୧୮।୮ (ବ୍ୟୁରୋ)

ସମ୍ବଲପୁର ବୁଢ଼ାରଜାସ୍ଥିତ ଏକ ହୋଟେଲରେ ରବିବାର ଗ୍ୟାସ ସିଲିଣ୍ଡର ଲିକ୍ ହୋଇ ଅଗ୍ନିକାଣ୍ଡ ଘଟିଛି । ଏଥିରେ ଅଳ୍ପକେ ହୋଟେଲ କର୍ମଚାରୀ ବର୍ତ୍ତିଯାଇଛନ୍ତି। ହେଲେ ପ୍ରାୟ ୫୦ ହଜାର ଟଙ୍କାର ସାମଗ୍ରୀ ପୋଡି ନଷ୍ଟ ହୋଇଥିବା ଅଭିଯୋଗ କରିଛନ୍ତି। ଅପରାହ୍ନ ସାଢ଼େ ୧୧ଟା ସମୟରେ ଅଗ୍ନିକାଣ୍ଡ ହୋଇଥିଲା। ସମ୍ବଲପୁର ଅଗ୍ନିଶମ ବିଭାଗ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡ ଦେଖି ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଥିଲା ।

## କଫସିରପ କାରବାରରେ ୨ ଗିରଫ

ସମ୍ବଲପୁର, ୧୮।୮ (ବ୍ୟୁରୋ)

ସମ୍ବଲପୁର ଅଇଁଠାପାଲି ଥାନା ପୋଲିସ କଫସିରପ ଜବତ କରି ୨ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ଭବାନୀ ବେହେରା (୨୮) ଓ ବିକି ମହାକୁଡ (୨୨)। ଅଭିଯୁକ୍ତମାନଙ୍କଠାରୁ କଫସିରପ ଜବତ କରିଛି। ଏ ନେଇ ଥାନାରେ ଏକ ମାମଲା ରୁଜୁ କରି ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଛି।

ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ, ଜୁନାଗଡ଼
ଖୋଲାରେ ମଳତ୍ୟାଗକୁ "ନା"
ବିଜ୍ଞପ୍ତି (Notification)
ଗୋଟିଏ ପାଦ ସ୍ୱଚ୍ଛତା ଆଡ଼କୁ
ଏତଦ୍ୱାରା ବିଜ୍ଞାପିତ ଅଞ୍ଚଳ ପରିଷଦ, ଜୁନାଗଡ଼ରେ ବସବାସ କରୁଥିବା ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ତା୦୩।୧୨।୨୦୧୮ରିଖଠାରୁ ଜୁନାଗଡ଼ ସହରକୁ "ଖୋଲା ଶୌଚମୁକ୍ତ" ସହର ଭାବେ ଘୋଷଣା କରାଯାଇଥିବାରୁ ସହର ମଧ୍ୟରେ ବିଭିନ୍ନ ଖୋଲାସ୍ଥାନରେ ମଳତ୍ୟାଗ କରୁଥିବା ତଥା ଖୋଲାସ୍ଥାନରେ ପରିସ୍ରା କରୁଥିବା ଜନସାଧାରଣଙ୍କଠାରୁ ନିମ୍ନପ୍ରକାର ଜୋରିମାନା ଆଦାୟ କରାଯିବ।
ଏଣୁ ସମସ୍ତଙ୍କୁ ଅନୁରୋଧ, ବିଜ୍ଞାପିତ ଅଞ୍ଚଳ ପରିଷଦ, ଜୁନାଗଡ଼ ତରଫରୁ ନିର୍ମିତ ହୋଇଥିବା ଶୌଚାଳୟ ଏବଂ ପରିସ୍ରାଗାର ବ୍ୟବହାର କରି ଜୋରିମାନା ଦେବାରୁ ନିଜକୁ ବଞ୍ଚିତ କରନ୍ତୁ।
୧. ଖୋଲାସ୍ଥାନରେ ମଳତ୍ୟାଗ ନିମନ୍ତେ– ଟ. ୨୦୦.୦୦ଙ୍କା
୨. ଖୋଲାସ୍ଥାନରେ ପରିସ୍ରା ତ୍ୟାଗ ନିମନ୍ତେ– ଟ. ୫୦.୦୦ଙ୍କା
ସ୍ୱା./- ନିର୍ବାହୀ ଅଧିକାରୀ, ବିଜ୍ଞାପିତ ଅଞ୍ଚଳ ପରିଷଦ, ଜୁନାଗଡ଼

omfed www.omfed.com
THE ODISHA STATE CO-OPERATIVE MILK PRODUCERS' FEDERATION LIMITED
D/2, Sahid Nagar, Bhubaneswar, Pin-751007, Odisha
Ph.: 0674-2540273 / 2546030, 2544576, Tele Fax : 0674-2540974, E-mail : omfed@yahoo.com
TENDER NOTICE FOR ENGAGEMENT OF LABOUR CONTRACTOR AT CATTLE FEED PLANT, JAGANNATHPUR
Sealed Tenders are invited from Govt. Approved and experienced Labour Contractors for engagement of Labours to perform different works on job contract basis at OMFED Cattle Feed Plant, At-Jagannathpur, P.S. Balianta, Dist-Khordha for production of Cattle Feed. Filled in Tenders shall be **accepted upto 1400 Hours of dtd.04.09.2019 & shall be opened on the same day at 1500 Hours**. For details, please visit our website : www.omfed.com. Further addendum, corrigendum etc. if any will appear in the official website only. OMFED reserves the right to accept or reject any or all offers without assigning any reason thereof.
PLANT MANAGER

NMDC Limited
(A Government of India Enterprise)
'Khanij Bhavan', 10-3-311/A, Castle Hills, Masab Tank, Hyderabad-500 028
CIN : L13100TG1958GOI001674
INVITATION FOR EXPRESSION OF INTEREST FOR SELLING LIMESTONE
NMDC Limited, a Navratna Public Sector Company under the Ministry of Steel, Govt of India, intends to develop a limestone mine at the rate of 5 MTPA of lime stone ore at Arki in Solan District of Himachal Pradesh. Out of 5 MTPA of production, Lump (3.7MTPA) and Fines (1.3 MTPA) of limestone ore will be available for sale.
NMDC invites Expression of Interest from the interested parties along with their offer indicating their requirement of limestone (quantity and quality) per annum in Rs Per Ton exclusive of applicable taxes.
A brief of the project and detail product specifications can be viewed and/ or downloaded from NMDC's website **http://www.nmdc.co.in** and Central Procurement portal http://www.eprocure.gov.in from 19.08.2019 to 19.09.2019.
For accessing the document from NMDC tender website, the party has to register as 'New User'
For reference: http://www.nmdc.co.in/nmdctender/default.aspx.
For accessing the document from Central Procurement portal www.eprocure.gov.in, the parties have to click on "Active Tenders".
**For further clarifications contact: email: rpho@nmdc.co.in**
**Phone : 9449589481, 9490491725**
ED (RP & Safety)

OFFICE OF THE LABOUR COMMISSIONER, ODISHA, BHUBANESWAR
No. 12-K:
No. Labour/2019-20/01 Date: 19.08.2019
REQUEST FOR PROPOSAL (RFP) FOR SELECTION OF SYSTEM INTEGRATOR (SI) FOR e-GOVERNANCE SYSTEM PROJECT OF LABOUR DIRECTORATE AND DIRECTORATE OF FACTORIES & BOILERS UNDER LABOUR & ESI DEPARTMENT
Proposals are invited from eligible Bidders [System Integrators (SI)] for e-Governance System project of Labour Directorate and Directorate of Factories & Boilers under Labour & ESI Department for design, implementation, operation and maintenance of the Computerization Project of Labour and ESI Department, Government of Odisha, vide a contract with specific terms and conditions. The tender document with all information relating to the tender process such as cost of tender paper, EMD, Eligibility criteria, Terms and Conditions, etc. are available on the Department website **(http://labour.odisha.gov.in)** and Directorate website **(www.labdirodisha.gov.in)**, which may be downloaded for reference. A pre-Bid meeting will be held on 06.09.2019 at 11.30 A.M. The bids should reach the office of the undersigned through registered post / speed post / courier only **by 3 P.M. of 19.09.2019.** The undersigned reserves the right to reject any or all the tenders without assigning any reason thereof.
Sd/- Labour Commissioner, Odisha
O/o. the Labour Commissioner, Odisha, Bhubaneswar
Shrama Bhawan, Kharvel Nagar, Near Gurudwar, Unit-III, BBSR-751001, Odisha
Ph. No.:(0674) 2390624 , 2391187, E-mail : labcom.orissa@gmail.com
17002/11/0001/1920

अशोक ग्रुप The Ashok Group
ହୋଟେଲ କଳିଙ୍ଗ ଅଶୋକ (ଆଇ.ଟି.ଡି.ସି.)
(ଭାରତ ସରକାରଙ୍କ ଏକ ଉଦ୍ୟୋଗ)
ଗୌତମ ନଗର, ଭୁବନେଶ୍ୱର – ୭୫୧୦୧୪
ଟେଣ୍ଡର ଆମନ୍ତ୍ରଣ ବିଜ୍ଞପ୍ତି
ଟେଣ୍ଡର ନଂ. HKA/MM&D/e-Tender/19-20 Dt. 17.08.19
ନିମ୍ନଲିଖିତ ସାମଗ୍ରୀ/ସେବାଗୁଡ଼ିକ ସମ୍ପୃକ୍ତ ଇ-ଟେଣ୍ଡର ଅନୁମୋଦିତ ହେବା ତାରିଖଠାରୁ ଏକ ବର୍ଷ ସମୟ କାଳ ପାଇଁ ଯୋଗାଇବା ନିମନ୍ତେ ଆଗ୍ରହୀ ଓ ଅଭିଜ୍ଞ ଠିକାଦାର/ଏଜେନ୍ସିମାନଙ୍କ ଠାରୁ ପ୍ରକାଶ୍ୟ ଇ-ଟେଣ୍ଡର ଆମନ୍ତ୍ରଣ କରାଯାଉଛି। ସାମଗ୍ରୀ/ସେବାଗୁଡ଼ିକର ନାମ ଯଥାକ୍ରମେ (୧) ମିଷ୍ଟାନ୍ନ ସାମଗ୍ରୀ ଓ ପନିର, (୨) ଲଣ୍ଡ୍ରି ସେବା, (୩) ଟ୍ୟାକ୍ସି ସେବା।
ଟେଣ୍ଡର ଦାଖଲ କରିବାର ଶେଷ ତାରିଖ ତା୧୦।୦୯।୨୦୧୯ (ଅପରାହ୍ନ ୩ ଘଟିକା)।
Pre bid Meeting: ତା୨୪।୦୮।୨୦୧୯ (ଅପରାହ୍ନ ୨ ଘଟିକାରୁ ୪ଘଟିକା ପର୍ଯ୍ୟନ୍ତ)।
ଟେଣ୍ଡର ସବିଶେଷ ବିବରଣୀ ନିମ୍ନଲିଖିତ ୱେବସାଇଟ୍‌ରେ ଉପଲବ୍ଧ ହେବ: **www.theashokgroup.com, http://etenders.gov.in/eprocure/app & www.hotelkalingaashok.com.**
ସମସ୍ତ ସଂଯୋଗୀକରଣ/ସଂଶୋଧନ ଯଦି କିଛି ଥାଏ, ତାହାକୁ କେବଳ ଏହି ୱେବସାଇଟ୍‌ରେ ପ୍ରକାଶ କରାଯିବ।
ସ୍ୱା./– ଜେନେରାଲ ମ୍ୟାନେଜର
ହୋଟେଲ କଳିଙ୍ଗ ଅଶୋକ
ଭୁବନେଶ୍ୱର – ୭୫୧୦୧୪
Tel. ୦୬୭୪–୨୪୩୧୦୫୫/୧୦୫୬

## ସଂକ୍ଷେପରେ

### ସମ୍ପର୍କ ଅଭିଯାନ କାର୍ଯ୍ୟକ୍ରମ

ସମ୍ବଲପୁର,୧୮।୮(ବ୍ୟୁରୋ)

ବିବେକାନନ୍ଦ କେନ୍ଦ୍ର ସମ୍ବଲପୁର ଶାଖା ପକ୍ଷରୁ ସମ୍ପର୍କ ଅଭିଯାନ କର୍ମଶାଳା ରବିବାର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ସମ୍ପର୍କ ଅଭିଯାନର ଉଦ୍ଦେଶ୍ୟ, ଗୁରୁତ୍ୱପୂର୍ଣ୍ଣତା, ଅଭିଯାନର ଉପକାରିତା ବିଷୟରେ ଆଲୋଚନା କରାଯାଇଥିଲା। ପ୍ରଫେସର ଶୁର୍ଦ୍ଦଶନ ପୂଜାରୀ ଅଧକ୍ଷତା କରିଥିଲେ । ଡ. ମୁରଲୀଧର ପ୍ରେମନାଥ ନାୟକ ସ୍ୱାଗତ ଭାଷଣ ଦେଇଥିଲେ । ସମରେନ୍ଦ୍ର ନାୟକ, ପ୍ରଫେସର ଦେବେନ୍ଦ୍ର ପଣ୍ଡା, ପ୍ରଫେସର ବସନ୍ତ କୁମାର ଦାଶ, ପ୍ରକାଶ ଚନ୍ଦ୍ର ଦାଶ, ଶିକ୍ଷୟିତ୍ରୀ ପଙ୍କଜିନୀ ନାୟକ ଆଲୋଚନାରେ ଭାଗ ନେଇଥିଲେ।

### ମାନେଶ୍ୱର ଦୁର୍ଗା ପୂଜା କମିଟି ଗଠିତ

ସମ୍ବଲପୁର, ୧୮।୮ (ବ୍ୟୁରୋ)

ମାନେଶ୍ୱର ଦୁର୍ଗାପୂଜା ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଚଳିତ ବର୍ଷ କିଭଳି ଭାବେ ପୂଜାକୁ ଧୁମ୍‌ଧାମ୍‌ରେ ପାଳିତ କରାଯିବ ସେ ନେଇ ଆଲୋଚନା ହୋଇଥିଲା । ଏହି ଅବସରରେ ଚଳିତ ବର୍ଷ ପାଇଁ ନୂତନ କମିଟି ଗଠନ କରାଯାଇଥିଲା। ଉକ୍ତ କମିଟିରେ ସଭାପତି ଭାବେ ଶିଳାମନୋଜ କୁମାର, ଉପସଭାପତି ଅନ୍ତର୍ଯ୍ୟାମୀ ତ୍ରିପାଠୀ, ସମ୍ପାଦକ ମନୋଜ ମେହେର, ସହସମ୍ପାଦକ ଅନୀଲ ପୂଜାରୀ, କୋଷାଧକ୍ଷ ରଞ୍ଜିତ ମେହେରଙ୍କୁ ଚୟନ କରାଯାଇଛି । ରାବଣ ପୋଡି ପାଇଁ ଦିନେଶ ପୂଜାରୀଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି।

## ବ୍ରାହ୍ମଣୀନାଲିରେ କମ୍ୟୁନିଟି ସେଣ୍ଟର ନିର୍ମାଣରେ ଦୁର୍ନୀତି

# ମୁହଁ ଖୋଲିବାରୁ ପୋଲିସ ଡରେଇଲା

ସମ୍ବଲପୁର,୧୮।୮(ବ୍ୟୁରୋ)

ଆମ ଗାଁ ଆମ ବିକାଶ ଯୋଜନାରେ ବ୍ୟାପକ ଟଙ୍କା ହେରଫେର ହୋଇଛି । ଏହାକୁ ନେଇ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ହେଲେ ଠିକାଦାରଙ୍କ ଅଭିଯୋଗ କ୍ରମେ ଗ୍ରାମବାସୀଙ୍କୁ ପୋଲିସ ଥାନାରେ ଅଟକ ରଖିଛି। ଏଭଳି ଘଟଣା ଘଟିଛି ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକ ବ୍ରାହ୍ମଣୀନାଲି ଗ୍ରାମରେ । ସନ୍ଧ୍ୟା ପର୍ଯ୍ୟନ୍ତ ଗ୍ରାମବାସୀ ଥାନାରେ ଅଟକ ରହିଥିଲେ ମଧ୍ୟ ଯୁଯୁମୁରା ପୋଲିସ ଓଲଟା ଗ୍ରାମବାସୀଙ୍କୁ ହଇରାଣ କରୁଥିବା ଅଭିଯୋଗ କରିଛନ୍ତି ।

ଗ୍ରାମବାସୀଙ୍କ ଅଭିଯୋଗ କ୍ରମେ ଆମ ଗାଁ ଆମ ବିକାଶ ଯୋଜନାରେ ବ୍ରାହ୍ମଣୀନାଲି ଗ୍ରାମକୁ କମ୍ୟୁନିଟି ସେଣ୍ଟର ନିର୍ମାଣ କରିବା ପାଇଁ ଆର୍ଥିକ ବର୍ଷ ୨୦୧୮-୧୯ରେ ୩ ଲକ୍ଷ ଟଙ୍କା ଅନୁଦାନ ଆସିଥିଲା । ଏହା ବିଭାଗୀୟ ଅଧିକାରୀ (ଜେଇ)ଙ୍କ ନାମରେ ହୋଇଛି । ହେଲେ ଏହି କାମଟି





ସମ୍ବଲପୁର ଜିଲା ଯୁଯୁମୁରା ଥାନାରେ ବ୍ରାହ୍ମଣୀନାଲୀ ଗ୍ରାମର ଯୁବକମାନେ ବସିଛନ୍ତି (ବାମ) । ବ୍ରାହ୍ମଣୀନାଲୀ ଗ୍ରାମରେ ନିର୍ମାଣ ହୋଇଥିବା କମ୍ୟୁନିଟି ସେଣ୍ଟର ।

ନିମ୍ନମାନର ହେବା ସହ ଛାତ ବଦଳରେ ଆଜବେଷ୍ଟ ବ୍ୟବହାର କରି ଲକ୍ଷାଧିକ ଟଙ୍କାର ହେରଫେର କରାଯାଇଛି । ରବିବାର ଜଣେ ଯୁବକ କମ୍ୟୁନିଟି ସେଣ୍ଟର ଗୃହରେ ଥିବା ଲୁହା ଛଡ ଓ ସିମେଣ୍ଟ ନେଇ ପାଳାଉଥିଲେ । ଏହାକୁ ଲୋକେ ବିରୋଧ କରିଥିଲେ। ହେଲେ ଉକ୍ତ ଯୁବକ ଜୀବନରେ ମାରିଦେବାକୁ ଧମକଚମକ ଦେଇଥିଲେ। ଓଲଟା ସେ ଥାନାରେ ଗ୍ରାମବାସୀଙ୍କ ନାମରେ ଅଭିଯୋଗ କରିଛନ୍ତି ବୋଲି ଗ୍ରାମବାସୀମାନେ କହିଛନ୍ତି । ଏ ନେଇ ଜେଇ ଚିରଞ୍ଜିବୀ ନାଥଙ୍କୁ ପଚାରିବାରୁ ୩ ଲକ୍ଷ ଟଙ୍କାର ଅନୁଦାନ ଆସିଥିଲା। ୨୬୦ ସ୍କୋଆର୍ ଫୁଟରେ ଛାତ ସହ ଗୃହ ନିର୍ମାଣ କରିବା ପାଇଁ ବ୍ୟୟ ଅଟକଳ ରହିଥିଲା । କାମ ସଂପୂର୍ଣ୍ଣ ହୋଇ ସାରିଛି। ଟଙ୍କା ଉଠାଯାଇଛି । ହେଲେ ଆଜବେଷ୍ଟ ବ୍ୟବହାର ସମ୍ପର୍କରେ ପଚାରିବାରୁ ସନ୍ତୋଷଜନକ ଉତ୍ତର ନ ଦେଇ କଥା ଏଡାଇ ଦେଇଥିଲେ । ଏ ସମ୍ପର୍କରେ ଯୁଯୁମୁରା ଥାନା ଅଧିକାରୀ ରୀନା ବେହେରାଙ୍କୁ ପଚାରିବାରୁ ସେହି ଗ୍ରାମର ଜଣେ ଯୁବକ ଅଭିଯୋଗ କରିଥିଲେ। ଠିକା କାମ ଚାଲୁଥିବା ସମୟରେ ଜଣେ ଯୁବକ ନିଶାଶକ୍ତ ଅବସ୍ଥାରେ ଆସି ଗାଳିଗୁଲଜ କରିଥିଲେ। ତେଣୁ ଉକ୍ତ ଯୁବକଙ୍କୁ ଥାନାରେ ଆଣି କିଛି ସମୟ ଅଟକ ରଖି ପୁଣି ଛାଡି ଦିଆ ଯାଇଛି। ହେଲେ ଏହି ଘଟଣାରେ ସମସ୍ତ ଗ୍ରାମବାସୀ ଥାନାକୁ ଆସିବା ଚର୍ଚ୍ଚାର ବିଷୟ ହୋଇଛି।

### ଯୁକ୍ତ ୩ରେ ନାମ ଲେଖାଇବାକୁ ହଟହଟା

ନାକଟିଦେଉଳ,୧୮।୮(ଡି.ଏନ.ଏ.)

ଜୁଲାଇ ମାସରୁ ଯୁକ୍ତ ୩ ନାମ ଲେଖା ପ୍ରକ୍ରିୟା ଆରମ୍ଭ ହୋଇଛି। ହେଲେ 'ସାମସ୍‌ର' ଦାୟିତ୍ୱହୀନତା ଯୋଗୁ ଜଣେ ଛାତ୍ରୀ ଓ ଜଣେ ଛାତ୍ର ଚଳିତ ବର୍ଷ ଯୁକ୍ତ ତିନିରେ ନାମ ଲେଖାରୁ ବଞ୍ଚିତ ହୋଇଥିବା ଅଭିଯୋଗ ହୋଇଛି । ସାମସ୍ ୱେବ୍‌ସାଇଟରେ ଗତ ୧୪ ତାରିଖ ସାଢେ ୧୧ଟାରେ ଛାତ୍ରୀ ଖଦ୍ୟୋତିକା ବିଶ୍ୱାଳଙ୍କ ନାମ ରେଢାଖୋଲ ଭୀମ ଭୋଇ କଲେଜରେ ଇତିହାସ(ସମ୍ମାନ)ପାଇଁ ସ୍ୱଟ୍‌ରେ ରେଜିଷ୍ଟ୍ରେସନ ପାଇଁ ନାମ ପ୍ରକାଶ ପାଇଥିଲା। ସେଦିନ ସନ୍ଧ୍ୟାରେ ସାମସ୍ ପକ୍ଷରୁ ପୁଣି ଏକ ରିଭାଇଜ ଲିଷ୍ଟ ବାହାରିଲା। ଯେଉଁଥିରେ ସେହି ଛାତ୍ରୀଙ୍କ ନାମ ନାକଟିଦେଉଳ ଡିଗ୍ରୀ କଲେଜରେ ଇତିହାସ (ସମ୍ମାନ)ରେ ସ୍ୱଟ ଆଡ୍‌ମିଶନ ପାଇଁ ର୍ୟାଙ୍କ ୪ରେ ବାହାରିଲା। ହେଲେ ୧୭ରେ ସାମସ୍‌ର ଫାଇନାଲ ଲିଷ୍ଟରେ ତାଙ୍କ ନାମ ନଥିଲା । ପ୍ରଥମେ ସେ ରେଢାଖୋଲ ଭୀମ ଭୋଇ କଲେଜକୁ ଯାଇଥିଲେ । ନାକଟିଦେଉଳ କଲେଜକୁ ଯାଇ ରେଜିଷ୍ଟ୍ରେଶନ କରିବାକୁ କୁହାଯାଇଥିଲା । ଏଣୁ ସେ ନାକଟିଦେଉଳ ଡିଗ୍ରୀ କଲେଜକୁ ଆସିଥିଲେ। ହେଲେ ସେଠାରେ ମଧ ତାଙ୍କୁ ରେଜିଷ୍ଟ୍ରେଶନ ପାଇଁ ମନା କରି ଦିଆଯାଇଥିଲା। ସେହିପରି ରଞ୍ଜନ କୁମାର ବେହେରା ନାମକ ଅନ୍ୟ ଜଣେ ଛାତ୍ରଙ୍କ ନାମ ସାମସ୍‌ର ରିଭାଇଜ ଲିଷ୍ଟରେ ନାକଟିଦେଉଳ କଲେଜରେ ନାମ ଲେଖିବାକୁ ବାହାରି ଥିଲା । କିନ୍ତୁ ୧୭ତାରିଖ ଲିଷ୍ଟରେ ସେହି ଛାତ୍ରଙ୍କ ନାମ ମଧ କୌଣସି କଲେଜରେ ବାହାରି ନାହିଁ।

## ସମ୍ବଲପୁରୀ ନାଟକକୁ ନେଇ ଆଲୋଚନାଚକ୍ର

ସମ୍ବଲପୁର, ୧୮।୮ (ବ୍ୟୁରୋ)

ସାଂପ୍ରତିକ ସମ୍ବଲପୁରୀ ନାଟକର ଅନ୍ତସ୍ୱର ଆଲୋଚନାଚକ୍ର ରବିବାର ଭୀମଭୋଇ ସାହିତ୍ୟ ସଂସଦ ସଭାକକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଡ. ଦ୍ୱାରିକାନାଥ ନାୟକଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରାଧ୍ୟାକ ନୌବିହାରୀ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ଆଲୋଚନା ଚକ୍ରର ଶୁଭାରମ୍ଭ କରିଥିଲେ । ଅଦୃଶ୍ୟ ନାଟ୍ୟଶ୍ରମ ଓ ଭୀମଭୋଇ ସାହିତ୍ୟ ସଂସଦ ମିଳିତ ଆନୁକୂଲ୍ୟରେ ଆଲୋଚନା ଚକ୍ର ହୋଇଥିଲା । ଏଥିରେ ନାଟ୍ୟ ନିର୍ଦ୍ଦେଶକ ଡ. ପଞ୍ଚାନନ ମିଶ୍ର, ଅଧ୍ୟାପକ ସତ୍ୟନାରାୟଣ ଠାକୁର ଓ ଡ. ମୋହନ ସାହୁ





ରବିବାର ସମ୍ବଲପୁରଠାରେ ଆୟୋଜିତ ନାଟ୍ୟ ଆଲୋଚନା ଚକ୍ରରେ ଡ. ପଞ୍ଚାନନ ମିଶ୍ର ବକ୍ତବ୍ୟ ପ୍ରଦାନ କରୁଛନ୍ତି ।

ଆଲୋଚକ ଭାବେ ଯୋଗ ଦେଇଥିଲେ । ଅଦୃଶ୍ୟ ନାଟ୍ୟଶ୍ରମ ନିର୍ଦ୍ଦେଶକ ଅତିଶ କୁମାର ଶତପଥୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ସୁବଳ ଚନ୍ଦ୍ର ବାଗ ସ୍ୱାଗତ ଭାଷଣ ଦେଇଥିଲେ । ଜୟଦେବ ବଗର୍ତ୍ତି, ଅଭୟ ତରେଇ, ନରେନ୍ଦ୍ର ବେହେରା, ପ୍ଲାବନ ମିଶ୍ର, ଡ. ଶେଷଦେବ ରଣ, ବିଶେଶ୍ୱର କୁଲାଲି, ସୁବ୍ରତ ଅମାତ, ଅନୀଲ ଶଙ୍ଖାରି ପ୍ରମୁଖ ସହଯୋଗ କରିଥିଲେ । ଭୀମଭୋଇ ସାହିତ୍ୟ ସମ୍ପାଦକ ସରୋଜ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ସହରର ବିଭିନ୍ନ ଅଞ୍ଚଳରୁ ନାଟ୍ୟକାର, ନାଟ୍ୟ ନିର୍ଦ୍ଦେଶକ, ଅଭିନେତା, ଅଭିନେତ୍ରୀ, ବରିଷ୍ଠ ନାଗରିକ, ଶିକ୍ଷାବିତଙ୍କ ସମେତ ସମ୍ବଲପୁର ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ପ୍ରଦର୍ଶନ କଳା ବିଭାଗର ଛାତ୍ରୀଛାତ୍ରମାନେ ଯୋଗ ଦେଇଥିଲେ ।

## ୟୁନାଇଟେଡ ବ୍ୟାଙ୍କର ଶାଖାସ୍ତରୀୟ ସମ୍ମିଳନୀ

ସମ୍ବଲପୁର,୧୮।୮(ବ୍ୟୁରୋ)

ୟୁନାଇଟେଡ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ଦ୍ୱିଦିବସୀୟ ଶାଖାସ୍ତରୀୟ ସମ୍ମିଳନୀ ରବିବାର ଅଇଁଠାପାଲି ନିକଟସ୍ଥ ହୋଟେଲ ଡଲଫିନ୍ ସଭା କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ବ୍ୟାଙ୍କର ସୂଚନା ଓ ପ୍ରଯୁକ୍ତି ବିଭାଗର ଡେପୁଟି ଜେନେରାଲ ମ୍ୟାନେଜର ଅକ୍ଷୟ ବେଉରା ଓ ମୁଖ୍ୟ ଆଞ୍ଚଳିକ ମ୍ୟାନେଜର ପିତବାସ ପାଢ଼ୀ ଯୋଗଦେଇ ୮ଟି ବିଷୟରେ ଆଲୋଚନା କରିଥିଲେ । ଭାରତୀୟ ଅର୍ଥ ବ୍ୟବସ୍ଥାରେ ବ୍ୟାଙ୍କର ଯୋଗଦାନ ବଢ଼ାଇବା, ପ୍ରଯୁକ୍ତି ବିଜ୍ଞାନର ବହୁଳ ଉପଯୋଗ କରି ନୂତନ ପଦ୍ଧତି ଆପଣାଇବା, ବ୍ୟାଙ୍କକୁ ବରିଷ୍ଠ ନାଗରିକ, କୃଷକ, କ୍ଷୁଦ୍ର ଉଦ୍ୟୋଗି, ଯୁବା ବର୍ଗ, ଛାତ୍ର, ମହିଳାଙ୍କ ପ୍ରତି ଅଧିକ ସମ୍ବେଦନଶୀଳ କରିବାକୁ ଗୁରୁତ୍ୱାରୋପ ଦିଆଯାଇଥିଲା। ଏଥିସହ ବ୍ୟାଙ୍କରେ ଡିଜିଟାଲ କାରବାର





ରବିବାର ସମ୍ବଲପୁରରେ ୟୁନାଇଟେଡ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ଶାଖା ସ୍ତରୀୟ ସମ୍ମିଳନୀରେ (ବାମ)ରୁ ସିଆରଏମ ପିତବାସ ପାଢ଼ୀ ଓ ଡିଜିଏମ ଅକ୍ଷୟ ବେଉରା ସୂଚନା ଦେଉଛନ୍ତି ।

ବଢ଼ାଇବା, ଜାତୀୟକରଣ ବ୍ୟାଙ୍କର ଉତ୍ତମ ପରିଚାଳନା, କ୍ଷୁଦ୍ର, ମଧ୍ୟମ ଉଦ୍ୟୋଗିଙ୍କ ଲାଗି ଋଣ, କ୍ଷୁଦ୍ର ତଥା ଖୁଚୁରା ଋଣ, ଆର୍ଥିକ ଗ୍ରନ୍ଥିର ଆବଶ୍ୟକତା ବିଷୟରେ ଆଲୋଚନା ହୋଇଥିଲା । ସେହିପରି ବ୍ୟାଙ୍କର ଉପଲବ୍ଧି ଓ ରାଷ୍ଟ୍ରୀୟ କ୍ଷେତ୍ରରେ ବ୍ୟାଙ୍କ ସହଭାଗିତାର ସମୀକ୍ଷା ହୋଇଥିଲା । ଏହି ଶାଖା ସ୍ତରୀୟ ସମ୍ମିଳନୀରେ ୬୦ଟି ବ୍ୟାଙ୍କର ଶାଖା ପ୍ରବନ୍ଧକ ଯୋଗ ଦେଇଥିଲେ ।

## ସାହିତ୍ୟ ଜୀବନକୁ ମଧୁମୟ କରେ

ସମ୍ବଲପୁର, ୧୮।୮ (ବ୍ୟୁରୋ)

ଗଙ୍ଗାଧରଙ୍କ ସାହିତ୍ୟରେ ଭାରତୀୟ ସଂସ୍କୃତି ଓ ଦର୍ଶନ ରହିଛି। ମଣିଷକୁ ଆତ୍ମସମୀକ୍ଷା କରିବାର ପ୍ରେରଣା ରହିଛି । ଯେକୌଣସି ପରିସ୍ଥିତି ସତ୍ତ୍ୱେ ଜୀବନଟା ମଧୁମୟ ହୋଇଥାଏ । ଶାସନସ୍ଥିତ ବିକାଶ ସ୍କୁଲ ପରିସରରେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ୧୫୮ତମ ଜନ୍ମ ସଭାରେ ବକ୍ତାମାନେ ଏହା କହିଛନ୍ତି । ଅଧ୍ୟକ୍ଷ ସଞ୍ଜୀବ କୁମାର ବାବୁଙ୍କ ପରିଚାଳନାରେ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଲରମ୍ଭା କଲେଜ ଅବସରପ୍ରାପ୍ତ ଓଡ଼ିଆ ଅଧ୍ୟାପକ ଜନାର୍ଦ୍ଦନ ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଗଙ୍ଗାଧରଙ୍କ ସାହିତ୍ୟରେ ଭାରତୀୟ ସଂସ୍କୃତିକୁ ଆବିଷ୍କାର କରାଯାଇ ପାରିବ । ପ୍ରକୃତି ଓ ସଂସ୍କୃତିର ଏକ ଚମତ୍କାର ସମନ୍ୱୟ ଗଙ୍ଗାଧରଙ୍କ ସାହିତ୍ୟରେ ପ୍ରାୟତଃ ଦେଖିବାକୁ ମିଳିଥାଏ । ଗଙ୍ଗାଧରଙ୍କ ସମସାମୟିକ କବିମାନେ ତତ୍କାଳୀନ ଜୀବନର ନକରାତ୍ମକ ଦିଗକୁ ଦେଖିଥିଲା ବେଳେ ଗଙ୍ଗାଧର ସକରାତ୍ମକ ଦିଗକୁ ହିଁ ଦେଖିଥିଲେ। ତେଣୁ ତାଙ୍କ ସାହିତ୍ୟରେ ଆତ୍ମସମୀକ୍ଷା କରିବାର ଦିଗଟି ବିପୁଳ ଭାବେ ଖୁନ୍ଦି ହୋଇ ରହିଛି ବୋଲି କହିଛନ୍ତି। ସମ୍ମାନିତ ଅତିଥି ଭାବେ ଖିଣ୍ଡା ହାଇସ୍କୁଲ ବିଜ୍ଞାନ ଶିକ୍ଷକ ଡ. ଗୌରୀଦାସ ପ୍ରଧାନ କହିଥିଲେ ଯେ, ଜୀବନକୁ ଭଲ ପାଇବାର ଗଭୀର ଅନୁଭବ ଗଙ୍ଗାଧରଙ୍କ ସାହିତ୍ୟରେ ରହିଛି । ସବୁ ପ୍ରକାର ଅପ୍ରାପ୍ତି ପରେ ବି ଆମେ ସମସ୍ତେ ଅମୃତ ସାଗର ବିନ୍ଦୁ । ଏ ପ୍ରକାର ଚେତନା କବି ଗଙ୍ଗାଧର ହିଁ ଆମକୁ ଦେଇଛନ୍ତି । ଜୀବନକୁ ଭଲ ପାଇବାଠାରୁ ବଡ଼ କଳା ଏ ସଂସାରରେ ଆଉ କିଛି ନାହିଁ । ସାହିତ୍ୟ ଜୀବନକୁ ମଧୁମୟ କରେ, ଏ ପୃଥିବୀର ସବୁ ପ୍ରକାର ଦୁଃଖକୁ କିଏ ଯଦି ଖୁବ୍ କମ୍ ସମୟରେ ଦୂର କରିପାରେ ସେହି ମହୌଷଧି ହିଁ ସାହିତ୍ୟ । ସାହିତ୍ୟକୁ ଛାଡ଼ି ଜୀବନ ସୁନ୍ଦର ହୁଏ ନାହିଁ ବୋଲି ଅଧ୍ୟକ୍ଷ ସଞ୍ଜୀବ ସଭାପତିତ୍ୱ ଭାଷଣରେ ମତ ପ୍ରକାଶ କରିଥିଲେ । ଅଧ୍ୟାପକ ବିପିନ ମହାନନ୍ଦ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ବିକାଶ କନସେପ୍ଟ ସ୍କୁଲ ଅଧ୍ୟକ୍ଷ ଡ. ବିଜୟ ଚନ୍ଦ୍ର ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ କଲେଜ ପ୍ରାଚୀର ଆଦ୍ୟଶିନା ସୃଜନୀର ଶୁଭ ସକାଳକୁ ଉନ୍ମୋଚନ କରାଯାଇଥିଲା । ସଙ୍ଗୀତ ଶିକ୍ଷକ ଲବ ଭୂୟାଁଙ୍କ ପରିଚାଳନାରେ ଛାତ୍ରୀମାନେ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ ।

## ହକି ଟୁର୍ନାମେଣ୍ଟ: ପାଥୋମୁଣ୍ଡା ବିଜୟୀ

ସମ୍ବଲପୁର, ୧୮।୮ (ବ୍ୟୁରୋ)

ପାଥୋମୁଣ୍ଡାଠାରେ ଏକଦିବସୀୟ ହକି ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି । ଏଥିରେ ୮ଟି ଦଳ ଭାଗ ନେଇଥିଲେ। ଫାଇନାଲ ମ୍ୟାଚ ଭାଲୁଡୁଙ୍ଗୁରୀ ଓ ପାଥୋମୁଣ୍ଡା ମଧ୍ୟରେ ହୋଇଥିଲା। ପାଥୋମୁଣ୍ଡା ୧-୦ ଗୋଲରେ ବିଜୟୀ ହୋଇ ଚାମ୍ପିୟନ ଟ୍ରଫି ହାସଲ କରିଥିଲା। ସୁନ୍ଦରମଣୀ ବାରିକ, ଲକ୍ଷ୍ମଣ ନାଥ ଅତିଥି ଭାବେ ଯୋଗ ଦେଇଥିଲେ। ନିର୍ମଳ କୁଜୁର, ସୁରେଶନ ଟିଗା, ଅନୀଲ କାଣ୍ଡୋଲନା, ନିଖେଳ କାଣ୍ଡୋଲନା, ବୁଦ୍ଧିଆ ମୁଣ୍ଡା ମ୍ୟାଚ ପରିଚାଳନା କରିଥିଲେ । ବେଞ୍ଜାମିନ ବେଡା, ସନତ ମୁଣ୍ଡା, ଉଜ୍ଜଳ ମାଝିସହଯୋଗ କରିଥିଲେ ।



ସମ୍ବଲପୁର ପାଥୋମୁଣ୍ଡାଠାରେ ଆୟୋଜିତ ଏକଦିବସୀୟ ହକି ଟୁର୍ନାମେଣ୍ଟରେ ଖେଳାଳି ଓ ଅତିଥିମାନେ ।

### ବଜ୍ରପାତରେ ୪ ଗୋରୁ ମୃତ

ଲଖନପୁର,୧୮।୮(ଡି.ଏନ୍.ଏ.)

ଝାରସୁଗୁଡ଼ା ଜିଲା ଲଖନପୁର ଥାନା କୁଡ଼ାଲୋଇ ଗ୍ରାମରେ ଶନିବାର ରାତିରେ ବଜ୍ରପାତ ଘରି ୪ ଗୋରୁଙ୍କ ମୃତ୍ୟୁ ହୋଇଛି। ମୃତ ଗୋରୁଗୁଡ଼ିକ କୁଡ଼ାଲୋଇ ଗ୍ରାମର ଅମିନ ପଟେଲ, ରମେଶ ପ୍ରଧାନ ଓ ବୁଦ୍ଧରାମ ପ୍ରଧାନଙ୍କର ବୋଲି ଜଣାପଡ଼ିଛି। ଏ ସମ୍ପର୍କରେ ସାମାଜିକ କର୍ମୀ ବିରଞ୍ଚି ସାହୁ ତହସିଲଦାର, ଆର୍‌ଆଇ, ପ୍ରାଣୀ ଚିକିତ୍ସକ ଓ ପୋଲିସକୁ ସୂଚନା ଦେଇଥିଲେ। ବେଲପାହାଡ଼ ପ୍ରାଣୀ ଚିକିତ୍ସକ ଡା. ସୁଧାଂଶୁ ଶେଖର ପଟେଲ, ହିମାଂଶୁ ଶେଖର ଦେ ଓ ନୀଳମଣି ସେଠୀ ପ୍ରମୁଖ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ କରିବା ପରେ ପୋତି ଦେଇଛନ୍ତି। ସରକାରୀ ସହାୟତା ଯୋଗାଇ ଦେବା ପାଇଁ ଗୋରୁ ମାଲିକମାନେ ତହସିଲଦାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

## ବିଜାଗଡ଼ ସ୍କୁଲରେ ଆତ୍ମବିଶ୍ୱାସ ଦିବସ

ନାକଟିଦେଉଳ,୧୮।୮(ଡି.ଏନ.ଏ.)

ନାକଟିଦେଉଳ ବ୍ଲକ ଅନ୍ତର୍ଗତ ବଳମ ପଞ୍ଚାୟତ ବିଜାଗଡ଼ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆତ୍ମବିଶ୍ୱାସ ବୃଦ୍ଧି ପାଇଁ ଆତ୍ମବିଶ୍ୱାସ ଦିବସ ପାଳନ ସହ ଏକ କର୍ମଶାଳା ଅନୁଷ୍ଠିତ ହୋଇ ଯାଇଛି। ବିଦ୍ୟାଳୟର କାର୍ଯ୍ୟକାରୀ ପ୍ରଧାନ ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳି ବିଶ୍ୱାଳଙ୍କ ପରିଚାଳନାରେ ଆୟୋଜିତ ଏହି କର୍ମଶାଳାରେ ଶିକ୍ଷୟିତ୍ରୀ ରଶ୍ମିତା ମହାନ୍ତି, ସୁଷମା ପ୍ରଧାନ ଏବଂ ସସ୍ମିତା ନାୟକ, ଜୟନ୍ତୀ ପ୍ରଧାନ ପ୍ରମୁଖ ଯୋଗ ଦେଇ ଆତ୍ମବିଶ୍ୱାସର ଉପାୟ, ଆବଶ୍ୟକତା ଓ ଉପକାରିତା ସମ୍ପର୍କରେ ବିଭିନ୍ନ ଗଳ୍ପ ଓ ଉଦାହରଣ ମାଧ୍ୟମରେ ବୁଝାଇ ଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଆତ୍ମବିଶ୍ୱାସ ସମ୍ପର୍କରେ ବିଭିନ୍ନ ତଥ୍ୟ ପାଠ କରା ଯାଇଥିଲା । ଶେଷରେ ସସ୍ମିତା ନାୟକ ଧନ୍ୟବାଦ ଦେଇଥିଲେ ।

## ଗଙ୍ଗାଧର ସଙ୍ଗୀତରେ ଝୁମିଲା ପ୍ରେକ୍ଷାଳୟ

ସମ୍ବଲପୁର,୧୮।୮(ବ୍ୟୁରୋ)

ସମ୍ବଲପୁର କଳାପରିଷଦ ପକ୍ଷରୁ ରବିବାର ତପସ୍ୱିନୀ ପ୍ରେକ୍ଷାଳୟଠାରେ ଗଙ୍ଗାଧର ସଙ୍ଗୀତ ସମାରୋହ ଅନୁଷ୍ଠିତ ହୋଇଯାଇଛି । ସ୍ୱଭାବ କବିଙ୍କ ରଚିତ 'କିଏ ଗୋ ତୁ ଜ୍ୟୋତିର୍ମୟୀ' ଗୀତରେ ପ୍ରେକ୍ଷାଳୟ ଝୁମି ଉଠିଥିଲା । ୭ଟି ସ୍କୁଲର ୯୫ ଜଣ ଛାତ୍ରୀ ସମବେତ ଗଙ୍ଗାଧର ସଙ୍ଗୀତ ଗାନ କରିଥିଲେ। ୨୫ଜଣ ପ୍ରଶିକ୍ଷାର୍ଥୀ ଓଡିଶୀ ନୃତ୍ୟ ପରିବେଷଣ କରିଥିଲେ। ନବକିଶୋର ମହନ୍ତମ ସଙ୍ଗୀତ ନିର୍ଦ୍ଦେଶନା ଦେଇଥିବା ବେଳେ ସୂର୍ଯ୍ୟପ୍ରକାଶ ଗୁରୁ ସଂଯୋଜନା କରିଥିଲେ। କସ୍ତୁରୀ ଦାଶ, ତ୍ରିଲୋଚନ ତ୍ରିପାଠୀ, ସୁଶ୍ରୀତା ପାଣିଗ୍ରାହୀ ଗୀତ ଗାନ କରିଥିଲେ। ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ମୁଖ୍ୟଅତିଥି ଓ ଜିଲା ରେଡକ୍ରସ ସମ୍ପାଦକ ଜୟ ଜଜ୍









ରବିବାର ସମ୍ବଲପୁର ତପସ୍ୱିନୀ ପ୍ରେକ୍ଷାଳୟଠାରେ କସ୍ତୁରୀ ଦାଶ ଗୀତ ଗାନ କରୁଛନ୍ତି (ବାମ) । ଗଙ୍ଗାଧର ସଙ୍ଗୀତ ତାଳରେ ଓଡିଶୀ ନୃତ୍ୟ ।

ସମ୍ମାନୀତ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। କଳା ପରିଷଦ କାର୍ଯ୍ୟକାରୀ ସଭାପତି ପ୍ରଫୁଲ୍ଲ କୁମାର ହୋତାଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା । ସାଧାରଣ ସମ୍ପାଦକ ସୁଶାନ୍ତ ମିଶ୍ର ସୂଚନା ପ୍ରଦାନ କରିଥିଲେ । ଲଳିତ ଜେନା, ସଞ୍ଜୀବ ମିଶ୍ର, ମନୋରଞ୍ଜନ ପାଢ଼ୀ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।



ପରର ମଙ୍ଗଳ କରିବା ସବୁଠାରୁ ବଡ ଧର୍ମ।
ଅନ୍ୟକୁ କଷ୍ଟ ଦେବା ସବୁଠାରୁ ବଡ ପାପ।
- ସନ୍ଥ ତୁଳସୀ ଦାସ



## ସଂକ୍ଷେପରେ

### ନାରୀବନ୍ଦୀ ନିକେତନରେ ଚକ୍ଷୁ ପରୀକ୍ଷା ଶିବିର

ସମ୍ବଲପୁର,୧୭।୮(ବ୍ୟୁରୋ) ସମ୍ବଲପୁର ଲାୟନ୍ସ କ୍ଲବ ସିଲ୍କ ପକ୍ଷରୁ ନାରୀବନ୍ଦୀ ନିକେତନରେ ନିଃଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି । ନାରୀବନ୍ଦୀ ନିକେତନ ଅଧୀକ୍ଷିକା ଗୁନିବାଲା ଦେଇଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ଲାୟନ୍ସ କ୍ଲବର ମହିଳା, ସଭ୍ୟ ଓ କର୍ମକର୍ତ୍ତାମାନେ ସାମିଲ ଥିଲେ।

### ଅଖଣ୍ଡ ଭାରତ ସଂକଳ୍ପ ଦିବସ

ସମ୍ବଲପୁର, ୧୮।୮ (ବ୍ୟୁରୋ) ବଜରଙ୍ଗ ଦଳ ପକ୍ଷରୁ ଅଖଣ୍ଡ ଭାରତ ସଂକଳ୍ପ ଦିବସ କୁମ୍ଭାରପଡାସ୍ଥିତ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଶୋଭାଯାତ୍ରା ଲକ୍ଷ୍ମୀଟକିଜ ଛକ, ଗୋଲବଜାର, ଧର୍ମଶାଳା ଗଳି, ବୈଦ୍ୟନାଥ ଛକ ପରିକ୍ରମା କରିଥିଲା । ଜିଲା ସଂଯୋଜକ ତପନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ପଥପ୍ରାନ୍ତ ସଭା ହୋଇଥିଲା। ଭିଏଚପି ପ୍ରାନ୍ତ ସଂଗଠନ ମନ୍ତ୍ରୀ ଶରତ ପ୍ରଧାନ ମୁଖ୍ୟବକ୍ତା, ପ୍ରାନ୍ତ ସଂଯୋଜକ ସୁଧୀରରଞ୍ଜନ ବହିଦାର ସମ୍ମାନିତ ଅତିଥି, ରାଜୀବ ଶତପଥୀ, ଆଶିଷ ବାବୁ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ବରୁଣ କୁମାର, ଟିଙ୍କୁ ସାହୁ, ବିଶାଳ କୁମାର, ଆନନ୍ଦ ହାତୀ, ସୀମାନ୍ତ ସିଂ, ଜିତୁ ସାହୁ, ଚନ୍ଦନ ସାହାଣି, ବସୁ ମୁଣ୍ଡା, ଦୀପକ ନାୟକ, ଅମିତ ସୋନି, ମଧୁ ମୋଦକ, ପିଣ୍ଟୁ ଓରାମ, ଅଜିତ ସାହୁ କାର୍ଯ୍ୟକ୍ରମ ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ।

### ଗଙ୍ଗାଧର କବିତା ଆବୃତ୍ତି ପ୍ରତିଯୋଗିତାରେ ସିମରନ୍ ପ୍ରଧାନ ପ୍ରଥମ

ସମ୍ବଲପୁର, ୧୮।୮ (ବ୍ୟୁରୋ) ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ଉତ୍ସବ ଲେଡିଲୁଇସ ଗର୍ଲ୍ସ ହାଇସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଗଙ୍ଗାଧର କବିତା ଆବୃତ୍ତି ପ୍ରତିଯୋଗିତା ହୋଇଥିଲା । ଏଥିରେ ଛାତ୍ରୀ ସିମରନ୍ ପ୍ରଧାନ ପ୍ରଥମ ସ୍ଥାନ ଅଧିକାର କରିଥିଲେ । ସ୍କୁଲ ପ୍ରଧାନଶିକ୍ଷକ ଉଜାଗର ପ୍ରଧାନଙ୍କ ଅଧ୍ୟକ୍ଷତାରେ ସଭା ହୋଇଥିଲା। ପ୍ରଫେସର ସୁରୁବାବୁ ମେହେର, ଡ. ସନ୍ତୋଷ କୁମାର ଦାଶ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଗଙ୍ଗାଧରଙ୍କ ସାହିତ୍ୟ କୃତି ଉପରେ ଆଲୋକପାତ କରିଥିଲେ । ଶିକ୍ଷୟିତ୍ରୀ ତାରାବତୀ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ବକ୍ତୃତା ଓ ଗଙ୍ଗାଧର କବିତା ଆବୃତ୍ତି କୃତୀ ଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା।



### କାଦର ଅଲ୍ଲିଙ୍କ ବିୟୋଗ

ସମ୍ବଲପୁର, ୧୮।୮ (ବ୍ୟୁରୋ): ଶିକ୍ଷା ସଂଗଠକ ତଥା ସାମାଜିକ କର୍ମୀ କାଦର ଅଲ୍ଲିଙ୍କ ପରଲୋକ ହୋଇଯାଇଛି। ତାଙ୍କୁ ସମ୍ମାନ ଜଣାଇ ମାନେଶ୍ୱର ଅଞ୍ଚଳର ସମସ୍ତ ଦୋକାନ ବଜାର ବନ୍ଦ ରହିଥିଲା। ଏଥିସହ ମାନେଶ୍ୱର ବ୍ଲକ ଅଞ୍ଚଳର ବିଭିନ୍ନ ଗ୍ରାମ ଗୁଡିକରେ ମଧ ଶୋକର ଛାୟା ଖେଳି ଯାଇଛି। କାଦର ମାନେଶ୍ୱର ହାଇସ୍କୁଲ, ମିର୍ଗାମୁଣ୍ଡା ଆଞ୍ଚଳିକ ଗର୍ଲ୍ସ ହାଇସ୍କୁଲର ପୂର୍ବତନ ସ୍କୁଲ ପରିଚାଳନା କମିଟି ସଭ୍ୟ ଥିଲେ। ଏଥିସହ ମାଁ ପାର୍ବତୀ ସେବା ସମିତି ଜରାନିବାସ, ମାନେଶ୍ୱର ବୃଦ୍ଧାଶ୍ରମର ସମ୍ପାଦକ ଭାବେ କାର୍ଯ୍ୟ କରି ଅଞ୍ଚଳରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ ।

# 'ମୁଁ ତ ଅମୃତ ସାଗର ବିନ୍ଦୁ' ଏସ୍ୟୁର ସଙ୍ଗୀତ ହେବ

ସମ୍ବଲପୁର, ୧୮।୮ (ବ୍ୟୁରୋ)

ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ରଚିତ 'ମୁଁ ତ ଅମୃତ ସାଗର ବିନ୍ଦୁ' ସମ୍ବଲପୁର ବିଶ୍ୱବିଦ୍ୟାଳୟର ସଙ୍ଗୀତ ହେବ । ସାପ୍ତାହିକ ପତ୍ରିକା ସ୍ୱୀକାର ସାରସ୍ୱତ ସମାରୋହରେ କୁଳପତି ପ୍ରଫେସର ଦୀପକ କୁମାର ବେହେରା ଏହା କହିଛନ୍ତି । ଶିଳା ଟାୱାର ସଭା କକ୍ଷରେ ଆୟୋଜିତ ସାରସ୍ୱତ ସମାରୋହରେ ମୁଖ୍ୟ ଅତିଥି ଭାବେ ପ୍ରଫେସର ବେହେରା କହିଥିଲେ ଯେ, ବିଶ୍ୱବିଦ୍ୟାଳୟର ସଙ୍ଗୀତ ବାବଦରେ ସିଣ୍ଡିକେଟରେ ମଧ ପ୍ରସ୍ତାବ ଗୃହୀତ ହୋଇଛି । ଏହାଛଡ଼ା ଗଙ୍ଗାଧରଙ୍କ ଉପରେ ଫେଲୋସିପ୍ କରାଯିବାର ମଧ ପ୍ରସ୍ତାବ ରହିଛି । ପ୍ରଫେସର ସୁଦର୍ଶନ ପୂଜାରୀଙ୍କ ଅଧ୍ୟକ୍ଷତାରେ ଉତ୍ସବ ଅନୁଷ୍ଠିତ ହୋଇଥିଲା । ଡା. କୃଷ୍ଣ କେଶବ ଷଡ଼ଙ୍ଗୀ ମୁଖ୍ୟବକ୍ତା ଭାବେ ଯୋଗ ଦେଇ କହିଥିଲେ ଯେ, ସାରସ୍ୱତ ସ୍ୱୀକାରୋକ୍ତି ହିଁ କବିର ଶ୍ରେଷ୍ଠ ପରିଚୟ। ସ୍ୱୀକାରୋକ୍ତି ଦ୍ୱାରା ସାରସ୍ୱତ ସ୍ରଷ୍ଟାର ସାମାଜିକ ଆଭିମୁଖ୍ୟ ଓ ଦାୟବଦ୍ଧତା ସ୍ପଷ୍ଟ ହେବା ସଙ୍ଗେ ପୁଷ୍ଟ ହୋଇଥାଏ । ଉତ୍ସବରେ ଭୁବନେଶ୍ୱର ଦୂରଦର୍ଶନ କାର୍ଯ୍ୟକ୍ରମ ମୁଖ୍ୟ ନୀଳାଦ୍ରିମୋହନ ଶତପଥୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ କହିଥିଲେ ଯେ, ଅମୃତର ସନ୍ତାନ ଗଙ୍ଗାଧରଙ୍କ ପ୍ରକୃତି ବର୍ଣ୍ଣନା ସର୍ବଭାରତୀୟ ସ୍ତରରୁ ବିଶ୍ୱସ୍ତର ପର୍ଯ୍ୟନ୍ତ ରହିଛି । ତେଣୁ କବି ଗଙ୍ଗାଧରଙ୍କୁ ବିଶ୍ୱର ଅନ୍ୟ ପ୍ରାନ୍ତରେ ସାଧାରଣ ଲୋକେ ଚିହ୍ନି ପାରିଲେ ଯାଇ, ତାଙ୍କ ସାହିତ୍ୟର ବ୍ୟାପ୍ତି ସାଫଲ୍ୟ ମଣ୍ଡିତ ହେବ । ଶେଫାଳିରାଣୀ ଦାଶ ସଂଯୋଜନା କରିଥିବା ବେଳେ ଅଧ୍ୟାପକ ଡ. ଶ୍ୟାମ ଭୋଇ ଅତିଥି ପରିଚୟ ଓ ପତ୍ରିକା ସମ୍ପାଦକ ହେମନ୍ତ କୁମାର ମହାପାତ୍ର ସ୍ୱାଗତ ଭାଷଣ ଦେଇଥିଲେ । ଏହି ଅବସରରେ ବିଶିଷ୍ଟ ସଂସ୍କୃତି ପ୍ରେମୀ ଓ ସାହିତ୍ୟିକ ନୀଳାଦ୍ରିମୋହନଙ୍କୁ ସ୍ୱୀକାର ସାରସ୍ୱତ ସମ୍ମାନ- ୨୦୧୯ ପ୍ରଦାନ କରାଯାଇଥିଲା । ଡ. ଶ୍ୟାମ ସୁନ୍ଦର ଧର ମାନପତ୍ର ପାଠ କରିଥିଲେ । ଶିକ୍ଷାବିତ୍ ଅରବିନ୍ଦ ମହାପାତ୍ରଙ୍କ ଅଧ୍ୟକ୍ଷତା ଏବଂ କବି ସୌଭାଗ୍ୟବନ୍ତ ମହାରଣା, ମାହେଶ୍ୱରୀ ପ୍ରସାଦ ପାଣିଗ୍ରାହୀ ଓ ବିଜୟିନୀ ପଣ୍ଡାଙ୍କ ସଂଯୋଜନାରେ କବିତା ପାଠୋତ୍ସବ ହୋଇଥିଲା। ଏଥିରେ ପ୍ରଫେସର ଗିରିଜା ଶଙ୍କର ଶର୍ମା, ଆର୍ତ୍ତତ୍ରାଣ ମିଶ୍ର, ସୁଶ୍ରୀ ସୁପ୍ରଭା ମିଶ୍ର, ସୁନିତୀ ମିଶ୍ର, ପଙ୍କଜିନୀ ନାୟକ, ଭବାନୀ ଶଙ୍କର ନାଥ, ପ୍ରଣତୀ ପଟ୍ଟନାୟକ, ଗୌରହରି ଗିରି, ଭିକାରୀ ଚରଣ ସରାଫ, ମମତା ମହାନ୍ତି, ପ୍ରଦୀପ ପାଣିଗ୍ରାହୀ, ଦେବାନନ୍ଦ ସାମଲ, ସବିତା ମିଶ୍ର, ସରୋଜ କୁମାର ସାହୁ, ବରଗଡ଼ର ସଙ୍ଗୀତା ପଣ୍ଡା ଷଡ଼ଙ୍ଗୀ, କୈଳାସଚନ୍ଦ୍ର ପଣ୍ଡା, ଶୁଭେନ୍ଦୁସୁଧା ଷଡ଼ଙ୍ଗୀ ଓ ବୁର୍ଲାର ନିରଞ୍ଜନ ପଟ୍ଟନାୟକ ସ୍ୱରଚିତ କବିତାପାଠ କରିଥିଲେ । ପ୍ରଫେସର ମୀନକେତନ ପୁରୋହିତ କବି ଓ କବୟିତ୍ରୀମାନଙ୍କୁ ଉଦ୍‌ବୋଧନ ଦେଇଥିଲେ ।



ସାହିତ୍ୟିକ ନୀଳାଦ୍ରୀମୋହନ ଶତପଥିଙ୍କୁ ସ୍ୱୀକାର ସାରସ୍ୱତ ସମ୍ମାନ ସମାରୋହରେ ପ୍ରଫେସର ଦୀପକ କୁମାର ବେହେରା ସମ୍ମାନୀତ କରୁଛନ୍ତି।

### ରେଢ଼ାଖୋଲ ଶିଶୁମନ୍ଦିରରେ ବିଜ୍ଞାନମେଳା

ରେଢ଼ାଖୋଲ,୧୮।୮(ଡି.ଏନ୍.ଏ.)

ରେଢ଼ାଖୋଲ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବାର୍ଷିକ ବିଜ୍ଞାନମେଳା ଆୟୋଜିତ ହୋଇଛି । ଛାତ୍ରୀଛାତ୍ର ୧୫୦ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ବାରବାଙ୍କ ହାଇସ୍କୁଲ ବିଜ୍ଞାନ ଶିକ୍ଷକ ବିନୋଦ ବିହାରୀ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ମେଳାକୁ ଉଦ୍‌ଘାଟନ କରିଥିଲେ। ବିଚାରକ ଭାବେ ଶିକ୍ଷକ କୈଳାସଚନ୍ଦ୍ର ଦାଶ, ରେବତୀ ରମଣ ପ୍ରଧାନ, ଆଇନଜୀବୀ ସୁଜିତ କୁମାର ପ୍ରଧାନ, ଶରତଚନ୍ଦ୍ର ଦେହୁରୀ, ଆଚାର୍ଯ୍ୟ ସ୍ମାରକ ବିଶ୍ୱାଳ ଯୋଗଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ଅବସରପ୍ରାପ୍ତ ଶିକ୍ଷକ ଅଲେଖ ପ୍ରଧାନ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଥିଲେ। ଏହି ଅବସରରେ ଆୟୋଜିତ ସଭାରେ ପ୍ରଧାନ ଆଚାର୍ଯ୍ୟ ହେମରାଜ ବେହେରା ସଭାପତିତ୍ୱ କରିଥିଲେ। ଅନୀତା ରଥ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ମମତାରାଣୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

### ପାର୍ବତୀ ଗିରିଙ୍କ ୨୪ତମ ଶ୍ରାଦ୍ଧଦିବସ
## ନାରାୟଣ ସାହୁଙ୍କୁ ପାର୍ବତୀରତ୍ନ ସମ୍ମାନ

ସମ୍ବଲପୁର,୧୮।୮(ବ୍ୟୁରୋ)

ଝୁମୁରା ବ୍ଲକ ଫୁଲଝରନସ୍ଥିତ ଆଶ୍ରମରେ ପାର୍ବତୀ ଗିରିଙ୍କ ୨୪ତମ ଶ୍ରାଦ୍ଧବାର୍ଷିକୀ ପାଳିତ ହୋଇଛି। ପାର୍ବତୀ ଗିରି ମିଳିତ ଜୟନ୍ତୀ କମିଟି ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପୂର୍ଣ୍ଣଚନ୍ଦ୍ର ପ୍ରଧାନ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ସନ୍ତୋଷିନୀ ନାୟକ, ସମ୍ମାନିତ ଅତିଥି ବୀରସିଂଗଡ଼ ସରପଞ୍ଚ ରିଫାରାଣୀ ବେହେରା, ସମିତିସଭ୍ୟା ମୈଥିଳି ପ୍ରଧାନ, ମୁଖ୍ୟବକ୍ତା ଭାବେ ଓଡ଼ିଆ ପ୍ରଧାପିକା ଡ. ସନ୍ତୋଷିନୀ ବାବୁ ଯୋଗଦେଇ ପାର୍ବତୀ ଗିରିଙ୍କ ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ବାରଲୋଇ ଗ୍ରାମର ନାରାୟଣ ସାହୁଙ୍କୁ ପାର୍ବତୀ ଗିରି ସ୍ମୃତିରତ୍ନ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଗତ ମାଟ୍ରିକ ପରୀକ୍ଷାରେ ଶ୍ରେଷ୍ଠ ୧୦ମ ସ୍ଥାନରେ ରହିଥିବା କେଜିଏମ୍ଏନ୍ ଛାତ୍ର ଦେବେଶ ସାହୁଙ୍କୁ ଲୋକନାଥ ସମ୍ମାନରେ ସମ୍ମାନିତ କରାଯାଇଥିଲା। ପାର୍ବତୀ ଗିରି କଲେଜର ଯୁକ୍ତ ୨ ଛାତ୍ରୀ ବନିତା ପ୍ରଧାନ ଓ ଯୁକ୍ତ ୩ ଛାତ୍ରୀ ଦ୍ରୌପୋଦୀ ପ୍ରଧାନଙ୍କୁ ମଧ ସମ୍ମାନିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ କୁଳଧର ପ୍ରଧାନ, ସମ୍ପାଦିକା ସନ୍ଧ୍ୟାରାଣୀ ପ୍ରଧାନ, ଗିରିଶ ପଟ୍ଟନାୟକ, ମାନଧାତାବାବା କଲେଜ ଅଧ୍ୟାପକ ତୁଷାର ବାରିକ ଉପସ୍ଥିତ ଥିଲେ। ଅଧ୍ୟାପକ ଗୋବିନ୍ଦ ମହାରଣା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷକ ଚିନ୍ତାମଣୀ ଭୋଇ ସଭା ପରିଚାଳନା କରିଥିଲେ।



ପାର୍ବତୀ ଗିରିଙ୍କ ୨୪ତମ ଶ୍ରାଦ୍ଧବାର୍ଷିକୀ ଉତ୍ସବରେ ନାରାୟଣ ସାହୁଙ୍କୁ ସମ୍ମାନିତ କରାଯାଉଛି।

### ସିନ୍ଦୂରପଙ୍କ ଦୁର୍ଗାପୂଜା କମିଟି ଗଠିତ

ସମ୍ବଲପୁର, ୧୮।୮ (ବ୍ୟୁରୋ)

ସିନ୍ଦୂରପଙ୍କ ଦୁର୍ଗାପୂଜା କମିଟିର ନୂତନ କର୍ମକର୍ତ୍ତା ରବିବାର ଗଠନ କରାଯାଇଛି। ପୂର୍ବତନ ସଭାପତି ଚନ୍ଦ୍ରଶେଖର ପଣ୍ଡାଙ୍କ ଅଧ୍ୟକ୍ଷତାରେ ସଭା ହୋଇଥିଲା। ସଭ୍ୟମାନେ ବିଭିନ୍ନ ବିଷୟରେ ଆଲୋଚନା କରିବା ସହ ଚଳିତ ବର୍ଷ ଦୁର୍ଗାପୂଜାକୁ ଆକର୍ଷଣୀୟ କରିବା ପାଇଁ ମତପ୍ରକାଶ କରିଥିଲେ। ଏହାପରେ ନୂତନ କର୍ମକର୍ତ୍ତା ଗଠନ କରାଯାଇଥିଲା। ଶୁକଦେବ ନନ୍ଦି ସଭାପତି, ରାଧାମୋହନ ଧର ଉପସଭାପତି, ବିକାଶ ଚନ୍ଦ୍ର ସାହୁ ସାଧାରଣ ସମ୍ପାଦକ, ଦେବାଶିଷ ନାଥ ସମ୍ପାଦକ, ରବୀନ୍ଦ୍ର କୁମାର ଧର କୋଷାଧ୍ୟକ୍ଷ, ପ୍ରଫୁଲ୍ଲ ସାହୁ ସହ କୋଷାଧ୍ୟକ୍ଷ ଭାବେ ମନୋନୀତ ହୋଇଛନ୍ତି।

## ସେଣ୍ଟ୍ରାଲ ବ୍ୟାଙ୍କର ଶାଖା ପରିଚାଳକ କର୍ମଶାଳା



ସମ୍ବଲପୁରରେ ସେଣ୍ଟ୍ରାଲ ବ୍ୟାଙ୍କର ଆଲୋଚନାଚକ୍ରରେ ଯୋଗ ଦେଇଥିବା ଅଧିକାରୀ, ଶାଖା ପ୍ରବନ୍ଧକମାନେ।

ସମ୍ବଲପୁର,୧୮।୮(ବ୍ୟୁରୋ)

ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆ ସମ୍ବଲପୁର କ୍ଷେତ୍ରୀୟ ପ୍ରବନ୍ଧକ ରଣଜିତ କୁମାର ମହାନ୍ତିଙ୍କ ନେତୃତ୍ୱରେ ଅଞ୍ଚଳର ଶାଖା ପରିଚାଳକମାନଙ୍କ ଦୁଇଦିନିଆ କର୍ମଶାଳା ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟତଃ ବ୍ୟାଙ୍କର ସ୍ଥିତି ଓ ଭବିଷ୍ୟତରେ ଆର୍ଥିକ ଉନ୍ନତିରେ ବ୍ୟାଙ୍କଗୁଡ଼ିକର ସହାୟକ ଭୂମିକା ଓ ନୂତନ ଦିଗନ୍ତର ଆବିଷ୍କାର ସମ୍ବନ୍ଧରେ ଶାଖାଗୁଡ଼ିକଠାରୁ ଗଠନମୂଳକ ମତାମତ ଲୋଡ଼ାଯାଇଥିଲା। ଆର୍ଥିକ ଉନ୍ନତି ସମ୍ବନ୍ଧରେ ଓ ନୂତନ ଦିଗ୍‌ଦର୍ଶନ ସନ୍ଦର୍ଭରେ ଆଲୋଚନା କରାଯାଇଥିଲା। ଯାହା ଭାରତ ସରକାରଙ୍କ ଅର୍ଥ ମନ୍ତ୍ରଣାଳୟର ଆର୍ଥିକ ସେବା ବିଭାଗ ଦ୍ୱାରା ଆହ୍ୱାନ କରାଯାଇଛି। ନୂତନ ଆର୍ଥିକ ଉନ୍ନତି ତଥା ଦିଗ୍‌ଦର୍ଶନ ପାଇଁ ବ୍ୟାଙ୍କ ଶାଖାଗୁଡ଼ିକଠାରୁ ସୁଚିନ୍ତିତ ମତାମତ ଆହ୍ୱାନ କରାଯାଇଥିଲା। ଡିଜିଟାଲ ଦେୟ, ସରକାରୀ ବ୍ୟାଙ୍କର କର୍ପୋରେଟ୍ ସେବା, ଏମ୍ଏସ୍ଏମ୍ଇ ଋଣ, ପ୍ରାଦ୍ୟୋଗିକ ବ୍ୟବହାର, ରିଟେଲ୍ ଲେଣ୍ଡିଂ, କୃଷିଭିତ୍ତିକ ଋଣ, କୃଷକମାନଙ୍କ ଆୟ ବୃଦ୍ଧି, ମହିଳା ସଶକ୍ତୀକରଣ, ଡିଜିଟାଲକରଣ ତଥା ଭାରତ ସରକାରଙ୍କ ଦ୍ୱାରା ଧାର୍ଯ୍ୟ ଲକ୍ଷ୍ୟ ପାଞ୍ଚ ଲକ୍ଷ କୋଟି ଡଲାର୍ ଆର୍ଥିକ ବ୍ୟବସ୍ଥାର ପ୍ରାପ୍ତି ନିମିତ୍ତ ବିଭିନ୍ନ ବିତ୍ତୀୟ ସହାୟତା ଆବଶ୍ୟକତାର ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା। ଏହି ଅବସରରେ ସହାୟକ କ୍ଷେତ୍ରୀୟ ପ୍ରବନ୍ଧକ, ମୁଖ୍ୟ ପ୍ରବନ୍ଧକ ଓ କ୍ଷେତ୍ରୀୟ କାର୍ଯ୍ୟାଳୟର ଅଧିକାରୀମାନେ ଉପସ୍ଥିତ ଥିଲେ।

## ଯୁବ କଂଗ୍ରେସର କାର୍ଯ୍ୟକାରିଣୀ ବୈଠକ

ସମ୍ବଲପୁର, ୧୭।୮ (ବ୍ୟୁରୋ)

ସମ୍ବଲପୁର ଲୋକସଭା ଯୁବ କଂଗ୍ରେସ କମିଟିର କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି । କମିଟି ସଭାପତି ଆଶୁତୋଷ ସ୍ୱାଇଁଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ରାଜ୍ୟ ଯୁବ କଂଗ୍ରେସ ପ୍ରଭାବ ଶେକ ଅର୍ସାଦ୍ଦ, ରାଜ୍ୟ ପ୍ରବକ୍ତା ଅଙ୍କିତ ସିଂହାରୀ, ଲୋକସଭା ସାଧାରଣ ସମ୍ପାଦକ ପ୍ରଶାନ୍ତ ସାହୁ, ବିଧାନସଭା ସଭାପତି ସୁମିତ ଷଡଙ୍ଗୀ, ଉପସଭାପତି ପ୍ଲାବନ ବହିଦାର, ଅମିତ ଗୁରୁ, ଧର୍ମରାଜ ସିଂ, ହରି ମେହେର, ମୁକେଶ ଶର୍ମା, ପ୍ରେମରଞ୍ଜନ ପ୍ରଧାନ, ମହମ୍ମଦ ମୁଖତାର୍, ବିକାଶ ବେହେରା, ମୋହନ ପ୍ରଧାନ, ସ୍ୱରଜ ମିଶ୍ର, ତ୍ରିଲୋଚନ ପୁରୋହିତ, ପିଙ୍କୁ ସିଂ ଆଲୋଚନାରେ ଭାଗ ନେଇଥିଲେ ।



ସମ୍ବଲପୁର ଯୁବ କଂଗ୍ରେସର କାର୍ଯ୍ୟକାରିଣୀ ବୈଠକରେ ଉପସ୍ଥିତ ପ୍ରତିନିଧିମାନେ ।

## ଏନ୍ଏସ୍‌ସିବି କଲେଜରେ ନବାଗତଙ୍କୁ ସ୍ୱାଗତ

ସମ୍ବଲପୁର,୧୮।୮(ବ୍ୟୁରୋ)

ନେତାଜୀ ସୁବାଷ ଚନ୍ଦ୍ର ବୋଷ (ଏନ୍ଏସ୍‌ସିବି) କଲେଜ ସଭାକକ୍ଷରେ ନବାଗତ ଛାତ୍ରୀଛାତ୍ରଙ୍କ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଯୁକ୍ତ ୩ ପ୍ରଥମବର୍ଷ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରାଯାଇଛି। ଅଧ୍ୟକ୍ଷ ପ୍ରଫେସର ହରିଶଙ୍କର ସାହୁଙ୍କ ପରିଚାଳନାରେ ଉତ୍ସବ ହୋଇଥିଲା। ସମ୍ବଲପୁର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଦୀପକ କୁମାର ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଛାତ୍ରୀଛାତ୍ରମାନେ ଶୃଙ୍ଖଳିତ ହେଲେ ଭବିଷ୍ୟତରେ ଭଲ ମଣିଷ ହୋଇପାରିବେ। ଛାତ୍ରଶକ୍ତିକୁ କେହି ପରାସ୍ତ କରିପାରିବେ ନାହିଁ। ଛାତ୍ର ଓ ଶିକ୍ଷକମାନଙ୍କ ମଧ୍ୟରେ ଦୂରତ୍ୱ କମିବାର ସମୟ ଆସିଛି। ଏହାଦ୍ୱାରା ଛାତ୍ରମାନେ ନିଜ ଅସୁବିଧା ସୁବିଧା ଶିକ୍ଷକଙ୍କ ପାଖରେ ଉପସ୍ଥାପନ କରିପାରିବେ। ଏହାଦ୍ୱାରା ଛାତ୍ର ଓ ଶିକ୍ଷକଙ୍କ ମଧ୍ୟରେ ଗୁରୁଶିଷ୍ୟ ପରମ୍ପରା ବଢ଼ିପାରିବ ବୋଲି କୁଳପତି ପ୍ରଫେସର ବେହେରା କହିଥିଲେ। ପ୍ରଧାପକ ରଘୁମଣି ନାୟକ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଡ. ବିଶ୍ୱମୋହନ ଜେନା ଉତ୍ସବ ସଂଯୋଜନା କରିଥିଲେ। ଅଧାପକ ରବୀନ୍ଦ୍ର କୁମାର ପାଣିଗ୍ରାହୀ, ସତ୍ୟପ୍ରକାଶ ନନ୍ଦ, ହରିହର ମଲ୍ଲିକ, ସୁଜିତ କୁମାର ପ୍ରଧାନ, ସନ୍ତୋଷ ରଞ୍ଜନ ବେହେରା, ପ୍ରଶାନ୍ତ କୁମାର ପଣ୍ଡା, ସତ୍ୟପ୍ରକାଶ ଟୁଡୁ, ସୁରେଶ ଏକ୍କା, ମିଲି ସାହୁ, ମେଞ୍ଜା ପୂର୍ତ୍ତି, ବୀରସିଂ ଦଲେଇ, ଶ୍ରଦ୍ଧାଞ୍ଜଳି ଦାସ, ଅଲକା ଲୁଗୁନ, ଚନ୍ଦ୍ରମା ମିଶ୍ର, ଅଶୋକ କୁମାର ଦାଶ, କୌଶିକ ଦାସ ଓ ଉତ୍ତମ କୁମାର ରାଉଲ ଏହି ଅବସରରେ ବକ୍ତବ୍ୟ ପ୍ରଦାନ କରିଥିଲେ। ସୁଶ୍ରୀ ଶ୍ରଦ୍ଧାମୟୀ ପୁରୋହିତ ଧନ୍ୟବାଦ ଅର୍ପଣ କରିଥିଲେ। ବିଭିନ୍ନ ବିଭାଗର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।



ଏନ୍ଏସ୍‌ସିବି କଲେଜରେ ଆୟୋଜିତ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବରେ କୃତୀ ଛାତ୍ରୀଛାତ୍ର, ଅତିଥି ଓ କଲେଜ କର୍ମଚାରୀ।

## ଫଟୋରେ ଖବର







ସମ୍ବଲପୁର ପ୍ରେସ୍ ଭବନଠାରେ ଉତ୍କଳ ସର୍ବୋଦୟ ମଣ୍ଡଳ ଆୟୋଜିତ ମହାତ୍ମା ଗାନ୍ଧୀ ଓ କସ୍ତୁରବା ଗାନ୍ଧୀଙ୍କ ଜୟନ୍ତୀ ପ୍ରସ୍ତୁତି ବୈଠକରେ ନୃତ୍ୟ ପରିବେଷଣ (ବାମ)। ସିଦ୍ଧେଶ୍ୱର ବେର୍ଣ୍ଣା ସରସ୍ୱତୀ ଶିଶୁମନ୍ଦିର ପ୍ରଶ୍ନମଞ୍ଚ କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀ ଶିକ୍ଷକ ପ୍ରଶ୍ନପତ୍ର ଉନ୍ମୋଚନ କରୁଛନ୍ତି (ମଝି)। ପ୍ରଶ୍ନମଞ୍ଚ କାର୍ଯ୍ୟକ୍ରମରେ ଭାଗ ନେଇଥିବା ଛାତ୍ରୀଛାତ୍ର।



ଉପଦେଶ ଦେବା ସରଳ କିନ୍ତୁ ଉପାୟ
ବତାଇବା ଭାରି କଷ୍ଟ।
- ରବୀନ୍ଦ୍ରନାଥ ଠାକୁର



## ସଂକ୍ଷେପରେ

### ଦୁଗ୍ଧଚାଷୀ କ୍ଷତିଗ୍ରସ୍ତ

**ଅତାବିରା, ୧୮।୮ (ଡି.ଏନ.ଏ):** ସମ୍ବଲପୁର ସମଲେଶ୍ୱରୀ ଆଞ୍ଚଳିକ ଦୁଗ୍ଧ ଉତ୍ପାଦକ ସଂଘର ଚାଷୀମାନଙ୍କୁ ଗୋଖାଦ୍ୟ ଯୋଗାଇ ଦେବାରେ ଓମଫେଡ ଫେଲ୍ ମାରିଛି । ଫଳରେ ଦୁଗ୍ଧ ଚାଷୀମାନେ ଗୋଖାଦ୍ୟ ଖୋଲା ବଜାରରୁ କିଣି ଅଧିକ ଖର୍ଚ୍ଚାନ୍ତ ହେଉଛନ୍ତି । ଦୁଗ୍ଧ ଚାଷୀଙ୍କ ଉନ୍ନତି, ଦୁଗ୍ଧ ମୂଲ୍ୟବୃଦ୍ଧିକୁ ଅଣଦେଖା କରାଯାଉଥିବାର ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇଛି। ଏ ସମ୍ପର୍କରେ ଦୁଗ୍ଧ ଚାଷୀ ବିଦେଶୀ ମହାପାତ୍ର କୁହନ୍ତି, ଓମଫେଡ ଗୋଖାଦ୍ୟ ଦୀର୍ଘ ୩ ମାସ ହେଲାଣି ମିଳୁନାହିଁ କି ଦୁଗ୍ଧ ଉତ୍ପାଦକ ସମିତିକୁ ଯୋଗାଇ ଦିଆଯାଉ ନାହିଁ। ଆମ୍ଭେମାନେ ଖୋଲା ବଜାରରୁ ଗୋଖାଦ୍ୟ କିଣି କ୍ଷତିଗ୍ରସ୍ତ ହେଉଛୁ । ଲରମ୍ଭା ଦୁଗ୍ଧ ଉତ୍ପାଦକ ସମିତି ସଭାପତି ଅମ୍ବିକା ପଣ୍ଡାଙ୍କୁ ପଚରାଯିବାରୁ ଚାଷୀଙ୍କୁ ଗୋଖାଦ୍ୟ ଯୋଗାଇ ଦିଆଯାଉ ନାହିଁ କି ଦୁଗ୍ଧ ମୂଲ୍ୟ ବୃଦ୍ଧି ପ୍ରତି ଦୃଷ୍ଟି ଦିଆଯାଉନି। ଯଦି ଦୁଗ୍ଧ ମୂଲ୍ୟ ବୃଦ୍ଧି କରିବା ସହିତ ଗୋଖାଦ୍ୟ ଯୋଗାଇ ଦିଆ ନ ଯାଏ ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇବୁ ବୋଲି ପଣ୍ଡା କହିଥିଲେ। ତେବେ ଏ ନେଇ ଓମଫେଡ କର୍ତ୍ତୃପକ୍ଷଙ୍କ ମତାମତ ମିଳିପାରିନାହିଁ ।



ରବିବାର ବିଜୁ ପଟ୍ଟନାୟକ ଷ୍ଟାଡିୟମରେ ଆୟୋଜିତ ଦ୍ୱିତୀୟ ଆନ୍ତଃ ବୁର୍ଲା ଫୁଟବଲ ଟୁର୍ନାମେଣ୍ଟରେ ଅତିଥିଙ୍କ ସହ ଖେଳାଳିମାନେ ।

# ଫୁଟବଲ ଟୁର୍ନାମେଣ୍ଟରେ ଜ୍ୟୋତିବିହାର ବିଜୟୀ

**ସମ୍ବଲପୁର, ୧୮।୮ (ବ୍ୟୁରୋ)**

ଦ୍ୱିତୀୟ ଆନ୍ତଃ ବୁର୍ଲା ଫୁଟବଲ ଟୁର୍ନାମେଣ୍ଟ ବିଜୁ ପଟ୍ଟନାୟକ ଷ୍ଟାଡିୟମରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଭୀସୁଟ ବନାମ ଜ୍ୟୋତିବିହାର ମଧ୍ୟରେ ମ୍ୟାଚ ହୋଇଥିଲା। ଏଥିରେ ଜ୍ୟୋତିବିହାର ୩-୦ ଗୋଲରେ ବିଜୟୀ ହୋଇଥିଲା। ଜ୍ୟୋତି ବିହାର ଦଳର ବିଶ୍ୱଜିତ ଓରାମ ୨ଟି ଓ ବାବୁଲୁ ମୁଣ୍ଡା ଗୋଟିଏ ଗୋଲସ୍କୋର କରିଥିଲେ। ଶିବୁ ଛେତ୍ରୀ, ଶାନ୍ତା ରଣବିଡା, ଗୋପିନାଥ ପାଣ୍ଡେ, ଡା. ଉଦୟ ନାୟକ ମ୍ୟାଚ ପରିଚାଳନା କରିଥିଲେ। ରଞ୍ଜିତ ପଟ୍ଟନାୟକ ମୁଖ୍ୟଅତିଥି, ଉପେନ୍ଦ୍ର ଭୋଇ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ଚିତ୍ତରଞ୍ଜନ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ମହମ୍ମଦ ଜିଲାନି, ବିହାରୀ ସୁନା, ସୁଜିତ ଦାଶ ପ୍ରମୁଖ ସହଯୋଗ କରିଥିଲେ।

# ଗଙ୍ଗାଧର ମେହେରଙ୍କ ଜୟନ୍ତୀ

**ରେଢାଖୋଲ,୧୮।୮(ଡି.ଏନ.ଏ.)**

ରେଢାଖୋଲ ଏନଏସି କଲ୍ୟାଣ ମଣ୍ଡପଠାରେ ରବିବାର ସାଂସ୍କୃତିକ ଅନୁଷ୍ଠାନ ଭୀମଭୋଇ କଳା ପରିଷଦ ପକ୍ଷରୁ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ପାଳିତ ହୋଇଛି। ଏନଏସି ଉପାଧ୍ୟକ୍ଷ ସୁନିଲ କୁମାର ପ୍ରଧାନ, ଗୋବର୍ଦ୍ଧନ ବଘାର ଓ ଶିକ୍ଷକ ଜୟନ୍ତ ମାହାର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଗଙ୍ଗାଧର ମେହେରଙ୍କ ଜୀବନୀ ଓ ସାହିତ୍ୟ କୃତୀ ଉପରେ ଅତିଥିମାନେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ହରିଶଙ୍କର ହୋତା, ସଦାନନ୍ଦ ପ୍ରଧାନ, ଭକ୍ତଚରଣ କର୍ଣ୍ଣ, ପ୍ରଫୁଲ୍ଲ ପୋଢ, ମିଲୁ ବେହେରା, ଅକ୍ଷୟ ମହାକୁଡ, ଯୁଧିଷ୍ଠିର ପ୍ରଧାନ ପ୍ରମୁଖ ଏଥିରେ ଯୋଗ ଦେଇଥିଲେ। ଅନୁଷ୍ଠାନର ସଭାପତି ମହାବୀର ସିଂ ଦେଓ ସଭାପତିତ୍ୱ କରିଥିବାବେଳେ ସଂହାର କେଶରୀ ଭଞ୍ଜ ଧନ୍ୟବାଦ ଅର୍ପଣ କରିଥିଲେ।



ରେଢାଖୋଲ ଏନଏସି କଲ୍ୟାଣ ମଣ୍ଡପରେ ଭୀମ ଭୋଇ କଳା ପରିଷଦ ପକ୍ଷରୁ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀରେ ଉପସ୍ଥିତ ଅତିଥି।

# ସ୍ୱଚ୍ଛ, ସୁନ୍ଦର ଦେବଗଡ ଅଭିଯାନର ଶୁଭାରମ୍ଭ




ସ୍ୱଚ୍ଛ, ସୁନ୍ଦର ଦେବଗଡ ଅଭିଯାନର ଶୁଭାରମ୍ଭ ଅବସରରେ ଘରୋଇ ବସ୍ ମାଲିକ ସଂଘର ସଦସ୍ୟମାନେ ।

**ଦେବଗଡ଼,୧୮।୮(ଡ଼.ଏନ.ଏ.)**

ସମ୍ପୂର୍ଣ୍ଣ ବାହ୍ୟମଳମୁକ୍ତ ଜିଲାର ମାନ୍ୟତା ପାଇସାରିଛି ଦେବଗଡ ଜିଲା। ଏବେ ସ୍ୱଚ୍ଛ ଓ ସୁନ୍ଦର ଦେବଗଡ ଗଢିତୋଳିବା ଉଦ୍ଦେଶ୍ୟରେ ଜିଲା ପ୍ରଶାସନ ପକ୍ଷରୁ ସ୍ୱଚ୍ଛତା କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ପରିକଳ୍ପିତ କାର୍ଯ୍ୟକ୍ରମ ଅନୁଯାୟୀ ପ୍ରତ୍ୟେକ ମାସର ତୃତୀୟ ରବିବାର ଜିଲାର ସହରାଞ୍ଚଳ ସହିତ ସମସ୍ତ ଗ୍ରାମାଞ୍ଚଳରେ ଏକକାଳୀନ ସମୂହ ସଫେଇ ଓ ବୃକ୍ଷରୋପଣ କାର୍ଯ୍ୟକ୍ରମ କରାଯିବାକୁ ସ୍ଥିର କରାଯାଇଛି । ଏହି ପରିପ୍ରେକ୍ଷୀରେ ରବିବାର ଦେବଗଡ ପୌରାଞ୍ଚଳ ସମେତ ଜିଲାର ସମସ୍ତ ଗ୍ରାମାଞ୍ଚଳରେ ସାମୂହିକ ସଫେଇ ଓ ବୃକ୍ଷରୋପଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି । ଜିଲାର ସମସ୍ତ ସରକାରୀ କାର୍ଯ୍ୟାଳୟ, ପଞ୍ଚାୟତ କାର୍ଯ୍ୟାଳୟ, ଶିକ୍ଷାନୁଷ୍ଠାନ, ରାସ୍ତାଘାଟ, ମନ୍ଦିର ପରିସର ଓ ଦର୍ଶନୀୟ ସ୍ଥାନମାନଙ୍କରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଜନସାଧାରଣ ଉତ୍ସାହର ସହିତ ଭାଗନେଇଥଇଲେ। ନିଜ ନିଜ ଅଞ୍ଚଳକୁ ସଫାସୁତରା କରିବା ସଙ୍ଗେସଙ୍ଗେ ବିଭିନ୍ନ କିସମର ଚାରାରୋପଣ କରିଥିଲେ। ଏନସିସି, ଏନଏସଏସ, ରେଡକ୍ରସ, ନେହେରୁ ଯୁବକେନ୍ଦ୍ର, ଘରୋଇ ବସ୍ ମାଲିକ ସଂଘ, ବିଜୁ ଯୁବ ବାହିନୀ, ବିଭିନ୍ନ ସାମାଜିକ ଓ ସ୍ୱେଚ୍ଛାସେବୀ ସଂଗଠନ ଏବଂ ଶିକ୍ଷାନୁଷ୍ଠାନ କର୍ମକର୍ତ୍ତାମାନଙ୍କ ସହ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ପ୍ରଶାସନ ପକ୍ଷରୁ ଏହି କାର୍ଯ୍ୟକ୍ରମର ସୁପରିଚାଳନା ନିମନ୍ତେ ୨୨ଜଣ ଜିଲାସ୍ତରୀୟ ଅଧିକାରୀଙ୍କୁ ପୌରାଞ୍ଚଳର ବିଭିନ୍ନ ୱାର୍ଡ ଏବଂ ଜିଲାର ପଞ୍ଚାୟତମାନଙ୍କରେ ଦାୟିତ୍ୱ ନ୍ୟସ୍ତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲା ଆରକ୍ଷୀ ଅଧିକ୍ଷକ ରାହୁଲ ଜୈନ, ଅତିରିକ୍ତ ଜିଲାପାଳ ଧରମ ହାଁସଦା, ପ୍ରକଳ୍ପ ନିର୍ଦ୍ଦେଶକ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ଭିନସେଣ୍ଟ ପୁନମକାନ୍ତ ଏକ୍କା, ଉପଜିଲାପାଳ ବ୍ରଜବନ୍ଧୁ ଭୋଇ, ପୌରାଞ୍ଚଳ ନିର୍ବାହୀ ଅଧିକାରୀ କୁଞ୍ଜବନ ପ୍ରଧାନଙ୍କ ସମେତ ଜିଲା ଓ ବ୍ଲକସ୍ତରୀୟ କର୍ମଚାରୀମାନେ ଯୋଗଦେଇଥିଲେ ।

# ଦେବଗଡ଼ରେ ମା'ଖୁଦୁରୁକୁଣୀଙ୍କ ଓଷା ଆରମ୍ଭ

**ଦେବଗଡ଼,୧୮।୮(ଡି.ଏନ.ଏ.)**

ଦେବଗଡ଼ ପୌରାଞ୍ଚଳରେ ମା'ଖୁଦୁରୁକୁଣୀଙ୍କ ପୂଜା(ଓଷା) ରବିବାର ଆରମ୍ଭ ହୋଇଯାଇଛି। ମା'ଙ୍କ ଓଷା ମାସେ ପାଳନ କରାଯିବ। ଓଷା ପାଇଁ ସହରର ବଣିଆଁସାହି, ମଠସାହି, ମ୍ୟୁନିସିପାଲିଟିସାହି, ହାତୀଶାଳସାହି, ବରପାଲିସାହି, ଖପରସାହି, ନିଳବେର୍ଣ୍ଣୀସାହି, ଗୁରୁଡିପାସାହି, ଭିତିରିଆସାହି ଏହିପରି ବିଭିନ୍ନ ସାହି ତଥା ଗ୍ରାମାଞ୍ଚଳର କୋଣ ଅନୁକୋଣରେ ବିଭିନ୍ନ ପୂଜା ମଣ୍ଡପରେ ଆକର୍ଷଣୀୟ ସାଜସଜ୍ଜା ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରିବାପାଇଁ ସ୍ଥିର କରାଯାଇଛି। ପୂଜାରମ୍ଭ ପୂର୍ବରୁ ବନ୍ଦାପନା ପୂର୍ବକ ସାହିର ଯୁବତୀ ତଥା ଯୁବକମାନେ ମା'ଙ୍କୁ ଏକ ଶୋଭାଯାତ୍ରାରେ ଆଣି ମଣ୍ଡପରେ ମା'ଙ୍କୁ ସ୍ଥାପନା କରିଥିଲେ।

# ଆକାଶବାଣୀ ବୈଷୟିକ କର୍ମଚାରୀ ସଂଘ ବୈଠକ

**ସମ୍ବଲପୁର, ୧୮।୮ (ବ୍ୟୁରୋ)**

ଆକାଶବାଣୀ ସମ୍ବଲପୁର ବୈଷୟିକ କର୍ମଚାରୀ ସଂଘର ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭ୍ୟ ସୁରେନ୍ଦ୍ର କୁମାର ବେହେରା ଓ ପ୍ରମୋଦ କୁମାର ପଟ୍ଟନାୟକ ଏବଂ ଜଗଦୀଶ ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ନବନିର୍ବାଚିତ ଜୋନାଲ ଯୁଗ୍ମ ସମ୍ପାଦକ ସତ୍ୟରଞ୍ଜନ ପଣ୍ଡା, ସମ୍ବଲପୁର କ୍ଷେତ୍ର ସମ୍ପାଦକ ଅମରେଶ ବେହେରାଙ୍କୁ ସମ୍ମାନିତ କରାଯାଇଥିଲା । ଏମଆରକେ ରାଓ, ମୁକୁନ୍ଦ ପ୍ରଧାନ, ତାପସ ଦାଶ, ସଞ୍ଜୟ ସରକାର, ଭୁଞ୍ଜ ପଟେଲ, ଅଜୟ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ ।



ସମ୍ବଲପୁର ଆକାଶବାଣୀ କେନ୍ଦ୍ରର ବୈଷୟିକ କର୍ମଚାରୀ ସଂଘ ସାଧାରଣ ବୈଠକରେ କର୍ମକର୍ତ୍ତା ଓ ସଭ୍ୟମାନେ ।

## ଫଟୋରେ ଖବର



ଦେବଗଡ଼ ଜିଲାରେ ବାଲ୍ୟବିବାହ ବନ୍ଦ କରିବା ନେଇ ସଚେନତା ରଥ ସହ ଶୋଭାଯାତ୍ରାରେ ସାମିଲ ହୋଇଥିବା ଛାତ୍ରୀଛାତ୍ର।

# ୪ ଜୀବନ୍ତ, ୨ ମୃତ ଗୋରୁ ଉଦ୍ଧାର

**ସମ୍ବଲପୁର, ୧୮।୮ (ବ୍ୟୁରୋ)**

ସମ୍ବଲପୁର ସୁନାପାଲି ଅଞ୍ଚଳରେ ଧନୁପାଲି ପୋଲିସ ଚଢ଼ାଉ କରି ଏକ ଘରୁ ୪ ଜୀବନ୍ତ ଗୋରୁ ଓ ୨ଟି ମୃତ ଗୋରୁକୁ ଉଦ୍ଧାର କରିଛି । ଏହି ସ୍ଥାନରେ ଗୋ ହତ୍ୟାକରି ମାଂସ ବିକ୍ରି କରାଯାଉଥିବା ଅଭିଯୋଗ ହୋଇଥିଲା। ଏ ନେଇ ଧନୁପାଲି ଥାନାରେ ୩୭୭/୧୯ରେ ଏକ ମାମଲା ରୁଜୁ କରାଯାଇଛି । ଏହି ଗୋ ମାଂସ ବିକ୍ରି କରୁଥିବା ଅଭିଯୋଗରେ ଦଲେଇପଡାର କଲିମ୍ ଖାନ୍ ଓ ରହିମ୍ ଖାନ୍‌ଙ୍କୁ ଗିରଫ କରାଯାଇଛି । ଜୀବନ୍ତ ଉଦ୍ଧାର ହୋଇଥିବା ୪ ଗୋରୁକୁ ପ୍ରାଣୀଧନ ପଶୁ ଡାକ୍ତରମାନେ ଚିକିତ୍ସା କରିବା ପରେ ଗୋଶାଳାରେ ଛଡା ଯାଇଛି। ମୃତ ଦୁଇ ଗୋରୁଙ୍କ ବ୍ୟବଚ୍ଛେଦ ପରେ ପୋତି ଦିଆଯାଇଛି। ଏହାକୁ ନେଇ ଏହି ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଥିଲା ।

### ବନ୍ଧବାହାଲ ମାରପିଟ ମାମଲାରେ ଆଉ ଜଣେ ଗିରଫ

**ଲଖନପୁର,୧୮।୮(ଡି.ଏନ୍.ଏ.):** ଶୁକ୍ରବାର ବନ୍ଧବାହାଲରେ ଘଟିଥିବା ମାରପିଟ ମାମଲାରେ ରବିବାର ପୋଲିସ ଆଉ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ସରଣ୍ଡାମାଲ ଫଟା ଗ୍ରାମର ବିନୋଦ ବାଗ (୨୨)। ବିନୋଦଙ୍କୁ ମିଶାଇ ଏହି ମାମଲାରେ ଗିରଫ ସଂଖ୍ୟା ୬ରେ ପହଞ୍ଚିଛି। ଗିରଫ ସଂଖ୍ୟା ଆହୁରି ବଢ଼ିବ ବୋଲି ପୋଲିସ କହିଛି। ମୁଖ୍ୟ ଅଭିଯୁକ୍ତ ମହମ୍ମଦ କମାଲ ଏବେ ବି ଫେରାର ଅଛନ୍ତି। ତାଙ୍କୁ ଗରିଫ କରିବା ପାଇଁ ପୋଲିସ ଜାଲ ବିଛାଇଛି। ଖୁବ୍‌ଶୀଘ୍ର ସେ ଧରାପଡ଼ିବେ ବୋଲି ତଦନ୍ତକାରୀ ଅଧିକାରୀ ଅଶୋକ ଦାସ କହିଛନ୍ତି।

### ବନ୍ଧୁକ ଜବତ, ଯୁବକ ଗିରଫ

**ବ୍ରଜରାଜନଗର,୧୮।୮(ଡି.ଏନ୍.ଏ.):** ବେଆଇନ ଭାବେ ବନ୍ଧୁକ ରଖିଥିବା ଅଭିଯୋଗରେ ବ୍ରଜରାଜନଗର ଥାନା ଓପିଏମ୍ କଲୋନୀରେ ରହୁଥିବା ବିଶାଲ ବାଗ (୨୩)ଙ୍କୁ ପୋଲିସ ଗିରଫ କରିଛି। ତାଙ୍କଠାରୁ ବନ୍ଧୁକ ଜବତ କରାଯାଇଛି। ରବିବାର ବିଶାଲଙ୍କୁ କୋର୍ଟଚାଲାଣ କରାଯାଇଛି। ବିଶାଲଙ୍କ ନାମରେ ରେଢ଼ାଖୋଲ ଥାନାରେ ୩ଟି, କୋରାପୁଟରେ ଗୋଟିଏ ଓ ବ୍ରଜରାଜନଗର ଥାନାରେ ୩ଟି ଆପରାଧିକ ମାମଲା ରହିଛି। ଶନିବାର ସେ ବନ୍ଧୁକ ସହ ବୁଲୁଥିବା ବେଳେ ପୋଲିସ ସନ୍ଦେହରେ ତାଙ୍କୁ ଧରି ଆଣି ଗିରଫ କରିଥିଲା।

CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

HEALTH CARE
ASTROLOGY
FINANCE

Dhanalaxmi Finance
Regd. No.-U6519TNI98PLC00855
ମାର୍କଶିଟ, ପ୍ରପର୍ଟି ପର୍ସନାଲ, ପଶୁପାଳନ, ମାଛଚାଷ, ରାଶନ କାର୍ଡ ଏବଂ ସବୁପ୍ରକାରର ଲୋନ୍ ଘରେ ବସି ପାଆନ୍ତୁ 3 ରୁ 4 ଦିନରେ, 2% ସୁଧ, 40% ଛାଡ଼, ମହିଳା ଏବଂ ବିଦ୍ୟାର୍ଥୀମାନଙ୍କ ପାଇଁ ବିଶେଷ ଛାଡ଼।
HELPLINE
8859690149

ଇଣ୍ଡସ୍ ଫାଇନାନ୍ସ ଲିଃ
କମ୍ପାନୀ ଋଣ ଉପଲବ୍ଧ କରାଉଛି ଏଥିରେ ଆପଣଙ୍କୁ ପର୍ସନାଲ ଋଣ, ବ୍ୟବସାୟ ଋଣ, ସାଲାରୀ ସ୍ଲିପ୍ ଋଣ ମାତ୍ର 2% ସୁଧରେ ମିଳିପାରିବ।
ମହିଳାଙ୍କ ପାଇଁ 50% ରିହାତି
9911417764
9911417461
BISWANATHPUR, BALARAMAPUR, BALESWAR, ODISHA - 756024

!! ଋଣ ଋଣ ଋଣ !!
1ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ୍, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନକାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ରିହାତି
!! ରିଦ୍ଧି ଫାଇନାନ୍ସ !!
E-mail : - ridhifinanceonlinem.p@gmail.com
7052572586
Add : - 41/14, Sec-1 Pushp Vihar, Delhi

AT PURI AT PURI AT PURI
ପୁରାତନ ରୋଗର ସର୍ବୋତ୍ତମ ଆୟୁର୍ବେଦ ଚିକିତ୍ସା
Advise & Treatment by Specialized Ayurvedic Doctors only
ର୍ୟୁମାଟଏଡ୍ ଆର୍ଥ୍ରାଇଟିସ୍, ଓଷ୍ଟିଓ ଆର୍ଥ୍ରାଇଟିସ୍, ପାରାଲିସିସ୍, ସିଆଟିକା, ଅଣ୍ଟାବ୍ୟଥା, ଆଣ୍ଠୁବ୍ୟଥା, ଫ୍ରୋଜନ୍ ସୋଲ୍‌ଡର, ସ୍ପଣ୍ଡିଲୋସିସ୍, ମାଇଗ୍ରେନ୍, ସୋରିଆସିସ୍, ମୁଖ ବ୍ରଣ, ଆଦି ରୋଗର ପରାମର୍ଶ ଓ ଉତ୍ତମ ଚିକିତ୍ସା ଉପଲବ୍ଧ ।
SAMBHAV AYURVED
Bus Stand Outgate, Puri
Phone & Whats App - 7735921512 / 9439349129 ,Timing - 9 am to 8 pm

ଭଟକିବାରୁ ବଞ୍ଚନ୍ତୁ କୌଣସି ବି କାମ
ବାବା ଅଘୋରୀ ତାନ୍ତ୍ରିକ
(ସ୍ପେଶାଲିଷ୍ଟ - ବଶୀକରଣ)
ପ୍ରେମବିବାହ, ପତି-ପତ୍ନି ମଧ୍ୟରେ ଝଗଡା, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ଗୃହକ୍ଲେଶ, ବିବାହରେ ସମସ୍ୟା, ଔଷଧ କାମ ନ କରିବା, ଯାଦୁଟୋନା, କୋର୍ଟ କେସ୍, ତନ୍ତ୍ରମନ୍ତ୍ର ସମ୍ରାଟ, ମୁଠୀକରଣୀ ଖୋଲା ଚ୍ୟାଲେଞ୍ଜ, ପ୍ରେମରେ ଧୋକା ୩ ଘଣ୍ଟାରେ ୧୦୦% A To Z ସମସ୍ୟାର ସମାଧାନ
ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳେଇପାରେ
ମୁଁ କରିଥିବା କାମକୁ କାଟିବା ଲୋକଙ୍କୁ ମନମୁତାବକ ପୁରସ୍କାର
ସଚ୍ଚାପ୍ରେମୀ ନିରାଶ କାହିଁକି ?
କାଳି ମନ୍ଦିର, ବରମୁଣ୍ଡା ପାଖ, ଭୁବନେଶ୍ୱର
9899587663
9910294940

BANA DURGA FINANCE
BANA DURGA FINANCE
ସମସ୍ତ ପ୍ରକାର LOAN ଠିକ୍ ସୁଧରେ ଘରେ ବସି ପାଆନ୍ତୁ। ପର୍ସନାଲ, ବିଜନେସ୍, ମାର୍କସିଟ୍, ଗୃହ, କୃଷି, ଶିକ୍ଷା, କୁକୁଡ଼ା ପାଳନ ଓ ଗାଈ LOAN ଆଦି ସମସ୍ତ ପ୍ରକାର LOAN ପାଇପାରିବେ। ସୁଧ-1% ।
Help LINE
7683949359
7381163847
C-47/8, A-Block, Vijay Enclave Burrari, New Delhi-75, Maipada, Chhindeikela, Paikmal, Bargarh-768050

ଋଣ ଧମାକା
ଆଧାର କାର୍ଡରେ ଋଣ ପାଆନ୍ତୁ
1 ଲକ୍ଷରୁ 25 ଲକ୍ଷ ପର୍ଯ୍ୟନ୍ତ
ସୁଧ 1% ପର୍ଯ୍ୟନ୍ତ, 50% ପର୍ଯ୍ୟନ୍ତ ଛାଡ଼
ସମୂହ ଋଣ, ପର୍ସନାଲ, କୁକୁଡ଼ା ପାଳନ ଋଣ
Contact No.
7491845997
7079574972
New Ashok Nagar, East Delhi, Delhi
www.toofanfinance.in

ନୂଆ ଯୋଜନା ଅଧୀନରେ ଭାରତର ନଂ.1 କମ୍ପାନୀ
1988ଠାରୁ ଆପଣଙ୍କ ସେବାରେ
DHANLAXMI FINANCE PVT. LTD. ସବୁ ବ୍ୟାଙ୍କ ଦ୍ୱାରା
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
9499135756
H.No. 10, Mandi Road, Bathinda, Punjab

VEDANSI FINANCE PVT LTD
100% ଲୋନ ପ୍ରାପ୍ତ କରନ୍ତୁ 7 ଦିନରେ।
ସୁଧ 2%, ଛାଡ଼ 40%
ଡିଲରଶିପ୍ / ଏଜେଣ୍ଟ ପାଇଁ କମ୍ପାନୀକୁ ସମ୍ପର୍କ କରନ୍ତୁ।
Balasore: 7409536767,
Jajpur: 9084652616,
Dhenkanal: 7409543249,
Angul: 7252964716,
Jeypore: 9084652615

ପାଠକଙ୍କ ପାଇଁ ସୂଚନା:
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

COLOR DISPLAY CLASSIFIED

| SIZE | 15 days | 8 days | 4 days | Single day |
|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 |

GST 5% will be added extra
on every Tuesday & Friday



"ନେତାଜୀ ସୁଭାଷଚନ୍ଦ୍ର ବୋଷଙ୍କ ସହ କ'ଣ ହୋଇଥିଲା ତାହା ଜାଣିବାର ଅଧିକାର ସମସ୍ତଙ୍କର ରହିଛି।
-ମମତା ବାନାର୍ଜୀ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ

# ବାହାଘର ବେଳେ ଆକ୍ରମଣ: ୬୩ ନିହତ

କାବୁଲ,୧୮।୮



ଆଫଗାନିସ୍ତାନର ଏକ ୱେଡିଂ ହଲ୍‌ରେ ବିବାହୋତ୍ସବ ଚାଲିଥିବାବେଳେ ଆତ୍ମଘାତୀ ବିସ୍ଫୋରଣ ହେବାରୁ ୬୩ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୧୮୨ ଜଣ ଆହତ ହୋଇଛନ୍ତି। ଉତ୍ସବର ଆନନ୍ଦ ନିମିଷକ ମଧ୍ୟରେ ଆତଙ୍କ ଓ ଶୋକାକୁଳ ପରିବେଶରେ ପରିଣତ ହୋଇଥିଲା। ଶନିବାର ରାତିରେ ଆଫଗାନିସ୍ତାନ ରାଜଧାନୀ କାବୁଲର ପଶ୍ଚିମ ଭାଗରେ ଏଭଳି ଭୟାବହ ବିସ୍ଫୋରଣ ଘଟିଛି। ଆତ୍ମଘାତୀ ଆକ୍ରମଣ ପାଇଁ ଆତଙ୍କବାଦୀ ସଂଗଠନ ଆଇଏସ୍ ନିଜକୁ ଦାୟୀ କରିଛି। ମୃତକଙ୍କ ମଧ୍ୟରେ ମହିଳା ଓ ଶିଶୁ ମଧ୍ୟ ଅଛନ୍ତି।

ସୂଚନା ଅନୁଯାୟୀ, ସଂଖ୍ୟାଲଘୁ ଶିହା ସମ୍ପ୍ରଦାୟର ବିବାହ ରିସେପ୍‌ସନ ଉତ୍ସବ ଚାଲିଥିବାବେଳେ ୱେଡିଂ ହଲ୍‌ରେ ବରକନ୍ୟାଙ୍କ ସମେତ ବହୁସଂଖ୍ୟାରେ ଅତିଥି ଓ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ଅପରାହ୍ନରେ ହସହସ ମୁହଁରେ ଆସୁଥିବା ଅତିଥିମାନଙ୍କୁ ସ୍ୱାଗତ କରିଥିବାବେଳେ ରାତିରେ ସେମାନଙ୍କ ଶବ ବୁହାହେବା ଦୃଶ୍ୟ ଦେଖିବାକୁ ପଡିଲା। ବିସ୍ଫୋରଣ ତାଙ୍କର ଆନନ୍ଦକୁ ଦୁଃଖରେ ପରିଣତ କରିଦେଲା ବୋଲି ବର ମିର୍‌ୱାଇସ୍ କହିଛନ୍ତି। ତାଙ୍କ ପରିବାର ଏଭଳି ମର୍ମାହତ ହୋଇଛନ୍ତି ଯେ କଥା କହିପାରୁ ନାହାନ୍ତି। କନ୍ୟା ବାରମ୍ବାର ମୂର୍ଚ୍ଛା ଯାଉଛନ୍ତି। ବର ତାଙ୍କ ଭାଇ ଓ କେତେଜଣ ସାଙ୍ଗ ଓ ସମ୍ପର୍କୀୟଙ୍କୁ ହରାଇଛନ୍ତି। ସେ ତାଙ୍କ ଜୀବନରେ ଆଉ ଖୁସି ଦେଖିପାରିବେ ନାହିଁ ବୋଲି ଅତ୍ୟନ୍ତ ଦୁଃଖର ସହ କହିଛନ୍ତି।

**ଆଇଏସ୍‌ର ଆତ୍ମଘାତୀ ବିସ୍ଫୋରଣ**
**୧୮୨ ଆହତ**

ଆଫଗାନିସ୍ତାନରୁ ଆମେରିକା ସେନା ହ୍ରାସ କରିବା ପାଇଁ ତାଲିବାନ ନେତାମାନଙ୍କ ସହ ୱାଶିଂଟନ ବୁଝାମଣା ଚୂଡାନ୍ତ କରିବା ସହ ଅସ୍ତ୍ରବିରତି ଲାଗି ଆଶାବାଦୀ ଥିବାବେଳେ ଏଭଳି ମର୍ମନ୍ତୁଦ ବିସ୍ଫୋରଣ ଘଟିଛି। ଜଣେ ଆଇଏସ୍ ଆତଙ୍କବାଦୀ ଉତ୍ସବସ୍ଥଳକୁ ଯାଇ ନିଜକୁ ବିସ୍ଫୋରଣ କରିଥିବାବେଳେ ଏହାର ଅନ୍ୟ କେତେଜଣ ସଦସ୍ୟ ବିସ୍ଫୋରକ ଭର୍ତ୍ତି ଏକ ଗାଡିକୁ ବିସ୍ଫୋରଣରେ ଉଡାଇଦେଇଥିଲେ ବୋଲି ଉକ୍ତ ସଂଗଠନ ପକ୍ଷରୁ କୁହାଯାଇଛି। ବିସ୍ଫୋରଣ ସମୟରେ ଅତିଥିମାନେ ନାଚଗୀତରେ ମସ୍‌ଗୁଲ୍ ଥିଲେ ବୋଲି ଜଣେ ଆହତ ବ୍ୟକ୍ତି କହିଛନ୍ତି। ବିସ୍ଫୋରଣ ପରେ ୱେଡିଂ ହଲ୍ ଓ ଆଖପାଖରେ ଆତଙ୍କର ବାତାବରଣ ଖେଳିଯାଇଥିଲା। ଉକ୍ତ ହଲ୍ ଧୂଆଁରେ ଭର୍ତ୍ତି ହୋଇଯାଇଥିଲା। ଲୋକେ ଭୟରେ ଚିତ୍କାର କରିବା ସହ ନିଜ ଆତ୍ମୀୟମାନଙ୍କ ପାଇଁ କାନ୍ଦବୋବାଳି କରିଥିଲେ। ବିସ୍ଫୋରଣ ସ୍ଥଳରେ ରକ୍ତ ଜୁଡୁବୁଡୁ ମୃତଦେହ, ଖଣ୍ଡଖଣ୍ଡ ମାଂସ, ଚିରା ପୋଷାକ, ଟୋପି, ଚପଲ, ପାଣିବୋତଲ ପଡିରହିଥିବା ଦୃଶ୍ୟ ଦେଖିବାକୁ ମିଳିଛି। ଆଫଗାନିସ୍ତାନରେ ସଂଖ୍ୟାଲଘୁ ଶିହା ମୁସଲମାନମାନେ କ୍ରମାଗତ ଭାବେ ସଂଖ୍ୟାଗରିଷ୍ଠ ସୁନ୍ନି ସମ୍ପ୍ରଦାୟର ଆକ୍ରୋଶର ଶିକାର ହୋଇଆସୁଛନ୍ତି।

## ୩୭୦ ଉଚ୍ଛେଦକୁ ହୁଡାଙ୍କ ସମର୍ଥନ

ରୋହତକ୍,୧୮।୮(ଆଇଏଏନ୍‌ଏସ୍)



ସମ୍ବିଧାନର ଅନୁଚ୍ଛେଦ ୩୭୦ ହଟିବା ପରେ ଏହାକୁ ନେଇ କଂଗ୍ରେସରେ ଭିନ୍ନମତ ପ୍ରକାଶ ପାଇବାରେ ଲାଗିଛି। ଦଳର ବରିଷ୍ଠ ନେତା ତଥା ହରିୟାଣାର ପୂର୍ବତନ ମୁଖ୍ୟମନ୍ତ୍ରୀ ଭୂପିନ୍ଦର ସିଂ ହୁଡା ରବିବାର ନରେନ୍ଦ୍ର ମୋଦି ସରକାରଙ୍କ ଏହି ପଦକ୍ଷେପକୁ ସମର୍ଥନ କରିଛନ୍ତି।

୩୭୦ ଉଚ୍ଛେଦ କରି ଜମ୍ମୁ-କଶ୍ମୀରକୁ ୨ଟି କେନ୍ଦ୍ରଶାସିତ ଅଞ୍ଚଳରେ ପରିଣତ କରିବା ପରେ କଂଗ୍ରେସର ଅନେକ ନେତା ଏହାକୁ ନେଇ ପ୍ରଶ୍ନ ଉଠାଉଥିବାବେଳେ ଆଉ କେତେକେ ଏହା ସପକ୍ଷରେ ମତ ଦେଉଛନ୍ତି। ଏହିକ୍ରମରେ ହୁଡା ନିଜ ସହର ରୋହତକ୍‌ରେ ମହାପରିବର୍ତ୍ତନ ରାଲିକୁ ସମ୍ବୋଧିତ କରି କହିଛନ୍ତି, ସେ ଦେଶଭକ୍ତି ଓ ଆତ୍ମସମ୍ମାନ ପ୍ରସଙ୍ଗରେ କାହା ସହିତ ସାଲିସ କରିବେ ନାହିଁ। ସରକାର କିଛି ଭଲ କାମ କଲେ ସେ ତାକୁ ସମର୍ଥନ କରିବେ। ଏହାକୁ କଂଗ୍ରେସରେ ତାଙ୍କର ଅନେକ ସହଯୋଗୀ ବିରୋଧ କରୁଛନ୍ତି। କଂଗ୍ରେସ ଦଳ ଏବେ ବାଟବଣା ହୋଇଯାଇଛି। ପୁରୁଣା କଂଗ୍ରେସ

**'ବାଟବଣା ହୋଇଯାଇଛି କଂଗ୍ରେସ'**

ଆଉ ନାହିଁ ବୋଲି ହୁଡା କହିଛନ୍ତି। ହୁଡାଙ୍କ ଏହି ଆଭିମୁଖ୍ୟକୁ ନେଇ କଂଗ୍ରେସରେ ଭ୍ରୂକୁଞ୍ଚନ ସୃଷ୍ଟି ହୋଇଛି। ହରିୟାଣା କଂଗ୍ରେସ ସଭାପତି ଆଶୋକ ତନୱରଙ୍କୁ ହଟାଇ ହୁଡାଙ୍କୁ ଏହି ପଦରେ ନିଯୁକ୍ତି ଦେବା ପାଇଁ ଦାବି କରୁଥିବା ଦଳର କର୍ମୀମାନେ ଏହାକୁ ନେଇ ଉତ୍ସାହିତ ହୋଇପଡ଼ିଛନ୍ତି। ଏହା ପୂର୍ବରୁ ତାଙ୍କ ପୁଅ ତଥା ପୂର୍ବତନ ଏମ୍‌ପି ଦୀପେନ୍ଦର ସିଂ ହୁଡା ମଧ୍ୟ କେନ୍ଦ୍ର ସରକାରଙ୍କ ନିଷ୍ପତ୍ତିକୁ ସମର୍ଥନ କରିଥିଲେ। ହେଲେ ୩୭୦କୁ ଯେପରି ଭାବେ ଉଚ୍ଛେଦ କରାଯାଇଛି ତାକୁ ନେଇ ସେ ଆପତ୍ତି ଉଠାଇଥିଲେ।

## 'କଂଗ୍ରେସ ଯୋଗୁ ଡେମ୍‌ଚୋକ୍ ଯାଏ ମାଡ଼ିଆସିଥିଲା ଚାଇନା'

ଲେହ,୧୮।୮(ପି.ଟି.)



ଜାମ୍‌ୟାଙ୍ଗ୍ ସେରିଙ୍ଗ୍ ନାମଗ୍ୟାଲ

କଂଗ୍ରେସ ଶାସନ ଅମଳରେ ପ୍ରତିରକ୍ଷା ନୀତିରେ ଲଦାଖକୁ ଉପଯୁକ୍ତ ଗୁରୁତ୍ୱ ଦିଆଯାଇ ନ ଥିବାରୁ ଚାଇନା ଡେମ୍‌ଚୋକ୍ ସେକ୍ଟର ପର୍ଯ୍ୟନ୍ତ ମାଡ଼ିଆସିଛି। ଅନୁଚ୍ଛେଦ ୩୭୦ ଉଚ୍ଛେଦ ଓ ଜମ୍ମୁ-କଶ୍ମୀରରୁ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳରେ ପରିଣତ କରିବା ନେଇ ପାର୍ଲାମେଣ୍ଟରେ ବିଲ୍ ଆଗତ ବେଳେ ନିମ୍ନ ସଦନରେ ସାରଗର୍ଭକ ଭାଷଣ ଦେଇ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିବା ଭାଜପା ସଦସ୍ୟ ଜାମ୍‌ୟାଙ୍ଗ୍ ସେରିଙ୍ଗ୍ ନାମଗ୍ୟାଲ ରବିବାର ଏହି ମନ୍ତବ୍ୟ ଦେଇଛନ୍ତି।

ଲଦାଖ୍‌ରୁ ପ୍ରଥମଥର ପାଇଁ ପ୍ରତିନିଧିତ୍ୱ କରୁଥିବା ୩୪ ବର୍ଷୀୟ ଏମ୍‌ପି ନାମ୍‌ଗ୍ୟାଲ ଏକ ସାକ୍ଷାତ୍‌କାରରେ କହିଛନ୍ତି, ଉତ୍ତେଜନାପୂର୍ଣ୍ଣ ପରିସ୍ଥିତିରେ ତୁଷ୍ଟୀକରଣ ନୀତି ଆପଣାଇ କଂଗ୍ରେସ ସରକାର କଶ୍ମୀରକୁ ବରବାଦ କରିଦେଇଥିଲା। ଏଥିଯୋଗୁ ଲଦାଖ ମଧ୍ୟ କ୍ଷତିଗ୍ରସ୍ତ ହୋଇଛି। ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁଙ୍କ ଦ୍ୱାରା ପ୍ରଣୀତ 'ଫରୱାର୍ଡ ପଲିସି' ଚାଇନା ଆଡ଼କୁ ଆମେ ଧୀରେ ଧୀରେ ଅଗ୍ରସର ହେବା ସପକ୍ଷରେ ଉଦ୍ଦିଷ୍ଟ ଥିଲା ବୋଲି କୁହାଯାଏ। କାର୍ଯ୍ୟକାରୀ କରିବା ସମୟରେ ଏହି ନୀତି 'ବ୍ୟାକ୍‌ୱାର୍ଡ ପଲିସି'ରେ ପରିଣତ ହୋଇଥିଲା। ଫଳରେ ଚାଇନା ସୈନ୍ୟ ଆମ ଭୂଖଣ୍ଡରେ ଅନୁପ୍ରବେଶ କରିଆସିଥିଲା ବୋଲି ସେ ଦୋଷ ଦେଇଛନ୍ତି। ଏହି କାରଣରୁ ଅକ୍ସାଇ ଚୀନ୍ ସମ୍ପୂର୍ଣ୍ଣ ଭାବେ ଚାଇନା ଅଧୀନକୁ ଚାଲିଯାଇଛି। ପିପୁଲ୍ସ ଲିବରେଶନ୍ ଆର୍ମି (ପିଏଲ୍‌ଏ) ଡେମ୍‌ଚୋକ୍‌ର ନାଲ୍ଲା ପର୍ଯ୍ୟନ୍ତ ଅଗ୍ରସର ହୋଇଛି। କାରଣ ଲଦାଖବାସୀଙ୍କୁ କଂଗ୍ରେସର ୫୫ ବର୍ଷ ଶାସନରେ ଗୁରୁତ୍ୱ ଦିଆଯାଇ ନ ଥିଲା। କିନ୍ତୁ ଏବେ ଲଦାଖକୁ କେନ୍ଦ୍ରଶାସିତ ଅଞ୍ଚଳରେ ପରିଣତ କରାଯିବା ପରେ ଏହି କ୍ଷେତ୍ରକୁ ଉପଯୁକ୍ତ ପ୍ରାଧାନ୍ୟ ମିଳିବ। ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ସରକାର ଅମଳରେ ସୀମାନ୍ତରେ ରାସ୍ତା, ଯୋଗାଯୋଗ, ସ୍କୁଲ, ହସ୍ପିଟାଲ ବ୍ୟବସ୍ଥା ପ୍ରତିଷ୍ଠା କରି ସହର ଭଳି ସୁବିଧା ପ୍ରଦାନ କରାଯିବ ବୋଲି ନାମ୍‌ଗ୍ୟାଲ ଦୃଢ଼ୋକ୍ତି ବାଢ଼ିଛନ୍ତି।

## ଜମ୍ମୁ-କଶ୍ମୀରରେ ଗିରଫ ହେଲେଣି ୪ ହଜାର

**ନୂଆଦିଲ୍ଲୀ,୧୮।୮:** ଜମ୍ମୁ-କଶ୍ମୀରକୁ ନେଇ କେନ୍ଦ୍ର ସରକାରଙ୍କ ଅଗଷ୍ଟ ୫ ନିଷ୍ପତ୍ତି ପରଠୁ ଅଦ୍ୟାବଧି ୪,୦୦୦ ଜଣଙ୍କୁ ଗିରଫ କରାଯାଇଛି ବୋଲି ରାଜ୍ୟ ପ୍ରଶାସନ ମୁଖପାତ୍ର ରୋହିତ୍ କନ୍‌ସଲ ସୂଚନା ଦେଇଛନ୍ତି। ସେହିପରି ସାଧାରଣ ନିରାପତ୍ତା ଆଇନ (ପିଏସ୍‌ଏ) ବଳରେ ଅନ୍ୟୂନ ୪ ହଜାର ଲୋକଙ୍କୁ ଗିରଫ କରାଗଲାଣି ବୋଲି ନିଜ ପରିଚୟ ଗୋପନ ସର୍ତ୍ତରେ ଜଣେ ମାଜିଷ୍ଟ୍ରେଟ୍ କହିଛନ୍ତି। ସେମାନଙ୍କ ମଧ୍ୟରୁ ଅଧିକାଂଶଙ୍କୁ କଶ୍ମୀର ବାହାରେ ରଖାଯାଇଛି। କାରଣ କଶ୍ମୀରରେ ଥିବା ଜେଲ୍‌ଗୁଡ଼ିକରେ ଧାରଣ କ୍ଷମତାରୁ ଅଧିକ କଏଦୀ ରହିଛନ୍ତି। ପ୍ରକାଶ ଯେ, ବିବାଦୀୟ ଆଇନ ପିଏସ୍‌ଏ ବଳରେ କର୍ତ୍ତୃପକ୍ଷ ଯେକୌଣସି ବ୍ୟକ୍ତିଙ୍କୁ ବିନା କୌଣସି ଅଭିଯୋଗ ଓ ଶୁଣାଣିରେ ୨ ବର୍ଷ ପର୍ଯ୍ୟନ୍ତ ଜେଲରେ ପୂରାଇ ରଖିପାରିବେ। ଜମ୍ମୁ-କଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ଫାରୁକ୍ ଅବ୍‌ଦୁଲ୍ଲା, ଓମାର ଅବ୍‌ଦୁଲ୍ଲା ଓ ମେହବୁବା ମୁଫ୍‌ତିଙ୍କ ସମେତ ଶତାଧିକ ରାଜନେତାଙ୍କୁ ଗୃହବନ୍ଦୀ ରଖାଯାଇଛି।

## ପୋଲାଭରମ ଲାଗି ଟେଣ୍ଡର ଜାରି କଲା ଆନ୍ଧ୍ର

ନୂଆଦିଲ୍ଲୀ,୧୮।୮

ପୋଲାଭରମ ପ୍ରକଳ୍ପ ଲାଗି ଆନ୍ଧ୍ରପ୍ରଦେଶ ସରକାର ୪୯୦୦ କୋଟି ଟଙ୍କାର ଟେଣ୍ଡର ବିଜ୍ଞପ୍ତି ଜାରି କରିଛନ୍ତି। ପ୍ରକଳ୍ପ ଖର୍ଚ୍ଚ ବୃଦ୍ଧି ଓ ନିର୍ମାଣରେ ବିଳମ୍ବକୁ ନେଇ କେନ୍ଦ୍ର ସରକାର ଚିନ୍ତା ପ୍ରକଟ କରିବା ସହ ଟେଣ୍ଡର ନ କରିବାକୁ ରାଜ୍ୟକୁ ପତ୍ର ଲେଖିଥିଲେ। ଏହା ସତ୍ତ୍ୱେ ଆନ୍ଧ୍ର ସରକାର ଟେଣ୍ଡର ଆହ୍ୱାନ କରିଛନ୍ତି। ଜଳବିଦ୍ୟୁତ୍ ପ୍ରକଳ୍ପ ପାଇଁ ୩୧୦୦ କୋଟି ଟଙ୍କାର ଟେଣ୍ଡର ଡକାଯାଇଥିବାବେଳେ ହେଡ୍‌ୱାର୍କ ପ୍ରୋଜେକ୍ଟ ଲାଗି ୧୮୦୦ କୋଟି ଟଙ୍କାର ଟେଣ୍ଡର ଆହ୍ୱାନ କରାଯାଇଛି। ଗୋଦାବରୀ ନଦୀରେ ୫୮ ହଜାର କୋଟି ଟଙ୍କାରେ ନିର୍ମିତ ହେବାକୁ ଥିବା ପୋଲାଭରମ୍ ମେଗା ଜଳସେଚନ ପ୍ରକଳ୍ପକୁ ଜାତୀୟ ମାନ୍ୟତା ପ୍ରଦାନ କରାଯାଇଛି। ଅର୍ଥାତ୍ ଏହାର ସମସ୍ତ ଖର୍ଚ୍ଚ କେନ୍ଦ୍ର ବହନ କରିବ। ମୁଖ୍ୟମନ୍ତ୍ରୀ ଜଗନମୋହନ ରେଡ୍ଡୀ ଗତ ମାସରେ ନବଯୁଗ ଇଞ୍ଜିନିୟରିଂ ଲିମିଟେଡ୍‌ର ଠିକାକୁ ରଦ୍ଦ କରିଦେଇଥିଲେ। ପୋଲାଭରମ୍ ପ୍ରକଳ୍ପ ହେଲେ ଓଡିଶାର କେତେକ ଅଞ୍ଚଳ କ୍ଷତିଗ୍ରସ୍ତ ହେବାକୁ ଥିବାରୁ ଏହାକୁ ରାଜ୍ୟ ସରକାର ବିରୋଧ କରିଆସୁଛନ୍ତି। ପ୍ରକଳ୍ପ ସମ୍ପୂର୍ଣ୍ଣ ହେଲେ ମାଲକାନଗିରି ଜିଲା ମୋଟୁ ତହସିଲ ଅଞ୍ଚଳର ବହୁ ଜମି ପାଣିରେ ବୁଡି ରହିବ।

## ଢାକାରେ ଭୟାବହ ଅଗ୍ନିକାଣ୍ଡ
# ୧୦ ହଜାର ବସ୍ତିବାସିନ୍ଦା ବାସହରା



ଅଗ୍ନିଶମ ବାହିନୀ ନିଆଁ ଲିଭାଉଛନ୍ତି।

ଢାକା,୧୮।୮(ଏଏଫ୍‌ପି)

ବାଂଲାଦେଶ ରାଜଧାନୀ ଢାକାର ଏକ ଜନଗହଳିପୂର୍ଣ୍ଣ ବସ୍ତିରେ ନିଆଁ ଲାଗି ସମ୍ପୂର୍ଣ୍ଣ ଜଳିଯାଇଛି। ଫଳରେ ସେଠାରେ ବସବାସ କରୁଥିବା ୧୦ ହଜାରରୁ ଊର୍ଦ୍ଧ୍ୱ ଲୋକ ବେଘର ହୋଇଛନ୍ତି। ମିରପୁର ବସ୍ତିରେ ପାଖାପାଖି ୨୦୦୦ ଝୁମ୍ପୁଡ଼ି ଘର ଥିଲା। ବିଳମ୍ବିତ ରାତିରେ ନିଆଁ ଲାଗିବାରୁ ଲୋକେ ଘରୁ କୌଣସି ଜିନିଷ ବାହାର କରିପାରି ନ ଥିଲେ। ଅଗ୍ନିକାଣ୍ଡରେ କେତେଜଣ ଆହତ ହୋଇଥିବା ଜଣାପଡିଛି। ବସ୍ତିର ଅଧିକାଂଶ ଲୋକ ପୋଷାକ କାରଖାନାରେ କାମ କରିଥାନ୍ତି। ସେମାନେ ପରିବାର ସହ ଇଦ୍ ପାଳନ ପାଇଁ ଗାଁକୁ ପଳାଇଥିବାରୁ ନିଆଁ ଲାଗିବା ବେଳେ ବସ୍ତିରେ ଖୁବ୍ କମ୍ ଲୋକ ଥିଲେ। ବାସହରା ହୋଇଥିବା ଲୋକମାନେ ବିଭିନ୍ନ ରିଲିଫ କ୍ୟାମ୍ପରେ ଆଶ୍ରୟ ନେଇଛନ୍ତି। କେତେକ ପଲିଥିନ୍ ତଳେ ରହିଛନ୍ତି। ସେମାନଙ୍କୁ ପ୍ରଶାସନ ପକ୍ଷରୁ ଖାଦ୍ୟ, ପାଣି, ଭ୍ରାମ୍ୟମାଣ ଶୌଚାଳୟ ଯୋଗାଇ ଦିଆଯାଇଛି।

**ଫୁର୍‌ସତ**

# କଥା କହେ ଫଟୋ



**ଫଟୋ ହିଁ ଅନେକ କଥା କହିଦିଏ। ଗୋଟିଏ ଫଟୋକୁ ଦେଖି ଅନେକ ଲୋକ ପୃଥକ୍ ଚିନ୍ତାଧାରା ପୋଷଣ କରନ୍ତି। ବିଶ୍ୱରେ ବିଭିନ୍ନ ଦେଶର ଭିନ୍ନ ଭିନ୍ନ ସଂସ୍କୃତିକୁ ଆଧାର କରି ଅନେକ ଫଟୋଗ୍ରାଫର ସେମାନଙ୍କ କ୍ୟାମେରାରେ ଯେଉଁ ସୁନ୍ଦର ଫଟୋଚିତ୍ର ଉତ୍ତୋଳନ କରିଛନ୍ତି ସେ ସବୁକୁ ଦେଖିଲେ ଯେତିକି ଆନନ୍ଦ ଲାଗେ ସେତିକି ଆଶ୍ଚର୍ଯ୍ୟ ହେବାକୁ ପଡେ।**

### ବିଶ୍ୱ ଫଟୋଗ୍ରାଫି ଦିବସ

ବିଶ୍ୱ ଫଟୋଗ୍ରାଫି ଦିବସ ଖୁବ୍ ଉତ୍ସାହର ସହିତ ପ୍ରତିବର୍ଷ ଅଗଷ୍ଟ ୧୯ରେ ପାଳନ କରାଯାଏ। ଏହି ଦିବସକୁ କେବଳ ଫଟୋପ୍ରେମୀମାନେ ପାଳନ କରନ୍ତି ନାହିଁ; ବରଂ ବିଶ୍ୱର ସବୁଲୋକେ ପାଳନ କରିବା ସହିତ ଫଟୋଗ୍ରାଫିର ଗୁରୁତ୍ୱ ବୁଝିବା ପାଇଁ ପରବର୍ତ୍ତୀ ବଂଶଧରଙ୍କୁ ପ୍ରେରଣା ଦିଅନ୍ତି।

ଏହି ଦିନ ଲକ୍ଷ ଲକ୍ଷ ଲୋକ ବିଭିନ୍ନ ଧରଣର ଫଟୋ ଉଠାଇ ବିଶ୍ୱବାସୀଙ୍କୁ ଶେୟାର କରନ୍ତି। ଅନ୍ୟ ଫଟୋଗ୍ରାଫରଙ୍କ କଳ୍ପନା ଓ ଧାରଣାକୁ ଫଟୋଗ୍ରାଫରୁ ହିଁ ପଢ଼ିହୁଏ ଏବଂ ଫାଟୋଗ୍ରାଫ୍ ମାଧ୍ୟମରେ ଅଧିକ ଆନନ୍ଦ ଉଠାଇହୁଏ। ବିଶ୍ୱରେ ପ୍ରତି ଘଣ୍ଟାରେ କୋଟି କୋଟି ଫଟୋ ଅପଲୋଡ ହେଉଛି। ବିଶ୍ୱ ଫଟୋଗ୍ରାଫି ଦିବସ ଦୁନିଆର ଅନେକ ଫଟୋଗ୍ରାଫରଙ୍କୁ ଅନୁପ୍ରେରିତ କରିବା ସହିତ ଗୋଟିଏ ଫଟୋ ହିଁ ଅନେକ କଥା କହିଦେଉଥିବା ଜାଣିବାକୁ ମିଳେ। ଗୋଟିଏ ଫଟୋକୁ ଦେଖି ଅନେକ ଲୋକ ପୃଥକ୍ ଚିନ୍ତାଧାରା ପୋଷଣ କରନ୍ତି।

ବିଶ୍ୱରେ ବିଭିନ୍ନ ଦେଶର ଭିନ୍ନ ଭିନ୍ନ ସଂସ୍କୃତିକୁ ଆଧାର କରି ଅନେକ ଫଟୋଗ୍ରାଫର ସେମାନଙ୍କ କ୍ୟାମେରାରେ ଯେଉଁ ସୁନ୍ଦର ଫଟୋଚିତ୍ର ଉତ୍ତୋଳନ କରିଛନ୍ତି ସେ ସବୁକୁ ଦେଖିଲେ ଯେତିକି ଆନନ୍ଦ ଲାଗେ ସେତିକି ଆଶ୍ଚର୍ଯ୍ୟ ହେବାକୁ ପଡେ।

### ଏହି ଦିବସର ଇତିହାସ

ପ୍ରଥମକରି ଫ୍ରାନ୍ସରେ ୧୯୩୯ରେ ଅଗଷ୍ଟ ୧୯କୁ ବିଶ୍ୱ ଫଟୋଗ୍ରାଫି ଦିବସ ଘୋଷଣା କରାଯାଇଥିଲା। ୨୦୧୦ ଅଗଷ୍ଟ ୧୯ରେ ସର୍ବପ୍ରଥମେ ଏକ ଗ୍ଲୋବାଲ ଅନଲାଇନ୍ ଗ୍ୟାଲେରି ସୃଷ୍ଟି କରାଯାଇଥିଲା। ଏହା ଥିଲା ଐତିହାସିକ ଦିନ କାରଣ ବିଶ୍ୱର ୨୭୦ ଫଟୋଗ୍ରାଫର ଫଟୋଗ୍ରାଫ୍ ମାଧ୍ୟମରେ ସେମାନଙ୍କ ଧାରଣାକୁ ଶେୟାର କରିଥିଲେ। ୧୦୦ରୁ ଊର୍ଦ୍ଧ୍ୱ ଦେଶର ଲୋକେ ଉକ୍ତ ୱେବସାଇଟ୍ ପରିଦର୍ଶନ କରିଥିଲେ। ନୂଆଦିଲ୍ଲୀସ୍ଥିତ ଇଣ୍ଡିଆନ୍ ଇଣ୍ଟରନ୍ୟାଶନାଲ ଫଟୋଗ୍ରାଫିକ କାଉନସିଲ ଏହାର ପ୍ରତିଷ୍ଠାତା ଓ.ପି. ଶର୍ମାଙ୍କ ମାର୍ଗଦର୍ଶନରେ ପ୍ରତିବର୍ଷ ଫଟୋଗ୍ରାଫି ଦିବସ ପାଳନ କରିଆସୁଛି। ଏହି ଦିବସକୁ ବିଭିନ୍ନ ଦେଶର ଲୋକେ ସକାରାତ୍ମକ ଭାବେ ଗ୍ରହଣ କରିଛନ୍ତି। ୨୦୧୦ପରଠାରୁ ବିଶ୍ୱ ଫଟୋଗ୍ରାଫି ଦିବସ ଆଲୋଚନାଚକ୍ର ମାଧ୍ୟମରେ ଜନସାଧାରଣଙ୍କୁ ଉତ୍ସାହିତ କରାଯିବା ସହିତ ଫଟୋଗ୍ରାଫି କିପରି ଜୀବନକୁ ସରସ ଓ ସୁଖମୟ କରେ ସେ ବିଷୟରେ ସଚେତନ କରାଯାଏ। ଏହିଦିନ ଅନେକ ଫଟୋଗ୍ରାଫର ପ୍ରତିଯୋଗିତା ଓ ଆର୍ଟ ଗ୍ୟାଲେରିରେ ଯୋଗଦେଇ ସେମାନଙ୍କ କୃତିକୁ ପ୍ରଦର୍ଶନ କରନ୍ତି। ଫଟୋଗ୍ରାଫିର ଏକ ବୃହତ୍ ସମସ୍ୟା ହେଉଛି ଏହି ବୃତ୍ତିରେ ଥିବା ବ୍ୟକ୍ତିଙ୍କୁ ଅଧିକ ପୁଞ୍ଜିନିବେଶ କରିବାକୁ ପଡେ। ଏପରି କି ଅର୍ଥପ୍ରଦାନକାରୀଙ୍କ ସହାୟତା ନେବାକୁ ପଡେ। ଫଟୋଗ୍ରାଫି କ୍ଷେତ୍ରରେ ଜଣେ ନବାଗତ, ଅଭ୍ୟାସଗତ ଏବଂ ପେସାଦାର ହୋଇଥାଉ ନା କାହିଁକି ସମସ୍ତେ ଏହି ଦିବସର ମଜା ନିଅନ୍ତି।

### ଭାରତରେ ପାଳନ

ଭାରତରେ ବିଶ୍ୱ ଫଟୋଗ୍ରାଫି ଦିବସ ଖୁବ୍ ଉତ୍ସାହ ଓ ଉଦ୍ଦୀପନାର ସହିତ ପାଳନ କରାଯାଏ। ରାଜଧାନୀ ଦିଲ୍ଲୀ ସମେତ ବିଭିନ୍ନ ରାଜ୍ୟର ରାଜଧାନୀରେ ବିଭିନ୍ନ କାର୍ଯ୍ୟକ୍ରମ ସହିତ ଏହା ପାଳିତ ହୁଏ। ବିଭିନ୍ନ ବିଶ୍ୱବିଦ୍ୟାଳୟ ଛାତ୍ରୀଛାତ୍ର ଆନ୍ତଃମହାବିଦ୍ୟାଳୟ ପ୍ରତିଯୋଗିତା ଆୟୋଜନ କରନ୍ତି। ଦେଶର ପେସାଦାର ଫଟୋଗ୍ରାଫର ଏବଂ ଭିଡିଓଗ୍ରାଫର ମହାସଂଘର ସଦସ୍ୟମାନେ ବିଶ୍ୱ ଫଟୋଗ୍ରାଫି ଦିବସ କାର୍ଯ୍ୟକ୍ରମରେ ସାମିଲ ହୁଅନ୍ତି। ପ୍ରତିବର୍ଷ ଏହି ଦିବସରେ ଦେଶର ବିଭିନ୍ନ ସ୍ଥାନରେ ଚକ୍ଷୁ ପରୀକ୍ଷା ଶିବିର, ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ମେଧାବୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବଣ୍ଟନ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୁଏ। ଏତଦ୍‌ଭିନ୍ନ ଦେଶର ବିଭିନ୍ନ ସ୍ଥାନରେ ଫଟୋ ପ୍ରଦର୍ଶନୀ ଆୟୋଜିତ ହୁଏ। ପ୍ରଦର୍ଶନୀରେ ସୁନ୍ଦର ଫଟୋଚିତ୍ରକୁ ପ୍ରଶଂସା କରାଯିବା ସହିତ ଏଥିରୁ ସଂଗୃହୀତ ପାଣ୍ଠି ଜନହିତକର କାର୍ଯ୍ୟ ପାଇଁ ବିନିଯୋଗ କରାଯାଏ।





## ଦମ୍ ଦେଖାଇଲେ ଟାଇଗର ଶ୍ରଫ୍

ମୁମ୍ବାଇ

ବଲିଉଡ ଆକ୍ସନ ହିରୋ ଟାଇଗର ଶ୍ରଫ୍ ରବିବାର ୨୦୦କିଲୋଗ୍ରାମ ଓଜନର ଭାରୋତ୍ତୋଳନ କରି ଏହାର ଭିଡିଓକୁ ବନ୍ଧୁ ଓ ପ୍ରଶଂସକଙ୍କ ନିକଟକୁ ଶେୟାର କରିବା ପରେ ସେମାନେ ଆଶ୍ଚର୍ଯ୍ୟ ହୋଇଛନ୍ତି।

ଟାଇଗର ଶ୍ରଫ୍ ନିଜର ଶାରୀରିକ୍ ଫିଟ୍‌ନେସ୍ ପାଇଁ ବେଶ୍ ଭଲଭାବେ ପରିଚିତ। ସେ ଜିମ୍‌ରେ ଅତ୍ୟନ୍ତ କଷ୍ଟସାଧ୍ୟ ୨୦୦କିଲୋ ଓଜନର ଭାରୋତ୍ତୋଳନ କରିବାର ଭିଡିଓ ଇନ୍‌ଷ୍ଟାଗ୍ରାମ୍‌ରେ ଅପ୍‌ଲୋଡ କରିଛନ୍ତି। ସେ ଉକ୍ତ ଭିଡିଓ ତଳେ ଉଲ୍ଲେଖ କରିଛନ୍ତି, ହାଇସ୍କୁଲରେ ପଢ଼ିବା ସମୟରେ ୨୦୦କିଲୋ ଓଜନ ଉଠାଇବା ତାଙ୍କୁ ଖୁବ୍ ସହଜ ହେଉଥିଲା। ଅଭ୍ୟାସ ନ ଥିବାରୁ ଏବେ ଏହି ଓଜନ ଉଠାଇବାକୁ ସାମାନ୍ୟ କଷ୍ଟ ହେଉଛି। ଟାଇଗରଙ୍କ ଏହି ଦୁଃସାହସିକ ଭାରୋତ୍ତୋଳନ ପାଇଁ ଅଭିନେତା ଇଶାନ ଖଟ୍ଟର ତାଙ୍କୁ 'ସୁପରହ୍ୟୁମ୍ୟାନ୍' ବର୍ଣ୍ଣନା କରିଛନ୍ତି। ତାଙ୍କ ଭିଡିଓକୁ ବର୍ତ୍ତମାନ ୫୨,୦୦୦ରୁ ଊର୍ଦ୍ଧ୍ୱ ଦର୍ଶକ ଦେଖିସାରିଲେଣି। ଟାଇଗର ତାଙ୍କର ଆଗାମୀ ଫିଲ୍ମ 'ୱାର'ର ରିଲିଜକୁ ଅପେକ୍ଷା କରିଛନ୍ତି। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ହ୍ରିତିକ ରୋଶନ ଏବଂ ବାଣୀ କପୁର ଅଭିନୟ କରିଛନ୍ତି।



# ଉପକାରୀ ଧନିଆ

ଧନିଆରେ ଅନେକ ପ୍ରକାର ସ୍ୱାସ୍ଥ୍ୟ ଉପକାରୀ ଗୁଣ ରହିଛି। ଜାଣନ୍ତୁ ସେ ସମ୍ପର୍କରେ...



- ଧନିଆରେ ପ୍ରଚୁର ପରିମାଣରେ ଭିଟାମିନ୍ 'ଏ' ଏବଂ ଫସ୍‌ଫରସ୍ ଭରି ରହିଛି।
- ଏହାକୁ ନିୟମିତ ଖାଇଲେ ତାହା ଦୃଷ୍ଟିଶକ୍ତିକୁ ଆହୁରି ଦୃଢ଼ ରଖିଥାଏ।
- ଅଜୀର୍ଣ୍ଣ ସମସ୍ୟା ଦୂର କରିବାରେ ଏହା ଅନେକାଂଶରେ ସହାୟକ ହୋଇଥାଏ।
- ଧନିଆରେ ଆଇରନ ଭରି ରହିଛି। ଏହାକୁ ଖାଇଲେ ତାହା ଶରୀରର ରକ୍ତ ପରିମାଣକୁ ଠିକ୍ ରଖିଥାଏ।
- ରକ୍ତଚାପ ରୋଗୀଙ୍କ ପାଇଁ ଧନିଆ ବେଶ୍ ଲାଭଦାୟକ।
- କୋଲେଷ୍ଟରଲକୁ ସନ୍ତୁଳିତ ରଖିବାରେ ଧନିଆ ଅନେକାଂଶରେ ସହାୟକ ହୋଇଥାଏ।

# କୋଲେଷ୍ଟରଲକୁ ନିୟନ୍ତ୍ରଣରେ ରଖେ ଅଖରୋଟ

ଅଖରୋଟ ଆମ ଶରୀର ପାଇଁ ଉପକାରୀ ସାବ୍ୟସ୍ତ ହୋଇଥାଏ। ଏଥିରେ ଏଭଳି ତତ୍ତ୍ୱ ରହିଛି, ଯାହା କୋଲେଷ୍ଟରଲକୁ ଅନେକାଂଶରେ ନିୟନ୍ତ୍ରଣରେ ରଖିଥାଏ ବୋଲି ସଦ୍ୟତମ ଗବେଷଣାରୁ ଜଣାପଡ଼ିଛି। ଉକ୍ତ ତତ୍ତ୍ୱଟି ହେଲା ଓମେଗା-୩ ଫ୍ୟାଟି ଏସିଡ୍। ଏହା ଖରାପ କୋଲେଷ୍ଟରଲକୁ ନଷ୍ଟ କରିବାରେ ସହାୟକ ହୋଇଥାଏ। ଏହାକୁ ଦୈନନ୍ଦିନ ଖାଦ୍ୟ ତାଲିକାରେ ସାମିଲ କଲେ ତାହା ଷ୍ଟ୍ରୋକ୍ ଏବଂ ହୃତ୍‌ପିଣ୍ଡ ସମସ୍ୟାରୁ ଅନେକାଂଶରେ ଦୂରେଇ ରଖିଥାଏ। ଧମନୀରେ ରକ୍ତ ଅବରୋଧକୁ ମଧ୍ୟ ଏହା ସଫା କରିଥାଏ। ଅଖରୋଟ୍‌ରେ ମଧ୍ୟ ଆଣ୍ଟିଅକ୍ସିଡାଣ୍ଟ ତତ୍ତ୍ୱ ରହିଛି, ଯାହା ଆଜ୍‌ମା, ଏକ୍‌ଜିମା ଏବଂ ଆଣ୍ଠୁଗଣ୍ଠି ସମସ୍ୟାରୁ ଉପଶମ ଦେଇଥାଏ। ଏହାବ୍ୟତୀତ ରୋଗ ପ୍ରତିରୋଧକ ଶକ୍ତିକୁ ଦୃଢ଼ କରେ ଅଖରୋଟ। ଭିଟାମିନ୍-ଇ କମ୍ପ୍ଲେକ୍ସର ପ୍ରମୁଖ ଉତ୍ସ ହେଉଛି ଅଖରୋଟ, ଯାହା ଗର୍ଭବତୀଙ୍କ ପାଇଁ ବେଶ୍ ଉପକାରୀ।







# ବରଫରେ ଡିମ୍ବାଣୁ ସଂରକ୍ଷଣ



ଡା. ଦ୍ୱିଜେଶ କୁମାର ପଣ୍ଡା

କର୍ମଜୀବୀ ଯୁବତୀମାନଙ୍କର ଡିମ୍ବାଣୁ ବରଫରେ ବହୁବର୍ଷ ପର୍ଯ୍ୟନ୍ତ ସଂରକ୍ଷଣ କରାଯାଇପାରୁଛି। ଫଳରେ ସେମାନେ ସନ୍ତାନ ଜନ୍ମକୁ ନିଜ ଇଚ୍ଛା ଅନୁସାରେ ବିଳମ୍ବିତ କରିପାରୁଛନ୍ତି। ଏହି ପଦ୍ଧତି ସେମାନଙ୍କୁ ଉତ୍ସାହିତ କରୁଛି। ବିଜ୍ଞାନ ଏହି ଅପ୍ରାକୃତିକ କାର୍ଯ୍ୟ ସହିତ ସମ୍ମତ ନୁହେଁ। ଆଧୁନିକ ସମାଜରେ ଅନେକ ମହିଳା କେବଳ ଗୃହିଣୀ ନ ହୋଇ କର୍ମଜୀବୀ ହେଉଛନ୍ତି। ସନ୍ତାନ ଜନ୍ମ କରିବାକୁ ବିବାହ ପରେ ପରେ ଇଚ୍ଛା କରୁନାହାନ୍ତି। ସ୍ୱାମୀ ସହିତ ନିଜେ ରୋଜଗାରକ୍ଷମ ହୋଇ ପରିବାରକୁ ଆର୍ଥିକ ଦୃଷ୍ଟିରୁ ସ୍ୱଚ୍ଛଳ କରୁଛନ୍ତି। ନିଜ ପିଲାମାନଙ୍କୁ ଉନ୍ନତ ସ୍କୁଲ କଲେଜରେ ପଢ଼ାଇବାକୁ ସକ୍ଷମ ହେଉଛନ୍ତି। ସମାଜରେ ନିଜର ପ୍ରାଧାନ୍ୟ ଜାହିର କରିପାରୁଛନ୍ତି। ଏହା ସେମାନଙ୍କୁ ଆନନ୍ଦ ଦେଉଛି। କିନ୍ତୁ ନିଜ ସନ୍ତାନର ଲାଳନ ପାଳନ ଦାୟିତ୍ୱ ଅନ୍ୟ ଉପରେ ବାଧହୋଇ ନ୍ୟସ୍ତ କରୁଛନ୍ତି। ଫଳରେ ଶିଶୁ ମାତୃସ୍ନେହ ପାଇପାରୁନାହିଁ। ଏହା ଶିଶୁର ମନରେ ମନସ୍ତାତ୍ତ୍ୱିକ ବିଦ୍ରୋହ ସୃଷ୍ଟି କରୁଛି। ବଡ଼ ହେଲା ପରେ ମାତାପିତାଙ୍କଠାରୁ ସ୍ନେହ ଓ ବନ୍ଧନ ବିଚ୍ଛିନ୍ନ ହେଉଛି। ସେମାନେ ଅସାମାଜିକ କାର୍ଯ୍ୟରେ ଲିପ୍ତ ରହୁଛନ୍ତି। ଏହା ସବୁ ମା'ଙ୍କଠାରେ ପରିଲକ୍ଷିତ ହେଉନାହିଁ। କେତେକ ମହିଳା ଅଧିକ ସମୟ ଦେଇ ଶିଶୁମାନଙ୍କର ଯତ୍ନ ନେଉଛନ୍ତି। କିନ୍ତୁ ଆଦ୍ୟ ଯୌବନରେ ସନ୍ତାନ ପ୍ରସବ ନ କରି ଅର୍ଥ ଓ ପଦବୀ ଲାଳସାରେ ୩୫ ବର୍ଷ ବେଳକୁ କୃତ୍ରିମ ଉପାୟରେ ଶିଶୁ ଜନ୍ମ କରିବା ବୈଜ୍ଞାନିକ ଦୃଷ୍ଟିକୋଣରୁ ଗ୍ରହଣୀୟ ନୁହେଁ। ଏହା ପାଶ୍ଚାତ୍ୟ ସଭ୍ୟତାକୁ ଅନୁକରଣ କରୁଛି। ସେଥିପାଇଁ ଯୁବତୀମାନେ ନିଜର ଡିମ୍ବାଣୁକୁ ଡିମ୍ବାଶୟରୁ କାଢ଼ି ବରଫରେ ବହୁବର୍ଷ ସଂରକ୍ଷଣ କରୁଛନ୍ତି। ନିଜ ଇଚ୍ଛା ଅନୁସାରେ କୃତ୍ରିମ ଉପାୟରେ ପରୀକ୍ଷାଗାରରେ ସ୍ୱାମୀ କିମ୍ବା ଅନ୍ୟ ପୁରୁଷଙ୍କ ଶୁକ୍ରକୀଟ ସହିତ ସଂଯୋଗ କରି ଭ୍ରୂଣ ସୃଷ୍ଟି କରୁଛନ୍ତି। ଏହାକୁ ଜରାୟୁରେ ସ୍ଥାପନ କରି ସନ୍ତାନ ଜନ୍ମ କରୁଛନ୍ତି। ଏହା ସବୁ କ୍ଷେତ୍ରରେ ସଫଳ ହେଉନାହିଁ। ଏହି ଉପାୟରେ ଏକାଥରକେ ଦୁଇ କିମ୍ବା ତିନୋଟି ଶିଶୁ ଜନ୍ମ ହେଉଛନ୍ତି। ଏମାନେ ପୂର୍ଣ୍ଣତ୍ୱ ପ୍ରାପ୍ତ ପୂର୍ବରୁ ଛୋଟହୋଇ ଜନ୍ମ ହେଉଛନ୍ତି। ଏକାବେଳେ ୨-୩ଟି ଶିଶୁର ଲାଳନପାଳନ କରିବା ସହଜ ନୁହେଁ। ତେଣୁ ସେମାନେ ଅବହେଳିତ ହେଉଛନ୍ତି। ଉପଯୁକ୍ତ ମାତୃସ୍ନେହ ପାଇପାରୁ ନାହାନ୍ତି। ବଡ଼ ହେଲାପରେ ମାତାପିତାଙ୍କଠାରୁ ବିଚ୍ଛିନ୍ନ ହୋଇଯାଉଛନ୍ତି।

ବିଭିନ୍ନ ସହରରେ ଅନେକ ବନ୍ଧ୍ୟାରୋଗ ଚିକିତ୍ସା କ୍ଲିନିକ ସ୍ଥାପନ ହେଲାଣି। ୨୫ ପ୍ରତିଶତ ଯୁବତୀ ଏହା ସନ୍ଧାନରେ। ସେମାନଙ୍କର ବୟସ ଗଡ଼ି ଯାଇଥିବାରୁ ଶିଶୁ ଜନ୍ମ ପାଇଁ ବ୍ୟାକୁଳ। ଏହାର ସୁଯୋଗ ନେଇ ଏହି କ୍ଲିନିକଗୁଡ଼ିକ ବହୁ ଅର୍ଥ ରୋଜଗାର କରନ୍ତି। କେତେକ ଯୁବତୀଙ୍କର ଡିମ୍ବାଶୟରେ ଥିବା ଅଣ୍ଡା ଗୁଡ଼ିକ ଆକାରରେ ଛୋଟ ଓ ଭ୍ରୂଣ ସୃଷ୍ଟି କରିବାକୁ ଅକ୍ଷମ। ଏପରି ଶୁକ୍ରକୀଟ ସହିତ ସଂଯୋଗ କରି ଲାବରେଟୋରିରେ ଭ୍ରୂଣ ତିଆରି କରୁଛନ୍ତି। ଏହାକୁ ନିଜର ଜରାୟୁରେ ସ୍ଥାପନ କରି ଗର୍ଭସଞ୍ଚାର କରିବାକୁ ସକ୍ଷମ ହେଉଛନ୍ତି। ଅଣ୍ଡାକୁ ଡିମ୍ବାଶୟରୁ ସଂଗ୍ରହ କରିବାକୁ ହେଲେ ପ୍ରଥମେ ନିଶା ଦେଇ ଅଚେତ କରାଯାଏ। ଏହାପରେ ଅଣ୍ଡାକୁ ଡିମ୍ବାଶୟରୁ କାଢ଼ି ବରଫରେ ସଂରକ୍ଷଣ ହୁଏ। ଅନେକ ବର୍ଷ ପର୍ଯ୍ୟନ୍ତ ଏହା ରଖାଯାଇପାରେ। ସେଥିପାଇଁ ଅଣ୍ଡା ବ୍ୟାଙ୍କର ମାଲିକଙ୍କୁ ବହୁ ଅର୍ଥ ବାର୍ଷିକ ଭଡ଼ା ଆକାରରେ ଦିଆଯାଏ। ଏହି ଉପାୟରେ ପ୍ରଥମେ ୧୯୭୮ ମସିହାରେ ଲୁଇସ ବ୍ରାଉନ ନାମକ ଶିଶୁକନ୍ୟା ଆମେରିକାରେ ଜନ୍ମ ହୋଇଥିଲା। ବର୍ତ୍ତମାନ ସେ ମା' ହୋଇଗଲାଣି। ୧୯୮୦ ମସିହା ବେଳକୁ ଏହି ପଦ୍ଧତିରେ ସଫଳତା ୧୦ରୁ ୧୫ ପ୍ରତିଶତରେ ସୀମିତ ରହିଲା। ଏହାର ଅଧିକ ସଫଳତା ପାଇଁ ଅଣ୍ଡା ସଂଗ୍ରହ କରାଯାଉଥିବା ମହିଳାଙ୍କୁ ବେଶି ପରିମାଣର ହର୍‌ମୋନ ଇଂଜେକ୍ସନ ଦିଆଗଲା। ଫଳରେ ଅଣ୍ଡାର ଆକୃତି ବୃଦ୍ଧି ହୋଇ ପୂର୍ଣ୍ଣତ୍ୱ ପ୍ରାପ୍ତି ହେଲା। ଏହାକୁ ଯୋନି ଓ ଜରାୟୁ ମଧ୍ୟ ଦେଇ ଗୋଟିଏ ଲମ୍ବା ଛୁଞ୍ଚି ଦ୍ୱାରା ଡିମ୍ବାଶୟରୁ କାଢ଼ି ନିଆଗଲା। ପରେ ଏହାକୁ ବରଫରେ ସଂରକ୍ଷଣ କରାଗଲା।

> "କେତେକ ଯୁବତୀଙ୍କର ଡିମ୍ବାଶୟରେ ଥିବା ଅଣ୍ଡାଗୁଡ଼ିକ ଆକାରରେ ଛୋଟ ଓ ଭ୍ରୂଣ ସୃଷ୍ଟି କରିବାକୁ ଅକ୍ଷମ। ଏପରି ଶୁକ୍ରକୀଟ ସହିତ ସଂଯୋଗ କରି ଲାବରେଟୋରିରେ ଭ୍ରୂଣ ତିଆରି କରୁଛନ୍ତି। ଏହାକୁ ନିଜର ଜରାୟୁରେ ସ୍ଥାପନ କରି ଗର୍ଭ ସଞ୍ଚାର କରିବାକୁ ସକ୍ଷମ ହେଉଛନ୍ତି। ଅଣ୍ଡାକୁ ଡିମ୍ବାଶୟରୁ ସଂଗ୍ରହ କରିବାକୁ ହେଲେ ପ୍ରଥମେ ନିଶା ଦେଇ ଅଚେତ କରାଯାଏ। ଏହାପରେ ଅଣ୍ଡାକୁ ଡିମ୍ବାଶୟରୁ କାଢ଼ି ବରଫରେ ସଂରକ୍ଷଣ ହୁଏ। ଅନେକ ବର୍ଷ ପର୍ଯ୍ୟନ୍ତ ଏହା ରଖାଯାଇପାରେ।"

୧୯୯୦ ମସିହା ବେଳକୁ ପୁରୁଷମାନଙ୍କର ଶୁକ୍ରକୀଟ ଅସ୍ୱାଭାବିକ ହୋଇ ପରିମାଣ କମିବାରେ ଲାଗିଲା। ତେଣୁ ସୁସ୍ଥ ଶୁକ୍ରକୁ ସଂଗ୍ରହ କରି ଡିମ୍ବାଣୁ ମଧ୍ୟରେ ଇଂଜେକ୍ସନ ଦିଆଗଲା। ଫଳରେ ଅନେକ ପୁରୁଷ ବନ୍ଧ୍ୟା ସନ୍ତାନ ଲାଭ କଲେ। ଡିମ୍ବାଣୁ ହେଉଛି ଶରୀରର ବୃହତ୍ତମ ଜୀବକୋଷ। ଏହାକୁ ବରଫରେ ସଂରକ୍ଷଣ କରିବା କଷ୍ଟ। ଏଥିରେ ବହୁତ ପାଣି ଥିବାରୁ ବରଫ ଗୁଣ୍ଡ ଏହା ଭିତରେ ଜମିଯାଇ କ୍ଷତି କରେ।

୩୨ ବର୍ଷ ମହିଳାଙ୍କର ବରଫିକୃତ ଡିମ୍ବାଣୁ ୪୨ ବର୍ଷ ମହିଳାଙ୍କ ସଦ୍ୟ ସଂଗୃହୀତ ଡିମ୍ବାଣୁ ଭ୍ରୂଣ ସୃଷ୍ଟି କରିବାରେ ସମାନ ସଫଳତା ଦିଏ। ବରଫରେ ସଂରକ୍ଷିତ ଡିମ୍ବାଣୁକୁ ଶୁକ୍ରକୀଟ ସହିତ ସଂଯୋଗ କରି ଜରାୟୁରେ ସ୍ଥାପନ କରିବା ଅପେକ୍ଷା ୫ ଦିନ ପରୀକ୍ଷାଗାରରେ ରଖିଲେ ଏହା ବ୍ଲାଷ୍ଟୋସିଷ୍ଟରେ ପରିଣତ ହୁଏ। ଏଥିରେ ୧୦୦ଟି ଜୀବକୋଷ ସୃଷ୍ଟି ହୋଇଥାଏ। ଏହାକୁ ନେଇ ଜରାୟୁରେ ସ୍ଥାପନ କଲେ ଅଧିକ ସଫଳତା ମିଳେ। ପରୀକ୍ଷାଗାରର ରାସାୟନିକ ପରିବେଶ ଜରାୟୁର ସଂଲଗ୍ନ ଫାଲୋପିଆନ ନଳୀ ସହିତ ସମାନ। ସୁସ୍ଥ ଏବଂ ବଡ଼ ବ୍ଲାଷ୍ଟୋସିଷ୍ଟରୁ କେବଳ ଗୋଟିଏ ଶିଶୁ ଜନ୍ମ ନେବ। ଦୁଇ କିମ୍ବା ୩ଟି ଶିଶୁ ଜନ୍ମହେବାର ସମ୍ଭାବନା ନ ଥାଏ। ଅନ୍ୟ ଗୋଟିଏ ନୂତନ ଉଦ୍ଭାବନ ହେଉଛି ଭ୍ରୂଣକୁ ଗୋଟିଏ ଜୈବିକ ଖୋଳ ମଧ୍ୟରେ ରଖି ଯୋନିରେ ରଖିଦେଲେ ୫ ଦିନରେ ବ୍ଲାଷ୍ଟୋସିଷ୍ଟରେ ପରିଣତ ହେବ। ପରୀକ୍ଷାଗାରରେ ଇନ୍‌କ୍ୟୁବେଟରରେ ପାଞ୍ଚଦିନ ରଖିବା ଆବଶ୍ୟକ ନାହିଁ। ସ୍ତ୍ରୀରୋଗ ବିଶେଷଜ୍ଞ ପଲସନଙ୍କ ମତରେ, ନିକଟରେ ଆଦିକୋଷ ଗବେଷଣାରୁ ଜଣାଯାଏ ଯେ ଚର୍ମ କୋଷରୁ ଶୁକ୍ରକୀଟ ଓ ଡିମ୍ବାଣୁ ସୃଷ୍ଟି ହୋଇପାରିବ। ଏହାଦ୍ୱାରା ଡିଏନ୍‌ଏର କୌଣସି ପରିବର୍ତ୍ତନ ହେବନାହିଁ।

ବୟସ୍କ ମହିଳାଙ୍କ ଡିଏନ୍‌ଏ ଅସ୍ୱାଭାବିକ ହୋଇଯାଏ। ଏହି ଭ୍ରୂଣ ଜରାୟୁରେ ବଢ଼ୁଥିବା ଅବସ୍ଥାରେ ନଷ୍ଟ ହୋଇଯାଏ। ଏହାକୁ ମିସ୍‌କାରେଜ କୁହାଯାଏ। ହର୍‌ମୋନ ଦେଇ ଓଭାରିକୁ ଉଦ୍ଦୀପିତ କଲେ ବଡ଼ ଆକାରରେ ସୁସ୍ଥ ଡିମ୍ବାଣୁ ସୃଷ୍ଟି ହୁଏ। ଏହାକୁ ବରଫରେ ସଂରକ୍ଷଣ କରାଯାଉଛି। ପରୀକ୍ଷାଗାରରେ ଶୁକ୍ରକୀଟ ସହିତ ସଂଯୋଗ କଲେ ଭ୍ରୂଣ ତିଆରି ହେବ। ଏହାକୁ ଜରାୟୁରେ ସ୍ଥାପନ କଲେ ଗର୍ଭଧାରଣ ହୁଏ। ଏଥିରେ ସଫଳତା ଅପେକ୍ଷା ବିଫଳତା ବେଶି। ତେଣୁ ଏହି ଅନିଶ୍ଚିତ ପଦ୍ଧତିକୁ ଗ୍ରହଣ କରି ଅଯଥା ଖର୍ଚ୍ଚାନ୍ତ ହେବା ଶ୍ରେୟସ୍କର ନୁହେଁ। ଆଧୁନିକ ବ୍ଲାଷ୍ଟୋସିଷ୍ଟ ପ୍ରତିରୋପଣ କରି ଶିଶୁ ଜନ୍ମ ହେବା ଉତ୍କୃଷ୍ଟ ପନ୍ଥା।

*-ଏମ୍‌ଡି ପିଏଚ୍‌ଡି(ମେଡିସିନ୍)*
*ବରିଷ୍ଠ ବୈଜ୍ଞାନିକ, ୧୨, ଆଚାର୍ଯ୍ୟ ବିହାର, ଭୁବନେଶ୍ୱର*
*ଫୋ: ୦୬୭୪-୨୫୪୨୯୩୪*

# ଖାଇବା ବିଶୃଙ୍ଖଳା

ଡ. ମୁରାରି ମୋହନ ଦାଶ

> "ବର୍ତ୍ତମାନ ଚିକିତ୍ସକମାନେ ଅତିବେଶି ପରିମାଣର ଖାଇବାକୁ ମାନସିକ ଅସ୍ଥିରତା ଯଥା ଡିପ୍ରେସନ ଓ ଉଦ୍‌ବେଗ ସହିତ ଯୋଡୁଛନ୍ତି। ସେମାନଙ୍କ ମତରେ ବେଶି ଖାଇବା ମାନସିକ ବିଶୃଙ୍ଖଳାର ସୂଚନା ଦିଏ। ଏହାଦ୍ୱାରା ବ୍ୟକ୍ତିଟି ନିଜକୁ ଲଜ୍ଜିତ ଓ ଦୋଷୀ ଅନୁଭବ କରିଥାଏ। ଫଳରେ ସେପରି ବ୍ୟକ୍ତିମାନେ ମଦ୍ୟପାନ ଓ ନିଶାସେବନର ଆଶ୍ରୟ ନେଇଥାନ୍ତି ଏବଂ ସେମାନଙ୍କର ଆତ୍ମହତ୍ୟା ପ୍ରବଣତା ପ୍ରକାଶ ପାଏ।"

କିଶୋର କିଶୋରୀମାନେ ସାଧାରଣତଃ ଟିକେ ବେଶି ଖାଇଥାନ୍ତି। ବୟସ୍କ ହେଲାପରେ ମଧ୍ୟ କେତେକଙ୍କ କ୍ଷେତ୍ରରେ ସେ ଅଭ୍ୟାସ ଚାଲୁରହେ। ବର୍ତ୍ତମାନ ଚିକିତ୍ସକମାନେ ଅତିବେଶି ପରିମାଣର ଖାଇବାକୁ ମାନସିକ ଅସ୍ଥିରତା ଯଥା ଡିପ୍ରେସନ ଓ ଉଦ୍‌ବେଗ ସହିତ ଯୋଡୁଛନ୍ତି। ସେମାନଙ୍କ ମତରେ ବେଶି ଖାଇବା ମାନସିକ ବିଶୃଙ୍ଖଳାର ସୂଚନା ଦିଏ। ଏହାଦ୍ୱାରା ବ୍ୟକ୍ତିଟି ନିଜକୁ ଲଜ୍ଜିତ ଓ ଦୋଷୀ ଅନୁଭବ କରିଥାଏ। ଫଳରେ ସେପରି ବ୍ୟକ୍ତିମାନେ ମଦ୍ୟପାନ ଓ ନିଶାସେବନର ଆଶ୍ରୟ ନେଇଥାନ୍ତି ଏବଂ ସେମାନଙ୍କର ଆତ୍ମହତ୍ୟା ପ୍ରବଣତା ପ୍ରକାଶ ପାଏ। ଖାଇବା ବିଶୃଙ୍ଖଳା ଯୋଗୁ ଶାରୀରିକ, ମାନସିକ, ସ୍ୱାସ୍ଥ୍ୟ ଏବଂ କାର୍ଯ୍ୟ କରିବାର ଦକ୍ଷତା ନକାରାତ୍ମକ ଭାବେ ପ୍ରଭାବିତ ହୋଇଥାଏ। ସାଧାରଣତଃ ଖାଇବା ବିଶୃଙ୍ଖଳା ମଧ୍ୟରେ ଆନୋରେକ୍ସିଆ ନର୍ଭୋସା(Anorexia nervosa), ବୁଲିମିଆ ନର୍ଭୋସା ଏବଂ ବିଙ୍ଗେ ଖାଇବା ବିଶୃଙ୍ଖଳା(binge eating disorder) ପ୍ରଧାନ। ନିଦାନ ବିଳମ୍ବିତ ହେବାର ଅନ୍ୟ କାରଣଟି ହେଲା ପରିବାର ସଦସ୍ୟ ଓ ଚିକିତ୍ସକମାନେ ବିଶୃଙ୍ଖଳାର ଲକ୍ଷଣକୁ ଅଣଦେଖା କରିବା। ଆନୋରେକ୍ସିଆ ନର୍ଭୋସାରେ ଆକ୍ରାନ୍ତ ବ୍ୟକ୍ତିମାନେ ଓଜନ ବଢ଼ିଯିବା କାରଣରୁ ଖାଇବା ପ୍ରତି ଅଧିକ ସଚେତନ ହୋଇଥାନ୍ତି। ହ୍ରାସ ପାଇଁ ଝାଡ଼ା କରାଇବା ଔଷଧ ଓ ଉଦ୍ଭିଦଜାତ ଔଷଧ ଖାଇଥାଏ। ବହୁ ସମୟ ପର୍ଯ୍ୟନ୍ତ ବ୍ୟାୟାମ କରେ। ଖାଇବା ଭିତରେ ଝାଡ଼ାଯାଏ। ସାଧାରଣ ଖାଇବା ପରିମାଣଠାରୁ ଯଥେଷ୍ଟ ଅଧିକ ଖାଏ। ନିଜକୁ ଦୋଷୀ ଓ ଲଜ୍ଜିତ କଲାପରି ବିରକ୍ତିକର ମତାମତ ପ୍ରକାଶ କରେ। ବାରମ୍ବାର ବାନ୍ତି ହେବା ଫଳରେ ଦାନ୍ତର ଏନାମେଲ ନଷ୍ଟ ହୋଇଯାଏ।

ଖାଇବା ବିଶୃଙ୍ଖଳା ସହିତ ଡିପ୍ରେସନ ଓ ଉଦ୍‌ବେଗ ଓତପ୍ରୋତ ଭାବେ ଜଡ଼ିତ। ଏହାର ଚିକିତ୍ସା ପାଇଁ ମାନସିକ ରୋଗ ବିଶେଷଜ୍ଞ,



ସେମାନଙ୍କର ଓଜନ କମ୍ ଥିଲେ ମଧ୍ୟ ସେମାନେ ଖାଦ୍ୟ ନିୟନ୍ତ୍ରଣ କରିଥାନ୍ତି। ବୁଲିମିଆରେ ପୀଡ଼ିତ ବ୍ୟକ୍ତିମାନେ ଖାଇବା ଉପରେ ନିୟନ୍ତ୍ରଣ ରଖିପାରନ୍ତି ନାହିଁ। ବିଙ୍ଗେ ଖାଇବା ବିଶୃଙ୍ଖଳା ଥିଲେ ବ୍ୟକ୍ତିମାନେ ଖୁସିରେ ମାତି ଅତ୍ୟଧିକ ଖାଆନ୍ତି ଏବଂ ଯାହା ଖାଇଥାନ୍ତି ତାକୁ ବାନ୍ତି କରନ୍ତି।



ବ୍ୟକ୍ତିଠାରେ ନିମ୍ନଲିଖିତ ଲକ୍ଷଣମାନ ଦେଖାଗଲେ ପରିବାରର ସଦସ୍ୟମାନେ ଖାଇବା ବିଶୃଙ୍ଖଳା ଥାଇପାରେ ବୋଲି ସନ୍ଦେହ କରିବା ଉଚିତ। ବ୍ୟକ୍ତି ଜଣକ ଯଦି ମଝିରେ ମଝିରେ ଖାଇବା ବନ୍ଦ କରେ ଏବଂ ନ ଖାଇବା ପାଇଁ କ୍ଷମା ଚାହିଁଥାଏ। ଭୋଜନକୁ ନିରାମିଷ ଖାଦ୍ୟରେ ସୀମିତ ରଖେ ଏବଂ ସ୍ୱାସ୍ଥ୍ୟକର ଖାଦ୍ୟ ପ୍ରତି ଦୃଷ୍ଟି କେନ୍ଦ୍ରୀଭୂତ କରେ। ପରିବାରର ଲୋକମାନେ ଯାହା ଖାଉଥାନ୍ତି ତାଙ୍କୁ ପସନ୍ଦ ଲାଗେନାହିଁ। ସାମାଜିକ କାର୍ଯ୍ୟକ୍ଷେତ୍ରଠାରୁ ଦୂରେଇ ରହେ। ନିଜ ରୂପକୁ ବାରମ୍ବାର ଦର୍ପଣରେ ଦେଖି ତ୍ରୁଟି ଜାଣିବାକୁ ଚେଷ୍ଟାକରେ। ଥରକୁ ଥର ବହୁ ପରିମାଣର ମିଠା ଦ୍ରବ୍ୟ ଓ ତୈଳଯୁକ୍ତ ଖାଦ୍ୟ ଖାଇବା ସହିତ ଓଜନ ଗ୍ୟାଷ୍ଟ୍ରୋଇଣ୍ଟେରୋଲୋଜିଷ୍ଟ (ଖାଦ୍ୟନଳୀ ସମ୍ପର୍କିତ ରୋଗ ବିଶେଷଜ୍ଞ) ଓ ପୁଷ୍ଟି ବିଜ୍ଞାନୀଙ୍କ ମିଳିତ ସୁପାରିସ ଆବଶ୍ୟକ। ଖାଇବା ବିଶୃଙ୍ଖଳାରୁ ମୁକ୍ତି ପାଇବା ପାଇଁ କୌଣସି ଔଷଧ ନାହିଁ କହିଲେ ଚଳେ। ତଥାପି କେତେକ ଔଷଧ ଖାଇବାର ଇଚ୍ଛାକୁ ଦମନ କରିପାରିବ। ଖାଇବା ବିଶୃଙ୍ଖଳା ଲକ୍ଷଣ ସମୂହ ସାଧାରଣତଃ ଶରୀରର ଓଜନ, ଗଠନ ଓ ଆକାରକୁ ନେଇ ବିକଶିତ ହୋଇଥାଏ। ଏହି ବିଶୃଙ୍ଖଳା ହୃତ୍‌ପିଣ୍ଡ, ପଚନତନ୍ତ୍ର, ଅସ୍ଥି, ଦାନ୍ତ ଓ ପାଟିର ପ୍ରଭୂତ କ୍ଷତି କରିବା ସହିତ ଅନ୍ୟ ରୋଗକୁ ଆମନ୍ତ୍ରଣ କରିଥାଏ।

*-ଜି/ଏଲ୍-୧, ଭିଏସ୍‌ଏସ୍ ନଗର, ଭୁବନେଶ୍ୱର*
*ମୋ: ୯୪୩୭୧୧୦୭୧୫*

# ମସ୍ତିଷ୍କ କାର୍ଯ୍ୟଧାରାକୁ ସକ୍ରିୟ କରେ ଭିଟାମିନ୍ 'ଡି'



ଭିଟାମିନ୍ 'ଡି'ରେ ଅନେକ ସ୍ୱାସ୍ଥ୍ୟୋପକାରୀ ଗୁଣ ଭରି ରହିଛି। ଭିଟାମିନ୍ 'ଡି'ଯୁକ୍ତ ଖାଦ୍ୟ ଖାଇଲେ ତାହା ମସ୍ତିଷ୍କର କାର୍ଯ୍ୟଧାରାକୁ ଆହୁରି ସକ୍ରିୟ କରିଥାଏ ବୋଲି ଏକ ଗବେଷଣାରୁ ଜଣାପଡ଼ିଛି। 'ମସ୍ତିଷ୍କର କାର୍ଯ୍ୟଧାରା ଓ ଭିଟାମିନ୍-ଡି' ଶୀର୍ଷକ ବିଷୟବସ୍ତୁକୁ ନେଇ ଲଣ୍ଡନ ୟୁନିଭର୍ସିଟିର ସ୍ନାୟୁଶଲ୍ୟ ବିଶେଷଜ୍ଞମାନେ ଗବେଷଣା କରିଥିଲେ। ଦୈନନ୍ଦିନ ଖାଦ୍ୟ ତାଲିକାରେ ଭିଟାମିନ୍ 'ଡି'ଯୁକ୍ତ ଖାଦ୍ୟ ସାମିଲ କଲେ ଏଥିରେ ଥିବା 'ସେରୋଟୋରିନ୍' ତତ୍ତ୍ୱ ମସ୍ତିଷ୍କର କାର୍ଯ୍ୟଧାରାକୁ ଅନେକାଂଶରେ ସକ୍ରିୟ କରିଥାଏ ବୋଲି ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଯେତେବେଳେ ଏହି ସ୍ତରରେ ଅସନ୍ତୁଳନ ପରିଲକ୍ଷିତ ହୁଏ, ସେତେବେଳେ ମଣିଷର ସ୍ୱଭାବ ଚିଡ଼ିଚିଡ଼ା ହୋଇଥାଏ ବୋଲି ଏଥିରୁ ଜଣାପଡ଼ିଛି।

# ବିନା ଛୁଞ୍ଚିରେ ଇଞ୍ଜେକ୍ସନ

ସାଧାରଣତଃ ଇଞ୍ଜେକ୍‌ଶନ ନେବାକୁ ଛୁଞ୍ଚିର ଆବଶ୍ୟକ ପଡ଼ିଥାଏ। ହେଲେ ବିନା ଛୁଞ୍ଚିରେ କ'ଣ ଇଞ୍ଜେକ୍‌ଶନ ନେଇହେବ? ଏହାର ଉତ୍ତର ନିଶ୍ଚୟ ନା ଆସିବ। ହେଲେ ଏପରି କଥାକୁ ସତରେ ପରିଣତ କରିଛନ୍ତି



ଜାପାନର ଓସାକା ବିଶ୍ୱବିଦ୍ୟାଳୟର ଗବେଷକମାନେ। ସେମାନେ ଏଭଳି ଏକ ଇଞ୍ଜେକ୍‌ଶନ ପ୍ରସ୍ତୁତ କରିଛନ୍ତି, ଯାହାକୁ ବିନା ଛୁଞ୍ଚିରେ ନେଇହେବ। ବିଶେଷଭାବରେ ଡାଇବେଟିସ୍ ରୋଗୀଙ୍କ ପାଇଁ ଏହା ଉପକାରୀ ସାବ୍ୟସ୍ତ ହେବ। କେବଳ ସେତିକି ନୁହେଁ, ଶିଶୁମାନଙ୍କ ଟିକା ପାଇଁ ଏହାକୁ ମଧ୍ୟ ବ୍ୟବହାର କରାଯାଇପାରିବ। ପରୀକ୍ଷାମୂଳକ ଭାବେ ଏହାକୁ ବ୍ୟବହାର କରି ସଫଳତା ମିଳିଛି ବୋଲି ପ୍ରକାଶିତ ରିପୋର୍ଟରେ ସୂଚିତ କରାଯାଇଛି।

❝ ଦେଶର ସମସ୍ତ ଆପୋଲୋ ହସ୍ପିଟାଲରେ ଇଲେକ୍ଟ୍ରି ଯାନ ଚାର୍ଜିଂ ଷ୍ଟେଶନ ପ୍ରତିଷ୍ଠା କରାଯିବ। ଏଥିଲାଗି ରାଷ୍ଟ୍ରାୟତ୍ତ ଏନର୍ଜି ଏଫିସିଏନ୍ସି ସର୍ଭିସେସ୍ ଲିମିଟେଡ(ଇଇଏସ୍ଏଲ୍) ସହ ଚୁକ୍ତି ସ୍ୱାକ୍ଷର ହୋଇଛି।
– ଭେଙ୍କଟେଶ ଦ୍ୱିବେଦୀ, ଇଇଏସ୍ଏଲ୍ ପ୍ରୋଜେକ୍ଟ ଡାଇରେକ୍ଟର



❝ ଦିଲ୍ଲୀ ହାଇକୋର୍ଟ ନିର୍ଦ୍ଦେଶରେ ରେଲ୍ ଲ୍ୟାଣ୍ଡ ଡେଭଲପମେଣ୍ଟ ଅଥରିଟି(ଆର୍ଏଲ୍ଡିଏ)ଠାରୁ ୧୨୦୦ କୋଟି ଟଙ୍କା ମିଳିଛି। ଏହାକୁ ବକେୟା ଋଣ ପରିଶୋଧରେ ଖର୍ଚ୍ଚ କରାଯିବ।
– ପ୍ରଦୀପ ଜୈନ, ପାର୍ଶ୍ୱନାଥ ଲିମିଟେଡ ଅଧ୍ୟକ୍ଷ



### ମହଙ୍ଗା ପଡ଼ିବ ଜାତିସଂଘରେ ପାକିସ୍ତାନକୁ ସମର୍ଥନ

# ସେପ୍ଟେମ୍ବରରୁ ଚାଇନା ସାମଗ୍ରୀ ବର୍ଜନର ରାଷ୍ଟ୍ରୀୟ ଅଭିଯାନ

- ୨୯ରେ ବ୍ୟବସାୟୀଙ୍କ ରାଷ୍ଟ୍ରୀୟ ସମ୍ମିଳନୀରେ ଚୂଡ଼ାନ୍ତ ନିଷ୍ପତ୍ତି
- ଅନୁଚ୍ଛେଦ ୩୭୦ ଉଚ୍ଛେଦକୁ ବିରୋଧ କରି ଚାଇନାର ପାକିସ୍ତାନକୁ ସମର୍ଥନ
- ବ୍ୟବସାୟୀ ମହାସଂଘ ଦେଲା ଡାକରା

ନୂଆଦିଲ୍ଲୀ,୧୮-୮

ଜମ୍ମୁ-କଶ୍ମୀରକୁ ସ୍ୱତନ୍ତ୍ର ମାନ୍ୟତା ପ୍ରଦାନକାରୀ ସମ୍ବିଧାନର ଅନୁଚ୍ଛେଦ ୩୭୦କୁ ପାର୍ଲାମେଣ୍ଟ ଉଚ୍ଛେଦ କରିଛି। ଏହି ପ୍ରସଙ୍ଗକୁ ନେଇ କ୍ଷୁବ୍ଧ ପାକିସ୍ତାନ ଚାଇନାର ଶରଣ ପଶିଥିଲା। ଇସ୍ଲାମାବାଦ୍‌ର ଅନୁରୋଧକ୍ରମେ ଚାଇନା ଜାତିସଂଘ ସୁରକ୍ଷା ପରିଷଦରେ ଏହି ମାମଲା ଉଠାଇଥିଲା। ତେବେ ସୁରକ୍ଷା ପରିଷଦରେ ପାକିସ୍ତାନ ଓ ଚାଇନାର ଷଡ଼ଯନ୍ତ୍ର ଫସର ଫାଟିଛି। କିନ୍ତୁ ପାକିସ୍ତାନକୁ ସମର୍ଥନ ଜଣାଇବା ଏବେ ଚାଇନା ପାଇଁ ମହଙ୍ଗା ହେବାକୁ ଯାଉଛି। ରାଷ୍ଟ୍ରୀୟ ସୁରକ୍ଷା ଦୃଷ୍ଟିରୁ ପାକିସ୍ତାନ ପରେ ଚାଇନା ଏବେ ଦେଶର ବଡ଼ ଶତ୍ରୁ ହୋଇ ଛିଡ଼ା ହୋଇଛି। ଏହାକୁ ନେଇ ଦେଶର ବ୍ୟବସାୟୀ ଓ ନାଗରିକଙ୍କ ମଧ୍ୟରେ ଅସନ୍ତୋଷର ବହ୍ନି କୁହୁଳିବାରେ ଲାଗିଛି। ଚାଇନା ସାମଗ୍ରୀ ବର୍ଜନ ପାଇଁ ବ୍ୟବସାୟୀମାନେ ପୁନର୍ବାର ଏକାଠି ହେଲେଣି। କନ୍‌ଫେଡେରେଶନ ଅଫ୍ ଅଲ୍ ଇଣ୍ଡିଆ ଟ୍ରେଡର୍ସ(ସିଏଆଇଟି) ଦେଶର ସମସ୍ତ ଛୋଟବଡ଼ ବ୍ୟବସାୟୀଙ୍କୁ ପୁନର୍ବାର ସାରା ଦେଶରେ ଚାଇନା ସାମଗ୍ରୀ ବର୍ଜନ ପାଇଁ ଆହ୍ୱାନ ଦେଇଛି। ଏହି ପ୍ରସଙ୍ଗରେ ଆସନ୍ତା ୨୯ରେ ସିଏଆଇଟି ଆହ୍ୱାନକ୍ରମେ ସାରା ଦେଶର ବ୍ୟବସାୟୀ ସଂଘ ପ୍ରତିନିଧିଙ୍କୁ ନେଇ ଏକ ରାଷ୍ଟ୍ରୀୟ ସମ୍ମିଳନୀ ଆୟୋଜିତ ହେବାକୁ ଯାଉଛି। ସେପ୍ଟେମ୍ବର ପହିଲାରୁ ଦେଶରେ ଏଥିଲାଗି ଏକ ରାଷ୍ଟ୍ରୀୟ ଅଭିଯାନ ଆରମ୍ଭ କରାଯିବ।





### ଖୁଚୁରା କାରବାର ଅତ୍ୟଧିକ ଚାଇନା ଉପରେ ନିର୍ଭରଶୀଳ

ଭରତିଆଙ୍କ କହିବାନୁଯାୟୀ ଦେଶର ଖୁଚୁରା ବ୍ୟବସାୟ ଅତ୍ୟଧିକ ଚାଇନା ଉପରେ ନିର୍ଭରଶୀଳ। ଉଦାହରଣ ସ୍ୱରୂପ, ଦେଶର ଫାର୍ମାସ୍ୟୁଟିକାଲ୍ସର କଞ୍ଚାମାଲ ଚାଇନାରୁ ଆସୁଛି। ଜୀବନ ରକ୍ଷାକାରୀ କେତେକ ଔଷଧ ମଧ୍ୟରୁ ୯୦% ଚାଇନାରୁ ଆସୁଛି। ସୌର ଶକ୍ତି ଉତ୍ପାଦନରେ ବ୍ୟବହୃତ ସାମଗ୍ରୀର ୮୪% ଆବଶ୍ୟକତା ପଡୋଶୀ ଦେଶ ପୂରଣ କରିଥାଏ। ସିନ୍ଥେଟିକ ଫାଇବର ଉପରେ ୧୮% ଜିଏସ୍‌ଟି ଲାଗୁ ପରେ ଚାଇନାରୁ ଏଭଳି କପଡ଼ାର ଆମଦାନୀ ବହୁଗୁଣ ବଢ଼ିଯାଇଛି। ବାଂଲାଦେଶ ସହ ଭାରତର ମୁକ୍ତ ବାଣିଜ୍ୟ ଚୁକ୍ତିର ଫାଇଦା ଉଠାଇ ସେଦେଶ ବାଟ ଦେଇ ଭାରତକୁ ଚାଇନା ସାମଗ୍ରୀ ପ୍ରବେଶ କରୁଛି।

ସିଏଆଇଟି ରାଷ୍ଟ୍ରୀୟ ଅଧ୍ୟକ୍ଷ ବି.ସି. ଭରତିଆ ଏବଂ ରାଷ୍ଟ୍ରୀୟ ମହାସଚିବ ପ୍ରବୀଣ ଖଣ୍ଡେଲୱାଲ କହିଛନ୍ତି ଯେ, ପ୍ରତି ମାମଲାରେ ପାକିସ୍ତାନକୁ ସମର୍ଥନ କରିବା ଚାଇନାର ଅଭ୍ୟାସରେ ପରିଣତ ହେଲାଣି। ବେଜିଂ ସର୍ବଦା ଭାରତ ବିପକ୍ଷରେ ନିଷ୍ପତ୍ତି ନେଉଛି। ଏବେ ସମୟ ଆସିଗଲାଣି ଆମକୁ ଚାଇନା ସାମଗ୍ରୀ ପ୍ରତି ନିର୍ଭରଶୀଳତା କମାଇବାକୁ ହେବ। ଆର୍ଥିକ ବର୍ଷ ୨୦୧୭-୧୮ରେ ଚାଇନାରୁ ପ୍ରାୟ ୯୦ ବିଲିୟନ ଡଲାର ସାମଗ୍ରୀ ଆମଦାନୀ ହୋଇଥିଲା। ପଡ଼ୋଶୀ ଦେଶ ସହ ଭାରତର ବାଣିଜ୍ୟ ନିଅଣ୍ଟ ପରିମାଣ ଦେଶର ମୋଟ ନିଅଣ୍ଟର ପ୍ରାୟ ୪୦% ରହିଛି। ଏହା ଦର୍ଶାଉଛି ଯେ, ଚାଇନା ପାଇଁ ଭାରତ ଏକ ବିଶାଳ ବଜାର ହୋଇଛି। ନିଜର ଆର୍ଥିକ ସ୍ୱାର୍ଥ ଦୃଷ୍ଟିରୁ ଭାରତକୁ ଚାଇନା ସମର୍ଥନ ଦେବା କଥା। କିନ୍ତୁ କୌଣସି ତର୍କସଙ୍ଗତ କାରଣ ନ ଥାଇ ପ୍ରତି କ୍ଷେତ୍ରରେ ଏହି ଦେଶ ସର୍ବଦା ପାକିସ୍ତାନକୁ ସମର୍ଥନ ଜଣାଇ ଆସୁଛି। ଏଣୁ ଦେଶର ବୃହତ ସ୍ୱାର୍ଥ ଦୃଷ୍ଟିରୁ ଚାଇନା ସାମଗ୍ରୀ ବର୍ଜନ କରିବା ଲାଗି ବ୍ୟବସାୟୀ ଓ ଆମଦାନୀକାରୀଙ୍କୁ ପଦକ୍ଷେପ ନେବାର ସମୟ ଆସିଯାଇଛି ବୋଲି ସେମାନେ କହିଛନ୍ତି।

### ଲାଗୁ ହେଉ ୫୦୦% ଶୁଳ୍କ

ଚାଇନା ସାମଗ୍ରୀ ବହିଷ୍କାର କରିବା ଲାଗି ଆହ୍ୱାନ ଦେଇଥିବା ସିଏଆଇଟି ଏବେ ସେ ଦେଶରୁ ଆମଦାନୀ ହେଉଥିବା ସାମଗ୍ରୀ ଉପରେ ୩୦୦ରୁ ୫୦୦ ପ୍ରତିଶତ ଆମଦାନୀ ଶୁଳ୍କ ଧାର୍ଯ୍ୟ କରିବାକୁ ସରକାରଙ୍କୁ ଅନୁରୋଧ କରିଛି। ସେହିପରି ସ୍ୱଳ୍ପ ବିକଶିତ ଦେଶ ସହିତ ଭାରତର ମୁକ୍ତ ବାଣିଜ୍ୟ ଚୁକ୍ତିର ପୁନର୍ବିଚାର କରିବାକୁ ଆହ୍ୱାନ ଦିଆଯାଇଛି। କାରଣ ସେହି ଦେଶ ମାଧ୍ୟମରେ ବହୁ ସଂଖ୍ୟାରେ ଚାଇନା ସାମଗ୍ରୀ ଭାରତରେ ପ୍ରବେଶ କରୁଛି। ଏଭଳି ସ୍ଥିତିରେ ଆଣ୍ଟି ଡମ୍ପିଂ ବା ଆମଦାନୀ ଶୁଳ୍କ ବୃଦ୍ଧିର ଫଳ କିଛି ମିଳିବ ନାହିଁ। ସେହିପରି ପ୍ରତିଯୋଗିତାପୂର୍ଣ୍ଣ ବଜାରରେ ଉଚ୍ଚ ଗୁଣବତ୍ତା ସମ୍ପନ୍ନ ସାମଗ୍ରୀ ଉତ୍ପାଦନ ପାଇଁ ସ୍ଥାନୀୟ ଲଘୁ ଉଦ୍ୟୋଗଗୁଡ଼ିକ ଲାଗି ଏକ ସ୍ୱତନ୍ତ୍ର ପ୍ୟାକେଜ ଦେବାକୁ ସରକାର ଆଗଭର ହେବାକୁ ସିଏଆଇଟି କହିଛି। ଖେଳଣା ଭଳି ଲଘୁ ଉଦ୍ୟୋଗ ଲାଗି ମେକ୍ ଇନ୍ ଇଣ୍ଡିଆ ଅଧୀନରେ ଚିପ୍ସ, ମୋଟର ସହିତ ଅନ୍ୟ ଇଲେକ୍ଟ୍ରୋନିକ ସାମଗ୍ରୀର ନିର୍ମାଣ ଦେଶରେ ହେବା ଆବଶ୍ୟକ ବୋଲି କୁହାଯାଇଛି।

### ବଢୁଛି ଚୋରା କାରବାର

ଭାରତୀୟ ଉଦ୍ୟୋଗ ଉପରେ ଚାଇନା ସାମଗ୍ରୀର ପ୍ରଭାବ ସମ୍ପର୍କରେ ନରେଶ ଗୁଜରାଲଙ୍କ ଅଧ୍ୟକ୍ଷତାରେ ଗଠିତ ବାଣିଜ୍ୟ ସମ୍ପର୍କିତ ପାର୍ଲାମେଣ୍ଟ ଷ୍ଟାଣ୍ଡିଂ କମିଟି ଗତବର୍ଷ ଜୁଲାଇରେ ଏକ ରିପୋର୍ଟ ପ୍ରସ୍ତୁତ କରି ସରକାରଙ୍କୁ ଦେଇଥିଲେ ବୋଲି ଖଣ୍ଡେଲୱାଲ ପ୍ରକାଶ କରିଛନ୍ତି। ଚାଇନା ସାମଗ୍ରୀ ଉପରେ ଆଣ୍ଟି ଡମ୍ପିଂ ଡ୍ୟୁଟି ଲାଗୁ ହେବା ଉଚିତ୍ ବୋଲି ରିପୋର୍ଟରେ ସୁପାରିସ କରାଯାଇଥିଲା। ଚୋରାଚାଲାଣ ବୃଦ୍ଧି ପାଉଥିବା ଏଥିରେ ଦର୍ଶାଯାଇଥିଲା ଏବଂ ଏହାକୁ ରୋକିବା ଲାଗି ପଦକ୍ଷେପ ନେବାକୁ ସୁପାରିସରେ କୁହାଯାଇଥିଲା। ୨୦୧୬-୧୭ରେ ଚାଇନାରୁ ୧୦୨୪ କୋଟି ଟଙ୍କାର ସାମଗ୍ରୀ ଜବତ କରାଯାଇଥିଲା। ବର୍ଷକୁ ବର୍ଷ ଏହି ପରିମାଣ ବଢୁଛି। ଅସଂଗଠିତ କ୍ଷେତ୍ରରେ ନିମ୍ନ ଗୁଣବତ୍ତାର ଚାଇନା ସାମଗ୍ରୀ ଭରି ହୋଇ ରହିଛି ବୋଲି ରିପୋର୍ଟରେ କୁହାଯାଇଛି। ଏକ୍ଷେତ୍ରରେ ସ୍ଥାନୀୟ ଲଘୁ ଉଦ୍ୟୋଗ ଉଚ୍ଚ ଗୁଣବତ୍ତାର ସାମଗ୍ରୀ ଉତ୍ପାଦନ କରୁଥିଲେ ହେଁ ସେଗୁଡ଼ିକ ଚାଇନା ମାଲ୍‌ଠାରୁ ମୂଲ୍ୟ ଦୃଷ୍ଟିରୁ ଅଧିକ ହେଉଛି। ଏହି କାରଣରୁ ଘରୋଇ ଏମ୍ଏସ୍ଏମ୍ଇଙ୍କୁ ପ୍ରୋତ୍ସାହନ ଦେବା ଜରୁରୀ।

## ସଂକ୍ଷେପରେ

### କ୍ଷୁଦ୍ର ଋଣଗ୍ରହୀତାଙ୍କ ଋଣଛାଡ଼ କରିବେ ସରକାର

ନୂଆଦିଲ୍ଲୀ,୧୮-୮: କ୍ଷୁଦ୍ର ଋଣଗ୍ରହୀତାଙ୍କ ଋଣଛାଡ଼ ଲାଗି ଏକ ଯୋଜନା କେନ୍ଦ୍ର ସରକାରଙ୍କ ବିଚାରାଧୀନ ରହିଛି। ଇନ୍‌ସଲଭେନ୍ସି ଆଣ୍ଡ ବ୍ୟାଙ୍କରପ୍ସି କୋଡ୍(ଆଇବିସି) ଅଧୀନରେ କ୍ଷୁଦ୍ର ଋଣଗ୍ରହୀତାଙ୍କ ଋଣଛାଡ଼ ପାଇଁ ବିଚାର କରାଯାଉଛି। ଆଇବିସିର ଫ୍ରେଶ୍ ଷ୍ଟାର୍ଟ ବ୍ୟବସ୍ଥା ଅଧୀନରେ ଏହା କରାଯିବ। କର୍ପୋରେଟ ବ୍ୟାପାର ସଚିବ ଇଞ୍ଜେଟି ଶ୍ରୀନିବାସ କହିଛନ୍ତି ଯେ, ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ବର୍ଗ ଅର୍ଥାତ୍ ଇଡବ୍ଲ୍ୟୁଏସ୍ ଅଧୀନକୁ ଆସୁଥିବା କ୍ଷୁଦ୍ର ଋଣଗ୍ରହୀତାଙ୍କ ଋଣକୁ ଛାଡ଼ କରିବା ଲାଗି ଶ୍ରେଣୀ ନିର୍ଦ୍ଧାରଣ କରାଯିବ। ଏଥିଲାଗି ମାଇକ୍ରୋ ଫାଇନାନ୍ସ ଇଣ୍ଡଷ୍ଟ୍ରି ସହ ଆଲୋଚନା ଚାଲିଛି। ଇଡବ୍ଲ୍ୟୁଏସ୍‌ରେ ସର୍ବାଧିକ ଋଣବୋଝ ଥିବା ଋଣଗ୍ରହୀତାଙ୍କୁ ଏହାର ଫାଇଦା ମିଳିବାକୁ ଯାଉଛି। ଶ୍ରୀନିବାସ କହିଛନ୍ତି ଯେ, ଯଦି କୌଣସି ଲଘୁ ଉଦ୍ୟୋଗ ଥରେ ଫ୍ରେଶ୍ ଷ୍ଟାର୍ଟର ଫାଇଦା ନେବେ, ତେବେ ତାଙ୍କୁ ଆସନ୍ତା ୫ ବର୍ଷ ପର୍ଯ୍ୟନ୍ତ ଏହାର ଲାଭ ଆଉ ମିଳିବ ନାହିଁ। ଆସନ୍ତା ୪/୫ ବର୍ଷ ମଧ୍ୟରେ ଏଭଳି ଋଣ ଛାଡ଼ ଦ୍ୱାରା ସରକାରଙ୍କ ଉପରେ ପ୍ରାୟ ୧୦ ହଜାର କୋଟି ଟଙ୍କାରୁ ଅଧିକ ବୋଝ ପଡିବ। ଏହାଠାରୁ ଅଧିକ ହେବ ନାହିଁ। ଆଇବିସିର ଫ୍ରେଶ୍ ଷ୍ଟାର୍ଟର ଫାଇଦା ନେବା ଲାଗି ଅନେକ ଗୁଡ଼ିଏ ସର୍ତ୍ତାରୋପ କରାଯାଇଛି। ଯେପରିକି ଋଣଗ୍ରହୀତାଙ୍କ ବାର୍ଷିକ ଆୟ ୬୦ ହଜାର ଟଙ୍କାରୁ ଅଧିକ ହେବ ନାହିଁ। ତାଙ୍କ ସମ୍ପତ୍ତି ମୂଲ୍ୟ ମୋଟ ୨୦ ହଜାର ଟଙ୍କାରୁ ଅଧିକ ହୋଇ ନ ଥିବ। ଲାଭାର୍ଥୀଙ୍କ ଉପରେ ମୋଟ ଋଣ ପରିମାଣ ୩୫ ହଜାର ଟଙ୍କାରୁ କମ୍ ହୋଇଥିବ। ସେହିପରି ତାଙ୍କ ନିକଟରେ ନିଜର ଘର ନ ଥିବ।

### ଶାଖାସ୍ତରରୁ ପରାମର୍ଶ ନେଲେ ରାଷ୍ଟ୍ରାୟତ୍ତ ବ୍ୟାଙ୍କ

ନୂଆଦିଲ୍ଲୀ, ୧୮-୮: ପାଞ୍ଚ ବର୍ଷରେ ୫ ଟ୍ରିଲିୟନ ଡଲାର ଅର୍ଥନୀତି ଲକ୍ଷ୍ୟ ହାସଲ ଦିଗରେ ବ୍ୟାଙ୍କଗୁଡିକର ଯୋଗଦାନ ତଥା ଆଗାମୀ କାର୍ଯ୍ୟପନ୍ଥା ନେଇ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକ ସେମାନଙ୍କ ଶାଖା ସ୍ତରରୁ ପରାମର୍ଶ ଗ୍ରହଣ କରିଛନ୍ତି। ସାରା ଦେଶରେ ଚଳିତ ମାସ ୧୭ ଏବଂ ୧୮ ତାରିଖରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଥମ ପର୍ଯ୍ୟାୟରେ ବ୍ୟାଙ୍କ ପରାମର୍ଶ ଗ୍ରହଣ କରିଛନ୍ତି। ବ୍ୟାଙ୍କିଙ୍ଗ କ୍ଷେତ୍ରର ଅଭିବୃଦ୍ଧି ଲାଗି ଶାଖା ସ୍ତରରୁ ପରାମର୍ଶ ଗ୍ରହଣ ଦ୍ୱାରା ଏକ ରୋଡମ୍ୟାପ ପ୍ରସ୍ତୁତ କରିବାକୁ ଅର୍ଥ ମନ୍ତ୍ରଣାଳୟର ଆର୍ଥିକ ସେବା ବିଭାଗ ପକ୍ଷରୁ ବ୍ୟାଙ୍କ ଗୁଡିକୁ ନିର୍ଦ୍ଦେଶ ରହିଥିଲା। ଉତ୍ପାଦନଶୀଳ କ୍ଷେତ୍ରଗୁଡିକୁ ଅଧିକ ଋଣ ଯୋଗାଣ ଦ୍ୱାରା ଅଭିବୃଦ୍ଧି ଧାରାକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ବିଭିନ୍ନ ପଦକ୍ଷେପ ନେବାକୁ ବିଭାଗ ପକ୍ଷରୁ ଏଜେଣ୍ଡା ପ୍ରସ୍ତୁତ କରାଯାଇଛି। ଷ୍ଟେଟ ବ୍ୟାଙ୍କ ଏହାର ୧୭ ସର୍କଲର ୫୦୨ ଆଞ୍ଚଳିକ ବାଣିଜ୍ୟ କାର୍ଯ୍ୟାଳୟରେ ଏଭଳି କାର୍ଯ୍ୟକ୍ରମ ହାତକୁ ନେଇଛି।

### ୯ ପ୍ରମୁଖ ସହରରେ ବିକ୍ରି ହୋଇନି ୪ ଲକ୍ଷ ଶସ୍ତା ଫ୍ଲାଟ୍

ନୂଆଦିଲ୍ଲୀ,୧୮-୮: ଶସ୍ତା ଘର ଚାହିଦା ବୃଦ୍ଧି ପାଇବା ସତ୍ତ୍ୱେ ଦେଶର ୯ ସହରରେ ୪.୧୨ ଲକ୍ଷ ଏଭଳି ଆପାର୍ଟମେଣ୍ଟ ଅଥବା ଫ୍ଲାଟ୍ ବିକ୍ରି ହୋଇପାରିନାହିଁ। ଏହି ଫ୍ଲାଟ୍‌ଗୁଡ଼ିକର ମୂଲ୍ୟ ୪୫ ଲକ୍ଷ ଟଙ୍କା ଭିତରେ ରହିଛି। ସମ୍ପତ୍ତି କିଣାବିକା ସେବା ଯୋଗାଇ ଦେଉଥିବା କମ୍ପାନୀ ପ୍ରପ୍‌ଟାଇଗର ପକ୍ଷରୁ ଏକ ରିପୋର୍ଟ ପ୍ରସ୍ତୁତ କରି କୁହାଯାଇଛି ଯେ, ୯ ପ୍ରମୁଖ ସହର ଗୁରୁଗ୍ରାମ୍, ନୋଏଡା, ମୁମ୍ବାଇ, କୋଲକାତା, ଚେନ୍ନାଇ, ବେଙ୍ଗାଲୁରୁ,ହାଇଦ୍ରାବାଦ, ପୁଣେ ଓ ଅହମ୍ମଦାବାଦ୍‌ରେ ୭,୯୭,୬୨୩ ଫ୍ଲାଟ ବିକ୍ରି ନ ହୋଇ ପଡିରହିଛି। ଏମାନଙ୍କ ମଧ୍ୟରୁ ୪,୧୨,୯୩୦ ଏଭଳି ଫ୍ଲାଟ୍ ରହିଛି, ଯାହାର ମୂଲ୍ୟ ୪୫ ଲକ୍ଷ ଟଙ୍କାରୁ କମ୍। ଏହା ଶସ୍ତା ଶ୍ରେଣୀର ଫ୍ଲାଟ୍ କୁହାଯାଉଛି।

#### ଅର୍ଥନୀତି ପାଇଁ ଆର୍ଥିକ ପ୍ୟାକେଜ ବିଳମ୍ବ ହେବ ଘୋଷଣା

### ଆହୁରି ୮ ବୈଠକରେ ଯୋଗଦେବେ ସୀତାରାମନ୍

ନୂଆଦିଲ୍ଲୀ,୧୮-୮: ଅର୍ଥନୀତିକୁ ଦ୍ରୁତତର କରିବା ଲାଗି ଆର୍ଥିକ ପ୍ୟାକେଜ ଘୋଷଣା କରିବା ଆହୁରି ବିଳମ୍ବ ହେବ। କାରଣ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ସାରା ଦେଶରେ ଆହୁରି ୮ ବୈଠକରେ ଯୋଗଦେବେ। ଏହା ବିଚାରବିମର୍ଶ ପରେ ପ୍ୟାକେଜ ଘୋଷଣା କରାଯିବ। ଅହମ୍ମଦାବାଦ ପରେ ଅର୍ଥମନ୍ତ୍ରୀ ବାରାଣସୀ ବୈଠକରେ ଯୋଗ ଦେବେ। ସେଠାରେ ସେ ସ୍ଥାନୀୟ ବ୍ୟବସାୟୀ ଗୋଷ୍ଠୀ ଓ ଉଦ୍ୟୋଗ ଜଗତ ପ୍ରତିନିଧିଙ୍କ ସହ ଆଲୋଚନା କରିବେ। ଏହାପରେ ସେ ପୁଣେ, ମହୀଶୂର, ହାଇଦ୍ରାବାଦ୍, କୋଲକାତା, ବେଙ୍ଗାଲୁରୁ,କାନପୁର ଓ ମୁମ୍ବାଇ, ଉଦ୍ୟୋଗ ଜଗତ, ଏମ୍ଏସ୍ଏମ୍ଇ, ରିଏଲ ଇଷ୍ଟେଟ ଓ ଅଟୋମୋବାଇଲ କ୍ଷେତ୍ର ପ୍ରତିନିଧିଙ୍କ ସହ ଆଲୋଚନା ପରେ ଅର୍ଥମନ୍ତ୍ରୀ ଆହୁରି ଆଲୋଚନା କରିବାକୁ ପ୍ରସ୍ତୁତ ହେଉଛନ୍ତି।

#### ଉଦାହରଣ ସୃଷ୍ଟି କଲେ ପ୍ରଧାନମନ୍ତ୍ରୀ

## ସିଓଲ ଶାନ୍ତି ପୁରସ୍କାର ପାଇଁ ଦେବେ ଟିକସ

ନୂଆଦିଲ୍ଲୀ,୧୮-୮



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଟିକସଦାତାଙ୍କ ସମ୍ମୁଖରେ ଏକ ଉଦାହରଣ ଉପସ୍ଥାପନ କରିଛନ୍ତି। ସେ ସିଓଲ ଶାନ୍ତି ପୁରସ୍କାର ବାବଦରେ ପାଇଥିବା ୧.୩ କୋଟି ଟଙ୍କା ରାଶି ଉପରେ ଟିକସ ଦେବେ। ପ୍ରଧାନମନ୍ତ୍ରୀ ମୋଦି କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍‌ଙ୍କୁ ପତ୍ର ଲେଖି ସିଓଲ ଶାନ୍ତି ପୁରସ୍କାର ବାବଦରେ ମିଳିଥିବା ଅର୍ଥକୁ ଟିକସ ପରିସରଭୁକ୍ତ କରିବାକୁ ଅନୁରୋଧ କରିବା ସହ ଆବଶ୍ୟକ ଟିକସ ଆଦାୟ ଲାଗି କହିଥିଲେ। ଦେଶର ସାଧାରଣ ନାଗରିକଙ୍କ ଭଳି ଟିକସ ଦେବାକୁ ସେ ଚାହୁଁଛନ୍ତି ବୋଲି ପ୍ରଧାନମନ୍ତ୍ରୀ ତାଙ୍କ ପତ୍ରରେ ଉଲ୍ଲେଖ କରିଥିଲେ। ସୂଚନାଥାଉ କି, ଚଳିତବର୍ଷ ଫେବୃୟାରୀରେ ୨୦୧୮ ବର୍ଷ ଲାଗି ପ୍ରଧାନମନ୍ତ୍ରୀ ମୋଦିଙ୍କୁ ସିଓଲ ଶାନ୍ତି ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ତେବେ ସେଣ୍ଟ୍ରାଲ ବୋର୍ଡ ଅଫ୍ ଡାଇରେକ୍ଟ ଟ୍ୟାକ୍ସେସ(ସିବିଡିଟି) ଚଳିତବର୍ଷ ମାର୍ଚ୍ଚ ୬ରେ ଆୟକର ଧାରା ୧୦(୧୭ଏ(୧)) ଅଧୀନରେ ଏହି ରାଶିକୁ ଟିକସମୁକ୍ତ ଘୋଷଣା କରିଥିଲା। କିନ୍ତୁ ପ୍ରଧାନମନ୍ତ୍ରୀ ଆୟକର ଛାଡ଼କୁ ଗ୍ରହଣ କରିନାହାନ୍ତି। ମୋଦି ଅଗଷ୍ଟ ୧୧ରେ ପତ୍ର ଲେଖି ଶାନ୍ତି ପୁରସ୍କାର ସ୍ୱରୂପ ମିଳିଥିବା ଅର୍ଥରୁ ଟିକସ ଆଦାୟ ଲାଗି ପୁନଃବିଚାର କରିବାକୁ ଅର୍ଥ ମନ୍ତ୍ରଣାଳୟକୁ ଅନୁରୋଧ କରିଥିଲେ। ସେ ତାଙ୍କ ପତ୍ରରେ ଦର୍ଶାଇଥିଲେ ଯେ, ଲୋକ ସଭା ନିର୍ବାଚନ ତଥା ବହୁ ବ୍ୟସ୍ତତା କାରଣରୁ ସେ ଟିକସ ଛାଡ଼ ପ୍ରତ୍ୟାହାର କରିବା ଲାଗି ଜଣାଇପାରି ନ ଥିଲେ। ବର୍ତ୍ତମାନ ଉପହାର ସ୍ୱରୂପ ମିଳିଥିବା ଟଙ୍କାକୁ ଆୟକର ପରିସରଭୁକ୍ତ କରିବା ଉଚିତ୍ ହେବ ବୋଲି ସେ ପତ୍ରରେ ଦର୍ଶାଇଥିଲେ। ପ୍ରଧାନମନ୍ତ୍ରୀଙ୍କ ଅନୁରୋଧକୁ ଗ୍ରହଣ କରି ସିବିଡିଟି ଗତ ୧୪ ତାରିଖରେ ଟିକସ ଛାଡ଼ ପ୍ରତ୍ୟାହାର କରିନେଇଛି। ଏବେ ପ୍ରଧାନମନ୍ତ୍ରୀଙ୍କ ଉକ୍ତ ଟଙ୍କା ଉପରେ ଆୟକର ଆଇନ, ୧୯୬୧ ଅଧୀନରେ ଟିକସ ଆଦାୟ କରାଯିବ।

#### ଏଣିକି ଧମକପୂର୍ଣ୍ଣ ଚିଠି ପଠାଇବ ନାହିଁ ଆୟକର ବିଭାଗ

## ରିଟର୍ନରେ ତ୍ରୁଟି ଥିଲେ ଆସିବ ବନ୍ଧୁତ୍ୱପୂର୍ଣ୍ଣ ମେସେଜ୍

ନୂଆଦିଲ୍ଲୀ,୧୮-୮

ଆୟକର ବିଭାଗ ଦେଶରେ ଟିକସ ଆତଙ୍କବାଦ ଚଳାଇଛି ବୋଲି ଉଦ୍ୟୋଗ ଜଗତ ଏବଂ ବ୍ୟକ୍ତିଗତ ଟିକସଦାତା ଅଭିଯୋଗ କରିଆସୁଛନ୍ତି। ସରକାର ଯେତେ ଯାହା କହିଲେ ମଧ୍ୟ ଆୟକର ଅଧିକାରୀଙ୍କ ମନୋଭାବରେ ପରିବର୍ତ୍ତନ ହେଉଥିବାର ଦେଖାଯାଉନାହିଁ। ଆୟକର ଅଧିକାରୀମାନେ ଟିକସଦାତାଙ୍କ ପ୍ରତି ସମ୍ବେଦନଶୀଳ ହେବାକୁ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ଶନିବାର ଆହ୍ୱାନ ଦେଇଛନ୍ତି। ଏହାକୁ ଦୃଷ୍ଟିରେ ରଖି ଏଣିକି ଆୟକର ବିଭାଗ ଆୟକର ରିଟର୍ନ ଦାଖଲରେ ତ୍ରୁଟି ଥିଲେ ଧମକପୂର୍ଣ୍ଣ ଚିଠି ପଠାଇବେ ନାହିଁ। ବରଂ ସେକ୍ଷେତ୍ରରେ ସେମାନେ ଏସ୍ଏମ୍ଏସ୍ ଜରିଆରେ ରିଟର୍ନରେ ହୋଇଥିବା ତ୍ରୁଟି ସୁଧାରିବାକୁ ବନ୍ଧୁତ୍ୱପୂର୍ଣ୍ଣ ମେସେଜ ପଠାଇବେ। ଧମକ ଦେଇ ଟିକସ ଆଦାୟରୁ ଦୂରେଇବାକୁ ଏବେ ଆୟକର ବିଭାଗ ନିଷ୍ପତ୍ତି ନେଇଛି। ଟିକସଦାତାଙ୍କୁ କୌଣସି ପ୍ରକାରେ ହଇରାଣ ନ କରିବାକୁ ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ସ୍ପଷ୍ଟ ନିର୍ଦ୍ଦେଶ ଦିଆଯାଇଛି। ଟିକସ ଆଦାୟ ବୃଦ୍ଧି କରିବା ଲାଗି ଆୟକର ଅଧିକାରୀ ଟିକସଦାତାଙ୍କ ମଧ୍ୟରେ ସଚେତନତା ସୃଷ୍ଟି ସହ ପ୍ରୋତ୍ସାହନ ପ୍ରଦାନ ପାଇଁ ପ୍ରୟାସ କରନ୍ତୁ ବୋଲି ମନ୍ତ୍ରଣାଳୟ ପକ୍ଷରୁ ପରାମର୍ଶ ଦିଆଯାଇଛି। ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, ଟିଡିଏସ୍ ଜମା ଲାଗି ଯେପରି ମେସେଜ ପଠାଯାଉଛି, ଠିକ୍ ସେହିପରି ଆଇଟିଆର୍ ଦାଖଲରେ ରହିଯାଇଥିବା ତ୍ରୁଟି ସୁଧାରିବା ପାଇଁ ଟିକସଦାତାଙ୍କୁ ମେସେଜ ପଠାଯିବ। ରିଟର୍ନ ଦାଖଲ ପାଇଁ ରିମାଇଣ୍ଡର ପଠାଇବା ଭଳି ନେଣଦେଣ ସମ୍ପର୍କିତ ରିମାଇଣ୍ଡର ପଠାଯିବ ବୋଲି ଜଣେ ଅଧିକାରୀ କହିଛନ୍ତି। ତେବେ ଜାଣିଶୁଣି ଟିକସ ପୈଠ ନ କଲେ, ବିଳମ୍ବ କଲେ ଅଥବା ଅନ୍ୟପ୍ରକାର ଜାଲିଆତି କରୁଥିବା ପ୍ରମାଣ ମିଳିଲେ ସମ୍ପୃକ୍ତ ଟିକସଦାତାଙ୍କ ବିରୋଧରେ ଧାର୍ଯ୍ୟ ନିୟମ ଅନୁସାରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଆୟକର ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।





❝ ଆୟକର ଅଧିକାରୀମାନେ ଟିକସଦାତାଙ୍କ ପ୍ରତି ସମ୍ବେଦନଶୀଳ ହେବାକୁ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍‌ଙ୍କ ଆହ୍ୱାନ

### ଆମେରିକାର ସରକାରୀ ସିକ୍ୟୁରିଟିଜରେ ଭାରତର ନିବେଶ ବୃଦ୍ଧି

ନୂଆଦିଲ୍ଲୀ,୧୮-୮

ଆମେରିକାରେ ଭାରତର ନିବେଶ ଧୀରେ ଧୀରେ ବଢ଼ିବାରେ ଲାଗିଛି। ସେ ଦେଶର ସରକାରୀ ସିକ୍ୟୁରିଟିଜରେ ଭାରତର ନିବେଶ ୬ ବିଲିୟନ ଡଲାର ବୃଦ୍ଧି ପାଇ ଜୁନ୍ ଶେଷ ସୁଦ୍ଧା ୧୬୨.୭୦ ବିଲିୟନ ଡଲାରରେ ପହଞ୍ଚିଛି। ଏହା ଅତିକମ୍‌ରେ ଗୋଟିଏ ବର୍ଷର ସର୍ବାଧିକ ସ୍ତର ରହିଛି। ଆମେରିକା ଅର୍ଥ ବିଭାଗର ସଦ୍ୟତମ ରିପୋର୍ଟ ଅନୁଯାୟୀ ସରକାରୀ ପ୍ରତିଭୂତି (ସିକ୍ୟୁରିଟିଜ)ରେ ଜାପାନ ସର୍ବାଧିକ ନିବେଶ କରିଛି। ଜୁନ୍ ଶେଷ ସୁଦ୍ଧା ଏହି ଦେଶ ୧,୧୨୨ ବିଲିୟନ ଡଲାର ନିବେଶ କରିଛି। ଏହାପରେ ଚାଇନା ରହିଛି। ଏହି ଦେଶ ୧୧୧୨ ବିଲିୟନ ଡଲାର ନିବେଶ କରିଛି। ସରକାରୀ ତଥ୍ୟ ଅନୁଯାୟୀ ଭାରତ ଏହି ଦୃଷ୍ଟିରୁ ୧୩ତମ ସ୍ଥାନରେ ରହିଛି।

### ଅଟୋ ଡିଲରଙ୍କ ଲାଗି ଋଣ ପୈଠ ଅବଧି ବଢ଼ାଇଲା ଏସ୍‌ବିଆଇ

ନୂଆଦିଲ୍ଲୀ, ୧୮-୮

ଘରୋଇ ବଜାରରେ ମାନ୍ଦାବସ୍ଥା ଲାଗି ରହିଥିବା ବେଳେ ଏଥିଯୋଗୁ ଅନେକ କମ୍ପାନୀ ବର୍ତ୍ତମାନ ସେମାନଙ୍କ ଉତ୍ପାଦନ ବନ୍ଦ କରୁଥିବା ଦେଖାଯାଉଛି। ସେହିଭଳି ଆଉ କିଛି କମ୍ପାନୀ କର୍ମଚାରୀଙ୍କୁ ଛଟେଇ କରୁଥିବା, ଡିଲରଶିପଗୁଡିକ ବିଭିନ୍ନ କାରଣଯୋଗୁ ବନ୍ଦ ହୋଇ ଯାଉଥିବା ଦେଖାଯାଉଛି। ଅଟୋ ଡିଲରଙ୍କ ସମସ୍ୟାକୁ ଧ୍ୟାନରେ ରଖି ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ(ଏସ୍‌ବିଆଇ) ପଦକ୍ଷେପ ଗ୍ରହଣ କରିଛି। ବ୍ୟାଙ୍କ ଅଟୋ ଡିଲରଙ୍କ ଋଣ ପୈଠ ଅବଧିକୁ ବଢାଇ ଦେଇଥିବା ଜଣାପଡିଛି। ଅଟୋ ଶିଳ୍ପରେ ଚାହିଦା ହ୍ରାସ ଏବଂ ଇନଭେଣ୍ଟୋରୀ ପୁନର୍ଗଠନ ନେଇ ଡିଲରଶିପଗୁଡିକ ବର୍ତ୍ତମାନ ସମସ୍ୟା ଦେଇ ଗତି କରୁଛନ୍ତି। ଏଭଳି ବିଭିନ୍ନ ପ୍ରସଙ୍ଗକୁ ଧ୍ୟାନରେ ରଖି କିଛି କିଛି କ୍ଷେତ୍ରରେ ଋଣ ପୈଠ କରିବା ଅବଧିକୁ ବଢାଯାଇଥିବା ଏସ୍‌ବିଆଇର ଡିଜିଟାଲ ଏବଂ ରିଟେଲ ବ୍ୟାଙ୍କିଙ୍ଗ ଏମ୍‌ଡି ପି.କେ. ଗୁପ୍ତା କହିଛନ୍ତି। ସାଧାରଣତଃ ଋଣ ପୈଠ ସମୟ ୬୦ ଦିନ ରହିଥିବା ବେଳେ ଏହାକୁ ୭୫ ଦିନ ଏବଂ ଅନ୍ୟ କିଛି କ୍ଷେତ୍ରରେ ୯୦ ଦିନକୁ ବୃଦ୍ଧି କରାଯାଇଛି।

## ବ୍ୟାଙ୍କଗୁଡ଼ିକର ଶାଖାସ୍ତରୀୟ ପରାମର୍ଶ ଗ୍ରହଣ

### ୟୁନାଇଟେଡ ବ୍ୟାଙ୍କ ଅଫ୍ ଇଣ୍ଡିଆ





ଭୁବନେଶ୍ୱର, ୧୮-୮

ୟୁନାଇଟେଡ ବ୍ୟାଙ୍କ ଅଫ୍ ଇଣ୍ଡିଆ ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ଶାଖା ସ୍ତରୀୟ ଫରଫରମାନ୍ସ ରିଭ୍ୟୁ ଏବଂ ପରାମର୍ଶ ଗ୍ରହଣ କାର୍ଯ୍ୟକ୍ରମ ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଯାଇଛି। ଶାଖା ସ୍ତରରେ ସଂସ୍କାର ପ୍ରକ୍ରିୟା ଏବଂ ସରକାରଙ୍କ ୫ ଟ୍ରିଲିୟନ ଡଲାର ଅର୍ଥନୀତି ଆଧାରରେ ଏଭଳି କାର୍ଯ୍ୟକ୍ରମ ହାତକୁ ନିଆଯାଇଥିବା ବ୍ୟାଙ୍କ ପକ୍ଷରୁ ସୂଚନା ରହିଛି। ସରକାର ପ୍ରଦାନ କରିଥିବା ପ୍ରମୁଖ ଏଜେଣ୍ଡାଗୁଡିକ ଉପରେ ଏଠାରେ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମରେ ଏଜିଏମ୍ ରତିକାନ୍ତ ବିଶ୍ୱାଳ, ଡିଜିଏମ୍ ସିଆର୍ଏମ୍ ରାଜକିଶୋର ନାୟକ ଏବଂ ଏଜିଏମ୍ ଆର୍ଆଇୟୁ ବିଜୟ କୁମାର ସେନାପତି ଯୋଗଦେଇ ବ୍ୟାଙ୍କିଙ୍ଗର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଏଥିରେ ୭୫ ଶାଖାର ମୁଖ୍ୟମାନେ ଯୋଗଦେଇଥିଲେ।

### ବ୍ୟାଙ୍କ ଅଫ୍ ଇଣ୍ଡିଆ



ଭୁବନେଶ୍ୱର, ୧୮-୮

ବ୍ୟାଙ୍କ ଅଫ୍ ଇଣ୍ଡିଆ ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ଏହାର ଶାଖାଗୁଡିକୁ ନେଇ ପରାମର୍ଶ, ସମୀକ୍ଷା ତଥା ମାର୍ଗଦର୍ଶନ ସମ୍ମିଳନୀ ସ୍ଥାନୀୟ ଉତ୍କଳ ଚାମ୍ବର ଅଫ୍ କମର୍ସଠାରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମଥର ଲାଗି ଆୟୋଜନ ହେଉଥିବା ଏହି କାର୍ଯ୍ୟକ୍ରମରେ ଶାଖାଗୁଡିକ ନିଜସ୍ୱ ସମୀକ୍ଷା ସହ ସାମ୍ନା କରୁଥିବା ଚ୍ୟାଲେଞ୍ଜ ଏବଂ ଭବିଷ୍ୟତ କାର୍ଯ୍ୟପନ୍ଥା ଉପରେ ଆଲୋଚନା କରାଯାଇଛି। ଜାତୀୟ ଆହ୍ୱାନକୁ ଧ୍ୟାନ ଦେଇ ବ୍ୟାଙ୍କ ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଥିବା କହିଛି। ଏହି ଅବସରରେ ବ୍ୟାଙ୍କର ମହାପ୍ରବନ୍ଧକ ଏସ୍.ଏସ୍. ଦାସ, ଆଞ୍ଚଳିକ ପ୍ରବନ୍ଧକ ୱାଇ.ଏନ୍ ଦ୍ୱିବେଦୀ, ଉପମହାପ୍ରବନ୍ଧକ ପି.କେ. ସିହ୍ନା, ସହାୟକ ମହାପ୍ରବନ୍ଧକ ବି.ବି. ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

### ଆଲ୍ଲାହାବାଦ ବ୍ୟାଙ୍କ

ଭୁବନେଶ୍ୱର, ୧୮-୮

ଆଲ୍ଲାହାବାଦ ବ୍ୟାଙ୍କ ପକ୍ଷରୁ ୨ ଦିନିଆ ଶାଖା ସ୍ତରୀୟ କନ୍‌ସଲଟେଶନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଶାଖା ସ୍ତରରେ ସମୀକ୍ଷା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ ମୁଖ୍ୟ କାର୍ଯ୍ୟାଳୟ ଉପମହାପ୍ରବନ୍ଧକ ପ୍ରେମ ସିଂ ଆଜାଦ, ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟ ଉପମହାପ୍ରବନ୍ଧକ ତଥା ଆଞ୍ଚଳିକ ମୁଖ୍ୟ ସନ୍ଦୀପ କୁମାର ଘୋଷାଲ ଯୋଗଦେଇଥିଲେ। ଶାଖା ସ୍ତରରେ ଆଗାମୀ ରୋଡମ୍ୟାପ ସହ ଅନ୍ୟ ପ୍ରସଙ୍ଗ ଏଥିରେ ସ୍ଥାନିତ ହୋଇଥିଲା।



“ଏକ ବିପଜ୍ଜନକ ବାଉନ୍ସରରେ ଷ୍ଟିଭ୍ ସ୍ମିଥ୍ ଆହତ ହେବା ପରେ ଇଂଲଣ୍ଡ ବୋଲର ଜୋଫ୍ରା ଆର୍ଚର ତାଙ୍କ ନିକଟକୁ ଯାଇ ଅବସ୍ଥା ପଚାରି ନ ବୁଝିବା ନିନ୍ଦନୀୟ। –ଶୋଏବ ଅଖତର, ପାକିସ୍ତାନର ପୂର୍ବତନ ପେସ୍ ବୋଲର



“ଦ୍ୱିତୀୟ ଆଶେଷ ଟେଷ୍ଟରେ ଜୋଫ୍ରା ଆର୍ଚରଙ୍କ ମାରାତ୍ମକ ବୋଲିଂ ପ୍ରସିଦ୍ଧ ୨୦୦୫ ସିରିଜରେ ଇଂଲଣ୍ଡ ବୋଲର ଷ୍ଟିଭ୍ ହାର୍ମିସନଙ୍କ ବୋଲିଂକୁ ମନେପକାଇ ଦେଉଛି। –ରିକି ପଣ୍ଟିଂ, ଅଷ୍ଟ୍ରେଲିଆର ପୂର୍ବତନ କ୍ରିକେଟ ଅଧିନାୟକ

## ସଂକ୍ଷେପରେ

### ୧୯ ବର୍ଷରୁ କମ୍ ଭାରତୀୟ ଫୁଟବଲ ଦଳ ବିଜୟୀ

ନୂଆଦିଲ୍ଲୀ,୧୮।୮(ପି.ଟି.): ପୋର୍ଟ ଭିଲାରେ ଚାଲିଥିବା ଓଏଫ୍ସି ଡେଭଲପମେଣ୍ଟାଲ ଟୁର୍ନାମେଣ୍ଟରେ ରବିବାର ୧୯ ବର୍ଷରୁ କମ୍ ଭାରତୀୟ ଦଳ ଆୟୋଜକ ଭାନୁଆଟୁକୁ ପରାସ୍ତ କରିଛି। ରବିବାର ଖେଳାଯାଇଥିବା ଏକ କଡ଼ା ସଂଘର୍ଷପୂର୍ଣ୍ଣ ମ୍ୟାଚ୍‌ରେ ଭାରତ ୧-୦ ଗୋଲରେ ବିଜୟୀ ହୋଇଛି। ଭାରତ ତରଫରୁ ସୁମିତ ରଥୀ ମ୍ୟାଚ୍‌ର ୭୮ତମ ମିନିଟ୍‌ରେ ଏକ ସୁନ୍ଦର ଫିଲ୍ଡ ଗୋଲ୍ ପ୍ରଦାନ କରିଥିଲେ। ଏହି ମ୍ୟାଚ୍‌ରେ କୋଚ୍ ଫ୍ଲଏଡ ପିଣ୍ଟୋ ୪ଜଣ ଡିଫେଣ୍ଡରଙ୍କୁ ଖେଳାଇଥିଲେ। ମ୍ୟାଚ୍‌ରେ ଭାରତ ଏକାଧିକ ପେନାଲ୍ଟି କର୍ନର ସୁଯୋଗ ପାଇଥିଲେ ଗୋଲରେ ପରିଣତ କରିବାରେ ସଫଳ ହୋଇ ନ ଥିଲେ। ମ୍ୟାଚ୍‌ର ଅନ୍ତିମ ଭାଗରେ ଭାନୁଆଟୁର ଖେଳାଳିମାନେ ଆକ୍ରମଣାତ୍ମକ ଖେଳ ପ୍ରଦର୍ଶନ କରି ମ୍ୟାଚ୍‌କୁ ସମାନସ୍ତରକୁ ଆଣିବାକୁ ପ୍ରୟାସ କରିଥିଲେ। ତେବେ ଭାରତୀୟ ଡିଫେଣ୍ଡରମାନେ ଦମ୍‌ଦାର ପ୍ରଦର୍ଶନ କରି ପ୍ରତିପକ୍ଷ ଖେଳାଳିଙ୍କୁ କୌଣସି ସୁଯୋଗ ଦେଇ ନ ଥିଲେ। ଗୋଲକିପର ପ୍ରଭସୁଖନ ଗିଲ ମଧ ସବୁପ୍ରକାର ଆକ୍ରମଣକୁ ପ୍ରତିହତ କରିଥିଲେ। ଭାରତ ବୁଧବାର ତା’ର ପରବର୍ତ୍ତୀ ମ୍ୟାଚ୍‌ରେ ନ୍ୟୁ କାଲଡୋନିଆକୁ ଭେଟିବ।

#### ଫାଓ ଲିଗ୍ ଫୁଟବଲ

### ରାଇଜିଂ ଷ୍ଟୁଡେଣ୍ଟ ବିଜୟୀ

କଟକ ଅଫିସ୍,୧୮।୮: ବାରବାଟୀ ଷ୍ଟାଡ଼ିୟମରେ ଚାଲିଥିବା ଫାଓ ଲିଗ୍ ଫୁଟବଲର ଡାଇମଣ୍ଡ ଲିଗ୍‌ର ଏକ ମ୍ୟାଚରେ ରାଇଜିଷ୍ଟୁଡେଣ୍ଟ ୬-୨ ଗୋଲ୍‌ରେ ଜୟଦୁର୍ଗା କ୍ଲବ୍‌କୁ ପରାସ୍ତ କରିଛି। ଏହି ମ୍ୟାଚରେ ରାଇଜିଷ୍ଟୁଡେଣ୍ଟ ପକ୍ଷରୁ ଜନସନ୍ କିରୋ ୩ୟ ଏବଂ ୭୨ତମ ମିନିଟ୍‌ରେ ୨ଟି ଏବଂ ଏସ୍.ଏସ. ଆଲମ ୨୦, ଆଡୱିନ ତିର୍କୀ ୨୫, ରାଜୁ ବିସାର ୩୯ ଓ ଏସ୍‌କେ ଜାହିଦ୍ ୪୨ତମ ମିନିଟ୍‌ରେ ଗୋଟିଏ ଲେଖାଏ ଗୋଲ୍ ସ୍କୋର କରିଥିଲେ । ଅନ୍ୟପକ୍ଷରେ ଜୟଦୁର୍ଗା କ୍ଲବ୍ ପକ୍ଷରୁ ସୟଦ ଅବୁ ହୁରେରା ୨୧ ଓ ଓପ୍ରା ଏନ୍‌ଡୁବୁଇସି ୪୦ତମ ମିନିଟ୍‌ରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ । ଆଡୱିନ ଏହି ମ୍ୟାଚରେ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ । ସେହିପରି ରବିବାର ଅନୁଷ୍ଠିତ ସିଲଭର ଲିଗ୍ (ବି)ରେ ଇଣ୍ଡିପେଣ୍ଡେଣ୍ଟ ଓ କ୍ଲବ୍ ଏନ୍ କ୍ଲବ ମ୍ୟାଚ ୨-୨ରେ ଅମୀମାଂସିତ ରହିଛି । କ୍ଲବ୍ ଏନ୍ କ୍ଲବ୍ ପକ୍ଷରୁ ସୁନିଲ ଟପୋ ୨୦ ଓ ଗଙ୍ଗା ଓରାମ ୬୩ତମ ମିଟ୍‌ରେ ଗୋଟିଏ ଗୋଲ ଲେଖାଏ ଗୋଲ ସ୍କୋର କରିଥିଲେ । ମ୍ୟାଚର ୪୪ତମ ମିନିଟ୍‌ରେ କ୍ଲବ୍ ଏନ୍ କ୍ଲବ୍‌ର କ୍ଷିତିସ ଦାନସେନା ଗୋଟିଏ ଆତ୍ମଘାତୀ ଗୋଲ ସ୍କୋର କରିଥିଲେ ଇଣ୍ଡିପେଣ୍ଡେଣ୍ଟ କ୍ଲବ୍ ପକ୍ଷରୁ ପ୍ରଦ୍ୟୁମ୍ନ ସ୍ୱାଇଁ ୬୮ତମ ମିନିଟ୍‌ରେ ଗୋଟିଏ ଗୋଲ ଦେବାରୁ ମ୍ୟାଚ୍ ୨-୨ ସ୍ଥିତିକୁ ଆସି ଯାଇଥିଲା। ସୁଶିଲ ଟପ୍ପୋ ଏହି ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ ।

# ଶ୍ରୀଲଙ୍କାକୁ ଜିତାଇଲେ କରୁଣାରତ୍ନେ

**ଗାଲେ,୧୮।୮**

ନ୍ୟୁଜିଲାଣ୍ଡ ବିପକ୍ଷ ପ୍ରଥମ ଟେଷ୍ଟ ମ୍ୟାଚ୍‌ରେ ଘରୋଇ ଶ୍ରୀଲଙ୍କା ୬ ଉଇକେଟରେ ବିଜୟ ହାସଲ କରିଛି। ସ୍ଥାନୀୟ ଗାଲେ ଅନ୍ତର୍ଜାତୀୟ ଷ୍ଟାଡିୟମରେ ଅନୁଷ୍ଠିତ ଏହି ମ୍ୟାଚ୍‌ରେ ଶ୍ରୀଲଙ୍କା ରବିବାର ଉଭୟ ବୋଲିଂ ଓ ବ୍ୟାଟିଂରେ ଉନ୍ନତ ପ୍ରଦର୍ଶନ କରି ବାଜି ମାରିଛି। ଏଥିସହିତ ୨ ମ୍ୟାଚ୍ ବିଶିଷ୍ଟ ଏହି ସିରିଜରେ ଶ୍ରୀଲଙ୍କା ୧–୦ରେ ଅଗ୍ରଣୀ ହାସଲ କରିଛି। ଦ୍ୱିତୀୟ ଇନିଂସରେ ୧୨୨ ରନର ଶତକୀୟ ପାଳି ଖେଳି ଦଳ ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିବା ଶ୍ରୀଲଙ୍କା ଓପନର ଦିମୁଥ କରୁଣାରତ୍ନେ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। ଏହି ସିରିଜ ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ଟେଷ୍ଟ ସିରିଜର ଅନ୍ତର୍ଭୁକ୍ତ ରହିଛି। ଫଳରେ ବିଜୟ ସହ ଶ୍ରୀଲଙ୍କା ୬୦ ପଏଣ୍ଟ ହାସଲ କରିଥିବା ବେଳେ ନ୍ୟୁଜିଲାଣ୍ଡ ହାତ ଖାଲି ରହିଛି।

ଟସ୍ ଜିତି ନ୍ୟୁଜିଲାଣ୍ଡ ପ୍ରଥମ ଇନିଂସରେ ୮୩.୨ ଓଭରରେ ୨୪୯ ରନ କରି ଅଲ୍‌ଆଉଟ ହୋଇଥିଲା। ଜବାବରେ ଶ୍ରୀଲଙ୍କା ପ୍ରଥମ ଇନିଂସରେ ୯୩.୨ ଓଭରରେ ୨୬୭ ରନ କରି ଅଲଆଉଟ୍ ହୋଇ ୧୮ ରନର ଅଗ୍ରଣୀ ହାସଲ କରିଥିଲା। ଏହାପରେ ନ୍ୟୁଜିଲାଣ୍ଡ ଦ୍ୱିତୀୟ ଇନିଂସ ଆରମ୍ଭ କରି ୧୦୬ ଓଭରରେ ୨୮୫ ରନ କରି ଅଲଆଉଟ ହୋଇଥିଲା। ଫଳରେ ଶ୍ରୀଲଙ୍କା ସମ୍ମୁଖରେ ୨୬୮ ରନର ବିଜୟ ଲକ୍ଷ୍ୟଧାର୍ଯ୍ୟ ହୋଇଥିଲା। ଜବାବରେ ଦ୍ୱିତୀୟ ଇନିଂସ ଆରମ୍ଭ କରି ଶ୍ରୀଲଙ୍କା ପଞ୍ଚମ ତଥା ଅନ୍ତିମ ଦିବସ ପ୍ରଥମ ସେସନରେ ୮୬.୧ ଓଭରରେ ୪ ଉଇକେଟ ହରାଇ ୨୬୮ ରନ କରି ବିଜୟ ହାସଲ କରି ନେଇଥିଲା।

ଶନିବାରର ଅସମାପ୍ତ ଦ୍ୱିତୀୟ ଇନିଂସ ସ୍କୋର ୧୩୩/୦ରୁ ଖେଳ ଆରମ୍ଭ କରି ଶ୍ରୀଲଙ୍କା ରବିବାର ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ତେବେ ଏଥିପାଇଁ ଶ୍ରୀଲଙ୍କା ୪ ଉଇକେଟ ହରାଇବାକୁ ପଡିଥିଲା। ଓଭରନାଇଟ୍ ବ୍ୟାଟ୍ସମ୍ୟାନ ତଥା ତାରକା ଓପନର ଦିମୁଥ କରୁଣାରତ୍ନେ ୭୧ରୁ ଖେଳ ଆରମ୍ଭ କରି ୧୨୨ ରନ କରି ଆଉଟ ହେବା ପୂର୍ବରୁ ବିଜୟପଥ ପରିଷ୍କାର କରିଥିଲେ। ସେହିପରି ଅନ୍ୟତମ ଓପନର ଲାହିରୁ ଥିରିମାନେ ୫୭ ରନରୁ ଖେଳ ଆରମ୍ଭ କରି ଆଉ ଅଧିକ ୭ ରନ କରି ୬୪ ରନରେ ପ୍ୟାଭିଲିୟନ ଫେରିଥିଲେ। ଓପନିଂ ଯୋଡିରେ ଏହି ଦୁଇ ବ୍ୟାଟ୍ସମ୍ୟାନ ୧୬୧ ରନର ଶତକୀୟ ଭାଗୀଦାରି ସ୍ଥାପନ କରି ବିଜୟର ମୂଳଦୁଆ ପକାଇଥିଲେ। ଥିରିମାନେ ପ୍ରଥମେ ଆଉଟ ହେବା ପରେ କୁଶଲ ମେଣ୍ଡିସ୍ ୧୦ ରନ କରି ଆଉଟ ହୋଇଥିଲେ। ଏହାପରେ କରୁଣାରତ୍ନେ ପ୍ୟାଭିଲିୟନ ଫେରିଥିଲେ। କୁଶଲ ପେରେରା ୨୩ ରନ କରିଥିବା ବେଳେ ଶେଷ ଉଇକେଟ ଭାବେ ଆଉଟ ହୋଇଥିଲେ। ଅଲରାଉଣ୍ଡର ଆଞ୍ଜେଲୋ ମାଥ୍ୟୁସ ୨୮ ଓ ଧନଞ୍ଜୟ ଡିସିଲଭା ୧୪ ରନ କରି ଅପରାଜିତ ରହିବା ସହ ଦଳକୁ ବିଜୟୀ କରାଇଥିଲେ। ବୋଲିଂରେ ନ୍ୟୁଜିଲାଣ୍ଡ ତରଫରୁ ଟ୍ରେଣ୍ଟ ବୋଲ୍ଟ, ଟିମ୍ ସୌଦି, ୱିଲିୟମ ସମରଭିଲେ ଓ ଅଜାଜ ପଟେଲ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।



ଶତକ ହାସଲକାରୀ ଦିମୁଥ କରୁଣାରତ୍ନେ ।

**ସଂକ୍ଷିପ୍ତ ସ୍କୋର**

ନ୍ୟୁଜିଲାଣ୍ଡ ପ୍ରଥମ ଇନିଂସ– ୨୪୯ ଅଲଆଉଟ।
ଶ୍ରୀଲଙ୍କା ପ୍ରଥମ ଇନିଂସ– ୨୬୭ ଅଲଆଉଟ।
ନ୍ୟୁଜିଲାଣ୍ଡ ଦ୍ୱିତୀୟ ଇନିଂସ– ୧୦୬ ଓଭରରେ ୨୮୫ ଅଲଆଉଟ
ଶ୍ରୀଲଙ୍କା ଦ୍ୱିତୀୟ ଇନିଂସ– ୮୬.୧ ଓଭରରେ ୨୬୮/୪ (କରୁଣାରତ୍ନେ– ୧୨୨, ଥିରିମାନେ– ୬୪, ମାଥ୍ୟୁସ– ୨୮*, ପେରେରା– ୨୩, ଡିସିଲଭା– ୧୪*, ବୋଲ୍ଟ– ୧/୩୪, ସୌଦି– ୧/୩୩, ସମରଭିଲେ– ୧/୭୩, ପଟେଲ– ୧/୭୪)।

### ଦକ୍ଷିଣ ଆଫ୍ରିକା ଟେଷ୍ଟ ଦଳରେ କ୍ଲାସେନ

**ଜୋହାନ୍ସବର୍ଗ, ୧୮।୮ (ପି.ଟି.)**

ଟେଷ୍ଟ ସିରିଜ ଖେଳିବା ଲାଗି ଦକ୍ଷିଣ ଆଫ୍ରିକା କ୍ରିକେଟ୍ ଦଳ ଆସନ୍ତା ଅକ୍ଟୋବରରେ ଭାରତ ଗସ୍ତ କରିବାର କାର୍ଯ୍ୟସୂଚୀ ରହିଛି। ଏଥିଲାଗି ଗତ ୧୩ରେ ଅଭିଜ୍ଞ ଫାଫ୍ ଡୁ ପ୍ଲେସିସ୍‌ଙ୍କ ନେତୃତ୍ୱରେ ୧୫ ଜଣିଆ ଦକ୍ଷିଣ ଆଫ୍ରିକା ଦଳ ଘୋଷଣା କରାଯାଇଥିଲା। ତେବେ ଏହି ଦଳରେ ସ୍ଥାନ ପାଇଥିବା ନବାଗତ ଉଇକେଟ୍‌କିପର ରୁଡି ସେକେଣ୍ଡଙ୍କୁ ଆଘାତଜନିତ ସମସ୍ୟା ଲାଗି ବାଦ୍ ଦିଆଯାଇଛି। ତାଙ୍କ ସ୍ଥାନରେ ଅନ୍ୟତମ ଉଇକେଟ୍‌କିପର ହେନ୍‌ରିକ କ୍ଲାସେନଙ୍କୁ ଦଳରେ ସାମିଲ କରାଯାଇଛି ବୋଲି କ୍ରିକେଟ୍ ଦକ୍ଷିଣ ଆଫ୍ରିକା (ସିଏସ୍ଏ) ପକ୍ଷରୁ ରବିବାର କୁହାଯାଇଛି। କ୍ଲାସେନ ପୂର୍ବରୁ ଜାତୀୟ ଦଳ ପକ୍ଷରୁ ୧୪ ଦିନିକିଆ ଓ ୯ ଟି୨୦ ମ୍ୟାଚ୍ ଖେଳି ସାରିଛନ୍ତି।

ଦକ୍ଷିଣ ଆଫ୍ରିକା–ଏ ଦଳ ପକ୍ଷରୁ ଅଭ୍ୟାସ କରୁଥିବାବେଳେ ସେକେଣ୍ଡ ଆଘାତପ୍ରାପ୍ତ ହୋଇଥିଲେ। ଏହାପରେ ତୁରନ୍ତ ତାଙ୍କର ଅସ୍ତ୍ରୋପଚାର କରାଯାଇଥିଲା ଏବଂ ତାଙ୍କୁ ପୁରା ଟୁର୍‌ରୁ ବାଦ୍ ଦିଆଯାଇଛି ବୋଲି ଜଣାପଡ଼ିଛି। ଭାରତ ଗସ୍ତରେ ଆସି ଦକ୍ଷିଣ ଆଫ୍ରିକା ୩ଟି ଲେଖାଏ ଟି୨୦ ଓ ଟେଷ୍ଟ ମ୍ୟାଚ୍ ଖେଳିବାର କାର୍ଯ୍ୟସୂଚୀ ରହିଛି। ଟେଷ୍ଟ ସିରିଜର ପ୍ରଥମ ମ୍ୟାଚ୍ ଅକ୍ଟୋବର ୨ରୁ ବିଶାଖାପାଟନମଠାରେ ଆରମ୍ଭ ହେବ। ତେବେ ୨ୟ ଓ ୩ୟ ଟେଷ୍ଟ ମ୍ୟାଚ୍‌ର ଭେନ୍ୟୁରେ ଅଦଳବଦଳ ହୋଇଥିବା ସିଏସ୍ଏ ପକ୍ଷରୁ ଜଣାପଡ଼ିଛି। ଦ୍ୱିତୀୟ ଟେଷ୍ଟ ଏବେ ପୁନେଠାରେ ଅକ୍ଟୋବର ୧୦ରୁ ୧୪ ପର୍ଯ୍ୟନ୍ତ ଖେଳାଯିବ।

## ଦୁଲୀପ ଟ୍ରଫିରେ ନାଡା ଡୋପ୍ ଟେଷ୍ଟ ଆରମ୍ଭ କରିବ

**ନୂଆଦିଲ୍ଲୀ,୧୮।୮(ପି.ଟି.)**

ଜାତୀୟ ନିଶା ନିବାରଣ ସଂସ୍ଥା (ନାଡ଼ା) ଆଗାମୀ ଦୁଲୀପ ଟ୍ରଫି ମ୍ୟାଚ୍ ଅବସରରେ ଭାରତୀୟ କ୍ରିକେଟରଙ୍କ ଡୋପ୍ ଟେଷ୍ଟ ଆରମ୍ଭ କରିବ। ବେଙ୍ଗାଲୁରୁରେ ଖେଳାଯିବାକୁ ଥିବା ଏହି ମ୍ୟାଚ୍‌ରେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସହିତ ଚୁକ୍ତି କରିଥିବା ଖେଳାଳିମାନେ ଡୋପ୍ ଟେଷ୍ଟର ସମ୍ମୁଖୀନ ହେବେ। ବିସିସିଆଇର ଦାବି ଅନୁସାରେ ଯୋଗ୍ୟ ଡାକ୍ତର ବା ମେଡିକାଲ ପ୍ରାକ୍ଟିସନରମାନେ ଲିଡ ଡୋପ୍ କଣ୍ଟ୍ରୋଲ ଅଫିସର (ଏଲ୍‌ଡିସିଓ) ଭାବେ ଖେଳାଳିଙ୍କ ପରୀକ୍ଷା ନେବେ।

ନିକଟରେ ବିସିସିଆଇ କ୍ରିକେଟ ଅପରେଶନ ଜେନେରାଲ ମ୍ୟାନେଜର ସବା କରିମ ଓ ଆଣ୍ଟି ଡୋପିଂ ୟୁନିଟ୍ ମୁଖ୍ୟ ଡଃ ଅଭିଜିତ ସାଲଭି ନାଡ଼ା ଡାଇରେକ୍ଟର ଜେନେରାଲ ନବୀନ ଅଗ୍ରୱାଲଙ୍କ କେତେକ ବରିଷ୍ଠ ଅଧିକାରୀଙ୍କୁ ଭେଟିଥିଲେ ଓ ଏ ନେଇ ରୋଡ ମ୍ୟାପ୍ ପ୍ରସ୍ତୁତ କରିଥିଲେ। ବିସିସିଆଇ ସହଯୋଗରେ ଦୁଲୀପ ଟ୍ରଫିରୁ ହିଁ ଡୋପ ଟେଷ୍ଟ ଆରମ୍ଭ ହେବ ବୋଲି ନାଡ଼ା ତରଫରୁ ଆନୁଷ୍ଠାନିକ ଭାବେ କୁହାଯାଇଛି। ତେବେ ବେଙ୍ଗାଲୁରୁରେ ଏବେ ଇଣ୍ଡିଆ ବ୍ଲୁ ଓ ଇଣ୍ଡିଆ ଗ୍ରୀନ୍ ମଧ୍ୟରେ ଚାଲିଥିବା ଦୁଲୀପ ଟ୍ରଫିର ଉଦ୍‌ଘାଟନୀ ମ୍ୟାଚ୍‌ରେ ଡୋପ୍ ଟେଷ୍ଟ କରାଯିବ ନାହିଁ ବୋଲି ଆଶା କରାଯାଉଛି। ଏହା ଆସନ୍ତା ୨୩ ତାରିଖରେ ଆରମ୍ଭ ହେବାକୁ ଥିବା ପରବର୍ତ୍ତୀ ମ୍ୟାଚ୍‌ରେ ଆରମ୍ଭ କରାଯିବ।

ଇତିମଧ୍ୟରେ ବିସିସିଆଇ ପୂରା ଘରୋଇ ସେସନର କାର୍ଯ୍ୟସୂଚୀ ପ୍ରଦାନ କରିଛି। ଫଳରେ ନାଡ଼ା ତା’ର କ୍ରିକେଟ ଟେଷ୍ଟିଂ କ୍ୟାଲେଣ୍ଡର ପ୍ରସ୍ତୁତ କରିବାକୁ ସକ୍ଷମ ହେବ। ଦୁଲୀପ ଟ୍ରଫି ଏବେ ଆରମ୍ଭ ହୋଇସାରିଛି। ଫଳରେ ଡୋପ୍ ଟେଷ୍ଟ ଆଗାମୀ ମ୍ୟାଚ୍‌ରେ ହେବ ବୋଲି ଆଶା କରାଯାଉଛି। ତେବେ ଟାର୍ଗେଟ କିମ୍ବା ରାଣ୍ଡମ ଟେଷ୍ଟିଂ କରାଯିବ ସେ ନେଇ କିଛି ସ୍ପଷ୍ଟ କରାଯାଇ ନାହିଁ। କେବଳ ମ୍ୟାଚ୍ ଦିନ କେତୋଟି ପରୀକ୍ଷା କରାଯିବ ବୋଲି ସାଲଭି କହିଛନ୍ତି।

## ୨୯୭/୫ରେ ଭାରତର ଇନିଂସ୍ ଘୋଷଣା

**ଆଣ୍ଟିଗୁଆ,୧୮।୮**

ସ୍ଥାନୀୟ କୁଲିଜ କ୍ରିକେଟ ଗ୍ରାଉଣ୍ଡରେ ଚାଲିଥିବା ୱେଷ୍ଟଇଣ୍ଡିଜ ଏ’ ବିପକ୍ଷ ୩ ଦିନିଆ ଅଭ୍ୟାସ ମ୍ୟାଚ୍‌ରେ ଭାରତ ଏହାର ପ୍ରଥମ ଇନିଂସ୍‌କୁ ୨୯୭/୫ରେ ଘୋଷଣା କରିଛି। ଜବାବରେ ରବିବାର ଦ୍ୱିତୀୟ ଦିବସରେ ଖବର ମିଳିବା ବେଳକୁ ୱେଷ୍ଟଇଣ୍ଡିଜ ‘ଏ’ ୪ ଉଇକେଟ ହରାଇ ୭୯ ରନ ସଂଗ୍ରହ କରିଛି। ଜେରେମି ସୋଲାଜାନୋ, ବ୍ରେଣ୍ଡନ କିଙ୍ଗ୍ ୪,ଡ୍ୱେନ ବ୍ରାଭୋ ୧୧ ଓ ଜାସନ ମହମ୍ମଦ ୬ ରନ କରି ଆଉଟ ହୋଇଛନ୍ତି। ଭାରତ ପକ୍ଷରୁ ଈଶାନ୍ତ ଶର୍ମା ୨ଟି ଓ ଉମେଶ ଯାଦବ ଗୋଟିଏ ଉଇକେଟ ନେଇଛନ୍ତି।

ଦ୍ୱିତୀୟ ଦିବସ ଖେଳ ବର୍ଷା ଯୋଗୁ ବିଳମ୍ବରେ ଆରମ୍ଭ ହୋଇଥିଲା। ଫଳରେ ଭାରତ ପ୍ରଥମ ଦିବସ ସ୍କୋରରେ ହିଁ ଇନିଂସ୍ ଘୋଷଣା କରିଦେଇଥିଲା। ଭାରତ ପକ୍ଷରୁ ଚେତେଶ୍ୱର ପୂଜାରା ଶତକ (୧୦୦ ରନ୍) ହାସଲ କରିଥିବାବେଳେ ରୋହିତ ଶର୍ମା ୬୮,

**ଅଭ୍ୟାସ ମ୍ୟାଚ୍**

ହନୁମା ବିହାରୀ ୩୭*, ଲୋକେଶ ରାହୁଲ ୩୬ ଓ ରିଷଭ ପନ୍ତ ୩୩ ରନ୍ ସ୍କୋର କରିଥିଲେ। ୱେଷ୍ଟଇଣ୍ଡିଜ ‘ଏ’ ପକ୍ଷରୁ ଜୋନାଥନ କାର୍ଟର ସର୍ବାଧିକ ୩ଟି ଏବଂ କେଅନ ହାର୍ଡିଂ ଓ ଆକିମ ଫ୍ରାଜର ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।



ଚେତେଶ୍ୱର ପୂଜାରା

### ■ ଅନ୍ତିମ ଦିବସରେ ଖେଳିପାରିଲେନି ସ୍ମିଥ୍

## ଟେଷ୍ଟ ଇତିହାସରେ ମାର୍ନସ ପ୍ରଥମ ବଦଳ ଖେଳାଳି



ଷ୍ଟିଭ୍ ସ୍ମିଥ୍



ମାର୍ନସ ଲାବୁସ୍କାନେ

**ଲଣ୍ଡନ, ୧୮।୮(ଏଏଫ୍‌ପି)**

ସ୍ଥାନୀୟ ଲର୍ଡ୍ସ ଗ୍ରାଉଣ୍ଡରେ ଘରୋଇ ଇଂଲଣ୍ଡ ବିପକ୍ଷରେ ଅନୁଷ୍ଠିତ ଆଶେସ ସିରିଜର ୨ୟ ଟେଷ୍ଟ ମ୍ୟାଚ୍‌ର ୫ମ ଦିନ ଖେଳରୁ ବରିଷ୍ଠ ଅଷ୍ଟ୍ରେଲୀୟ ବ୍ୟାଟ୍ସମ୍ୟାନ ଷ୍ଟିଭ୍ ସ୍ମିଥ୍‌ଙ୍କୁ ବାଦ୍ ଦିଆଯାଇଛି। ଶନିବାର ଅଷ୍ଟ୍ରେଲିଆର ପ୍ରଥମ ଇନିଂସରେ ୮୦ ରନ କରି ବ୍ୟାଟିଂ କରୁଥିବାବେଳେ ଜୋଫ୍ରା ଆର୍ଚରଙ୍କ ଏକ ବାଉନ୍ସର ସ୍ମିଥ୍‌ଙ୍କ ବେକରେ ବାଜିଥିଲା ଏବଂ ସେ ମସ୍ତିଷ୍କରେ ଗୁରୁତର ଆଘାତ ପାଇ ପଡ଼ିଆ ଛାଡ଼ିଥିଲେ। ତେବେ ପରେ ପ୍ରତ୍ୟାବର୍ତ୍ତନ କରି ସ୍ମିଥ୍ ୯୨ ରନ କରି ଆଉଟ୍ ହୋଇଥିଲେ। କିନ୍ତୁ ରବିବାର ମ୍ୟାଚ୍‌ର ଅନ୍ତିମ ଦିବସର ପୁରା ଖେଳରୁ ତାଙ୍କୁ ବାଦ୍ ଦିଆଯାଇଥିବା କ୍ରିକେଟ୍ ଅଷ୍ଟ୍ରେଲିଆ (ସିଏ) ପକ୍ଷରୁ ଜଣାପଡ଼ିଛି। ‘ଗତକାଲି ରାତିରୁ ମେଡିକାଲ ଷ୍ଟାଫ୍‌ଙ୍କ ଦ୍ୱାରା ସ୍ମିଥ୍‌ଙ୍କ ଉପରେ ତୀକ୍ଷ୍ଣ ନଜର ରଖାଯାଇଛି। ଶୋଇକି ଉଠିବା ପରେ ରବିବାର ସେ ରିପୋର୍ଟ କରିଛନ୍ତି। ସ୍ମିଥ୍‌ଙ୍କ ମୁଣ୍ଡ ବିନ୍ଧା ହେଉଥିବା ସହ ଦୁର୍ବଳ ଅନୁଭବ କରୁଛନ୍ତି’ ବୋଲି ଅଷ୍ଟ୍ରେଲିଆ ଟିମ୍‌ର ମୁଖପାତ୍ର କହିଛନ୍ତି। ନୂତନ କରି ଆରମ୍ଭ ହୋଇଥିବା ଆଇସିସି ଟେଷ୍ଟ ଚାମ୍ପିୟନଶିପ୍ ଅଂଶବିଶେଷ ସ୍ୱରୂପ ଏହି ଟେଷ୍ଟ ସିରିଜ ଆସୁଥିବାରୁ ନିୟମ ଅନୁଯାୟୀ ଜଣେ ଖେଳାଳି ବେକ କିମ୍ବା ମୁଣ୍ଡରେ ଆଘାତ ପାଇଲେ ତାଙ୍କ ବଦଳରେ ଅନ୍ୟଜଣେ ସମ୍ପୂର୍ଣ୍ଣ ଭାବେ ଫିଲ୍ଡିଂ ଓ ବ୍ୟାଟିଂ କରିପାରିବ। ପୂର୍ବରୁ ଆଘାତପ୍ରାପ୍ତ ଖେଳାଳିଙ୍କ ସ୍ଥାନରେ କେବଳ ବଦଳ ଖେଳାଳିଙ୍କୁ ଫିଲ୍ଡିଂର ସୁଯୋଗ ମିଳୁଥିଲା। ମାର୍ନସ ଲାବୁସ୍କାନେ ଦ୍ୱାଦଶ ଖେଳାଳିଭାବେ ସ୍ମିଥ୍‌ଙ୍କ ବଦଳରେ ରବିବାର ଫିଲ୍ଡିଂ କରିଥିଲେ। ଫଳରେ ଟେଷ୍ଟ କ୍ରିକେଟ୍ ଇତିହାସରେ ମାର୍ନସ ପ୍ରଥମ ବିକଳ୍ପ ଖେଳାଳି ହେବାର କୀର୍ତ୍ତିମାନ କରିଛନ୍ତି। ନୂଆ ନିୟମ ଅନୁଯାୟୀ ସେ ବ୍ୟାଟିଂ ଓ ବୋଲିଂ କରିପାରିବେ। ମ୍ୟାଚ୍ ରେଫରି ରଞ୍ଜନ ମଦ୍‌ଗୁଲେ ଏହାକୁ ଅନୁମୋଦନ କରିଥିଲେ। ତେବେ ଷ୍ଟାର୍ ବ୍ୟାଟ୍ସମ୍ୟାନ ସ୍ମିଥ୍ ଗୁରୁବାରଠାରୁ ଆରମ୍ଭ ହେବାକୁ ଥିବା ୩ୟ ଟେଷ୍ଟରେ ଖେଳିବେ କି ନାହିଁ ସେ ନେଇ ଏବେ ସନ୍ଦେହ ପ୍ରକାଶ ପାଇଛି।

**ଅଷ୍ଟ୍ରେଲିଆ ଆଗରେ ୨୬୭ ରନ୍‌ର ବିଜୟଲକ୍ଷ୍ୟ**

ଲଣ୍ଡନ, ୧୮।୮(ଏଏଫ୍‌ପି)– ସ୍ଥାନୀୟ ଲର୍ଡ୍ସଠାରେ ଚାଲିଥିବା ଦ୍ୱିତୀୟ ଆଶେସ ଟେଷ୍ଟରେ ଅଷ୍ଟ୍ରେଲିଆ ଆଗରେ ଇଂଲଣ୍ଡ ୨୬୭ ରନ୍‌ର ବିଜୟଲକ୍ଷ୍ୟ ଛିଡ଼ା କରିଛି। ପ୍ରଥମ ଇନିଂସରେ ଘରୋଇ ଦଳର ୨୫୮ କରିଥିବାବେଳେ ଅଷ୍ଟ୍ରେଲିଆ ୨୫୦ ରନ୍‌ରେ ସୀମିତ ରହିଥିଲା। ୮ ରନ୍‌ର ଅଗ୍ରଣୀ ହାସଲ କରିଥିବା ଘରୋଇ ଦଳ ଦ୍ୱିତୀୟ ଇନିଂସରେ ୨୫୮/୫ ରନ୍ କରି ପାଳି ଘୋଷଣା କରିଥିଲା। ଫଳରେ ଭ୍ରମଣକାରୀ ଅଷ୍ଟ୍ରେଲିଆନ ଆଗରେ ୨୬୭ ରନ୍‌ର ବିଜୟଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ରିପୋର୍ଟ ଲେଖାହେବାବେଳକୁ ଅଷ୍ଟ୍ରେଲିଆ ତା’ର ଦ୍ୱିତୀୟ ଇନିଂସରେ ୨୫ ଓଭର ଖେଳି ୩ ଉଇକେଟ ହରାଇ ୮୪ ରନ୍ କରିଛି। ଦଳକୁ ମ୍ୟାଚ୍ ଜିତିବା ପାଇଁ ବଳକା ୭ ଉଇକେଟରେ ୧୮୩ ରନ୍ ଦରକାର ରହିଛି। ଦଳ ପାଇଁ ମାର୍ନସ ଲାବୁସ୍କାନେ ୩୧ ଓ ଟ୍ରାଭିସ ହେଡ୍ ୧୪ ରନ୍ କରି ଅପରାଜିତ ଅଛନ୍ତି। ଘରୋଇ ଦଳ ପକ୍ଷରୁ ଜୋଫ୍ରା ଆର୍ଚର ୨ ଓ ଜ୍ୟାକ ଲିଚ ଗୋଟିଏ ଉଇକେଟ ନେଇଛନ୍ତି।

#### ଦୁଲୀପ ଟ୍ରଫି

### ଦ୍ୱିତୀୟ ଦିନର ଖେଳ ବାତିଲ

**ବେଙ୍ଗାଲୁରୁ,୧୮।୮(ପି.ଟି.)**

ସ୍ଥାନୀୟ ଜଷ୍ଟ କ୍ରିକେଟ ଏକାଡେମୀ ଗ୍ରାଉଣ୍ଡରେ ଇଣ୍ଡିଆ ବ୍ଲୁ ଓ ଇଣ୍ଡିଆ ଗ୍ରୀନ୍ ମଧ୍ୟରେ ଚାଲିଥିବା ଦୁଲୀପ ଟ୍ରଫି ଉଦ୍‌ଘାଟନୀ ମ୍ୟାଚର ଦ୍ୱିତୀୟ ଦିନ ଖେଳ ବାତିଲ ହୋଇଛି। ଗତ ରାତିରେ ହୋଇଥିବା ପ୍ରବଳ ବର୍ଷା ଜନିତ ଓଦା ଗ୍ରାଉଣ୍ଡ କାରଣରୁ ଅପରାହ୍ନ ୨ଟାରେ ଖେଳକୁ ବାତିଲ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା। ଏପରି କି ରବିବାର ଗୋଟିଏ ହେଲେ ବି ବଲ୍ ବୋଲିଂ କରାଯାଇ ପାରି ନ ଥିଲା।

ଶନିବାର ପ୍ରଥମ ଦିବସରେ ଗ୍ରୀନ୍ ଅଧିନାୟକ ଫଏଜ ଫଜଲ ଟସ୍ ଜିତି ବ୍ଲୁ’କୁ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କରିଥିଲେ। ପ୍ରଥମ ଦିନରେ ବ୍ଲୁ ବ୍ୟାଟିଂ ଆରମ୍ଭ କରି ୪୯ ଓଭରରେ ୬ ଉଇକେଟ ହରାଇ ୧୧୨ ରନ ସଂଗ୍ରହ କରିଥିଲା। ଖରାପ ପାଗ ଯୋଗୁ ପ୍ରଥମ ଦିବସରେ ସମ୍ପୂର୍ଣ୍ଣ ଖେଳ ସମ୍ଭବପର ହୋଇ ନ ଥିଲା। ଦଳ ପକ୍ଷରୁ ଓପନର୍ ଋତୁରାଜ ଗାଏକ୍ୱାଡ୍ ସର୍ବାଧିକ ୩୦ ରନ କରିଥିବାବେଳେ ଅନ୍‌ମୋଲପ୍ରୀତ୍ ସିଂ ୧୪, ଜଲଜ ସକ୍ସେନା ୧୯ ଓ ଅଙ୍କିତ ବାୱ୍‌ନେ ଅପରାଜିତ ୨୧ ରନ କରିଛନ୍ତି। ଉଇକେଟ୍‌କିପର ସ୍ନେଲ ପଟେଲ (୫), ଅଧିନାୟକ ଗିଲ୍ (୬) ଓ ରିକି ଭୁଇ (୨) ଦୁଇ ଅଙ୍କ ଛୁଇଁପାରି ନାହାନ୍ତି। ଗ୍ରୀନ୍ ପକ୍ଷରୁ ଡାହାଣହାତୀ ଦ୍ରୁତ ବୋଲର ଈଶାନ ପୋରେଲ ୩, ତନବୀର ଉଲ୍–ହକ୍ ୨ ଓ ଅଙ୍କିତ ରାଜପୁତ ଗୋଟିଏ ଉଇକେଟ୍ ଅକ୍ତିଆର କରିଛନ୍ତି।

### ■ ଗୁରୁକୁଳ ଜୁନିୟର ଟେନିସ୍ ଉଦ୍‌ଯାପିତ

## ରବିନାରାୟଣଙ୍କୁ ଦ୍ୱିମୁକୁଟ

**ଭୁବନେଶ୍ୱର, ୧୮।୮ (କ୍ରୀଡ଼ା ପ୍ରତିନିଧି)**

ମେଣ୍ଢାଶାଳସ୍ଥିତ ଗୁରୁକୁଳ ରିସର୍ଟରେ ଜୁନିୟର ଟେନିସ୍ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଛି। ଏହାର ୧୨ ବର୍ଷରୁ କମ୍ ବାଳକ ବର୍ଗ ଫାଇନାଲରେ ଦ୍ୱିତୀୟ ସିଡ୍ ଭୁବନେଶ୍ୱରର ଅକ୍ଷତ ବେଉରିଆ କଟକର ସାଇ ସ୍ୱସ୍ତିକ ମହାନ୍ତିଙ୍କୁ ୯–୪ ପଏଣ୍ଟରେ ହରାଇ ଚାମ୍ପିୟନ ହୋଇଛନ୍ତି। ୧୬ ବର୍ଷରୁ କମ୍ ବାଳକ ଫାଇନାଲରେ ୩ୟ ସିଡ୍ ରାଉରକେଲାର ରବିନାରାୟଣ ସାହୁ ୯–୪ରେ ୨ୟ ସିଡ୍ ମେଦିନୀପୁରର ଶୁଭ୍ରନିଲ୍ ବର୍ମନଙ୍କୁ ଏବଂ ୧୪ ବର୍ଷରୁ କମ୍ ବାଳିକା ଫାଇନାଲରେ ୩ୟ ସିଡ୍ ଭୁବନେଶ୍ୱରର ଆକୃତି ଆଚାର୍ଯ୍ୟ ୯–୧ରେ ଦ୍ୱିତୀୟ ସିଡ୍ ଆୟୁଷୀ ଦାସଙ୍କୁ ପରାସ୍ତ କରି ଟାଇଟଲ ହାସଲ କରିଛନ୍ତି। ୧୬ ବର୍ଷରୁ କମ୍ ବାଳକ ଡବଲ୍ସରେ ରବିନାରାୟଣ ସାହୁ–ଆଦିତ୍ୟ ମହାପାତ୍ର ଯୋଡ଼ି ୯–୫ରେ ଅକ୍ଷତ ବେଉରିଆ–ଶୁଭ୍ରନିଲ ବର୍ମନଙ୍କୁ ହରାଇ ଚାମ୍ପିୟନ ହୋଇଛନ୍ତି। ଗତ ୧୫ ତାରିଖରୁ ଆରମ୍ଭ ହୋଇଥିବା ଏହି ପ୍ରତିଯୋଗିତାରେ ମୋଟ ୩୫ ଖେଳାଳି ଅଂଶଗ୍ରହଣ କରିଥିଲେ। ଇନ୍‌କମ୍ ଟ୍ୟାକ୍ସ ଅଫିସର କ୍ଷିତିଜ କୁମାର ମହାନ୍ତି ଅତିଥିଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ଉର୍ମିଳା ମହାନ୍ତି, ଜି. ରେଖା ଏବଂ ଗୁରୁକୁଳ ଟେନିସ୍ ଏକାଡେମୀ ନିର୍ଦ୍ଦେଶକ ସନ୍ତୋଷ କୁମାର ମଳିକ ପ୍ରମୁଖ ଉପସ୍ଥିତ ଥିଲେ।



ଗୁରୁକୁଳ ଜୁନିୟର ଟେନିସ୍ : ଟ୍ରଫି ଓ ମାନପତ୍ର ସହ କୃତୀ ପ୍ରତିଯୋଗୀ ।

## ସେମିରେ ହାରିଲେ ଜୋକୋଭିଚ

**ସିନସିନାଟି, ୧୮।୮(ଏଏଫ୍‌ପି)**

ଏଠାରେ ଚାଲିଥିବା ସିନସିନାଟି ମାଷ୍ଟର୍ସ ଟେନିସ ଟୁର୍ନାମେଣ୍ଟରେ ବିଶ୍ୱର ୧ ନମ୍ବର ଖେଳାଳି ସର୍ବିୟାର ନୋଭାକ ଜୋକୋଭିଚ ସେମିଫାଇନାଲରେ ପରାସ୍ତ ହୋଇ ବିଦାୟ ନେଇଛନ୍ତି। ଶନିବାର ଅନୁଷ୍ଠିତ ସେମିଫାଇନାଲରେ ରୁଷିଆର ନବମ ସିଡ୍ ଖେଳାଳି ଡାନିଲି ମେଡଭେଡେଭ ୩–୬, ୬–୩, ୬–୩ ସେଟରେ ଜୋକୋଭିଚଙ୍କୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛନ୍ତି। ଟାଇଟଲ ପାଇଁ ସେ ଫାଇନାଲରେ ବେଲଜିୟମର ୧୬ତମ ସିଡ ଖେଳାଳି ଡେଭିଡ ଗଫିନ୍‌ଙ୍କୁ ଭେଟିବେ। ଗଫିନ ଅନ୍ୟ ଏକ ସେମିଫାଇନାଲ ମ୍ୟାଚ୍‌ରେ ଫ୍ରାନ୍ସର ରିଚାର୍ଡ ଗାସ୍‌କ୍ୱେଟଙ୍କୁ ୬–୩, ୬–୩ ସେଟରେ ପରାସ୍ତ କରି ଫାଇନାଲକୁ ଉଠିଛନ୍ତି।



“ଦ୍ୱିତୀୟ ଆଶେସ ଟେଷ୍ଟରେ ଷ୍ଟିଭ ସ୍ମିଥ୍‌ଙ୍କ ବେକରେ ବଲ୍ ବାଜିବା ଘଟଣା ପରେ ଭବିଷ୍ୟତରେ ନେକ୍‌ଗାର୍ଡ ବ୍ୟବହାର ବାଧ୍ୟତାମୂଳକ ସମ୍ଭାବନାକୁ ଏଡାଇ ଦିଆଯାଇ ନ ପାରେ।–ଜଷ୍ଟିନ ଲାଙ୍ଗର, ଅଷ୍ଟ୍ରେଲିଆ କୋଚ



“ନିକ୍ କିର୍ଗିଓସ୍ ସିନ୍‌ସିନାଟି ଟେନିସ୍ ପ୍ରତିଯୋଗିତାରେ କାରେନ ଖାଚାନୋଭଙ୍କଠାରୁ ପରାସ୍ତ ହେବା ପରେ ଅମ୍ପାୟରଙ୍କୁ ଏଥିପାଇଁ ଦାୟୀ କରିବା ଟେନିସ ପାଇଁ ଶୁଭଙ୍କର ନୁହେଁ।–ଆଣ୍ଡି ମୁରେ, ବ୍ରିଟିଶ ଟେନିସ ଖେଳାଳି

## ସଂକ୍ଷେପରେ

### କୋଟଲାରେ ଶୀଘ୍ର ହେବ କୋହଲି ଷ୍ଟାଣ୍ଡ

ନୂଆଦିଲ୍ଲୀ,୧୮।୮(ପିଟି): ଭାରତୀୟ ଅଧିନାୟକ ବିରାଟ କୋହଲିଙ୍କ ଉଲ୍ଲେଖନୀୟ ସଫଳତା ପାଇଁ ଦିଲ୍ଲୀ ଡିଷ୍ଟ୍ରିକ୍ କ୍ରିକେଟ ଆସୋସିଏଶନ (ଡିସିସିଏ) ତାଙ୍କୁ ସମ୍ମାନିତ କରିବାକୁ ନିଷ୍ପତ୍ତି ନେଇଛି। ଫିରୋଜ ଶାହ କୋଟଲା ଷ୍ଟାଡିୟମ୍‌ରେ ଏକ ଷ୍ଟାଣ୍ଡ କୋହଲିଙ୍କ ନାମରେ ନାମିତ କରାଯିବ। ପୂର୍ବରୁ ଦିଲ୍ଲୀ ଖେଳାଳି ବିଶେନ ସିଂ ବେଦି ଓ ମହିନ୍ଦର ଅମରନାଥଙ୍କ ନାମରେ ଦୁଇଟି ଷ୍ଟାଣ୍ଡ ରହିଛି। କିନ୍ତୁ ଏହି ସମ୍ମାନ ସେମାନଙ୍କୁ ଅବସର ପରେ ମିଳିଥିଲା। ବିଶ୍ୱ କ୍ରିକେଟରେ କୋହଲିଙ୍କ ଅନେକ ଯୋଗଦାନ ରହିଛି। ଏହା ଡିଡିସିଏକୁ ଗର୍ବିତ କରିଛି। ଏଣୁ ଆମେ ତାଙ୍କୁ ସମ୍ମାନିତ କରିବୁ ବୋଲି ଡିଡିସିଏ ସଭାପତି ରଜତ ଶର୍ମା କହିଛନ୍ତି। ଦିଲ୍ଲୀ ଷ୍ଟାଡିୟମରେ ବୀରେନ୍ଦ୍ର ସେହ୍ୱାଗ ଓ ପୂର୍ବତନ ମହିଳା କ୍ରିକେଟର ଅଞ୍ଜୁମ ଚୋପ୍ରାଙ୍କ ନାମରେ ଗେଟ୍ ରହିଛି। ଏହା ବ୍ୟତୀତ ରାଜ୍ୟ କ୍ରିକେଟ ବୋର୍ଡ ଭାରତୀୟ ଦଳର ସଦସ୍ୟଙ୍କୁ ସେପ୍ଟେମ୍ବର ୧୨ ତାରିଖରେ ଜୱାହର ଲାଲ ନେହେରୁ ଷ୍ଟାଡିୟମଠାରେ ସମ୍ମାନିତ କରିବ। ‘ବିରାଟ କୋହଲି ଷ୍ଟାଣ୍ଡ’ ଦ୍ୱାରା ବହୁ ଯୁବ ଖେଳାଳି ଅନୁପ୍ରାଣିତ ହେବେ। ସେ କେବଳ ଏକମାତ୍ର ଦିଲ୍ଲୀ ଖେଳାଳି ଭାବେ ଖେଳୁ ନାହାନ୍ତି। ଦଳରେ ଓପନର ଶିଖର ଧାୱନ, ଉଇକେଟକିପର ବ୍ୟାଟ୍ସମ୍ୟାନ ରିଷଭ ପନ୍ତ ଓ ପେସର ଈଶାନ୍ତ ଶର୍ମା ମଧ୍ୟ ଖେଳୁଛନ୍ତି ବୋଲି ଡିଡିସିଏ ପକ୍ଷରୁ ସଭାପତି ଶର୍ମା ଖୁସି ପ୍ରକଟ କରିଛନ୍ତି।

### ଭାରତୀୟ ବଂଶୋଦ୍ଭବ ଯୋଗୁ ଶାକାହାରୀ ହେଲା ଇଂଲଣ୍ଡ କ୍ରିକେଟ କ୍ଲବ

ଲଣ୍ଡନ,୧୮।୮(ପିଟି): ଦକ୍ଷିଣ-ପୂର୍ବ ଇଂଲଣ୍ଡର ଏକ କ୍ରିକେଟ କ୍ଲବର ସମସ୍ତ ଖେଳାଳିଙ୍କୁ ଏବେ କେବଳ ଶାକାହାରୀ ଖାଦ୍ୟ ପରିବେଷଣ କରାଯାଉଛି। ବହୁ ଭାରତୀୟ ବଂଶୋଦ୍ଭବ ଖେଳାଳି ଆମିଷ ଖାଦ୍ୟ ନାପସନ୍ଦ କରିବାରୁ କ୍ଲବ ପକ୍ଷରୁ ଖାଦ୍ୟ ତାଲିକା(ମେନ୍ୟୁ)ରେ କେବଳ ନିରାମିଷ ଖାଦ୍ୟକୁ ସ୍ଥାନ ଦିଆଯାଇଛି। ବର୍କଶାୟର ଲିଗ୍ ଓ ପ୍ରାୟତଃ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ଖେଳୁଥିବା ଇୟର୍ଲି କ୍ରିକେଟ କ୍ଲବ ମ୍ୟାଚ୍ ମଧ୍ୟାନ୍ତର ତଥା ଚା’ପାନ ବିରତିରେ ବିଭିନ୍ନ ନିରମିଷ ତରକାରି ଦିଆଯାଉଛି। ଏହା ଦ୍ୱାରା ଦଳୀୟ ପରିବେଶ ପଜିଟିଭ ରହୁଥିବା ଦଳ ପାଇଁ ୧୦ ବର୍ଷ ହେଲା ଖେଳୁଥିବା ପୁଣେରେ ଜନ୍ମିତ ଅଲରାଉଣ୍ଡର ପ୍ରସାଦ ମେନନ କହିଛନ୍ତି। କ୍ଲବ ଚେୟାରମ୍ୟାନ ଗାରି ଶାକଲେଡି ମଧ ଜଣେ ଶାକାହାରୀ। ଦଳରେ ବହୁ ହିନ୍ଦୁ ଓ ମୁସଲିମ ଧର୍ମର ଖେଳାଳି ଖେଳୁଛନ୍ତି। ଏମାନେ ଧାର୍ମିକ କାରଣରୁ ଆମିଷ ଖାଦ୍ୟ ଖାଆନ୍ତି ନାହିଁ। ମୁଁ ଜଣେ ଶାକାହାରୀ ହୋଇଥିବାରୁ ଖେଳାଳିଙ୍କ ଅସୁବିଧା ବୁଝି ପାରିଥିଲି। ଏଣୁ ସମସ୍ତ ପ୍ରକାର ଆମିଷ ଖାଦ୍ୟକୁ ମେନ୍ୟୁରୁ ବାଦ୍ ଦିଆଯାଇଥିବା ଚେୟାରମ୍ୟାନ ଶାକଲେଡି କହିଛନ୍ତି।

# କୋଥାଜିତ୍ ଖେଳିଲେ ୨୦୦ତମ ମ୍ୟାଚ୍

**ନୂଆଦିଲ୍ଲୀ, ୧୮।୮**

ଜାପାନର ଟୋକିଓଠାରେ ଚାଲିଥିବା ଅଲିମ୍ପିକ୍ ଟେଷ୍ଟ ଇଭେଣ୍ଟ ହକି ଟୁର୍ନାମେଣ୍ଟରେ ରବିବାର କ୍ୟାରିୟରର ୨୦୦ତମ ଅନ୍ତର୍ଜାତୀୟ ମ୍ୟାଚ୍ ମାଇଲଖୁଣ୍ଟ ସ୍ପର୍ଶ କରିଛନ୍ତି ଭାରତର କୋଥାଜିତ୍ ସିଂ ଖାଡାଙ୍ଗବାମ୍। ୨୦୧୨ ମସିହାରୁ ଭାରତୀୟ ସିନିୟର ଦଳରୁ ଖେଳିଆସୁଥିବା ଏହି ମଣିପୁରୀ ଡିଫେଣ୍ଡର ଗତ ଶନିବାର ୨୭ ବର୍ଷରେ ପଦାର୍ପଣ କରିଛନ୍ତି। ସେ ୨୦୧୪ ଗ୍ଲାସ୍‌ଗୋ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ରୌପ୍ୟ ଏବଂ ୨୦୧୪ ଇଞ୍ଚିଅନ ଏସିଆନ ଗେମ୍ସରେ ସ୍ୱର୍ଣ୍ଣ ପଦକ ବିଜୟୀ ଭାରତୀୟ ଦଳର ସଦସ୍ୟ ଥିଲେ। କୋଥାଜିତ୍‌ଙ୍କ ଚିତ୍ତାକର୍ଷକ ଗୋଲ ଯୋଗୁ ଫାଇନାଲ ବରାବର ସ୍ଥିତିରେ ଶେଷ ହୋଇଥିଲା ଏବଂ ଫଳାଫଳ ପେନାଲ୍ଟି ଶୁଟ୍‌ଆଉଟରୁ ନିର୍ଣ୍ଣିତ ହୋଇଥିଲା। ଏହା ବ୍ୟତୀତ ସେ ୨୦୧୬ ରିଓ ଅଲିମ୍ପିକ୍ସ, ୨୦୧୮ ହକି ବିଶ୍ୱକପ୍‌ରେ ମଧ୍ୟ ଭାରତୀୟ ଦଳର ସଦସ୍ୟ ଥିଲେ। “ମୁଁ ଗତ ୭ ବର୍ଷ ଧରି ଜାତୀୟ ଦଳର ସଦସ୍ୟ ରହି ଆସିଥିବାରୁ ଗର୍ବିତ। ଦୀର୍ଘପଥ ଅତିକ୍ରମ କରି ଆସିବା ମଧ୍ୟରେ ମୋର ଅନେକ ସ୍ମରଣୀୟ ଅନୁଭୂତି ମଧ୍ୟ ରହିଛି। ଦେଶ ପାଇଁ ୨୦୦ତମ ମ୍ୟାଚ୍ ଖେଳିବା ଅବସରରେ ପିନ୍ଧିଥିବା ଜର୍ସିର ଅନେକ ମହତ୍ତ୍ୱ ରହିଛି। ଦୀର୍ଘପଥ ଯାତ୍ରା ମଧ୍ୟରେ ଡ୍ରେସିଂ ରୁମ୍‌ରେ ଅନେକ ନୂଆ ସାଥୀଙ୍କୁ ପାଇଛି। ମୋତେ ସମର୍ଥନ କରିଆସିଥିବାରୁ ମୋର ଦଳୀୟ ସାଥୀ ଏବଂ ସପୋର୍ଟ ଷ୍ଟାଫ୍‌ଙ୍କୁ ମୁଁ ଧନ୍ୟବାଦ ଜଣାଉଛି। ୨୦୨୦ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ପର୍ଯ୍ୟାୟ ଟୁର୍ନାମେଣ୍ଟ ଆସୁଥିବାରୁ ଭାରତୀୟ ଦଳ ପାଇଁ ଏହା ଏକ କଠିନ ସମୟ” ବୋଲି କୋଥାଜିତ୍ ପ୍ରକାଶ କରିଛନ୍ତି। ମ୍ୟାଚ୍ ପୂର୍ବରୁ କୋଚ୍ ଗ୍ରାହାମ ରିଡ୍ କୋଥାଜିତ୍‌ଙ୍କୁ ୨୦୦ ନମ୍ବର ଲେଖାଥିବା ଜର୍ସି ପ୍ରଦାନ କରିଥିଲେ। ହକି ଇଣ୍ଡିଆ ପକ୍ଷରୁ ସଭାପତି ମହମ୍ମଦ ମୁସ୍ତାକ ଅହମ୍ମଦ କୋଥାଜିତ୍‌ଙ୍କୁ ଅଭିନନ୍ଦନ ଜଣାଇଥିଲେ।



କୋଚ୍ ଗ୍ରାହାମ ରିଡ୍‌ଙ୍କଠାରୁ ଜର୍ସି ଗ୍ରହଣ କରୁଛନ୍ତି କୋଥାଜିତ୍ ସିଂ ।

### ନ୍ୟୁଜିଲାଣ୍ଡଠାରୁ ହାରିଲା ଭାରତ

ଟୁର୍ନାମେଣ୍ଟର ପ୍ରଥମ ମ୍ୟାଚ୍‌ରେ ମାଲେସିଆକୁ ୬-୦ ଗୋଲ୍‌ରେ ହରାଇଥିବା ଭାରତ କିନ୍ତୁ ରବିବାର ଦ୍ୱିତୀୟ ମ୍ୟାଚ୍‌ରେ ୧-୨ ଗୋଲ୍‌ରେ ନ୍ୟୁଜିଲାଣ୍ଡଠାରୁ ହାରିଯାଇଛି। ମ୍ୟାଚ୍‌ର ୨ୟ ମିନିଟ୍‌ରେ ଅଧିନାୟକ ତଥା ଡ୍ରାଗ୍ ଫ୍ଲିକର ହରମନପ୍ରୀତ ସିଂ ପେନାଲ୍ଟି କର୍ନରରୁ ଗୋଲ ଦେଇ ଭାରତକୁ ଅଗ୍ରଣୀ କରାଇଥିଲେ। ପ୍ରଥମ କ୍ୱାର୍ଟରର ଅବଶିଷ୍ଟାଂଶ ଏବଂ ଦ୍ୱିତୀୟ କ୍ୱାର୍ଟରରେ ଗୋଲ ନ ହେବାରୁ ପ୍ରଥମାର୍ଦ୍ଧ ଶେଷସୁଦ୍ଧା ଭାରତର ଅଗ୍ରଣୀ ୧-୦ରେ ବଳବତ୍ତର ରହିଥିଲା। ତୃତୀୟ କ୍ୱାର୍ଟରରେ ମଧ୍ୟ କଡ଼ା ଟକ୍କର ହୋଇଥିଲା। ତେବେ ଶେଷ କ୍ୱାର୍ଟରରେ ଅର୍ଥାତ୍ ଜ୍ୟାକବ ସ୍ମିଥ୍ ଓ ସାମ୍ ଲେନ୍ ଯଥାକ୍ରମେ ମ୍ୟାଚ୍‌ର ୪୭ ଓ ୬୦ତମ ମିନିଟ୍‌ରେ ଗୋଟିଏ ଲେଖାଏ ଗୋଲ ଦେଇ ନ୍ୟୁଜିଲାଣ୍ଡକୁ ବିଜୟୀ କରାଇଥିଲେ। ସମ୍ପ୍ରତି ବିଶ୍ୱ ର୍‍ୟାଙ୍କିଙ୍ଗ୍‌ର ୫ ନମ୍ବରରେ ଥିବା ଭାରତ ଆରମ୍ଭରୁ ଆକ୍ରମଣାତ୍ମକ ଖେଳି ଫାଇଦାରେ ରହିଥିଲେ ହେଁ ୮ ନମ୍ବର ଦଳ ନ୍ୟୁଜିଲାଣ୍ଡ ଶେଷଭାଗରେ ସଫଳ ପ୍ରତ୍ୟାବର୍ତ୍ତନ କରି ବିଜୟ ହାସଲ କରିଥିଲା। ମଧ୍ୟଭାଗରେ ଭାରତ ଅନେକ ସୁଯୋଗ ପାଇଥିଲେ ହେଁ ତାହାର ସଦୁପଯୋଗ କରିପାରି ନ ଥିଲା। ଦ୍ୱିତୀୟ ମ୍ୟାଚ୍ ହାରିବା ଦ୍ୱାରା ଭାରତ ପଏଣ୍ଟ ଟେବୁଲର ଦ୍ୱିତୀୟ ସ୍ଥାନକୁ ଖସିଛି। ୨୦ ତାରିଖରେ ଦଳ ଶେଷ ମ୍ୟାଚ୍ ଆୟୋଜକ ଜାପାନ ବିପକ୍ଷରେ ଖେଳିବ।

## ଅଷ୍ଟ୍ରେଲିଆ ସହ ମ୍ୟାଚ୍ ଡ୍ର ରଖିଲେ ଭାରତୀୟ ମହିଳା

**ଟୋକିଓ,୧୮।୮(ପି.ଟି.)**

ଏଠାରେ ଆରମ୍ଭ ହୋଇଥିବା ଅଲିମ୍ପିକ୍ ହକି ଟେଷ୍ଟ ଇଭେଣ୍ଟର ଏକ ରାଉଣ୍ଡ- ରବିନ ଲିଗ୍ ମ୍ୟାଚ୍‌ରେ ଭାରତୀୟ ମହିଳା ଦଳ ଦମ୍‌ଦାର ଖେଳ ପ୍ରଦର୍ଶନ କରି ଶକ୍ତିଶାଳୀ ଅଷ୍ଟ୍ରେଲିଆ ବିପକ୍ଷରେ ୨-୨ ଗୋଲରେ ମ୍ୟାଚ୍ ଡ୍ର’ ରଖିଛି। ରବିବାର ଅନୁଷ୍ଠିତ ଏହି ମ୍ୟାଚ୍‌ରେ ଭାରତ ପଛରେ ଥିଲେ ମଧ୍ୟ ପ୍ରତ୍ୟାବର୍ତ୍ତନ କରି ଦୁଇଟି ଗୋଲ ଦେଇ ମ୍ୟାଚ୍ ଡ୍ର ରଖିବାକୁ ସକ୍ଷମ ହୋଇଛି। ଏହା ପୂର୍ବରୁ ପ୍ରଥମ ମ୍ୟାଚ୍‌ରେ ଭାରତ ଶନିବାର ଆୟୋଜକ ଜାପାନକୁ ୨-୧ ଗୋଲରେ ପରାସ୍ତ କରିଥିଲା। ମ୍ୟାଚ୍‌ର ୧୪ତମ ମିନିଟ୍‌ରେ ଅଷ୍ଟ୍ରେଲିଆ ତରଫରୁ କେଟଲିନ୍ ନୋବ୍ସ ପ୍ରଥମ ଗୋଲ ଦେଇଥିଲେ। ଏହାପରେ ଭାରତୀୟ ଖେଳାଳିମାନେ ପ୍ରତ୍ୟାବର୍ତ୍ତନ କରିଥିଲେ। ଭାରତ ପକ୍ଷରୁ ବନ୍ଦନା କାଟାରିୟା ୩୬ତମ ମିନିଟ୍‌ରେ ଗୋଲ ଦେଇ ମ୍ୟାଚ୍‌କୁ ସମାନ ସ୍ଥିତିକୁ ଆଣିଥିଲେ। ଗ୍ରେସ ଷ୍ଟିୱାର୍ଟ ୪୩ତମ ମିନିଟ୍‌ରେ ଅଷ୍ଟ୍ରେଲିଆ ତରଫରୁ ଦ୍ୱିତୀୟ ଗୋଲ ସ୍କୋର କରିଥିଲେ ଓ ଅଷ୍ଟ୍ରେଲିଆକୁ ୨-୧ରେ ଅଗ୍ରଣୀ କରାଇଥିଲେ। ତେବେ ୫୯ତମ ମିନିଟ୍‌ରେ ଗୁରଜିତ କୌର ଗୋଲ ଦେଇ ମ୍ୟାଚ୍‌କୁ ୨-୨ ଗୋଲ ସମାନ ସ୍ତରକୁ ଆଣିଥିଲେ। ବିଶ୍ୱ ର୍‍ୟାଙ୍କିଙ୍ଗ୍‌ର ଦଶମ ସ୍ଥାନରେ ଥିବା ଭାରତ ତା’ର ତୃତୀୟ ତଥା ଶେଷ ରାଉଣ୍ଡ- ରବିନ ମ୍ୟାଚ୍‌ରେ ଚାଇନାକୁ ମଙ୍ଗଳବାର ଭେଟିବ।

**ଅଲିମ୍ପିକ ହକି ଟେଷ୍ଟ ଇଭେଣ୍ଟ**


ଭାରତ ଓ ଅଷ୍ଟ୍ରେଲିଆ ମହିଳା ଦଳ ମଧ୍ୟରେ ଅନୁଷ୍ଠିତ ମ୍ୟାଚ ।

## ହିମାଙ୍କ ସ୍ୱର୍ଣ୍ଣ ଧାରା ଜାରି

**ନୂଆଦିଲ୍ଲୀ, ୧୮।୮ (ପି.ଟି.)**

ଚେକ୍ ରିପବ୍ଲିକରେ ଅନୁଷ୍ଠିତ ଆଥ୍‌ଲେଟିକି ମିଟିଙ୍କ ରିଟର୍ ଇଭେଣ୍ଟରେ ଶ୍ରେଷ୍ଠ ଭାରତୀୟ ସ୍ପ୍ରିଣ୍ଟର ହିମା ଦାସ ଓ ମହମ୍ମଦ ଆନସ ଯଥାକ୍ରମେ ୩୦୦ ମିଟର ମହିଳା ଓ ପୁରୁଷ ବିଭାଗରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଜୁଲାଇ ୨ ପରଠାରୁ ୟୁରୋପିଆନ୍ ରେସ୍‌ରେ ହିମାଙ୍କ ଏହା ୬ଷ୍ଠ ସ୍ୱର୍ଣ୍ଣ ପଦକ ଥିଲା। ଶେଷଥର




ପାଇଁ ଆସାମର ଏହି ମହିଳା ଧାବିକା ଜୁଲାଇ ୨୦ରେ ଚେକ୍ ରିପବ୍ଲିକର ନୋଭେ ମେଷ୍ଟୋଠାରେ ଅନୁଷ୍ଠିତ ଇଭେଣ୍ଟର ୪୦୦ ମିଟର ରେସ୍‌ରେ ପୋଡିୟମ ଶୀର୍ଷ ସ୍ଥାନ ହାସଲ କରି ସ୍ୱର୍ଣ୍ଣ ପଦକ ଜିତିଥିଲେ। ଅପରପକ୍ଷରେ ପୁରୁଷ ୩୦୦ ମିଟର୍ ରେସ୍‌କୁ ୩୨.୪୧ ସେକେଣ୍ଡରେ ଶେଷ କରି ଆନସ ପ୍ରଥମ ସ୍ଥାନ ହାସଲ କରିଥିଲେ। ଏହି ଖୁସି ଖବରକୁ ଆନସ ଟୁଇଟ୍ ଜରିଆରେ ଉଲ୍ଲେଖ କରିଛନ୍ତି। ଜାତୀୟ ରେକର୍ଡର ଅଧିକାରୀ ଆନସ୍ ପୂର୍ବରୁ ଦୋହାରେ ହେବାକୁ ଥିବା ବିଶ୍ୱ ଚାମ୍ପିୟନଶିପ୍ ଇଭେଣ୍ଟକୁ ଯୋଗ୍ୟତା ଅର୍ଜନ କରିସାରିଛନ୍ତି। ଆସନ୍ତା ସେପ୍ଟେମ୍ବର-ଅକ୍ଟୋବରରେ ଏହି ସମ୍ମାନଜନକ ପ୍ରତିଯୋଗିତା ଅନୁଷ୍ଠିତ ହେବ। ତେବେ ହିମା ଦାସ ବର୍ତ୍ତମାନ ସୁଦ୍ଧା ଏହି ପ୍ରତିଯୋଗିତାକୁ ଯୋଗ୍ୟତା ହାସଲ କରିବାରେ ସମର୍ଥ ହୋଇପାରି ନାହାନ୍ତି।

## ବୋଲ୍ଟଙ୍କ ରେକର୍ଡ ଭାଙ୍ଗିବେ ଭାରତୀୟ ଧାବକ

**ଭୋପାଳ,୧୮।୮(ପିଟି)**

ଗତ ସପ୍ତାହରେ ଏଠାକାର ୧୯ ବର୍ଷୀୟ ଧାବକ ରାମେଶ୍ୱର ଗୁର୍‌ଜାରଙ୍କ ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା, ଯେଉଁଥିରେ ସେ ୧୦୦ ମିଟର ଦୌଡ଼କୁ ୧୧ ସେକେଣ୍ଡରେ ଶେଷ କରିଥିଲେ। ସେ ଏବେ ବିଶ୍ୱର ଦ୍ରୁତତମ ଧାବକ ଉସେନ ବୋଲ୍ଟଙ୍କ ରେକର୍ଡ ଭାଙ୍ଗିବା ପାଇଁ ଲକ୍ଷ୍ୟ ରଖିଛନ୍ତି। ଅନ୍ତର୍ଜାତୀୟ ଧାବକଙ୍କ ଭଳି ଟ୍ରେନିଂ ମିଳିଲେ, ସେ ନିଶ୍ଚିତ ବୋଲ୍ଟଙ୍କ ରେକର୍ଡ ଭାଙ୍ଗିପାରିବେ ବୋଲି କୃଷକ ପରିବାରରୁ ଆସିଥିବା ରାମେଶ୍ୱର ଏକ ଭିଡିଓରେ କହିଛନ୍ତି। ମଧ୍ୟପ୍ରଦେଶର ଶିବପୁରି ଜିଲାର ନରୱାର ଗ୍ରାମରେ ତାଙ୍କ ପରିବାର ବାସ କରନ୍ତି। ଏହି ଭିଡିଓ ଦେଖିବା ପରେ ତାଙ୍କୁ ରାଜ୍ୟର କ୍ରୀଡ଼ାମନ୍ତ୍ରୀ ଜିତୁ ପଟୱାରୀ ଭୋପାଳ ଆମନ୍ତ୍ରଣ କରିଥିଲେ। ସେ ଶନିବାର ରାଜ୍ୟର ରାଜଧାନୀରେ ପହଞ୍ଚି ମନ୍ତ୍ରୀଙ୍କୁ ଭେଟିଛନ୍ତି। ୨୦୦୯ରେ ବୋଲ୍ଟ ୧୦୦ ମି. ଦୌଡ଼ରେ ୯.୫୮ ସେ. ଟାଇମିଂ ହାସଲ କରି ବିଶ୍ୱ ରେକର୍ଡ ନିଜ ନାମରେ କରିଥିଲେ। ସମସ୍ତ ପ୍ରକାର ସୁବିଧା ଓ ଟ୍ରେନିଂ ପାଇବା ପରେ ମୁଁ ଏହି ରେକର୍ଡ ଭଙ୍ଗ କରିବା ଲାଗି ବେଶ୍ ଆଶାବାଦୀ। ମୁଁ ଗତ ୬ ମାସ ହେଲା ଅଭ୍ୟାସ କରୁଛି। ଆରମ୍ଭରୁ ମୋ ଟାଇମିଂ ୧୨ ସେକେଣ୍ଡ ଥିଲା। କିନ୍ତୁ ଅଭ୍ୟାସ ପରେ ମୁଁ ଏହାକୁ ୧୧କୁ ଆଣିପାରିଛି ବୋଲି ସେ କହିଛନ୍ତି। ଭଲ ଖାଦ୍ୟ ମିଳୁ ନ ଥିବାରୁ ଶାରୀରିକ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଥିବା ସେ ପ୍ରକାଶ କରିଛନ୍ତି। କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ କିରନ ରିଜ୍ଜୁ ଗୁରଜାରଙ୍କୁ ସମସ୍ତ ପ୍ରକାର ସାହାଯ୍ୟ କରିବା ପାଇଁ ଆଶ୍ୱାସନା ଦେଇଛନ୍ତି। ଭାଜପା ନେତା ଶିବରାଜ ସିଂ ଚୌହାନ ଟୁଇଟରରେ ରାମେଶ୍ୱରଙ୍କ ଦୌଡ଼ ଦୃଶ୍ୟର ଭିଡିଓ ଶେୟାର କରିଛନ୍ତି। ଗୁର୍‌ଜାର ଦଶମ ପର୍ଯ୍ୟନ୍ତ ପଢ଼ିଛନ୍ତି।

## ରାଜ୍ୟ ସ୍କୁଲ ଓପନ୍ ଚେସ୍ ୨୫ରେ

**ଭୁବନେଶ୍ୱର, ୧୮।୮(କ୍ରୀଡ଼ା ପ୍ରତିନିଧି)**

ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ (ଓଏସ୍‌ସିଏ) ଆନୁକୂଲ୍ୟରେ ୨ୟ ରାଧାରମଣ ପାଣିଗ୍ରାହୀ ମେମୋରିଆଲ ରାଜ୍ୟ ସ୍କୁଲ ଓପନ୍ ଚେସ୍ ଆସନ୍ତା ୨୫ ତାରିଖରେ ଅନୁଷ୍ଠିତ ହେବ। ପ୍ରତିଯୋଗିତା ପାଇଁ ୩୮ଟି ପୁରସ୍କାର ରଖାଯାଇଛି। ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ସ୍କୁଲ ପିଲାମାନେ ଏଥିରେ ଭାଗ ନେଇପାରିବେ। ପ୍ରଦର୍ଶନ ଆଧାରରେ ଶ୍ରେଷ୍ଠ ୧୫ ଜଣଙ୍କୁ ପୁରସ୍କୃତ କରାଯିବ ଏବଂ ୭, ୯, ୧୧, ୧୩ ଓ ବାଳିକା ବର୍ଗରେ ଶ୍ରେଷ୍ଠ ୩ ଜଣ ଲେଖାଏ ପ୍ରତିଯୋଗୀଙ୍କୁ ଟ୍ରଫି ଦିଆଯାଇ ସମ୍ମାନିତ କରାଯିବ। ଭାଗନେବାକୁ ଆଗ୍ରହୀ ଥିବା ପ୍ରତିଯୋଗୀମାନେ ଗେମ୍ସ ଡାଇରେକ୍ଟର ଦେବାଶିଷ ପାଣିଗ୍ରାହୀଙ୍କ ନିକଟରେ ୨୩ ତାରିଖ ସୁଦ୍ଧା ୨୮୦ ଟଙ୍କାର ଏଣ୍ଟ୍ରି ଫି ଦାଖଲ କରିବାକୁ କୁହାଯାଇଛି। ୭ ରାଉଣ୍ଡବିଶିଷ୍ଟ ଟୁର୍ନାମେଣ୍ଟରେ ଗତବର୍ଷ ଯଶସ୍ୱିନୀ ଷଡ଼ଙ୍ଗୀ ଚାମ୍ପିୟନ ଓ ଶାଶ୍ୱତ ସାହୁ ରନର୍ସଅପ୍ ହୋଇଥିଲେ।

### ଓସ୍‌ଜା ପକ୍ଷରୁ ଅଶୋକ ପଟ୍ଟନାୟକଙ୍କୁ ଶ୍ରଦ୍ଧାଞ୍ଜଳି

# ଆଇରନ୍ ମ୍ୟାନ୍ ସୌଭାଗ୍ୟ ସମ୍ମାନିତ

**ଭୁବନେଶ୍ୱର, ୧୮।୮ (କ୍ରୀଡ଼ା ପ୍ରତିନିଧି)**

ବରିଷ୍ଠ କ୍ରୀଡ଼ା ଖବରଦାତା ସ୍ୱର୍ଗତ ଅଶୋକ ପଟ୍ଟନାୟକଙ୍କ ଶ୍ରାଦ୍ଧଉତ୍ସବ ଅବସରରେ ରବିବାର ଓଡ଼ିଶା କ୍ରୀଡ଼ା ଖବରଦାତା ସଂଘ(ଓସ୍‌ଜା) ପକ୍ଷରୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ଏହି ଅବସରରେ ଆଇରନ୍ ମ୍ୟାନ୍ ଟାଇଟଲ ହାସଲ କରିଥିବା ଓସ୍‌ଜାର ଅନ୍ୟତମ ସଦସ୍ୟ ସୌଭାଗ୍ୟ କୁମାର ରଥଙ୍କୁ ସମ୍ମାନିତ କରାଯାଇଛି। ସ୍ଥାନୀୟ ସହିଦ ସ୍ପୋର୍ଟିଂ କ୍ଲବ୍‌ସ୍ଥିତ ଦେବାଶିଷ ମହାନ୍ତି ପ୍ରେସ୍ ବକ୍ସରେ ଓସ୍‌ଜାର ସଭାପତି ସନ୍ଦୀପ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସ୍ୱର୍ଗତ ଅଶୋକ ପଟ୍ଟନାୟକ, ରଣଜିତ ଗୁରୁ ଏବଂ ସିଦ୍ଧାନ୍ତ ପଟ୍ଟନାୟକଙ୍କ ଉଦ୍ଦେଶ୍ୟରେ ପ୍ରଥମେ ନୀରବ ପ୍ରାର୍ଥନା କରାଯାଇଥିଲା। ବରିଷ୍ଠ କ୍ରୀଡ଼ା ଖବରଦାତା ତଥା ଅଶୋକ ପଟ୍ଟନାୟକଙ୍କ ସହଯୋଗୀ ରହିଥିବା ସନାତନ ପାଣି କ୍ରୀଡ଼ା ସାମ୍ବାଦିକତା ସହ ମଣିଷ ଭାବରେ ଅଶୋକଙ୍କ ନିଆରା ଗୁଣ ମନେପକାଇଥିଲେ। ଓଡ଼ିଶା କ୍ରୀଡ଼ା ଖବରଦାତା ସଂଘ ଗଠନରେ ଅଶୋକଙ୍କ ଯୋଗଦାନ ବିଷୟ ମଧ୍ୟ ଆଲୋଚନା ହୋଇଥିଲା। ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବରିଷ୍ଠ କ୍ରୀଡ଼ା ପ୍ରଶାସକ ଅଶୋକ ମହାନ୍ତି ସ୍ମୃତିଚାରଣ ସହ ଓଡ଼ିଶା ଓ ଧ୍ୟାନଚାନ୍ଦଙ୍କ ସମ୍ପର୍କରେ ନିଜ ଅନୁଭୂତି ପ୍ରକାଶ କରିଥିଲେ। ସେ କିପରି କଟକରେ ଧ୍ୟାନଚାନ୍ଦଙ୍କ ସହ ସମୟ କାଟିବାର ସୁଯୋଗ ହାସଲ କରିଥିଲେ ତାହା କହିଥିଲେ। ଏଥିସହ ରାଜ୍ୟ ସରକାରଙ୍କ ପୁରସ୍କାର ପ୍ରଦାନ ଧାରାରେ ଏଥର କୌଣସି କ୍ରୀଡ଼ା ଖବରଦାତା କିମ୍ବା କୋଚ୍ ମନୋନୀତ ହୋଇ ନ ଥିବା ଖବର ଉପରେ ଆଶ୍ଚର୍ଯ୍ୟପ୍ରକଟ କରିଥିଲେ। ଓସ୍‌ଜା ସମ୍ପାଦକ ସମ୍ବିତ୍ ମହାପାତ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ସ୍ମୃତିସଭାରେ କାର୍ଯ୍ୟନିର୍ବାହୀ ସଭାପତି କେ. ରବିଙ୍କ ସହ ସଦସ୍ୟମାନଙ୍କ ବ୍ୟତୀତ ସହିଦ ସ୍ପୋର୍ଟିଂର ସମ୍ପାଦକ ପଙ୍କଜ ପଟ୍ଟନାୟକ ଏବଂ ବହୁ ଖେଳପ୍ରେମୀ ଉପସ୍ଥିତ ଥିଲେ।



ଅଶୋକ ପଟ୍ଟନାୟକଙ୍କୁ ଶ୍ରଦ୍ଧାଞ୍ଜଳି ଅବସରରେ ଉପସ୍ଥିତ କ୍ରୀଡ଼ା ପ୍ରେମୀ ଏବଂ ଓସ୍‌ଜା ପରିବାରର ସଦସ୍ୟବୃନ୍ଦ।

## ସ୍ପୋର୍ଟ୍ସ କ୍ଲାଇମ୍ବିଂ ପ୍ରତି ଯୁବପିଢ଼ିଙ୍କ ଆକର୍ଷଣ ବଢ଼ୁଛି

**ଭୁବନେଶ୍ୱର, ୧୮।୮(କ୍ରୀଡ଼ା ପ୍ରତିନିଧି)**

କଳିଙ୍ଗ ଷ୍ଟାଡିୟମ ପରିସରରେ ଥିବା ସ୍ପୋର୍ଟ୍ସ କ୍ଲାଇମ୍ବିଂ ହାଇପରଫର୍ମାନ୍ସ ସେଣ୍ଟର (ଏଚ୍‌ପିସି)ରେ ଗତ ଜୁଲାଇ ୨୬ରୁ ଚାଲିଥିବା ଟ୍ରେନିଂ ପ୍ରତି ଯୁବପିଢ଼ି ଆକୃଷ୍ଟ ହେଉଥିବା ପରିଲକ୍ଷିତ ହୋଇଛି। କମ୍ ଦିନ ମଧ୍ୟରେ ୩ ଡଜନରୁ ଅଧିକ ବାଳିକା ବାଳକ ଦୈନିକ ଟ୍ରେନିଂ ନେବାକୁ ନାମ ପଞ୍ଜୀକରଣ କରିଛନ୍ତି। ଏମାନଙ୍କ ମଧ୍ୟରେ ସୈନିକ ସ୍କୁଲ ଓ କିସ୍ ସ୍କୁଲର ଛାତ୍ରୀଛାତ୍ର ଅଧିକ ଅଛନ୍ତି। ଦେଶର ଅନ୍ୟତମ ଶ୍ରେଷ୍ଠ କ୍ଲାଇମ୍ବିଂ ସୁବିଧା ଓଡ଼ିଶାରେ ଉପଲବ୍ଧ। ଇଣ୍ଡିଆନ ମାଉଣ୍ଟେନରିଂ ଫାଉଣ୍ଡେଶନ(ଆଇଏମ୍‌ଏଫ୍) ପକ୍ଷରୁ ବାଳିକା ବାଳକମାନଙ୍କ ପାଇଁ ସୁରକ୍ଷାଜନିତ ସମସ୍ତ ପ୍ରକାର ସାବଧାନତା ଅବଲମ୍ବନ କରାଯାଉଛି। ଏମାନଙ୍କ ମଧ୍ୟରେ କେତେଜଣ ଭଲ କ୍ଲାଇମ୍ବର ଏବଂ କୋଚ୍ ଅଛନ୍ତି। ସେମାନେ ପିଲାମାନଙ୍କୁ ଉତ୍ତମ ପ୍ରଶିକ୍ଷଣ ଦେଇ ଆଗାମୀ ଦିନ ପାଇଁ ପ୍ରସ୍ତୁତ କରୁଛନ୍ତି। ଆସନ୍ତା ଅକ୍ଟୋବର-ନଭେମ୍ବରରେ ଭାରତୀୟ ଦଳ ଏଠାରେ ଏସୀୟସ୍ତରୀୟ ପ୍ରତିଯୋଗିତା ପାଇଁ ଟ୍ରେନିଂ ନେବ। ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ସହଯୋଗକ୍ରମେ ଅନ୍ତର୍ଜାତୀୟସ୍ତରୀୟ କୋଚ୍ ଅଣାଯାଇ ଭାରତୀୟ ଦଳକୁ ଟ୍ରେନିଂ ଦିଆଯିବ ବୋଲି ଆଇଏମ୍‌ଏଫ୍‌ର ଜାତୀୟ ଅଧ୍ୟକ୍ଷ ବ୍ରିଗେଡିୟର ଏମ୍.ପି. ଯାଦବ ପ୍ରକାଶ କରିଛନ୍ତି। ସ୍ପୋର୍ଟ୍ସ କ୍ଲାଇମ୍ବିଂ ପ୍ରତି ରୁଚି ରଖୁଥିବା ଯୁବ କ୍ଲାଇମ୍ବରଙ୍କୁ ଏହା ନିଶ୍ଚିତଭାବେ ଉତ୍ସାହିତ କରିବ ବୋଲି ସେ କହିଛନ୍ତି। ସ୍ପୋର୍ଟ୍ସ କ୍ଲାଇମ୍ବିଂର ଭବିଷ୍ୟତ ଅତ୍ୟନ୍ତ ଉଜ୍ଜ୍ୱଳ, ଆଗାମୀ ଦିନରେ ଏହାର ଫଳାଫଳ ଜଣାପଡ଼ିବ। କେତେକ ଅଭିଭାବକ ସେମାନଙ୍କ ପିଲାଙ୍କୁ ସ୍ପୋର୍ଟ୍ସ କ୍ଲାଇମ୍ବିଂ ଶିଖାଇବାକୁ ଆଗ୍ରହ ପ୍ରକାଶ କରିଛନ୍ତି। ଏହା ଆମକୁ ଉତ୍ସାହିତ କରିଛି ବୋଲି ଯାଦବ କହିଛନ୍ତି। ସ୍ପୋର୍ଟ୍ସ କ୍ଲାଇମ୍ବିଂ ବିଶ୍ୱରେ ଅନ୍ୟତମ ଦ୍ରୁତ ଆଦୃତ କ୍ରୀଡ଼ାରେ ପରିଣତ ହୋଇଛି। ଏହା ଏବେ ଅଲିମ୍ପିକ୍ସ କ୍ରୀଡ଼ା ଭାବେ ପରିଚିତ। ୨୦୨୦ ଜାପାନ ଅଲିମ୍ପିକ୍ସରେ ଏହା ପ୍ରଥମ ପଦାର୍ପଣ କରିବ।



## ସଂକ୍ଷେପରେ

### ୫ ଜୁଆଡ଼ି ଗିରଫ

ବ୍ରହ୍ମପୁର ଅଫିସ,୧୮।୮-ଗୋଷାଣୀନୂଆଗାଁ ପୋଲିସ ଶନିବାର ରାତି ପ୍ରାୟ ୧୦ଟାରେ ମାଛବନ୍ଧ ସାହିରେ ଚାଲିଥିବା ଏକ ଜୁଆ ଆଡ୍ଡା ଉପରେ ଚଢ଼ାଉ କରିଥିଲା। ଘଟଣାସ୍ଥଳରୁ ୫ ଜଣ ଜୁଆଡ଼ିଙ୍କୁ ଗିରଫ କରିଛି। ସେମାନେ ହେଲେ ଆଶିଷ କୁମାର ପିଟର, ରଞ୍ଜନ କୁମାର ପ୍ରଧାନ, ଗିବନ୍ଦ ଚର୍ଚ୍ଚି, ବୃନ୍ଦାବନ ସାହୁ ଓ ସୁଶାନ୍ତ ବେହେରା। ପୋଲିସ ସେମାନଙ୍କ ନିକଟରୁ ୪୧୯୦ ଟଙ୍କା ଓ ଖେଳ ସରଞ୍ଜାମ ଜବତ କରିଥିଲା। ରବିବାର ମାମଲା ନଂ. ୮୦/୧୯ରେ ଜୁଆଡ଼ିଙ୍କୁ କୋର୍ଟ ଚାଲାଣ କରାଯାଇଥିବା ପୋଲିସ କହିଛି।

### ୫ ଫେରାର ଅଭିଯୁକ୍ତ ଗିରଫ

ବ୍ରହ୍ମପୁର ଅଫିସ,୧୮।୮-ପାଠାଗାର ନିର୍ମାଣ କାମକୁ କେନ୍ଦ୍ରକରି ହୁଗୁଳାପଙ୍ଗା ଗ୍ରାମର ରାମଚନ୍ଦ୍ର ମହାରଣାଙ୍କୁ ଆକ୍ରମଣ ଘଟଣାରେ ଫେରାର ଥିବା ୫ ଅଭିଯୁକ୍ତଙ୍କୁ ସଦର ଥାନା ପୋଲିସ ରବିବାର ଗିରଫ କରିଛି। ସେମାନେ ହେଲେ ଅଶୋକ ଗୌଡ଼, ଅନିଲ ଗୌଡ଼, କାଳିଆ ଗୌଡ଼, ଗାଣ୍ଡୁ ଗୌଡ଼ ଓ ମାଙ୍ଗୁ ଗୌଡ଼। ମାମଲା ନଂ.୨୦୨/୧୯ରେ ସେମାନଙ୍କୁ ରବିବାର କୋର୍ଟ ଚାଲାଣ କରାଯାଇଛି ବୋଲି ପୋଲିସ କହିଛି। ଏଥି ପୂର୍ବରୁ ପୋଲିସ ସୂର୍ଯ୍ୟ ଗୌଡ଼ଙ୍କୁ ଗତ ୧୫ ତାରିଖରେ ଗିରଫ କରି କୋର୍ଟ ଚାଲାଣ କରିଥିଲା। ପ୍ରକାଶ ଯେ, ଗତ ୧୩ ତାରିଖ ରାତିରେ ରାମଚନ୍ଦ୍ର ଖାଇ ସାରି ଘର ଦାଣ୍ଡରେ ଠିଆ ହୋଇଥିଲେ। ସେହି ସମୟରେ ଉପରୋକ୍ତ ଅଭିଯୁକ୍ତମାନେ ସେଠାରେ ପହଞ୍ଚି ଗାଁ ପାଠାଗାର କାମ ନ କରିବାକୁ ଧମକ ଦେଇଥିଲେ। ଯାହାକୁ ନେଇ ଉଭୟଙ୍କ ମଧରେ ପାଟିତୁଣ୍ଡ ହୋଇଥିଲା। ପରେ ସୂର୍ଯ୍ୟ ଓ ତାଙ୍କ ପରିବାର ଲୋକେ ଠେଙ୍ଗାରେ ରାମଚନ୍ଦ୍ରଙ୍କୁ ଆକ୍ରମଣ କରିଥିଲେ।

■ଦାମଟିକ୍ରାପଡାର ଦୁଃଖ ଶାସନ କେନାଲ

# କଅଁଳ ପାଦ ତଳେ ବିପଦ

ସମ୍ବଲପୁର, ୧୮।୮ (ବ୍ୟୁରୋ)


ସମ୍ବଲପୁର ଜିଲା ମାନେଶ୍ୱର ବ୍ଲକ ଦାମଟିକ୍ରାପଡା ଛାତ୍ରୀଛାତ୍ରମାନେ କେନାଲ ଉପରେ ପଡିଥିବା ତାଳଗଣ୍ଡି ଉପରେ ଚଢ଼ି ଯାତାୟାତ କରୁଛନ୍ତି।

ରାଜ୍ୟ ଓ କେନ୍ଦ୍ର ସରକାର ଲୋକଙ୍କୁ ବିକାଶର ସ୍ୱପ୍ନ ଦେଖାଉଛନ୍ତି। ହେଲେ ତାହା ଭାଷଣ, ସ୍ଲୋଗାନରେ ସୀମିତ ରହିଯାଉଛି। ସମ୍ବଲପୁର ଜିଲା ମାନେଶ୍ୱର ବ୍ଲକ୍ ତବଲା ପଞ୍ଚାୟତ ଦାମଟିକ୍ରାପଡାଗାଁର ଏପରି ସମସ୍ୟା ସମସ୍ତଙ୍କ ପାଇଁ ଉଦାହରଣ ସାଜିଛି। ଶାସନ କେନାଲ (ଅପର ହୁମା) ଆରପାରିରେ ଏହି ପଡାଟି ରହିଛି। ଉକ୍ତ କେନାଲ ହିଁ ଗାଁ ଲୋକଙ୍କ ପାଇଁ ଦୁଃଖ ସାଜିଛି। କେନାଲ ଉପରେ ପୋଲ ନିର୍ମାଣ ହୋଇପାରୁ ନାହିଁ। ଦୁଇଟି ତାଳ ଗଛକୁ କାଟି କେନାଲର ଦୁଇ ପାର୍ଶ୍ୱକୁ ପକା ଯାଇଛି। ତା'ରି ଉପର ଦେଇ ଛାତ୍ରୀଛାତ୍ର ବିପଦସଙ୍କୁଳ ଅବସ୍ଥାରେ ନିକଟସ୍ଥ ଖୁଲିଆ ଗ୍ରାମରେ ଥିବା ସ୍କୁଲକୁ ଯିବା ଆସିବା କରୁଛନ୍ତି। ଏପରି କି ଅଙ୍ଗନୱାଡିଟିଏ ମଧ ଗାଁରେ ନାହିଁ। ଏଣୁ କୁନି କୁନି ପିଲାମାନେ କଅଁଳ ପାଦରେ ତାଳଗଛ ଗଣ୍ଡି ଉପରେ ଚାଲି ଚାଲି ଅଙ୍ଗନୱାଡି କେନ୍ଦ୍ରକୁ ଯାଉଛନ୍ତି। ପାଠପଢିବା ପାଇଁ ବାଜି ଲାଗୁଛି ପିଲାଙ୍କ ଜୀବନ। ପଡାରେ ମୋଟ ୪୦ ପରିବାର ବସବାସ କରୁଛନ୍ତି। ବିଭିନ୍ନ କାମରେ ଗାଁ ଲୋକେ ସେହି ରାସ୍ତାକୁ ବ୍ୟବହାର କରିବାକୁ ବାଧ୍ୟ ହେଉଛନ୍ତି। ବୃଦ୍ଧାବୃଦ୍ଧମାନେ ପେନସନ ଆଣିବା ପାଇଁ ସେ ତାଳ ଗଣ୍ଡି ଉପରେ ଚଢ଼ି ବହୁ କଷ୍ଟରେ ଯିବା ଆସିବା କରୁଛନ୍ତି। ରୋଗୀମାନଙ୍କୁ ଖଟିଆ କିମ୍ବା ଭାରରେ ବୋହି କେନାଲ ପାର କଲା ପରେ ଲୋକେ ଡାକ୍ତରଖାନାକୁ ନେଇଥାନ୍ତି। ପଡାବାସୀ ଏ ନେଇ ବାରମ୍ବାର ପ୍ରଶାସନ ପାଖରେ ଗୁହାରି କରିଛନ୍ତି ହେଲେ ସୁଫଳ ମିଳି ନ ଥିବା ସେମାନେ କୁହନ୍ତି। ଏ ସମ୍ପର୍କରେ ଅତିରିକ୍ତ ଜିଲାପାଳ ଅଜୟ କୁମାର ଜେନାଙ୍କୁ ପଚାରିବାରୁ ଏହି ସମସ୍ୟା ସମ୍ପର୍କରେ ସେ ଅବଗତ ନ ଥିଲେ। ଏବେ ଜାଣିଲେ। ଏଣୁ ନିଶ୍ଚିତ ଭାବେ ସମସ୍ୟା ସମାଧାନ କରାଯିବ ବୋଲି କହିଛନ୍ତି। ଅନ୍ୟପକ୍ଷେ ଜଳ ସେଚନ ବିଭାଗ ନିର୍ବାହୀ ଯନ୍ତ୍ରୀ ପ୍ରମୋଦ ପଣ୍ଡା କହିଛନ୍ତି, ଅଭିଯୋଗ ଆସିନାହିଁ। ଖୁବ୍‌ଶୀଘ୍ର ସାଧାରଣ ଲୋକଙ୍କ ସମସ୍ୟା ଦୂର କରାଯିବ।

# ଏନ୍‌ଆଇଟି ପ୍ରଫେସର, ସ୍ତ୍ରୀଙ୍କ ଶେଷକୃତ୍ୟ ସମ୍ପନ୍ନ

## ଗଳିତ ମୃତଦେହ ତାମିଲନାଡୁ ଯାଇପାରିଲାନି

ରାଉରକେଲା ଅଫିସ,୧୮।୮


ରସୁ ଜୟବାଲାନ ଓ ମାଳିନୀ।

ଏନ୍‌ଆଇଟି ପରିସରରେ ପ୍ରାଣ ହରାଇଥିବା ପ୍ରଫେସର ଜେ. ଜୟବାଲାନ ଓ ତାଙ୍କ ସ୍ତ୍ରୀ ମାଳିନୀଙ୍କ ମୃତଦେହ ରବିବାର ଅପରାହ୍ନରେ ପବିତ୍ର ବେଦବ୍ୟାସ ଘାଟରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ପ୍ରଫେସର ଜୟବାଲାନଙ୍କ ଭାଇ ଏଲ୍. ରାଜେଶ ଓ ତାଙ୍କର ଅନ୍ୟ ୪ଜଣ ସମ୍ପର୍କୀୟ ସକାଳେ ତାମିଲନାଡୁରୁ ଆସି ଏଠାରେ ପହଞ୍ଚିବା ପରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ମୃତଦେହ ଗଳିତ ଅବସ୍ଥାରେ ଥିବାରୁ ତାମିଲନାଡୁ ନେବା ସମ୍ଭବ ହୋଇ ନ ଥିବା ପୋଲିସ ସୂଚନା ଦେଇଛି। ତେବେ ଏ ନେଇ କୌଣସି ଅଭିଯୋଗ ହୋଇ ନ ଥିଲେ ମଧ ପୋଲିସ ସେକ୍ଟର-୩ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ ୧୦/୨୦୧୯) ରୁଜୁ କରିଛି। ପୋଲିସ ଉଦ୍ଧାର କରିଥିବା ସୁଇସାଇଡ ନୋଟ୍‌ରେ ମୃତ୍ୟୁ ପାଇଁ ଦମ୍ପତି କାହାକୁ ଦାୟୀ କରି ନ ଥିବା ସୂଚନା ମିଳିଛି।

ଟ୍ରେନରୁ ମଦ ଜବତ ଘଟଣା

# ଆଟେଣ୍ଡାଣ୍ଟ କୋର୍ଟ ଚାଲାଣ

ବ୍ରହ୍ମପୁର ଅଫିସ,୧୮।୮

ଚଳନ୍ତା ଟ୍ରେନରେ ମଦ ଗଚ୍ଛିତ ରଖି କାରବାର କରୁଥିବା ଅଭିଯୋଗରେ ସରକାରୀ ରେଳବାଇ ପୋଲିସ (ଜିଆରପି) ଟ୍ରେନ କୋଚ ଆଟେଣ୍ଡାଣ୍ଟ ରାମପାଲ ପଟଆ (୪୧)ଙ୍କୁ ଗିରଫ କରିଛି। ତାଙ୍କ ଘର ମଧପ୍ରଦେଶ ରେୱା ଜିଲା ବାଉରୀବନ୍ଧ। ପୋଲିସ ତାଙ୍କ ଠାରୁ ୧୨ ଗୋଟି ମଦ ବୋତଲ ଜବତ କରିଛି। ମାମଲା ନଂ.୬୦/୧୯ ରେ ରାମ ପାଲଙ୍କୁ ରବିବାର କୋର୍ଟ ଚାଲାଣ କରାଯାଇଛି ବୋଲି ଥାନାଧିକାରୀ ସୁକାନ୍ତ ଭୋଇ ସୂଚନା ଦେଇଛନ୍ତି। ପ୍ରକାଶଯେ, ଭୁବନେଶ୍ୱର-ମୁମ୍ବାଇ କୋଣାର୍କ ଏକ୍ସପ୍ରେସ ଟ୍ରେନ ଶନିବାର ସନ୍ଧ୍ୟାରେ ବ୍ରହ୍ମପୁର ରେଳଷ୍ଟେଶନ ପ୍ଲାଟଫର୍ମ -୨ରେ ଛିଡା ହୋଇଥିବା ବେଳେ ରେଳବାଇ ସୁରକ୍ଷା ବଳ (ଆରପିଏଫ) ଉକ୍ତ ଟ୍ରେନର ଏସି କୋଚର ବି-୩ରେ ମଦ ବିକ୍ରି ହେଉଥିବା ଖବର ପାଇଥିଲା। ସେଠାରେ ଚଢାଉ କରି କୋଚ ଆଟେଣ୍ଡାଣ୍ଟ ରାମ ପାଲଙ୍କ ନିକଟରୁ ୧୨ ବୋତଲ ମଦ ପାଇଥିଲା। ପରେ ମଦ ଓ ଅଭିଯୁକ୍ତଙ୍କୁ ଜିଆରପି ପୋଲିସକୁ ହସ୍ତାନ୍ତର କରିଥିଲା।

■ବିଜ୍ଞାନ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀଙ୍କ ନୂଆପଡା ଗସ୍ତ

# ପର୍ଯ୍ୟଟନର ଉନ୍ନତିରେ ଜିଲାର ବିକାଶ ସମ୍ଭବ

■ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା

■ଯୋଗେଶ୍ୱର ମନ୍ଦିରରେ ପୂଜାର୍ଚ୍ଚନା

ନୂଆପଡ଼ା ଅଫିସ,୧୮।୮


ନୂଆପଡା ବ୍ଲକରେ ଭିନ୍ନକ୍ଷମଙ୍କୁ ଟ୍ରାଇ ସାଇକେଲ ବଣ୍ଟନ ଅବସରରେ ମନ୍ତ୍ରୀ ପଣ୍ଡା।

ପୂର୍ବତନ ପର୍ଯ୍ୟଟନ ମନ୍ତ୍ରୀ ତଥା ବର୍ତ୍ତମାନର ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ଅଶୋକ କୁମାର ପଣ୍ଡା ଦିନିକିଆ ନୂଆପଡା ଗସ୍ତରେ ଆସି ଜିଲାର ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା କରିଛନ୍ତି। ଏହି ଅବସରରେ ମନ୍ତ୍ରୀ ସ୍ଥାନୀୟ ପଟୋରାସ୍ଥିତ ଯୋଗେଶ୍ୱର ମନ୍ଦିର ବୁଲି ଦେଖିବା ସହ ପୂଜାର୍ଚ୍ଚନା କରିଛନ୍ତି।

ରବିବାର ସକାଳେ ଟ୍ରେନ ଯୋଗେ ମନ୍ତ୍ରୀ ପଣ୍ଡା ସହଧର୍ମିଣୀଙ୍କ ସହ ଆସି ନୂଆପଡ଼ରେ ପହଞ୍ଚି ଥିଲେ। ନୂଆପଡ଼ା ଜିଲା ପ୍ରଶାସନ ଓ ବିଜେଡି ତରଫରୁ ତାଙ୍କୁ ସ୍ୱାଗତ କରାଯାଇଥିଲା। ପ୍ରଥମେ ମନ୍ତ୍ରୀ ନିକଟସ୍ଥ ବିଜୁ ପଟ୍ଟନାୟକ ଭିନ୍ନକ୍ଷମ ବିଦ୍ୟାଳୟ ଯାଇ ଦିବ୍ୟାଙ୍ଗମାନଙ୍କ ସହ ଆଲୋଚନା କରିଥିଲେ। ପରେ ନୂଆପଡ଼ାରୁ ପଟୋରା ଯିବା ବାଟରେ କାଞ୍ଚନବେନ ରସିକଲାଲ ଚାରିଟେବଲ ଟ୍ରଷ୍ଟ ତରଫରୁ ପରିଚାଳିତ ବିଦ୍ୟାଳୟକୁ ଯାଇ ଅନ୍ୱେଷା କାର୍ଯ୍ୟକ୍ରମରେ ଶିଶୁଙ୍କ ସ୍ଥିତି ଦେଖିଥିଲେ। ତାଙ୍କ ସହ ଟ୍ରଷ୍ଟର ସଭ୍ୟ ତଥା ସ୍ଥାନୀୟ ବିଧାୟକ ରାଜେନ୍ଦ୍ର ପ୍ରସାଦ ଢୋଲକିଆ, ଜୟ ଢୋଲକିଆ, ଜିଲା ମଙ୍ଗଳ ଅଧିକାରୀ ସନ୍ଧ୍ୟା ମାଝି, ଜିଲା ପରିଷଦ ଅଧ୍ୟକ୍ଷା ନମିତା ପ୍ରଧାନ, ଉପାଧ୍ୟକ୍ଷ ଭାନୁ ମାଝି, ଟିଟୁ ପଣ୍ଡା, ଅବନୀ ଜୋଷୀ, ସିଡୁ ବୋଧନକର, ସ୍ୱାଗତ ଜୋଷୀ ପ୍ରମୁଖ ସାମିଲ ଥିଲେ। ପରେ ପଟୋରାରେ ପହଞ୍ଚି ମନ୍ଦିର ଦର୍ଶନ କରିବା ସହ ପୂଜାର୍ଚ୍ଚନା କରି ଶିବଲିଙ୍ଗରେ ପାଣି ଲାଗି କରିଥିଲେ। ଏହି ଅବସରରେ ମନ୍ଦିର ପରିଚାଳନା କମିଟି ତରଫରୁ ତାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ମନ୍ଦିରର ସାମଗ୍ରିକ ବିକାଶ ସକାଶେ କମିଟି ପକ୍ଷରୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ସେଠାରେ ପାନୀୟ ଜଳ ବ୍ୟବସ୍ଥା କରିବା ସହ ପାଚେରି, ପାନ୍ଥଶାଳା, ରାସ୍ତା ନିର୍ମାଣର ଆବଶ୍ୟକତା ରହିଛି। ଅବହେଳିତ ରାଜୀବ ଉଦ୍ୟାନ ପ୍ରତି ଦୃଷ୍ଟି ଦେବାକୁ କମିଟି ଦୃଷ୍ଟି ଆକର୍ଷଣ କରିଥିଲା। ଏହି ପରିପ୍ରେକ୍ଷୀରେ ମନ୍ତ୍ରୀ ପଣ୍ଡା କୌଣସି ଅଞ୍ଚଳର ବିକାଶ ପାଇଁ ପର୍ଯ୍ୟଟନ ଏକ ଆଧାର। ପଟୋରା ସ୍ୱର୍ଣ୍ଣଗର୍ଭା। ଏଠିକାର ଉନ୍ନତି ସକାଶେ ସରକାରଙ୍କ ତରଫରୁ ଅନୁଦାନ ଏବଂ ଅନୁକମ୍ପା ରହିଛି ବୋଲି କହିଥିଲେ। ଏହାକୁ ନେଇ ବିଭାଗୀୟ ମନ୍ତ୍ରୀଙ୍କୁ ଅବଗତ କରିବେ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। କମିଟି ସଭାପତି ମୁରଲୀଧର ପଣ୍ଡା, ସମ୍ପାଦକ ଶ୍ୱେତରାମ ଦେୱାଙ୍ଗନ, ସୁରେଶ ଅଗ୍ରୱାଲ, ଭାନୁପ୍ରତାପ ଦଣ୍ଡସେନା, କେଶରୀ ଜୈନ ପ୍ରମୁଖ ସ୍ୱାଗତ କରିଥିଲେ। ପଟୋରାରୁ ଫେରି ନୂଆପଡ଼ା ସଦର ବ୍ଲକରେ ଆୟୋଜିତ ସଭାରେ ୫ଜଣ ଭିନ୍ନକ୍ଷମମାନଙ୍କୁ ଟ୍ରାଇ ସାଇକେଲ, ୨ ଜଣଙ୍କୁ ହ୍ୱିଲ ଚେୟାର, ୭୭ ଜଣଙ୍କୁ ଭତ୍ତା, ୬୭୫ ଜଣ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ କାର୍ଯ୍ୟାଦେଶ ପ୍ରଦାନ କରିଥିଲେ। ଖରିଆରରୋଡରେ ବରିଷ୍ଠ ନାଗରିକମାନଙ୍କ ସହ ବିଭିନ୍ନ ସମସ୍ୟା ନେଇ ମନ୍ତ୍ରୀ ଆଲୋଚନା କରିଥିଲେ। ଅପରାହ୍ନରେ ନୂଆପଡାସ୍ଥିତ ସର୍କିଟ ହାଉସରେ ଜିଲାପାଳ ଏବଂ ଜିଲାସ୍ତରୀୟ ଅଧିକାରୀମାନଙ୍କୁ ନେଇ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକ ସାରିବା ପରେ ସେ କୋମନା, ଖଡିଆଳ ଗସ୍ତ କରିଥିଲେ।

# ମହିଳାଙ୍କ ତଣ୍ଟିକାଟି ହତ୍ୟା

ବଡବିଲ, ୧୮।୮(ସ୍ୱ.ପ୍ର.)

କେନ୍ଦୁଝର ଜିଲା ବାମେବାରୀ ଥାନା ଅଞ୍ଚଳରେ ଶୁକୁରମୁନି ମୁଣ୍ଡା (୫୦) ନାମ୍ନୀ ଜଣେ ମହିଳାଙ୍କୁ ତଣ୍ଟିକାଟି ହତ୍ୟା କରାଯାଇଛି। ୩ ଦିନ ପରେ ଏହି ଘଟଣା ପଦାକୁ ଆସିଛି। ଗାଁ ନିକଟସ୍ଥ ଜଙ୍ଗଲରେ ମୃତଦେହ ପଡିଥିବା ତାଙ୍କ ସ୍ୱାମୀ ଓ ପରିବାର ଲୋକେ ରବିବାର ଦେଖିବା ପରେ ଏ ନେଇ ଥାନାକୁ ଜଣାଇଥିଲେ। ପୋଲିସ ପହଞ୍ଚି ମୃତଦେହକୁ ଜବତ କରି ତଦନ୍ତ ଚଳାଇଛି। ଶୁକୁରମୁନିଙ୍କ ଘର ବାମେବାରୀ ଥାନା ଅନ୍ତର୍ଗତ ଲହୁଣିପଶି ଗାଁରେ। ଏ ନେଇ ପୋଲିସ ଏକ ହତ୍ୟା ମାମଲା( ନଂ.୧୦୨/୨୦୧୯) ରୁଜୁ କରି ତଦନ୍ତ କରୁଛି। ପୋଲିସ ସୂଚନା ଅନୁଯାୟୀ, ଶୁକୁରମୁନି ଗତ ଗୁରୁବାର ଅପରାହ୍ନରେ ଲହୁଣିପଶି ଗ୍ରାମ ଜଙ୍ଗଲକୁ ଗାଈ ଚରାଇବାକୁ ଯାଇ ଆଉ ଘରକୁ ଫେରି ନ ଥିଲେ। ତାଙ୍କ ସହ ଯାଇଥିବା ଜଣେ ସମ୍ପର୍କୀୟ ସେଠାରେ

**୩ ଦିନ ପରେ ମୃତଦେହ ଉଦ୍ଧାର**

ଏକ ଧାରୁଆ କାତି ସାହାଯ୍ୟରେ ତାଙ୍କ ବେକକୁ କାଟି ହତ୍ୟା କରି ଫେରାର ହୋଇଯାଇଥିବା ପାରପାର୍ଶିକ ସ୍ଥିତିରୁ ଅନୁମାନ କରାଯାଉଛି। ସମ୍ପୃକ୍ତ ସମ୍ପର୍କୀୟ ଫେରାର ଥିବାରୁ ଏଭଳି ସନ୍ଦେହ ଘନୀଭୂତ ହୋଇଛି। ଶୁକୁରମୁନି ଗାଈ ଚରାଇବାକୁ ଯାଇ ଘରକୁ ନ ଫେରିବାରୁ ପରିବାର ଲୋକ ୩ ଦିନ ଧରି ତାଙ୍କୁ ଏଣେତେଣେ ଖୋଜାଖୋଜି କରିଥିଲେ। ରବିବାର ସକାଳେ ତାଙ୍କ ସ୍ୱାମୀ ଲାଳିଆ ମୁଣ୍ଡା ଜଙ୍ଗଲରେ ତାଙ୍କ ସ୍ତ୍ରୀଙ୍କ ମୃତଦେହ ପଡିଥିବା ଦେଖି ପୋଲିସକୁ ଜଣାଇଥିଲେ। ଶୁକୁରମୁନିଙ୍କୁ ହତ୍ୟା କରାଯିବା ଘଟଣା ରହସ୍ୟଘେରରେ ଥିଲେ ମଧ ଗ୍ରାମବାସୀ ଭିନ୍ନ ଭିନ୍ନ କଥା କହୁଛନ୍ତି। ଫେରାରଥିବା ସମ୍ପର୍କୀୟ ବ୍ୟକ୍ତିଙ୍କ ସହ ଶୁକୁରମୁନିଙ୍କ ପରିବାର ମଧରେ ଦୀର୍ଘ ଦିନରୁ ଜମିବିବାଦ ରହିଥିଲା ବୋଲି ପ୍ରାଥମିକ ତଦନ୍ତରୁ ପୋଲିସ ଜାଣିବାକୁ ପାଇଛି।




# ଝି'ର ଚିକିତ୍ସା ଲାଗି ଦାଦନ୍ ଖଟୁଚେ ବାପ୍

ପ୍ରେମଲାଲ ପଣ୍ଡା
ସେରଗଡ, ୧୮।୮ (ଡି.ଏନ୍.ଏ.)


ମଳଦୁଆର ସମସିଆରେ ପୀଡ଼ିତ ରୁଚିସ୍ମିତା ମାଝି।

କଳାହାଣ୍ଡି ଜିଲା ନର୍ଲା ବ୍ଲକ ରୁପ୍ରା ଗାଁ ଚଞ୍ଚରାପଡ଼ାର ପୂର୍ଣ୍ଣଚନ୍ଦ୍ର ମାଝିଙ୍କର ସାନ ଝି' ରୁଚିସ୍ମିତା ମାଝି(୮)। ଜନମ୍ ବେଲେ ତାକର ମଲଦୁଆର ନାଇଁଥାଇ। ଡାକ୍‌ତରଙ୍କର ପରାମଶ୍‌ରେ ମା'ବାପ୍ ରୁଚିସ୍ମିତାକେ ଚିକିତ୍ସା ଲାଗି ବୁର୍ଲା ବଡ଼ ଡାକ୍‌ତରଖାନା ନେଇ ନିରାଶ ହେଇଥିଲେ। ପଛେ ବିଷମକଟକ ଖ୍ରୀଷ୍ଟିଆନ ହସ୍ପିଟାଲର ଡାକ୍‌ତରମାନେ ରୁଚିସ୍ମିତାର ପେଟର ଡେବ୍‌ରିପାଲେ ଗୁଟେ କଣା କରି ମଳ ବାହାରବାର ବେବସ୍ତା କରିଥିଲେ। ହେଲେ ଏହେଦେ ରୁଚିସ୍ମିତାର ଉଚ ଚିକିଚ୍ଛା ଲାଗି ଲକ୍ଷାଧିକ୍ ଟଁକା ଦରକାର ଥିଲାବେଲେ ପରିବାର ଲୋକ୍ ଉପେ ଶୁଇନ୍ ହେଇ ଭଗବାନ ଭରସାରେ ରହିଛନ୍।

ସୂଚନା ହିସାବେ ପୂର୍ଣ୍ଣଚନ୍ଦ୍ରଙ୍କର ପରିବାର କହେଲେ ବୁଢୁଧ୍ ବାପ୍ ରୁଟୁ ମାଝି, ମା' ଡମେନ ମାଝି, ମାଏକିନା ପୁଷ୍ପା ଆର ଦୁଇ ଝି' କରିଶ୍ମା, ରୁଚିସ୍ମିତାକେ ନେଇ ତାକର ସଁସାର। ପରିବାରଟା ନିହାତି ଗରିବ୍ ଆର ଦରିଦିରିଆ ସୀମାରେଖା ତଲେ ରହିଛନ୍। ପୂର୍ଣ୍ଣଚନ୍ଦ୍ର କୁଲିମଜୁରି କରି କୁଟୁମ୍ ପୁଷୁଛନ୍। ଇଆଡ଼େ ସରକାରୀ ସାହାଯ୍ କହେଲେ ପରିବାରକେ ମାସିକ୍ ମିଲୁଥିବାର ୨୦ କେ.ଜି. ଚାଉଲ। ପରିବାରଟା ନିହାତି ଗରିବ୍ ହେଇଥିଲେ ବି ଆବାସ ଯୋଜନାରୁ ବଁଚିତ୍ ହେଇ ରହିଛନ୍। ପୂର୍ଣ୍ଣଚନ୍ଦ୍ର ପେଟ୍‌କାଟି ଯେନ୍ ପଏସେ ଦୁଇପଏସା ରଖିଥିଲେ ସେଟା ଝି'ର ଚିକିଛାରେ ଖରଚ୍ କରି ସରବ୍‌ସୁଆଁତ୍ ହେଇଛନ୍। ଏଭେ ପରିବାର ଲୋକ୍ ରୁଚିସ୍ମିତାର ଚିକିଛା ଲାଗି ବିଷମକଟକ ଡାକ୍‌ତରଖାନାକେ ନେଇଥିଲେ। ହେଲେ ସେଠାନେ ଡାକ୍‌ତରମାନେ ରୁଚିସ୍ମିତାକେ କଟକ ଶିଶୁ ଭବନକେ ନେବାକେ ପରାମଶ୍ ଦେଇଥିଲେ। ଏନ୍‌ତାଥି ପରିବାର ଲୋକ୍ ଗହନାଗାଁଠି, ବାସନକୁସନ ବିକାଭଂଗା କରି ଝି'କେ ଚିକିଛା ଲାଗି କଟକ ଶିଶୁ ଭବନ ନେଇଥିଲେ। ହେଲେ ସେଠାନେ ଡାକ୍‌ତରମାନେ ଇଥିରଲାଗି ଲକ୍ଷାଧିକ୍ ଟଁକା ଦରକାର ବଲି କହେଲାରୁ ଗରିବ୍ ମା'ବାପ୍ ଉପରେ ଚଡକ୍ ପଡ଼ିଥିଲା। ଏତେ ଟଁକା ଠୁଲାବାରଟା ଇ ଗରିବ୍ ମା'ବାପ୍ ପକ୍ଷେ ସମ୍ଭବ ନୁହେ। ଏହେଦେ ପରିବାରଟା ଉପେ ଶୁଇନ୍ ହେଇ ଭଗବାନ ଭରସାରେ ରହିଛନ୍। ଇଆଡ଼େ ରୁଚିସ୍ମିତାର ବଏସ୍ ବଢ଼ବାର ସଂଗେ ୨ରୁ ୩ଟା ଝାଡ଼ା ହେଇଗଲେ ସେ ନିହାଲ ହେଇଯାଉଛନ୍ ଆର ଅସ୍‌ତାଇ ମଲଦୁଆରୁ ରକତ୍ ବାହାରି ପଡୁଛେ। ରୁଚିସ୍ମିତା ଜନ୍ମୁ ଦିବ୍ୟାଙ୍ଗ ହେଇଥିଲେ ବି ଆଏଜ୍‌ତକ ସେ କେହେନ୍‌ସି ପରକାର ସରକାରୀ ଯୋଜନାର ଲାଭ ନାଇଁ ପାଇପାରି। ଇଆଡ଼େ ପୂର୍ଣ୍ଣଚନ୍ଦ୍ର ଝି'ର ଚିକିଛା ସାହାଯ୍ ଲାଗି ବ୍ଲକନୁ ଜିଲା ପରଶାସନ ତକ୍ ଗୁହାରି କରି ନିରାଶ ହେଇଥିବାର କହିଛନ୍। ଏହେଦେ ସେ ଝି'ର ଚିକିଛା ଲାଗି ଟଁକା ପଏସା ଠୁଲାବାକେ ପୁନେ ଦାଦନ ଖଟି ଯାଇଛନ୍। ସେନ୍‌ତା ପୂର୍ଣ୍ଣଚନ୍ଦ୍ରଙ୍କର ବୁଢୁଧ୍ ମା'ବାପ୍‌ଙ୍କର ବଏସ୍ ୬୦ ଟପିଥିଲେ ବି ଆଏଜ୍‌ତକ ଭତା ପାଏବାରୁ ବଁଚିତ୍ ହେଇ ରହିଛନ୍। ଏନ୍‌ତାଥି ରୁଚିସ୍ମିତାର ମଲଦୁଆର ଅପରେଶନ କେନ୍‌ଥେଇ ହେବା, କେନ୍‌ନୁ ଲକ୍ଷାଧିକ୍ ଟଁକା ଯୁଗାଡ଼ ହେବା କଥା ଭାବି ପରିବାର ଲୋକ୍ ଭାଂଗି ପଡ଼ିଛନ୍। ଇ ବାବ୍‌ଦେ ନର୍ଲା ବିଡିଓ ବ୍ୟାସଦେବ ବେହେରାଙ୍କୁ ପଚରାଲାରୁ ପରିବାରକେ ଆବାସ ଯୋଜନାରେ ସାମିଲ କରବାର ସଂଗେ ରୁଚିସ୍ମିତାର ସବୁ ଚିକିଛା ଖରଚ୍ ପରଶାସନ ବହନ୍ କରବା ବଲି ସେ କହିଥିଲେ।

# ଟ୍ରକ୍ ପଛରେ ପିଟିହୋଇ ବାଇକ୍ ଆରୋହୀ ମୃତ

ଟାଙ୍ଗୀ(କଟକ),୧୮।୮(ଡି.ଏନ.ଏ.)

୧୬ନଂ. ଜାତୀୟ ରାଜପଥର ଟାଙ୍ଗୀ ଥାନା ଅନ୍ତର୍ଗତ ସର୍ଦ୍ଦଳା ଛକ ନିକଟରେ ଛିଡ଼ା ହୋଇଥିବା ଏକ ଟ୍ରକ୍ ପଛରେ ପିଟିହୋଇ ରବିବାର ଅପରାହ୍ନରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବାଲେଶ୍ୱର ଅଞ୍ଚଳର ଗୋଲକ ଓଝା(୪୫)। ମିଳିଥିବା ସୂଚନା ଅନୁଯାୟୀ, ଗୋଲକ ଏକ ବାଇକ୍(ନଂ.ଓଆର୨୨ଇ-୮୩୦୮)ରେ କୌଣସି କାମରେ ଚୌଦ୍ୱାର ଆସୁଥିଲେ। ବାଇକ୍ ପଛରେ ହେଲ୍‌ମେଟ ବନ୍ଧା ହୋଇଥିବାବେଳେ ସେ ମୋବାଇଲ ଫୋନ୍‌ରେ ଗପି ବାଇକ୍ ଚଳାଉଥିଲେ। ସର୍ଦ୍ଦଳା ଛକ ନିକଟରେ ଅନ୍ୟମନସ୍କ ଯୋଗୁ ରାସ୍ତାକଡ଼ରେ ଛିଡ଼ା ହୋଇଥିବା ଏକ ଟ୍ରକ୍ ପଛରେ ପିଟିହୋଇ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଚିକିତ୍ସା ଲାଗି କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିବା ଟାଙ୍ଗୀ ପୋଲିସ ସୂତ୍ରରୁ ଜଣାପଡିଛି। ଦୁର୍ଘଟଣାଗ୍ରସ୍ତ ବାଇକ୍ ଓ ଟ୍ରକ୍‌କୁ ପୋଲିସ ଜବତ କରି ତଦନ୍ତ ଚଳାଇଛି।



Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ



ଯେତେବେଳେ ଧର୍ମର ହାନି ହୁଏ, ଅଧର୍ମ ପ୍ରବଳ ହୁଏ, ସେତେବେଳେ ଭଗବାନ ସ୍ୱୟଂ ଶରୀର ଧାରଣ କରି ଧର୍ମରକ୍ଷା ନିମିତ୍ତ ପୃଥିବୀରେ ଜନ୍ମଗ୍ରହଣ କରନ୍ତି।
- ବ୍ୟାସଦେବ



## ସଂକ୍ଷେପରେ

### ଅଘୋଷିତ ବିଦ୍ୟୁତ୍ କାଟ, ଲୋକେ ହଟହଟା

ସୋନପୁର,୧୮।୮(ନି.ପ୍ର.): ସୁବର୍ଣ୍ଣପୁର ଜିଲାରେ ଅଘୋଷିତ ବିଦ୍ୟୁତ୍ କାଟ୍ ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଇଛି। ଜିଲା ସଦର ମହକୁମାରେ ଦୈନିକ ୫ରୁ ୬ ଘଣ୍ଟା ବିଦ୍ୟୁତ୍ କାଟ ହେଉଥିବା ବେଳେ ଗ୍ରାମାଞ୍ଚଳରେ ୧୦ରୁ ୧୨ ଘଣ୍ଟା ବିଦ୍ୟୁତ୍ କାଟ ହେଉଛି। ଏଥିପାଇଁ ପାଇପ ଯୋଗେ ପାନୀୟ ଜଳ ଯୋଗାଣ ହୋଇପାରୁନି। ଲୋକେ ହାନସ୍ତା ହେଉଛନ୍ତି। ଜୁଲାଇ ମାସରେ ୨୧ରୁ ୩୧ ତାରିଖ ପର୍ଯ୍ୟନ୍ତ ସୁବର୍ଣ୍ଣପୁର ସହରରେ ସକାଳେ ୪ ଘଣ୍ଟା ଲେଖାଏଁ ବିଦ୍ୟୁତ୍ କାଟ୍ ହୋଇଥିଲା। ପୁରୁଣା ବିଦ୍ୟୁତ୍ ତାର ବଦଳାଇବା ପାଇଁ ୱେସ୍କୋ ପକ୍ଷରୁ ଏଭଳି କରାଯାଇଥିବା ସୂଚନା ଦିଆଯାଇଥିଲା। ଏବେ ଝିପିଝିପି ବର୍ଷା ହେଲେ ବିଜୁଳି ରହୁନି। ରବିବାର ଭୋର ୫ଟାରୁ ସକାଳ ୯ଟା ପର୍ଯ୍ୟନ୍ତ ବିଦ୍ୟୁତ୍ କାଟ୍ ହୋଇଥିଲା । ଅଧାଘଣ୍ଟା ବିଦ୍ୟୁତ୍ ଆସିବା ପରେ ପୁଣି ଚାଲିଗଲା ଯେ ୧୨ଟା ୨୦ରେ ଆସିଲା । ଲୋକେ ଯେତେ ଅଭିଯୋଗ କଲେ ବି ବିଦ୍ୟୁତ୍ ବିଭାଗ କର୍ଣ୍ଣପାତ କରୁ ନଥିବାରୁ ଜନ ଅସନ୍ତୋଷ ବୃଦ୍ଧି ପାଉଛି ।

### ମହିଳାଙ୍କୁ ତଣ୍ଟି କାଟି ହତ୍ୟା ଘଟଣା, ଅଭିଯୁକ୍ତ କୋର୍ଟଚାଲାଣ

ଡୁଙ୍ଗୁରିପାଲି, ୧୮।୮ (ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ଥାନା ଲଚ୍ଛିପୁର ଫାଣ୍ଡି ଅଧୀନ ରାଏପାଲି ଗ୍ରାମର ଜଣେ ମହିଳାଙ୍କୁ ତଣ୍ଟି କାଟି ହତ୍ୟା ଘଟଣାର ଅଭିଯୁକ୍ତ ବଳରାମ ବାରିକ(୭୦)ଙ୍କୁ ରବିବାର କୋର୍ଟ ଚାଲାଣ କରାଯାଇଛି । ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଥିବା ଡୁଙ୍ଗୁରିପାଲି ପୋଲିସ କହିଛି । ଘଟଣାରୁ ପ୍ରକାଶ, ଶନିବାର ରାଏପାଲି ଗ୍ରାମର ଲକ୍ଷ୍ମୀ ବାରିକ (୫୦)ଙ୍କୁ ଭୋର ୫ଟା ବେଳେ ତାଙ୍କ କାକା ଶ୍ୱଶୁର ବଳରାମ ଟାଙ୍ଗିଆରେ ହାଣି ହତ୍ୟା କରିଥିଲେ। ସେହି ସମୟରେ ଲକ୍ଷ୍ମୀଙ୍କ ସ୍ୱାମୀ ବଳଭଦ୍ର ବାରିକ ବାହାରକୁ ଶୌଚ ପାଇଁ ଯାଇଥିଲେ। ଘରକୁ ଆସି ଦେଖିଲା ବେଳକୁ ଲକ୍ଷ୍ମୀ ରକ୍ତ ଜୁଡୁବୁଡୁ ଅବସ୍ଥାରେ ବାଡିପଟରେ ପଡିଥିଲେ। ଖବର ପାଇ ଲଚ୍ଛିପୁର ଫାଣ୍ଡି ଅଧିକାରୀ କ୍ଷୀରୋଦ ଚନ୍ଦ୍ର ବାଗ, ଡୁଙ୍ଗୁରିପାଲି ଥାନା ଅଧିକାରୀ ନିରଞ୍ଜନ ଦାଶ, ଏସ୍‌ପି ଦେବୀପ୍ରସାଦ ଦାଶ, ଏସ୍‌ଡିପିଓ ମିହିର କୁମାର ପଣ୍ଡା ଘଟଣାସ୍ଥଳରେ ପହଞ୍ଚି ତନାଘନା ଚଳାଇଥିଲେ। ଜମିବାଡି ବିବାଦକୁ କେନ୍ଦ୍ରକରି ହତ୍ୟା କରିଥିବା ସନ୍ଦେହରେ ପୋଲିସ ଏକ ଟାଙ୍ଗିଆ ସହ ବଳରାମଙ୍କୁ ଶନିବାର ଥାନାକୁ ଆଣି ଅଟକ ରଖିଥିଲା। ପରେ ବଳରାମ ଜମିବାଡି ବିବାଦରୁ ଲକ୍ଷ୍ମୀଙ୍କୁ ହତ୍ୟା କରିଥିବା ପୋଲିସ ଜେରାବେଳେ ସ୍ୱୀକାର କରିଥିଲେ। ଏନେଇ ଥାନାରେ ଏକ ମାମଲା (ନଂ. ୧୨୩/୧୯) ରୁଜୁ ହୋଇଥିଲା।

# ବନ୍ୟାରେ ୧୨ ପାନୀୟ ଜଳ ପ୍ରକଳ୍ପ କ୍ଷତିଗ୍ରସ୍ତ

ସୋନପୁର,୧୮।୮(ନି.ପ୍ର.)

ଲଘୁଚାପ ଜନିତ ଲଗାଣ ବର୍ଷା ଓ ବନ୍ୟା ଯୋଗୁଁ ସୁବର୍ଣ୍ଣପୁର ଜିଲାରେ ବ୍ୟାପକ କ୍ଷତି ଘଟିଛି। ପାଣି ଜମି ରହିବା ଫଳରେ ହଜାର ହଜାର ଏକର ଚାଷ ପଚି ନଷ୍ଟ ହୋଇଛି। ଜମିରେ ବାଲି ମାଡି ଯାଇଛି। ବହୁ ଲୋକ ବାସସ୍ଥାନ ହରାଇଛନ୍ତି। କୋଟିକୋଟି ଟଙ୍କାର ରାସ୍ତା ଓ ପୋଲ ଭାଙ୍ଗିଛି। ପ୍ରଳୟଙ୍କାରୀ ବନ୍ୟା ଯୋଗୁଁ ତରଭା ବ୍ଲକ ଓ ସହରର କ୍ଷତି ଅଭୂତପୂର୍ବ। ସହରର ବିଭିନ୍ନ ସରକାରୀ କାର୍ଯ୍ୟାଳୟର ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ପାଣିରେ ଭିଜି ନଷ୍ଟ ହୋଇଛି। ଛୋଟ ବଡ ବ୍ୟବସାୟୀ କ୍ଷତିଗ୍ରସ୍ତ ହୋଇଛନ୍ତି। ୯୫ ପ୍ରତିଶତ ବ୍ୟବସାୟୀ ବୀମା କରି ନଥିବାରୁ ସହାୟତା ମିଳିବା ନେଇ ସନ୍ଦେହ ଉପୁଜିଛି। ପ୍ରଶାସନ କ୍ଷୟକ୍ଷତିର ଆକଳନ କରୁଛି। ତେବେ ବନ୍ୟା ଯୋଗୁଁ ଜିଲାର ୧୨ ହଜାରରୁ ଊର୍ଦ୍ଧ୍ୱ ଜନସାଧାରଣ ବିଶୁଦ୍ଧ ପାନୀୟ ଜଳ ପାଇବାରୁ ବଞ୍ଚିତ ହୋଇଛନ୍ତି। ତରଭା ସହରକୁ ଜଳ ଯୋଗାଣ କରୁଥିବା ଜନସ୍ୱାସ୍ଥ୍ୟ ବିଭାଗର ପାଇପ ଜଳଯୋଗାଣ ପ୍ରକଳ୍ପଟିର ୩ଟି ସ୍ଥାନରେ କ୍ଷତି ହୋଇଛି। ୫ ଦିନ ପରେ ମଧ୍ୟ ଏହାର ମରାମତି ସରି ନଥିବାରୁ ସହରବାସୀ ବିଶୁଦ୍ଧ ପାନୀୟ ଜଳ ପାଉନାହାନ୍ତି। ଟ୍ୟାଙ୍କର ଯୋଗେ ଜଳଯୋଗାଣ ହେଉଥିଲେ ହେଁ ଏହା ଯଥେଷ୍ଟ ହେଉନି। ରବିବାର ରାତି ସୁଦ୍ଧା ତରଭା ସହରକୁ ପାଇପ ଯୋଗେ ପାନୀୟ ଜଳ ଯୋଗାଣ କରାଯିବ ବୋଲି ଜନସ୍ୱାସ୍ଥ୍ୟ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ. ଇନ୍ଦ୍ରଜିତ ସାହୁ କହିଛନ୍ତି। ସେହିପରି ଜିଲାର ୧୨ଟି ଗ୍ରାମ୍ୟ ଜଳଯୋଗାଣ ପ୍ରକଳ୍ପ ବନ୍ୟା ଯୋଗୁଁ କ୍ଷତି ହୋଇଛି। ତରଭା ବ୍ଲକର ଘାଟକଇଁତରା, ମରାଡୁଗୋଛା, ଡୁଲୁଣ୍ଡା, ସରଗଜ, ବ୍ରାହ୍ମଣୀ, ସିଣ୍ଢୋଲ, ଭୁରାଡ, ଦେଉଳପଦର, ମେଣ୍ଡା ଏବଂ ସୋନପୁର ବ୍ଲକର ମାଲିଶ୍ରୀଗୁଡି, ତରେଇକେଲା, ମାଟିକୁଡ ଓ ବୈଦ୍ୟନାଥ ପାନୀୟ ଜଳ ପ୍ରକଳ୍ପର କ୍ଷତି ହୋଇଥିବା ଗ୍ରାମ୍ୟ ପାନୀୟ ଜଳ ଓ ପରିମଳ ବିଭାଗର ନିର୍ବାହୀଯନ୍ତ୍ରୀ ଇଂ. ବିପିନ ବିହାରୀ ଦାଶ କହିଛନ୍ତି। ପ୍ରଖର ଜଳସ୍ରୋତରେ କେତେକ ପ୍ରକଳ୍ପର ଓଭରହେଡ ଟାଙ୍କିର ଭିତ୍ତି ଦୋହଲି ଯାଇଥିବା ବେଳେ ଆଉ କେତେକ ପ୍ରକଳ୍ପର ଇନଟେକ୍ ୱେଲରେ ବାଲି ପୋତି ହୋଇଯାଇଛି। ଏହି ସବୁ ପ୍ରକଳ୍ପ ବନ୍ଦ ହେବା ଫଳରେ ୫ ହଜାରରୁ ଊର୍ଦ୍ଧ୍ୱ ଗ୍ରାମବାସୀ ଜଳକଷ୍ଟ ଭୋଗୁଛନ୍ତି। ପ୍ରଶାସନ ପକ୍ଷରୁ ଏହି ୧୨ଟି ଗ୍ରାମକୁ ଟ୍ୟାଙ୍କର ଯୋଗେ ପାନୀୟ ଜଳଯୋଗାଣ କରାଯାଉନି। ଫଳରେ ଗ୍ରାମବାସୀ ଦୂଷିତ ପାଣି ପିଇବାକୁ ବାଧ ହେଉଥିବା ଅଭିଯୋଗ ହେଉଛି। ବନ୍ୟା ଛାଡିଯିବା ପରେ ଏହି ସବୁ ଅଞ୍ଚଳରେ କୁଢକୁଢ ଆବର୍ଜନା ପୁତିଗନ୍ଧମୟ ପରିବେଶ ସୃଷ୍ଟି କରିଛି। ଶନିବାର ଓ ରବିବାର ଝିପିଝିପି ବର୍ଷା ପରିମଳ ବ୍ୟବସ୍ଥାକୁ ବିପର୍ଯ୍ୟସ୍ତ କରିଛି। ଏଭଳି ସ୍ଥିତିରେ ବିପନ୍ନଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦିଆ ନଗଲେ ଝାଡାବାନ୍ତି ବ୍ୟାପିବାର ସମ୍ଭାବନାକୁ ଏଡାଇ ଦେଇ ହେଉନାହିଁ। ପ୍ରଶାସନ ଏ ଦିଗରେ ତତ୍ପରତା ପ୍ରକାଶ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।



ପ୍ରଳୟଙ୍କାରୀ ବନ୍ୟା ଯୋଗୁଁ ତରଭା ବ୍ଲକ ସରଗଜ ଗ୍ରାମର ଓଭର ହେଡ୍ ପାଣି ଟାଙ୍କି କ୍ଷତିଗ୍ରସ୍ତ ହୋଇଛି।

**ତରଭା ସହରବାସୀଙ୍କୁ ମିଳୁନି ବିଶୁଦ୍ଧ ପାନୀୟ ଜଳ**

## ବୃକ୍ଷରୋପଣ କାର୍ଯ୍ୟକ୍ରମରେ ସାମିଲ ହେଲା ୪୨୮ଏସ୍‌ଏଚ୍‌ଜି

ଉଲୁଣ୍ଡା, ୧୮।୮(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକର ବିଭିନ୍ନ ଗ୍ରାମରେ ଓଡିଶା ଜୀବିକା ମିଶନ ତରଫରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ୪୨୮ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ୪୪୮୯ ଜଣ ସଦସ୍ୟାଙ୍କୁ ନେଇ ବ୍ଲକର ଉଲୁଣ୍ଡା, କୋଟସମଲାଇ, ସିଣ୍ଢୋଲ, ପଞ୍ଚମହଲା, ମୁଣ୍ଡଘାଟ, ଯାଲୋଏ ପ୍ରଭୃତି ଗ୍ରାମପଞ୍ଚାୟତର ବିଭିନ୍ନ ଗ୍ରାମରେ ପ୍ରାୟ ୨୫ଶହ ଚାରାରୋପଣ କରାଯାଇଛି। 'ମାଆ ପାଇଁ ଧନଟିଏ, ଧନ ପାଇଁ ଗଛଟିଏ' ନାରା ଦେଇ ବୃକ୍ଷରୋପଣ ଉପରେ ସଚେତନତା ସୃଷ୍ଟି କରାଯାଇଥିଲା। ଉଲୁଣ୍ଡା ବନବିଭାଗର ସହଯୋଗ କ୍ରମେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସୋନପୁର ଡିଆରଡିଏ ଏଫ୍‌ଆଇସି ସୋମନାଥ ପୁରୋହିତ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମିଶନଶକ୍ତି ଡିପିସି କାର୍ତ୍ତିକ ନାୟକ, ଶଶିକାନ୍ତ ସେଠୀ, ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଅଶୋକ କୁମାର ପଣ୍ଡା, ଉଲୁଣ୍ଡା ସରପଞ୍ଚ ସନ୍ତୋଷିନୀ ଭୋଇ, ଯୁବ ମହାସଂଘ ସଭାପତି ପ୍ରମୋଦ ପଧାନ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ବ୍ଲକ ପ୍ରକଳ୍ପ ପରିଚାଳକ ରଞ୍ଜନ କୁମାର ସ୍ୱାଇଁ ପରିଚାଳନା କରିଥିଲେ। ମିଶନ ଶକ୍ତି ବିପିସି ସଞ୍ଜୀବ ସଡଙ୍ଗୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ଏସ୍‌ଏଚ୍‌ଜି ମହିଳାମାନେ ବୃକ୍ଷରୋପଣ ପାଇଁ ସଚେତନତା ସୃଷ୍ଟି କରୁଛନ୍ତି।



ଗାଁ କଲ୍ୟାଣ ସମିତି ବୈଠକରେ ଉପସ୍ଥିତ ମହିଳାମାନେ।

## ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ

ଉଲୁଣ୍ଡା, ୧୮।୮ (ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ଜଉଁରାଭଉଁରା ଗ୍ରାମପଞ୍ଚାୟତ ଅନ୍ତର୍ଗତ ଢେଲେଇ ଗ୍ରାମରେ ଗାଁ କଲ୍ୟାଣ ସମିତି ତରଫରୁ ଏକ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଅଙ୍ଗନୱାଡି କର୍ମୀ ସନ୍ଧ୍ୟାରାଣୀ ତ୍ରିପାଠୀଙ୍କ ସଭାପତିତ୍ୱରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ବନମାଳୀ ପାଢୀ, ଏଏନଏମ ସରୋଜିନୀ କୁଅଁର ପ୍ରମୁଖ ଯୋଗଦେଇ ମ୍ୟାଲେରିଆ, ଡେଙ୍ଗୁ, ଡାଇରିଆ ପ୍ରଭୃତି ରୋଗ ବିଷୟରେ ସଚେତନ କରିବା ସହ ସରକାରୀ ଡାକ୍ତରଖାନରେ ମାଗଣାରେ ଚିକିତ୍ସିତ ହେବାକୁ ପରାମର୍ଶ ଦେଇଥିଲେ। ଏଥିରେ ଗାଁ ସମୀକ୍ଷା ସଂଯୋଜକ ଶମ୍ଭୁରାଜ କର୍ଣ୍ଣ ଓ ସୁଶୀଲ ମୁଦୁଲି ପ୍ରମୁଖ ଉପସ୍ଥିତ ରହି ଗାଁ କଲ୍ୟାଣ ସମିତିକୁ ଆସୁଥିବା ଅର୍ଥ ଠିକ୍‌ଭାବେ ବିନିଯୋଗ କରି ପରିବେଶ ସ୍ୱଚ୍ଛ ରଖିବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମ ଶେଷରେ ଆଶା କର୍ମୀ ଗୀତାଞ୍ଜଳିମିଶ୍ର ଧନ୍ୟବାଦପ୍ରଦାନକରିଥିଲେ।

## ଆମ ପୋଲିସ ସମିତିର ବୈଠକ

ଡୁଙ୍ଗୁରିପାଲି, ୧୮।୮(ଡି.ଏନ୍.ଏ.)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ଅର୍ନ୍ତଗତ ରାମପୁର ଥାନା ଅଭ୍ୟର୍ଥନା ସଭାଗୃହରେ ରବିବାର ଆମ ପୋଲିସ ସମିତିର ବୈଠକ ଥାନା ସବ୍‌ଇନ୍ସପେକ୍ଟର ଭାନୁ ଶଙ୍କର ଯାଦବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଦୁଇ ଚକିଆ ଯାନ ଚାଳକଙ୍କ ବ୍ୟବହାର, ରାସ୍ତାରେ ସ୍ପିଡ୍ ବ୍ରେକର ନିର୍ମାଣ, ଏଟିଏମ୍ କାର୍ଡ ବ୍ୟବହାର, ଗାଡି ଚାଳନା ସମୟରେ ମୋବାଇଲ ବ୍ୟବହାର ନ କରିବା, ଟ୍ରାଫିକ୍ ନିୟମ ମାନି ଯାତାୟତ କରିବା ଉପରେ ବୈଠକରେ ଆଲୋଚନା ହୋଇଥିଲା। ଲୁହା ଲଙ୍ଗଳ ଚଲାଇ ରାସ୍ତାକୁ ଖରାପ କଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କୁହାଯାଇଥିଲା। ଅନୁଷ୍ଠିତ ବୈଠକରେ ଆମ ପୋଲିସ ସମିତିର ଦେବ ପ୍ରସାଦ ରଣା, ରାମ ନାରାୟଣ ସରାଫ, ପଞ୍ଚା ମାଝି, ଡିଲେଶ୍ୱର ମିଶ୍ର, ଶୁକଦେବ ପଧାନ, ଆନନ୍ଦ ଯୁଆଡି, କ୍ଷମା ସାହୁ, ସନ୍ତୋଷ ଦଣ୍ଡସେନାଙ୍କ ସମେତ ୧୭ ଜଣ ସଭ୍ୟ ଉପସ୍ଥିତ ଥିଲେ। ବୈଠକ ପରିଚାଳନାରେ ଏସଆଇ ବିଜୟ କୁମାର ବାରିକ, ଏଏସ୍‌ଆଇ. ମହନ ବରିହା ପ୍ରମୁଖ ସହଯୋଗ କରିଥିଲେ। ଏଏସ୍‌ଆଇ. ରବି ଚରଣ ବକୁଲ ଧନ୍ୟବାଦ ଅର୍ପଣ କରିଥିଲେ।

## ମଧ୍ୟାହ୍ନଭୋଜନ ପାଚିକା ସହାୟିକାଙ୍କ ବୈଠକ

■ ସେପ୍ଟେମ୍ବର ୬ରେ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ

ସୋନପୁର,୧୮।୮(ନି.ପ୍ର.)

ଭାରତୀୟ ମଜଦୁର ସଂଘ(ବିଏମଏସ) ଅନୁବନ୍ଧିତ ମଧ୍ୟାହ୍ନଭୋଜନ ପାଚିକା ଓ ସହାୟିକାଙ୍କ ବୈଠକ ବୀରମହାରାଜପୁରଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ବିଏମଏସର ଜିଲା ସଭାପତି ସୁରୁବାବୁ ପଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ କିଶୋର ହୋତା ମୁଖ୍ୟ ଅତିଥି ଭାବେ ଯୋଗଦେଇ କର୍ମକ୍ଷେତ୍ରରେ ପାଚିକା ସହାୟିକାଙ୍କ ବିଭିନ୍ନ ସମସ୍ୟା ଓ ସୁରକ୍ଷା ସମ୍ପର୍କରେ ଆଲୋଚନା କରିଥିଲେ। ବିଏମଏସର ଜିଲା ସାଧାରଣ ସମ୍ପାଦକ ଅର୍ଜୁନ ବାଦୀ ଯୋଗଦେଇ ସଂଗଠନକୁ ସୁଦୃଢ କରିବା ଉପରେ ଗୁରୁତ୍ୱ ଦେଇଥିଲେ। ପାଚିକା ସହାୟିକା ସଂଘର ଜିଲା ସଭାନେତ୍ରୀ ସପ୍ତା ବେହେରା, ସମ୍ପାଦିକା ଗୁରୁବାରୀ ସେଠୀ, କୋଷାଧ୍ୟକ୍ଷ ମମତା ମାଝୀ ପ୍ରମୁଖ ଯୋଗଦେଇ ପାଚିକାମାନଙ୍କୁ ସରକାରୀ କର୍ମଚାରୀର ମାନ୍ୟତା, ବେତନ ବୃଦ୍ଧି, ପ୍ରସୂତିକାଳୀନ ଛୁଟି ଓ ପେନସନର ବ୍ୟବସ୍ଥା ପାଇଁ ସରକାରଙ୍କଠାରେ ଦାବି ଉପସ୍ଥାପନ କରାଯିବ ବୋଲି କହିଥିଲେ। ଏହି ସମସ୍ତ ଦାବି ନେଇ ଆସନ୍ତା ୬ ତାରିଖରେ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି ସଂଘ ପକ୍ଷରୁ ସୂଚନା ଦିଆଯାଇଥିଲା। ବୀରମହାରାଜପୁର ବ୍ଲକ ମଧ୍ୟାହ୍ନଭୋଜନ ପାଚିକା ସଂଘର ସଭାନେତ୍ରୀ ଉଡିଆ ପଧାନ, ସମ୍ପାଦିକା ରୀତାଞ୍ଜଳି ବିଶି ଓ ଶିବନାରାୟଣ ପଣ୍ଡା ଉପସ୍ଥିତ ଥିଲେ।



ବୈଠକରେ ମଞ୍ଚାସୀନ ନେତୃବୃନ୍ଦ ଓ ସଂଘର କର୍ମକର୍ତ୍ତା।

## ସତ୍ୟନାରାୟଣଙ୍କ ପରଲୋକ ଅପୂରଣୀୟ କ୍ଷତି

ସୋନପୁର,୧୮।୮(ନି.ପ୍ର.)

ସହରର ବରିଷ୍ଠ ସାମାଜିକକର୍ମୀ ସତ୍ୟନାରାୟଣ ଅଗ୍ରୱାଲା(୬୮)ଙ୍କ ପରଲୋକ ହୋଇଯାଇଛି। ଏହି ଅବସରରେ ଏକ ଶ୍ରଦ୍ଧାଞ୍ଜଳି ସଭା ଥନାପତିପଡାର ଚନ୍ଦ୍ରଶେଖର ପାଠାଗାରରେ ରବିବାର ଅନୁଷ୍ଠିତ ହୋଇଥିଲା। ସତ୍ୟନାରାୟଣ ଗରିବ ଓ ଅସହାୟଙ୍କୁ ସହାୟତା କରି ଆସୁଥିଲେ। ସେ ସାମାଜିକ ଓ ଧାର୍ମୀକ କାର୍ଯ୍ୟରେ ଅଗ୍ରଣୀ ଭୂମିକା ଗ୍ରହଣ କରୁଥିଲେ। ତାଙ୍କ ପରଲୋକ ଅପୂରଣୀୟ କ୍ଷତି ବୋଲି ବିଶିଷ୍ଟ ବ୍ୟକ୍ତିମାନେ ବର୍ଣ୍ଣନା କରିବା ସହ ତାଙ୍କର ସ୍ମୃତିଚାରଣ କରିଥିଲେ। ସଭାରେ ପ୍ରମୋଦ ମହାପାତ୍ର, କେଦାର ଥନାପତି, ଓମପ୍ରକାଶ ଅଗ୍ରୱାଲା, ଚତୁରା ପୂଜାରୀ, ଅନୁପ ଅଗ୍ରୱାଲା, ଅମିତ ଅଗ୍ରୱାଲା, ଅର୍ଚ୍ଚନା ଅଗ୍ରୱାଲା, ରାମଶଙ୍କର ସାହୁ ଓ ଥନାପତିପଡାର ଅଧିବାସୀ ସଭାରେ ଉପସ୍ଥିତ ଥିଲେ।



ଶ୍ରଦ୍ଧାଞ୍ଜଳି ସଭାରେ ଉପସ୍ଥିତ ସହରବାସୀ ।

## ଗଙ୍ଗାଧର ଜୟନ୍ତୀ ପାଳିତ

ଡୁଙ୍ଗୁରିପାଲି, ୧୮।୮(ଡି.ଏନ୍.ଏ.)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ପଣ୍ଡକିଟାଲ ସରସ୍ୱତୀ ଶିଶୁ ମନ୍ଦିର ପରିସରରେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ବାସୁଦେବ ସାହୁ, ସମ୍ମାନୀତ ଅତିଥିଭାବେ ବୃନ୍ଦାବନ ବିଶ୍ୱାଳ ଯୋଗଦେଇଥିଲେ । ମୁଖ୍ୟବକ୍ତାଭାବେ ଯୋଗଦେଇ ବଳରାମ ପଧାନ ଗଙ୍ଗାଧରଙ୍କ ସାହିତ୍ୟ କୃତୀ ସମ୍ପର୍କରେ ଆଲୋଚନା କରିଥିଲେ। ଭାରୀୟ କିଷାନ ସଂଘ ଜିଲା ସଭାପତି ଦୀନବନ୍ଧୁ ଖମାରୀ, ଉଜଳ ଭୋଇ, ମହନ ଦୀପ, କମ୍ବୁପାଣି ପାତ୍ର, ବଳିଷ୍ଠ ବିଶ୍ୱାଳ, ଶିଶୁ ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ଡୋଲାମଣୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଦୁର୍ବିଷହ ଜୀବନ ବିତାଉଛନ୍ତି ବନ୍ୟା ବିପନ୍ନ

ତରଭା, ୧୮।୮(ଡି.ଏନ.ଏ.)

ଗତ ୧୩ ତାରିଖର ଲଗାଣ ବର୍ଷା ଓ ବନ୍ୟାରେ ସୁବର୍ଣ୍ଣପୁର ଜିଲା ତରଭା ଅଞ୍ଚଳର ପ୍ରଭୂତ କ୍ଷତି ଘଟାଇଛି। ବିଶେଷ କରି ତରଭା ସହରାଞ୍ଚଳର କ୍ଷୟକ୍ଷତି ଆଶାତୀତ ହୋଇଥିବାରୁ ଲୋକେ ଦୁର୍ବିଷହ ଜୀବନ ବିତାଉଛନ୍ତି। ବର୍ତ୍ତମାନ ପର୍ଯ୍ୟନ୍ତ ବିଭିନ୍ନ ଆଶ୍ରୟ ସ୍ଥଳୀମାନଙ୍କରେ ଥିବା ବିପନ୍ନମାନେ ଘରକୁ ଫେରି ପାରି ନାହାନ୍ତି । ସ୍ଥାନୀୟ ପ୍ରଶାସନ ତରଫରୁ ୧୨ଟି ସ୍ଥାନରେ ଦୁଇ ଓଳି ରନ୍ଧା ଖାଦ୍ୟ ୩୦୭୪ ଜଣଙ୍କୁ ଦିଆଯାଉଛି। କିଛି ଲୋକ ନିଜ ଘରକୁ ଫେରିଛନ୍ତି। ହେଲେ ଘରର ଛାତ ଭାଙ୍ଗିଯାଇଥିବାରୁ ତହସିଲ ତରଫରୁ ମିଳିଥିବା ପଲିଥିନ ତଳେ ମୁଣ୍ଡ ଗୁଞ୍ଜିଛନ୍ତି। ରବିବାର ସନ୍ଧ୍ୟାରୁ ବର୍ଷା ହେଉଥିବା ଯୋଗୁଁ ଅଞ୍ଚଳବାସୀ ପୁଣି ଭୟଭୀତ ଅବସ୍ଥାରେ ଅଛନ୍ତି । ରାସ୍ତାଘାଟରେ ବର୍ତ୍ତମାନ ବି ଅଳିଆ ଆବର୍ଜନା ଓ କାଦୁଅ ଜମା ହୋଇରହିଛି। ଅନେକ ବ୍ୟବସାୟୀ ନିଜ ଦୋକାନ ଖୋଲିବାରେ ସକ୍ଷମ ହୋଇନାହାନ୍ତି ଯେଉଁଠି ଦେଖିଲେ ପାଣିରେ ଓଦା ହୋଇ ନଷ୍ଟ ହୋଇଥିବା ଜିନିଷ ବାହାରେ ଫିଙ୍ଗୁଛନ୍ତି। ଏନ୍‌ଏସି ତରଫରୁ ରାସ୍ତା ଘାଟ ସବୁ ସଫା କରିବା ପାଇଁ ବାହାରୁ କାଦୁଅ ଫିଙ୍ଗା ବକେଟ୍ ଗାଡି ଆଣି ସ୍ଥିତି ସୁଧାରିବାକୁ ଉଦ୍ୟମ କରାଯାଉଛି। ବନ୍ୟାଯୋଗୁ ତରଭା ଜେଏମଏଫସି କୋର୍ଟରେ ଅବସ୍ଥା ଶୋଚନୀୟ ହୋଇଛି। ନୂତନ ଭାବରେ ହୋଇଥିବା ଏହି କୋର୍ଟରେ ଉଭୟ ପଟର ପାଚେରୀ ଭାଙ୍ଗି ବନ୍ୟାଜଳ ପ୍ରବେଶ କରିବା ଦ୍ୱାରା ଫାଇଲ ସବୁ ଓଦା ହୋଇ ନଷ୍ଟ ହୋଇଛି। ତାକୁ ସଜାଡିବା ପାଇଁ ଜିଲା କୋର୍ଟରୁ ୧୦ରୁ ଅଧିକ କର୍ମଚାରୀ ଆସି ବିଭିନ୍ନ ଫାଇଲ ଖରାରେ ସୁଖାଉଥିବା ଏବଂ କୋର୍ଟ ହଲକୁ ସଫାସୁତୁରା କରିବାରେ ଲାଗିଛନ୍ତି। ରବିବାର ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ବନ୍ୟା କ୍ଷତିଗ୍ରସ୍ତ ଚାରଭଟା ଓ ବାଲିଖମାର ଗ୍ରାମପଞ୍ଚାୟତର କର୍ଲାମୁହାଣ, ବିଲେଇବେର୍ଣ୍ଣା, ପୁଟୁକିପାଲି ପ୍ରଭୃତି ଅଞ୍ଚଳ ବୁଲିଥିଲେ। କ୍ଷତିଗ୍ରସ୍ତ ଚାଷୀ ଓ ଜନସାଧାରଣଙ୍କ ସହିତ ଆଲୋଚନା କରି ରିଲିଫ କୋଡ ଅନୁଯାୟୀ ଯଥା ସମ୍ଭବ ସହାୟତା ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ଘର ଭାଙ୍ଗିଥିବା ବ୍ୟକ୍ତିଙ୍କୁ ଆବାସ ଯୋଜନାରେ ସାମିଲ କରିବାକୁ ପୂଝାରୀ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଯୁଦ୍ଧକାଳୀନ ଭିତ୍ତିରେ ରାସ୍ତାଘାଟ ମରାମତି କାମ କରିବା ପାଇଁ ବିଭାଗୀୟ ପଦାଧିକାରୀମାନଙ୍କୁ ସେ ନିର୍ଦ୍ଦେଶ ଦେଇଥିଲେ ।



ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ବନ୍ୟା କ୍ଷତିଗ୍ରସ୍ତ ଅଞ୍ଚଳ ବୁଲି ଦେଖୁଛନ୍ତି।

■ ୧୨ସ୍ଥାନରେ ଦୁଇଓଳା ଦିଆଯାଉଛି ରନ୍ଧାଖାଦ୍ୟ

■ ରବିବାରର ବର୍ଷା ପୁଣି ଡରାଇଲା

**ସୁଧୁରିନି ସ୍ଥିତି**

### ବନବିଭାଗର ଚଢାଉ

## ୨୫ଖଣ୍ଡ ଶାଳଗଣ୍ଡି ଜବତ, ୩ ଗିରଫ

ପାଟଣାଗଡ, ୧୮।୮(ଡି.ଏନ.ଏ.)

ବଲାଙ୍ଗୀର ଜିଲା ପାଟଣାଗଡ ବନବିଭାଗ ଶନିବାର ବିଳମ୍ବିତ ରାତିରେ ଲରମ୍ବା ଥାନା ଅନ୍ତର୍ଗତ ଖୁର୍ସେଲ ଗ୍ରାମ ନିକଟରେ ଏକ ଭ୍ରାମ୍ୟମାଣ କରତକଳ ଉପରେ ଚଢାଉ କରିଥିଲା। ସେଠାରେ ଏକ ଟ୍ରାକ୍ଟରରେ କରତକଳ ଫିଟିଙ୍ଗ କରି କାଠ କାଟୁଥିବା ଦେଖିବାକୁ ମିଳିଥିଲା। ପାଟଣାଗଡ ବନପାଳ ବାସୁଦେବ ନାଥଙ୍କ ନେତୃତ୍ୱରେ କରାଯାଇଥିବା ଚଢାଉ ପରେ ଘଟଣାସ୍ଥଳରୁ ୨୫ଟି ଶାଳ ଗଣ୍ଡି, ଗୋଟିଏ ଟ୍ରାକ୍ଟର (ନଂ. ଓଆର. ୦୩ ୯୮୩୦), ଗୋଟିଏ ବାଇକ (ନଂ ଓ.ଆର. ୧୭ ବି ୧୧୫୨)କୁ ଜବତ କରାଯାଇଥିଲା। ଘଟଣାର ମାଷ୍ଟରମାଇଣ୍ଡ ଲରମ୍ବା ଥାନା ଅନ୍ତର୍ଗତ କିରାବାହାଲ ଗ୍ରାମର ଛାୟାକାନ୍ତ ବାଗ ଏବଂ ବରଗଡ ଜିଲାର ଲକ୍ଷ୍ମଣ କାଣ୍ଡ ଏବଂ ବିଜୟ ସାହୁଙ୍କୁ ବନ ବିଭାଗ ଅଧିକାରୀମାନେ ଗିରଫ କରିଥିଲେ। ଏ ନେଇ ଏକ ମାମଲା (ନଂ .୧୨୮/୧୯)ରୁଜୁ କରି ଅଭିଯୁକ୍ତମାନଙ୍କୁ ରବିବାର କୋର୍ଟଚାଲାଣ କରାଯାଇଛି। ଘଟଣାସ୍ଥଳରୁ ଜବତ ହୋଇଥିବା ଜିନିଷର ଆନୁମାନିକ ମୂଲ୍ୟ ପ୍ରାୟ ୩ ଲକ୍ଷ ଟଙ୍କା ହେବ ବୋଲି ବନପାଳ ନାଥ ସୂଚନା ଦେଇଛନ୍ତି। ଏହି ଚଢାଉରେ ଫରେଷ୍ଟର ରଞ୍ଜିତ ସିଂବାବୁ, ଆଶୁତୋଷ ମହାକୁର, ଅରବିନ୍ଦ ଧରୁଆ ଏବଂ ପାରା ଫରେଷ୍ଟ ଷ୍ଟାଫ ଗୋବିନ୍ଦ ପାତ୍ର ଓ ବାବୁଲାଲ ସିଂ ପ୍ରମୁଖ ସାମିଲ ଥିଲେ।



ପରର ମଙ୍ଗଳ କରିବା ସବୁଠାରୁ ବଡ ଧର୍ମ।
ଅନ୍ୟକୁ କଷ୍ଟ ଦେବା ସବୁଠାରୁ ବଡ ପାପ।
- ସନ୍ଥ ତୁଳସୀ ଦାସ



# ୫ ଟ୍ରିଲିୟନ ଡଲାର ଭାରତୀୟ ଅର୍ଥନୀତିକୁ ଗୁରୁତ୍ୱ

**ବରଗଡ଼ ଅଫିସ୍,୧୮।୮**

ବରଗଡ଼ର ଏକ ହୋଟେଲ ସମ୍ମିଳନୀ କକ୍ଷରେ ଭାରତୀୟ ଷ୍ଟେଟବ୍ୟାଙ୍କ, ବରଗଡ଼ କ୍ଷେତ୍ର କାର୍ଯ୍ୟାଳୟ ପକ୍ଷରୁ ଚାଲିଥିବା ଦୁଇଦିନିଆ ସମାବେଶ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏହି ସମାବେଶରେ ସରକାରଙ୍କ ୫ ଟ୍ରିଲିୟନ ଡଲାର ଭାରତୀୟ ଅର୍ଥନୀତିକୁ ସାକାର କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ସମାବେଶର ଉଦଯାପନୀ ସମାରୋହରେ ଷ୍ଟେଟବ୍ୟାଙ୍କ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱରର ଉପ ମହାପ୍ରବନ୍ଧକ ବିଜୟ ଚକ୍ରବର୍ତ୍ତୀ, ବରଗଡ଼ କ୍ଷେତ୍ରୀୟ ପ୍ରବନ୍ଧକ ଚନ୍ଦ୍ରମଣି ବାରିକ ପ୍ରମୁଖ ଯୋଗଦେଇ ଉପସ୍ଥିତ ବ୍ୟାଙ୍କ ଅଧିକାରୀ, କର୍ମଚାରୀଙ୍କୁ ବିଭିନ୍ନ ପରାମର୍ଶ ଦେଇଥିଲେ। ସମାବେଶରେ ବ୍ୟାଙ୍କରେ ଆଞ୍ଚଳିକ ସ୍ତରର ସମସ୍ତ ଶାଖା ଭାଗ ନେଇଥିଲେ। ଏଥିରେ ଶାଖା ଗୁଡ଼ିକ ସେମାନଙ୍କ ପ୍ରଦର୍ଶନର ସମୀକ୍ଷା କରିବା, ବ୍ୟାଙ୍କିଂ କ୍ଷେତ୍ରରେ ପୂର୍ବ ଓ ଭବିଷ୍ୟତର ରଣନୀତି ଉପରେ ବିଚାର ବିମର୍ଷ ଏବଂ ଏହାକୁ ଆଗକୁ ବଢ଼ାଇବାର ରଣନୀତି ବିଷୟରେ ବିଚାର କରିବା ସହିତ ପରାମର୍ଶ ଦିଆଯାଇଥିଲା। ସେହିପରି ଅର୍ଥ ବ୍ୟବସ୍ଥାରେ ବିଭିନ୍ନ ବିଭାଗରେ ଋଣ ବଢ଼ାଇବା ଏବଂ ସାଧନ ଉପରେ ଷ୍ଟେଟବ୍ୟାଙ୍କ ମୁଖ୍ୟ କାର୍ଯ୍ୟାଳୟ ଭୁବନେଶ୍ୱରର ଉପ ମହାପ୍ରବନ୍ଧକ ଚକ୍ରବର୍ତ୍ତୀ ପରାମର୍ଶ ଦେଇଥିଲେ । ଏହା ସହିତ ଅନୁସନ୍ଧାନ ତଥା ତଥ୍ୟ ବିଶ୍ଳେଷଣରେ ସକ୍ଷମ ହେବା ପାଇଁ ଯାନ୍ତ୍ରିକ ବିଜ୍ଞାନର ପ୍ରୟୋଗ କରି ବରିଷ୍ଠ ନାଗରିକ, ଚାଷୀ, ଛୋଟ ବ୍ୟବସାୟୀ, ଯୁବ, ଛାତ୍ର, ମହିଳାମାନଙ୍କର ଚାହିଦା ଏବଂ ଆକାଂକ୍ଷାର ଅନୁରୂପ ବ୍ୟାଙ୍କିଙ୍ଗକୁ ନାଗରିକ କେନ୍ଦ୍ରୀତ କରିବା ଉପରେ ବିଚାର କରାଯାଇଥିଲା ।

ସେହିପରି ଆର୍ଥିକ ବିକାଶ ପାଇଁ ଋଣ ପ୍ରଦାନ, ଅର୍ଥନୈତିକ ମୂଳଦୁଆ, ଶିଳ୍ପ, କୃଷିକ୍ଷେତ୍ର ଏବଂ ଜଳ ଅର୍ଥ ବ୍ୟବସ୍ଥା, ଜଳଶକ୍ତି, ଲଘୁ ଉଦ୍ୟମ, ମୁଦ୍ରାରଣ, ଶିକ୍ଷାଋଣ, ରପ୍ତାନୀ ଋଣ, ସବୁଜ ଅର୍ଥ ବ୍ୟବସ୍ଥା, ସ୍ୱଚ୍ଛ ଭାରତ, ବିତ୍ତୀୟ ସମାବେଶନ, ମହିଳା ସଶକ୍ତୀକରଣ, ପ୍ରତ୍ୟକ୍ଷ ଲାଭ ଅନ୍ତରଣ, କମ୍ ନଗଦୀ ଡିଜିଟାଲ ଅର୍ଥ ବ୍ୟବସ୍ଥା, କାର୍ଯ୍ୟ ସମ୍ପାଦନରେ ସୂକ୍ଷ୍ମତା, ସ୍ଥାନୀୟ ପ୍ରାଥମିକତା ଉପରେ ଧ୍ୟାନ, କର୍ପୋରେଟ୍ ସାମାଜିକ ଦାୟିତ୍ୱ ଉପରେ ସମୀକ୍ଷା କରାଯାଇଥିଲା । ବ୍ୟାଙ୍କ ଓ ବିଶେଷ ରୂପରେ ବ୍ୟାଙ୍କର କାର୍ଯ୍ୟ ସମ୍ପାଦନରେ କିଭଳି ସୁଧାର ଆସିବ ଏବଂ ଭବିଷ୍ୟତରେ ବ୍ୟାଙ୍କ ରୂପରେଖ କଣ ହେବା ଦରକାର, ଏହା ଉପରେ ମଧ୍ୟ ଆଲୋକପାତ କରାଯାଇଥିଲା । ଏସଏଲବିସି ପରେ ଅନ୍ତର ଏବଂ ଆନ୍ତଃ ବ୍ୟାଙ୍କ ସ୍ତରରେ ତୁଳନା ସହିତ ସାର୍ବଜନିକ କ୍ଷେତ୍ରର ବ୍ୟାଙ୍କରେ କାର୍ଯ୍ୟକ୍ଷମ କରାଇବା ପାଇଁ ତଥା ଭବିଷ୍ୟତରେ ସଞ୍ଚାଳନର ଅନ୍ତିମ ରୂପରେଖ ଦେବା ପାଇଁ ରାଷ୍ଟ୍ରୀୟ ସ୍ତରରେ ଅନ୍ତିମ ପରାମର୍ଶର ଆୟୋଜନ କରାଯିବ ବୋଲି ସୂଚନା ଦିଆଯାଇଥିଲା ।





ସମାବେଶରେ ମଞ୍ଚାସୀନ ବ୍ୟାଙ୍କ ପ୍ରବନ୍ଧକବୃନ୍ଦ ।



ଏନଏସି କର୍ମଚାରୀମାନେ ଏକ ଦୋକାନରେ ଚଢ଼ାଉ କରୁଛନ୍ତି ।

## ପଲିଥିନ ଚଢ଼ାଉ: ୩୮୦୦ ଟଙ୍କା ଜରିମାନା ଆଦାୟ

ବିଜେପୁର, ୧୮।୮ (ଡି.ଏନ.ଏ)

ବିଜେପୁର ଏନଏସି ପକ୍ଷରୁ ପଲିଥିନ ବର୍ଜନ ଓ ସୁସ୍ଥ ପରିବେଶ ଗଠନ ଲକ୍ଷ୍ୟ ନେଇ ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନରେ ଚଢ଼ାଉ କରାଯାଇଥିଲା। ଏଥିରେ ୩୦ଟି ଦୋକାନରୁ ବିପୁଳ ପରିମାଣରେ ପଲିଥିନ ଜବତ ହୋଇଛି। ଏହା ସହ ୩୮୦୦ ଟଙ୍କା ଜରିମାନା ମଧ ଆଦାୟ ହୋଇଥିବା ଜଣାପଡିଛି। ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ରୁକ୍ମଣ ମେହେରଙ୍କ ନେତୃତ୍ୱରେ ବିକାଶ ସାହୁ, ମାନସ ଦାଶ, ଦିବ୍ୟକିଶୋର ପୁରୋହିତ, ପ୍ରକାଶ ଭୋଇ ପ୍ରମୁଖ ଏନଏସି କର୍ମଚାରୀ ପଲିଥିନ ଚଢ଼ାଉ ଅଭିଯାନରେ ସାମିଲ ହୋଇଥିଲେ ।

## ସଂକ୍ଷେପରେ

### ସାପ କାମୁଡାରେ ମୃତ୍ୟୁ

ପଦ୍ମପୁର, ୧୮।୮ (ଡି.ଏନ.ଏ)

ପଦ୍ମପୁର ଉପଖଣ୍ଡ ଗାଇସିଲେଟ ଛକ ଗିଦମାଲ ଗ୍ରାମରେ ରବିବାର ସାପ କାମୁଡାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଉକ୍ତ ଗ୍ରାମର ମଙ୍ଗଲୁ ସାହୁ (୩୦) । ସେ ଶନିବାର ରାତିରେ ନିଜ ଘର ଚଟାଣ ଉପରେ ଶୋଇଥିବା ବେଳେ ଏକ ଚିତି ସାପ ତଙ୍କୁ କାମୁଡି ଦେଇଥିଲା । ତୁରନ୍ତ ତାଙ୍କୁ ପଦ୍ମପୁର ଉପଖଣ୍ଡ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା । ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ କରାଇଛି।

### ଆରଏସଏସର ଗୁରୁ ପୂର୍ଣ୍ଣିମା ଉତ୍ସବ

ଗାଇସିଲେଟ,୧୮।୮(ଡି.ଏନ.ଏ)

ଗାଇସିଲେଟ ସରସ୍ୱତୀ ଶିଶୁ ମନ୍ଦିରରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ତରଫରୁ ଗୁରୁ ପୂର୍ଣ୍ଣିମା ଉତ୍ସବ ପାଳିତ ହୋଇଯାଇଛି। ପ୍ରଥମେ ଗୈରିକ ଧ୍ୱଜାକୁ ପୂଜାର୍ଚ୍ଚନା କରାଯାଇଥିଲା। ସଂଘ ସଦସ୍ୟ ବ୍ୟାସଦେବ ପଧାନ ବନ୍ଦନା କରି ବୈଠକ ଆରମ୍ଭ କରିଥିଲେ। ଅଧାପକ ମନୋଜ କୁମାର ପଣ୍ଡା ସଂଘରେ କୌଣସି ବ୍ୟକ୍ତି ବିଶେଷଙ୍କୁ ଗୁରୁ ଭାବେ ଗ୍ରହଣ କରା ନ ଯାଇ ହିନ୍ଦୁ ଧର୍ମର ଗୈରିକ ଧ୍ୱଜକୁ ମାନିବାର ଉଦ୍ଦେଶ୍ୟ ବାବଦରେ ବୁଝାଇଥିଲେ । ପରେ ଉପସ୍ଥିତ ଥିବା ସମସ୍ତ ସଭ୍ୟ ତଥା ବ୍ୟକ୍ତି ଧ୍ୱଜ ତଥା ଓମ୍, ଭାରତ ମାତା ଓ ସରସ୍ୱତୀ ମାତାଙ୍କୁ ପୁଷ୍ପାଞ୍ଜଳି ଦେଇ ବାର୍ଷିକ ଅର୍ଘ ଅର୍ପଣ କରିଥିଲେ । ଶେଷରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁରେଶ୍ୱର ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ ।

### ସ୍ୱଚ୍ଛତା ପକ୍ଷ ପାଳିତ

ବିଜେପୁର, ୧୮।୮ (ଡି.ଏନ.ଏ)

ବିଜେପୁର ମହାବିଦ୍ୟାଳୟର ଯୁକ୍ତ ୩ ବିଭାଗରେ ସ୍ୱଚ୍ଛତା ପକ୍ଷ ପାଳିତ ହୋଇଛି। ଉଦ୍‌ଯାପନୀ ସମାରୋହରେ ଅଧକ୍ଷ ପ୍ରଦୀପ କୁମାର ମିଶ୍ରଙ୍କ ଅଧକ୍ଷତାରେ ଲିପ୍‌ସାରାଣୀ ମହାପାତ୍ର, ବିନି ଅଗ୍ରୱାଲ ବକ୍ତା ଭାବେ ଯୋଗଦେଇ ସ୍ୱଚ୍ଛତାର ବିଭିନ୍ନ ଦିଗ ସମ୍ପର୍କରେ ଆଲୋକପାତ କରିଥିଲେ । ଡ. ସୁବ୍ରତାରାଣୀ ରାଉତ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ପୂର୍ବରୁ ଆୟୋଜିତ ଚିତ୍ରାଙ୍କନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା ।



### ବାଞ୍ଜିପାଲିରେ ବୃକ୍ଷରୋପଣ

ଜାମଟିକ୍ରା, ୧୮।୮ (ଡି.ଏନ.ଏ)

ଅତାବିରା ବ୍ଲକ ବାଞ୍ଜିପାଲି ଗ୍ରାମର ଉତ୍ସାହୀ ଯୁବକମାନେ ରବିବାର ଗ୍ରାମ ରାସ୍ତାର ଉଭୟ ପାର୍ଶ୍ୱରେ ଶିଶୁ, ଛତିଆନା, ରାଧାଚୂଡ଼ା ଆଦି ୨୫୦ଟି ବୃକ୍ଷ ଚାରାରୋପଣ କରିଥିଲେ । ଏହି ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଶିକ୍ଷକ ନନ୍ଦିଘୋଷ ଭୁଏ, ଅଭିନାଶ ବୁଡେକ, ସୂର୍ଯ୍ୟକାନ୍ତ ଭୁଏ, ରବୀନ୍ଦ୍ର ଭୁଏ, ପ୍ରେମାନନ୍ଦ ଛନ୍ଦ ପ୍ରମୁଖ ଯୁବକ ସହଯୋଗ କରିଥିଲେ । ଦୀର୍ଘ ୨ ବର୍ଷ ହେଲା ଗ୍ରାମର ଯୁବକମାନେ ଚାରାରୋପଣ କରି ତାର ଯତ୍ନ ନେଉଛନ୍ତି ।

### ନୃସିଂହନାଥ କ୍ଷୟକ୍ଷତି ଦେଖିଲେ କେନ୍ଦ୍ରମନ୍ତ୍ରୀ

ପାଇକମାଳ,୧୮।୮(ଡି.ଏନ.ଏ)

ଗତ ଲଗାଣ ବର୍ଷାରେ ପାଇକମାଳର ନୃସିଂହନାଥ ଓ ହରିଶଙ୍କରରେ ବ୍ୟାପକ କ୍ଷୟକ୍ଷତି ହୋଇଛି । ଶନିବାର ଅପରାହ୍ନରେ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆକାଶ ମାର୍ଗରୁ ହରିଶଙ୍କର ଓ ନୃସିଂହନାଥରେ ହୋଇଥିବା କ୍ଷୟକ୍ଷତି ଦେଖିଥିଲେ । ଏହି ସମୟରେ ପଦ୍ମପୁରର ପୂର୍ବତନ ବିଧାୟକ ପ୍ରଦୀପ ପୁରୋହିତ ଉପସ୍ଥିତ ଥିଲେ । ନୃସିଂହନାଥ, ହରିଶଙ୍କରରେ ହୋଇଥିବା କ୍ଷୟକ୍ଷତି ସମ୍ପର୍କରେ ରାଜ୍ୟ ସରକାରଙ୍କୁ ରିପୋର୍ଟ ମାଗାଯିବ । ରାଜ୍ୟ ସରକାର କ୍ଷୟକ୍ଷତି ରିପୋର୍ଟ ଦେବା ପରେ କେନ୍ଦ୍ର ସହାୟତା ଯୋଗାଇଦେବ ବୋଲି କେନ୍ଦ୍ରମନ୍ତ୍ରୀ ପ୍ରଧାନ ପ୍ରତିଶ୍ରୁତି ଦେଇଥିବା ପୂର୍ବତନ ବିଧାୟକ ପୁରୋହିତ କହିଛନ୍ତି ।

## ଟଁକା ଅଭାବ, ନାଁ ଲେଖାରୁ ବଁଚିତ୍ ଛାତ୍ର

**ଜାମଟିକ୍ରା, ୧୮।୮ (ଡି.ଏନ୍.ଏ.):**



ଅନନ୍ତ ଦଲେଇ।

ବରଗଡ଼ ଜିଲା ଅତାବିରା ବ୍ଲକ ବୁଗବୁଗା ପଁଚେତ୍ ଅଧୀନ ଜାମଟିକ୍ରା ଗାଁର ଝନେ ଗରିବ୍ ଛାତ୍ର ଟଁକା ଅଭାବୁ କଲେଜରେ ନାଁ ଲେଖାବାରୁ ବଁଚିତ୍ ହେଇଥିବାର ଜନାଯାଇଛେ। ଘଟନାଟା ଅଂଚଲରେ ଗୁଟେ ଚରଚାର ବିଷେ ହେଇଛେ।

ସୂଚନା ଅନ୍‌ସାରେ ଜାମଟିକ୍ରା ଗାଁର ସ୍ୱର୍ଗତ ଶ୍ରୀମୁଖ ଦଲେଇଙ୍କଁର ପୁଓ ଅନନ୍ତ ଦଲେଇ(୧୬)। ଚଲତି ବଛର ସେ ମାଟ୍ରିକ ପାସ କରିଛନ୍, ହେଲେ ଟଁକା ପଏସା ଅଭାବୁ ସେ କଲେଜରେ ନାଁ ଲେଖାବାରୁ ବଁଚିତ୍ ହେଇଛନ୍। ଏନ୍‌ତାଥି ତାକର ଉଚ ଶିକ୍ଷା ସପନ୍ ଭାଂଗି ଯାଇଛେ। ବାପା ଶ୍ରୀମୁଖ ଦଲେଇ କେହେନ୍‌ସି ଗୁଟେ ଅଜନା ରୋଗ୍‌ରେ ପୀଡ଼ିତ ଥିଲେ। ପରିବାର ଲୋକ୍ ଧାର ଉଧାର କରି ତାହାକୁ ବୁର୍ଲା ନେଇ ଚିକିଛା କରାଲେ, ହେଲେ କିଛି ଲାଭ ନାଇଁ ହେଲା। ସେ ଆରପାରକେ ଚାଲିଗଲେ। ଶ୍ରୀମୁଖ ଚାଲିଗଲା ଉତାରୁ ୨ ଛୁଆ ବାପ୍ ଛେଉଁଡ୍ ହେଇଗଲେ। ବିଧବା ମା' ଆର ଦୁଇ ଭାଇକୁଁ ନେଇ ତାକର ପରିବାର। ସାନ ଭାଇ ଗାଁ ସ୍କୁଲରେ ତୁରତିଅ ଶ୍ରେଣୀରେ ପଢ଼ୁଛେ। ଇଆଢ଼େ ପରିବାରଟା ନିହାତି ଗରିବ୍ ହେଇଥିଲାବେଲେ ଜମିବାଡ଼ି ବଲି କିଛି ନାଇଁ। କୁଲି ମଜୁରି କରି ବାପା ପରିବାର ଚଲଉଥିଲେ। ହେଲେ ସେ ଚାଲିଗଲା ଉତାରୁ ଏହେଦେ ଅନନ୍ତ ପରିବାର ଚଲାବାର ଲାଗି ପାସର ଗୁଟେ କୁକୁଡ଼ା ଫାର୍ମରେ କାମ୍ କରୁଛନ୍। କଲେଜରେ ପଢ଼ି ଗୁଟେ ସରକାରୀ ଚାକରି କରବାର ଅନନ୍ତକଁର ବହୁତ୍ ଇଛା, ହେଲେ ଅଭାବ ଅନାଟନ ତାକର ଇ ସପନ୍‌କେ ଭାଂଗି ଦେଇଛେ। ସରକାରୀ, ବେସରକାରୀ କି କେହେନ୍‌ସି ସହୃଦ୍ ଲୋକ୍ ଯଦି ସାହାଯ୍‌ର ହାତ୍ ବଢ଼ାତେ ମୋର ପୁଓ କଲେଜରେ ପାଠ୍ ପଢ଼ବାର ସଂଗେ ଗଟେ ଭଲ ମୁନୁଷ୍ ହେଇପାରତା ବଲି ଅନନ୍ତକଁର ମା' କହିଛନ୍।

## କର୍କଟ ରୋଗୀଙ୍କୁ ଚିକିତ୍ସା ସହାୟତା

**ବରଗଡ଼ ଅଫିସ୍,୧୮।୮**

ବରଗଡ଼ର ସବିତା ଦାଶ ନାମ୍ନୀ ଜଣେ ମହିଳା ରକ୍ତ କର୍କଟ ରୋଗରେ ଆକ୍ରାନ୍ତ ହୋଇ ଟାଟା ମେମୋରିଆଲ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି । ତାଙ୍କ ଚିକିତ୍ସା ପାଇଁ ଅଧିକ ଅର୍ଥ ଆବଶ୍ୟକତା ଥିବାରୁ ତାହା ପରିବାର ପକ୍ଷେ ସଂଗ୍ରହ କରିବା କଷ୍ଟସାଧ୍ୟ ହୋଇପଡ଼ିଛି । ଏହି ଖବର ସୋସିଆଲ ମିଡ଼ିଆରେ ଜଣାପଡ଼ିବା ପରେ ସ୍ଥାନୀୟ ସ୍ୱେଚ୍ଛାସେବୀ ଅନୁଷ୍ଠାନ ନିଷ୍ଠା ସହାୟତାର ହାତ ବଢ଼ାଇଛି । ଚିକିତ୍ସା ସହାୟତା ବାବଦକୁ ନିଷ୍ଠା ପକ୍ଷରୁ ରବିବାର ସବିତାଙ୍କ ପୁଅ ଗଙ୍ଗାଧରଙ୍କୁ ୨୦ହଜାର ଟଙ୍କା ପ୍ରଦାନ କରାଯାଇଛି । ନିଷ୍ଠାର ସଭାପତି ରକ୍ଷପାଳ ସାହୁ, ସମ୍ପାଦକ ଅଶ୍ୱିନୀ ତ୍ରିପାଠୀ, କୋଷାଧ୍ୟକ୍ଷ ଶ୍ୟାମସୁନ୍ଦର ସାହୁ ପ୍ରମୁଖ ଚିକିତ୍ସା ସହାୟତା ବାବଦକୁ ସଂଗୃହୀତ ରାଶି ପ୍ରଦାନ କରିଥିଲେ ।

## ଭେଡ଼େନ ବ୍ଲକରେ ବୃତ୍ତି ପରୀକ୍ଷା

**ଭେଡ଼େନ,୧୮।୮(ଡ଼ି.ଏନ.ଏ)**

ଭେଡ଼େନ ବ୍ଲକର ତୃତୀୟ ଏବଂ ପଞ୍ଚମ ଶ୍ରେଣୀ ବୃତ୍ତି ପରୀକ୍ଷା ରବିବାର ଅନୁଷ୍ଠିତ ହୋଇଛି। ସ୍ଥାନୀୟ ହାଟପଦା ପ୍ରାଥମିକ ବିଦ୍ୟାଳୟ ପରିସରରେ ହୋଇଥିବା ତୃତୀୟ ଶ୍ରେଣୀ ବୃତ୍ତି ପରୀକ୍ଷାରେ ୧୭୩ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ବେଳେ ସୂର୍ଯ୍ୟମଣି ଜନତା ହାଇସ୍କୁଲରେ ହୋଇଥିବା ପଞ୍ଚମ ଶ୍ରେଣୀ ବୃତ୍ତି ପରୀକ୍ଷାରେ ୧୫୧ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ । ଭେଡ଼େନ ବିଇଓ ମଛିନ୍ଦ୍ର ମଲିକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ହୋଇଥିବା ଏହି ପରୀକ୍ଷାକୁ ଉଭୟ ବିଦ୍ୟାଳୟର ପ୍ରଧାନଶିକ୍ଷକ ଏବଂ ସିଆରସିସି ତଥା ଶିକ୍ଷକଗଣ ପରିଚାଳନା କରିଥିଲେ ।

■ ସରଣ୍ଡାରେ ଗଙ୍ଗାଧର ଜୟନ୍ତୀ

## ବିଶ୍ୱ ସାହିତ୍ୟକୁ ମଧୁମୟ କରିଛି ଗଙ୍ଗାଧରଙ୍କ କୃତି



ସରଣ୍ଡାରେ ମେହେର ଜୟନ୍ତୀ ଅବସରରେ ମଞ୍ଚାସୀନ ଅତିଥି ।

**ସରଣ୍ଡା,୧୮।୮(ଡି.ଏନ.ଏ)**

ବରଗଡ଼ ଜିଲା ଅତାବିରା ବ୍ଲକ ସରଣ୍ଡା ଗ୍ରାମରେ ରବିବାର ସ୍ୱଭାବ କବି ଗଙ୍ଗାଧରଙ୍କ ୧୫୮ତମ ଜୟନ୍ତୀ ପାଳିତ ହୋଇଯାଇଛି । ଗଙ୍ଗାଧରଙ୍କ କୃତି ବିଶ୍ୱ ସାହିତ୍ୟ ଜଗତକୁ ମଧୁମୟ କରି ଗଢ଼ି ତୋଳିଛି ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଅତାବିରା ବ୍ଲକ ଭୁଲିଆ ସମାଜ ପକ୍ଷରୁ ଅନୁଷ୍ଠିତ ଏହି ଜୟନ୍ତୀ ସମାରୋହରେ ସଭାପତି ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଚନ୍ଦ୍ରମଣି ମେହେର ଅଧକ୍ଷତା କରିଥିଲେ । ଆନନ୍ଦ ମେହେର ସଭା ପରିଚାଳନା କରିଥିଲେ । ଏଥିରେ ବରଗଡ଼ ଜିଲା ଭୁଲିଆ ସମାଜର ସମ୍ପାଦକ ସୁବାଷ ମେହେର ମୁଖ୍ୟବକ୍ତା, ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ରଥ ମେହେର, ଜିଲା ସଭାପତି ରାମକୃଷ୍ଣ ମେହେର, ରାଜ୍ୟସ୍ତରୀୟ କୋର କମିଟି ସଦସ୍ୟ ବିକ୍ରମ ମେହେର, ଜିଲା ସାଂସ୍କୃତିକ ସମ୍ପାଦକ ପୀତାମ୍ବର ମେହେର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସ୍ୱଭାବ କବିଙ୍କ ସ୍ମୃତିଚାରଣ କରିଥିଲେ। ସ୍ଥାନୀୟ ଟୋପ ଗ୍ରାମରେ କବି ଗଙ୍ଗାଧର ମେହେରଙ୍କ ଏକ ପ୍ରତିମୂର୍ତ୍ତି ପ୍ରତିଷ୍ଠା ପାଇଁ ସର୍ବସମ୍ମତିକ୍ରମେ ପ୍ରସ୍ତାବ ଗୃହୀତ ହୋଇଥିଲା । ସରଣ୍ଡା ପଞ୍ଚାୟତ ହାଇସ୍କୁଲର ଛାତ୍ରୀମାନେ ପ୍ରାରମ୍ଭିକ ଓ ଉଦ୍‌ଯାପନୀ ସଙ୍ଗୀତ ଗାନ କରିଥିଲେ । ରାଜ୍ୟସ୍ତରୀୟ କୋର କମିଟି ସଦସ୍ୟ ବିକ୍ରମ ମେହେର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅର୍ଜ୍ଜୁନ ମେହେର ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ସରଣ୍ଡା ଗ୍ରାମ ଭୁଲିଆ ସମାଜ ପକ୍ଷରୁ ବିଷ୍ଣୁ ମେହେର, ବିଦ୍ୟାଧର ମେହେର, ଦିଗମ୍ବର ମେହେର ପ୍ରମୁଖ ଅଂଶଗ୍ରହଣ କରି କବିଙ୍କ ସ୍ମୃତିଚାରଣ କରିଥିଲେ । ଏଥିରେ ସୁନନ୍ଦା ମେହେର ମଧ ଯୋଗ ଦେଇ ସ୍ୱଭାବ କବିଙ୍କ ବିଭିନ୍ନ କୃତି ଉପରେ ଆଲୋକପାତ କରିଥିଲେ ।

## ବ୍ଲକସ୍ତରୀୟ ପ୍ରାଥମିକ ମେଧାବୃତ୍ତି ପରୀକ୍ଷା

**ବିଜେପୁର, ୧୮।୮ (ଡି.ଏନ.ଏ)**

ବରଗଡ ଜିଲା ବିଜେପୁର ବ୍ଲକସ୍ତରୀୟ ପ୍ରାଥମିକ ମେଧାବୃତ୍ତି ପରୀକ୍ଷା ରବିବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୋଟ ୨୫୫ ଜଣ ପରୀକ୍ଷା ଦେଇଥିବା ବେଳେ ୨୫ଜଣ ଅନୁପସ୍ଥିତ ଥିବା ଜଣାପଡିଛି । ବାଳକ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ତୃତୀୟ ଶ୍ରେଣୀ ବୃତ୍ତି ପରୀକ୍ଷାରେ ମୋଟ ୧୪୬ ଜଣ ପରୀକ୍ଷା ଦେବାକୁ ଧାର୍ଯ୍ୟ ହୋଇଥିଲା । ୧୪ ପରୀକ୍ଷାର୍ଥୀ ଅନୁପସ୍ଥିତ ରହିଥିବା ବେଳେ ୧୩୨ ଜଣ ପରୀକ୍ଷାରେ ଦେଇଥିଲେ । ସେହିପରି ପଞ୍ଚମ ଶ୍ରେଣୀ ମେଧା ବୃତ୍ତି ପାଇଁ ୧୩୪ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେବାକୁ ନିର୍ଦ୍ଧାରିତ ହୋଇଥିଲେ । କିନ୍ତୁ ୧୨୩ ଜଣ ପରୀକ୍ଷା ଦେଇଥିବା ବ୍ଲକ ଶିକ୍ଷା ବିଭାଗ ସୂତ୍ରରୁ ପ୍ରକାଶ । ବାଳକ ପ୍ରାଥମିକରେ ପ୍ରଧାନଶିକ୍ଷକ ସୌଦାମିନୀ ମାଝୀ ଓ ସରକାରୀ ଉଚ୍ଚ ବିଦ୍ୟାଳୟରେ ଯଶୋବନ୍ତ ମେହେର ପରୀକ୍ଷା କେନ୍ଦ୍ର ପରିଚାଳକ ଦାୟିତ୍ୱ ସମ୍ପାଦନ କରିଥିଲେ । ଏବିଇଓ ସୁଶାନ୍ତ କୁମାର ପାଣ୍ଡେ ପର୍ଯ୍ୟବେକ୍ଷକ ଭାବେ ଉଭୟ କେନ୍ଦ୍ର ପରିଦର୍ଶନ କରିଥିଲେ ।

## ଦୁଗ୍ଧ ଚାଷୀଙ୍କ ସମାବେଶ

**ଅତାବିରା, ୧୮।୮ (ଡି.ଏନ.ଏ)**

ଅତାବିରା ବ୍ଲକ ଗୋଡଭଗା ସମଲେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ରବିବାର ସମଲେଶ୍ୱରୀ ଆଞ୍ଚଳିକ ଦୁଗ୍ଧ ଉତ୍ପାଦକ ସଂଘର ବୋର୍ଡ ଅଫ୍ ଡାଇରେକ୍ଟର ପ୍ରେମାନନ୍ଦ ସେଠଙ୍କ ଆହ୍ୱାନକ୍ରମେ ଦୁଗ୍ଧ ଚାଷୀଙ୍କ ବିଭିନ୍ନ ସମସ୍ୟା ଉପରେ ସମାବେଶ ଅନୁଷ୍ଠିତ ହୋଇଯାଇଛି । ମହାସଂଘ (ଓମଫେଡ) ଭୁବନେଶ୍ୱରର ବୋର୍ଡ ଅଫ ଡାଇରେକ୍ଟର ତଥା ସମଲେଶ୍ୱରୀ ଆଞ୍ଚଳିକ ଦୁଗ୍ଧ ସଂଘର ଡାଇରେକ୍ଟର କୁଞ୍ଜବିହାରୀ ରାଉତଙ୍କ ଅଧକ୍ଷତାରେ ସଭା ପରିଚାଳିତ ହୋଇଥିଲା । ସମାବେଶରେ ସମ୍ବଲପୁର, ବରଗଡ ଜିଲା ଅତାବିରା, ବରପାଲି, ଭଟଲି, ବିଜେପୁର, ଅମ୍ବାଭୋନା, ସୁବର୍ଣ୍ଣପୁର ଜିଲା ବିନିକା, ସୋନପୁର, ରାମପୁର ବ୍ଲକ ଆଦି ଦୁଗ୍ଧ ସମିତି ଗୁଡିକର ଶତାଧିକ ଦୁଗ୍ଧ ଚାଷୀ ଅଂଶଗ୍ରହଣ କରିଥିଲେ ।

# ମାନବବାଦୀ ଥିଲେ ଗଙ୍ଗାଧର, ପାର୍ବତୀ ଗିରି

ବିଜେପୁର/ପାଇକମାଳ, ୧୮।୮ (ଡି.ଏନ.ଏ)

ବିଜେପୁର ବ୍ଲକ ବିଲେଇପାଲି ସ୍ଥିତ ପାର୍ବତୀ ଗିରି ଅନାଥ ବୃଦ୍ଧାଶ୍ରମରେ ସ୍ୱଭାବ କବି ଗଙ୍ଗାଧର ମେହେର ଜୟନ୍ତୀ ଓ ବହ୍ନିକନ୍ୟା ପାର୍ବତୀ ଗିରିଙ୍କ ପୁଣ୍ୟତିଥି ପାଳିତ ହୋଇଯାଇଛି। ନାଟ୍ୟକାର ମୋହନ ସିଂ ଓ ସୁବାଷ ପଧାନଙ୍କ ମିଳିତ ପୌରୋହିତ୍ୟରେ ସାରସ୍ୱତ ସମାରୋହ ଅନୁଷ୍ଠିତ ହୋଇଥିଲା। ଭୂଦାନ ଆନ୍ଦୋଳନର ନେତା ମୁକ୍ତେଶ୍ୱର ପଧାନ ଓ ଉପେନ୍ଦ୍ର ମହାପାତ୍ର ଅତିଥି ଭାବେ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ। ଲାଲ ସାହେବ ବାରିକ, ଜିଲା ସାହୁ, ଅକ୍ଷୟ ବାରିକ, ସୁବିଜ୍ଞ ମଲ୍ଲିକ, ସୁଧାଂଶୁ ଚୌଧୁରୀ, ମହାଦେବ ଠାକୁର, ସଫେଦ ବାରିକ, ମୁଖା ବାରିକ, ନିଦାର କୁମୁରିଆ, ପାଣ୍ଡବ ସାହୁ ପ୍ରମୁଖ ଆଲୋଚନାରେ ସାମିଲ ହୋଇଥିଲେ । ଭାରତୀୟ ନୀତି, ଆଦର୍ଶ, ସଂସ୍କୃତିରେ ଗଙ୍ଗାଧର ସାହିତ୍ୟ ଋଦ୍ଧିମନ୍ତ ହୋଇଛି। ବିଶ୍ୱକବି ରବୀନ୍ଦ୍ର ନାଥ ଠାକୁରଙ୍କ ପରି ତାଙ୍କ କୃତୀ ଉଚ୍ଚାଙ୍ଗ ତଥା କାଳଜୟୀ। ମାତ୍ର ରାଜକୀୟ ପୃଷ୍ଠପୋଷକତା ଅଭାବରୁ କବି ମେହେର ବିଶ୍ୱକବି ମାନ୍ୟତା ପାଇବାରୁ ବଞ୍ଚିତ ହୋଇଥିଲେ। ସେହିପରି ସେବା ମମତାର ମୂର୍ତ୍ତିମନ୍ତ ପ୍ରତୀକ ଥିଲେ ପାର୍ବତୀ ଗିରି । ତାଙ୍କୁ କୌଣସି ଲୋଭ ପଦପଦବୀର ଲାଳସା କବଳିତ କରିପାରି ନ ଥିବାରୁ ସେ ଆଜୀବନ ଦୁସ୍ଥ, ଅନାଥ ପିଲାଙ୍କ ସେବାରେ ନିଜକୁ ନିୟୋଜିତ କରି ଅନନ୍ୟ ମାତୃତ୍ୱର ପରାକାଷ୍ଠା ପ୍ରଦର୍ଶନ କରିଥିଲେ ବୋଲି ମତପ୍ରକାଶ ପାଇଥିଲା। ଉପସଭାପତି ଦିଲୀପ କୁମାର ଦେବତା ସମାରୋହ ସଂଯୋଜନା କରିଥିଲେ। ପରେ ସମ୍ବଲପୁରୀ କବିତା ଆସର ଆୟୋଜିତ ହୋଇଥିଲା। ବିଜେପୁର ଖଗେଶ୍ୱର ସାହିତ୍ୟ କଳା ପରିଷଦ ଓ ପାର୍ବତୀ ଗିରି ବୃଦ୍ଧାଶ୍ରମର ମିଳିତ ସହଯୋଗରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସମ୍ପାଦକ ଜଳନ୍ଧର ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ବିଜେପୁର ଡିଗ୍ରୀ କଲେଜ ପକ୍ଷରୁ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ୧୫୮ତମ ଜୟନ୍ତୀ ପାଳିତ ହୋଇଛି। ଅଧକ୍ଷ ପ୍ରଦୀପ କୁମାର ମିଶ୍ରଙ୍କ ପୌରୋହିତ୍ୟରେ ପୂର୍ବତନ ବିଧାୟିକା ରୀତା ସାହୁ ମୁଖ୍ୟଅତିଥି, ସମ୍ବଲପୁର ନେତାଜୀ ସୁବାଷ ବୋଷ କଲେଜର ଅଧାପକ ଡ. ଶ୍ୟାମ ଭୋଇ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଅଧାପକ ସରୋଜ କୁମାର ପାଣିଗ୍ରାହୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧାପକ ନୀଳାଞ୍ଚଳ ବାରିକ, ସୁରେଶରାମ ମେହେର, ଅମୂଲ୍ୟନିଧି ପଧାନଙ୍କ ସମେତ ଅଧାପିକା ଅଧାପକ ସହଯୋଗ କରିଥିଲେ। ଅଧାପିକା ଡ. ସୁବ୍ରତାରାଣୀ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।



ନିମନ୍ତ୍ରିତ ଅତିଥି, କବିଙ୍କ ଗହଣରେ ବୃଦ୍ଧାଶ୍ରମର ଅନ୍ତେବାସୀଗଣ ।

**ପାଇକମାଳ, (ଡି.ଏନ.ଏ)**

ପାଇକମାଳର ନୃସିଂହନାଥ ସ୍ଥିତ କସ୍ତୁରବା ଗାନ୍ଧୀ ମାତୃନିକେତନ ପରିସରରେ ବିଶିଷ୍ଟ ସ୍ୱାଧିନତା ସଂଗ୍ରାମୀ ତଥା ସମାଜସେବୀ ପାର୍ବତୀ ଗିରିଙ୍କ ଶ୍ରାଦ୍ଧ ଦିବସ ପାଳିତ ହୋଇ ଯାଇଛି । ଶନିବାର ସକାଳେ ୫ଟାରେ ଅନ୍ତେବାସୀମାନେ ପ୍ରଭାତ ଫେରି କରି ରାମଧୁନ୍ ଗାଇବା ସହ ଜର୍ଜଗଡ ଗ୍ରାମ ପରିଭ୍ରମଣ କରିଥିଲେ। ସ୍ମୃତିପୀଠ ଠାରେ ଅନ୍ତେବାସୀମାନେ ଦୀପ ଜାଳି ପୁଷ୍ପ ଅର୍ପଣ ସହ ଭଜନ ଗାନ କରିଥିଲେ। ସେଠାରୁ ନୃସିଂହନାଥ ତୀର୍ଥ କ୍ଷେତ୍ରକୁ ଯାଇ ତିଳତର୍ପଣ ଓ ଗାନ୍ଧୀ ପୀଠରେ ପୂଜାର୍ଚ୍ଚନା କରାଯାଇଥିଲା । ପାର୍ବତୀ ଗିରିଙ୍କ ସ୍ମୃତିରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ଅପରାହ୍ନରେ ଆଶ୍ରମରେ ଥିବା ଛାତ୍ରୀଛାତ୍ରମାନଙ୍କର ଗୀତ, ନାଚ, ବକ୍ତୃତା ପ୍ରତିଯୋଗିତା ହୋଇଥିଲା। ଏହି ଅବସରରେ ନିରୁପମା ମହାପାତ୍ରଙ୍କ ଅଧକ୍ଷତାରେ ଏକ ସଭା ହୋଇଥିଲା। ଏଥିରେ ଦୁର୍ଯ୍ୟୋଧନ ତ୍ରିପାଠୀ, ନଗେନ୍ଦ୍ର ପାଣିଗ୍ରାହୀ, ଶୁଭ୍ରକାନ୍ତି ନାୟକ, ଜଶୋବନ୍ତୀ ଭୋଇ, ସୁଚରିତା ପଣ୍ଡା ପ୍ରମୁଖ ଯୋଗଦେଇ ପାର୍ବତୀ ଗିରିଙ୍କ ସ୍ମୃତିଚାରଣ କରିଥିଲେ ଓ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ । ଶେଷରେ ଚୌବନ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ସେହିପରି ମାଣ୍ଡୋସିଲ ଉଚ୍ଚ ମାଧମିକ ବିଦ୍ୟାଳୟ ଜୁନିୟର କଲେଜ ପରିସରରେ ଗଙ୍ଗାଧର ମେହେର ଜୟନ୍ତୀ ପାଳିତ ହୋଇଥିଲା। ମହାବିଦ୍ୟାଳୟର ଅଧକ୍ଷା ପୁଷ୍ପାଞ୍ଜଳି ମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ସମାରୋହରେ ଡିଗ୍ରୀ କଲେଜର ଅଧାପକ ସନ୍ତୋଷ ସିଂହ ଠାକୁର ମୁଖ୍ୟବକ୍ତା ଭାବେ ଯୋଗଦାନ କରି ଗଙ୍ଗାଧରଙ୍କୁ ଋଷିପ୍ରାଣ ଅଭିହିତ କରି ଆଲୋଚନା କରିଥିଲେ। ଅଧାପିକା ଅନୁପମା ସାହୁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଓଡିଆ ଅଧାପିକା ଝରଣା ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ । ଅଧାପକ ରବୀନ୍ଦ୍ର ଶତପଥି, ନାରାୟଣ ନାଏକ, ଅଧାପିକା ସୁଲୋଚନା ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ଅଧାପକ ରିପନ ସାହୁ, ପ୍ରେମ କୁମାର ସାହୁ, ତେଜରାଜ ସାହୁ, ପରମେଶ୍ୱର ସାହୁ ପ୍ରମୁଖ ସହଯୋଗ କରିଥିଲେ ।

## ଖୋଲା ବଜାରରୁ ଗୋଖାଦ୍ୟ କିଣି ଦୁଗ୍ଧଚାଷୀ କ୍ଷତିଗ୍ରସ୍ତ

**ଅତାବିରା, ୧୮।୮ (ଡି.ଏନ.ଏ)**

ସମ୍ବଲପୁର ସମଲେଶ୍ୱରୀ ଆଞ୍ଚଳିକ ଦୁଗ୍ଧ ଉତ୍ପାଦକ ସଂଘର ଚାଷୀମାନଙ୍କୁ ଗୋଖାଦ୍ୟ ଯୋଗାଇ ଦେବାରେ ଓମଫେଡ ଫେଲ୍ ମାରିଛି । ଫଳରେ ଦୁଗ୍ଧ ଚାଷୀମାନେ ଗୋଖାଦ୍ୟ ଖୋଲା ବଜାରରୁ କିଣି ଅଧିକ ଖର୍ଚ୍ଚାନ୍ତ ହେଉଛନ୍ତି । ଦୁଗ୍ଧ ଚାଷୀଙ୍କ ଉନ୍ନତି, ଦୁଗ୍ଧ ମୂଲ୍ୟବୃଦ୍ଧିକୁ ଅଣଦେଖା କରାଯାଉଥିବାର ଚାଷୀମାନଙ୍କ ମଧରେ ଅସନ୍ତୋଷ ବୃଦ୍ଧି ପାଇଛି । ଏ ସମ୍ପର୍କରେ ଦୁଗ୍ଧ ଚାଷୀ ବିଦେଶୀ ମହାପାତ୍ର କୁହନ୍ତି, ଓମଫେଡ ଗୋଖାଦ୍ୟ ଦୀର୍ଘ ୩ ମାସ ହେଲାଣି ମିଳୁନାହିଁ କି ଦୁଗ୍ଧ ଉତ୍ପାଦକ ସମିତିକୁ ଯୋଗାଇ ଦିଆଯାଉ ନାହିଁ। ଆମ୍ଭେମାନେ ଖୋଲା ବଜାରରୁ ଗୋଖାଦ୍ୟ କିଣି କ୍ଷତିଗ୍ରସ୍ତ ହେଉଛୁ । ଲରମ୍ଭା ଦୁଗ୍ଧ ଉତ୍ପାଦକ ସମିତି ସଭାପତି ଅମ୍ବିକା ପଣ୍ଡାଙ୍କୁ ପଚରାଯିବାରୁ ଚାଷୀଙ୍କୁ ଗୋଖାଦ୍ୟ ଯୋଗାଇ ଦିଆଯାଉ ନାହିଁ କି ଦୁଗ୍ଧ ମୂଲ୍ୟ ବୃଦ୍ଧି ପ୍ରତି ଦୃଷ୍ଟି ଦିଆଯାଉନି। ଯଦି ଦୁଗ୍ଧ ମୂଲ୍ୟ ବୃଦ୍ଧି କରିବା ସହିତ ଗୋଖାଦ୍ୟ ଯୋଗାଇ ଦିଆ ନ ଯାଏ ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇବୁ ବୋଲି ପଣ୍ଡା କହିଥିଲେ । ତେବେ ଏ ନେଇ ଓମଫେଡ କର୍ତ୍ତୃପକ୍ଷଙ୍କ ମତାମତ ମିଳିପାରିନାହିଁ ।

ସମ୍ବଲପୁର, ସୋମବାର, ୧୯ ଅଗଷ୍ଟ, ୨୦୧୯

**ସଂକ୍ଷେପରେ**

## ବିଜ୍ଞାନମେଳାରେ ୧୬୪ ପ୍ରକଳ୍ପ ପ୍ରଦର୍ଶିତ

ସୋହେଲା,୧୮।୮(ଡି.ଏନ.ଏ)

ସୋହେଲା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଶନିବାର ବିଦ୍ୟାଳୟସ୍ତରୀୟ ବିଜ୍ଞାନମେଳା ଅନୁଷ୍ଠିତ ହୋଇଥିଲା । ଏଥିରେ କନଗାଁ ହାଇସ୍କୁଲର ବିଜ୍ଞାନଶିକ୍ଷକ ଚିନ୍ତାମଣି ପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ନେଇ ୫ଟି ବର୍ଗରେ ବିଭକ୍ତ କରାଯାଇଥିଲା । ମୋଟ ଏହି ବର୍ଗରୁ ୧୬୪ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା । ବିଚାରକ ଭାବ ଚିନ୍ତାମଣି ପାତ୍ର, ପ୍ରିୟଦର୍ଶୀ ସେନାପତି, ଆଦିତ୍ୟ ମାଝି, ତୋଷବନ୍ତ ସାହୁ, ନରେଶ ସାହୁ, ରଣଜୀତ ସା, କାଳେଶ୍ୱର ନାଏକ, କୌଶଲ୍ୟା ଭୁଏ, ମୀତାଞ୍ଜଳି ପାତ୍ର, ଟିକେଶ୍ୱରୀ ପଧାନ, ବାରୁଣୀ ନନ୍ଦ ଓ ସୁନେଲିକା ପଣ୍ଡା ଯୋଗ ଦେଇଥିଲେ । ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ ପ୍ରଧାନ ଆଚାର୍ଯ୍ୟ ପ୍ରମୋଦ କୁମାର ସାହୁ। ସୋହେଲା ଯୁକ୍ତ ଦୁଇ କଲେଜର ପ୍ରାଣୀ ବିଜ୍ଞାନ ଅଧ୍ୟାପକ ସୌଭାଗ୍ୟ ରଞ୍ଜନ ପଧାନ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । କୃତିତ୍ୱ ଅର୍ଜନ କରିଥିବା ୫୪ଜଣ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ରାଜଶ୍ରୀ ଗୁରୁମା ସଭା ସଂଯୋଜନା, ଗୁଲସନ ଗୁରୁଜୀ ବିବରଣୀ ପାଠ ଓ ଶିବ ଗୁରୁଜୀ ଧନ୍ୟବାଦ ଅର୍ପଣ କରିଥିଲେ । ବିଜ୍ଞାନ ପ୍ରମୁଖ ଗୁଲସନ କୁମାର ପଧାନଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ପ୍ରାଚୀର ପତ୍ରିକା ଭାରତୀକୁ ମୁଖ୍ୟ ଅତିଥି ଉନ୍ମୋଚନ କରିଥିଲେ ।

# ପ୍ରଧାନମନ୍ତ୍ରୀ ସଡ଼କ କାମ ଅଧାପନ୍ତରିଆ

ତଳଗାଁ,୧୮।୮(ଡି.ଏନ.ଏ)

**କଷ୍ଟ ଭୋଗୁଛନ୍ତି ଲୋକେ**



ଅସମ୍ପୂର୍ଣ୍ଣ ହୋଇ ପଡିରହିଥିବା ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ।

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ମାଓବାଦୀ ପ୍ରବଣ ଅଞ୍ଚଳ ତଳଗାଁ ପଞ୍ଚାୟତରେ ରାସ୍ତା କାମ ଅଧାପନ୍ତରିଆ ଥିବାରୁ ଲୋକମାନେ କଷ୍ଟ ଭୋଗୁଛନ୍ତି। ଏହି ପଞ୍ଚାୟତର ତଳଗାଁଠାରୁ କଣ୍ଟିସର ପର୍ଯ୍ୟନ୍ତ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ପ୍ରଧାନମନ୍ତ୍ରୀ ସଡକ ଯୋଜନାରେ ରାସ୍ତା କାମ ଚାଲିଛି । ଏହି ରାସ୍ତାର ସତୀଘାଟ ପୋଲ ଓ ସିଙ୍ଗାଲଘାଟ ପୋଲ କେବଳ ବେଡଲେବୁଲ କାର୍ଯ୍ୟ ହୋଇଛ। ସେହିପରି ରାସ୍ତା କାମ ପାଇଁ କେବଳ ମାଟି ପକାଯାଇଥିବା ଦେଖିବାକୁ ମିଳିଛି । ଫଳରେ ସ୍ଥାନୀୟ ଲୋକମାନେ ଯିବା ଆସିବାରେ ବହୁ ହଇରାଣ ହେଉଛନ୍ତି। ପୋଲ କାମ ଅସମ୍ପୂର୍ଣ୍ଣ ଥିବାରୁ ଲୋକମାନେ ଛାତିଏ ପାଣିରେ ପାରି ହୋଇଯିବା ଆସିବା କରିଥାନ୍ତି। ବର୍ତ୍ତମାନ ବର୍ଷାଦିନ ଯୋଗୁ ମାଟି ରାସ୍ତାରେ ଚାଲି ଚାଲି ଯିବା ଅସମ୍ଭବ ହୋଇପଡିଛି। ଗାଁକୁ କୌଣସି ଗାଡି ଯିବା ଆସିବା କରିପାରୁ ନ ଥିବାରୁ ଗର୍ଭବତୀ ମହିଳା, ରୋଗୀମାନେ ନାହିଁ ନ ଥିବା ହଇରାଣ ହେବା ସହ ଖଟିଆରେ ବୁହାହେଉଛନ୍ତି । ସେହିପରି ତଳଗାଁ ଠାରୁ ଯାବର ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ସଡ଼କ କାମ ଚାଲିଛି । ସେହି ରାସ୍ତାରେ ମଧ ଗାଡିମୋଟର ଚଳାଚଳରେ ଅସୁବିଧା ହେଉଛି । ଉକ୍ତ କାମରେ କୌଣସି ସୂଚନା ଫଳକ ମଧ୍ୟ ଲଗାଯାଇନାହିଁ । ଏ ନେଇ ରାସ୍ତା ଦାୟିତ୍ୱରେ ଥିବା ଗ୍ରାମ୍ୟ ଉନ୍ନୟନ ବିଭାଗର କନିଷ୍ଠ ଯନ୍ତ୍ରୀ ବିଦ୍ୟାଧର ମହାନ୍ତିଙ୍କୁ ପଚାରିବାରୁ ଯେଉଁ ଠିକାଦାର କାମ ନେଇଛନ୍ତି, ତାଙ୍କୁ ତୁରନ୍ତ ମରାମତି କାମ କରିବା ସହ ବକେୟା କାମ କରିବାକୁ କୁହାଯିବ ବୋଲି ପ୍ରକାଶ କରିଥିଲେ ।

### ଆମ ଜଙ୍ଗଲ ଯୋଜନାର ତାଲିମ ଶିବିର

## ଜଙ୍ଗଲ ସୁରକ୍ଷାରେ ଜନସାଧାରଣଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

ଝାରବନ୍ଧ, ୧୮।୮ (ଡି.ଏନ.ଏ)

ଝାରବନ୍ଧ ସ୍ଥିତ ବନପାଳଙ୍କ କାର୍ଯ୍ୟାଳୟ ପରିସରରେ ଆମ ଜଙ୍ଗଲ ଯୋଜନାର ତାଲିମ ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି । ଜଙ୍ଗଲ ନଷ୍ଟକୁ ଆଖି ଆଗରେ ରଖି ଏହାର ସୁରକ୍ଷା ଦିଗରେ କେବଳ ଜଙ୍ଗଲ ବିଭାଗ ନୁହେଁ ସ୍ଥାନୀୟ ଜନସାଧାରଣଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ମତପ୍ରକାଶ ପାଇଥିଲା । ଏଥିପାଇଁ ଝାରବନ୍ଧ ସେକ୍ସନରେ ଥିବା ୧୦ ଗୋଟି ଗ୍ରାମରେ ଜଙ୍ଗଲ ସୁରକ୍ଷା ସମିତି ଗଠନ କରି ସଚେତନତା ସୃଷ୍ଟି କରାଯାଉଛି। ବିଶେଷ ଭାବେ ଜାଳେଣୀକୁ ନେଇ ଜଙ୍ଗଲ ନଷ୍ଟ ହେଉଥିବାରୁ ଏହାକୁ ରୋକିବା ଦିଗରେ ସରକାରଙ୍କ ଉଜ୍ଜ୍ୱଳା ଯୋଜନାକୁ ସାମିଲ କରାଯାଇଛି । ୧ମ ପର୍ଯ୍ୟାୟରେ ଟାମ୍ପର ଗାଁରେ ଗ୍ୟାସ ବଣ୍ଟନ କରାଯାଇଥିବା ସୂଚନା ଦିଆଯାଇଥିଲା । ଏହି ଶିବିର ଝାରବନ୍ଧ ବନପାଳ ଲବ ସାହୁଙ୍କ ନେତୃତ୍ୱରେ କରାଯାଇଥିଲା। ଏଥିରେ ପାଇକମାଳ ରେଞ୍ଜର କୃଷ୍ଣଚନ୍ଦ୍ର ଦଳବେହେରା ମୁଖ୍ୟଅତିଥି, ଆମ ଯୋଜନାର ଦଳପତି ନବକିଶୋର ପ୍ରଧାନ, ପାଇକମାଳ ବନପାଳ ରାଜେନ୍ଦ୍ର କୁମାର ସିଂ ପ୍ରମୁଖ ଯୋଗଦେଇ ଜଙ୍ଗଲ ସୁରକ୍ଷା ପାଇଁ ସଚେତନ କରିଥିଲେ । ବନରକ୍ଷୀ ପୃଥ୍ୱୀରାଜ ଭୋଇ, ଗିରି ପାଇଲେ, ଦେବୀଲାଲ ବଞ୍ଜାରା, ଶ୍ରୀଚରଣ ଲୁହା, ମିତ୍ରଭାନୁ ବାଗ ପ୍ରମୁଖ ସହଯୋଗ କରିଥିଲେ ।

## ବ୍ଲକ ଅଫିସ୍, ଶିଶୁ ମନ୍ଦିରରେ ବୃକ୍ଷରୋପଣ

ବୌଦ୍ଧ,୧୮।୮(ସ୍ୱ.ପ୍ର)

ବୌଦ୍ଧ ବ୍ଲକ ପରିସରରେ ଶନିବାର ବୃକ୍ଷରୋପଣ କରାଯାଇଛି। ବିଡିଓ ଅଶ୍ୱିନୀ କୁମାର ମେହେରଙ୍କ ନେତୃତ୍ୱରେ ସରପଞ୍ଚ ସଂଘ ସଭାପତି ବିଦ୍ୟାଧର ସ୍ୱାଇଁ, ରକ୍ତଦାତା ପ୍ରବର୍ତ୍ତକ ସଂଘ ସମ୍ପାଦକ ଦେବାଶିଷ ପୁରୋହିତ, ପ୍ରକୃତି ବନ୍ଧୁ ସୁଶାନ୍ତ କୁମାର ମହାପାତ୍ର, କନିଷ୍ଠ ଯନ୍ତ୍ରୀ ମନୋଜ କୁମାର ପାଣିଗ୍ରାହୀ, ସ୍ମୃତିରଞ୍ଜନ ସେଠୀ, ଲିଆକତ ଅଲୀ, ସୁବାଶିଷ ରଥ, ସମିତି ସଭ୍ୟ କଷ୍ଟେଶ୍ୱର ଖଟୁଆ, ସୁଶୀଲ ଦୀପ, ସୌମ୍ୟରଞ୍ଜନ କମ୍ପ ପ୍ରମୁଖ କଦମ୍ବ, ଲିମ୍ବ, ବଉଳ, ଆମ୍ବ ଗଛ ଲଗାଇଥିଲେ। ସେହିପରି ବୌଦ୍ଧ କଚେରୀ ଖେଳ ପଡିଆ ପରିସରରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ସ୍କାଉଟ ଗାଇଡ ଛାତ୍ରୀଛାତ୍ର ବୃକ୍ଷରୋପଣ କରିଥିଲେ । ସ୍କାଉଟ ଶିକ୍ଷକ ଶଶାଙ୍କ ଶେଖର ଶାସିନୀ, ଦେବାଶିଷ ବେହେରା, ଗାଇଡ କ୍ୟାପଟେନ ସନ୍ତୋଷିନୀ ରାଉତ ଓ ପ୍ରଧାନ ଆଚାର୍ଯ୍ୟ ଧରଣୀଧର ପରିଡାଙ୍କ ସମେତ ଆଚାର୍ଯ୍ୟା ଆଚାର୍ଯ୍ୟମାନେ ଅଂଶଗ୍ରହଣ କରିଥିଲେ ।

### ଜାଣ୍ଡୋଲରେ ଗଙ୍ଗାଧର ଜୟନ୍ତୀ ପାଳିତ

## ପ୍ରତି ଘରେ ରହୁ ଗଙ୍ଗାଧର ଗ୍ରନ୍ଥାବଳୀ

ଭେଡ଼େନ,୧୮।୮(ଡ଼ି.ଏନ.ଏ)

ପ୍ରତି ଘରେ ଗଙ୍ଗାଧର ଗ୍ରନ୍ଥାବଳୀ ଏବଂ କବିଙ୍କ ଫଟୋଚିତ୍ର ରହୁ । ଏହାକୁ ପୂଜା କରାଯିବା ସହ ପ୍ରତ୍ୟହ ପାଠ କରାଯାଇ ଏଥିରୁ ଜୀବନର ଦର୍ଶନ ଶିକ୍ଷା ଲାଭ କରାଯିବ ବୋଲି ବରଗଡ଼ ଜିଲା ଭେଡ଼େନ ବ୍ଲକ ଜାଣ୍ଡୋଲ ଭୁଲିଆ ସମାଜ ତରଫରୁ ରବିବାର ଅପରାହ୍ଣରେ ପାଳିତ ସ୍ୱଭାବ କବି ଗଙ୍ଗାଧର ଜୟନ୍ତୀରେ ବକ୍ତାମାନେ ମତପ୍ରକାଶ କରିଛନ୍ତି । ଅବସରପ୍ରାପ୍ତ ଶିକ୍ଷକ ବିପିନ ମେହେରଙ୍କ ସଭାପତିତ୍ୱ ତଥା ବିଜାରୁ ମେହେରଙ୍କ ସଭା ପରିଚାଳନାରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ସାହିତ୍ୟିକ ଉତ୍ପନ୍ନ ଭୋଇ ମୁଖ୍ୟଅତିଥି, ସୋନପୁର ମହିଳା ମହାବିଦ୍ୟାଳୟର ଅଧ୍ୟାପକ ମଦନ ସୁନ୍ଦର ଖେତି ମୁଖ୍ୟବକ୍ତା, ଭେଡ଼େନ ବ୍ଲକ ଭୁଲିଆ ସମାଜ ସଭାପତି ପ୍ରେମରାଜ ମେହେର, ଜାଣ୍ଡୋଲ ଭୁଲିଆ ସମାଜ ସଭାପତି ଗୋବର୍ଦ୍ଧନ ମେହେର, ଅବସରପ୍ରାପ୍ତ ଏସ୍‌ଆଇ ଭଗବାନ ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଜାଣ୍ଡୋଲ ହାଇସ୍କୁଲର ମାଟ୍ରିକ ପରୀକ୍ଷାରେ ସର୍ବୋଚ୍ଚ ମାର୍କ ରଖିଥିବା ଛାତ୍ର ସୁରଜ ମେହେରଙ୍କୁ ସ୍ୱର୍ଗତ ଯୋଗେନ୍ଦ୍ର ମେହେର ସ୍ମାରକୀ ସମ୍ମାନ-୨୦୧୯ରେ ସମ୍ମାନିତ କରାଯାଇଥିଲା।

## ୧୦୦ ଛାତ୍ରୀଛାତ୍ର ଦେଲେ ବୃତ୍ତି ପରୀକ୍ଷା

ଘଣ୍ଟାପଡା, ୧୮।୮ (ଡି.ଏନ.ଏ)



ସ୍କୁଲରେ ବୃତ୍ତି ପରୀକ୍ଷା ଚାଲିଛି ।

କନ୍ଧମାଳ ବ୍ଲକ ଘଣ୍ଟାପଡା ଟିଓଏମଇ ସ୍କୁଲରେ ବ୍ଲକସ୍ତରୀୟ ତୃତୀୟ ଓ ପଞ୍ଚମ ଶ୍ରେଣୀ ବୃତ୍ତି ପରୀକ୍ଷା ୨୦୧୮-୧୯ ଅନୁଷ୍ଠିତ ହୋଇଯାଇଛି । ତୃତୀୟ ଶ୍ରେଣୀ ପାଇଁ ୬୨ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୫୩ ଜଣ ଓ ପଞ୍ଚମ ଶ୍ରେଣୀ ପାଇଁ ୫୬ ଜଣଙ୍କ ମଧ୍ୟରୁ ୪୭ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ । ମୋଟ ୧୧୮ ଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୧୦୦ ଜଣ ପରୀକ୍ଷା ଦେଇଥିବା ବେଳେ ୧୮ ଜଣ ବିଭିନ୍ନ କାରଣରୁ ଅନୁପସ୍ଥିତ ରହିଥିଲେ। ଉକ୍ତ ବୃତ୍ତି ପରୀକ୍ଷାରେ ନିରୀକ୍ଷକ ଭାବେ ଶିକ୍ଷକ ଲକ୍ଷ୍ମଣ କୁମାର ସାହୁ ଓ ସହ ନିରୀକ୍ଷକ ଭାବେ ସ୍ଥାନୀୟ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁଶାନ୍ତ କୁମାର କଅଁର ଦାୟିତ୍ୱ ତୁଲାଇଥିଲେ । ଶିକ୍ଷକ ଆନନ୍ଦ ସାହୁ, ସୁରେଶ୍ୱର ପୁଟେଲ ଓ ଶିକ୍ଷୟିତ୍ରୀ ସସ୍ମିତା ଜାନି ପରୀକ୍ଷକ କାର୍ଯ୍ୟ ତୁଲାଇଥିଲେ ।

# କୃତୀ ସ୍କାଉଟ୍ ଦଳକୁ ସମ୍ବର୍ଦ୍ଧନା

ବରଗଡ଼ ଅଫିସ୍,୧୮।୮

ବରଗଡ଼ ଜିଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ କାର୍ଯ୍ୟକ୍ରମରେ ପ୍ରଥମ ସ୍ଥାନ ଅଧିକାର କରିଥିବା ରାଣାପ୍ରତାପ ହାଇସ୍କୁଲର ସ୍କାଉଟ୍ ଦଳକୁ ସ୍କୁଲ ପକ୍ଷରୁ ଶନିବାର ସମ୍ବର୍ଦ୍ଧନା ଦିଆଯାଇଥିଲା । ପ୍ରଧାନ ଶିକ୍ଷୟିତ୍ରୀ ନମିତା ବଡ଼ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମ୍ବର୍ଦ୍ଧନା ସମାରୋହରେ ସ୍କୁଲର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଯୋଗ ଦେଇଥିଲେ । ସ୍ୱାଧୀନତା ଦିବସରେ ଭାଗ ନେଇଥିବା ଉକ୍ତ ସ୍କୁଲର ସ୍କାଉଟ୍ ସମ୍ବର୍ଦ୍ଧନା ସମାରୋହରେ ଉପସ୍ଥିତ ଥିଲେ ।



ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ଗହଣରେ କୃତୀ ସ୍କାଉଟ୍ ଦଳ ।

## ଗଙ୍ଗାଧର କାବ୍ୟରୂପ ପ୍ରତିଯୋଗିତା

ବରଗଡ଼ ଅଫିସ୍,୧୮।୮



ଗଙ୍ଗାଧର କାବ୍ୟରୂପ ପ୍ରତିଯୋଗିତାରେ ଭାଗ ନେଇଥିବା ଛାତ୍ରୀଛାତ୍ରମାନେ ।

ବରଗଡ଼ର ଅଗ୍ରଗାମୀ ଯୁବକ ସଂଘ ପକ୍ଷରୁ ସ୍ୱଭାବ କବି ଗଙ୍ଗାଧର ଜୟନ୍ତୀ ପାଳନ ଅବସରରେ ରବିବାର ଗଙ୍ଗାଧର କାବ୍ୟରୂପ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ଥାନୀୟ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର ଭାଗ ନେଇଥିଲେ। ପ୍ରତିଯୋଗିତାର ଗ୍ରୁପ-ଏରେ ଅଶ୍ଲେଷା ମିଶ୍ର ପ୍ରଥମ, ସ୍ୱୟମ ଅଗ୍ରୱାଲ ଦ୍ୱିତୀୟ ଏବଂ ସୁଜଳ ଆଚାର୍ଯ୍ୟ ଓ ପ୍ରତୀକ୍ଷା ପ୍ରିୟଦର୍ଶିନୀ ଯୁଗ୍ମ ତୃତୀୟ ହୋଇଥିଲେ । ଗ୍ରୁପ-ବିରେ ଅନ୍ୱେଷା ଗୁପ୍ତା, ଆସ୍ଥା ମିଶ୍ର ଓ କ୍ରିତି ଅଗ୍ରୱାଲ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ହୋଇଥିଲେ । ସେହିପରି ଗ୍ରୁପ-ସିରେ ଅନମୋଲ ମିଶ୍ର ପ୍ରଥମ, ସୁପ୍ରିୟା ଶତପଥୀ ଦ୍ୱିତୀୟ, ଶାଶ୍ୱତ ଦାଶ ଓ ଭୂମିପ୍ରସାଦ ଯୁଗ୍ମ ତୃତୀୟ ହୋଇଥିଲେ। ଗ୍ରୁପ-ଡିରେ ସିଦ୍ଧାନ୍ତ ପଣ୍ଡା, ରାଜେଶ ମହାନନ୍ଦ ଏବଂ ପ୍ରିୟଙ୍କା ପ୍ରିୟଦର୍ଶିନୀ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ହୋଇଥିଲେ ।

## ରୋଗୀ କଲ୍ୟାଣ ସମିତି ବୈଠକ

ବାଉଁଶୁଣୀ, ୧୮।୮ (ଡି.ଏନ.ଏ)

ବୌଦ୍ଧ ବ୍ଲକ ବାଉଁଶୁଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସଭାଗୃହରେ ଡାକ୍ତରଖାନାର ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡା. ଅନ୍ତର୍ଯାମୀ ବେହେରାଙ୍କ ଆହ୍ୱାନକ୍ରମେ ରୋଗୀ କଲ୍ୟାଣ ସମିତିର ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ କନ୍ଧମାଳ ବିଧାୟକ ମହୀଧର ରଣା ସଭାପତିତ୍ୱ କରିଥିଲେ । ଡାକ୍ତରଖାନାର ମୁଖ୍ୟ ଦ୍ୱାର, ଥଣ୍ଡା ପାନୀୟ ଜଳ, ଉଜ୍ଜ୍ୱଳ ଆଲୋକ, ଡାକ୍ତରଖାନାର ସୌନ୍ଦର୍ଯ୍ୟକରଣ, ଜେନେରେଟର ଗୃହ ତଥା ରୋଗୀମାନଙ୍କର ବିଶ୍ରାମ ଗୃହ ନିର୍ମାଣ ପାଇଁ ପ୍ରସ୍ତାବ ଗୃହୀତ କରାଗଲା। ସରକାରଙ୍କ ବିଭିନ୍ନ ଉନ୍ନୟନ ମୂଳକ ଯୋଜନା ଗୁଡିକ ଯେମିତି ଗ୍ରାମ ସ୍ତରରେ ପହଞ୍ଚିବ ସେଥିପାଇଁ ପଞ୍ଚାୟତ ସ୍ୱେଚ୍ଛାସେବୀ ମାନଙ୍କୁ ନିର୍ଦ୍ଦେଶ ଦିଆଗଲା। ଏହି ବୈଠକରେ ଜିଲାପାଳଙ୍କ ପ୍ରତିନିଧି ଗଣେଶ୍ୱର ତ୍ରିପାଠୀ, ଏମଏଲଏଙ୍କ ପ୍ରତିନିଧି ବିକ୍ରମ ମହାକୁଲଙ୍କ ବ୍ୟତୀତ ବିଭିନ୍ନ ବିଭାଗର ପ୍ରତିନିଧିମାନେ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ଗୋଷ୍ଠୀ କାର୍ଯ୍ୟକ୍ରମ ପରିଚାଳକ ଅରୁନ କୁମାର ପାଢ଼ି ପରିଚାଳନା କରିଥିଲେ। ଶେଷରେ ମେଡିକାଲ ଅଫିସର ଡା. ବିଶ୍ୱନାଥ ଶତପଥି ଧନ୍ୟବାଦ ଅର୍ପଣ କରିଥିଲେ ।


CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

HEALTH CARE · ASTROLOGY · FINANCE

Dhanalaxmi Finance
Regd. No.-U6519TNI98PLC00855
ମାର୍କଶିଟ, ପ୍ରପର୍ଟି ପର୍ସନାଲ, ପଶୁପାଳନ, ମାଛଚାଷ, ରାଶନ କାର୍ଡ ଏବଂ ସବୁପ୍ରକାରର ଲୋନ୍ ଘରେ ବସି ପାଆନ୍ତୁ 3 ରୁ 4 ଦିନରେ, 2% ସୁଧ, 40% ଛାଡ଼, ମହିଳା ଏବଂ ବିଦ୍ୟାର୍ଥୀମାନଙ୍କ ପାଇଁ ବିଶେଷ ଛାଡ଼।
HELPLINE 8859690149

ଇଣ୍ଡସ୍ ଫାଇନାନ୍ସ ଲିଃ
କମ୍ପାନୀ ରଣ ଉପଲବ୍ଧ କରାଉଛି ଏଥିରେ ଆପଣଙ୍କୁ ପର୍ସନାଲ ଋଣ, ବ୍ୟବସାୟ ଋଣ, ସାଲାରୀ ସ୍ଲିପ୍ ଋଣ ମାତ୍ର 2% ସୁଧରେ ମିଳିପାରିବ।
ମହିଳାଙ୍କ ପାଇଁ 50% ରିହାତି
9911417764
9911417461
BISWANATHPUR, BALARAMAPUR, BALESWAR, ODISHA - 756024

!! ଋଣ ଋଣ ଋଣ !!
1ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ୍, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନକାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ରିହାତି
!! ରିଦ୍ଧି ଫାଇନାନ୍ସ !!
E-mail :- ridhifinanceonlinem.p@gmail.com
7052572586
Add :- 41/14, Sec-1 Pushp Vihar, Delhi

AT PURI AT PURI AT PURI
ପୁରାତନ ରୋଗର ସର୍ବୋତ୍ତମ ଆୟୁର୍ବେଦ ଚିକିତ୍ସା
Advise & Treatment by Specialized Ayurvedic Doctors only
ରୁ୍ୟମାଟଏଡ୍ ଆର୍ଥ୍ରାଇଟିସ୍, ଓଷ୍ଟିଓ ଆର୍ଥ୍ରାଇଟିସ୍, ପାରାଲିସିସ୍, ସିଆଟିକା, ଅଣ୍ଟାବ୍ୟଥା, ଆଣ୍ଠୁବ୍ୟଥା, ଫ୍ରୋଜନ୍ ସୋଲ୍‌ଡର, ସ୍ପଣ୍ଡିଲୋସିସ୍, ମାଇଗ୍ରେନ୍, ସୋରିଆସିସ୍, ମୁଖ ବ୍ରଣ, ଆଦି ରୋଗର ପରାମର୍ଶ ଓ ଉତ୍ତମ ଚିକିତ୍ସା ଉପଲବ୍ଧ ।
SAMBHAV AYURVED
Bus Stand Outgate, Puri
Phone & Whats App - 7735921512 / 9439349129, Timing - 9 am to 8 pm

ଭଟକିବାରୁ ବଞ୍ଚନ୍ତୁ କୌଣସି ବି କାମ
ବାବା ଅଘୋରୀ ତାନ୍ତ୍ରିକ (ସ୍ପେଶାଲିଷ୍ଟ – ବଶୀକରଣ)
ପ୍ରେମବିବାହ, ପତି-ପତ୍ନି ମଧ୍ୟରେ ଝଗଡା, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ଗୃହକ୍ଲେଶ, ବିବାହରେ ସମସ୍ୟା, ଔଷଧ କାମ ନ କରିବା, ଯାଦୁଟୋନା, କୋର୍ଟ କେସ୍, ତନ୍ତ୍ରମନ୍ତ୍ର ସମ୍ରାଟ, ମୁଠୀକରଣୀ ଖୋଲା ଚ୍ୟାଲେଞ୍ଜ, ପ୍ରେମରେ ଧୋକା ୩ ଘଣ୍ଟାରେ ୧୦୦% A To Z ସମସ୍ୟାର ସମାଧାନ
ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳେଇପାରେ
ମୁଁ କରିଥିବା କାମକୁ କାଟିବା ଲୋକଙ୍କୁ ମନମୁତାବକ ପୁରସ୍କାର
ସଚ୍ଚାପ୍ରେମୀ ନିରାଶ କାହିଁକି ?
କାଳି ମନ୍ଦିର, ବରମୁଣ୍ଡା ପାଖ, ଭୁବନେଶ୍ୱର
9899587663
9910294940

BANA DURGA FINANCE
BANA DURGA FINANCE
ସମସ୍ତ ପ୍ରକାର LOAN ଠିକ୍ ସୁଧରେ ଘରେ ବସି ପାଆନ୍ତୁ। ପର୍ସନାଲ, ବିଜନେସ୍, ମାର୍କସିଟ୍, ଗୃହ, କୃଷି, ଶିକ୍ଷା, କୁକୁଡ଼ା ପାଳନ ଓ ଗାଈ LOAN ଆଦି ସମସ୍ତ ପ୍ରକାର LOAN ପାଇପାରିବେ। ସୁଧ-1% ।
Help LINE
7683949359
7381163847
C-47/8, A-Block, Vijay Enclave Burrari, New Delhi-75, Maipada, Chhindeikela, Paikmal, Bargarh-768050

ଋଣ ଧମାକା
ଆଧାର କାର୍ଡରେ ଋଣ ପାଆନ୍ତୁ
1 ଲକ୍ଷରୁ 25 ଲକ୍ଷ ପର୍ଯ୍ୟନ୍ତ
ସୁଧ 1% ପର୍ଯ୍ୟନ୍ତ, 50% ପର୍ଯ୍ୟନ୍ତ ଛାଡ଼
ସମୂହ ଋଣ, ପର୍ସନାଲ, କୁକୁଡ଼ା ପାଳନ ଋଣ
Contact No.
7491845997
7079574972
New Ashok Nagar, East Delhi, Delhi
www.toofanfinance.in

ନୂଆ ଯୋଜନା ଅଧୀନରେ ଭାରତର ନଂ.1 କମ୍ପାନୀ
1988ଠାରୁ ଆପଣଙ୍କ ସେବାରେ
DHANLAXMI FINANCE PVT. LTD. ସବୁ ବ୍ୟାଙ୍କ ଦ୍ୱାରା
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
9499135756
H.No. 10, Mandi Road, Bathinda, Punjab

VEDANSI FINANCE PVT LTD
100% ଲୋନ ପ୍ରାପ୍ତ କରନ୍ତୁ 7 ଦିନରେ।
ସୁଧ 2%, ଛାଡ଼ 40%
ଡିଲରଶିପ୍ / ଏଜେଣ୍ଟ ପାଇଁ କମ୍ପାନୀକୁ ସମ୍ପର୍କ କରନ୍ତୁ।
Balasore: 7409536767, Jajpur: 9084652616, Dhenkanal: 7409543249, Angul: 7252964716, Jeypore: 9084652615

COLOR DISPLAY CLASSIFIED

| SIZE | 15 days | 8 days | 4 days | Single day |
|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 |

GST 5% will be added extra
on every Tuesday & Friday


**ପାଠକଙ୍କ ପାଇଁ ସୂଚନା:**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ଯେତେବେଳେ ଧର୍ମର ହାନି ହୁଏ, ଅଧର୍ମ ପ୍ରବଳ ହୁଏ, ସେତେବେଳେ ଭଗବାନ ସ୍ୱୟଂ ଶରୀର ଧାରଣ କରି ଧର୍ମରକ୍ଷା ନିମିତ୍ତ ପୃଥିବୀରେ ଜନ୍ମଗ୍ରହଣ କରନ୍ତି।
- ବ୍ୟାସଦେବ



## ସଂକ୍ଷେପରେ



### ଘର ଜାଳିଦେଲେ ଦୁର୍ବୃତ୍ତ

**ସଇଁତଲା, ୧୮।୮ (ଡି.ଏନ.ଏ.):** ବଲାଙ୍ଗୀର ଜିଲା ସଇଁତଲା ବ୍ଲକ ବଡ଼ମାଳ ଫାଣ୍ଡି ଅନ୍ତଗତ ଧରପଗଡ଼ ଗ୍ରାମରେ ଶନିବାର ରାତିରେ ଦୁର୍ବୃତ୍ତମାନେ ଜଣେ ବ୍ୟକ୍ତିଙ୍କ ଘର ପୋଡ଼ି ଦେଇଥିବା ଅଭିଯୋଗ ହୋଇଛି। ଅଗ୍ନିକାଣ୍ଡରେ ବିପନ୍ନ ଘରର ମାଲିକ ବୁଦୁ ଦାଣ୍ଡିଆଙ୍କ ଅଭିଯୋଗକୁ ଭିତ୍ତି କରି ବଡବାଳ ଫାଣ୍ଡିରେ ଏକ ମାମଲା ରୁଜୁ ହୋଇଛି। ଥାନାରେ କରାଯାଇଥିବା ଅଭିଯୋଗରେ ବୁଦୁ ଦର୍ଶାଇଛନ୍ତି ଯେ, ଶନିବାର ସେ ତାଙ୍କ ଶ୍ୱଶୁର ଘର ଗୋଏଲଭାଡ଼ିକୁ ଯାଇଥିଲେ। ପୁଅ ମନୋଜ ଘରେ ଏକୁଟିଆ ଥିବାବେଳେ କେହି ତାଙ୍କ ଘରେ ନିଆଁ ଲଗାଇ ଦେଇଥିଲା। । କୌଣସିମତେ ମନୋଜ ବାହାରୁ ପଳାଇ ଆସି ନିଜ ଜୀବନ ବଞ୍ଚାଇଥିବାବେଳେ ଘରଟି ସମ୍ପୂର୍ଣ୍ଣ ଜଳିଯାଇଥିଲା। ପୂର୍ବଶତ୍ରୁତା କାରଣରୁ ତାଙ୍କ ଘରକୁ ଜାଳି ଦିଆଯାଇଥିବା ସେ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଫାଣ୍ଡି ଅଧିକାରୀ ଗୋପୀନାଥ ମହାକୁର କହିଛନ୍ତି।

## ■ ମୁରିବାହାଲରେ ବିଶ୍ୱ ଆଦିବାସୀ ଦିବସ ପାଳିତ

# ଭାଷା, ସଂସ୍କୃତି ସୁରକ୍ଷା ଉପରେ ଗୁରୁତ୍ୱ

**ମୁରିବାହାଲ, ୧୮।୮ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଆଦିବାସୀ କଲ୍ୟାଣ ସଂଘ ପକ୍ଷରୁ ମୁରିବାହାଲ ବ୍ଲକ ଆଦିବାସୀ ସଂଘ ପକ୍ଷରୁ ଜମିଦାରପଡାଠାରେ ରବିବାର ରାଜ୍ୟସ୍ତରୀୟ ବିଶ୍ୱ ଆଦିବାସୀ ଦିବସ ପାଳିତ ହୋଇଯାଇଛି । ଏଥିରେ ଆଦିବାସୀଙ୍କର ଜମି, ଜଳ, ଜଙ୍ଗଲ, ଭାଷା ଓ ସଂସ୍କୃତି ସୁରକ୍ଷା ଉପରେ ଆଲୋଚନା କରାଯାଇଥିଲା। ଏଥିସହ ଆଦିବାସୀମାନେ ଶିକ୍ଷା ପ୍ରତି ଧ୍ୟାନ ଦେବା ଉପରେ ଗୁରୁତ୍ୱାରୋପ କରିଥିଲେ। ଜିଲା ଆଦିବାସୀ କଲ୍ୟାଣ ସଂଘ ସଭାପତି ବ୍ରଜକିଶୋର ସିଂଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାରୋହରେ ରାଜ୍ୟ କାର୍ଯ୍ୟକାରୀ ସଭାପତି ଜିତୁ ଜାରେସିକା ମୁଖ୍ୟଅତିଥିଭାବେ ଯୋଗଦେଇଥିଲେ। ଜାରେସିକା ତାଙ୍କ ବକ୍ତବ୍ୟରେ ଆଦିବାସୀମାନଙ୍କର ବିକାଶ, ନିଜର ନ୍ୟାର୍ଯ୍ୟ ଦାବି ହାସଲ, ଶିକ୍ଷାର ଉନ୍ନତୀକରଣ ଉପରେ ଯୋର ଦେଇଥିଲେ। ପୃଥିବୀର ୯୦ଟି ଦେଶର ୪୦ କୋଟିରୁ ଉର୍ଦ୍ଧ୍ୱ ଆଦିବାସୀ ୭ ହଜାର ଭାଷା ବ୍ୟବହାର କରୁଥିବା ବେଳେ ୫ ହଜାର ସଂସ୍କୃତି ସହ ଜଡିତ ଅଛନ୍ତି । ତେଣୁ ସମଗ୍ର ଆଦିବାସୀ ନିଜ ସମ୍ପ୍ରଦାୟର ମାତୃଭାଷା, ସାହିତ୍ୟ, ପାଣ୍ଡୁଲିପି, ସଂସ୍କୃତିର ସୁରକ୍ଷା ପାଇଁ ପ୍ରୟାସ ଜାରି ରଖିବା ପାଇଁ ସେ ଆହ୍ୱାନ ଦେଇଥିଲେ। ସମ୍ମାନୀତ ଅତିଥିଭାବେ ମହାସଚିବ ନିରଞ୍ଜନ ବିଶି, ରାଜ୍ୟ ଉପସଭାପତି ପରମାନନ୍ଦ ମାଝୀ, ସାଧାରଣ ସମ୍ପାଦକ ବାଲକୃଷ୍ଣ ଶବର, ଉପାଧ୍ୟକ୍ଷ ଯୋଗେନ୍ଦ୍ର ଭୋଇ, ଉପଦେଷ୍ଟା ସତ୍ୟନାରାୟଣ ଭୋଇ, ଶରତ ଚନ୍ଦ୍ର ସିଂଭୋଇ, ହେମ୍ରମ ହଂସଦା, ସୁରେଶ ଭୋଇ, ସରପଞ୍ଚ ମିଥିଳା ମାଝୀ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ରାୟଗଡାରୁ ଆସିଥିବା ଗୁରକା ଲୋକନୃତ୍ୟ, ନୟମଗିର ଡଙ୍ଗରିଆ କନ୍ଧଙ୍କ ଦ୍ୱାରା ଢାପ ନୃତ୍ୟ ପରିବେଷଣ କରାଯାଇଥିଲା। ପ୍ରଥମଥର ପାଇଁ ଆୟୋଜିତ ରାଜ୍ୟସ୍ତରୀୟ ଆଦିବାସୀ ମାତୃଭାଷା ଓ ସୁରକ୍ଷା ଦିବସ ସମାରୋହରେ ରାଜ୍ୟର ୯ଟି ଜିଲାର ଆଦିବାସୀମାନେ ଯୋଗଦାନ କରିଥିଲେ। ବ୍ଲକ କାର୍ଯ୍ୟକାରୀ ସଭାପତି ରାଜୀବ କୁଅଁରଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଜିଲା ଉପସଭାପତି ବିଶିକେଶନ ଜାନୀ, ଥବିର ପୂଝାରୀ, ଶ୍ୟାମସୁନ୍ଦର ଭୋଇ, କାଶିନାଥ ଭୋଇ, ଦାମୋଦର ଭୋଇ, ଗିରିଧାରୀ ଭୋଇ, ଚୂଡାମଣୀ ମାଝୀ, ନିତ୍ୟାନନ୍ଦ ମାଝୀ ପ୍ରମୁଖ ସହଯୋଗ କରିଥିଲେ। ପ୍ରାରମ୍ଭରେ ମୁରିବାହାଲ ଚେରେଗୁଡି ଜଙ୍ଗଲ ନିକଟରେ ଇଷ୍ଟଦେବୀ ଜାତିନ ବୁଢ଼ାଙ୍କ ପୂଜାର୍ଚ୍ଚନା ପରେ ଆଦିବାସୀମାନେ ଏକ ଶୋଭାଯାତ୍ରାରେ ସଭାସ୍ଥଳକୁ ଆସିଥିଲେ।




ମୁରିବାହାଲରେ ଆୟୋଜିତ ସଭାରେ ମଞ୍ଚାସୀନ ଆଦିବାସୀ ନେତାମାନେ।

## ୭ଦିନ ହେଲା ପାଇପ ଜଳ ପାଉନାହାନ୍ତି ତୁଷରା ସହରବାସୀ

**ଗୁଡ଼ଭେଲା, ୧୮।୮ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ତୁଷୁରା ସହରରେ ବନ୍ୟା ଯୋଗୁଁ ବ୍ୟାପକ କ୍ଷୟକ୍ଷତି ହୋଇଛି। ଏହାର ପ୍ରଭାବରେ ସହରବାସୀ ପାଇପ ଜଳ ପାଇବାରୁ ବଞ୍ଚିତ ରହିଛନ୍ତି। ତୁଷରା ଜନସ୍ୱାସ୍ଥ୍ୟ ବିଭାଗର ଆନ୍ତରିକାତା ଅଭାବରୁ ସହରକୁ ଗତ ସାତ ଦିନ ହେଲାଣି ପାଇପ ଯୋଗେ ଜଳଯୋଗାଣ ସମ୍ପୂର୍ଣ୍ଣ ବନ୍ଦ ରହିଛି। ପାଣ ପାଇଁ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି। ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଶନିବାର ଦୁଇଟି ଟ୍ୟାଙ୍କରରେ ଜଳଯୋଗାଣ କରାଯାଇଥିଲା। ଯାହାକି ସମୁଦ୍ରକୁ ଶଙ୍ଖେ ସଦୃଶ। ବନ୍ୟାରେ ଖୁଣ୍ଟ ଭାଙ୍ଗି ପଡିଥିବାରୁ ପମ୍ପ ହାଉସକୁ ବିଦ୍ୟୁତ ଯୋଗାଣ ବ୍ୟାହତ ହୋଇଥିବାରୁ ଏହି ସମସ୍ୟା ଦେଖାଦେଇଛି ବୋଲି ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସଫେଇ ଦିଆଯାଉଥିଲା । ହେଲେ ଗୁରୁବାରରୁ ଉକ୍ତ ପମ୍ପ ହାଉସକୁ ବିଦ୍ୟୁତ୍ ଯୋଗାଣ ହୋଇଥିଲେ ମଧ୍ୟ ପାଇପ ଜଳ ଯୋଗାଣ ସ୍ୱାଭାବିକ ହୋଇ ପାରିନାହିଁ। ଅନ୍ୟପକ୍ଷରେ ଜନସ୍ୱାସ୍ଥ୍ୟ ବିଭାଗ କନିଷ୍ଠ ଯନ୍ତ୍ରୀ ଘଟଣାସ୍ଥଳରେ ରହୁ ନ ଥିବାରୁ ତଳିଆ କର୍ମଚାରୀମାନେ ମନଇଛା କାର୍ଯ୍ୟ କରୁଥିବାରୁ ଜଳ ଯୋଗାଣ ବିଳମ୍ୱ ହେଉଥିବା ସହରବାସୀ ଅଭିଯୋଗ କରିଛନ୍ତି। ଏ ନେଇ ସ୍ଥାନୀୟ ଜନସ୍ୱାସ୍ଥ୍ୟ କାର୍ଯ୍ୟାଳୟ ଦାୟିତ୍ୱରେ ଥିବା ନବୀନ ବନଛୋରଙ୍କୁ ପଚାରିବାରୁ ପ୍ରକଳ୍ପ କୂଅଁକୁ ସଫା କରାଯାଇଥିବାରୁ ଯୋଗାଣରେ ବିଳମ୍ୱ ହେଉଛି। ବିଭାଗୀୟ ଏସଡିଓ ସୁବ୍ରତ ନାୟକଙ୍କୁ ପଚାରିବାରୁ କହିଛନ୍ତି ଯେ, ଆଉ ଦିନେ ଦୁଇ ଦିନ ମଧ୍ୟରେ ସହରକୁ ଜଳ ଯୋଗାଣ କରାଯାଇ ପାରିବ। ଏଥିପ୍ରତି ବିଭାଗୀୟ ଉଚ୍ଚକର୍ତ୍ତୃପକ୍ଷ ଦୃଷ୍ଟିଦେଇ ସମସ୍ୟାର ଆଶୁ ସମାଧାନ ସକାଶେ ୧୦ଟି ଟ୍ୟାଙ୍କରରେ ସହରକୁ ଜଳଯୋଗାଣ କରିବାକୁ ସାଧାରଣରେ ଦାବି ହେଉଛି।

## ■ ପକ୍ଷାଘାତରେ ଆକ୍ରାନ୍ତ ଅନିରୁଦ୍ଧ ବରିହା

# ସ୍ତ୍ରୀଙ୍କ ସହ ଭଙ୍ଗା ଘରେ ଦିନ କଟୁଛି

**ଖପ୍ରାଖୋଲ, ୧୮।୮ (ଡି.ଏନ.ଏ.)**

ସରକାର ଗରିବ ପରିବାରକୁ ପକ୍କା ଘର ଯୋଗେଇ ଦେବା ପାଇଁ ଇନ୍ଦିରା ଆବାସ, ବିଜୁ ପକ୍କା ଘର, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଭଳି ଯୋଜନା କାର୍ଯ୍ୟକାରୀ କରାଉଛନ୍ତି। ହେଲେ ଅନେକ ଯୋଗ୍ୟ ହିତାଧିକାରୀ ଏହି ଯୋଜନାରୁ ବାଦ ପଡୁଥିବାବେଳେ ଭଙ୍ଗା ଦଦରା ଘରେ ବିତୁଛି ଜୀବନ । ଏମିତି ଏକ ଦୃଶ୍ୟ ଦେଖିବାକୁ ମିଳିଛି ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ମଟିଆଭଟା ଗାଁରେ। ଗାଁର ପକ୍ଷାଘାତ ରୋଗୀ ଅନିରୁଦ୍ଧ ବରିହା (୬୧) ଘର ଟିଏ ପାଇଁ ଅନେକ ଥର ଜଣାଇଥିଲେ ବି ତାଙ୍କୁ ଘର ଖଣ୍ଡେ ମିଳିନି । ଘର ଅଭାବରୁ ଭଙ୍ଗା ଦଦରା ଘରେ ବିତୁଛି ଜୀବନ । ସ୍ତ୍ରୀଙ୍କ ସହ ଅନିରୁଦ୍ଧ ଭଙ୍ଗା ଦଦରା ଘରେ ପଡି ରହୁଛନ୍ତି। ତାଙ୍କୁ ଭତ୍ତା ଟଙ୍କା ମଧ୍ୟ ମିଳୁ ନ ଥିବା ଅଭିଯୋଗ ହୋଇଛି । ଅନିରୁଦ୍ଧଙ୍କ ଗୋଟିଏ ହାତ ଏବଂ ଗୋଟିଏ ଗୋଡ ଅଚଳ। ଚିକିତ୍ସା ସହିତ ଦେଖା ରେଖା କରିବାକୁ ପଡୁଥିବାରୁ ସ୍ତ୍ରୀ ମଧ୍ୟ ମଜୁରୀ ଯାଇ ପାରୁ ନାହାନ୍ତି। କେବଳ ସରକାରୀ ଚାଉଳ ହିଁ ଭରଷା । ଏ ନେଇ ଖପ୍ରାଖୋଲ ବିଡିଓ ତରଣୀ ସୁନାଙ୍କୁ ପଚାରିବାରୁ ଅନିରୁଦ୍ଧଙ୍କ ସମ୍ପର୍କରେ ସେ ଅବଗତ ଅଛନ୍ତି। ପ୍ରାଥମିକ ତାଲିକାରେ ତାଙ୍କ ନାମ ନ ଥିବାରୁ ଏବେ ନାଁ ଯୋଡା ଯାଇଛି। ଅଳ୍ପ ଦିନ ପରେ ପ୍ରଧାନ ମନ୍ତ୍ରୀ ଆବାସ ଯୋଗାଇ ଦିଆଯିବ ବୋଲି କହିଛନ୍ତି ।



ସ୍ତ୍ରୀଙ୍କ ସହ ନିଜ ଭଙ୍ଗା ଘର ଆଗରେ ଅନିରୁଦ୍ଧ।

## ଜିଲା ପିଇଓ ସଂଘର ବାର୍ଷିକ ବୈଠକ

**ପାଟଣାଗଡ, ୧୮।୮ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ପାଟଣାଗଡ ମେହେର ଧର୍ମଶାଳାଠାରେ ବଲାଙ୍ଗୀର ଜିଲା ପଞ୍ଚାୟତ ନିର୍ବାହୀ ଅଧିକାରୀ (ପିଇଓ)ସଂଘର ସାଧାରଣ ବୈଠକ ସଂଘ ସଭାପତି ଶ୍ରୀୟାବଲ୍ଲଭ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଜିଲା ସଂଘର ଅଶୋକ ପାଣିଗ୍ରାହୀ ଏବଂ ଦାମୋଦର ଦାଶଙ୍କ ନେତୃତ୍ୱରେ ଆଗାମୀ ବର୍ଷ ପାଇଁ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ସଭାପତିଭାବେ ଶ୍ରୀୟାବଲ୍ଲଭ ପାଣିଗ୍ରାହୀ ପୁନଃନିର୍ବାଚିତ ହୋଇଥିଲେ। ସମ୍ପାଦକଭାବେ ଭିକାରୀ ଚରଣ କର୍ମୀ, ସହସମ୍ପାଦକ ପୀତବାସ ଦାନୀ, ଉପସଭାପତି ରଶ୍ମିରଞ୍ଜନ ନାଗ, କୋଷାଧ୍ୟକ୍ଷ ନୀଲମ ପଟ୍ଟନାୟକ ଏବଂ ସମୀକ୍ଷକ ଭାବେ ସୁଧୀର ପାଢୀ ନିର୍ବାଚିତ ହୋଇଥିଲେ। ରାଜ୍ୟ କାଉନସିଲ ସଭ୍ୟଭାବେ ଅଶୋକ କୁମାର ପାଣିଗ୍ରାହୀ ଏବଂ କୃଷ୍ଣଚନ୍ଦ୍ର ବେହେରା ନିର୍ବାଚିତ ହୋଇଥିଲେ। ଏହିଅବସରରେ ପିଇଓ ଦୋଳଗୋବିନ୍ଦ ସିଂ ଓ ଚୂଡାମଣି ପଧାନଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା।



ଅଧିବେଶନରେ ଉପସ୍ଥିତ ଆଶାକର୍ମୀମାନେ।

## ■ ସାଧାରଣ ଅଧିବେଶନରେ ଆଶାକର୍ମୀଙ୍କ ଦାବି

# ମାସିକ ଭତ୍ତା ୧୮ ହଜାର ଦିଅ

**ମୁରିବାହାଲ, ୧୮।୮ (ଡି.ଏନ.ଏ.)**

**ଖାଲି ପଡିଥିବା ପଦବୀ ପୂରଣ କର**

ବଲାଙ୍ଗୀର ଜିଲା ମୁରିବାହାଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସଭାଗୃହରେ ନିଖିଳ ଓଡିଶା ଆଶାକର୍ମୀ ସଂଘର ଏକ କର୍ମଶାଳା ରବିବାର ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ପ୍ରବୀର କୁମାର କମ୍ପଙ୍କ ସଭାପତିତ୍ୱରେ ହୋଇଥିବା ସଭାରେ ରାଜ୍ୟ ସମ୍ପାଦିକା ନମିତା ସାହୁ ମୁଖ୍ୟଅତିଥି ଭାବରେ ଯୋଗଦେଇଥିଲେ। ଆଶାକର୍ମୀମାନେ ସମ୍ମୁଖୀନ ହେଉଥିବା ସମସ୍ୟା ଓ ତାହାର ସମାଧାନ ପାଇଁ ନିଖିଳ ଓଡିଶା ଆଶାକର୍ମୀ ସଂଘ ସହର କାର୍ଯ୍ୟପନ୍ଥା ଉପରେ ସେ ଆଲୋକପାତ କରିଥିଲେ। ସମ୍ମାନୀତ ଅତିଥି ଭାବେ ରାଜ୍ୟ ଉପସଭାପତି ବିଜୟ ଜେନା, ରାଜେନ୍ଦ୍ର ପ୍ରସାଦ ସିଂ, ବିଭୁଦତ୍ତ ମିଶ୍ର, ବ୍ଲକ ସଭାନେତ୍ରୀ ପୁଷ୍ପଲତା ଧିର, ସମ୍ପାଦିକା ପୁଷ୍ପା କୁମ୍ଭାର ପ୍ରମୁଖ ମଞ୍ଚାସୀନ ରହି ମାର୍ଗଦର୍ଶନ କରିଥିଲେ। ଏହି ସାଧାରଣ ଅଧିବେଶନରେ ବ୍ଲକ ଆଶା କର୍ମୀ ସଂଘ ତରଫରୁ ମୁରିବାହାଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଖାଲି ପଡିଥିବା ପଦବୀକୁ ପୂରଣ ଓ ଆଶାକର୍ମୀମାନଙ୍କର ମାସିକ ଭତ୍ତା ୧୮ ହଜାର ଟଙ୍କାକୁ ବୃଦ୍ଧି, ପ୍ରସୂତୀ ଓ ଶିଶୁ ବିଭାଗର ଜଣେ ଲେଖାଏଁ ଡାକ୍ତର ନିଯୁକ୍ତି ପ୍ରଦାନ ଉପରେ ରାଜ୍ୟ ପଦାଧିକାରୀମାନଙ୍କୁ ଜଣାଇଥିଲେ। ଏଥିରେ ୧୫୦ଜଣ ଆଶାକର୍ମୀ ଯୋଗଦେଇଥିଲେ। ସଂଘର ସ୍ଥାୟୀ ସଭାଗୃହ ନିର୍ମାଣ ପାଇଁ ବଲାଙ୍ଗୀର ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓଙ୍କୁ ଏକ ପତ୍ର ମାଧ୍ୟମରେ ଜଣାଇବା ପାଇଁ ଅଧିବେଶନରେ ନିଷ୍ପତ୍ତି ନିଆଯାଇଥିଲା। ଅଧିବେଶନର ସଫଳ ଆୟୋଜନରେ କୋଷାଧ୍ୟକ୍ଷ ଧାଇ ରଣା, ଜାନକୀ କୁମ୍ଭାର, କାନ୍ତି ଲୁହା, ଜଗଧାତ୍ରୀ ଟାକ୍ରି, ଜୟନ୍ତି ସାହୁ, କ୍ଷୀରକାନ୍ତି ପୁଟେଲ ପ୍ରମୁଖ ନେତୃତ୍ୱ ନେଇଥିଲେ।

## ବୃକ୍ଷରୋପଣ କାର୍ଯ୍ୟକ୍ରମ

**ଲୋଇସିଂହା, ୧୮।୮ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ନଅଗାଁ(ଖ) ଗ୍ରାମବାସୀଙ୍କ ପକ୍ଷରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଲୋଇସିଂହା ବିଧାୟକ ମୁକେଶ ମହାଲିଙ୍ଗ ସାମିଲ ହୋଇ ଗ୍ରାମବାସୀଙ୍କୁ ଉତ୍ସାହିତ କରିଥିଲେ। ନଅଗାଁ(ଖ) ଗ୍ରାମବାସୀଙ୍କ ମିଳିତ ଉଦ୍ୟମରେ ନଅଗାଁ(ଖ)ରୁ ରୁଗୁଡିଖାଲ ପ୍ରଧାନମନ୍ତ୍ରୀ ରାସ୍ତା ଉଭୟ ପାର୍ଶ୍ୱରେ ସୁଗନ୍ଧଭାର ଫୁଲଗଛ ପାଟଳି, ମେହେରାନୀ ସମେତ ବଉଳ ପ୍ରଭୃତି ପ୍ରଜାତିର ୨ଶହ ଚାରା ଲଗାଯାଇଥିଲା। ଦେଓଗାଁ ରେଞ୍ଜ ଅଫିସର ଆନନ୍ଦଚନ୍ଦ୍ର ବିଶି, ନୀରନ ପଧାନ, ରମେଶ ପଧାନ, ରାମଗୋପାଳ ବିଶ୍ୱାଳ, ଗୌରାଙ୍ଗ ନାଏକଙ୍କ ସମେତ ବହୁ ଯୁବ ଗୋଷ୍ଠୀ ଏଥିରେ ସାମିଲ ହୋଇଥିଲେ।

## ଭୁଲିଆ ସମାଜର ବୈଠକ, କର୍ମକର୍ତ୍ତା ଚୟନ

**ଦେଓଗାଁ, ୧୮।୮ (ଡି.ଏନ.ଏ.):** ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ଜରାସିଂହା ଧବଳେଶ୍ୱର ମନ୍ଦିର ପରିସରରେ ରବିବାର ଭୁଲିଆ ସମାଜର ଏକ ବୈଠକ ତଥା କର୍ମକର୍ତ୍ତା ଚୟନ ଅନୁଷ୍ଠିତ ହୋଇଯାଇଛି । ଦେବ ପ୍ରସାଦ ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଭୁଲିଆ ସମାଜର ବିଭିନ୍ନ ସମସ୍ୟା ଓ ତାର ସମାଧାନ ଉପରେ ଆଲୋଚନା କରାଯାଇଥିଲା। ପରେ ସର୍ବସମ୍ମତିକ୍ରମେ ସମାଜର କର୍ମକର୍ତ୍ତା ଚୟନ କରାଯାଇଥିଲା। ଏଥିରେ ସଭାପତି ଭାବେ ଦେବ ପ୍ରସାଦ ମେହେର, ଉପସଭାପତି ଧବଳେଶ୍ୱର ମେହେର, ସମ୍ପାଦକ ଲଳିତ ମେହେର ଓ ସହସମ୍ପାଦକ ଭାବେ କୁନ୍ତେ ମେହେର ମନୋନୀତ ହୋଇଥିଲେ। ବୈଠକରେ ଭୁଲିଆ ସମାଜର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।



ଭୁଲିଆସମାଜର ବୈଠକରେ ଉପସ୍ଥିତ ସଦସ୍ୟବୃନ୍ଦ।

## ■ ମଧ୍ୟାହ୍ନଭୋଜନ ପରିଚାଳନାରେ ଅବ୍ୟବସ୍ଥା

# ମୁଢ଼ି, ମିକ୍ସଚର ଖାଇଲେ ଛାତ୍ରୀଛାତ୍ର

**ଲୋଇସିଂହା, ୧୮।୮ (ଡି.ଏନ.ଏ)**

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ସସାଁ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମଧ୍ୟାହ୍ନଭୋଜନ ପରିଚାଳନାରେ ଅବ୍ୟବସ୍ଥା ସାମ୍ନାକୁ ଆସିଛି। ଗତ ଶୁକ୍ରବାର ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ଭାତଡାଲମା ବଦଳରେ ମୁଢି, ମିକ୍ସଚର ଦିଆଯାଇଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।

ଭରସୁଜା ପଞ୍ଚାୟତ ଅଧୀନ ସସାଁ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷାଦାନ ବ୍ୟବସ୍ଥା ରହିଛି । ବିଦ୍ୟାଳୟରେ ମୋଟ ୮୨ ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ବିଦ୍ୟାଳୟର ମଧ୍ୟାହ୍ନଭୋଜନରେ ଅନେକ ସମୟରେ ବ୍ୟତିକ୍ରମ ଘଟୁଛି। ଗତ ଶୁକ୍ରବାର ବିଦ୍ୟାଳୟରେ ମଧ୍ୟାହ୍ନଭୋଜନ ରୋଷେଇ ହୋଇ ନ ଥିଲା । ଖାଇବା ଛୁଟି ପରେ ଛାତ୍ରୀଛାତ୍ରଙ୍କୁ ବିଦ୍ୟାଳୟ କର୍ତ୍ତୃପକ୍ଷ ମୁଢି ଏବଂ ମିକ୍ସଚର ଦେଇଥିଲେ । ଏହା ଜଣା ପଡିବା ପରେ ଗ୍ରାମର କେତେକ ଯୁବକ ବିଦ୍ୟାଳୟକୁ ଯାଇଥିଲେ। ସ୍କୁଲ ବାରଣ୍ଡାରେ ବସି ମୁଢି, ମିକ୍ସଚର ଖାଉଥିବା ଛାତ୍ରୀଛାତ୍ରଙ୍କୁ ପଚାରିବାରୁ ଜାଳେଣି କାଠ ନ ଥିବାରୁ ରୋଷେଇ ହୋଇ ନ ଥିବା କହିଥିଲେ । ଅପରପକ୍ଷେ ପ୍ରଧାନଶିକ୍ଷକ ଆମୋଦ ନନ୍ଦ କହିଥିଲେ ଯେ, ଜଣେ ମାତ୍ର ରୋଷେୟା ଆସଛନ୍ତି। ଅନ୍ୟ ରୋଷେୟାଙ୍କ ସମ୍ପର୍କୀୟଙ୍କ ମୃତ୍ୟୁ ହୋଇଥିବାରୁ ସେ ଆସି ନଥିବାରୁ ରୋଷେଇ ହୋଇ ପାରି ନ ଥିବା କହିଥିଲେ। ସ୍କୁଲ ପରିଚାଳନା କମିଟି ସମିତିଙ୍କ ପରାମର୍ଶକ୍ରମେ ମୁଢି, ମିକ୍ସଚର ଦିଆଯାଇଥିବା ସେ କହିଥିଲୋ। ଏ ସମ୍ପର୍କରେ ସିଆରସିସି ବିରଜା ପଧାନଙ୍କୁ ପଚାରିବାରୁ କହିଛନ୍ତି ଯେ, ଏ ସଂକ୍ରାନ୍ତରେ ବିଇଓ ସଞ୍ଜୁକ୍ତା ଭୋଇ ଅବଗତ ଅଛନ୍ତି। ସୋମବାର ପ୍ରଧାନଶିକ୍ଷକଙ୍କୁ କାରଣଦର୍ଶାଆ ନୋଟିସ୍ ଜାରି କରାଯିବ ବୋଲି କହିଥିଲେ। ସୂଚନାଯୋଗ୍ୟ ଯେ,ଏହା ପୂର୍ବରୁ ଗତ ୧୫ଜୁଲାଇରେ ବ୍ଲକ ମୁଖ୍ୟାଳୟ ଡୁଡକା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ମଧ୍ୟ ସମାନ ଅବସ୍ଥା ସୃଷ୍ଟି ହୋଇଥିଲା। ସ୍କୁଲ କର୍ତ୍ତୃପକ୍ଷ ପିଲାଙ୍କୁ ବିସ୍କୁଟ ଦେଇ ସାନ୍ତ୍ୱନା ଦେଇଥିଲେ । ବ୍ଲକରେ ନିୟମିତ ଭାବେ ମଧ୍ୟାନଭୋଜନ ଅବ୍ୟବସ୍ଥା ସାମ୍ନାକୁ ଆସୁଥିଲେ ସୁଦ୍ଧା ଜଣେ ଯୁବ ଓ ଦକ୍ଷ ଶିକ୍ଷା ଅଧିକାରୀ ଏ ଦିଗରେ କୌଣସି ଆଖିଦୃଶିଆ ପଦକ୍ଷେପ ଗ୍ରହଣ ନ କରିବା ଅଞ୍ଚଳବାସୀଙ୍କ ମଧ୍ୟରେ ପ୍ରତିକ୍ରିୟା ପ୍ରକାଶ ପାଇଛି ।



ମଧ୍ୟାହ୍ନଭୋଜନରେ ପିଲାମାନେ ମୁଢି, ମିକ୍ସଚର ଖାଉଛନ୍ତି।

## ଅଜଣା ରୋଗରେ ଗୋରୁ ମୃତ, ପ୍ରାଣୀ ଚିକିତ୍ସକ ଟିମ ପହଞ୍ଚିଲେ

**ଟିକ୍ରାପଡା, ୧୮।୮ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ସଇଁନ୍ତଲା ବ୍ଲକ ଟିକ୍ରାପଡା ଗ୍ରାମରେ ଗତ ଦଶ ଦିନ ମଧ୍ୟରେ ବନମାଳୀ ନାଏକ, ଅଭାଗୀ ନାଏକ, ପିଲା ନାଏକଙ୍କ ୬ଟି ଗୋରୁ ଅଜଣା ରୋଗରେ ମୃତ୍ୟୁବରଣ କରିଛନ୍ତି। ଖବର ପାଇ ସଇଁତଲାର ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା ଭ୍ୟାନର ଡାକ୍ତର ମୁକେଶ କୁମାର ଶବରଙ୍କ ନେତୃତ୍ୱରେ ଏକ ଟିମ ରବିବାର ଟିକ୍ରାପଡାରେ ପହଞ୍ଚିଥିଲେ । ସେମାନେ ୫୬ଟି ଗୋରୁଙ୍କ ଟୀକାକରଣ ଓ ୧୫ଟି ଛେଳିର ଚିକିତ୍ସା କରିଥିଲେ। ଟିକ୍ରାପଡାଠାରେ ଥିବା ପଶୁ ଚିକିତ୍ସା କେନ୍ଦ୍ରରେ ନିୟମିତ ଡାକ୍ତର ରହୁ ନ ଥିବା ଓ ସବୁବେଳେ କେନ୍ଦ୍ର ବନ୍ଦ ରହୁଥିବା ଯୋଗୁଁ ପ୍ରାଣୀ ଚିକିତ୍ସା କ୍ଷେତ୍ରରେ ନାନା ଅସୁବିଧାର ସମ୍ମୁଖୀନ ହେଉଥିବା ଚାଷୀମାନେ ଅଭିଯୋଗ କରିଛନ୍ତି।



ଧରିତ୍ରୀ
DHARITRI
ସମ୍ବଲପୁର, ସୋମବାର, ୧୯ ଅଗଷ୍ଟ, ୨୦୧୯

## ସଂକ୍ଷେପରେ



### ସ୍କାଉଟ ଛାତ୍ରମାନଙ୍କ ଦ୍ୱାରା ଚାରାରୋପଣ

**କେସିଙ୍ଗା,୧୮।୮(ଡି.ଏନ.ଏ.)-** କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଅନ୍ତର୍ଗତ କାଣ୍ଡେଲ ସରକାରୀ ହାଇସ୍କୁଲ ପରିସରରେ ପରିବେଶ ବୃଦ୍ଧି ଓ ହାଇସ୍କୁଲ ସୁରକ୍ଷା ଦୃଷ୍ଟିରୁ ରବିବାର ସ୍କାଉଟ ଛାତ୍ରଙ୍କ ଦ୍ୱାରା ଚାରାରୋପଣ କରାଯାଇଛି । ସ୍କାଉଟ ଶିକ୍ଷକ ମାଧବ ମହଲାଙ୍କ ନେତୃତ୍ୱରେ ବିଦ୍ୟାଳୟଠାରୁ ଆରମ୍ଭ କରି ଖେଳ ପଡିଆର ଚର୍ତୁପାର୍ଶ୍ୱରେ କଦମ୍ବ, ଶାଗୁଆନ, ପିଆଶାଳ ପ୍ରଭୃତି ଶହେରୁ ଊର୍ଦ୍ଧ୍ୱ ବିଭିନ୍ନ ବୃକ୍ଷର ଚାରା ରୋପଣ କରାଯାଇଛି । ଉକ୍ତ ସ୍କୁଲର ସ୍କାଉଟ ଛାତ୍ରମାନେ ବିଭିନ୍ନ ସ୍ଲୋଗାନ ଦେଇଥିଲେ । ଆଗାମୀ ଦିନରେ ପ୍ରଦୂଷଣ ରୋକିବାରେ ସହାୟତ ହେବା ସହିତ ବୃକ୍ଷର ଯତ୍ନ ନେବା ପାଇଁ ଶପଥ ମଧ ନେଇଛନ୍ତି । ପ୍ରତ୍ୟେକ ଦିନ ଗଛ ମୂଳରେ ପାଣି ଦେଇ ଗଛକୁ ବଞ୍ଚାଇବା ପାଇଁ ପ୍ରତ୍ୟେକ ସ୍କାଉଟ ପିଲାମାନେ ସଂଘବଧ ଶପଥ ନେଇଛନ୍ତି ।

# ପର୍ଯ୍ୟଟନ ମାନ୍ୟତା ମିଳିଛି, ଭିତ୍ତିଭୂମିର ବିକାଶ ନାହିଁ

**ଥିପାକୋଲ ଜଳପ୍ରପାତ**

- ଲୋକ ପ୍ରତିନିଧି, ପ୍ରଶାସନର ଆନ୍ତରିକତାର ଅଭାବ
- ସ୍ଥାନୀୟ ଲୋକଙ୍କ ମନରେ ଆଗ୍ରହ ଅଛି, ମୁହଁ ମୋଡୁଛନ୍ତି ପର୍ଯ୍ୟଟକ
- ସୌନ୍ଦର୍ଯ୍ୟକରଣ ଓ ଆକର୍ଷଣ ପାଇଁ ନିଷ୍ପତ୍ତି ନିଆଯାଇଛି: ଜିଲା ପର୍ଯ୍ୟଟନ ଅଧିକାରୀ

**ସିନାପାଲି,୧୮।୮ (ଡି.ଏନ.ଏ.)**

ନୂଆପଡା ଜିଲା ସିନାପାଲି ବ୍ଲକ ସ୍ଥିତ ନୂଆମାଲପଡା ଗ୍ରାମପଞ୍ଚାୟତସ୍ଥିତ ଡଙ୍ଗର ଗାଁ ନିକଟରେ ରହିଛି ଥିପାଖୋଲ ଜଳପ୍ରପାତ । ସରକାରଙ୍କ ତରଫରୁ ପର୍ଯ୍ୟଟନ ସ୍ଥଳିର ବହୁବର୍ଷ ହେଲା ମାନ୍ୟତା ମିଳିଛି । ହେଲେ ଲୋକ ପ୍ରତିନିଧି ଓ ପ୍ରଶାସନର ଆନ୍ତରିକତାର ଅଭାବ ଯୋଗୁ ଭିତ୍ତିଭୂମିର ବିକାଶ ହୋଇ ପାରୁନାହିଁ । ଫଳରେ ପର୍ଯ୍ୟଟକମାନେ ମୁହଁ ମୋଡୁଛନ୍ତି । ସ୍ଥାନୀୟ ଲୋକଙ୍କ ମନରେ ଥିପାଖୋଲ ଜଳ ପ୍ରପାତକୁ ନେଇ ଗର୍ବ ଅନୁଭବ କରନ୍ତି । କିନ୍ତୁ ମାନ୍ୟତା ପାଇବାର ଅନେକ ବର୍ଷ ପରେ ମଧ ଏଠାରେ କୌଣସି ସୁବିଧା ହୋଇପାରୁ ନ ଥିବାରୁ ଅଞ୍ଚଳବାସୀ କ୍ଷୋଭ ପ୍ରକାଶ କରିଛନ୍ତି । ସିନାପାଲି ସଦର ମହକୁମାଠାରେ ମାତ୍ର ୧୫ କି.ମି. ଦୂରଗଲେ ପଡେ ଏହି ଜଳପ୍ରପାତ । ଘଞ୍ଚ ସବୁଜିମା ଭରା ଚାରିଆଡେ ଜଙ୍ଗଲ, ୨ଟି ପାହାଡର ମଧ ଭାଗରେ ଅନବରତ ଭାବେ ପ୍ରବାହିତ ଜଳରାଶି । ଜଙ୍ଗଲର ସୁମଧୁର ଜଳରାଶି, ବନ୍ୟ ପଶୁ ପକ୍ଷୀଙ୍କ କୋଳାହଳ ଓ ମୟୁରମାନଙ୍କ ନାଚ ମତେ ଯେମିତି ପରିବେଶକୁ ଆହୁରି



ଥିପାକୋଲ ଜଳପ୍ରପାତ ।

ରୋମାଞ୍ଚିତ କରିଥାଏ । ଏଠାକୁ ଯିଏବି ଥରେ ପାଦ ପକାଏ ଫେରିବାକୁ ମନେ ଲାଗେନି । ଏଭଳି ଏକ ପର୍ଯ୍ୟଟନସ୍ଥଳ ପ୍ରତି ପ୍ରଶାସନର ଆନ୍ତରିକତା ନ ଥିବା ଅଞ୍ଚଳବାସୀ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଏଠାକୁ ଯିବା ପାଇଁ ନା ଅଛି ରାସ୍ତାଘାଟ ନା ଅଛି ପର୍ଯ୍ୟଟକମାନଙ୍କ ପାଇଁ ରହିବାର ବ୍ୟବସ୍ଥା । ଫଳରେ ପର୍ଯ୍ୟଟକମାନେ ଯିବା ପାଇଁ ମୁହଁ ମୋଡୁଛନ୍ତି । ସରକାରୀସ୍ତରରେ ଉଦ୍ୟମ କରାଯାଇ ଏଠାରେ ପର୍ଯ୍ୟଟକମାନଙ୍କ ପାଇଁ ସୁବ୍ୟବସ୍ଥା କରାଗଲେ ଏହି ଜଳ ପ୍ରପାତର ସୁନାମ ଖାତି ହୋଇ ପାରିବ । ଏଠାକୁ ପ୍ରତିବର୍ଷ ଛତିଶଗଡ, କଳାହାଣ୍ଡି, ବଲାଙ୍ଗୀର, ନବରଙ୍ଗପୁର ସମେତ ବହୁ ଅଞ୍ଚଳର ଲୋକେ ଏଠାକୁ ବଣଭୋଜି କରିବା ସାଙ୍ଗକୁ ସୁଗମାମୟୀ ପ୍ରାକୃତିକ ସୌନ୍ଦର୍ଯ୍ୟ ଉପଭୋଗ କରିବା ପାଇଁ ଆଣିଥାନ୍ତି । ପର୍ଯ୍ୟଟକମାନେ ଆସି ଗଛତଳେ କିମ୍ବା ପଥର ଚଟାଣ ଉପରେ ବସି ଭୋଜିଭାତ ଓ ବିଶ୍ରାମ ନେଇଥାନ୍ତି । ବିଶ୍ରାମଗାର ନ ଥିବାରୁ ବନ୍ୟ ପଶୁଙ୍କ ପ୍ରତି ଡର ରହିଛି । ଏଠାରେ ବିଦ୍ୟୁତ ସଂଯୋଗ ସମେତ ଅନ୍ୟାନ୍ୟ ଆନୁସାଙ୍ଗିକ ବ୍ୟବସ୍ଥା ପ୍ରତି ପ୍ରଶାସନ ଦୃଷ୍ଟି ଦେବା ଜରୁରୀ ହୋଇପଡିଛି । ସ୍ଥାନୀୟ ଜିଲା ପରିଷଦ ସଦସ୍ୟ ଗିରିରାଜ ମାଝି ଏହି ଜଳପ୍ରପାତକୁ ଅଧିକ ଆକର୍ଷଣୀୟ କରିବା ପାଇଁ ଜିଲା ପ୍ରଶାସନ ସହିତ ଆଲୋଚନା କରାଯାଇଛି । ଜିଲା ପରିଷଦ ବୈଠକରେ ମଧ ଉପସ୍ଥାପନ କରି ଦାବି ଜଣାଇଛି ବୋଲି କହିଥିଲେ । ଜିଲା ପର୍ଯ୍ୟଟନ ଅଧିକାରୀ ଭଗବାନ ଖୋରାଙ୍କୁ ପଚାରିବାରୁ ସିନାପାଲିରେ ଥିବା ଥିପାଖୋଲ ଜଳପ୍ରପାତ, ଯୋଗୀମଠ, ସିନ୍ଦୁରଶୀଳ ପର୍ଯ୍ୟଟନସ୍ଥଳ ଉପରେ ଅବଗତ ଅଛି । ପରିଦର୍ଶନ ବହୁଶୀଘ୍ର କରି ସରକାରଙ୍କ ପର୍ଯ୍ୟଟନ ବିଭାଗକୁ ରିପୋର୍ଟ ପଠାଯିବା ପାଇଁ ପ୍ରସ୍ତୁତି ସରିଯାଇଛି । ବହୁ କମ୍ ଦିନ ମଧ୍ୟରେ ଏହି ପର୍ଯ୍ୟଟନ ସ୍ଥଳିଗୁଡିକର ବିକାଶ ଦିଗରେ ପଦକ୍ଷେପ ନେଇ ସୌନ୍ଦର୍ଯ୍ୟକରଣ ସାଙ୍ଗକୁ ଆକର୍ଷଣୀୟ କରାଯିବ ବୋଲି ପ୍ରକାଶ କରିଛନ୍ତି ।

## ୧୫୮ ଛାତ୍ରୀଛାତ୍ର ପଞ୍ଚମ ଶ୍ରେଣୀ ବୃତ୍ତି ପରୀକ୍ଷା ଦେଲେ

**କୋମନା,୧୮।୮(ଡି.ଏନ.ଏ.)**

ନୂଆପଡା ଜିଲା କୋମନାସ୍ଥିତ ଜିତାମିତ୍ର ହାଇସ୍କୁଲରେ ଚଳିତବର୍ଷ ପଞ୍ଚମ ଶ୍ରେଣୀର ବୃତ୍ତି ପରୀକ୍ଷା ରବିବାର ଅନୁଷ୍ଠିତ ହୋଇଯାଇଛି । କୋମନା ବ୍ଲକର ମୋଟ ୧୮୫ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ଏହି ପରୀକ୍ଷା କେନ୍ଦ୍ରରେ ୧୫୮ ଛାତ୍ରୀଛାତ୍ର ପରୀକ୍ଷା ଦେଇଛନ୍ତି । ବ୍ଲକ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଜ୍ୟୋତିରଞ୍ଜନ ପଣ୍ଡାଙ୍କ ତତ୍ୱାବଧାନରେ ଶିକ୍ଷକ ଅଶୋକ କୁମାର ମିଶ୍ର ପରୀକ୍ଷା ସୁପରିଣ୍ଟେଣ୍ଡେଣ୍ଟ ଦାୟିତ୍ୱ ତୁଲାଇ ଥିଲେ । ଗାର୍ଲସ ହାଇସ୍କୁଲ ଓ ଜିତାମିତ୍ର ହାଇସ୍କୁଲ ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ପରୀକ୍ଷା କେନ୍ଦ୍ର ପରିଚାଳନାରେ ସହଯୋଗ କରିଥିଲେ । ଛାତ୍ରୀଛାତ୍ରମାନେ ମୋଟ ୪ଟି ବିଭାଗ ମାତୃଭାଷା, ଇଂଲିଶ, ବିଜ୍ଞାନ ଓ ସାଧାରଣ ଜ୍ଞାନ ବିଷୟରେ ପରୀକ୍ଷା ଦେଇଥିଲେ । ପରୀକ୍ଷା ଶାନ୍ତି ଶୃଙ୍ଖଳାରେ ଶେଷ ହୋଇଥିବା ଜଣାପଡିଛି ।

### ମୃତ୍ୟୁ ସଂଗେ ଯୁଝୁଛନ୍ ଟିକେସିନୀ

## ଚିକିତ୍ସା ଲାଗି ଟଁଙ୍କା ଅଭାବ୍

**ପଲମ,୧୮।୮ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ନର୍ଲା ବ୍ଲକ ପଲମ ପଁଚେତ୍ ପଲମ ପୁରନା କଲୋନୀପଡ଼ାର ଟିକେସିନୀ ବାଗ(୩୫) । ଆଏଜ୍‌କେ ୨ ବଛର ହେଲା ସେ ଯକ୍ଷ୍ମା ରୋଗ୍‌ରେ ପୀଡ଼ିତ ହେଇ ବଡ଼ା ଦୁଖ୍ ପାଉଛନ୍ । ଚିକିତ୍ସା ଲାଗି ସେ ନର୍ଲା, କେସିଙ୍ଗା, ଭବାନୀପାଟଣା, କାମଠଣା ଡାକ୍ତରଖାନାକେ ଯାଇ ନିରାଶ ହେଇଛନ୍ । ଉଚ ଚିକିତ୍ସା କରାବାକେ ସେ ସକ୍ଷମ ନୁହଁନ୍ । ଇଆଡ଼େ ଆପ୍‌ନେ ଗୋବର୍ଦ୍ଧନ ବାଗ ଫିଦିନ କୁଲି ମଜୁରି କରି ପରିବାର ଚଲଉଛନ୍ । ଜମିବାଡ଼ି ବଲି କିଛି ନାଇଁ । ସରକାରନୁ ଲିଜରେ ପାଇଥିବାର ୪ ଡେସିମିଲ ଡିହରେ ଝାଟିମାଟିର ଗୁଟେ କୁରିଆ କରି ମୁଡ଼ ଗୁଁଜିଛନ୍ । ଏନ୍‌ତାଥି ଟିକେସିନୀଙ୍କୁଁ ସରକାରୀ ଚିକିତ୍ସା ସାହାଯ୍ ଯୁଗେଇ ଦେବାକେ ପଡ଼ାବାସୀ ଦାବି କରିଛନ୍ । ଜିଲା ଆର ଥାନୀୟ ସୁଆସ୍‌ତିଅ ବିଭାଗ ଇ ଦିଗେ ଦୁରୁଷ୍‌ଟି ଦେଇ ପଦକ୍ଷେପ ନେବାକେ ବୁଧିଜୀବୀ ମହଲରେ ବି ଦାବି ହେଉଛେ ।



ଯକ୍ଷ୍ମାରେ ପୀଡ଼ିତ ଟିକେସିନୀ ବାଗ ।

## ବିଭିନ୍ନ ସାମାଜିକ ସୁବିଧା କର୍ମଶାଳା

**ଖଡିଆଲ,୧୮।୮ (ଡି.ଏନ.ଏ.)**

ନୂଆପଡ଼ା ଜିଲା ଖଡିଆଲ ବ୍ଲକ ନେହେନା ପଞ୍ଚାୟତ ଗୃହରେ ରବିବାର ଖଡିଆଲ ତାଲୁକସ୍ତରୀୟ ଆଇନସେବା ସେବା କମିଟି ତରଫରୁ ଭାରତ ସରକାର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ସାମାଜିକ ସୁବିଧା ଉପରେ ଏକ ସଚେତନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ତାଲୁକସ୍ତରୀୟ ଆଇନ ସେବା କମିଟି ଅଧ୍ୟକ୍ଷ ତଥା ସବଜଜ୍ ଡ. ପ୍ରଦୀପ କୁମାର ପ୍ରଧାନ ଅଧ୍ୟକ୍ଷତା କରିଥିଲେ । ସାମାଜିକ ବ୍ୟବସ୍ଥାରେ ଥିବା ବିଭିନ୍ନ କ୍ଷତିପୂରଣ ଓ ସରକାରୀ କର୍ମଚାରୀକୁ ନିଜକୁ ଜନସେବକ ସାଜି ସରକାର ଦ୍ୱାରା ଯେଉଁ ଯୋଜନାଗୁଡିକ ଅଛି ତାକୁ କିପରି କାର୍ଯ୍ୟକାରୀରେ ପରିଣତ ହୋଇ ଲୋକମାନଙ୍କୁ ବିଭିନ୍ନ ସୁବିଧା ପାଇପାରିବେ ସେଥିପ୍ରତି ଆଲୋକପାତ କରିଥିଲେ । କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ସାମାଜିକ ନ୍ୟାୟ, ବାସଗୃହ, ପେନସନ୍ ଯୋଜନା, ମାହାତ୍ମା ଗାନ୍ଧୀ ଜାତୀୟ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ଉପରେ ଥିବା ବିଭିନ୍ନ ସୁବିଧା ଉପରେ ଆଲୋକପାତ କରିଥିଲେ । ଜିଲା କୃଷୀ ଅଧିକାରୀ ନରୋତ୍ତମ ବେହେରା କୃଷି ଜନୀତ ସୁବିଧା, ଉପନିର୍ଦ୍ଦେଶକ ଉଦ୍ୟାନ ବିଭାଗ ସୁଦେଶ କୁମାର ଚୌଧୁରୀ ଉଦ୍ୟାନ ସମ୍ବନ୍ଧୀୟ ସୁବିଧା, ଆଇନଜୀବୀ ରବୀନ୍ଦ୍ର କୁମ୍ବାର, ତୁଳାସୀ ତାଣ୍ଡି ଶିକ୍ଷା ଅଧିକାର ଓ ଆଇନ ସେବା ଉପରେ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମକୁ ତାଲୁକସ୍ତରୀୟ ଆଇନସେବା ସଭ୍ୟ ମେଜର ଡ. ରାମଚନ୍ଦ୍ର ମିଶ୍ର ସଭାପତିତ୍ୱ କରିଥିବା ବେଳେ ପ୍ରଥମେ ବ୍ଲକ ଅଧ୍ୟକ୍ଷ ବାଳକୃଷ୍ଣ ଶବର ସ୍ୱାଗତ କରିଥିଲେ । କାର୍ଯ୍ୟକ୍ରମରେ ବ୍ଲକ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପଞ୍ଚାନନ ଖମାରୀ ଓ ଏପିଓ ପ୍ରଦୀପ କୁମାର ଓଝା, ଆଇନଜୀବୀ ସଚିନ୍ଦ୍ର ମୋହନ ଯୋଶୀ, ଧର୍ମ ଦୀପକ ବାଗ, ଅଭିଲାଷ ସିଂଦେଓ, ରିତେଶ ବାବୁ, ସୂର୍ଯ୍ୟ ମେହେର ପ୍ରମୁଖ ଉପସ୍ଥିତ ଥିଲେ । ବେହେନା ଗ୍ରାମ ସରପଞ୍ଚ ଅବନୀ ସିଂନିନା ଧନ୍ୟବାଦ ଅର୍ପଣ କରିଥିଲେ ।




କର୍ମଶାଳାରେ ଯୋଗ ଦେଇଥିବା ଅତିଥି ।



ମନ୍ତ୍ରୀ ଜଣେ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରୁଛନ୍ତି ।

## କୋମନାରେ ଭତ୍ତା ବାଣ୍ଟିଲେ ମନ୍ତ୍ରୀ

**ନୂଆପଡା ଅଫିସ/କୋମନା, ୧୮।୮ (ଡି.ଏନ.ଏ.)**

ନୂଆପଡା ଜିଲା ଗସ୍ତରେ ଆସିଥିବା ବିଜ୍ଞାନ ଓ କାରିଗରୀ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ଅଶୋକ କୁମାର ପଣ୍ଡା କୋମନା ବ୍ଲକ ପରିସରରେ ଅନୁଷ୍ଠିତ ସଭାରେ ଯୋଗଦେଇ ସାମାଜିକ ସୁରକ୍ଷା ଯୋଜନାରେ ନୂତନ ହିତାଧିକାରୀମାନଙ୍କୁ ଭତ୍ତା ବଣ୍ଟନ କରିଛନ୍ତି । ରବିବାର ସନ୍ଧ୍ୟା ଠିକ ୬ଟାରେ ଏଠାରେ ପହଞ୍ଚି ବ୍ଲକ ପରିସରରେ ଅନୁଷ୍ଠିତ ସଭାରେ ଯୋଗଦେଇଥିଲେ । ଏଥିରେ ବ୍ଲକ ଅଧ୍ୟକ୍ଷ ମନୋଜ କୁମାର ମିଶ୍ର ସଭାପତିତ୍ୱ କରିଥିବା ବେଳେ ମନ୍ତ୍ରୀ ପଣ୍ଡାଙ୍କ ସମେତ ନୂଆପଡା ବିଧାୟକ ରାଜେନ୍ଦ୍ର ଢୋଲକିଆ, ଜିଲା ପରିଷଦ ଅଧ୍ୟକ୍ଷା ନମିତା ପ୍ରଧାନ, ଉପାଧ୍ୟକ୍ଷ ଭାନୁପ୍ରତାପ ସିଂ ମାଝି, ବିଡିଓ ଶ୍ୟାମଲ ରଏ ପ୍ରମୁଖ ଯୋଗଦେଇଥିଲେ । ଏଥିରେ ଭିନ୍ନକ୍ଷମଙ୍କୁ ଟ୍ରାଇ ସାଇକେଲ, ହ୍ୱିଲ ଚେୟାର ଏବଂ ବୃଦ୍ଧାବୃଦ୍ଧ, ବିଧବାଙ୍କୁ ଭତ୍ତା ବର୍ଣ୍ଟନ କରାଯାଇଥିଲା । କାର୍ଯ୍ୟକ୍ରମରେ କାର୍ତ୍ତିକ ଦୀପ ମଞ୍ଚ ପରିଚାଳନା କରିଥିବାବେଳେ କାଳିଆ ପ୍ରଧାନ, ମୂରଲି ଭୋଇ ପ୍ରମୁଖ ସହଯୋଗ କରିଥିଲେ । କାର୍ଯ୍ୟକ୍ରମ ସାରି ମନ୍ତ୍ରୀ ଖଡିଆଳ ଅଭିମୁଖେ ବାହାରି ଥିଲେ ।

## କଳାହାଣ୍ଡି ଏମ୍‌ପିଙ୍କ ଲାଞ୍ଜିଗଡ଼ ବ୍ଲକର ବିଭିନ୍ନ ଅଞ୍ଚଳ ଗସ୍ତ

**ଲାଞ୍ଜିଗଡ଼,୧୮।୮(ଡି.ଏନ.ଏ.)**

କଳାହାଣ୍ଡି ଏମ୍‌ପି ତଥା ଭାଜପା ରାଜ୍ୟ ସଭାପତି ବସନ୍ତ କୁମାର ପଣ୍ଡା ରବିବାର ଦିନିକିଆ ଲାଞ୍ଜିଗଡ଼ ବ୍ଲକର ବିଭିନ୍ନ ଅଞ୍ଚଳ ଗସ୍ତ କରିଛନ୍ତି । ଏମ୍‌ପି ପଣ୍ଡା ପ୍ରଥମେ ବିଶ୍ୱନାଥପୁରଠାରେ ଏକ ନବନିର୍ମିତ କମ୍ୟୁନିଟି ହଲ ଉଦ୍‌ଘାଟନ କରିଥିଲେ । ସେଠାରେ କର୍ମୀମାନଙ୍କ ସହ କଥାବାର୍ତ୍ତା ପରେ ବ୍ଲକର ହରେକୃଷ୍ଣପୁର ଓ ଯୋଡ଼ାବନ୍ଧଠାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ଯୋଗଦେଇଥିଲେ । ଏହା ପରେ ଲାଞ୍ଜିଗଡ଼ ବେଦାନ୍ତ ଲିମିଟେଡ଼ ସଭାଗୃହରେ ଅଞ୍ଚଳର ବିଭିନ୍ନ ସମସ୍ୟାକୁ ନେଇ ଏକ ବୈଠକ କରିଥିଲେ । ସେହିପରି ବ୍ଲକର କିଛି ବନ୍ୟା କ୍ଷତିଗ୍ରସ୍ତ ଅଞ୍ଚଳ ମଧ ସେ ବୁଲି ଦେଖିଥିଲେ । ଏମ୍‌ପି ପଣ୍ଡାଙ୍କ ଗସ୍ତ ବେଳେ କଳାହାଣ୍ଡି ଜିଲା ପରିଷଦ ଅଧ୍ୟକ୍ଷା ନମିତାରାଣୀ ସାହୁ, ଆର୍ତ୍ତତ୍ରାଣ ମହାପାତ୍ର, କେଶରୀ ଦୁର୍ଗା, ଭବାନୀଶଙ୍କର ବାଣୁଆ, ରମେଶ ମାଝି, ତ୍ରିନାଥ ପାତ୍ର, ଆନନ୍ଦ ସାହୁ ପ୍ରମୁଖ ଜିଲା ଓ ବ୍ଲକସ୍ତରୀୟ କର୍ମକର୍ତ୍ତା ଉପସ୍ଥିତ ଥିଲେ । ଏମ୍‌ପି ପଣ୍ଡା ବ୍ଲକର ଅନେକ ଅନୁନ୍ନତ ଅଞ୍ଚଳ ଓ ବନ୍ୟା ପ୍ରଭାବିତ ଅଞ୍ଚଳ ଗସ୍ତ କରି ନ ଥିବାରୁ ସାଧାରଣରେ ନାପସନ୍ଦ କରାଯାଇଛି ।



କଳାହାଣ୍ଡି ଏମ୍‌ପି ବସନ୍ତ ପଣ୍ଡା ଲାଞ୍ଜିଗଡ଼ ବ୍ଲକ ଅଞ୍ଚଳର ଲୋକଙ୍କ ସହ ଆଲୋଚନା କରୁଛନ୍ତି ।

## ହାଇଦ୍ରାବାଦରେ ବନ୍ଧା ପଡିଛନ୍ତି ୧୨ ଦାଦନ ଶ୍ରମିକ

**ଭବାନୀପାଟଣା,୧୮।୮ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୟପାଟଣା ବ୍ଲକର ୧୨ ଜଣ ଦାଦନ ଶ୍ରମିକ ହାଇଦ୍ରାବାଦକୁ କାମ ଅନ୍ୱେଷଣରେ ଯାଇ ସେଠାରେ ବନ୍ଧା ପଡିଛନ୍ତି । ଅର୍ଥାଭାବର ସେଠାରୁ ମୁକୁଳି ପାରୁନାହାନ୍ତି । ଏପରିକି ସେମାନେ ଯେଉଁଠି କାମ କରୁଛନ୍ତି ତାଙ୍କର ସ୍ଥାୟୀ ଠିକଣା ଜଣାନାହିଁ । ସେମାନଙ୍କୁ ଫେରାଇ ଆଣିବାକୁ ପରିବାର ଲୋକେ କଳାହାଣ୍ଡି ଜିଲାପାଳଙ୍କୁ ଲିଖିତ ଭାବେ ଅଭିଯୋଗ କରିଥିବା ଜଣାପଡିଛି । ଅଭିଯୋଗ ମୁତାବକ, ଏ ଅଞ୍ଚଳକୁ ୧୭ ଜଣ ବ୍ୟକ୍ତି ହାଇଦ୍ରାବାଦକୁ କାମ କରିବାକୁ ଯାଇଥିଲେ । ସେଠାରେ ଏକ ନଳକୂପ ଖନନକାରୀ ମାଲିକଠାରେ କାମ କରୁଥିଲେ । ଶ୍ରମିକମାନେ ଜୟପାଟଣା ଥାନା ଅନ୍ତର୍ଗତ ମଦନ ଯାନୀ, ଲଖଣ ଯାନୀ, ପ୍ରତାପ ନାଏକ, ସୁରେଶ ବଣୁଆ, ଲମ୍ବୋଦର ଦଳପତି, ଚନ୍ଦ୍ରଭାନୁ ରାଉତ, କମଳୁ ବଣୁଆ ପ୍ରମୁଖ ରହିଛନ୍ତି । ଅନ୍ୟପକ୍ଷେ ଉମା ଶଙ୍କର ମାଝି ଏବଂ ଚୈତନ୍ୟ ମାଝି ନବରଙ୍ଗପୁର ଜିଲା ଅନ୍ତର୍ଗତ ତେନ୍ତୁଳିଖୁଣ୍ଟି ବୋଲି ଜଣାପଡିଛି । ମୋଟ ୧୭ ଜଣଙ୍କ ମଧ୍ୟରୁ ୫ ଜଣ ସେଠାରୁ କସି ପଳାଇ ଆସିଛନ୍ତି । ବର୍ତ୍ତମାନ ୧୨ ଜଣ ରହିଛନ୍ତି । ପାରିଶ୍ରମିକ ମିଳୁ ନ ଥିବାରୁ ଏହି ଶ୍ରମିକମାନେ ଏକ ପ୍ରକାର ମାଲିକ ପାଖରେ ବନ୍ଧା ପଡିଛନ୍ତି । କିଛିଦିନ ତଳେ ରଘୁ ରାଉତ ସେଠାରେ ବହୁ କଷ୍ଟରେ ଥିବା ପରିବାର ଲୋକଙ୍କ ଫୋନ ଯୋଗେ ଜଣାଇଥିଲେ । କଳାହାଣ୍ଡି ଜିଲା ଶ୍ରମ ବିଭାଗ ଅଧିକାରୀ ପ୍ରଦୀପ୍ତ ମହାନ୍ତିଙ୍କୁ ପଚାରି ବୁଝିବାରୁ ଆମେ ଖବର ପାଇବା ପରେ ଆମ ଇନ୍ସପେକ୍ଟର ହାଇଦ୍ରାବାଦ ବିଭାଗୀୟ ଅଧିକାରୀ ସହିତ ଯୋଗାଯୋଗରେ ଅଛନ୍ତି । ସେମାନଙ୍କୁ ଶୀଘ୍ର ଆଣିବା ବ୍ୟବସ୍ଥା କରୁଛୁ ବୋଲି କହିଥିଲେ ।

## ଜଳଶକ୍ତି ଅଭିଯାନର ଚାରାରୋପଣ କାର୍ଯ୍ୟକ୍ରମ

**ପଲମ,୧୮।୮ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅଧୀନ ସରିଆଁ ପଞ୍ଚାୟତସ୍ଥିତ ସରିଆଁ ଜଗନ୍ନାଥପଡା ପ୍ରାଥମିକ ବିଦ୍ୟାଳୟ ପରିସରରେ ନେହେରୁ ଯୁବକେନ୍ଦ୍ର କଳାହାଣ୍ଡି ଓ ଭବାନୀଶଙ୍କର ସାଂସ୍କୃତିକ ଅନୁଷ୍ଠାନ ସରିଆଁ ଆନୁକୁଲ୍ୟରେ ଚାରାରୋପଣ କାର୍ଯ୍ୟକ୍ରମ ହୋଇଯାଇଛି । ଏଥିରେ ମୁଖ୍ୟଅତିଥି ଭାବେ ସରିଆଁ ସରପଞ୍ଚ ଜନନୀ ଭୋଇ, ସମ୍ମାନିତ ଅତିଥି ପଞ୍ଚାୟତ ହାଇସ୍କୁଲ ସରିଆଁ ବିଜ୍ଞାନ ଶିକ୍ଷକ ଗଙ୍ଗାନାରାୟଣ ଦାଶ, ଶିଶୁମନ୍ଦିର ସରିଆଁ ପ୍ରଧାନ ଆଚାର୍ଯ୍ୟ ପୁରୋହିତ ନାଏକ, ବିଜୟ କୁମାର ଭୋଇ, ହେମନ୍ତ କୁମାର ସାହୁ, ଭବାନୀଶଙ୍କର ସାଂସ୍କୃତିକ ଅନୁଷ୍ଠାନ ସଭାପତି ସ୍ୱାଧୀନ କୁମାର ଭୋଇ, ସମ୍ପାଦକ ସରୋଜ କୁମାର ମହାପାତ୍ର ପ୍ରମୁଖ ଯୋଗଦାନ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଉତ୍କଳିକା ସାହୁ ଓ ମିଳନ କୁମାର ଭୋଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।



ବିଦ୍ୟାଳୟ ପରିସରରେ ଚାରାରୋପଣ କରାଯାଉଛି ।

### ପୋଲିସ ପ୍ରଶାସନର ଅଜବ ନୀତି

## ଗୋଟିଏ ବ୍ଲକ ୩ ଥାନା, ଗୋଟିଏ ପଞ୍ଚାୟତ ୨ ଥାନା

**ଜୁନାଗଡ,୧୮।୮ (ଡି.ଏନ.ଏ.)**

କଳାହାଣ୍ଡି ଜିଲାର ଜୁନାଗଡ ବ୍ଲକକୁ ୩ଟି ଥାନାରେ ବିଭକ୍ତ କରାଯାଇଥିବାରୁ ସ୍ଥାନୀୟ ଜନସାଧାରଣ ନ୍ୟାୟ ପାଇବା ପାଇଁ ଏବେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଜୁନାଗଡ ବ୍ଲକ ୩୪ଟି ପଞ୍ଚାୟତକୁ ନେଇ ଗଠିତ ହୋଇଥିବାବେଳେ ଜନସଂଖ୍ୟା ତଥା ଭୌଗଳିକ ସ୍ଥିତିକୁ ନେଇ ଜୁନାଗଡ ବ୍ଲକକୁ ୩ଟି ଥାନାରେ ବିଭକ୍ତ କରାଯାଇଛି । ସେଗୁଡିକୁ ହେଲା ଜୁନାଗଡ, କୋକସରା ଓ ଧର୍ମଗଡ ।

ପ୍ରକାଶ ଯେ, କଳାହାଣ୍ଡି ଜିଲା ଜୁନାଗଡ ବ୍ଲକରେ ଚାରବାହାଲ ପଞ୍ଚାୟତ ରହିଛି । ଚାରବାହାଲ ପଞ୍ଚାୟତରେ ଥିବା ଧନେର, ଘୁମେରଗୁଡା ଓ ପଖନାଗୁଡା ଗ୍ରାମର ଲୋକେ ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ ଯୋଜନା ପାଇବା ପାଇଁ ଜୁନାଗଡ ବ୍ଲକ ଉପରେ ନିର୍ଭର କରିଥାନ୍ତି । ତେବେ ସେମାନଙ୍କ ଥାନା କୋକସରା ହୋଇଥିବାରୁ ନ୍ୟାୟ ସହାୟତା ପାଇଁ ସେମାନେ କୋକସରା ଥାନା ଉପରେ ନିର୍ଭର କରିଥାନ୍ତି । ଏଥିପାଇଁ ଚାରବାହାଲ ପଞ୍ଚାୟତବାସୀ ପ୍ରାୟ ୧୮ କି.ମି. କୋକସରା ଥାନାକୁ ଯାଇଥାନ୍ତି । ସେହିପରି ଦେଉଣ୍ଡି ଓ କାଲୋପଲା ଗ୍ରାମକୁ ନେଇ କାଲୋପଲା ପଞ୍ଚାୟତ ଗଠିତ ହୋଇଛି । ଯାହାକି ଜୁନାଗଡ ବ୍ଲକରେ ରହିଛି । ଏହି ପଞ୍ଚାୟତର ଦେଉଣ୍ଡିଗାଁର ଲୋକେ ଜୁନାଗଡ ଥାନା ଉପରେ ନିର୍ଭର କରୁଥିବାବେଳେ କାଲୋପଲା ଗାଁର ଲୋକେ ଧର୍ମଗଡ ଥାନା ଉପରେ ନିର୍ଭର କରୁଛନ୍ତି । ଦେଉଣ୍ଡିରୁ ଧର୍ମଗଡକୁ ପ୍ରାୟ ୨୨ କି.ମି. ଦୂର ଥିବାବେଳେ ଦେଉଣ୍ଡିରୁ ଜୁନାଗଡ ପ୍ରାୟ ୧୮ କି.ମି. ଦୂର । ସେହିପରି କାଲୋପଲା ଓ ଧର୍ମଗଡ ମଧ୍ୟରେ ପ୍ରାୟ ୨୦ କି.ମି. ଦୂର ଥିବାବେଳେ କାଲୋପଲା ଓ ଜୁନାଗଡ ମଧ୍ୟରେ ପ୍ରାୟ ୧୫ କି.ମିଟର ଦୂର । ସରକାରଙ୍କ ଏଭଳି ଅଜବ ନୀତି ଯୋଗୁ ସାଧାରଣ ଲୋକଙ୍କୁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଜୁନାଗଡ ବ୍ଲକରେ ବର୍ତ୍ତମାନ ଚିଲଗୁଡା ଗୋଟିଏ ଫାଣ୍ଡି ରହିଛି । ତେଣୁ ଚାରବାହାଲ, କାଲୋପଲା ପଞ୍ଚାୟତକୁ ଜୁନାଗଡ ଥାନା ଅଧୀନରେ ଅର୍ନ୍ତଭୁକ୍ତ କରିବା ଓ ପ୍ରତି ୧୦ ରୁ ୧୫ କି.ମି. ବ୍ୟବଧାନରେ ପୋଲିସ ଫାଣ୍ଡି ଦିଆଗଲେ ସ୍ଥାନୀୟ ଜନତା ଉପକୃତ ହୋଇପାରିବେ ବୋଲି ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି । ଏ ନେଇ ରାଜ୍ୟ ସରକାରଙ୍କ ଗୃହ ରାଷ୍ଟ୍ରମନ୍ତ୍ରୀ କ୍ୟାପଟେନ ଦିବ୍ୟ ଶଙ୍କର ମିଶ୍ରଙ୍କୁ ପଚାରିବାରୁ ଏହାର ସମାଧାନ କରିବାକୁ ଚେଷ୍ଟା କରାଯିବ, ଯେମିତି ସ୍ଥାନୀୟ ଜନସାଧାରଣ ସୁବିଧାରେ ଆଇନ ସେବା ପାଇ ଉପକୃତ ହୋଇ ପାରିବେ ବୋଲି କହିଥିଲେ ।



ନିଜର ଦୁର୍ବଳତା କେଉଁଠି ଅଛି, ତାହା ଜାଣି ନ ପାରିବା ହେଉଛି ସବୁଠାରୁ ବଳି ଦୁର୍ଭାଗ୍ୟ।

- କାର୍ଲାଇଲ



**ସଂକ୍ଷେପରେ**

## ବନ୍ଧୁତ୍ୱପୂର୍ଣ୍ଣ ଫୁଟବଲ: ମୁରିବାହାଲ ଆଦିବାସୀ କ୍ଲବ ବିଜୟୀ

**ମୁରିବାହାଲ, ୧୮।୮ (ଡି.ଏନ.ଏ.):** ବଲାଙ୍ଗୀର ଜିଲା ମୁରିବାହାଲ ପଞ୍ଚାୟତ ହାଇସ୍କୁଲ ଖେଳ ପଡିଆରେ ରବିବାର ଖେଳାଯାଇଥିବା ବନ୍ଧୁତ୍ୱପୂର୍ଣ୍ଣ ଫୁଟବଲ ମ୍ୟାଚରେ ମୁରିବାହାଲ ଆଦିବାସୀ କ୍ଲବ ବିଜୟ ହୋଇଛି । ମୁରିବାହାଲ ୟୁଥ ଓ ସ୍ପୋର୍ଟ୍ସ କ୍ଲବ ବନାମ ଆଦିବାସୀ କ୍ଲବ ମଧ୍ୟରେ ଖେଳାଯାଇଥିବା ମ୍ୟାଚ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଗୋଟାଏ ଲେଖାଏଁ ଗୋଲରେ ବରାବର ରହିଥିଲା। ପରେ ଟାଇବ୍ରେକର ୬-୫ ଗୋଲରେ ମୁରିବାହାଲ ବିଜୟ ହୋଇଛି । ଏହି ମ୍ୟାଚକୁ ଶ୍ରୀବତ୍ସ ବେହେରା, ବିକି ମହାରଣା, ଯୁବରାଜ ଭୋଇ, କେଦାର ବଡଜେନା ପ୍ରମୁଖ ପରିଚାଳନା କରିଥିଲେ। କ୍ରୀଡାବିତ ବନବିହାରୀ ଯୋଶୀ, ସାମାଜିକ କର୍ମୀ ସୁବ୍ରତ କୁମାର ମହାକୁର, ଖେଳ ଶିକ୍ଷକ ଶ୍ରୀପତି ଷାଣ୍ଡ ଅତିଥିଭାବେ ଯୋଗଦେଇ ଉଭୟ ଦଳକୁ ଉତ୍ସାହିତ କରିଥିଲେ ।

## ଅଘୋଷିତ ବିଦ୍ୟୁତ୍ କାଟ, ଲୋକେ ହୀନସ୍ତା

**ସୋନପୁର,୧୮।୮(ନି.ପ୍ର.):** ସୁବର୍ଣ୍ଣପୁର ଜିଲାରେ ଅଘୋଷିତ ବିଦ୍ୟୁତ୍ କାଟ୍ ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଇଛି। ଜିଲା ସଦର ମହକୁମାରେ ଦୈନିକ ୫ରୁ ୬ ଘଣ୍ଟା ବିଦ୍ୟୁତ୍ କାଟ ହେଉଥିବା ବେଳେ ଗ୍ରାମାଞ୍ଚଳରେ ୧୦ରୁ ୧୨ ଘଣ୍ଟା ବିଦ୍ୟୁତ୍ କାଟ ହେଉଛି। ଏଥିପାଇଁ ପାଇପ ଯୋଗେ ପାନୀୟ ଜଳ ଯୋଗାଣ ହୋଇପାରୁନି। ଲୋକେ ହୀନସ୍ତା ହେଉଛନ୍ତି। ଜୁଲାଇ ମାସରେ ୨୧ରୁ ୩୧ ତାରିଖ ପର୍ଯ୍ୟନ୍ତ ସୁବର୍ଣ୍ଣପୁର ସହରରେ ସକାଳେ ୪ ଘଣ୍ଟା ଲେଖାଏଁ ବିଦ୍ୟୁତ୍ କାଟ୍ ହୋଇଥିଲା। ପୁରୁଣା ବିଦ୍ୟୁତ୍ ତାର ବଦଳାଇବା ପାଇଁ ୱେସ୍କୋ ପକ୍ଷରୁ ଏଭଳି କରାଯାଇଥିବା ସୂଚନା ଦିଆଯାଇଥିଲା। ଏବେ ଝିପିଝିପି ବର୍ଷା ହେଲେ ବିଜୁଳି ରହୁନି। ରବିବାର ଭୋର ୫ଟାରୁ ସକାଳ ୯ଟା ପର୍ଯ୍ୟନ୍ତ ବିଦ୍ୟୁତ୍ କାଟ୍ ହୋଇଥିଲା। ଅଧାଘଣ୍ଟା ବିଦ୍ୟୁତ୍ ଆସିବା ପରେ ପୁଣି ଚାଲିଗଲା ଯେ ୧୨ଟା ୨୦ରେ ଆସିଲା। ଲୋକେ ଯେତେ ଅଭିଯୋଗ କଲେ ବି ବିଦ୍ୟୁତ୍ ବିଭାଗ କର୍ଣ୍ଣପାତ କରୁ ନଥିବାରୁ ଜନ ଅସନ୍ତୋଷ ବୃଦ୍ଧି ପାଉଛି ।

### ■ ରୂପେଲିର ଚିକିତ୍ସା ଲାଗି ଟଙ୍କା ଅଭାବ୍

# ଚିନ୍ତାରେ ଗରିବ୍ ମା'ବାପ୍

**ଗୁଡ଼ଭେଲା, ୧୮।୮(ଡି.ଏନ.ଏ.)**

ଲୁକ୍‌କୁ ମାହାଲିଆ ଚିକିତ୍ସା ସେବା ଯୁଗେଇ ଦେବାର ଲାଗି କେନ୍ଦ୍ର ଆର ରାଏଜ୍ ସରକାର ଭିନେ ଭିନେ ଯୋଜନା କାର୍ଯ୍ୟକାରୀ କରୁଛନ୍। ହେଲେ ବଲାଙ୍ଗୀର ଜିଲା ଗୁଡ଼ଭେଲା ବ୍ଲକ ଅଧୀନ ଡୁଙ୍ଗିବାହାଲ ଗାଁର ୩ ବଛର ୯ ମାସର ଛୁଆ ରୂପେଲି ରଣାଙ୍କର ଲାଗି ଇ ସବୁ ସରକାରୀ ଯୋଜନା ସତେ ଯେନ୍‌ତା ଉପହାସ କରୁଛେ।

ସୂଚନା ଅନ୍‌ସାରେ ଡୁଙ୍ଗିବାହାଲ ଗାଁର ମେଘନାଦ ରଣା ଆର କୁନୀତାଙ୍କର ଝି' ହେଉଛନ୍ ରୂପେଲି(୩)। ଝି' ଜନମ୍ ହେଲା ଉତାରୁ ପରିବାରରେ ଖୁସିର ଲହର ଖେଲି ଯାଇଥିଲା। ହେଲେ ଇ ଖୁସିଟା ଦିନାକେତେ ଭିତରେ ସମ୍‌କର ମୁହୁଁରୁ ଉଭି ଗଲା। ଜନମ୍ ହେବାର ଦୁଇ ମାସ ଉତାରୁ ରୂପେଲିର ଦିହିପା ଖରାପ ହେଲା। ମା'ବାପ୍ ଝି'କେ ପହେଲା ଗୁଡ଼ଭେଲା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ପଛେ ଜିଲା ମୁଖିଆ ଡାକ୍‌ତରଖାନା ଆର ବୁର୍ଲାକେ ନେଇ ଚିକିତ୍ସା କରାଲେ, ହେଲେ କିଛି ଲାଭ୍ ନାଇଁ ହେଲା। ଇଆଡ଼େ ରୂପେଲିର ମୁଡ଼ ବଢୁଥିଲାବେଲେ ସେ ହିସାବେ ଗୋଡ଼ହାତ୍ ନାଇଁ ବଢ଼ବାର। ବଏସ୍ ବଢୁଥିଲେ ବି ସେ ଚାଲବୁଲ କି କଥାବାରତା ନାଇଁ କରିପାରବାର। ସବୁବେଲେ ସେ ମା'ରନେ ପାଇ ହେଇଛନ୍। ରୂପେଲିର ମୁଡ଼ର ଉଜନ ବଢ଼ବାରେ ଲାଗିଥିଲାବେଲେ ସେ ମୁଡ଼ ସିଧା କରି ରଖି ନାଇଁପାରବାର। ଇଆଡ଼ ଗରିବ୍ ବାପ୍ କୁଲି ମଜୁରି କରି ଦୁଇ ପଏସା ଆନ୍‌ଲେ ଯାଇ ଘରର ଚୁଲି ଜଲୁଛେ। ଏନ୍‌ତାଥି ଝି'ର ଉଚ ଚିକିତ୍ସା କଥା ମା'ବାପ୍ ଚିନ୍‌ତା କରି ନାଇଁପାରବାର। ମାଏକିନା କୁନୀତା, ଝି' ରୂପେଲି ଆର ଦୁଇ ବଛର୍‌ର ପୁଓ ଲୁକେଶ୍ୱରକେ ନେଇ ମେଘନାଦଙ୍କର ପରିବାର। ପରିବାରଟା ନିହାତି ଗରିବ୍ ହେଇଥିଲାବେଲେ ୫୦ ଡେସିମିଲ ଚାଷ୍‌ଜମି ରହିଛେ। କୁଲି ମଜୁରି କରି କୁଟୁମ୍ ପୁଷୁଛେଁ, ଝି'ର ଚିକିତ୍ସା ଲାଗି ବହୁତ୍ ଧାର ଉଧାର କରି ସାଇଲିନ, ହେଲେ ରୂପାଲିକେ କାଏଁ ରୋଗ୍ ହେଇଛେ ସେଟା ବି ଜନା ନାଇଁ ପଡ଼ବାର। ଇ ଅଭାବ ଅନାଟନ ଭିତରେ ଝି'ର ଉଚ ଚିକିତ୍ସା କରବାର ମୋର ପକ୍ଷେ ସମ୍ଭବ ନୁହେ ଆଗିଆଁ। ଯାହା ପାରଲି ଧାର ଉଧାର କରି ଚିକିତ୍ସା କଲି, ଏହେଦେ ରୂପାଲି ଖାଲି ଭଗବାନ ଭରସାରେ ଅଛେ ବଲି କହିଛନ୍ ମେଘନାଦ। ଇ ଦୁଖି ପରିବାର ଉପରେ ଜିଲା ପରଶାସନ ଦୁରୁଷ୍ଟି ଦେଇ ରୂପେଲିକେ ଚିକିତ୍ସା ସାହାଯ୍ ଯୁଗେଇ ଦେବାକେ ସାଧାରନରେ ଦାବି ହେଉଛେ।



ମା'ବାପ୍ ସଂଗେ ରୂପେଲି।

## ଜୀବନ ବିନ୍ଦୁ ରକ୍ତଦାନ ଶିବିର

**ଖପ୍ରାଖୋଲ, ୧୮।୮(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ମହରାପଦର ପଞ୍ଚାୟତ କାର୍ଯ୍ୟାଳୟଠାରେ ବିଜୁ ଯୁବ ବାହିନୀ ତରଫରୁ ବ୍ଲକସ୍ତରୀୟ ଜୀବନ ବିନ୍ଦୁ ରକ୍ତଦାନ ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ମୋଟ୍ ୬୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ପରେ ରକ୍ତଦାତାଙ୍କୁ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା। ଉଦଯାପନୀ ଉତ୍ସବରେ ବିଜୁ ଯୁବ ବାହିନୀ ବ୍ଲକ ସଂଯୋଜକ ଲକ୍ଷ୍ମୀଧର ବିଶି ଅଧ୍ୟକ୍ଷତା କରିଥିଲା। ମୁଖ୍ୟ ଅତିଥିଭାବେ ପାଟଣାଗଡ ବିଧାୟକ ସରୋଜ ମେହେର, ସମ୍ମାନିତ ଅତିଥି ବିଡିଓ ତରଣୀ ସୁନା, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମେଡିକାଲ ଅଫିସର ଡା.ଉତ୍କଳମଣି ମେହେର, ଜିପିଇଓ ସୁଶାନ୍ତ ପାଣି, ବ୍ଲକ ଉପାଧ୍ୟକ୍ଷ ପ୍ରକାଶ ମେହେର ପ୍ରମୁଖ ଯୋଗଦେଇ ଯୁବକମାନେ ସ୍ୱେଚ୍ଛାକୃତ ରକ୍ତଦାନ କରିବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ପାଟଣାଗଡ ବ୍ଲଡ ବ୍ୟାଙ୍କ ଟେକ୍ନିସିଆନ ବୁଲା ସାମଲ, ମହରାପଦର ସରପଞ୍ଚ ନଳିନୀ ମେହେର, ମହରାପଦର ପଞ୍ଚାୟତ ବିଜୁ ଯୁବ ବାହିନୀ ସଭାପତି ବେଲର ସିଂ ମେହେର, ସମ୍ପାଦକ ଫକିର ସେଲମା, ପଞ୍ଚୁଦେବ ସାହୁ, ନରେନ୍ଦ୍ର ଭୋଇ, ଟିଲୁ ରଥ, ପିଙ୍କୁ ପାଣିଗ୍ରାହୀ, କଳାକାହ୍ନୁ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।




ଜଣେ ରକ୍ତଦାତାଙ୍କୁ ବିଧାୟକ ପ୍ରମାଣପତ୍ର ପ୍ରଦାନ କରୁଛନ୍ତି।

## ମହିଳାଙ୍କୁ ତଣ୍ଟି କାଟି ହତ୍ୟା ଘଟଣା, ଅଭିଯୁକ୍ତ କୋର୍ଟଚାଲାଣ

**ଡୁଙ୍ଗୁରିପାଲି, ୧୮।୮ (ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ଥାନା ଲଚ୍ଛିପୁର ଫାଣ୍ଡି ଅଧୀନ ରାଏପାଲି ଗ୍ରାମର ଜଣେ ମହିଳାଙ୍କୁ ତଣ୍ଟି କାଟି ହତ୍ୟା ଘଟଣାର ଅଭିଯୁକ୍ତ ବଳରାମ ବାରିକ(୭୦)ଙ୍କୁ ରବିବାର କୋର୍ଟ ଚାଲାଣ କରାଯାଇଛି । ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଥିବା ଡୁଙ୍ଗୁରିପାଲି ପୋଲିସ କହିଛି। ଘଟଣାରୁ ପ୍ରକାଶ, ଶନିବାର ରାଏପାଲି ଗ୍ରାମର ଲକ୍ଷ୍ମୀ ବାରିକ (୫୦)ଙ୍କୁ ଭୋର ୫ଟା ବେଳେ ତାଙ୍କ କାକା ଶ୍ୱଶୁର ବଳରାମ ଟାଙ୍ଗିଆରେ ହାଣି ହତ୍ୟା କରିଥିଲେ। ସେହି ସମୟରେ ଲକ୍ଷ୍ମୀଙ୍କ ସ୍ୱାମୀ ବଳଭଦ୍ର ବାରିକ ବାହାରକୁ ଶୌଚ ପାଇଁ ଯାଇଥିଲେ। ଘରକୁ ଆସି ଦେଖିଲା ବେଳକୁ ଲକ୍ଷ୍ମୀ ରକ୍ତ ଜୁଡୁବୁଡୁ ଅବସ୍ଥାରେ ବାଡିପଟରେ ପଡିଥିଲେ। ଖବର ପାଇ ଲଚ୍ଛିପୁର ଫାଣ୍ଡି ଅଧିକାରୀ କ୍ଷୀରୋଦ ଚନ୍ଦ୍ର ବାଗ, ଡୁଙ୍ଗୁରିପାଲି ଥାନା ଅଧିକାରୀ ନିରଞ୍ଜନ ଦାଶ, ଏସ୍‌ପି ଦେବୀପ୍ରସାଦ ଦାଶ, ଏସ୍‌ଡିପିଓ ମିହିର କୁମାର ପଣ୍ଡା ଘଟଣାସ୍ଥଳରେ ପହଞ୍ଚି ତନାଘନା ଚଳାଇଥିଲେ। ଜମିବାଡି ବିବାଦକୁ କେନ୍ଦ୍ରକରି ହତ୍ୟା କରିଥିବା ସନ୍ଦେହରେ ପୋଲିସ ଏକ ଟାଙ୍ଗିଆ ସହ ବଳରାମଙ୍କୁ ଶନିବାର ଥାନାକୁ ଆଣି ଅଟକ ରଖିଥିଲା। ପରେ ବଳରାମ ଜମିବାଡି ବିବାଦରୁ ଲକ୍ଷ୍ମୀଙ୍କୁ ହତ୍ୟା କରିଥିବା ପୋଲିସ ଜେରାବେଳେ ସ୍ୱୀକାର କରିଥିଲେ। ଏନେଇ ଥାନାରେ ଏକ ମାମଲା (ନଂ. ୧୨୩/୧୯) ରୁଜୁ ହୋଇଥିଲା।

## ବନବିଭାଗ ଚଢାଉ: ୨୫ଖଣ୍ଡ ଶାଳଗଣ୍ଡି ଜବତ, ୩ ଗିରଫ

**ପାଟଣାଗଡ, ୧୮।୮(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ପାଟଣାଗଡ ବନବିଭାଗ ଶନିବାର ବିଳମ୍ବିତ ରାତିରେ ଲରମ୍ଭା ଥାନା ଅନ୍ତର୍ଗତ ଖୁର୍ସେଲ ଗ୍ରାମ ନିକଟରେ ଏକ ଭ୍ରାମ୍ୟମାଣ କରତକଳ ଉପରେ ଚଢାଉ କରିଥିଲା। ସେଠାରେ ଏକ ଟ୍ରାକ୍ଟରରେ କରତକଳ ଫିଟିଙ୍ଗ କରି କାଠ କାଟୁଥିବା ଦେଖିବାକୁ ମିଳିଥିଲା। ପାଟଣାଗଡ ବନପାଳ ବାସୁଦେବ ନାଥଙ୍କ ନେତୃତ୍ୱରେ କରାଯାଇଥିବା ଚଢାଉ ପରେ ଘଟଣାସ୍ଥଳରୁ ୨୫ଟି ଶାଳ ଗଣ୍ଡି, ଗୋଟିଏ ଟ୍ରାକ୍ଟର (ନଂ. ଓଆର. ୦୩ ୯୩୩୦), ଗୋଟିଏ ବାଇକ (ନଂ ଓ.ଆର. ୧୭ ବି ୧୧୫୨)କୁ ଜବତ କରାଯାଇଥିଲା। ଘଟଣାର ମାଷ୍ଟରମାଇଣ୍ଡ ଲରମ୍ଭା ଥାନା ଅନ୍ତର୍ଗତ କିରାବାହାଲ ଗ୍ରାମର ଛାୟାକାନ୍ତ ବାଗ ଏବଂ ବରଗଡ ଜିଲାର ଲକ୍ଷ୍ମଣ କାଣ୍ଡ ଏବଂ ବିଜୟ ସାହୁଙ୍କୁ ବନ ବିଭାଗ ଅଧିକାରୀମାନେ ଗିରଫ କରିଥିଲେ। ଏ ନେଇ ଏକ ମାମଲା (ନଂ .୧୨୮/ ୧୯)ରୁଜୁ କରି ଅଭିଯୁକ୍ତମାନଙ୍କୁ ରବିବାର କୋର୍ଟଚାଲାଣ କରାଯାଇଛି। ଘଟଣାସ୍ଥଳରୁ ଜବତ ହୋଇଥିବା ଜିନିଷର ଆନୁମାନିକ ମୂଲ୍ୟ ପ୍ରାୟ ୩ ଲକ୍ଷ ଟଙ୍କା ହେବ ବୋଲି ବନପାଳ ନାଥ ସୂଚନା ଦେଇଛନ୍ତି। ଏହି ଚଢାଉରେ ଫରେଷ୍ଟର ରଞ୍ଜିତ ସିଂବାବୁ, ଆଶୁତୋଷ ମହାକୁର, ଅରବିନ୍ଦ ଧରୁଆ ଏବଂ ପାରା ଫରେଷ୍ଟ ଷ୍ଟାଫ ଗୋବିନ୍ଦ ପାତ୍ର ଓ ବାବୁଲାଲ ସିଂ ପ୍ରମୁଖ ସାମିଲ ଥିଲେ।





ବନବିଭାଗ ଗିରଫ କରିଥିବା ୩ ଅଭିଯୁକ୍ତ। ଜବତ କାଠଗଣ୍ଡି, ଟ୍ରାକ୍ଟର ଏବଂ ବାଇକ।

## କୋଶଲେଶ୍ୱର ମାଳୀ ସମାଜର ବୈଠକ



କୁଶଲେଶ୍ୱର ମାଳୀ ସମାଜର ବୈଠକରେ ଉପସ୍ଥିତ କର୍ମକର୍ତ୍ତା।

**ଦେଓଗାଁ,୧୮।୮(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ଚନ୍ଦ୍ରପୁର ସତ୍ୟସାଇ ମନ୍ଦିର ପରିସରରେ ରବିବାର କୋଶଲେଶ୍ୱର ମାଳି ସମାଜର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉପସଭାପତି ଜଳନ୍ଧର ପୁଟେଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥିଭାବେ ଜିଲା ଉପସଭାପତି ସୁବାଷ ଚନ୍ଦ୍ର ପୁଟେଲ ଯୋଗଦେଇ ସମାଜରେ ସମସ୍ତେ ନୀତିନିୟମ ପାଳନ କରି ଚଳାଇବା ଉପରେ ଗୁରୁତ୍ୱାରୋପ କରିଥିଲେ। ସମସ୍ତଙ୍କ ସହ ସମ୍ମାନର ସହ ବ୍ୟବହାର କରିବା ଓ ସାମାଜିକ କାର୍ଯ୍ୟକ୍ରମରେ ସମସ୍ତେ ଅଂଶଗ୍ରହଣ କରିବା ଜରୁରୀ ବୋଲି ସେ ମତବ୍ୟକ୍ତ କରିଥିଲେ । ଏହି ଅବସରରେ ସମାଜର ବିଭିନ୍ନ ସମସ୍ୟା ସମ୍ବନ୍ଧରେ ଆଲୋଚନା କରାଯାଇଥିଲା। ଆଗାମୀ ଦିନରେ ସମାଜ ତରଫରୁ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ କରାଯିବ ବୋଲି ସ୍ଥିରୀକୃତ ହୋଇଥିଲା। ବୈଠକରେ ଜୟକୃଷ୍ଣ ପୁଟେଲ, ବୁଦ୍ଧଦେବ ପୁଟେଲ, ଶରତ କୁମାର ପୁଟେଲ, ବ୍ରଜ ପୁଟେଲ, ଜତନ ପୁଟେଲ ପ୍ରମୁଖ ସହଯୋଗ କରିଥିଲେ। ଦିଲୀପ ପୁଟେଲ ଧନ୍ୟବାଦ ଅର୍ପଣ କରିଥିଲେ।

# ବନ୍ୟା କମିଲା, ଦୁର୍ଦ୍ଦଶା ବଢ଼ିଲା

**ବଲାଙ୍ଗୀର ଅଫିସ, ୧୮।୮**

ବଲାଙ୍ଗୀର ସହର ଓ ଜିଲାର ବିଭିନ୍ନ ଅଞ୍ଚଳରେ ଗତ ୧୨, ୧୩ ଓ ୧୪ ତାରିଖର ମୂଷଳ ବର୍ଷା ଯୋଗୁଁ ଅଭୂତପୂର୍ବ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିଲା। ଏହି ବନ୍ୟାରେ ଜିଲାର ପ୍ରାୟ ୪ ଲକ୍ଷ ଲୋକ ପ୍ରଭାବିତ ହୋଇଥିଲେ। ସହରାଞ୍ଚଳ ଓ ଗ୍ରାମାଞ୍ଚଳର ଲକ୍ଷାଧିକ ଲୋକଙ୍କ ଧନସମ୍ପତ୍ତି ନଷ୍ଟ ହୋଇଯିବା ସହ ଘରଦ୍ୱାର, ରାସ୍ତାଘାଟ ଭାଙ୍ଗିଯାଇଛି। ଜିଲା ପ୍ରଶାସନ ଓ ବିଭିନ୍ନ ସଙ୍ଗଠନର କର୍ମୀମାନେ ରିଲିଫ୍ କାର୍ଯ୍ୟକ୍ରମ ଜାରି ରଖିଥିଲେ ମଧ୍ୟ ବନ୍ୟା ପୀଡିତ ନାହ ନ ଥିବା ଅସୁବିଧା ଭୋଗ କରୁଛନ୍ତି। ବଲାଙ୍ଗୀର ସହରରେ ବନ୍ୟା କ୍ଷତିଗ୍ରସ୍ତ ଅଞ୍ଚଳର ଗରିବ ଲୋକମାନେ ଶ୍ରୀହୀନ ହୋଇପଡିଛନ୍ତି। ଡ୍ୟାମପଡା, ରାଜେନ୍ଦ୍ରପଡା, ଚମାରପଡା, ଆଦର୍ଶପଡା, ଆଲୋକ ନଗର, ଶ୍ରୀରାମନଗର, ଠିକାଦାରପଡା, ବରପାଲିପଡା, ବ୍ରାହ୍ମଣପଡା, ବିଭୂତିପଡା, ଗାନ୍ଧୀନଗରପଡା, ଆମପଡା, ଚିମିନିଭାଟି, ମେଘନାଦପଡା, ତାଳପାଲିପଡା, ସୁଦପଡା, ବେହେରାପାଲି, ଟିକ୍ରାପଡା, ଉଦୟନଗର, ତୁଳସୀନଗର, ଇନ୍ଦିରାନଗର, ରୁଗୁଡିପଡା, ମ୍ୟୁନିସିପାଲିଟି କଲୋନୀ, ସାଗରପଡା, ପ୍ରତାପସାଗର ପଡା, ତେଲିଗୋଠପଡା ପ୍ରଭୃତି ଅଞ୍ଚଳର ଲୋକେ ପ୍ରଭାବିତ ହୋଇଛନ୍ତି । ପ୍ରଶାସନ ତରଫରୁ ରିଲିଫ୍ କ୍ୟାମ୍ପ ପ୍ରତିଷ୍ଠା କରାଯାଇ ପୀଡିତଙ୍କୁ ଦିନବେଳା ଓ ରାତିରେ ଦୁଇଥର ରନ୍ଧା ଭାତ, ଡାଲମା ବଣ୍ଟନ କରାଯାଉଛି।



ବନ୍ୟାରେ ସର୍ବହରା ହୋଇଥିବା ମ୍ୟୁନିସିପାଲିଟି କଲୋନୀପଡାର ବାସିନ୍ଦା।

- ■ ଭୋକ ସମ୍ଭାଳି ପାରୁନାହାନ୍ତି ଶିଶୁ, ବୃଦ୍ଧାବୃଦ୍ଧ
- ■ ବନ୍ୟା ପୀଡିତଙ୍କୁ ଅଧିକ ସହାୟତା ଆବଶ୍ୟକ
- ■ ରନ୍ଧା ଖାଦ୍ୟ ବଣ୍ଟନ ୧୫ ଦିନକୁ ବୃଦ୍ଧି କରିବାକୁ ଦାବି

ଜିଲାପାଳ ଅରିନ୍ଦମ ଡାକୁଆଙ୍କ ନେତୃତ୍ୱରେ ସରକାରୀ କର୍ମଚାରୀ ଓ ସାମାଜିକ କର୍ମୀ, ସ୍ୱେଚ୍ଛାସେବୀମାନେ ରିଲିଫ୍ ବଣ୍ଟନରେ ଲାଗିଛନ୍ତି । ତହସିଲ ଅଫିସ ତରଫରୁ ପଲିଥିନ୍ ବଣ୍ଟନ ଆରମ୍ଭ ହୋଇଛି। ତେବେ ଅନେକ ସ୍ଥାନରେ ରନ୍ଧା ଖାଦ୍ୟ ପହଞ୍ଚିବାକୁ ଅପରାହ୍ଣ ୩ଟ ହୋଇଯାଉଛି। ଏଭଳି ସମୟରେ ଲୋକେ ବିଶେଷକରି ଶିଶୁ, ବୃଦ୍ଧାବୃଦ୍ଧ, ରୋଗୀଣାମାନେ ସକାଳୁ ଅପରାହ୍ଣ ଯାଏଁ ଭୋକ ସମ୍ଭାଳି ପାରୁନାହାନ୍ତି । ଅନେକ ପଡାରେ ମହିଳାମାନେ ସେମାନଙ୍କ ଶିଶୁଙ୍କୁ ସକାଳୁ କିଛି ବି ଖାଇବାକୁ ଦେଇପାରୁ ନ ଥିବା କହିଛନ୍ତି। ବହୁ ସ୍ଥାନରେ ପୀଡିତଙ୍କ ସର୍ବସ୍ୱ ବନ୍ୟାଜଳରେ ଭାସିଯାଇଛି । ବହୁ ଲୋକଙ୍କ ପାଖରେ ଖଣ୍ଡେ ଲୁଗା ଛଡା ଅନ୍ୟ କିଛି ନାହିଁ । ଏପରିସ୍ଥଳେ ଲୋକଙ୍କ ବସ୍ତ୍ର ଯୋଗାଇ ଦେବାକୁ ଦାବି ହେଉଛି। ବିଭିନ୍ନ ପଡାରେ କିଛି ସ୍ୱେଚ୍ଛାସେବୀ ମହିଳା, ଶିଶୁ ଓ ଲୋକଙ୍କୁ ଲୁଗା ବଣ୍ଟନ ଆରମ୍ଭ କରିଛନ୍ତି। ବନ୍ୟା ପରଠାରୁ ୭ ଦିନ ଯାଏଁ ରନ୍ଧା ଖାଦ୍ୟ ଯୋଗାଇ ଦେବାକୁ ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଜାରି କରାଯାଇଥିଲା। ସହରର ବିଭିନ୍ନ ସ୍ଥାନରେ ରିଲିଫ୍ କ୍ୟାମ୍ପରେ ରନ୍ଧା ଖାଦ୍ୟ ବଣ୍ଟନ ଜାରି ରହିଛି। ତେବେ ଏହି ରିଲିଫ୍‌କୁ ୧୫ ଦିନକୁ ବୃଦ୍ଧି କରିବା ପାଇଁ ଦାବି ହେଉଛି। ଅନେକ ପଡାରେ ଲୋକେ ଗୃହହୀନ ହୋଇପଡିଛନ୍ତି । ସେମାନଙ୍କ ଧାନଚାଉଳ, ଲୁଗାପଟା, ରନ୍ଧନ ସାମଗ୍ରୀ ଭାସିଯାଇଛି। ଏପରିସ୍ଥଳେ ସେମାନେ ଏବେ କିଭଳି ଆଗକୁ ଚଳିବେ ତାହା ବଡ ପ୍ରଶ୍ନ ଭାବେ ଉଭା ହୋଇଛି। ଏଣୁ ସରକାର ଏଦିଗରେ ଶୀଘ୍ର ବିହିତ ପଦକ୍ଷେପ ନେବାକୁ ଲୋକେ ଦାବି କରିଛନ୍ତି।

**ଫଟୋରେ ଖବର**





ବଲାଙ୍ଗୀର ବନ୍ୟା ପୀଡିତଙ୍କୁ ସହାୟତା: ଡ୍ୟାମପଡାବାସୀଙ୍କୁ ତୁଳସୀନଗରପଡାର ମହିଳାମାନେ ସହାୟତା ଯୋଗାଉଛନ୍ତି(ବାମ) । ବରଗଡ ଜିଲା ସୋହେଲାରୁ ଆସିଥିବା କୋସଲ ସେନା ପକ୍ଷରୁ ଡ୍ୟାମପଡା ବନ୍ୟା ପୀଡିତଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଉଛି(ମଝି) । ବଲାଙ୍ଗୀର ନିଡି ୱାଲର ସ୍ୱେଚ୍ଛାସେବୀମାନେ ରିଲିଫ୍ ସାମଗ୍ରୀ ନେଇ ଡ୍ୟାମପଡାରେ ପହଞ୍ଚିଛନ୍ତି । **(ଫଟୋ-ସୁନୀଲ)** ।



ଅଧର୍ମ ବୀଜ ବୁଣୁଥିବା ବ୍ୟକ୍ତିକୁ ବିପଦରୂପକ ଶସ୍ୟ କାଟିବାକୁ ପଡ଼ିଥାଏ।

- ଯୀଶୁଖ୍ରୀଷ୍ଟ



## ସଂକ୍ଷେପରେ

### ଗଙ୍ଗାଧର ମେହେର ଜୟନ୍ତୀ

ରିଷିଡା,୧୮।୮ (ଡି.ଏନ.ଏ.)- କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଗଜବାହାଲ ପୁରୁଷୋତ୍ତମ ଉଚ୍ଚ ବିଦ୍ୟାଳୟରେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ଅନୁଷ୍ଠିତ ହୋଇଥିଲା । ପ୍ରଧାନଶିକ୍ଷକ ବିଜୟ କୁମାର ପୁରୋହିତଙ୍କ ଅଧକ୍ଷତାରେ ଆୟୋଜିତ ଉତ୍ସବରେ ଶିକ୍ଷକ ଧବଳେଶ୍ୱର ସାହୁ, ରୋହିତ ନାଗ ପ୍ରମୁଖ ଯୋଗଦେଇ ମେହେର ସାହିତ୍ୟ କୃତୀର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ସେହିପରି ରିଷିଡା ବାପୁଜୀ ଉଚ୍ଚ ବିଦ୍ୟାଳୟରେ ମେହେର ଜୟନ୍ତୀ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ପ୍ରଧାନଶିକ୍ଷକ ପ୍ରଦୀପ କୁମାର ପଧାନ ଅଧକ୍ଷତା କରିଥିଲେ ।

### ବୃଦ୍ଧାବୃଦ୍ଧ, ଦିବ୍ୟାଙ୍ଗଙ୍କୁ ଛତା ବଣ୍ଟନ

ଲାଞ୍ଜିଗଡ଼,୧୮।୮(ଡି.ଏନ.ଏ.)- ବର୍ଷା ଋତୁରେ ଗରିବ ଅସହାୟ ଓ ବୃଦ୍ଧବୃଦ୍ଧା ତଥା ଦିବ୍ୟାଙ୍ଗମାନେ ନାନା ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି । ଏହାକୁ ଲକ୍ଷ୍ୟ ରଖି କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ଛତ୍ରପୁର ଗ୍ରାମପଞ୍ଚାୟତ ପତ୍ରାପଡ଼ା ଗାଁର ବାବା ସାହେବ ଯୁବକେନ୍ଦ୍ର ପକ୍ଷରୁ ଅଞ୍ଚଳର ବୃଦ୍ଧାବୃଦ୍ଧ ଓ ଦିବ୍ୟାଙ୍ଗମାନଙ୍କୁ ବର୍ଷାରୁ ରକ୍ଷା ପାଇବା ପାଇଁ ଛତା ବଣ୍ଟନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଛତ୍ରପୁର ସରପଞ୍ଚ ରାଜୀବ ମାଝି ଯୋଗଦେଇ ଛତା ବଣ୍ଟନ କରିଥିଲେ । ଯୁବକେନ୍ଦ୍ର ସଭାପତି ଭାସ୍କର ହରପାଲ, ସଦସ୍ୟ ସୁବାସ ହିଆଁଲ, ଶରତ ନାଏକ, ପୁରେନ୍ଦ୍ର ହରପାଲ, ତ୍ରୈଲୋଚନ ହରପାଲ, ମହେନ୍ଦ୍ର କରୁଆଁ, ସୁରଥ ହିଆଁଲ, ମହାନ୍ତି କରୁଆଁଙ୍କ ସମେତ ସମସ୍ତ କର୍ମକର୍ତ୍ତା ସାମିଲ ହୋଇଥିଲେ । ଅଞ୍ଚଳର ଶତାଧିକ ବୃଦ୍ଧବୃଦ୍ଧା ଓ ଦିବ୍ୟାଙ୍ଗଙ୍କୁ ଏଥିରେ ସାମିଲ କରାଯାଇ ଛତା ବଣ୍ଟନ କରାଯାଇଥିଲା ।





ଭାଙ୍ଗିପଡିଥିବା ଜୟନ୍ତପୁରଠାରେ ଥିବା ହସ୍ତତନ୍ତ ସମବାୟ ସମିତି ଗୃହ । ଜଣେ ବୁଣାକାର କାମରେ ବ୍ୟସ୍ତ ଅଛନ୍ତି ।

### ଭାଙ୍ଗି ପଡିଛି ହସ୍ତତନ୍ତ ସମବାୟ ସମିତି ଗୃହ

# ସଙ୍କଟରେ ୬୫ ବୁଣାକାରଙ୍କ ଜୀବିକା

ଭବାନୀପାଟଣା,୧୮।୮ (ଡି.ଏନ.ଏ.)

କଳାହାଣ୍ଡି ଜିଲା ଧର୍ମଗଡ ବ୍ଲକ ଜୟନ୍ତପୁରଠାରେ ଥିବା ହସ୍ତତନ୍ତ ସମବାୟ ସମିତି ଗୃହ ଦୀର୍ଘ ବର୍ଷ ହେବ ସମ୍ପୂର୍ଣ୍ଣ ଭାଙ୍ଗିପଡି ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି । ଯାହା ଏବେ ବୁଣାକାରମାନେ ନାହିଁ ନ ଥିବା ଅସୁବିଧା ସମସ୍ୟାରେ ଗତି କରୁଥିବା ବେଳେ ଜୀବିକା ହରାଇବା ଆଶଙ୍କା ଭିତରେ ଚିନ୍ତାରେ ଥିବା ଜଣାପଡୁଛି। ୧୯୪୮ରେ ଏହି ଅନୁଷ୍ଠାନ ପ୍ରତିଷ୍ଠା ହୋଇଥିଲା। ସେତେବେଳକୁ ୨୦୦ ସଭ୍ୟ ସଂଗ୍ରହ କରାଯାଇ ତାଲିମ ନେଇଥିଲେ। ସେଥିମଧ୍ୟରୁ ୬୫ଜଣ ବୁଣାକାରଙ୍କୁ ରେଜିଷ୍ଟ୍ରି ଭୁକ୍ତ କରାଯାଇ କାମ ଆରମ୍ଭ ହୋଇଥିଲା। ଗାମୁଛା ପ୍ରତି ୧୫ ଟଙ୍କା, ଧୋତି ପ୍ରତି ୩୫ ଟଙ୍କା ଓ ଶାଢ଼ି ପ୍ରତି ୮୦ ଟଙ୍କା ମଜୁରି ପାଇଁ ପରିବାର ଚଳାଉ ଥିଲେ।

**ଜୟନ୍ତପୁର ହସ୍ତତନ୍ତ ସମବାୟ ସମିତି**

ଏତଦ ବ୍ୟତିତ ସୁତା ଓ ଅନ୍ୟାନ୍ୟ ସାମଗ୍ରୀ ଜିଲା ସରକାରୀ ବୟନ ଶିଳ୍ପ କାର୍ଯ୍ୟାଳୟ ଯୋଗାଇ ଦେବା ସହ ସ୍ୱାସ୍ଥ୍ୟବୀମା, ଜୀବନ ବୀମା, ବାସଗୃହ ଓ ମରାମତି ପାଇଁ ବାର୍ଷିକ ୨୦୦୦ ଟଙ୍କାର ସହାୟତା ବିଭାଗ ତରଫରୁ ଦିଆଯାଉଥିଲା । ହେଲେ ୧୯୯୭ ବେଳକୁ ଏହି ହସ୍ତତନ୍ତ ସମବାୟ ସମିତି ସଂସ୍ଥା ବନ୍ଦ ହୋଇଯାଇଥିଲା । ଫଳରେ ବୁଣାକାରମାନେ ବେସାହାରା ହୋଇ ପଡିଥିଲେ। ଅନେକ ବୁଣାଳି ଉପାୟ ନ ପାଇ ବୃତ୍ତି ଛାଡି ପରିବାର ସହ ଦାଦନ ଖଟିବାକୁ ବାହାର ରାଜ୍ୟକୁ ଚାଲିଯାଇଥିଲେ। ହେଲେ ୧୬ଜଣ ବୁଣାକାର ନିଜ ପ୍ରଚେଷ୍ଟାରେ ଏହି ଜୀବିକାକୁ ବଞ୍ଚାଇବା ପ୍ରୟାସ ଜାରି ରଖିଥିଲେ। ନିକଟସ୍ଥ ଛତିଶଗଡ ରାଜ୍ୟ ହସ୍ତତନ୍ତ ସମବାୟ ସମିତି ସହ ଯୋଗାଯୋଗ ରଖି ସେଠାରୁ ସୁତା ଓ ଅନ୍ୟାନ୍ୟ ସାମଗ୍ରି ଆଣି ପରିବାର ଚଳାଉଥିଲେ। ହେଲେ ଆଜକୁ ୩ ବର୍ଷ ହେବ ସମବାୟ କୋଠା ଭାଙ୍ଗି ପଡିବାରୁ ଏବେ ଏକପ୍ରକାର ଜୀବିକା ଠପ ହୋଇପଡିଛି । ଏ ନେଇ ସରକାରୀ ବିଭାଗୀୟ ଅଧିକାରୀଙ୍କୁ ଲିଖିତ ଭାବେ ଅଭିଯୋଗ ଅନେକ ଥର କରିଥିଲେ ହେଁ କୈଣସି ପଦକ୍ଷେପ ନେଇ ନ ଥିବା ଅଭିଯୋଗ ହେଉଛି । ଏମାନଙ୍କ ସମସ୍ୟା ନେଇ କଳାହାଣ୍ଡି ଜିଲାପାଳଙ୍କ ନିକଟରେ ସ୍ଥାନୀୟ ସରପଞ୍ଚ ରମଣି ଦୁରିଆ ମଧ୍ୟ ଅଭିଯୋଗ ପ୍ରକୋଷ୍ଠରେ ଦରଖାସ୍ତ ଦେଇ ଅଭିଯୋଗ କରିଥିଲେ। ହେଲେ ଆଜି ଯାଏଁ କୌଣସି ଉତ୍ତର ମିଳିପାରି ନାହିଁ । ଅନ୍ୟପଟେ ଅନ୍ତର୍ଜାତୀୟ ସ୍ତରରେ ବୟନ ହସ୍ତତନ୍ତର ଚାହିଦା ଦିନକୁ ଦିନ ବଢୁଥିବା ବେଳେ ଏ କ୍ଷେତ୍ରରେ ପ୍ରଶାସନର ଅବହେଳା ଯୋଗୁ ୧୬ ଜଣ ବୁଣାକାର ଜୀବିକା ହରାଇ ବସିବା ସୁନିଶ୍ଚିତ ହୋଇପଡିଛି । ଏପରି କି ସମିତି ଗୃହ ଖଣ୍ଡେ ନ ଥିବା ଯୋଗୁ ବୁଣାଳି ପରିବାରରେ ଚୁଲି ଜଳିବା କଷ୍ଟକର ହୋଇ ପଡୁଛି ବୋଲି ବୁଣାଳି ଗଜେନ୍ଦ୍ର ମେହେର, ଅକ୍ଷୟ ମେହେର, ରୁକଧର ମେହେର, କୋକିଲ ମେହେର, ସରୋଜ ମେହେର, ହରି ମେହେର, ଦଶରଥ ମେହେର, କାର୍ତ୍ତିକ ଦୁରିଆ, ନବ ଦୁରିଆ, ହଳଧର ଦୁରିଆ ପ୍ରମୁଖ ପ୍ରକାଶ କରିଛନ୍ତି । ଏ ନେଇ ଜିଲା ବୟନ ହସ୍ତତନ୍ତ ଶିଳ୍ପ ଅଧିକାରୀଙ୍କୁ ଯୋଗାଯୋଗ କରିଥିଲେ ହେଁ ସମ୍ଭବ ହୋଇପାରି ନାହିଁ । ଜିଲାପାଳ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

## ଜିଲାସ୍ତରୀୟ ଦଶକର୍ମଧାରା କାର୍ଯ୍ୟକ୍ରମ, ଶ୍ରୀଅରବିନ୍ଦ ପାଠଚକ୍ର

କେସିଙ୍ଗା,୧୮।୮ (ଡି.ଏନ.ଏ.)

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଅନ୍ତର୍ଗତ କଣ୍ଟପଡାସ୍ଥିତ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର ପରିସରରେ ଜିଲାସ୍ତରୀୟ ଦଶକର୍ମଧାରା କାର୍ଯ୍ୟକ୍ରମ ଓ ଶ୍ରୀଅରବିନ୍ଦ ପାଠଚକ୍ର ରବିବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥି ଭାବେ କଟକସ୍ଥିତ ନବଜୀବନ ଶିକ୍ଷା ସଂସଦ ସଂଯୋଜକ ବ୍ରଜମୋହନ ବେହେରା ଯୋଗଦେଇଥିଲେ । ଶ୍ରୀ ଅରବିନ୍ଦଙ୍କ ଦଶକର୍ମଧାରା ଅନ୍ତର୍ଗତ କୃଷି, ସ୍ୱାସ୍ଥ୍ୟ, ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ପରିବେଶ, ଶ୍ରୀଅରବିନ୍ଦଙ୍କ ଆତ୍ମଜୀବନୀ, ସମଗ୍ର ଭାରତ ବର୍ଷର ବିକାଶ ଓ ବିବର୍ତ୍ତନ ଆଦି ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋକପାତ କରିଥିଲେ । ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାର ବିକାଶ, ଶିଶୁର ସୁସ୍ଥ ଗଠନ, ଓଡିଶାରେ ଶ୍ରୀଅରବିନ୍ଦଙ୍କ ପାଠଚକ୍ର ଆରମ୍ଭ, ପ୍ରାଣୀ ଓ ମନୁଷ୍ୟ ମଧ୍ୟରେ ପାର୍ଥକ୍ୟ, ଧର୍ମଶିକ୍ଷା, ବିଜ୍ଞାନର ଓ ଚେତନାର ଅଗ୍ରଗତି, ଚରିତ୍ର ଗଠନ ଆଦି ବିଷୟରେ ଆଲୋଚନା କରାଯାଇଥିଲା । ଭାରତ ବର୍ଷରେ କୃଷିର ବିକାଶ ସହିତ ମନୁଷ୍ୟ ବଞ୍ଚିବା ପାଇଁ କୃଷି କାର୍ଯ୍ୟ ଅତ୍ୟନ୍ତ ଜରୁରୀ ଅଟେ । ଶ୍ରୀ ଅରବିନ୍ଦଙ୍କ ଏହି ଦଶକର୍ମ ଧାରାରେ କୃଷି କାର୍ଯ୍ୟ ଏକ ମୁଖ୍ୟ ହେତୁ ମନୁଷ୍ୟ ବଞ୍ଚିବା ପାଇଁ କୃଷି ଦ୍ୱାରା ଧାନ, ଗହମ, ପନିପରିବା ଇତ୍ୟାଦି ଉତ୍ପାଦନ କରିବା ଉଚିତ ବୋଲି ମୁଖ୍ୟଅତିଥି ପ୍ରକାଶ କରିଥିଲେ । ବର୍ତ୍ତମାନ ରାସାୟନିକ ସାର ପ୍ରୟୋଗ ଦ୍ୱାରା କୃଷି କର୍ଯ୍ୟ କେତେ ଉତ୍ପାଦନ ହେଉଛି, ଚାଷରେ ରାସାୟନିକ ସାର ପ୍ରୟୋଗ ହୋଇ ଜିନିଷ ଖାଇଲେ ମଣିଷ କଣ କ୍ଷତି ହୋଇଥାଏ ଏବଂ ଜୈବିକ ସାର ପ୍ରୟୋଗ ଦ୍ୱାରା କଣ ଲାଭ ହୋଇଥାଏ ଏହି ସବୁ ବିଷୟରେ ପୁଙ୍ଖାନୁପୁଙ୍ଖ ଭାବରେ ଆଲୋଚନା କରାଯାଇଥିଲା । ଏଥିରେ କେସିଙ୍ଗା ବ୍ଲକ ଆବାହକ ହରିଶ୍ଚନ୍ଦ୍ର ନାଏକଙ୍କ ତତ୍ତ୍ୱାବଧାନରେ ଶାନ୍ତି ଶୃଙ୍ଖଳାର ସହିତ ଉଦଯାପିତ ହୋଇଥିଲା । ଏହି କାର୍ଯ୍ୟକ୍ରମ କଣ୍ଟପଡା ସ୍ଥିତ ଶ୍ରୀପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରର ସମସ୍ତ ଭାଇ ଅପା ବୃନ୍ଦ ସହଯୋଗ କରିଥିଲେ । ଏଥିରେ ଜିଲାର ବାରିଆ, ବାଲସି, ପରଲସିଙ୍ଗା, ବନ୍ଧପଡା, ଭବାନୀପାଟଣା ପ୍ରଭୃତି ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରରୁ ଭାଇ ଅପାମାନେ ଯୋଗଦେଇଥିଲେ । ଚନ୍ଦନ ସେନାପତି ଧନ୍ୟବାଦ ଦେଇଥିଲେ । ଶ୍ରୀଅରବିନ୍ଦ ପାଠଚକ୍ର ବାଲସି ଟ୍ରଷ୍ଟି ତୁମେଶ୍ୱର ସାହୁ ଅତିମାନସ ଶକ୍ତିର ଅବତରଣ ଓ ଲକ୍ଷ୍ୟ ଉପରେ ଆଲୋକପାତ କରିଥିଲେ ।



ଦଶକର୍ମ ଧାରା କାର୍ଯ୍ୟକ୍ରମ, ଶ୍ରୀଅରବିନ୍ଦ ପାଠଚକ୍ରରେ ଯୋଗଦେଇଥିବା ଅତିଥିଗଣ ।





ଜିଲା ଓକିଲ ସଂଘ ପକ୍ଷରୁ ଦିଆଯାଉଥିବା ସମ୍ବର୍ଦ୍ଧନା ଉତ୍ସବରେ ମଞ୍ଚାସୀନ ୫ ବିଧାୟକଙ୍କ ସହ ଅନ୍ୟ ଅତିଥି ବୃନ୍ଦ ।

### କଳାହାଣ୍ଡି ଜିଲା ବାର ଆସୋସିଏଶନ ପକ୍ଷରୁ ଜିଲାର ୫ ବିଧାୟକଙ୍କୁ ସମ୍ବର୍ଦ୍ଧନା

## ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଲାଗି ଅନୁରୋଧ

ଭବାନୀପାଟଣା,୧୮।୮ (ଡି.ଏନ.ଏ.)

କଳାହାଣ୍ଡି ଜିଲା ଓକିଲ ସଂଘ ପକ୍ଷରୁ ସ୍ଥାନୀୟ ଅମଲା ଭବନଠାରେ ବାର ଆସୋସିଏଶନ ସଭାପତି ଭବେନ୍ଦ୍ର କୁମାର ପଣ୍ଡାଙ୍କ ଅଧକ୍ଷତାରେ ଜିଲାର ୫ଜଣ ବିଧାୟକଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା। ସମ୍ବର୍ଦ୍ଧନା ଉତ୍ସବରେ ଭବାନୀପାଟଣା ବିଧାୟକ ତଥା ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାଏକ, ଜୁନାଗଡ ବିଧାୟକ ତଥା ଶକ୍ତିମନ୍ତ୍ରୀ କ୍ୟା. ଦିବ୍ୟଶଙ୍କର ମିଶ୍ର, ନର୍ଲା ବିଧାୟକ ଭୂପିନ୍ଦର ସିଂ, ଲାଞ୍ଜିଗଡ ବିଧାୟକ ପ୍ରଦୀପ ଦିଶାରୀ, ଧର୍ମଗଡ ବିଧାୟକ ମୌଷୁମି ବାଗ ପ୍ରମୁଖ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମରେ କଳାହାଣ୍ଡି ଲୋକ ସଭା ସଦସ୍ୟଙ୍କ ସ୍ୱିକୃତି ନେଇ କରାଯାଇଥିଲେ ହେଁ ସେ ବାର ଆସୋସିଏଶନର କାର୍ଯ୍ୟକ୍ରମରେ ଯୋଗଦେଇ ନ ଥିବାରୁ ସଂଘର କେତେକ ସଦସ୍ୟ ଅସନ୍ତୋଷ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ଆସୋସିଏଶନ ସଭାପତି ଭବେନ୍ଦ୍ର ପଣ୍ଡା କଳାହାଣ୍ଡି ଜିଲାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା କରାଯିବା ସକାଶେ ଆସୋସିଏଶନ ପକ୍ଷରୁ କରାଯାଉଥିବା ଶାନ୍ତିପୂର୍ଣ୍ଣ ଆନ୍ଦୋଳନକୁ ବିଧାୟକମାନେ ସମର୍ଥନ କରି ବିଧାନ ସଭା ଏବଂ ସମସ୍ତ ଫୋରମରେ ଦାବିକୁ ଉପସ୍ଥାପନ କରିବାକୁ ଅନୁରୋଧ କରିଥିଲେ। ଏହି ଅନୁରୋଧକୁ ସମସ୍ତ ବିଧାୟକ ସହଯୋଗ କରିବା ପାଇଁ ପ୍ରତିଶଶ୍ରୁତି ଦେଇଥିଲେ। ଜିଲାର ଯେ କୌଣସି ସମସ୍ୟା ପ୍ରତି ବାର ପଦକ୍ଷେପ ନେଲେ ସେଥିପ୍ରତି ମଧ୍ୟ ବିଧାୟକମାନେ ଦଳମତ ନିର୍ବିଶେଷରେ ସହଯୋଗ କରିବାକୁ ପ୍ରତିଶୃତି ଦେଇଥିଲେ। ଏଥିରେ ଜିଲାର ବରିଷ୍ଠ ଆଇନଜୀବୀ ଜଗନ୍ନାଥ ମୁଣ୍ଡ, ଉମାଶଙ୍କର କର, ଅଶ୍ୱିନ କୁମାର ସାହୁ, ଭବାନୀଶଙ୍କର ମିଶ୍ର, ଲୋକନାଥ ନାଏକ ଏବଂ ଅନ୍ୟାନ୍ୟ ବରିଷ୍ଠ ଆଇନଜୀବୀଙ୍କ ସମେତ କଳାହାଣ୍ଡି ବାର ଆସୋସିଏଶନ ସମ୍ପାଦକ ଅଶ୍ୱିନ କୁମାର ଦାସ, ଜିଲାର ବିଭିନ୍ନ ବାର ଧର୍ମଗଡ, ଜୁନାଗଡ, କୋକସରା, ଜୟପାଟଣା, କେସିଙ୍ଗା, ମ.ରାମପୁରର ସଭାପତି ଓ କର୍ମକର୍ତ୍ତାମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। କଳାହାଣ୍ଡି ବାର ଆସୋସିଏଶନ ଯୁଗ୍ମ ସମ୍ପାଦକ ନିହାର ରଞ୍ଜନ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

### ବେକରେ ଦଉଡ଼ି ଦେଇ ଯୁବକଙ୍କ ଆତ୍ମହତ୍ୟା

କୋକସରା,୧୮।୮(ଡି.ଏନ.ଏ.)

କୋକସରା ଗ୍ରାମର ହରିଜନ ସାହିର ଜଣେ ବ୍ୟକ୍ତି ରବିବାର ସକାଳୁ ଘର ପାଖରେ ଥିବା ଏକ ନିମ୍ବ ଗଛରେ ବେକରେ ଦଉଡ଼ି ଦେଇ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ତାଙ୍କ ନାମ ଡମ୍ବରୁଧର ବାଗ (୫୦)। କୋକସରା ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛି । ସୂଚନା ଅନୁସାରେ କୋକସରା ବଡ଼ପଡ଼ାର ଡମ୍ବରୁଧର ଶନିବାର ବିଳମ୍ବିତ ରାତିରେ ଘରୁ ବାହାରି କୌଣସି କାରଣକୁ ନେଇ ଘର ପାଖରୁ ୧୦୦ ମିଟର ଦୂରରେ ଥିବା ଏକ ଜମି ହିଡରେ ନିମ୍ବ ଗଛରେ ଆତ୍ମହତ୍ୟା କରିଥିଲେ । ପରିବାରବର୍ଗଙ୍କ ସୂଚନା ଅନୁସାରେ ଶନିବାର ଡମ୍ବରୁଧରଙ୍କ ଝିଅ ନାତିର ଏକୋଇଶିଆ ଉତ୍ସବ ଚାଲିଥିବାବେଳେ ରାତିରେ ସମସ୍ତଙ୍କ ସହ ଖାଇପିଇ ସେ ଶୋଇବାକୁ ଯାଇଥିଲେ। କେଉଁ କାରଣରୁ ଏପରି ନିଷ୍ପତ୍ତି ନେଲେ ତାହାକୁ ନେଇ ପରିବାର କୌଣସି ଠିକ ସୂଚନା ଦେଇ ନ ଥିବାବେଳେ କାରଣ ଅସ୍ପଷ୍ଟ ରହିଛି। କୋକସରା ଥାନା ଅଧିକାରୀ ସତ୍ୟ ନାରାୟଣ ପ୍ରଧାନଙ୍କୁ ପଚାରିବାରୁ ପରିବାରରେ ଅଶାନ୍ତି ଯୋଗୁ ଆତ୍ମହତ୍ୟା କରିଥିବା ପ୍ରାଥମିକ ତଦନ୍ତରୁ ସୂଚନା ମିଳିଛି ବୋଲି କହିଛନ୍ତି । ଏ ନେଇ କୋକସରା ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ. ୧୫/୧୯) ରୁଜୁ କରି ତଦନ୍ତ ଜାରି ରହିଛି।

## ୯ ଦିନ ହେଲା ବଲାଙ୍ଗୀର-ମୋହନଗିରି ରାସ୍ତା ବିଚ୍ଛିନ୍ନ

ମୋହନଗିରି,୧୮।୮(ଡି.ଏନ.ଏ.)

କଳାହାଣ୍ଡି ଜିଲାରେ ଗତ ୧୧ରୁ ୧୪ ତାରିଖରେ ହୋଇଥିବା ବନ୍ୟା ପରିସ୍ଥିତିରେ ମ.ରାମପୁର ବ୍ଲକ ମୋହନଗିରି ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ଘଟିଛି। ମୋହନଗିରିଠାରୁ ଗୁଡଭେଲା ଦେଇ ବଲାଙ୍ଗୀରକୁ ସଂଯୋଗ କରୁଥିବା ରାସ୍ତା ମୋହନଗିରିରୁ ୪ କି.ମି. ଦୂର କାଳିଗଙ୍ଗା ନଦୀର ଟେକର ଘାଟଠାରେ ରସ୍ତା ଧୋଇଯାଇଛି । ଫଳରେ ଏହି ରାସ୍ତାରେ କୌଣସି ଯାନବାହନ ଯିବାଆସିବା ସମ୍ଭବ ହେଉନାହିଁ । ଏହି ରାସ୍ତା ଦେଇ ଦୈନିକ ଶତାଧିକ ଯାନବାହନରେ ଲୋକେ ତୁଷରା ବଲାଙ୍ଗୀରକୁ ଯାତାୟାତ କରୁଥିଲେ । ରାସ୍ତା ଧୋଇଯିବ ଯୋଗୁ ଏବେ ମୋହନଗିରି ସ୍କୁଲ/କଲେଜକୁ ଆସୁଥିବା ଛାତ୍ରୀଛାତ୍ରମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି। ଘଟଣା ସମ୍ପର୍କରେ ଜାଣିବା ପରେ ନର୍ଲା ବିଧାୟକ ଭୁପିନ୍ଦ୍ର ସିଂ ରବିବାର ଆସି ଧୋଇ ନେଇଥିବା ରାସ୍ତାକୁ ଅନୁଧାନ କରିଛନ୍ତି । ଖୁବ୍‌ଶୀଘ୍ର ଏହାର ମରାମତି କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ।



ବିଧାୟକ ଧୋଇ ଯାଇଥିବା ବଲାଙ୍ଗୀର-ମୋହନଗିରି ମୁଖ୍ୟ ରାସ୍ତାର ଅନୁଧାନ କରୁଛନ୍ତି ।

## ଲଡୁଗାଁ ଜୁନିୟର କଲେଜ ରେଡ୍‌କ୍ରସ ପକ୍ଷରୁ ସ୍ୱଚ୍ଛତା ଅଭିଯାନ

କୋକସରା,୧୮।୮(ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ବ୍ଲକ୍ ଲଡୁଗାଁ ହାୟର ସେକେଣ୍ଡେରି ସ୍କୁଲ ଯୁବ ରେଡ୍‌କ୍ରସ ପକ୍ଷରୁ ଶନିବାର ଏକ ସ୍ୱଚ୍ଛ ଭାରତ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଯୁବ ରେଡ୍‌କ୍ରସ ପରାମର୍ଶ ଦାତା ତଥା ଅଧ୍ୟାପକ ସଞ୍ଜୟ କୁମାର ପୁରୋହିତ ଓ ଖେଳ ଶିକ୍ଷକ ବିରେନ୍ଦ୍ର ନାରାୟଣ ଦାସଙ୍କ ତତ୍ତ୍ୱାବଧାନରେ ଯୁକ୍ତ ୨ ପ୍ରଥମ ବର୍ଷ ଓ ଦ୍ୱିତୀୟ ବର୍ଷ ଛାତ୍ରୀଛାତ୍ରମାନେ ଅଳିଆ ଆବର୍ଜନା ସଫା କରିବା ସହ ସଚେତନତା କାର୍ଯ୍ୟକ୍ରମ ଜରିଆରେ ଲୋକମାନଙ୍କୁ ସ୍ୱଚ୍ଛତା ବାର୍ତ୍ତା ଦେଇଥିଲେ । ଏହି ଅବସରରେ ଅଧ୍ୟକ୍ଷ ଡ଼ ନିହାର କାନ୍ତ ପଣ୍ଡ. ଅଧ୍ୟାପକ ଶଙ୍କର ସତନାମି, ପ୍ରେମାନନ୍ଦ ସାହା, କଲ୍ୟାଣି ମହାନ୍ତି, ତୁଳସି ବାଗ, ଭାନୁମତି ମାଝି, ଭାରତ ଭୂଷଣ ଠାକୁର, ହେମନ୍ତ ସେନାପତି ପ୍ରମୁଖ ଉପସ୍ଥିତ ରହିଥିଲେ ।



ଛାତ୍ରୀଛାତ୍ରମାନେ କଲେଜ ପରିସର ସଫା କରୁଛନ୍ତି ।

## ସାମୂହିକ ଚାରାରୋପଣ କାର୍ଯ୍ୟକ୍ରମ

ରିଷିଡା,୧୮।୮ (ଡି.ଏନ.ଏ.)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ବଡଡୁଙ୍ଗୁରୀଗୁଡାରେ ରବିବାର ସାମୂହିକ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଗ୍ରାମର ଉତ୍ସାହୀ ଯୁବକମାନଙ୍କ ଉଦ୍ୟମରେ ପ୍ରାୟ ୧୦୦ଟି ଚାରା ଗାଁର ଉପରମୁଣ୍ଡରେ ଥିବା ପାହାଡ ଉପରେ ରୋପଣ କରାଯାଇଛି । ସମ୍ପ୍ରତି ଏହି ପାହାଡ ବର୍ତ୍ତମାନ ଟାଙ୍ଗରା ଭୂମିରେ ପରିଣତ ହୋଇଛି । ଏଥି ସହିତ ଶିବ ମନ୍ଦିର ପରିସରରେ ମଧ ଚାରାରୋପଣ କରାଯାଇଛି । ପୀତାମ୍ବର ମଟାଲି, ଶିବ ପୁଟେଲ ଓ ବିବେକ ମିଶ୍ରଙ୍କ ନେତୃତ୍ୱରେ ସୌମ୍ୟ ରଞ୍ଜନ ଗହୀର, ସୁଧିର ମିଶ୍ର, ସତ୍ୟ ବଗର୍ତ୍ତି, ମହାଦେବ ଗହୀର, ଦୀପକ ନାଗ, ଅଙ୍କିତ ଗହୀର, ଲୁଲୁ ବାଗ, ବିଭୁ ମାଝୀ, ସଞ୍ଜିବ ମାଝି ପ୍ରମୁଖ ଚାରାରୋପଣ କରିଥିଲେ ।



ବଡଡୁଙ୍ଗୁରୀଗୁଡାର ଯୁବକମାନେ ଚାରା ରୋପଣ କରୁଛନ୍ତି ।

# ଜଙ୍ଗଲ ସୁରକ୍ଷା ପାଇଁ ଅଣ୍ଟା ଭିଡ଼ିଲେ ଗ୍ରାମବାସୀ

### ■ ଖଣ୍ଡୁଆଳ ମାଳିରେ ଲାଗିଲା ୪ ହଜାର ଚାରା

ଲାଞ୍ଜିଗଡ଼,୧୮।୮ (ଡି.ଏନ.ଏ.)

ଖଣ୍ଡୁଆଳ ମାଳି ପାହାଡ଼ ଓ ଏହାର ଆଖପାଖ ଅଞ୍ଚଳରେ ହଜାର ହଜାର ଲୋକେ ସମବେତ ହେବା ସହିତ ସାମୂହିକ ଭାବେ ଚାରା ରୋପଣ କରିଛନ୍ତି। ଲୋକଙ୍କ ଶ୍ରମଦାନ ସହ ଚାରାରୋପଣକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି । କଳାହାଣ୍ଡି ଜିଲା ଲାଞ୍ଜିଗଡ଼, ଭବାନୀପାଟଣା ସଦର ବ୍ଲକ ତଥା ଥୁଆମୂଳ ରାମପୁର ବ୍ଲକର ଶତାଧିକ ଗାଁର ଲାଇଫ୍ ଲାଇନ୍ ଖଣ୍ଡୁଆଳ ମାଳି ପାହାଡ଼ ଉପରେ ଖଣି ମାଫିଆଙ୍କ ଆଖି ପଡିଥିବାବେଳେ କାଠମାଫିଆଙ୍କ ଚରାଭୁଇଁ ପାଲଟିଥିଲା। କିନ୍ତୁ ସ୍ଥାନୀୟ ବାସିନ୍ଦାଙ୍କ ସଙ୍ଗଠିତ ଉଦ୍ୟମକ୍ରମେ ଖଣ୍ଡୁଆଳ ମାଳି ସୁରକ୍ଷିତ ଥିବାବେଳେ ଏଥିରେ ଚାରାରୋପଣ ପାଇଁ ସ୍ଥାନୀୟ ବାସିନ୍ଦା ନିଷ୍ପତ୍ତି ନେଇଥିଲେ । ବାହ୍ୟ ଜଗତ ସହ ଏକ ପ୍ରକାର ବିଚ୍ଛିନ୍ନ ଥିବା ଲାଞ୍ଜିଗଡ଼ ବ୍ଲକ ପାହାଡ଼ପଦର, ମାଳିଯୁବାଙ୍ଗ, ବିଜେପୁର ଓ ଲାଖବାହାଲି ଗ୍ରାମ ପଞ୍ଚାୟତ, ଭବାନୀପାଟଣା ସଦର ବ୍ଲକ ଯୁଗସାଇପାଟଣା ଓ ଥୁଆମୂଳ ରାମପୁର ବ୍ଲକର ନାକରୁଣ୍ଡି, କେରପାଇ, କର୍ଲାପାଟ, ଗୁଣପୁର ଆଦି ଗ୍ରାମପଞ୍ଚାୟତ ଲୋକଙ୍କ ନିଜ ଦୈନନ୍ଦିନ ଜୀବନର ଅନେକ ଆବଶ୍ୟକତା ପରିପୂରଣ କରିଥାଏ ଖଣ୍ଡୁଆଳ ମାଳି । ଏହାକୁ ଦୃଷ୍ଟିରେ ରଖି ଖଣ୍ଡୁଆଳ ମାଳିର ସୁରକ୍ଷା ପାଇଁ ସ୍ଥାନୀୟ ଲୋକେ ଅଣ୍ଟା ଭିଡ଼ିଥିବାବେଳେ କ୍ଷୟପ୍ରାପ୍ତ ଏହି ଜଙ୍ଗଲରେ ଚାରି ହଜାରରୁ ଉର୍ଦ୍ଧ୍ୱ ମୂଲ୍ୟବାନ ଚାରାରୋପଣ କରିଥିଲେ। ଖଣ୍ଡୁଆଳ ମାଳି ସୁରକ୍ଷା ସମିତି ସଭାପତି କାର୍ତ୍ତିକ ମାଝି, ଗଣତାନ୍ତ୍ରିକ ଯୁବ ଫେଡ଼େରେଶନ କଳାହାଣ୍ଡି ଜିଲା ସମ୍ପାଦକ ବ୍ରିଟିଶ କୁମାର, ଲାଞ୍ଜିଗଡ଼ ବ୍ଲକ ପୂର୍ବତନ ଉପାଧ୍ୟକ୍ଷ ଜଗଦୀଶ ବେନିଆଁ, ନାରୀ ମୁକ୍ତି ମଞ୍ଚର ସମ୍ପାଦିକା ଲଳିତା ମାଝି, ରେଣ୍ଡୋ ମାଝି ଆଦର୍ଶ ଛାତ୍ର ଯୁବକ ସଂଘ ସଭାପତି ଲେଲି ମାଝି, ସମ୍ପାଦକ ବାସୁଦେବ ହରିଜନ, ପୂର୍ବତନ ସରପଞ୍ଚ କୁଞ୍ଜି ମାଝି, ଲିମା ମାଝି, ବରିଷ୍ଠ ନାଗରିକ ବୈଦ୍ୟନାଥ ନାଏକ, ହୃଷିକେଶ ମାଝି, ଲୋକନାଥ ମାଝିଙ୍କ ନେତୃତ୍ୱରେ ୨ ହଜାରରୁ ଉର୍ଦ୍ଧ୍ୱ ପୁରୁଷ ଓ ମହିଳା ଖଣ୍ଡୁଆଳ ମାଳି ପାହାଡ ଓ ଏହାର ପାଦଦେଶରେ ୪ ହଜାରରୁ ଉର୍ଦ୍ଧ୍ୱ ଚାରା ଚାରାରୋପଣ କରିଥିଲେ। ଆଦିବାସୀ ତଥା ଦଳିତ ବହୁଳ ଏ ଅଞ୍ଚଳ ଲୋକଙ୍କ ଜଙ୍ଗଲ ପ୍ରତି ଭଲ ପାଇବାକୁ ନେଇ ସାଧାରଣରେ ବେଶ୍ ପ୍ରଶଂସା କରାଯାଇଛି । ଜଙ୍ଗଲ ବିଭାଗ ଏହି ଲୋକମାନଙ୍କୁ ଉତ୍ସାହିତ କରିବାର ଆବଶ୍ୟକତା ରହିଛି ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି । ସୂଚନାଯୋଗ୍ୟ ଯେ, ପୂର୍ବରୁ ଯୁବ ସାମାଜିକ କର୍ମୀ ବ୍ରିଟିଶ କୁମାର ସ୍ଥାନୀୟ ଅଞ୍ଚଳରେ ଜନସଚେତନତା ସୃଷ୍ଟି କରିବା ସହ ନିଜସ୍ୱ ଉଦ୍ୟମରେ ଘାଟିକୁଣ୍ଡୁ-ପାହାଡ଼ପଦର ସଂଯୋଗ କରୁଥିବା ଏକ ଉଜୁଡ଼ା ଜଙ୍ଗଲକୁ ନିଜ ନାମରେ ବ୍ରିଟିଶ ବନ ଭାବେ ନାମିତ କରି ସୁରକ୍ଷା ଦେଇ ଆସୁଛନ୍ତି । ଯାହାକି ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛି ।



ଖଣ୍ଡୁଆଳମାଳି ପାହାଡ଼ରେ ଚାରାରୋପଣ କରାଯାଉଛି।



ଉପଦେଶ ଦେବା ସରଳ କିନ୍ତୁ ଉପାୟ ବତାଇବା ଭାରି କଷ୍ଟ।
- ରବୀନ୍ଦ୍ରନାଥ ଠାକୁର



## ସଂକ୍ଷେପରେ

### ବନ୍ୟାରେ ବହୁରାସ୍ତା କ୍ଷତିଗ୍ରସ୍ତ

ରିଷିଡା,୧୮।୮(ଡି.ଏନ.ଏ.)- ଗତ ବନ୍ୟାରେ କର୍ଲାମୁଣ୍ଡା ବ୍ଲକର ରିଷିଡା- ମ.ରାମପୁର ରାସ୍ତା, ରିଷିଡା- କର୍ଲାମୁଣ୍ଡା ରାସ୍ତା, ରିଷିଡା- ତେରେସିଂହା ରାସ୍ତା, ସୁରୁଜୁଲି- ଗୋଇନ୍ଦାମୁଣ୍ଡା ରାସ୍ତା ପ୍ରଭୃତି ଅନେକ ରାସ୍ତା କ୍ଷତିଗ୍ରସ୍ତ ହୋଇଛି । ରିଷିଡା- ମ.ରାମପୁର ରାସ୍ତାରେ କ୍ଷତିଗ୍ରସ୍ତକୁ ବାଲିବସ୍ତା ଦେଇ ମରାମତି କରାଯାଉଛି । ଏବେବି ଅନେକ ରାସ୍ତା ମରାମତି ଆରମ୍ଭ ହୋଇନାହିଁ ।



### ସାମାଜିକ କର୍ମୀଙ୍କ ପରଲୋକ

ଲାଞ୍ଜିଗଡ଼,୧୮।୮(ଡି.ଏନ.ଏ.)
କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ସହରର ଜଣେ ସାମାଜିକ କର୍ମୀ ରଘୁନାଥ ନାୟକ(୭୬)ଙ୍କ ପରଲୋକ ଘଟିଛି। ରବିବାର ତାଙ୍କ ଲାଞ୍ଜିଗଡସ୍ଥିତ ବାସଭବନରେ ପରଲୋକ ଘଟିଥିବା ବେଳେ ମୃତ୍ୟୁଶଯ୍ୟା ନିକଟରେ ପୁଅବୋହୂ, ନାତିନାତୁଣୀ, ଭଣଜା ଓ ଭଣଜାବୋହୂ ତଥା ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ । ବଡପୁଅ ସନାତନ ନାୟକ ମୁଖାଗ୍ନି ଦେଇଥିଲେ । ତାଙ୍କ ବିୟୋଗରେ ଅଞ୍ଚଳବ୍ୟାପି ଶୋକର ଛାୟା ଖେଳିଯାଇଛି। ଲାଞ୍ଜିଗଡ ପ୍ରେସ୍ କ୍ଲବ ପକ୍ଷରୁ ଶୋକ ବ୍ୟକ୍ତ କରାଯିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜ୍ଞାପନ କରାଯାଇଛି ।

### ବିରୋଧୀ ଦଳ ନେତା, କଳାହାଣ୍ଡି ଏମ୍‌ପିଙ୍କୁ ସମ୍ବର୍ଦ୍ଧନା

ଭବାନୀପାଟଣା,୧୮।୮(ଡି.ଏନ.ଏ.)
କଳାହାଣ୍ଡି ନାଗରିକ କମିଟି ପକ୍ଷରୁ ସ୍ଥାନୀୟ ଗାନ୍ଧୀଛକସ୍ଥିତ ଡ. ଆମ୍ବେଦକରଙ୍କ ମଞ୍ଚଠାରେ ଗତ ୧୬ ତାରିଖ ସନ୍ଧ୍ୟାରେ ବିରୋଧୀ ଦଳର ନେତା ପ୍ରଦୀପ୍ତ କୁମାର ନାଏକ ଓ କଳାହାଣ୍ଡି ଏମ୍‌ପି ତଥା ରାଜ୍ୟ ଭାଜପା ସଭାପତି ବସନ୍ତ କୁମାର ପଣ୍ଡାଙ୍କୁ ନାଗରିକ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ନାଗରିକ କମିଟି ସଭାପତି ଆଇନଜୀବୀ ଧର୍ମେନ୍ଦ୍ର ନାଏକଙ୍କ ଅଧକ୍ଷତାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାକୁ ଆଇନଜୀବୀ କିର୍ତ୍ତନ ନାଏକ ପରିଚାଳନା କରିଥିଲେ। ଅତିଥି ଭାବେ କଳାହାଣ୍ଡି ଓକିଲ ସଂଘ ସଭାପତି ଭବେନ୍ଦ୍ର କୁମାର ପଣ୍ଡା, ବରିଷ୍ଠ ଆଇନଜୀବୀ ଜଗନ୍ନାଥ ମୁଣ୍ଡ, କଳାହାଣ୍ଡି ଶିକ୍ଷା ବିକାଶ ପରିଷଦର ସହ ଆବାହକ ଅକ୍ଷୟ ନନ୍ଦ, ପୂର୍ବତନ ନଗରପାଳ ନିରଞ୍ଜନ ବିଦ୍ରୋହି, ଧର୍ମଗଡ ଉପଖଣ୍ଡ ନାଗରିକ କମିଟି ସଭାପତି ବିଶ୍ୱନାଥ କର ଓ କଳାହାଣ୍ଡି ନାଗରିକ କମିଟି ସମ୍ପାଦକ ଯଶୋବନ୍ତ ନାଏକ ଯୋଗଦାନ କରିଥିଲେ। ଅନ୍ୟମାନଙ୍କ ମଧରେ କଳାହାଣ୍ଡି ମାରୱାଡି ଯୁବ ମଞ୍ଚ, କଳାହାଣ୍ଡି ଆଦିବାସୀ ସଂଘ, ପ୍ରତିଭା ଅନୁଷ୍ଠାନ, କଳାହାଣ୍ଡି କଳାକାର ସଂଘ, କଳାହାଣ୍ଡି ଏସଟିଏସସି ଓକିଲ ସଂଘ, କଳାହାଣ୍ଡି ଯାଦବ ମହାସଭା, କଳାହାଣ୍ଡି ସୁନାରୀ ମହାସଭା, କଳାହାଣ୍ଡି ବାରିକ ସମାଜ, କଳାହାଣ୍ଡି ରିକ୍ସା ଚାଳକ ସଂଘ, କେଫ୍ଟ ଅନୁଷ୍ଠାନ ସମେତ ବିଭିନ୍ନ ସଙ୍ଗଠନ ଓ ଅନୁଷ୍ଠାନ ତରଫରୁ ବିରୋଧୀ ଦଳ ନେତା ନାଏକ ଓ ଏମ୍‌ପି ପଣ୍ଡାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଏମ୍‌ପି ପଣ୍ଡା ଉଦ୍‌ବୋଧନ ଦେଇ କଳାହାଣ୍ଡି ନିର୍ବାଚନ ମଣ୍ଡଳୀର ଜନସାଧାରଣଙ୍କ ମୌଳିକ ସମସ୍ୟା ଓ ସ୍ୱାର୍ଥ ପ୍ରତି ସେ ସର୍ବଦା ସଜାଗ ରହିବା ସହ ସଂସଦରେ ନିଜର ଭୂମିକାକୁ ସୂଚାରୁ ରୂପେ ତୁଲାଇବା ପାଇଁ ଉଦ୍ୟମ କରିବେ ବୋଲି କହିଥିଲେ। ଅନ୍ୟତମ ଅତିଥି ନାଏକ ନିଜର ଅଭିଭାଷଣ ପ୍ରଦାନ କରି କଳାହାଣ୍ଡିବାସୀ ତାଙ୍କୁ ବିଧାୟକ ଭାବେ ନିର୍ବାଚିତ କରିଥିବାରୁ ସେ ଆଜି ବିଧାୟକ ହେବା ସହ ବିରୋଧୀ ଦଳର ନେତା ହୋଇପାରିଥିବା ପ୍ରକାଶ କରି ଜିଲାବାସୀଙ୍କ ଠାରେ ଚିର ଋଣି ହୋଇ ରହିବେ ବୋଲି ପ୍ରକାଶ କରିଥିଲେ। ଜିଲାର ମେଡିକାଲ କଲେଜ, ହାଇକୋର୍ଟ ବେଞ୍ଚ, ଭବାନୀପାଟଣା ବାଇପାସ ରାସ୍ତା, ଇନ୍ଦ୍ରାବତୀ ଡାହାଣ କେନାଲ କାର୍ଯ୍ୟ ଓ ଜିଲାସ୍ତରୀୟ ବିଭିନ୍ନ ପଦପଦବୀ ନିଯୁକ୍ତି ନେଇ ରାଜ୍ୟ ସରକାରଙ୍କଠାରେ ଦାବି କରି କାର୍ଯ୍ୟ ହାସଲ କରିବା ପର୍ଯ୍ୟନ୍ତ ଲଢେଇ ଜାରି ରଖିବି ବୋଲି ପ୍ରତିଶ୍ରୁତି ଦେଇଥିଲେ। ଆଇନଜୀବୀ ତଥା ଧର୍ମଗଡ ଉପଖଣ୍ଡ ନାଗରିକ କମିଟି ଅଧକ୍ଷ ଧନ୍ୟବାଦ ଅର୍ପଣ କରିଥିଲେ।

## ନିର୍ମାଣାଧୀନ ସରକାରୀ ମେଡିକାଲ କଲେଜ, ଟାଉନ ହଲ

# ୨ ପ୍ରକଳ୍ପ ଅଗ୍ରଗତି ନେଇ ସମୀକ୍ଷା କଲେ ଶକ୍ତି ମନ୍ତ୍ରୀ

ଭବାନୀପାଟଣା,୧୮।୮ (ଡି.ଏନ.ଏ.)

ଭବାନୀପାଟଣା ନିକଟସ୍ଥ ଭଙ୍ଗାବାଡି ଠାରେ ନିର୍ମିତ ସରକାରୀ ମେଡିକାଲ କଲେଜ ଓ ଟାଉନ ହଲ ନିର୍ମାଣ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ଶୁକ୍ରବାର ଶକ୍ତିମନ୍ତ୍ରୀ କ୍ୟା. ଦିବ୍ୟଶଙ୍କର ମିଶ୍ର ବିଭାଗୀୟ ଅଧିକାରୀଙ୍କ ସହିତ ଆଲୋଚନା କରିବା ସହିତ ସମୀକ୍ଷା କରିଛନ୍ତି । ତୁରନ୍ତ ଏହି ଦୁଇ ପ୍ରକଳ୍ପର କାର୍ଯ୍ୟ ଦ୍ରୁତଗତିରେ କରିବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଭଙ୍ଗାବାଡିଠାରେ ଟାଟା କମ୍ପାନୀ ଦ୍ୱାରା ନିର୍ମାଣାଧୀନ ସରକାରୀ ମେଡିକାଲ କଲେଜ କାର୍ଯ୍ୟ କେତେଦୂର ଅଗ୍ରଗତି କରିଛି ଓ କେଉଁ ପ୍ରକାର ଅସୁବିଧା ହେଉଛି କି ନାହିଁ ତାହା ଜାଣିବା ପାଇଁ ଶକ୍ତି ଏବଂ ଏମ୍‌ଏସଏମଇ ଓ ଗୃହ ବିଭାଗ ମନ୍ତ୍ରୀ ମିଶ୍ର ନିର୍ମାଣ ଦାୟିତ୍ୱ ନେଇଥିବା ଟାଟା କମ୍ପାନୀ ପ୍ରୋଜେକ୍ଟ ମ୍ୟାନେଜର ଓ ଅନ୍ୟ କର୍ମଚାରୀଙ୍କ ସହିତ ଆଲୋଚନା କରିଥିଲେ। ଦ୍ରୁତଗତିରେ କାର୍ଯ୍ୟ କରି ନିର୍ଦ୍ଧାରିତ ସମୟରେ ସରକାରୀ ମେଡିକାଲ କଲେଜ ନିର୍ମାଣ ସାରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ପରେ ମନ୍ତ୍ରୀ ଭବାନୀପାଟଣା ଟାଉନ ହଲ ନିର୍ମାଣ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ଘଟଣାସ୍ଥଳକୁ ଯାଇ ତଦାରଖ କରିବା ସହିତ ପୂର୍ତ୍ତ ଓ ଗୃହ ନିର୍ମାଣ ବିଭାଗର ନିର୍ବାହୀ ଯନ୍ତ୍ରୀ ଏବଂ ଅନ୍ୟ ଅଧିକାରୀଙ୍କ ସହିତ ଆଲୋଚନା ତୁରନ୍ତ କାର୍ଯ୍ୟ ସାରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଟାଉନ ହଲ ନିର୍ମାଣ ପାଇଁ ୭ କୋଟି ୨୦ ଲକ୍ଷ ଟଙ୍କା ଆବଶ୍ୟକତା ଥିବା ବେଳେ ମାତ୍ର ୧ କୋଟି ୮୦ ଲକ୍ଷ ଟଙ୍କା ଅନୁଦାନ ଆସିଛି। ଆହୁରି ଅଧିକ ଅନୁଦାନ ତୁରନ୍ତ ପ୍ରଦାନ ପାଇଁ ନଗର ଉନ୍ନୟନ ବିଭାଗକୁ ଜଣାଇବେ ବୋଲି କହିଥିଲେ। ବର୍ତ୍ତମାନ ଥିବା ଅବୁଦାନକୁ ନେଇ ତୁରନ୍ତ ଖର୍ଚ୍ଚ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସେହିଭଳି ଭଙ୍ଗାବାରୀଠାରେ ମେଡିକାଲ କଲେଜ ନିର୍ମାଣସ୍ଥଳୀ ପରିଦର୍ଶନ କରିଥିଲେ। ମେଡିକାଲ କଲେଜ ନିର୍ମାଣ ପାଇଁ ୩୩ କୋଟି ଟଙ୍କା ଅନୁଦାନ ଗଚ୍ଛିତ ଥିବା ବେଳେ ଏ ପର୍ଯ୍ୟନ୍ତ ୭ କୋଟି ଟଙ୍କା ଖର୍ଚ୍ଚ ହୋଇସାରିଛି। ତୁରନ୍ତ ସମସ୍ତ ଅନୁଦାନ ଖର୍ଚ୍ଚ କରିବାକୁ ଟାଟା ପ୍ରୋଜେକ୍ଟର ପ୍ରକଳ୍ପ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ସମସ୍ତ କାର୍ଯ୍ୟକ୍ରମରେ ଜିଲା ବିଜେଡି କାର୍ଯ୍ୟକାରୀ ସଭାପତି ପ୍ରବୋଧ କୁମାର ରଥ, ଉପସଭାପତି ତଥା ବରିଷ୍ଠ ଆଇନଜୀବୀ ଭବାନୀ ଶଙ୍କର ମିଶ୍ର, ପୂର୍ବତନ ନଗରପାଳ ତଥା ଜିଲା ବିଜେଡି ଯୁବ ସଭାପତି ଆଦିତ୍ୟ ପ୍ରସାଦ ନନ୍ଦ, ସମ୍ପାଦକ ଜିତେନ୍ଦ୍ର ମହାନ୍ତି, ଭବାନୀଶଙ୍କର ନିଆଲ, ଧବଳେଶ୍ୱର ମହାପାତ୍ର, ଛାତ୍ର ବିଜେଡି ସଭାପତି ଅବିନାଶ ଠାକୁର ପ୍ରମୁଖ ଯୋଗଦେଇଥିଲେ।



ମନ୍ତ୍ରୀ ନିର୍ମାଣାଧୀନ ସରକାରୀ ମେଡିକାଲ କଲେଜ ପରିଦର୍ଶନ କରୁଛନ୍ତି ।



କର୍ମଶାଳାରେ ଉପସ୍ଥିତ ମହିଳା ପଞ୍ଚାୟତ ପ୍ରତିନିଧିମାନେ।

# ୨ ଦିନିଆ କର୍ମଶାଳା ଉଦ୍‌ଯାପିତ

କର୍ଲାମୁଣ୍ଡା, ୧୮।୮ (ଡି.ଏନ.ଏ)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ସଦର ପଞ୍ଚାୟତଠାରେ ଗ୍ରାମ ପଞ୍ଚାୟତ ମହିଳା ପ୍ରତିନିଧିମାନଙ୍କୁ ନେଇ ଲିଙ୍ଗୀୟ ଭାବନା ହିଂସା ସମ୍ବନ୍ଧୀୟ ୨ ଦିନିଆ କର୍ମଶାଳା ଶନିବାର ଉଦ୍‌ଯାପିତ ହୋଇଯାଇଛି। ଦ ହଙ୍ଗର ପ୍ରୋଜେକ୍ଟ ସହାୟତାରେ ଦାପ୍ତା ସଂସ୍ଥା ପକ୍ଷରୁ ଅନୁଷ୍ଠିତ କର୍ମଶାଳାରେ ପ୍ରଥମ ଦିବସରେ ସଂସ୍ଥା ମୁଖ୍ୟ ରାଜୁ ଶର୍ମା ଯୋଗଦେଇ ଘରୋଇ ହିଂସା, ନାରୀ ପୁରୁଷ ସମାନତା, ଶିଶୁ ନିର୍ଯାତନା ଉପରେ ଆଲୋଚନା କରିଥିଲେ। ଦ୍ୱିତୀୟ ଦିବସରେ କାର୍ଯ୍ୟକ୍ରମ ସଂଯୋଜକ ତ୍ରିଭୁବନ ପୂଝାରୀ ଯୋଗଦେଇ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ଏଥିରେ ବ୍ଲକ ସଂଯୋଜକ ସୁବାସ ଚନ୍ଦ୍ର ପଧାନ କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିବା ବେଳେ ରେଗେଡା, ବୋରପଦର, ସାପଲହରା, ରିଞ୍ଜା, କର୍ଲାମୁଣ୍ଡା, ସ.ମାଲପଡ଼ା ପଞ୍ଚାୟତର ମହିଳା ପଞ୍ଚାୟତ ପ୍ରତିନିଧିମାନେ ଯୋଗଦେଇଥିଲେ।



ବିଶ୍ୱ ସଂସ୍କୃତ ଦିବସ ପାଳନରେ ମଞ୍ଚାସୀନ ଅତିଥି ବୃନ୍ଦ ।

# ଜିଲାସ୍ତରୀୟ ସଂସ୍କୃତ ଦିବସ ପାଳିତ

ଜୁନାଗଡ,୧୮।୮(ସ୍ୱ.ପ୍ର.)

ବିଶ୍ୱ ସଂସ୍କୃତ ଦିବସ ଅବସରରେ କଳାହାଣ୍ଡି ଜିଲା ସଂସ୍କୃତ ଶିକ୍ଷକ ସଂଘ ପକ୍ଷରୁ ଜୁନାଗଡ ଅଗ୍ରସେନ ଭବନଠାରେ ଜିଲାସ୍ତରୀୟ ଦିବସ ପାଳିତ ହୋଇଯାଇଛି। ଜିଲା ସଂସ୍କୃତ ଶିକ୍ଷକ ସଂଘ ସଭାପତି ମଙ୍ଗଳୁ ମିଶ୍ରଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଜୁନାଗଡ ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ତପିମଣି ଜାନୀ, ମୁଖ୍ୟବକ୍ତା ଉତ୍କଳ ସଂସ୍କୃତ ଶିକ୍ଷକ ମହାସଂଘ ସଭାପତି ପ୍ରଫୁଲ୍ଲ କୁମାର ସାହୁ, ସମ୍ମାନିତ ଅତିଥି ଭାବେ ଉତ୍କଳ ସଂସ୍କୃତ ଶିକ୍ଷକ ମହାସଂଘ ରାଜ୍ୟ ସଂଯୋଜକ ପ୍ରମୋଦ କୁମାର ତ୍ରୀପାଠି, ସ୍ୱୟଂ ଶାସିତ ମହାବିଦ୍ୟାଳୟ ସଂସ୍କୃତ ଅଧାପକ ଆବର୍ତ ତାଣ୍ଡିଆ, କର୍ଲାପଡା ମହାବିଦ୍ୟାଳୟ ଅଧାପକ ଲଳିତ କୁମାର ପଣ୍ଡା, ମାର୍ଗଦର୍ଶକ ପ୍ରେମଲାଲ ବାଗ ଓ ଚୁମନ ଦାସନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। ବ୍ରଜ କିଶୋର ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଜୁନାଗଡ ଆଦର୍ଶ ବିଦ୍ୟାଳୟ ସହକାରୀ ଶିକ୍ଷକ ଜୟପ୍ରକାଶ ଦାଶ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କୁ ନେଇ ସୃଜନାତ୍ମକ ରଚନା ଓ 'ସଂସ୍କୃତ ଭାରତୀୟଙ୍କ ଗୌରବ' ଶୀର୍ଷକ ବକ୍ତୃତା ପ୍ରତିଯୋଗୀତା ହୋଇଥିଲା। ବିଭିନ୍ନ ସ୍କୁଲ ଛାତୀଛାତ୍ରଙ୍କୁ ସଂସ୍କୃତ ଭାଷା ପ୍ରତି ଉତ୍ସାହିତ କରିବା ପାଇଁ ବିଭିନ୍ନ ବସ୍ତୁର ମେଳା ସହ ତାର ସଂସ୍କୃତ ନାମ ପ୍ରଦର୍ଶନୀ କରାଯାଇଥିଲା। ଏଥିରେ କଳାହାଣ୍ଡି ଜିଲାର ସମସ୍ତ ସରକାରୀ ଓ ବେସରକାରୀ ସ୍କୁଲ ସଂସ୍କୃତ ଶିକ୍ଷକ ଉପସ୍ଥିତ ଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ମାଲିଗୁଡ଼ା ହାଇସ୍କୁଲର ନୂତନ କୋଠା ଉଦ୍‌ଘାଟିତ

ଜୁନାଗଡ,୧୮।୮ (ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ମାଲିଗୁଡା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ (ହାଇସ୍କୁଲ)ର ନୂତନ କୋଠା ରବିବାର ଉଦ୍‌ଘାଟିତ ହୋଇଯାଇଛି। ଶକ୍ତିମନ୍ତ୍ରୀ କ୍ୟାପ୍‌ଟେନ ଦିବ୍ୟ ଶଙ୍କର ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟ ପ୍ରଧାନଶିକ୍ଷକ ଶୁଭେନ୍ଦୁ କୁମାର ପଣ୍ଡାଙ୍କ ଅଧକ୍ଷତାରେ ସମ୍ମାନିତ ଅତିଥି ଭାବେ ଜୁନାଗଡ ବ୍ଲକ ସରପଞ୍ଚ ସଂଘ ସଭାପତି ଅଜୟ କୁମାର ବେହେରା, ପୂର୍ବତନ ବ୍ଲକ ଉପାଧକ୍ଷ ପ୍ରମୋଦ କୁମାର ବେହେରା, ମାଲିଗୁଡା ସରପଞ୍ଚ ପ୍ରମିଳା ଖମାରୀ, ସାମାଜିକ କର୍ମୀ ଦୁର୍ଗା ପ୍ରସାଦ ନାଏକ, ପ୍ରଦ୍ୟୁମ୍ନ ରାଉତ ପ୍ରମୁଖ ଯୋଗଦେଇଥିଲେ।



ମନ୍ତ୍ରୀ ବିଦ୍ୟାଳୟର ନୂତନ କୋଠା ଉଦ୍‌ଘାଟନ କରୁଛନ୍ତି

### ବିବାହିତ ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ

କର୍ଲାମୁଣ୍ଡା,୧୮।୮(ଡି.ଏନ.ଏ.)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ପୌରକେଲା ଗ୍ରାମର ଜଳନ୍ଧର ପୁଟେଲଙ୍କ ସ୍ତ୍ରୀ ହେମାଙ୍ଗୀନି ପୁଟେଲ (୨୨)ଙ୍କ ରବିବାର ସନ୍ଦେହଜନକ ମୃତ୍ୟୁ ଘଟିଛି। ସୂଚନା ଅନୁସାରେ ହେମାଙ୍ଗୀନିଙ୍କୁ ମୁମୂର୍ଷ ଅବସ୍ଥାରେ କର୍ଲାମୁଣ୍ଡା ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରକୁ ଅପରାହ୍ନରେ ଅଣାଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ହେମାଙ୍ଗୀନିଙ୍କ ପାଟି ଓ ନାକରୁ ଫେଣ ବାହାରୁ ଥିବାରୁ ଏହା ଏକ ବିଷକ୍ରିୟା ଜନିତ ମୃତ୍ୟୁ ହୋଇଥାଇ ପାରେ ବୋଲି ସନ୍ଦେହ କରାଯାଉଛି। ହେମାଙ୍ଗୀନିର ବାପା ଏ ନେଇ କୌଣସି ଅଭିଯୋଗ କରି ନ ଥିବା ଜଣାପଡିଛି। ଅତିରିକ୍ତ ତହସିଲଦାର ତଥା ମାଜିଷ୍ଟ୍ରେଟ ସରର୍ବେଶ୍ୱର ଜାଲ, କର୍ଲାମୁଣ୍ଡା ଫାଣ୍ଡି ଅଧିକାରୀ ଅଧିଶଚନ୍ଦ୍ର ବିଶ୍ୱାସ, ରିଷିଡା ଫାଣ୍ଡି ଅଧିକାରୀ ଲବରାମ ଛତ୍ରିଆ ଡାକ୍ତରଖାନାରେ ପହଞ୍ଚି ତଦନ୍ତ ଜାରି ରଖିଥିବା ଜଣାପଡିଛି। ସୋମବାର ଶବ ବ୍ୟବଚ୍ଛେଦ କରାଯିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି। ସୂଚନାଯୋଗ୍ୟ ଯେ, ହେମାଙ୍ଗୀନି ଗତ ୬ ମାସ ତଳେ ବିବାହ କରିଥିଲେ। ତାଙ୍କ ବାପାଙ୍କ ଘର ବଲାଙ୍ଗୀର ଜଲା ଖଇରିପାଲିରେ। ଏ ନେଇ ଏକ ଅପମୃତ୍ୟୁ ମାମଲା (ନଂ.୧୩/୧୯) ମାମଲା ରୁଜୁ କରାଯାଇଛି।

## ସାପ କାମୁଡ଼ାରେ ଜଣେ, କାନ୍ଥ ଚାପାରେ ଜଣେ

# ସପ୍ତାହକ ମଧରେ ୨ ଭାଇଙ୍କ ମୃତ୍ୟୁ

ଲାଞ୍ଜିଗଡ଼,୧୮।୮ (ଡି.ଏନ.ଏ.)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ କମର୍ଦ୍ଧା ଗ୍ରାମପଞ୍ଚାୟତ ମୁଣ୍ଡାଗାଁରେ ସପ୍ତାହକ ମଧରେ ୨ ଭାଇଙ୍କ ଆକସ୍ମିକ ମୃତ୍ୟୁ ଯୋଗୁ ପରିବାରରେ ଚଡ଼କ ପଡ଼ିଥିବା ବେଳେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । କମର୍ଦ୍ଧା ଗ୍ରାମପଞ୍ଚାୟତ ମୁଣ୍ଡାଗାଁର ଉଆଁସୁ ପରାଭୋଇଙ୍କ ୨ ପୁଅଙ୍କ ଅକାଳ ମୃତ୍ୟୁ ଏବେ ଅଞ୍ଚଳରେ ଦୁଃଖ ଓ ଶୋକର ବିଷୟ ହୋଇଛି । ସୂଚନାନୁଯାୟୀ, ଉଆଁସୁଙ୍କ ୩ ପୁଅ ମଧ୍ୟରୁ ମଝିଆ ପୁଅ କାନ୍ତ ପରାଭୋଇ (୧୮)ଙ୍କ ମୃତ୍ୟୁ ସପ୍ତାହକ ତଳେ ସାପ କାମୁଡ଼ାରେ ଗୁରୁତର ହୋଇଥିଲେ। ତାଙ୍କୁ ଚିକିତ୍ସା ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା । ବ୍ୟବଚ୍ଛେଦ ପରେ ଅନେକ କଷ୍ଟରେ ପରିବାର ଲୋକେ ଘରକୁ ମୃତଦେହ ଆଣି ଦାହ ସଂସ୍କାର କରିଥିଲେ । ଗୋଟିଏ ପୁଅର ଅକାଳ ମୃତ୍ୟୁରେ ପରିବାର ସାରା ଦୁଃଖରେ ମ୍ରିୟମାଣ ହୋଇପଡ଼ିଥିବା ବେଳେ ବାପା ଉଆଁସୁ କେମିତି ଦଶାହ କ୍ରିୟା କରିବେ ସେହି ଚିନ୍ତାରେ ଥିଲେ । କିନ୍ତୁ ମଝିଆ ପୁଅର ମୃତ୍ୟୁକୁ ସପ୍ତାହେ ନ ପୂରୁଣୁ ବଡ଼ ପୁଅ ସୁମନ୍ତ ପରାଭୋଇ (୨୦)ଙ୍କ ମୃତ୍ୟୁ ଏକ ଅଭାବନୀୟ ଘଟଣା ଘଟିଛି । ଲଗାଣ ବର୍ଷା ପରେ ଓଦା ମାଟିକାନ୍ଥ ତାଙ୍କ ଉପରେ ପଡ଼ିଯିବାରୁ କାନ୍ଥତଳେ ଚାପି ହୋଇ ସୁମନ୍ତଙ୍କ ମୃତ୍ୟୁ ଘଟିଛି । ସପ୍ତାହକ ମଧରେ ୨ ପୁଅଙ୍କ ମୃତ୍ୟୁ ଉଆଁସୁଙ୍କ ମୁଣ୍ଡ ଉପରେ ସତେ ଯେମିତି ଆକାଶ ଛିଡ଼ିପଡ଼ିଛି । ଦୁଇଟି ପୁଅର ମୃତ୍ୟୁ ପରେ ଉଆଁସୁଙ୍କ ପରିବାର ଭାଙ୍ଗି ପଡିଥିବାବେଳେ ଶନିବାର କମର୍ଦ୍ଧା ପଞ୍ଚାୟତ କର୍ତ୍ତୃପକ୍ଷ ଉଆଁସୁଙ୍କ ପାଖରେ ଛିଡା ହୋଇ ସମବେଦନା ଜଣାଇଛନ୍ତି । ଲାଞ୍ଜିଗଡ଼ ବ୍ଲକ ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ତଥା କମର୍ଦ୍ଧା ସମିତି ସଦସ୍ୟ ଜଗଦୀଶ ବେନିଆଁ, ସରପଞ୍ଚ କାନ୍ତି ପାତ୍ର ଓ ପଞ୍ଚାୟତ ନିର୍ବାହୀ ଅଧିକାରୀ ଗୌରାଙ୍ଗ ମାଝି ତାଙ୍କ ଘରକୁ ଯାଇ ହରିଶ୍ଚନ୍ଦ୍ର ଯୋଜନାରେ ଆର୍ଥିକ ସହାୟତା ଯୋଗାଇ ଦେଇଛନ୍ତି ।



ମୃତକଙ୍କ ପରିବାରବର୍ଗଙ୍କୁ ସହାୟତା ରାଶି ପ୍ରଦାନ କରାଯାଉଛି।


**CLASSIFIED DISPLAY**

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

HEALTH CARE · ASTROLOGY · FINANCE

**Dhanalaxmi Finance**
Regd. No.-U6519TNI98PLC00855
ମାର୍କଶିଟ, ପ୍ରପର୍ଟି ପର୍ସନାଲ, ପଶୁପାଳନ, ମାଛଚାଷ, ରାଶନ କାର୍ଡ ଏବଂ ସବୁପ୍ରକାରର ଲୋନ୍ ଘରେ ବସି ପାଆନ୍ତୁ 3 ରୁ 4 ଦିନରେ, 2% ସୁଧ, 40% ଛାଡ଼, ମହିଳା ଏବଂ ବିଦ୍ୟାର୍ଥୀମାନଙ୍କ ପାଇଁ ବିଶେଷ ଛାଡ଼।
HELPLINE 8859690149

**ଇଣ୍ଡସ୍ ଫାଇନାନ୍ସ ଲିଃ**
କମ୍ପାନୀ ଋଣ ଉପଲବ୍ଧ କରାଉଛି ଏଥିରେ ଆପଣଙ୍କୁ ପର୍ସନାଲ ଋଣ, ବ୍ୟବସାୟ ଋଣ, ସାଲାରୀ ସ୍ଲିପ୍ ଋଣ ମାତ୍ର 2% ସୁଧରେ ମିଳିପାରିବ।
ମହିଳାଙ୍କ ପାଇଁ 50% ରିହାତି
9911417764
9911417461
BISWANATHPUR, BALARAMAPUR, BALESWAR, ODISHA - 756024

**!! ଋଣ ଋଣ ଋଣ !!**
1ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ୍, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନକାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ରିହାତି
!! ରିଦ୍ଧି ଫାଇନାନ୍ସ !!
E-mail :- ridhifinanceonlinem.p@gmail.com
7052572586
Add : - 41/14, Sec-1 Pushp Vihar, Delhi

**AT PURI AT PURI AT PURI**
ପୁରାତନ ରୋଗର ସର୍ବୋତ୍ତମ ଆୟୁର୍ବେଦ ଚିକିତ୍ସା
Advise & Treatment by Specialized Ayurvedic Doctors only
ରୁ୍ୟମାଟଏଡ୍ ଆର୍ଥ୍ରାଇଟିସ୍, ଓଷ୍ଟିଓ ଆର୍ଥ୍ରାଇଟିସ୍, ପାରାଲିସିସ୍, ସିଆଟିକା, ଅଣ୍ଟାବ୍ୟଥା, ଆଣ୍ଠୁବ୍ୟଥା, ଫ୍ରୋଜନ୍ ସୋଲ୍‌ଡର, ସ୍ପଣ୍ଡିଲୋସିସ୍, ମାଇଗ୍ରେନ୍, ସୋରିଆସିସ୍, ମୁଖ ବ୍ରଣ, ଆଦି ରୋଗର ପରାମର୍ଶ ଓ ଉତ୍ତମ ଚିକିତ୍ସା ଉପଲବ୍ଧ ।
SAMBHAV AYURVED
Bus Stand Outgate, Puri
Phone & Whats App - 7735921512 / 9439349129 ,Timing - 9 am to 8 pm

**ଭଟକିବାରୁ ବଞ୍ଚନ୍ତୁ କୌଣସି ବି କାମ**
ବାବା ଅଘୋରୀ ତାନ୍ତ୍ରିକ
(ସ୍ପେଶାଲିଷ୍ଟ - ବଶୀକରଣ)
ପ୍ରେମବିବାହ, ପତି-ପତ୍ନି ମଧରେ ଝଗଡା, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ଗୃହକ୍ଳେଶ, ବିବାହରେ ସମସ୍ୟା, ଔଷଧ କାମ ନ କରିବା, ଜାଦୁଟୋନା, କୋର୍ଟ କେସ୍, ତନ୍ତ୍ରମନ୍ତ୍ର ସମ୍ରାଟ, ମୁଠୀକରଣୀ ଖୋଲା ଚ୍ୟାଲେଞ୍ଜ, ପ୍ରେମରେ ଧୋକା ୩ ଘଣ୍ଟାରେ ୧୦୦% A To Z ସମସ୍ୟାର ସମାଧାନ
ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳେଇପାରେ
ମୁଁ କରିଥିବା କାମକୁ କାଟିବା ଲୋକଙ୍କୁ ମନମୁତାବକ ପୁରସ୍କାର
ସଚ୍ଚାପ୍ରେମୀ ନିରାଶ କାହିଁକି ?
କାଳି ମନ୍ଦିର, ବରମୁଣ୍ଡା ପାଖ, ଭୁବନେଶ୍ୱର
9899587663
9910294940

**BANA DURGA FINANCE**
BANA DURGA FINANCE
ସମସ୍ତ ପ୍ରକାର LOAN ଠିକ୍ ସୁଧରେ ଘରେ ବସି ପାଆନ୍ତୁ। ପର୍ସନାଲ, ବିଜନେସ୍, ମାର୍କସିଟ୍, ଗୃହ, କୃଷି, ଶିକ୍ଷା, କୁକୁଡ଼ା ପାଳନ ଓ ଗାଈ LOAN ଆଦି ସମସ୍ତ ପ୍ରକାର LOAN ପାଇପାରିବେ। ସୁଧ–1% ।
Help LINE
7683949359
7381163847
C-47/8, A-Block, Vijay Enclave Burrari, New Delhi-75, Maipada, Chhindeikela, Paikmal, Bargarh-768050

**ଋଣ ଧମାକା**
ଆଧାର କାର୍ଡରେ ଋଣ ପାଆନ୍ତୁ
1 ଲକ୍ଷରୁ 25 ଲକ୍ଷ ପର୍ଯ୍ୟନ୍ତ
ସୁଧ 1% ପର୍ଯ୍ୟନ୍ତ, 50% ପର୍ଯ୍ୟନ୍ତ ଛାଡ଼
ସମୂହ ଋଣ, ପର୍ସନାଲ, କୁକୁଡ଼ା ପାଳନ ଋଣ
Contact No.
7491845997
7079574972
New Ashok Nagar, East Delhi, Delhi
www.toofanfinance.in

**ନୂଆ ଯୋଜନା ଅଧୀନରେ ଭାରତର ନଂ.1 କମ୍ପାନୀ**
1988ଠାରୁ ଆପଣଙ୍କ ସେବାରେ
DHANLAXMI FINANCE PVT. LTD. ସବୁ ବ୍ୟାଙ୍କ ଦ୍ୱାରା
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
9499135756
H.No. 10, Mandi Road, Bathinda, Punjab

**VEDANSI FINANCE PVT LTD**
100% ଲୋନ ପ୍ରାପ୍ତ କରନ୍ତୁ 7 ଦିନରେ।
ସୁଧ 2%, ଛାଡ଼ 40%
ଡିଲରଶିପ୍ / ଏଜେଣ୍ଟ ପାଇଁ କମ୍ପାନୀକୁ ସମ୍ପର୍କ କରନ୍ତୁ।
Balasore: 7409536767, Jajpur: 9084652616, Dhenkanal: 7409543249, Angul: 7252964716, Jeypore: 9084652615


**ପାଠକଙ୍କ ପାଇଁ ସୂଚନା:**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


**COLOR DISPLAY CLASSIFIED** — on every Tuesday & Friday

| SIZE | 15 days | 8 days | 4 days | Single day | |
|---|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 | GST 5% will be added extra |



ଅଜ୍ଞକୁ ବୁଝାଇବା ସହଜ, ବିଜ୍ଞକୁ ବୁଝାଇବା ଆହୁରି ସହଜ; କିନ୍ତୁ ଅଳ୍ପ ଜ୍ଞାନରେ ଯିଏ ଉଦ୍ଧତ, ତାଙ୍କୁ ସ୍ୱୟଂ ବ୍ରହ୍ମା ମଧ ସନ୍ତୁଷ୍ଟ କରିପାରିବେ ନାହିଁ।

-ସର୍ବପଲ୍ଲୀ ରାଧାକ୍ରିଷ୍ଣନ



## ସଂକ୍ଷେପରେ

### ଯୁକ୍ତ ୩ରେ ନାମ ଲେଖାଇବାକୁ ହଟହଟା

**ନାକଟିଦେଉଳ,୧୮।୮(ଡି.ଏନ.ଏ.):** ଜୁଲାଇ ମାସରୁ ଯୁକ୍ତ ୩ ନାମ ଲେଖା ପ୍ରକ୍ରିୟା ଆରମ୍ଭ ହୋଇଛି। ହେଲେ 'ସାମସ୍‌ର' ଦାୟିତ୍ୱହୀନତା ଯୋଗୁ ଜଣେ ଛାତ୍ରୀ ଓ ଜଣେ ଛାତ୍ର ଚଳିତ ବର୍ଷ ଯୁକ୍ତ ତିନିରେ ନାମ ଲେଖାରୁ ବଞ୍ଚିତ ହୋଇଥିବା ଅଭିଯୋଗ ହୋଇଛି। ସାମସ୍ ୱେବ୍‌ସାଇଟରେ ଗତ ୧୪ ତାରିଖ ସାଢେ ୧୧ଟାରେ ଛାତ୍ରୀ ଖଦ୍ୟୋତିକା ବିଶ୍ୱାଳଙ୍କ ନାମ ରେଢାଖୋଲ ଭୀମ ଭୋଇ କଲେଜରେ ଇତିହାସ(ସମ୍ମାନ)ପାଇଁ ସ୍ୱଟ୍‌ରେ ରେଜିଷ୍ଟ୍ରେସନ ପାଇଁ ନାମ ପ୍ରକାଶ ପାଇଥିଲା। ସେଦିନ ସନ୍ଧ୍ୟାରେ ପୁଣି ଏକ ରିଭାଇଜ ଲିଷ୍ଟରେ ତାଙ୍କ ନାମ ନାକଟିଦେଉଳ ଡିଗ୍ରୀ କଲେଜରେ ଇତିହାସ (ସମ୍ମାନ)ରେ ସ୍ୱଟ ଆଡ଼ମିଶନ ପାଇଁ ର୍‍ୟାଙ୍କ ୪ରେ ବାହାରିଲା। ୧୭ ରେ ଫାଇନାଲ ଲିଷ୍ଟରେ କିନ୍ତୁ ନାମ ନ ଥିଲା। ସେ ରେଢାଖୋଲ ଭୀମ ଭୋଇ କଲେଜ ଓ ନାକଟିଦେଉଳ କଲେଜକୁ ଯାଇ ନିରାଶ ହୋଇଥିଲେ। ସେହିପରି ରଞ୍ଜନ କୁମାର ବେହେରା ନାମକ ଅନ୍ୟ ଜଣେ ଛାତ୍ରଙ୍କ ନାମ ସାମସ୍‌ର ରିଭାଇଜ ଲିଷ୍ଟରେ ନାକଟିଦେଉଳ କଲେଜରେ ନାମ ଲେଖିବାକୁ ବାହାରି ଥିଲା। କିନ୍ତୁ ୧୭ ତାରିଖ ଲିଷ୍ଟରେ ସେହି ଛାତ୍ରଙ୍କ ନାମ ମଧ କୌଣସି କଲେଜରେ ବାହାରି ନାହିଁ। ଏଣୁ ଉଭୟ ଏବେ ନାମ ଲେଖିବାରୁ ବଞ୍ଚିତ ହୋଇଛନ୍ତି।

■ ସିଆଇଟିୟୁ ନେତୃତ୍ୱରେ ନୂତନ ମଜୁରି ଚୁକ୍ତିନାମା ସ୍ୱାକ୍ଷରିତ

# ଉପକୃତ ହେବେ ୩ ହଜାର ଶ୍ରମିକ ପରିବାର

**ରାଉରକେଲା ଅଫିସ,୧୮।୮**

କାଲଟା ଲୌହ ଖଣି ଅଞ୍ଚଳରେ କାର୍ଯ୍ୟରତ ଶ୍ରମିକଙ୍କ ପାଇଁ ସିଆଇଟିୟୁ ନେତୃତ୍ୱରେ ନୂତନ ମଜୁରି ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି। ଏହା ଦ୍ୱାରା ସମ୍ପୃକ୍ତ ଅଞ୍ଚଳର ୩ ହଜାର ଶ୍ରମିକ ପରିବାର ଉପକୃତ ହେବେ ବୋଲି ୟୁନିୟନ ଦାବି କରିଛି। ସୂଚନାନୁସାରେ ସେଲ୍ ଅଧୀନରେ ରହିଥିବା କାଲଟା ଲୌହ ଖଣିରେ କାର୍ଯ୍ୟରତ ଶ୍ରମିକ ୟୁନାଇଟେଡ ମାଇନ୍ସ ମଜଦୁର ୟୁନିୟନ (ସିଆଇଟିୟୁ) ନେତୃତ୍ୱରେ ଏଭଳି ସୁବିଧା ହାସଲ କରି ପାରିଛନ୍ତି। ଏହି ଦ୍ୱିପାକ୍ଷିକ ଚୁକ୍ତିନାମକୁ ୟୁନିୟନ ଐତିହାସିକ ପଦକ୍ଷେପ ବୋଲି କହିଛି। ଚୁକ୍ତି ମୁତାବକ ଯେଉଁ ଶ୍ରମିକ ପିସ ରେଟରେ କାମ କରୁଥିଲେ ସେମାନଙ୍କ ମଜୁରି ୩୨୨ଟଙ୍କା ୯୪ ପଇସା ଥିବାବେଳେ ଏଥିରେ ଦୈନିକ ୨୩ ଟଙ୍କା ବୃଦ୍ଧି ଘଟିଛି। ପୂର୍ବରୁ ଶ୍ରମିକମାନେ ଯେଉଁ ଭିଡିଏ ପାଉଥିଲେ ତାହା ପୂର୍ବଭଳି ପାଇବେ। ଠିକା ଶ୍ରମିକଙ୍କୁ ବାର୍ଷିକ ଘରଭଡ଼ା ବାବଦ ୩ ହଜାର ଟଙ୍କା ମିଳିବ। କାମ ନେଇଥିବା କମ୍ପାନୀ ପୂର୍ବପରି ଶ୍ରମିକଙ୍କୁ ସମସ୍ତ ସୁବିଧା ସୁଯୋଗ ପ୍ରଦାନ କରିବାକୁ ସହମତ ହୋଇଛି। କେହି ଠିକା ଶ୍ରମିକ ଦୁର୍ଘଟଣାରେ ମୃତ୍ୟୁବରଣ କଲେ ୫ଲକ୍ଷ ଟଙ୍କା କ୍ଷତିପୂରଣ ସହ ଇନ୍ସ୍ୟୁରାନ୍ସ ଅର୍ଥ ପାଇବେ। ଉତ୍ତରାଧିକାରୀଙ୍କୁ ଅନୁକମ୍ପାମୂଳକ ନିଯୁକ୍ତି ପ୍ରଦାନ କରାଯିବ। ସେହି ଅଞ୍ଚଳ ବାସିନ୍ଦାଙ୍କ ଚିକିତ୍ସା ସେବା ନିମନ୍ତେ ଉକ୍ତ ଠିକା ସଂସ୍ଥା କାଲଟା ଅଞ୍ଚଳ ପାଇଁ ୨ଟି ଏବଂ ରକ୍ସି ପାଇଁ ଗୋଟିଏ ଆମ୍ବୁଲାନ୍ସ ପ୍ରଦାନ କରିବ। ଏଥି ସହ ଶ୍ରମିକଙ୍କ ସ୍ୱାସ୍ଥ୍ୟ ସେବା ଦିଗରେ ଏହି କମ୍ପାନୀ ସୁବିଧା ଯୋଗାଇ ଦେବ। ଶ୍ରମିକମାନେ ସୁବିଧାରେ ଖଣି ଅଞ୍ଚଳକୁ ଯାତାୟାତ କରିବେ। ଏ ନେଇ ଠିକା ସଂସ୍ଥା ୭ଟି ବସ୍ ଯୋଗାଇଦେବ। ମୋଟାମୋଟି ଅଞ୍ଚଳର ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଆଦି କ୍ଷେତ୍ରରେ ଉକ୍ତ ସଂସ୍ଥା ସମ୍ପୂର୍ଣ୍ଣ ସହଯୋଗ କରିବ। ଏହି ଦ୍ୱିପାକ୍ଷିକ ଚୁକ୍ତିନାମାରେ ସିଆଇଟିୟୁ ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବିଷ୍ଣୁ ମହାନ୍ତି, ୟୁନିୟନର ଉପସାଧାରଣ ସମ୍ପାଦକ ପ୍ରମୋଦ ସାମଲ, ବଣାଇଁ ବିଧାୟକ ଲକ୍ଷ୍ମଣ ମୁଣ୍ଡା, ରାଜ୍ୟ ସମ୍ପାଦକ ବିମାନ ମାଇତି, ସମ୍ପାଦକ ପ୍ରଭାତ ପଣ୍ଡା, ହରିଶ ରାୟ, କୃଷ୍ଣ ବାରିକ, ଆନନ୍ଦମାସି ହରୋ, ରାଜେନ୍ଦ୍ର ସାମଲ, ଏମ୍.କେ. ସିଂ, ସହଦେବ ନାୟକ ପ୍ରମୁଖ ଦସ୍ତଖତ କରିଥିଲେ। ଚୁକ୍ତିନାମାରେ ଠିକା ସଂସ୍ଥା ପକ୍ଷରୁ ମୁଖ୍ୟ କାର୍ଯ୍ୟନିର୍ବାହୀ ସୌମ୍ୟରଞ୍ଜନ ସାମଲ, ଜେମ୍ସ ଯୋଶେଫ, ଏସ୍.ଏନ୍. ପତି, ଶରତ ରାମ, ପି.ସି. ମହାପାତ୍ର ଓ ରତ୍ନାକର ପ୍ରହରାଜ ପ୍ରମୁଖ ଦସ୍ତଖତ କରିଥିଲେ।



ସିଆଇଟିୟୁ ପକ୍ଷରୁ ମଜୁରି ଚୁକ୍ତିନାମା ସ୍ୱାକ୍ଷର ନେଇ ଆୟୋଜିତ ବୈଠକରେ ଉପସ୍ଥିତ ୟୁନିୟନ କର୍ମକର୍ତ୍ତା।

ବ୍ରାହ୍ମଣୀନାଲିରେ କମ୍ୟୁନିଟି ସେଣ୍ଟର ନିର୍ମାଣରେ ଦୁର୍ନୀତି

# ମୁହଁ ଖୋଲିବାରୁ ପୋଲିସ ଡରେଇଲା

**ସମ୍ବଲପୁର,୧୮।୮(ବ୍ୟୁରୋ)**

ଆମ ଗାଁ ଆମ ବିକାଶ ଯୋଜନାରେ ବ୍ୟାପକ ଟଙ୍କା ହେରଫେର ହୋଇଛି। ଏହାକୁ ନେଇ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ହେଲେ ଠିକାଦାରଙ୍କ ଅଭିଯୋଗ କ୍ରମେ ଗ୍ରାମବାସୀଙ୍କୁ ପୋଲିସ ଥାନାରେ ଅଟକ ରଖିଛି। ଏଭଳି ଘଟଣା ଘଟିଛି ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକ ବ୍ରାହ୍ମଣୀନାଲି ଗ୍ରାମରେ। ସନ୍ଧ୍ୟା ପର୍ଯ୍ୟନ୍ତ ଗ୍ରାମବାସୀ ଥାନାରେ ଅଟକ ରହିଥିଲେ ମଧ ଯୁଯୁମୁରା ପୋଲିସ ଓଲଟା ଗ୍ରାମବାସୀଙ୍କୁ ହଇରାଣ କରୁଥିବା ଅଭିଯୋଗ କରିଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ କ୍ରମେ ଆମ ଗାଁ ଆମ ବିକାଶ ଯୋଜନାରେ ବ୍ରାହ୍ମଣୀନାଲି ଗ୍ରାମକୁ କମ୍ୟୁନିଟି ସେଣ୍ଟର ନିର୍ମାଣ କରିବା ପାଇଁ ଆର୍ଥିକ ବର୍ଷ ୨୦୧୮-୧୯ରେ ୩ ଲକ୍ଷ ଟଙ୍କା ଅନୁଦାନ ଆସିଥିଲା। ଏହା ବିଭାଗୀୟ ଅଧିକାରୀ (ଜେଇ)ଙ୍କ ନାମରେ ହୋଇଛି। ହେଲେ ଏହି କାମଟି ନିମ୍ନମାନର ହେବା ସହ ଛାତ ବଦଳରେ ଆଜବେଷ୍ଟ ବ୍ୟବହାର କରି ଲକ୍ଷାଧିକ ଟଙ୍କାର ହେରଫେର କରାଯାଇଛି। ରବିବାର ଜଣେ ଯୁବକ କମ୍ୟୁନିଟି ସେଣ୍ଟର ଗୃହରେ ଥିବା ଲୁହା ଛଡ ଓ ସିମେଣ୍ଟ ନେଇ ପାଳାଉଥିଲେ। ଏହାକୁ ଲୋକେ ବିରୋଧ କରିଥିଲେ। ହେଲେ ଉକ୍ତ ଯୁବକ ଜୀବନରେ ମାରିଦେବାକୁ ଧମକଚମକ ଦେଇଥିଲେ। ଓଲଟା ସେ ଥାନାରେ ଗ୍ରାମବାସୀଙ୍କ ନାମରେ ଅଭିଯୋଗ କରିଛନ୍ତି ବୋଲି ଗ୍ରାମବାସୀମାନେ କହିଛନ୍ତି। ଏ ନେଇ ଜେଇ ଚିରଞ୍ଜିବୀ ନାଥଙ୍କୁ ପଚାରିବାରୁ ୩ ଲକ୍ଷ ଟଙ୍କାର ଅନୁଦାନ ଆସିଥିଲା। ୨୬୦ ସ୍କୋଆର୍ ଫୁଟରେ ଛାତ ସହ ଗୃହ ନିର୍ମାଣ କରିବା ପାଇଁ ବ୍ୟୟ ଅଟକଳ ରହିଥିଲା। କାମ ସଂପୂର୍ଣ୍ଣ ହୋଇ ସାରିଛି। ଟଙ୍କା ଉଠାଯାଇଛି। ହେଲେ ଆଜବେଷ୍ଟ ବ୍ୟବହାର ସମ୍ପର୍କରେ ପଚାରିବାରୁ ସନ୍ତୋଷଜନକ ଉତ୍ତର ନ ଦେଇ କଥା ଏଡାଇ ଦେଇଥିଲେ। ଏ ସମ୍ପର୍କରେ ଯୁଯୁମୁରା ଥାନା ଅଧିକାରୀ ରୀନା ବେହେରାଙ୍କୁ ପଚାରିବାରୁ ସେହି ଗ୍ରାମର ଜଣେ ଯୁବକ ଅଭିଯୋଗ କରିଥିଲେ। ଠିକା କାମ ଚାଲୁଥିବା ସମୟରେ ଜଣେ ଯୁବକ ନିଶାଶକ୍ତ ଅବସ୍ଥାରେ ଆସି ଗାଳିଗୁଲଜ କରିଥିଲେ। ତେଣୁ ଉକ୍ତ ଯୁବକଙ୍କୁ ଥାନାରେ ଆଣି କିଛି ସମୟ ଅଟକ ରଖି ପୁଣି ଛାଡି ଦିଆ ଯାଇଛି। ହେଲେ ଏହି ଘଟଣାରେ ସମସ୍ତ ଗ୍ରାମବାସୀ ଥାନାକୁ ଆସିବା ଚର୍ଚ୍ଚାର ବିଷୟ ହୋଇଛି।

■ ଗାନ୍ଧିଜୀଙ୍କ ୧୫୦ତମ ଜୟନ୍ତୀ ପ୍ରସ୍ତୁତି ବୈଠକ

# ଗାନ୍ଧୀ ବିଚାର ବଳରେ ବିଶ୍ୱଶାନ୍ତି ସମ୍ଭବ



ଗାନ୍ଧିଜୀଙ୍କ ୧୫୦ତମ ଜୟନ୍ତୀ ପ୍ରସ୍ତୁତି ବୈଠକରେ ଉପସ୍ଥିତ କର୍ମକର୍ତ୍ତା।

**ରାଉରକେଲା ଅଫିସ,୧୮।୮**

ଉତ୍କଳ ସର୍ବୋଦୟ ମଣ୍ଡଳ ଓ ନବଜୀବନ ମଣ୍ଡଳ ମିଳିତ ଅନୁକୂଲ୍ୟରେ ଜଗଦାଠାରେ ଏକ ବୈଠକ ଅନୁଷ୍ଠିତ ହୋଇଛି। ଉତ୍କଳ ନବଜୀବନ ମଣ୍ଡଳ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଏହି ବୈଠକରେ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ଜିଲା ସ୍ତରରେ ପାଳନ ନେଇ ଆଲୋଚନା କରାଯାଇଥିଲା। ଏଥିରେ ନବଜୀବନ ମଣ୍ଡଳ ସମ୍ପାଦକ ବୈଦ୍ୟନାଥ ଦାସ ଅଧ୍ୟକ୍ଷତା କରିଥିଲେ। ଉତ୍କଳ ସର୍ବୋଦୟ ମଣ୍ଡଳ ସମ୍ପାଦକ ରମାକାନ୍ତ ମଣ୍ଡଳ ଅତିଥି ପରିଚୟ ପ୍ରଦାନ କରି କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଅଖିଳ ଭାରତୀୟ ସର୍ବୋଦୟ ମଣ୍ଡଳ ପୂର୍ବତନ ସମ୍ପାଦକ ବିଜୟ ଭାଇ କହିଥିଲେ ଗାନ୍ଧୀ ବିଚାର ବଳରେ ବିଶ୍ୱଶାନ୍ତି ସମ୍ଭବ। ଗାନ୍ଧିଜୀଙ୍କ ରଚନାତ୍ମକ କାର୍ଯ୍ୟକ୍ରମ, ଅସ୍ପୃଶ୍ୟତା ନିବାରଣ, ନିଶା ନିବାରଣ, ସାମ୍ପ୍ରଦାୟିକ ସଦ୍‌ଭାବ, କୁଟିରଶିଳ୍ପର ଉନ୍ନତି, ଗ୍ରାମସଭାକୁ ଗୁରୁତ୍ୱ ଓ ଶିକ୍ଷାର ପ୍ରସାର ଦ୍ୱାରା ଏକ ସୁନ୍ଦର ଭାରତ ଗଠନ ସମ୍ଭବ ହୋଇପାରିବ ବୋଲି ଏଥିରେ କୁହାଯାଇଥିଲା। ଗାନ୍ଧିଜୀଙ୍କ ଜନ୍ମ ଦିବସକୁ ବିଶ୍ୱ ଅହିଂସା ଦିବସ ରୂପେ ପାଳନ କରୁଛି। ସତ୍ୟ ଓ ଅହିଂସା ଭଳି ବିକଳ୍ପ ଅସ୍ତ୍ର ନାହିଁ ଯାହା ବିଶ୍ୱଶାନ୍ତି ଆଣିବାରେ ସହାୟକ ହେବ। ଏଣୁ ପ୍ରତ୍ୟେକ ନାଗରିକ ଗାନ୍ଧୀ ବିଚାରଧାରାରେ ଅନୁପ୍ରାଣିତ ହେବାକୁ ଉତ୍କଳ ସର୍ବୋଦୟ ମଣ୍ଡଳ ସଭାପତି କୈଳାସ ସାହୁ, ପୂର୍ବତନ ସଭାପତି ନାରାୟଣ ଦାସ, ବ୍ରଜ ସୁନ୍ଦର ଦାସ, କରୁଣାକର ସାହୁ, ଭାରତୀ ନାୟକ ଓ ସଞ୍ଜୀବ ମହାନ୍ତି ପ୍ରମୁଖ ଆହ୍ୱାନ ଦେଇଥିଲେ। ସ୍କୁଲ କଲେଜ ଛାତ୍ରୀଛାତ୍ରଙ୍କ ସମେତ ଆଜିର ଯୁବପିଢ଼ିଙ୍କ ନିକଟରେ ଗାନ୍ଧୀ ବିଚାର ପହଞ୍ଚାଇବା ନିମନ୍ତେ ବ୍ୟାପକ କାର୍ଯ୍ୟକ୍ରମ ଆୟୋଜନ କରାଯିବାକୁ ଏଥିରେ ନିଷ୍ପତ୍ତି ନିଆଯାଇଛି। ଏହାକୁ ସାକାର ରୂପେ ଦେବା ପାଇଁ ଏକ ୧୦ ଜଣିଆ କମିଟି ଗଠନ କରାଯାଇଛି। ଶେଷରେ ସୁନନ୍ଦା ବରାଳ ଧନ୍ୟବାଦ ପ୍ରଦାନ କରିଥିଲେ।

# ଚକ୍ରଧରପୁର ରେଲୱେ ଡିଭିଜନ ପରାମର୍ଶଦାତା କମିଟି ବୈଠକ

**ରାଉରକେଲା ଅଫିସ,୧୮।୮**

ଚକ୍ରଧରପୁର ରେଲୱେ ଡିଭିଜନ ପରାମର୍ଶଦାତା କମିଟି ବୈଠକ ଶୁକ୍ରବାର ଡିଭିଜନାଲ ରେଲୱେ ମ୍ୟାନେଜର (ଡିଆର୍‌ଏମ୍) ଛତ୍ରଶାଲ ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ଚକ୍ରଧରପୁରଠାରେ ଅନୁଷ୍ଠିତ ଏହି ବୈଠକରେ ଡିଭିଜନର ସିନିୟର ଡିସିଏମ୍ ମନୀଷ ପାଠକ, ଡିସିଏମ୍ ସୌଗତ ମିତ୍ର ଓ ମୁଖ୍ୟ ଚିକିତ୍ସାଧିକ୍ଷକ ଏସ୍.କେ. ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ରାଉରକେଲା ରେଳ ଓ ସଡ଼କ ଉପଯୋଗକାରୀ ସଂଘ ସମ୍ପାଦକ ଅମୂଲ୍ୟ ବରାଳ ଓ ଡା. ବସନ୍ତ ଦାସ, ରାଉରକେଲା ବଣିକ ସଂଘ କର୍ମକର୍ତ୍ତା ରାଜେଶ ଗର୍ଗ ଯୋଗଦେଇ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ବରାଳ ଅଭିଯୋଗ କରି କହିଥିଲେ ଯେ ରାଉରକେଲା-ଭୁବେନେଶ୍ୱର ଇଣ୍ଟରସିଟି ସୁପରଫାଷ୍ଟ ଏକ୍ସପ୍ରେସ ଫେରିବାରେ ଅହେତୁକ ବିଳମ୍ବ ଯୋଗୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏହା ବିଳମ୍ବିତ ରାତିରେ ରାଉରକେଲାରେ ପହଞ୍ଚୁଥିବାରୁ ଯାତ୍ରୀ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ତେବେ ୩ୟ ଲାଇନ କାମ ନ ସରିବା ଯାଏ ଏହି ସମସ୍ୟା ଲାଗି ରହିବ ବୋଲି ଡିଆର୍‌ଏମ୍ କହିଥିଲେ। ୩ୟ ରେଳ ଲାଇନ କାର୍ଯ୍ୟ ଆରମ୍ଭ ନେଇ ଜବରଦଖଲ ଏକ ପ୍ରମୁଖ ସମସ୍ୟା ଭାବେ ଉଭା ହୋଇଥିବା ଏଥିରେ କୁହାଯାଇଥିଲା। ସମସ୍ତଙ୍କ ସହଯୋଗ ରହିଲେ ଏହି କାର୍ଯ୍ୟ ସମ୍ପନ୍ନ କରିବାରେ ବିଳମ୍ବ ହେବ ନାହିଁ ବୋଲି ଡିଆର୍‌ଏମ୍ ଆଶା ବ୍ୟକ୍ତ କରିଥିଲେ। ଏ ଦିଗରେ ରେଲୱେ କର୍ତ୍ତୃପକ୍ଷଙ୍କ ଗୁରୁଦାୟିତ୍ୱକୁ ସଂଘ ମନେପକାଇ କହିଥିଲା ଯେ ଜିଲା ପ୍ରଶାସନକୁ ଏ ନେଇ ସହଯୋଗ ଆବଶ୍ୟକ। ଏ ଦିଗରେ କର୍ତ୍ତୃପକ୍ଷ ସକାରାତ୍ମକ ପଦକ୍ଷେପ ନିଅନ୍ତୁ ବୋଲି ସଂଗଠନ କର୍ମକର୍ତ୍ତା ପ୍ରକାଶ କରିଥିଲେ। ଏହି ଅବସରରେ ଇଣ୍ଟରସିଟି ଟ୍ରେନ କଟକ ଦେଇ କିପରି ଚାଲିବ ସେ ଦିଗରେ ପଦକ୍ଷେପ ନେବାକୁ ସଂଘ କର୍ମକର୍ତ୍ତା ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। କେନ୍ଦୁଝର ଦେଇ ନବନିର୍ମିତ ରେଳପଥରେ ଟ୍ରେନ ଚଳାଚଳ କରାଯିବା, ପୁରୀ-ବଡ଼ବିଲ-ରାଉରକେଲା ଏକ୍ସପ୍ରେସରେ ଯାତ୍ରୀ ସମସ୍ୟା ଦୂର କରିବା, ରାଞ୍ଚି-ନୂଆଦିଲ୍ଲୀ ଗରିବ ରଥକୁ ରାଉରକେଲା ସମ୍ପ୍ରସାରଣ ନେଇ ସଂଘ କର୍ମକର୍ତ୍ତା ଯୁକ୍ତି ଉପସ୍ଥାପନ କରିଥିଲେ। ରାଉରକେଲାରେ ଗରିବ ରଥ ପହଞ୍ଚିବା ସମୟ ରାତି ୧୧ଟା ୪୦ ପରିବର୍ତ୍ତେ ୧୦ଟା ରଖାଯାଉ ବୋଲି ଏଥିରେ ଦାବି କରାଯାଇଥିଲା। ତପସ୍ୱିନୀ ଏକ୍ସପ୍ରେସ ରାଉରକେଲାରେ ସନ୍ଧ୍ୟା ୬ଟା ୧୫ ପରିବର୍ତ୍ତେ ରାତି ସାଢ଼େ ୮ଟାରେ ଚଳାଯିବାକୁ ଦାବି ଉପସ୍ଥାପନ କରାଯାଇଥିଲା। ହାଓଡ଼ା-ଟିଟିଲାଗଡ଼ ଏକ୍ସପ୍ରେସକୁ ସମ୍ବଲପୁର ଜଙ୍କଶନ ଷ୍ଟେଶନରେ ବଲାଙ୍ଗୀର-ଭୁବନେଶ୍ୱର ଏକ୍ସପ୍ରେସ ସହିତ ସଂଯୋଗ କରିବାକୁ କୁହାଯାଇଥିଲା। ରାଜ୍ୟରାଣୀ ତଥା ଭୁବନେଶ୍ୱରଗାମୀ ସମସ୍ତ ଟ୍ରେନରେ ଅଧିକ ଏସି ବଗି ସଂଯୋଗ ନେଇ ପ୍ରସ୍ତାବ ଦିଆଯାଇଥିଲା। ଏହି ଅବସରରେ ସଂଗଠନ ପକ୍ଷରୁ ରାଉରକେଲାକୁ ଭୁବନେଶ୍ୱର ପଟୁ ଦ୍ୱିତୀୟ ଇଣ୍ଟରସିଟି ଚଳାଇବାକୁ ଦାବି କରାଯାଇଥିଲା। ବୈଠକରେ ରାଉରକେଲା ରେଳ ଷ୍ଟେଶନର ୬ନଂ ପ୍ଲାଟଫର୍ମ ଓ ର୍‍ୟାମ୍ପ ନିର୍ମାଣ ନେଇ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଷ୍ଟେଶନର ଉଭୟ ପାର୍ଶ୍ୱରେ ପାର୍କିଂ ଏରିଆ ସମ୍ପ୍ରସାରଣ କରିବାକୁ କୁହାଯାଇଥିଲା। ସବୁ ପ୍ଲାଟଫର୍ମରେ ଛାତ ନର୍ମାଣ, ଟର୍ମିନେଟିଂ ସୁବିଧା ସହ ୟାର୍ଡ ନିର୍ମାଣ ଓ ୱାଶିଂ ଲାଇନ ସୁବିଧା କରିବାକୁ ସଂଗଠନ କର୍ମକର୍ତ୍ତା ଦାବି କରିଥିଲେ। ଏ ନେଇ ଉଚ୍ଚ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରି ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ଡିଆର୍‌ଏମ୍ ସିଂ କହିଛନ୍ତି।

## ଦ.ପୂ. ରେଲୱେ ମଜଦୁର ସଂଘର ବୈଠକ

**ରାଉରକେଲା ଅଫିସ,୧୮।୮:** ଦକ୍ଷିଣ-ପୂର୍ବ ରେଲୱେ ମଜଦୁର ସଂଘ ବୈଠକ ରବିବାର ରାଉରକେଲା ରେଲୱେ କଲୋନୀସ୍ଥିତ ବିଡବ୍ଲ୍ୟୁଆଇ (ଇଞ୍ଜିନିୟରିଂ ବିଭାଗ) କାର୍ଯ୍ୟାଳୟ ସମ୍ମୁଖରେ ଅନୁଷ୍ଠିତ ହୋଇଛି। ଏଥିରେ ସଂଗଠନର କେନ୍ଦ୍ରୀୟ ଉପାଧ୍ୟକ୍ଷ ଡ. ସୁବାସ ଲେଙ୍କା ଅଧ୍ୟକ୍ଷତା କରିଥିଲେ। ଚକ୍ରଧରପୁର ରେଳ ମଣ୍ଡଳ ସଂଘ ସଂଯୋଜକ ଏ.କେ. ଝା ମଞ୍ଚ ପରିଚାଳନା କରିଥିଲେ। ଏଥିରେ କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯିବା ସହ ଏହାର ସମାଧାନ ଦିଗରେ ଆବଶ୍ୟକ ପଦକ୍ଷେପ ପ୍ରତି ସଂଘ ଦୃଷ୍ଟି ଦେବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। କେତେକ ବିଭାଗରେ କାର୍ଯ୍ୟରତ କର୍ମଚାରୀଙ୍କୁ ଉଚିତ ବା ନିୟମାନୁସାରେ ପଦୋନ୍ନତି ମିଳୁ ନ ଥିବାରୁ ଅସନ୍ତୋଷ ବ୍ୟକ୍ତ କରାଯାଇଥିଲା। ସଞ୍ଜୟ କୁମାର, ମହେଶ୍ୱର କୁମାର ଓ ରୁଦ୍ର ପ୍ରତାପ ପ୍ରମୁଖ ଆଲୋଚନା କରି କର୍ମଚାରୀଙ୍କ ସମସ୍ୟା ସମାଧାନ ନେଇ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ଡ. ଲେଙ୍କା କର୍ମଚାରୀଙ୍କୁ କହିଥିଲେ, ୟୁନିୟନ ବିଜୟ ଲାଭ କଲେ କର୍ମଚାରୀଙ୍କ ସମସ୍ୟା ପ୍ରତି ତତ୍କାଳ ଦୃଷ୍ଟି ଦିଆଯିବ। ରେଲୱେ କ୍ଷେତ୍ରରେ ଦୀର୍ଘଦିନ ଧରି ବିଜୟ ହାସଲ କରି ଆସୁଥିବା ସଂଗଠନ କେବେ କର୍ମଚାରୀଙ୍କ ସ୍ୱାର୍ଥ ପ୍ରତି ଦୃଷ୍ଟି ଦେଇ ନ ଥିବା ଲେଙ୍କା ଅଭିଯୋଗ କରିଥିଲେ। ଦକ୍ଷିଣ-ପୂର୍ବ ରେଲୱେ ମଜଦୁର ସଂଘ କ୍ଷମତାକୁ ଆସିଲେ କର୍ମଚାରୀ ସମସ୍ୟାକୁ ଅଗ୍ରାଧିକାର ଦେବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଥିଲେ।

# ନିଷ୍ଠା ପକ୍ଷରୁ କ୍ୱେଷ୍ଟ-୨୦୧୯ ପ୍ରଥମ ପର୍ଯ୍ୟାୟ ପ୍ରତିଯୋଗିତା

**ରାଉରକେଲା ଅଫିସ,୧୮।୮**

ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ନିଷ୍ଠା ପକ୍ଷରୁ କ୍ୱେଷ୍ଟ-୨୦୧୯ ଅନ୍ତର୍ଗତ ପ୍ରଥମ ପର୍ଯ୍ୟାୟ କୁଇଜ ପ୍ରତିଯୋଗିତା ରବିବାର ଡିଏଭି ପବ୍ଲିକ ସ୍କୁଲ ସେକ୍ଟର-୧୬ଠାରେ ଅନୁଷ୍ଠିତ ହୋଇଛି। ଏଥିରେ ବିଭିନ୍ନ ବିଦ୍ୟାଳୟର ୧୮ଟି ଗ୍ରୁପ୍ ଭାଗ ନେଇଥିଲା। ଏମାନଙ୍କ ମଧ୍ୟରୁ ଶ୍ରେଷ୍ଠ ୧୦ଟି ଗ୍ରୁପ ଦ୍ୱିତୀୟ ପର୍ଯ୍ୟାୟକୁ ଉନ୍ନୀତ ହୋଇଛନ୍ତି। ଆସନ୍ତା ରବିବାର ଆଉ ଏକ ଲିଖିତ ପରୀକ୍ଷା କରାଯିବ। ଏମାନଙ୍କ ମଧ୍ୟରୁ ଶ୍ରେଷ୍ଠ ୫ ଟିମ୍ ଚୟନ କରାଯିବ। ଆସନ୍ତା ସେପ୍ଟେମ୍ବର ୮ରେ ଏହି ଗ୍ରୁପ୍ ସଦସ୍ୟଙ୍କୁ ନେଇ ସିଭିକ ସେଣ୍ଟରରେ ଗ୍ରାଣ୍ଡ ଫିନାଲେ ଅନୁଷ୍ଠିତ ହେବ ବୋଲି ସଂଗଠନ ପକ୍ଷରୁ ଏକ ବିବୃତିରେ କୁହାଯାଇଛି।



ନିଷ୍ଠା ପକ୍ଷରୁ ଆୟୋଜିତ ପ୍ରତିଯୋଗିତାରେ ଉପସ୍ଥିତ କର୍ମକର୍ତ୍ତା ଓ ପ୍ରତିଯୋଗୀ।

# ଭାରତୀୟ ଅର୍ଥନୀତିକୁ ସାକାର ରୂପ ଦେବ ଏସ୍‌ବିଆଇ

**ରାଉରକେଲା ଅଫିସ,୧୮।୮**

ଜାତୀୟ ସ୍ତରରେ ଅଗ୍ରାଧିକାର ସହ ବ୍ୟାଙ୍କଗୁଡ଼ିକର କାର୍ଯ୍ୟଧାରା ମେଳ ଖୁଆଇବା ପାଇଁ ଏକ କର୍ମଶାଳା ଅଗଷ୍ଟ ୧୭ ଓ ୧୮ ଦୁଇଦିନ ଧରି ଭାରତୀୟ ଷ୍ଟେଟ୍ ବ୍ୟାଙ୍କ (ଏସ୍‌ବିଆଇ) ରାଉରକେଲା ଆଞ୍ଚଳିକ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଛି। ଏଥିରେ ସୁନ୍ଦରଗଡ଼ ଜିଲାର ସମସ୍ତ ଶାଖା ପ୍ରବନ୍ଧକ ଯୋଗଦେଇଥିଲେ। ଏହି ଅବସରରେ ସେମାନଙ୍କ ପ୍ରଦର୍ଶନର ସମୀକ୍ଷା କରାଯାଇଥିଲା। ଆଗାମୀ ଦିନରେ ସେବା ପ୍ରଦାନ କ୍ଷେତ୍ରରେ ନୂଆ ରଣନୀତି ଉପରେ ବିଚାର ଆଲୋଚନା କରାଯାଇଥିଲା। ଏଭଳି ପ୍ରକ୍ରିୟା ପ୍ରଥମଥର ପାଇଁ ଆରମ୍ଭ କରାଯାଇଛି। ଏଥିରେ ବ୍ୟାଙ୍କ ପରିଚାଳକମାନେ ନିଜ ପ୍ରଦର୍ଶନ ଉପରେ ଆଲୋକପାତ କରିଥିଲେ। ବୈଠକରେ ବରିଷ୍ଠ ନାଗରିକ, ଚାଷୀ, କ୍ଷୁଦ୍ର ବ୍ୟବସାୟୀ, ଯୁବ, ଛାତ୍ର ଓ ମହିଳାଙ୍କ ଚାହିଦା ଅନୁସାରେ ବ୍ୟାଙ୍କିଙ୍ଗ ବ୍ୟବସ୍ଥାକୁ ନାଗରିକ କୈନ୍ଦ୍ରୀକ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ସମ୍ପ୍ରତି ପ୍ରତିଯୋଗିତାମୂଳକ ପରିସ୍ଥିତିକୁ ନଜରରେ ରଖି ବିଶେଷଜ୍ଞଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଥିବା ୯ଟି ବିଷୟ ଉପରେ ଧ୍ୟାନ ଦେବାକୁ ନିଷ୍ପତ୍ତି ହୋଇଛି। ରାଷ୍ଟ୍ରାୟତ୍ତ କ୍ଷେତ୍ର ବ୍ୟାଙ୍କ (ପିଏସ୍‌ବିରେ) ସୁଧାର ଓ ଭବିଷ୍ୟତ ଉପରେ ଏଥିରେ ଆଲୋଚନା କରାଯାଇଥିଲା। ବ୍ୟାଙ୍କ ଅଧିକାରୀ ନନ୍ଦନ ନୀଲକାନୀଙ୍କ ଦ୍ୱାରା ଡିଜିଟାଲ ପେମେଣ୍ଟରେ ବୃଦ୍ଧି, ଉଦୟ କୋଟାକଙ୍କ ଦ୍ୱାରା ରାଷ୍ଟ୍ରାୟତ୍ତ ବ୍ୟାଙ୍କରେ କର୍ପୋରେଟ ଶାସନ ପ୍ରଣାଳୀ, ୟୁ.କେ. ସିହ୍ନାଙ୍କ ଦ୍ୱାରା ଭାରତର ସୂକ୍ଷ୍ମ, ମଧ୍ୟମ ଓ ଲଘୁ ଉଦ୍ୟୋଗୀଙ୍କ ନିମନ୍ତେ ଋଣ ବ୍ୟବସ୍ଥା, କେ. ସୁବ୍ରମଣ୍ୟମଙ୍କ ଦ୍ୱାରା ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକରେ ଟେକ୍ନୋଲୋଜିର ଉପଯୋଗ, ଆଦିତ୍ୟ ପୁରୀଙ୍କ ଦ୍ୱାରା ଖୁଚୁରା ଋଣ ଏକ ବଡ଼ ସୁଯୋଗ, ରମେଶ ଚାନ୍ଦ ଓ ଏଚ୍.କେ. ଉନବାଲାଙ୍କ ଦ୍ୱାରା କୃଷି ଋଣ, ଡାଭିଡ୍ ରସକ୍ୟୁନାଙ୍କ ଦ୍ୱାରା ଭାରତର ରପ୍ତାନୀ ଋଣ, ଡ. ଚରଣ ସିଂଙ୍କ ଦ୍ୱାରା ବିତ୍ତୀୟ ଗ୍ରୀଡ୍ ସ୍ଥାପନ କରିବାର ଆବଶ୍ୟକତା ଏବଂ ସୌମ୍ୟକାନ୍ତି ଘୋଷଙ୍କ ଦ୍ୱାରା ୫ ଟ୍ରିଲିୟନ ଡଲାର ଅର୍ଥନୀତି ପାଇଁ ବ୍ୟାଙ୍କଗୁଡ଼ିକୁ ସକ୍ଷମ କରିବା ଉପରେ ଭିତ୍ତି ପ୍ରବନ୍ଧ ପାଠ କରାଯାଇଥିଲା। କର୍ମଶାଳାରେ ବ୍ୟାଙ୍କର ପ୍ରଦର୍ଶନ ଓ ରାଷ୍ଟ୍ରୀୟ ପ୍ରାଥମିକତା ନିମ୍ନ କ୍ଷେତ୍ରରେ କିପରି ସଂଯୋଗ ହୋଇପାରିବ ସେ ନେଇ ସମୀକ୍ଷା କରାଯାଇଥିଲା। ଆର୍ଥିକ ବିକାଶ ପାଇଁ ଋଣ ପ୍ରଦାନ, ଶିଳ୍ପ ଭିତ୍ତିଭୂମି ପ୍ରସ୍ତୁତି, କୃଷି କ୍ଷେତ୍ର ଏବଂ ଜଳଜ ଅର୍ଥ ବ୍ୟବସ୍ଥା, ଜଳ ଶକ୍ତି, ଲଘୁ ଉଦ୍ୟୋଗ, ମୁଦ୍ରା ଋଣ, ଶିକ୍ଷା ଋଣ, ରପ୍ତାନୀ ଋଣ, ସବୁଜ ଅର୍ଥନୀତି, ସ୍ୱଚ୍ଛ ଭାରତ, ମହିଳା ଶସକ୍ତୀକରଣ, ପ୍ରତ୍ୟକ୍ଷ ଲାଭ ଅନ୍ତରଣ, କମ୍ ନଗଦି, ଡିଜିଟାଲ ଅର୍ଥ ବ୍ୟବସ୍ଥା, କାର୍ଯ୍ୟ ସମ୍ପାଦନରେ ସହଜତା, ଜୀବନଶୈଳୀରେ ସହଜତା ଓ ସ୍ଥାନୀୟ ପ୍ରାଥମିକତା ନେଇ ବ୍ୟାପକ ଚର୍ଚ୍ଚା କରାଯାଇଥିଲା। ଅନେକ ନୂତନତା ତଥା ଅଭିନବ ଚିନ୍ତା ପ୍ରକାଶ ପାଇଥିଲା। ଷ୍ଟେଟ ବ୍ୟାଙ୍କ କିପରି ଅଧିକ ଲୋକାଭିମୁଖୀ ସେବା ଯୋଗାଇ ଦେଇପାରିବ, ଗ୍ରାହକ ସନ୍ତୁଷ୍ଟିକୁ ଅଗ୍ରାଧିକାର ଦେବ, ଭବିଷ୍ୟତ କର୍ମପନ୍ଥାରେ ତ୍ୱରିତ ବ୍ୟବସ୍ଥା ଲାଗୁ କରାଯିବ ସେ ନେଇ ସବିଶେଷ ଆଲୋଚନା କରାଯାଇଥିଲା। ପ୍ରସ୍ତାବଗୁଡ଼ିକର ଅଧିକ ତର୍ଜମା ନିମନ୍ତେ ଏହାକୁ କ୍ଷେତ୍ରୀୟ କାର୍ଯ୍ୟାଳୟ ତଥା ଅଧିକାରୀଙ୍କ ନିମନ୍ତେ ପଠାଯାଇଛି। ପରବର୍ତ୍ତୀ ପର୍ଯ୍ୟାୟରେ ଏହାକୁ ଜାତୀୟ ସ୍ତରରେ କାର୍ଯ୍ୟକାରୀ କରାଯିବ ବୋଲି ସୂଚନା ଦିଆଯାଇଛି। କାର୍ଯ୍ୟକ୍ରମକୁ ଉପ ମାହାପ୍ରବନ୍ଧକ ରବୀନ୍ଦ୍ର ତ୍ରିବେଦୀ ଓ ଆଞ୍ଚଳିକ ପ୍ରବନ୍ଧକ ପ୍ରଣତି ଶତପଥୀ ପରିଚାଳନା କରିଥିଲେ।




ବିଭିନ୍ନ ଯୋଜନା ନେଇ ଏସ୍‌ବିଆଇ ପକ୍ଷରୁ ଆୟୋଜିତ କର୍ମଶାଳାରେ ଉପସ୍ଥିତ ଅଧିକାରୀ।



“ପରର ମଙ୍ଗଳ କରିବା ସବୁଠାରୁ ବଡ ଧର୍ମ। ଅନ୍ୟକୁ କଷ୍ଟ ଦେବା ସବୁଠାରୁ ବଡ ପାପ।
- ସନ୍ଥ ତୁଳସୀ ଦାସ



## ସଂକ୍ଷେପରେ

### ସୁନ୍ଦରଗଡ଼ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଗଙ୍ଗାଧର ଜୟନ୍ତୀ

ସୁନ୍ଦରଗଡ଼,୧୮।୮(ଡି.ଏନ୍.ଏ.) ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଭାଷାପ୍ରୀତି ଓ ଜାତିପ୍ରେମର ପଟାନ୍ତର ନାହିଁ । ତାଙ୍କର କାବ୍ୟ କବିତା କାହାରି ସହିତ ତୁଳନୀୟ ନୁହେଁ। ନିର୍ଦ୍ଦିଷ୍ଟ ମୂଲ୍ୟବୋଧ ଓ ଆଦର୍ଶରେ ତାଙ୍କର କାବ୍ୟକୃତି ସବୁ ବର୍ଗଙ୍କ ପାଇଁ ମର୍ମସ୍ପର୍ଶୀ ବୋଲି ସୁନ୍ଦରଗଡ଼ ଜିଲା ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଆୟୋଜିତ ଗଙ୍ଗାଧର ମେହେର ଜୟନ୍ତୀ ସମାରୋହରେ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି। ସ୍ଥାନୀୟ ସଦର ବ୍ଲକ କିରେଇ ପ୍ରାଥମିକ ବିଦ୍ୟାଳୟଠାରେ ସଂଘର ଜିଲା ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ସୁଆରଙ୍କ ଅଧକ୍ଷତାରେ ଅନୁଷ୍ଠିତ ସମାରୋହରେ ସାରସ୍ୱତ ସାଧକ ଦିବ୍ୟ ଲୋଚନ ପଶାୟତ ଯୋଗଦେଇ ଗଙ୍ଗାଧର ମେହେର ଏବଂ ବଳବଦ୍ରଙ୍କ ଫଟୋ ଚିତ୍ରରେ ପ୍ରଦୀପ ପ୍ରଜ୍ଜ୍ୱଳନ କରି ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ସେ ତାଙ୍କ ବକ୍ତବ୍ୟରେ ଗଙ୍ଗାଧରଙ୍କ ଭାଷା ଓ ଜାତିପ୍ରେମ କବିତାରେ କିପରି ଫୁଟି ଉଠୁଛି ସେ ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧରେ ସବିତା ନାଏକ, ସବିତା ପଟେଲ, ସବିତା ସାହୁ , ସବିତା ରାଣୀ ସାହୁ, ପ୍ରଦୀପ ଧୁରୁଆ, ସୁଶାନ୍ତ ନାଏକ, ଲତିକା ଗର୍ଡିଆ, ଧନମତି କମାର ପ୍ରମୁଖ ଯୋଗଦେଇ ସ୍ୱଭାବ କବି ଗଙ୍ଗଧରଙ୍କ ସାହିତ୍ୟକୃତିର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ।



### ବାଜପେୟୀଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ପାଳିତ

ସୁନ୍ଦରଗଡ଼,୧୮।୮(ଡି.ଏନ୍.ଏ.): ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ଜିଲା ଭାଜପା ପକ୍ଷରୁ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଛି । ଏହି ଅବସରରେ ଭାଜପା ଜିଲା କାର୍ଯ୍ୟାଳୟଠାରେ ଜିଲା ସଭାପତି ବଟ କିଶୋର ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ପୂର୍ବତନ କେନ୍ଦ୍ର ମନ୍ତ୍ରୀ ତଥା ସୁନ୍ଦରଗଡ଼ ଏମ୍‌ପି ଜୁଏଲ ଓରାମ୍, ତଳସରା ବିଧାୟକ ଭବାନୀ ଶଙ୍କର ଭୋଇ ,ସୁନ୍ଦରଗଡ଼ ବିଧାୟିକା କୁସୁମ ଟେଟେ, ବୀରମିତ୍ରପୁର ବିଧାୟକ ଶଙ୍କର ଓରାମ, ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ସହଦେବ ଖାଖା, ଜିଲା ଉପସଭାପତି ସୁରେଶ ପଟେଲ, ଗିରୀଶ ଚନ୍ଦ୍ର ସାହୁ, ସୁରେନ୍ଦ୍ର ସ୍ୱର୍ଣ୍ଣକାର, ଡା.ହିମାଂଶୁ ଶେଖର ଷଡଙ୍ଗୀ, ଜିଲା ପରିଷଦ ସଭ୍ୟ ସୁଖଲାଲ ମୁଣ୍ଡା, ଶ୍ରଦ୍ଧାକର ସାନୁଏନ୍, ଭେଷଜ ରଥ, ଜିଲା ସାଧାରଣ ସମ୍ପାଦକ ବିକାଶ ନାରାୟଣ ନାଏକ ପ୍ରମୁଖ ଯୋଗଦେଇ ବାଜପେୟୀଙ୍କ ଜୀବନୀ, ତାଙ୍କର ବଳିଷ୍ଠ ରାଜନୈତିକ ନେତୃତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ସମସ୍ତେ ଏକାଠି ହୋଇ ତାଙ୍କର ଅଧୁରା ସ୍ୱପ୍ନକୁ ପୂରଣ କରିବାକୁ କର୍ମକର୍ତ୍ତା ଆହ୍ୱାନ ଦେଇଥିଲେ।

### ସୁନ୍ଦରଗଡ଼ ଜିଲାରେ ଲଗାଣ ବର୍ଷା

# ବ୍ରାହ୍ମଣୀ, କୋଏଲ, ଇବ୍‌ରେ ବଢୁଛି ପାଣି

ସୁନ୍ଦରଗଡ଼,୧୮।୮(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲାରେ ଶନିବାର ରାତିରୁ ଲାଗି ରହିଥିବା ଲଗାଣ ବର୍ଷା ଯୋଗୁ ଜିଲାରେ ପ୍ରବାହିତ ନଦୀ, ନାଳ ଗୁଡିକରେ ଜଳ ପତ୍ତନ ବୃଦ୍ଧି ପାଇବାରେ ଲାଗିଛି। ଜିଲାରେ ପ୍ରବାହିତ ବ୍ରାହ୍ମଣୀ, କୋଏଲ, ଶଙ୍ଖ, ଇବ୍, ସଫେଇ, ଇଛା ଓ ବସୁନ୍ଧରା ନଦୀରେ ବନ୍ୟାଜଳ ଆସିବାରୁ ଏହାର ତଟବର୍ତ୍ତୀ ଅଞ୍ଚଳରେ ଥିବା ଚାଷ ଜମି ଓ ଘରଦ୍ୱାର ପ୍ରଭାବିତ ହୋଇଛି । ସୁନ୍ଦରଗଡ଼ ଜିଲା ଲାଇଙ୍ଗ ନିକଟସ୍ଥ କୋଏଲ ନଦୀରେ ହୋଇଥିବା ମନ୍ଦିରା ଡ୍ୟାମ୍‌ର ପଛୁଆ ପାଣିରେ କୁଆଁରମୁଣ୍ଡା ବ୍ଲକର କୁନ୍‌ମୁଣ୍ଡ୍ରା ଗ୍ରାମ ପ୍ରଭାବିତ ହୋଇଛି । ଗାଁରେ ଡ୍ୟାମ ପାଣି ପଶିଯିବାରୁ ଗ୍ରାମର ୬ଟି ପରିବାରର ୩୯ଜଣଙ୍କୁ ସୁରକ୍ଷିତ ସ୍ଥାନକୁ ପ୍ରଶାସନ ପକ୍ଷରୁ ସ୍ଥାନାନ୍ତର କରାଯାଇଛି । ସେମାନଙ୍କୁ ସ୍ଥାନୀୟ ବିଦ୍ୟାଳୟରେ ରଖାଯାଇ ଶୁଖିଲା ଖାଦ୍ୟ ପ୍ରଦାନ କରାଯାଇଥିବା ଜିଲା ଜରୁରିକାଳୀନ ବିଭାଗ ପକ୍ଷରୁ କୁହାଯାଇଛି। ମିଳିଥିବା ସୂଚନା ମୁତାବକ ଜିଲାରେ ରବିବାର ସକାଳ ୯ଟା ସୁଦ୍ଧା ରେକର୍ଡ ହୋଇଥିବା ବର୍ଷାର ପରିମାଣ ମୋଟ ୧୦୭୫.୨ ମିଲିମିଟର ହୋଇଛି । ହାରାହାରି



ଲାଇଙ୍ଗ ନିକଟସ୍ଥ ଥିବା ମନ୍ଦିରା ଡ୍ୟାମ୍‌ର ୭ଟି ଗେଟରୁ ବନ୍ୟା ଜଳ ନିଷ୍କାସନ କରାଯାଉଛି।

**ଜିଲାରେ ବନ୍ୟା ଆଶଙ୍କା**

- ମନ୍ଦିରା ଡ୍ୟାମ୍ ପଛୁଆ ପାଣି କୁନ୍‌ମୁଣ୍ଡ୍ରା ଗ୍ରାମରେ ପଶିଲା
- ୬ ପରିବାରର ୩୯ ଲୋକଙ୍କୁ ସ୍କୁଲକୁ ସ୍ଥାନାନ୍ତର
- କୁଆଁରମୁଣ୍ଡା, ହେମଗିର ବ୍ଲକରେ ସର୍ବାଧିକ ବୃଷ୍ଟିପାତ

ବୃଷ୍ଟିପାତ ୬୩.୨୫ ରହିଛି। ଜିଲାର ୧୭ଟି ବ୍ଲକ ମଧ୍ୟରୁ କୁଆଁରମୁଣ୍ଡା ବ୍ଲକରେ ସର୍ବାଧିକ ୧୭୦ ମି.ମି. ବର୍ଷା ହୋଇଥିବା ବେଳେ ହେମଗିର ବ୍ଲକରେ ୧୧୩ମି.ମି. ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ସେହିପରି ଲାଠିକଟା ବ୍ଲକରେ ୯୬.୩ ମି.ମି. ବର୍ଷା ହୋଇଥିବା ବେଳ ବିଶ୍ରା ବ୍ଲକରେ ୮୫.୫ ମି.ମି., ନୂଆଁଗାଁ ବ୍ଲକରେ ୮୨.୮୨ମି.ମି., ଟାଙ୍ଗରପାଲି ବ୍ଲକରେ ୭୫.୪ମି.ମି.,ସବ୍‌ଡେଗା ବ୍ଲକରେ ୭୦ମି.ମି., ରାଜଗାଙ୍ଗପୁର ବ୍ଲକରେ ୬୩ ମି.ମି., ବାଲିଶଙ୍କରା ବ୍ଲକରେ ୫୧ମି.ସି., ବଣାଇଁ ୫୦ମି.ମି., ଲହୁଣୀପଡ଼ା ୪୮.୨ ମି.ମି., ଲେଫ୍ରିପଡ଼ା ବ୍ଲକରେ ୪୨ମି.ମି., କୁତ୍ରା ବ୍ଲକରେ ୩୯.୪ମି.ମି., ଗୁରୁଣ୍ଡିଆ ୩୩ମି.ମି., ବଡଗାଁ ବ୍ଲକରେ ୨୨.୪ମି.ମି., ସୁନ୍ଦରଗଡ଼ ସଦର ବ୍ଲକରେ ୨୦ମି.ମି. ଓ କୋଇଡା ବ୍ଲକରେ ସର୍ବନିମ୍ନ ୧୪ମି.ମି. ବର୍ଷା ରେକର୍ଡ କରାଯାଇଛି। ଲେଫ୍ରିପଡ଼ା, ଟାଙ୍ଗରପାଲି ଓ ହେମଗିର ବ୍ଲକରେ ବର୍ଷା ଯୋଗୁ କେତେକ ଘର କାନ୍ଥ ଭାଙ୍ଗି ଯାଇଥିବା ସୂଚନା ମିଳିଛି। ବନ୍ୟାଜଳ ଯୋଗୁ ଅଧିକାଂଶ ଚାଷ ଜମିରେ ପାଣି ଜମି ରହିଥିବା ବେଳେ ଧାନ ଫସଲ ହେବାର ଆଶଙ୍କା ସୃଷ୍ଟି ହୋଇଛି । ଅନ୍ୟପକ୍ଷେ ବ୍ରାହ୍ମଣୀ ନଦୀର ବିପଦ ସଙ୍କେତ ଜଳସ୍ତର ୧୭୮.୪୨୦ମି.ମି. ହୋଇଥିବାବେଳେ ରବିବାର ରାତି ୯ଟା ସୁଦ୍ଧା ଏହା ଜଳସ୍ତର ୧୭୪.୬୩୦ ମି.ମି. ରହିଛି। ସେହିପରି ଇବ୍ ନଦୀର ବପଦ ସଙ୍କେତ ଜଳସ୍ତର ୨୨୨.୯୦୦ ରହିଥିବା ବେଳେ ରାତି ୯ଟା ସୁଦ୍ଧା ୨୧୯.୯୫ମି.ମି ରହିଛି। ଅନ୍ୟପକ୍ଷେ କେଏଲ ନଦୀର ଉପରମୁଣ୍ଡ ଝାଡଖଣ୍ଡରେ ବର୍ଷା ଲାଗି ରହିଥିବାରୁ ନଦୀର ଜଳସ୍ତର ବୃଦ୍ଧିପାଉଛି। ଅନ୍ୟପକ୍ଷେ ନଦୀ ଉପରେ ହୋଇଥିବା ମନ୍ଦିରା ଡେମର ୧୧ଟି ଗେଟ ମଧ୍ୟରୁ ୭ଟି ଗେଟ ଖୋଲାଯାଇଛି। ଜଳସ୍ତର ବୃଦ୍ଧିକୁ ଦୃଷ୍ଟିରେ ରଖି ସମସ୍ତ ଗେଟ ଖୋଲାଯିବ ବୋଲି ଡ୍ୟାମ୍ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ଅନ୍ୟପକ୍ଷେ ବନ୍ୟା ପରିସ୍ଥିତିର ମୁକାବିଲା ନେଇ ଜିଲା ପ୍ରଶାସନ ସଜାଗ ରହିଛି।

# ସ୍ଥାୟୀ ବିଡିଓ ନିଯୁକ୍ତି ଦାବି

ରାଜଗାଙ୍ଗପୁର,୧୮।୮(ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ବ୍ଲକରେ ସ୍ଥାୟୀ ବିଡିଓ ନିଯୁକ୍ତି ଦାବି ହୋଇଛି। ବିଡିଓ ଖଗେଶ୍ୱର ପାତ୍ର ଗତ ମାର୍ଚ୍ଚ ମାସ ପର୍ଯ୍ୟନ୍ତ ଦାୟିତ୍ୱରେ ଥିଲେ । ତାଙ୍କ ବଦଳି ପରେ ପାଞ୍ଚ ମାସ ହେଲା ରାଜଗାଙ୍ଗପୁର ବ୍ଲକରେ ଜଣେ ସ୍ଥାୟୀ ବିଡିଓଙ୍କୁ ନିଯୁକ୍ତି ଦିଆଯାଇ ନାହିଁ । ବିଡିଓ ପାତ୍ରଙ୍କ ବଦଳି ପରେ କୁଆଁରମୁଣ୍ଡା ବିଡିଓଙ୍କୁ ଅସ୍ଥାୟୀ ଭାବେ ରାଜଗାଙ୍ଗପୁରର ଦାୟିତ୍ୱ ଦିଆଯାଇଥିଲା । ବର୍ତ୍ତମାନ କିଛି ଦିନ ହେଲା କୁତ୍ରା ବିଡିଓ ମାନସରଞ୍ଜନ ରାଏଙ୍କୁ ଅସ୍ଥାୟୀ ଭାବେ ରାଜଗାଙ୍ଗପୁର ବିଡିଓ ଦାୟିତ୍ୱ ଦିଆଯାଇଛି। ବ୍ଲକରେ ୨୦ଟି ପଞ୍ଚାୟତ ରହିଥିବା ବେଳେ ବହୁ ପଞ୍ଚାୟତ ଜଙ୍ଗଲ ଓ ପାହାଡିଆ ଅଞ୍ଚଳରେ ରହିଛି । ଫଳରେ ସମ୍ପୃକ୍ତ ପଞ୍ଚାୟତର ଜନସାଧାରଣଙ୍କୁ ବ୍ଲକ କାର୍ଯ୍ୟାଳୟକୁ ଆସିବା ନେଇ ଅସୁବିଧାର ସମ୍ମୁଖୀନ ହେବାକୁ ପଡିଥାଏ। ଅନ୍ୟପକ୍ଷେ ଜନସାଧାରଣ କାମରେ ବ୍ଲକକୁ ଆସି ବିଭିନ୍ନ ସମୟରେ ବିଡିଓଙ୍କୁ ନ ପାଇ ନିରାଶରେ ହୋଇ ଘରକୁ ଫେରୁଥିବା ଅଭିଯୋଗ ହେଉଛି। ଅନ୍ୟପକ୍ଷେ କୁତ୍ରା ବିଡିଓ କୁତ୍ରା ବ୍ଲକ କାମସାରି ରାଜଗାଙ୍ଗପୁର ବ୍ଲକ ଆସୁଥିବାରୁ ରାଜଗାଙ୍ଗପୁର ବ୍ଲକରେ ଜନସାଧାରଣ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏନେଇ ଜିଲାପାଳ ଦୃଷ୍ଟିଦେଇ ସ୍ଥାୟୀ ବିଡିଓ ନିଯୁକ୍ତି ଦିଗରେ ପଦକ୍ଷେପ ନେବାକୁ ଜନସାଧାରଣରେ ଦାବି ହୋଇଛି।

# କୋଇଡ଼ା ପେଟ୍ରୋଲ ପମ୍ପ ଲୁଟ ଘଟଣା: ଜଣେ ଗିରଫ

ଟେନସା,୧୮।୮(ଡି.ଏନ.ଏ.)

କୋଇଡ଼ା ଥାନା ଅଧୀନ ଡେଙ୍ଗୁଳା ପଞ୍ଚାୟତ ଏମ୍‌ଆର୍‌ଏ ପେଟ୍ରୋଲ ପମ୍ପ ଲୁଟ ଘଟଣାରେ ସମ୍ପୃକ୍ତ ଜଣେ ଯୁବକଙ୍କୁ କୋଇଡ଼ା ଥାନା ପୋଲିସ ରବିବାର ଗିରଫ କରିଛି। ସେ ହେଲେ ଲହୁଣୀପଡ଼ା ଅଞ୍ଚଳର ବିଶାଳ ପ୍ରସାଦ ରାମ। ପୂର୍ବରୁ ପୋଲିସ ଘଟଣାରେ ସମ୍ପୃକ୍ତ ଅନ୍ୟ ୨ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା।

ପୋଲିସ ବିଶାଳଙ୍କଠାରୁ ନଗଦ ୨୫୦୦ ଟଙ୍କା ସହ ଗୋଟିଏ ଦେଶି ବନ୍ଧୁକ ଏବଂ ୩ଟି ଅଫୁଟା ଗୁଳି ଜବତ କରିଛି। ଗିରଫ ବିଶାଳଙ୍କ ନାମରେ ପୂର୍ବରୁ ଥାନାରେ ଅନେକ ମାମଲା ରହିଛି।

ସୂଚନା ଯୋଗ୍ୟ, ଜୁଲାଇ ୨୬ତାରିଖ ରାତିରେ ଲୁଟେରାମାନେ ଡେଙ୍ଗୁଳା ଗ୍ରାମର ଏମ୍‌ଆର୍‌ଏ ପେଟ୍ରୋଲ ପମ୍ପ କର୍ମଚାରୀଙ୍କୁ ବନ୍ଧୁକ ଦେଖାଇ ୪୧ହଜାର ୩୦୦ ଟଙ୍କା ଲୁଟ ନେଇଥିଲେ। ଏହା ସିସିଟିଭିରେ କଏଦ ହୋଇଥିଲା। ସିସିଟିଭି ଫୁଟେଜକୁ ଆଧାର କରି କୋଇଡା ପୋଲିସ ତଦନ୍ତ କରିଥିଲା। ତଦନ୍ତ ପରେ ପୋଲିସ ପୂର୍ବରୁ ୨ଜଣ ଯୁବକଙ୍କୁ ଧରିବାରେ ସକ୍ଷମ ହୋଇଥିଲା। ଅନ୍ୟପକ୍ଷେ ପୋଲିସ ରବିବାର ବିଶାଳଙ୍କୁ ଧରିବାରେ ସଫଳ ହୋଇଥିଲା। ଏନେଇ ପୋଲିସ ଏକ ମାମଲା(ନଂ.୫୯/୧୯) ରୁଜୁ କରି ଘଟଣାର ଅଧିକ ତଦନ୍ତ ଚଳାଇଛି।

### ପଞ୍ଚମ ଶ୍ରେଣୀ ବୃତ୍ତି ପରୀକ୍ଷା

# ୭୭ ପରୀକ୍ଷାର୍ଥୀ ଅନୁପସ୍ଥିତ

କୁଆଁରମୁଣ୍ଡା,୧୮।୮(ଡି.ଏନ୍.ଏ.)

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ରବିବାର ପଞ୍ଚମ ଶ୍ରେଣୀ ବୃତ୍ତି ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ସୁନ୍ଦରଗଡ଼ ଜିଲାର ବିଭିନ୍ନ ସ୍କୁଲରେ ପରୀକ୍ଷା କେନ୍ଦ୍ର କରାଯାଇ ବୃତ୍ତିପରୀକ୍ଷା କରାଯାଇଛି । ହେଲେ ଶନିବାର ରାତି ପ୍ରାୟ ସାଢେ ୭ଟାରୁ ରବିବାର ଅପରାହ୍ନ ୩ଟା ପର୍ଯ୍ୟନ୍ତ ଜିଲାର ବିଭିନ୍ନ ସ୍ଥାନରେ ଘଡଘଡି ସହ ପ୍ରବଳରୁ ଅତି ପ୍ରବଳ ବର୍ଷା ଲାଗି ରହିଥିଲା। ଫଳରେ କୁଆଁରମୁଣ୍ଡା ବ୍ଲକର ବିଭିନ୍ନ ପଞ୍ଚାୟତରେ ଥିବା ନଦୀ, ନାଳଗୁଡିକର ଜଳସ୍ତର ବୃଦ୍ଧି ପାଇ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିଲା। ଫଳରେ ବ୍ଲକର କୁଆଁରମୁଣ୍ଡାସ୍ଥିତ ହରିହର ହାଇସ୍କୁଲ ଓ ବୀରମିତ୍ରପୁରସ୍ଥିତ ଏଆଇନୋଡାଲ ସ୍କୁଲରେ ଅନୁଷ୍ଠିତ ପରୀକ୍ଷା କେନ୍ଦ୍ରରେ ବହୁ ପରୀକ୍ଷାର୍ଥୀ ବର୍ଷାରେ ଆସି ନ ପାରି ପରୀକ୍ଷା ଦେବାରୁ ବଞ୍ଚିତ ହୋଇଛନ୍ତି।

ଶିକ୍ଷା ବିଭାଗ ପକ୍ଷରୁ ମିଳିଥିବା ତଥ୍ୟ ଅନୁସାରେ, ହରିହର ହାଇସ୍କୁଲରେ ୧୦୧ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୬୯ଜଣ ପରୀକ୍ଷା ଦେଇଥିବା ବେଳେ ଏଆଇ ନୋଡାଲରେ ୧୨୬ଜଣଙ୍କ ମଧ୍ୟରୁ ୮୧ ଜଣ ପରୀକ୍ଷା ଦେଇଛନ୍ତି। ହରିହର କେନ୍ଦ୍ରରେ ୩୨ଜଣ ଏବଂ ଏଆଇ ନୋଡାଲରେ ୪୫ ଜଣ ସର୍ବମୋଟ ୭୭ଜଣ ପରୀକ୍ଷାର୍ଥୀ ବର୍ଷା ଯୋଗୁ ପରୀକ୍ଷା କେନ୍ଦ୍ରକୁ ଆସି ପାରି ନ ଥିବା ଜଣାପଡିଛି। ଅନୁପସ୍ଥିତଙ୍କ ସଂଖ୍ୟା ମୋଟ ପରୀକ୍ଷାର୍ଥୀ ମଧ୍ୟରୁ ପ୍ରାୟ ୩୩ ପ୍ରତିଶତରୁ ଉର୍ଦ୍ଧ୍ୱ ହୋଇଥିବାରୁ ସେମାନଙ୍କ ପାଇଁ ସରକାର ପୁଣି ପରୀକ୍ଷା କରିବାକୁ ସାଧାରଣରେ ଦାବି ହୋଇଛି। ଏ ନେଇ ସୁନ୍ଦରଗଡ଼ ଜିଲା ଶିକ୍ଷା ଅଭିଯାନ ପ୍ରକଳ୍ପ ସଂଯୋଜକ ଅମୂଲ୍ୟ ପ୍ରଧାନଙ୍କୁ ପଚାରିବାରୁ ପ୍ରବଳ ବର୍ଷା ଯୋଗୁ କେବଳ ସୁନ୍ଦରଗଡ଼ ପରି ଅନ୍ୟାନ୍ୟ ଜିଲାରେ ମଧ ବହୁ ପରୀକ୍ଷାର୍ଥୀ ପରୀକ୍ଷା ଦେଇପାରି ନାହାନ୍ତି। ହେଲେ ପରୀକ୍ଷା ରାଜ୍ୟସ୍ତରୀୟ ହୋଇଥିବାରୁ ପୁଣି ପରୀକ୍ଷା କରିବା ନେଇ କିଛି କହି ପାରିବେ ନାହିଁ ବୋଲି କହିଥିଲେ।

### ଖାଦ୍ୟ ମେଳା: କ୍ଷୁଦ୍ର ଶସ୍ୟରୁ ପ୍ରସ୍ତୁତ ଖାଦ୍ୟ ପ୍ରଦର୍ଶନୀ

# ପୁଷ୍ଟିକର କ୍ଷୁଦ୍ର ଶସ୍ୟର ପୁନରୁଦ୍ଧାର ନେଇ ପ୍ରୟାସ

ସୁନ୍ଦରଗଡ,୧୮।୮(ଡି.ଏନ୍.ଏ.)

ସ୍ଥାନୀୟ ଭବାନୀ ଭବନ ପଡ଼ିଆ ସମ୍ମୁଖରେ ସାମାଜିକ ଅନୁଷ୍ଠାନ ସିଆଇଆରଟିଡି ଆନୁକୂଲ୍ୟରେ ବିଷମୁକ୍ତ ଖାଦ୍ୟର ପ୍ରଚାର ପ୍ରସାର ଉଦ୍ଦେଶ୍ୟରେ ପୁଷ୍ଟିକର କ୍ଷୁଦ୍ର ଶସ୍ୟରୁ ପ୍ରସ୍ତୁତ ଏକ ଖାଦ୍ୟ ମେଳା ଆୟୋଜିତ ହୋଇଯାଇଛି। ମେଳାରେ କ୍ଷୁଦ୍ର ଦାନା ଶସ୍ୟ ଯଥା ମାଣ୍ଡିଆ, ଗୁଲୁଚି, ଗଙ୍ଗେଇ, ସୁଆଁ, କାଙ୍ଗୁ, ବାଜରାରେ ପ୍ରସ୍ତୁତ ଇଡ୍‌ଲି, ଉପମା, ଖେଚୁଡି, ଚକୁଳି, ଖିରି, କେକ୍, ବିସ୍କୁଟ, ମିକଶ୍ଚର ଆଦି ସୁସ୍ୱାଦୁ ଖାଦ୍ୟ ପ୍ରଦର୍ଶନ କରାଯାଇଥିଲା।

ପୂର୍ବ ପୁରୁଷମାନେ କ୍ଷୁଦ୍ର ଶସ୍ୟ ମାଣ୍ଡିଆ, ଗଙ୍ଗେଇ ଆଦି ଚାଷ କରି ଦୈନନ୍ଦିନ ଖାଦ୍ୟ ତାଲିକାରେ ସାମିଲ କରୁଥିଲେ। ବର୍ତ୍ତମାନ ଏହା ଲୋପ ପାଇବାରେ ଲାଗିଛି। ଫାଷ୍ଟ ଫୁଡ ଖାଦ୍ୟ ଖାଇ ଲୋକେ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛନ୍ତି। ଏହି ପରିପ୍ରେକ୍ଷୀରେ ପୁଷ୍ଟିକର କ୍ଷୁଦ୍ର ଶସ୍ୟର ପୁନରୁଦ୍ଧାର କରି ଚାଷ କରିବା ଏବଂ ଏହାର ପ୍ରସାର ପ୍ରସାର ପାଇଁ ଅନୁଷ୍ଠାନ ପକ୍ଷରୁ ପ୍ରୟାସ ଜାରି ରହିଛି। କ୍ଷୁଦ୍ର ଶସ୍ୟଗୁଡିକ ଚାଷ କରିବା ପାଇଁ ବେଶୀ ବର୍ଷାର ଆବଶ୍ୟକତା ପଡି ନ ଥାଏ। ଏପରି କି କୌଣସି ରାସାୟନିକ ସାର ପ୍ରୟୋଗ କରା ନ ଯାଇ ପ୍ରାକୃତିକ



ଖାଦ୍ୟ ମେଳାରେ ପିଲାମାନଙ୍କୁ କ୍ଷୁଦ୍ର ଶସ୍ୟରେ ତିଆରି ପୁଷ୍ଟିକର ଖାଦ୍ୟ ବଣ୍ଟନ କରାଯାଉଛି।

ପଦ୍ଧତିରେ ଚାଷ କରାଯାଇଥାଏ। କ୍ଷୁଦ୍ର ଶସ୍ୟଗୁଡିକରେ ରୋଗ ପ୍ରତିଷେଧକ ଶକ୍ତି ଓ ପୁଷ୍ଟିସାର ଭରପୁର ମାତ୍ରାରେ ରହିଛି । ମୁଖ୍ୟତଃ କ୍ଷୁଦ୍ର ଓ ନାମ ମାତ୍ର ଚାଷୀ ଏହି ଚାଷ କରିଥାନ୍ତି। ତେଣୁ କ୍ଷୁଦ୍ର ଓ ନାମମାତ୍ର ଚାଷୀମାନଙ୍କୁ ଆର୍ଥିକ ସହଯୋଗର ହାତ ବଢେଇବା ପାଇଁ ସରକାରୀସ୍ତରରେ ମଧ ମାଣ୍ଡିଆକୁ ମଣ୍ଡିରୁ କିଣିବା ଓ ଆଦିବାସୀ ବହୁଳ ଓଡ଼ିଶାର ୫ଟି ଜିଲାରେ ସାଧାରଣ ବଣ୍ଟନ ବ୍ୟବସ୍ଥାରେ ମଧ ପୁଷ୍ଟିକର ଖାଦ୍ୟ ଶସ୍ୟକୁ ସାମିଲ କରାଯାଇଛି। ମେଳାରେ ସେଣ୍ଟ୍ରାଲ କୋପରେଟିଭ ବ୍ୟାଙ୍କ ସଭାପତି ଭବାନୀ ଶଙ୍କର ମାଝି, ନାବାର୍ଡ ଡିଡିଏମ୍ ଶକ୍ତିପ୍ରସନ୍ନ ମହାପାତ୍ର, କ୍ଷୁଦ୍ର ଓ ନାମମାତ୍ର ଚାଷୀ ପାଇଁ କାର୍ଯ୍ୟ କରୁଥିବା ମୁମ୍ବାଇ ଆଇଆଇଟିର ବିକାଶ ଝା, ପରାମର୍ଶଦାତା ରାଜୀବ ମହାନ୍ତି, ପ୍ରଗତି ଅନୁଷ୍ଠାନ ମୁଖ୍ୟ ରାଜେନ୍ଦ୍ର ବେହେରା, ଶୁଭଶ୍ରୀ ରାୟ ପ୍ରମୁଖ ଯୋଗଦେଇ ଥିଲେ। ସିଆଇଆର୍‌ଟିଡିର ସମ୍ପାଦକ ନଟ କିଶୋର ମିଶ୍ର, ସମୀମା ବେଗମ୍, ଗୋପାଳ ଚନ୍ଦ୍ର ପେରୁଆ, ଅଶୋକ ଦାସ, ସିସିଲିଆ କାଣ୍ଡୁଲାନା, ବଳରାମ ନାଏକ, ତୁଳାନାଥ ବନଛୋର, ରାଜଲକ୍ଷ୍ମୀ ମେଳାର ପରିଚାଳନା କରିଥିଲେ।

### ବାପାଙ୍କୁ ପଥରରେ ଛେଚି ହତ୍ୟା ଘଟଣା

# ୨ ପୁଅଙ୍କୁ ଗିରଫ କଲା ପୋଲିସ

ଟେନସା,୧୮।୮(ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା କୋଇଡ଼ା ଥାନା ଅଧୀନ ପାଟମୁଣ୍ଡା ପଞ୍ଚାୟତ କ୍ରିୟାକୁଦର ଗ୍ରାମରେ ଗତ ୭ ତାରିଖରେ ବାପାକୁ ପଥରରେ ଛେଚି ହତ୍ୟା କରିଥିବା ଦୁଇ ପୁଅଙ୍କୁ ପୋଲିସ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି ।

ମିଳିଥିବା ସୂଚନା ମୁତାବକ, ଘରେ କବାଟ ଲଗାଇବାକୁ କେନ୍ଦ୍ର କରି ଦୁଇ ପୁଅ ଜୟରାମ ମୁଣ୍ଡା ଓ ଗୋପାଳ ମୁଣ୍ଡା ଏବଂ ବାପା ବାଇଧର ମୁଣ୍ଡା ମଧ୍ୟରେ ବଚସା ହୋଇଥିଲା। ପରେ ଏହା ଉଗ୍ର ରୂପ ଧାରଣ କରିଥିଲା। ଦୁଇ ଭାଇ ଜୟରାମ ଓ ଗୋପାଳ ପଥରରେ ବାପା ବାଇଧରଙ୍କୁ ପଥରରେ ଛେଚି ହତ୍ୟା କରିଥିଲେ। ପରେ ସେମାନେ ଫେରାର ହୋଇଯାଇଥିଲେ। ଏ ନେଇ ବାଇଧରଙ୍କ ସାନପୁଅ ତୁର୍ସୁ ମୁଣ୍ଡା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି



ଗିରଫ ୨ ଭାଇ।

ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ପୋଲିସ ଅଭିଯୋଗକୁ ଭିତ୍ତି କରି ଏକ ହତ୍ୟା ମାମଲା(ନଂ. ୬୧/୧୯) ରୁଜୁ କରି ଘଟଣା ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ପରେ ପୋଲିସ ବାମ୍ବାରୀ ଥାନା ଅଧୀନ କାଳିମାଟି ଅଞ୍ଚଳରୁ ଦୁଇ ଭାଇଙ୍କୁ ଧରିବାରେ ସଫଳ ହୋଇଥିଲା।

### ନୂଆଗାଁରେ ଲଗାଣ ବର୍ଷା

# ଖଟମା ନାଳ ପୋଲରେ ୩ ଫୁଟ ପାଣି

ନୂଆଗାଁ,୧୮।୮(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ନୂଆଗାଁ ଅଞ୍ଚଳରେ ଶନିବାର ରାତିରୁ ବର୍ଷା ଲାଗି ରହିଛି। ଫଳରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି। ଅନ୍ୟପକ୍ଷେ ବର୍ଷା ଯୋଗୁ ଅଞ୍ଚଳରେ ଚାଷକାର୍ଯ୍ୟ ଆଗେଇ ଥିବାବେଳେ ଚାଷୀ ମନରେ ଆନନ୍ଦ ଦେଖାଦେଇଛି। ହେଲେ ଲଗାଣ ବର୍ଷାରେ ନୂଆଗାଁ ବ୍ଲକ ହାତୀବାରି ଗ୍ରାମ ନିକଟସ୍ଥ ଖଟମା ନାଳ ପୋଲ ଉପରେ ୩ ଫୁଟ ବନ୍ୟା ଜଳ ପ୍ରବାହିତ ହେଉଛି। ଫଳରେ ଉକ୍ତ ରାସ୍ତା ଦେଇ ରବିବାର ସକାଳୁ ଯାତାୟତ ବନ୍ଦ ହୋଇଯାଇଛି। ହେଲେ ଯାନବାହାନଗୁଡିକ ବୀରମିତ୍ରପୁର-କୁଆଁରମୁଣ୍ଡା ଦେଇ ରାଉରକେଲା ଅଭିମୁଖେ ଯାତାୟାତ କରୁଥିବା ଜଣାପଡିଛି।

ହାତୀବାରି ଗାଁଠାରୁ ୧ କି.ମି. ଦୂରରେ ରହିଛି ଖଟମା ନାଳ । ନାଳଟି ହାତୀବାରି-

**କୁଆରମୁଣ୍ଡା-ହାତୀବାରି ଯୋଗାଯୋଗ ବ୍ୟାହତ**



ନୂଆଗାଁ ବ୍ଲକ ହାତୀବାରି ଗ୍ରାମ ନିକଟସ୍ଥ ଖଟମା ନାଳ ପୋଲ ଉପରେ ୩ଫୁଟ ବନ୍ୟା ଜଳ ।

କୁଆଁରମୁଣ୍ଡା ରାସ୍ତାକୁ ସଂଯୋଗ କରୁଛି। ହେଲେ ନାଳ ଉପରେ ମୁଖ୍ୟରାସ୍ତାରୁ ନିମ୍ନରେ ପୋଲ ରହିଛି। ପୋଲଟି ପ୍ରାୟ ୧୦୦ ବର୍ଷ ତଳେ ତିଆରି ହୋଇଥିବା ସ୍ଥାନୀୟ ଲୋକେ କହିଛନ୍ତି। ବର୍ତ୍ତମାନ ପୋଲଟି ଜରାଜୀର୍ଣ୍ଣ ଅବସ୍ଥାରେ ରହିଥିବା ବେଳେ ଲଗାଣ ବର୍ଷାରେ ପୋଲ ଉପରେ ୩ଫୁଟ ବନ୍ୟା ପାଣି ପ୍ରବାହିତ ହେଉଛି। ପାଣିର ସ୍ରୋତ ପ୍ରଖର ଥିବାରୁ ଲୋକେ ଭୟରେ ଉକ୍ତ ରାସ୍ତା ଦେଇ ଯାତାୟାତ କରିବାକୁ ନିଜକୁ ସୁରକ୍ଷିତ ମଣି ନାହାନ୍ତି। ଅନ୍ୟପକ୍ଷେ ସ୍ଥାନୀୟ ଜନସାଧାରଣ ନାଳରେ ଏକ ନୂତନ ପୋଲ ନିର୍ମାଣ ପାଇଁ ବିଭିନ୍ନ ସମୟରେ ଦାବି କରି ଆସୁଛନ୍ତି। ହେଲେ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନ ଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏନେଇ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଖଟମା ନାଳ ପୋଲ ଉପରେ ବନ୍ୟା ପାଣି ପ୍ରବାହିତ ହେବା ଫଳରେ କେବଳ ହାତୀବାରି-କୁଆଁରମୁଣ୍ଡା ରାସ୍ତାରେ ଯୋଗାଯୋଗ ବାଧାପ୍ରାପ୍ତ ହୋଇଛି, ତାନୁହେଁ କାଦରକେଲା, ଅଙ୍କୁରପାଲି, ମେନମେନା ପଞ୍ଚାୟତର ଶତାଧିକ ଗାଁ ପ୍ରଭାବିତ ହେଉଛି। ବିଶେଷ କରି ରୋଗୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହୋଇଛି। ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ନାଳ ଉପରେ ଏକ ନୂତନ ପୋଲ ନିର୍ମାଣ କରିବାକୁ ସାଧାରଣରେ ଦାବି ହୋଇଛି।

ଉପଦେଶ ଦେବା ସରଳ କିନ୍ତୁ ଉପାୟ ବତାଇବା ଭାରି କଷ୍ଟ।
- ରବୀନ୍ଦ୍ରନାଥ ଠାକୁର

## ସଂକ୍ଷେପରେ

### ତେଲିଡିହିରେ ନ୍ୟାୟିକ ସଚେତନତା ଶିବିର

**କିର୍ମିରା,୧୮।୮(ଡି.ଏନ୍.ଏ.)-** ଝାରସୁଗୁଡ଼ା ଜିଲା କିର୍ମିରା ବ୍ଲକ ଝାରମୁଣ୍ଡା ପଞ୍ଚାୟତ ତେଲିଡିହି ପ୍ରାଥମିକ ବିଦ୍ୟାଳୟରେ ଏକଦିବସୀୟ ନ୍ୟାୟିକ ସଚେତନତା ଶିବିର ଜିଲା ଆଇନସେବା ପ୍ରାଧିକରଣ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଛି। ଲିଗାଲ ସେଲ୍‌ର ଝାରସୁଗୁଡ଼ା ଜିଲା ସମ୍ପାଦିକା ଜାନକୀ ବିଶ୍ୱାଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଶିବିରରେ ଏଡିଏମ୍ ପ୍ରଦୀପ ସାହୁ ମୁଖ୍ୟଅତିଥି, ଜନଉପଯୋଗୀ ସେବା ଅଧକ୍ଷ ଇଶାନ କୁମାର ଦାସ, ଡିଇଓ ମିତ୍ରଭାନୁ କଚ୍ଛପ, ସିଡିପିଓ ସୁନନ୍ଦା ମହାରଣା, କିର୍ମିରା ବିଡିଓ ଜୟନ୍ତ୍ର ସେଠୀ, ଲଇକେରା ଥାନା ଅଧିକାରୀ ବିଶ୍ୱପତି ପଣ୍ଡା, ବାଗଡିହି ଫାଣ୍ଡି ଅଧିକାରୀ ସୁରେଶ ଭଇଁଷାଲଙ୍କ ସହ ପ୍ରତିଶ ମିଶ୍ର, ପୁନମ ସେଠ, ବିକାଶ ଗୋୟଲ, ପୂଜା ଜୈନ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉପସ୍ଥିତ ଜନସାଧାରଣଙ୍କୁ ଆଇନର ବିଭିନ୍ନ ଦିଗ ଉପରେ ସଚେତନ କରାଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଶଶିପ୍ରଭା ଲାଲଙ୍କ ଆବାହକତ୍ୱରେ ଜିଲା ଶାରୀରିକ କ୍ରୀଡ଼ା ଅଧିକାରୀ ଡମ୍ବରୁଧର ପୂଜାରୀ ଅତିଥିଙ୍କୁ ସ୍ୱାଗତ କରିଥିଲେ। ନିର୍ମାଣ ଶ୍ରମିକଙ୍କୁ ପରିଚୟପତ୍ର ଏବଂ ବୃଦ୍ଧାବୃଦ୍ଧଙ୍କୁ ଭତ୍ତା ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା।

### ବଜ୍ରପାତରେ ୪ ଗୋରୁ ମୃତ

**ଲଖନପୁର,୧୮।୮(ଡି.ଏନ୍.ଏ.)-** ଝାରସୁଗୁଡ଼ା ଜିଲା ଲଖନପୁର ଥାନା କୁଡ଼ାଲୋଇ ଗ୍ରାମରେ ଶନିବାର ରାତିରେ ବଜ୍ରପାତ ଘରି ୪ ଗୋରୁଙ୍କ ମୃତ୍ୟୁ ହୋଇଛି। ମୃତ ଗୋରୁଗୁଡ଼ିକ କୁଡ଼ାଲୋଇ ଗ୍ରାମର ଅମିନ ପଟେଲ, ରମେଶ ପ୍ରଧାନ ଓ ବୁଦ୍ଧରାମ ପ୍ରଧାନଙ୍କର ବୋଲି ଜଣାପଡ଼ିଛି। ଏ ସମ୍ପର୍କରେ ସାମାଜିକ କର୍ମୀ ବିରଞ୍ଚି ସାହୁ ତହସିଲଦାର, ଆର୍‌ଆଇ, ପ୍ରାଣୀ ଚିକିତ୍ସକ ଓ ପୋଲିସକୁ ସୂଚନା ଦେଇଥିଲେ। ବେଲପାହାଡ଼ ପ୍ରାଣୀ ଚିକିତ୍ସକ ଡା. ସୁଧାଂଶୁ ଶେଖର ପଟେଲ, ହିମାଂଶୁ ଶେଖର ଦେ ଓ ନୀଳମଣି ସେଠୀ ପ୍ରମୁଖ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ କରିବା ପରେ ପୋତି ଦେଇଛନ୍ତି। ସରକାରୀ ସହାୟତା ଯୋଗାଇ ଦେବା ପାଇଁ ଗୋରୁ ମାଲିକମାନେ ତହସିଲଦାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

### କୃତୀ ସ୍କାଉଟ୍ ଦଳକୁ ସମ୍ବର୍ଦ୍ଧନା

**ବରଗଡ଼ ଅଫିସ୍,୧୮।୮–** ବରଗଡ଼ ଜିଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ କାର୍ଯ୍ୟକ୍ରମରେ ପ୍ରଥମ ସ୍ଥାନ ଅଧିକାର କରିଥିବା ରାଣାପ୍ରତାପ ହାଇସ୍କୁଲର ସ୍କାଉଟ୍ ଦଳକୁ ସ୍କୁଲ ପକ୍ଷରୁ ଶନିବାର ସମ୍ବର୍ଦ୍ଧନା ଦିଆଯାଇଥିଲା । ପ୍ରଧାନ ଶିକ୍ଷୟିତ୍ରୀ ନମିତା ବଡ଼ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସମାରୋହରେ ସ୍କୁଲର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଯୋଗ ଦେଇଥିଲେ । ସ୍ୱାଧୀନତା ଦିବସରେ ଭାଗ ନେଇଥିବା ଉକ୍ତ ସ୍କୁଲର ସ୍କାଉଟ୍ ସମ୍ବର୍ଦ୍ଧନା ସମାରୋହରେ ଉପସ୍ଥିତ ଥିଲେ ।

### ରୋଗୀ କଲ୍ୟାଣ ସମିତି ବୈଠକ

**ବାଉଁଶୁଣୀ, ୧୮।୮ (ଡି.ଏନ.ଏ)-** ବୌଦ୍ଧ ବ୍ଲକ ବାଉଁଶୁଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସଭାଗୃହରେ ଡାକ୍ତରଖାନାର ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡା. ଅନ୍ତର୍ଯାମୀ ବେହେରାଙ୍କ ଆହ୍ୱାନକ୍ରମେ ରୋଗୀ କଲ୍ୟାଣ ସମିତିର ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ କଣ୍ଟାମାଳ ବିଧାୟକ ମହାଧର ରଣା ସଭାପତିତ୍ୱ କରିଥିଲେ । ଡାକ୍ତରଖାନାର ମୁଖ୍ୟ ଦ୍ୱାର, ଥଣ୍ଡା ପାନୀୟ ଜଳ, ଉଜ୍ଜ୍ୱଳ ଆଲୋକ, ଡାକ୍ତରଖାନାର ସୌନ୍ଦର୍ଯ୍ୟକରଣ, ଜେନେରେଟର ଗୃହ ତଥା ରୋଗୀମାନଙ୍କର ବିଶ୍ରାମ ଗୃହ ନିର୍ମାଣ ପାଇଁ ପ୍ରସ୍ତାବ ଗୃହୀତ କରାଗଲା। ସରକାରଙ୍କ ବିଭିନ୍ନ ଉନ୍ନୟନ ମୂଳକ ଯୋଜନା ଗୁଡିକ ଯେମିତି ଗ୍ରାମ ସ୍ତରରେ ପହଞ୍ଚିବ ସେଥିପାଇଁ ପଞ୍ଚାୟତ ସ୍ୱେଚ୍ଛାସେବୀ ମାନଙ୍କୁ ନିର୍ଦ୍ଦେଶ ଦିଆଗଲା। ଏହି ବୈଠକରେ ଜିଲାପାଳଙ୍କ ପ୍ରତିନିଧି ଗଣେଶ୍ୱର ତ୍ରିପାଠୀ, ଏମଏଲଏଙ୍କ ପ୍ରତିନିଧି ବିକ୍ରମ ମହାକୁଲଙ୍କ ବ୍ୟତୀତ ବିଭିନ୍ନ ବିଭାଗର ପ୍ରତିନିଧିମାନେ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ଗୋଷ୍ଠୀ କାର୍ଯ୍ୟକ୍ରମ ପରିଚାଳକ ଅରୁନ କୁମାର ପାଢ଼ି ପରିଚାଳନା କରିଥିଲେ। ଶେଷରେ ମେଡିକାଲ ଅଫିସର ଡା. ବିଶ୍ୱନାଥ ଶତପଥି ଧନ୍ୟବାଦ ଅର୍ପଣ କରିଥିଲେ ।

## ରାଜ୍ୟସ୍ତରୀୟ ସବ୍‌ଜୁନିୟର ସିପକ୍‌ଟାକ୍ର ଚାମ୍ପିୟନଶିପ୍

# ଭଦ୍ରକ ବାଳିକା, କିସ୍ ବାଳକ ଦଳ ଚାମ୍ପିୟନ

**ବେଲପାହାଡ଼,୧୮।୮(ଡି.ଏନ୍.ଏ.)**

ଶନିବାର ଓ ରବିବାର ଦୁଇଦିନ ଧରି ଝାରସୁଗୁଡ଼ା ଜିଲା ବେଲପାହାଡ଼ସ୍ଥିତ ଟିଆର୍‌ଏଲ୍ ଷ୍ଟାଡିୟମରେ ୨୦ତମ ରାଜ୍ୟସ୍ତରୀୟ ସିପକ୍‌ଟାକ୍ର ସବ୍‌ଜୁନିୟର ଚାମ୍ପିୟନଶିପ୍ ଅନୁଷ୍ଠିତ ହୋଇଛି। ରାଜ୍ୟ ସିପକ୍‌ଟାକ୍ର ସଂଘ, ଝାରସୁଗୁଡ଼ା ଜିଲା ସିପକ୍‌ଟାକ୍ର ସଂଘ ଓ ବେଲପାହାଡ଼ ଇଂଲିଶ ମିଡିୟମ ସ୍କୁଲ ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ପ୍ରତିଯୋଗିତାରେ ଓଡ଼ିଶାର ୧୪ ଜିଲାର ୨୦ଟି ବାଳିକା ଓ ବାଳକ ଦଳ ଅଂଶଗ୍ରହଣ କରିଥିଲେ। ବାଳିକା ବିଭାଗ ପ୍ରତିଯୋଗିତାରେ ଭଦ୍ରକ ଦଳ ଭୁବନେଶ୍ୱର କିସ୍ ଶିକ୍ଷାନୁଷ୍ଠାନକୁ ୨–୧ ସେଟ୍‌ରେ ପରାସ୍ତ କରି ଚାମ୍ପିୟନ ହୋଇଛି। ସେହିପରି ବାଳକ ବିଭାଗରେ କିସ୍ ଶିକ୍ଷାନୁଷ୍ଠାନ ଦଳ ଝାରସୁଗୁଡ଼ା ଦଳକୁ ୨–୦ ସେଟ୍‌ରେ ପରାସ୍ତ କରି ଚାମ୍ପିୟନ ହୋଇଛି। ରବିବାର ଅପରାହ୍ନରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ବରଗଡ଼ ଏମ୍‌ପି ସୁରେଶ ପୂଜାରୀ ମୁଖ୍ୟଅତିଥି ଏବଂ ଝାରସୁଗୁଡ଼ା ଜିଲା ଆଥ୍‌ଲେଟିକ ଆସୋସିଏଶନ ସାଧାରଣ ସମ୍ପାଦକ ତାପସରାୟ ଚୌଧୁରୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉଭୟ ଚାମ୍ପିୟନ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ପୁରସ୍କାର ବିତରଣ ସଭାରେ ରାଜ୍ୟ ସିପକ୍‌ଟାକ୍ର ସଂଘ ସାଧାରଣ ସମ୍ପାଦକ ମନୋଜ ପଟ୍ଟନାୟକ, ବେଲପାହାଡ଼ ଇଂଲିଶ ମିଡିୟମ ସ୍କୁଲ ଅଧକ୍ଷା ରମା କାର୍ତ୍ତିକ ଓ ଜିଲା ସଂଘ ସମ୍ପାଦକ ହମିଦ ମହାପାତ୍ରଙ୍କ ସମେତ ଜିଲା ସିପକଟାକ୍ର ସଂଘ କର୍ମକର୍ତ୍ତା ଯୋଗଦେଇଥିଲେ। ଶନିବାର ପ୍ରତିଯୋଗିତା ଉଦ୍‌ଘାଟନୀ ସମାରୋହ ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ରଜରାଜନଗର ବିଧାୟକ କିଶୋର କୁମାର ମହାନ୍ତି ମୁଖ୍ୟଅତିଥି ଓ ବେଲପାହାଡ଼ ପୌରାଧ୍ୟକ୍ଷ ପର୍ଶୁରାମ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ପ୍ରତିଯୋଗିତାରୁ ଜାତୀୟସ୍ତରୀୟ ପ୍ରତିଯୋଗିତା ପାଇଁ ଖେଳାଳି ଚୟନ କରାଯିବ ବୋଲି ରାଜ୍ୟ ସିପକ୍‌ଟାକ୍ର ସଂଘ ସାଧାରଣ ସମ୍ପାଦକ ମନୋଜ ପଟ୍ଟନାୟକ କହିଛନ୍ତି। ଅଫିସିଆଲ ରେଫେରି ଭାବେ ବ୍ରଜମୋହନ ସାହୁ, କେ.ଭି. ରାଜଶେଖର, ରାମଚନ୍ଦ୍ର ବାରିକ, ବ୍ରଜବନ୍ଧୁ କାଣ୍ଡି, ଲିଙ୍ଗରାଜ ପୃଷ୍ଟି, ନଟବର ସେଠୀ, ମୋନାଲିସା ରାଉତ ଓ ରୂପକ ପ୍ରସାଦ ପ୍ରତିଯୋଗିତା ପରିଚାଳନା କରିଥିଲେ।



ଅତିଥିଙ୍କ ସହ ଚାମ୍ପିୟନ ସିପକ୍‌ଟାକ୍ର ଦଳର ଖେଳାଳି।

# ବନ୍ଧୁକ ଜବତ, ଯୁବକ ଗିରଫ

**ବ୍ରଜରାଜନଗର,୧୮।୮(ଡି.ଏନ୍.ଏ.)**

ବେଆଇନ ଭାବେ ବନ୍ଧୁକ ରଖିଥିବା ଅଭିଯୋଗରେ ବ୍ରଜରାଜନଗର ଥାନା ଓପିଏମ୍ କଲୋନୀରେ ରହୁଥିବା ବିଶାଲ ବାଗ (୨୩)ଙ୍କୁ ପୋଲିସ ଗିରଫ କରିଛି। ତାଙ୍କଠାରୁ ବନ୍ଧୁକ ଜବତ କରାଯାଇଛି। ରବିବାର ବିଶାଲଙ୍କୁ କୋର୍ଟଚାଲାଣ କରାଯାଇଛି। ବିଶାଲଙ୍କ ନାମରେ ରେଢ଼ାଖୋଲ ଥାନାରେ ୩ଟି, କୋରାପୁଟରେ ଗୋଟିଏ ଓ ବ୍ରଜରାଜନଗର ଥାନାରେ ୩ଟି ଆପରାଧିକ ମାମଲା ରହିଛି। ଶନିବାର ସେ ବନ୍ଧୁକ ସହ ବୁଲୁଥିବା ବେଳେ ପୋଲିସ ସନ୍ଦେହରେ ତାଙ୍କୁ ଧରି ଆଣି ଗିରଫ କରିଥିଲା।


ଗିରଫ ଯୁବକ । ଜବତ ବନ୍ଧୁକ ଓ ଗୁଳି। (ଇନ୍‌ସେଟ୍)

# ମାରପିଟ ମାମଲାରେ ଆଉ ଜଣେ ଗିରଫ

**ଲଖନପୁର,୧୮।୮(ଡି.ଏନ୍.ଏ.)**

ଶୁକ୍ରବାର ବନ୍ଧବାହାଲରେ ଘଟିଥିବା ମାରପିଟ ମାମଲାରେ ରବିବାର ପୋଲିସ ଆଉ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ସରଣ୍ଡାମାଲ ଫଟା ଗ୍ରାମର ବିନୋଦ ବାଗ (୨୨)। ବିନୋଦଙ୍କୁ ମିଶାଇ ଏହି ମାମଲାରେ ଗିରଫ ସଂଖ୍ୟା ୬ରେ ପହଞ୍ଚିଛି। ଗିରଫ ସଂଖ୍ୟା ଆହୁରି ବଢ଼ିବ ବୋଲି ପୋଲିସ କହିଛି। ମୁଖ୍ୟ ଅଭିଯୁକ୍ତ ମହମ୍ମଦ କମାଲ ଏବେ ବି ଫେରାର ଅଛନ୍ତି। ତାଙ୍କୁ ଗରିଫ କରିବା ପାଇଁ ପୋଲିସ ଜାଲ ବିଛାଇଛି। ଖୁବ୍‌ଶୀଘ୍ର ସେ ଧରାପଡ଼ିବେ ବୋଲି ତଦନ୍ତକାରୀ ଅଧିକାରୀ ଅଶୋକ ଦାସ କହିଛନ୍ତି।


ଅସମ୍ପୂର୍ଣ୍ଣ ହୋଇ ପଡିରହିଥିବା ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ।

# ପ୍ରଧାନମନ୍ତ୍ରୀ ସଡ଼କ କାମ ଅଧାପନ୍ତରିଆ

**ତଳଗାଁ,୧୮।୮(ଡି.ଏନ.ଏ)**

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ମାଓବାଦୀ ପ୍ରବଣ ଅଞ୍ଚଳ ତଳଗାଁ ପଞ୍ଚାୟତରେ ରାସ୍ତା କାମ ଅଧାପନ୍ତରିଆ ଥିବାରୁ ଲୋକମାନେ କଷ୍ଟ ଭୋଗୁଛନ୍ତି। ଏହି ପଞ୍ଚାୟତର ତଳଗାଁଠାରୁ କଣ୍ଟିସର ପର୍ଯ୍ୟନ୍ତ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ପ୍ରଧାନମନ୍ତ୍ରୀ ସଡକ ଯୋଜନାରେ ରାସ୍ତା କାମ ଚାଲିଛି । ଏହି ରାସ୍ତାର ସତୀଘାଟ ପୋଲ ଓ ସିଙ୍ଗାଲଘାଟ ପୋଲ କେବଳ ବେଡଲେବୁଲ କାର୍ଯ୍ୟ ହୋଇଛ। ସେହିପରି ରାସ୍ତା କାମ ପାଇଁ କେବଳ ମାଟି ପକାଯାଇଥିବା ଦେଖିବାକୁ ମିଳିଛି। ଫଳରେ ସ୍ଥାନୀୟ ଲୋକମାନେ ଯିବା ଆସିବାରେ ବହୁ ହଇରାଣ ହେଉଛନ୍ତି। ପୋଲ କାମ ଅସମ୍ପୂର୍ଣ୍ଣ ଥିବାରୁ ଲୋକମାନେ ଛାତିଏ ପାଣିରେ ପାରି ହୋଇଯିବା ଆସିବା କରିଥାନ୍ତି। ବର୍ତ୍ତମାନ ବର୍ଷାଦିନ ଯୋଗୁ ମାଟି ରାସ୍ତାରେ ଚାଲି ଚାଲି ଯିବା ଅସମ୍ଭବ ହୋଇପଡିଛି। ଗାଁକୁ କୌଣସି ଗାଡି ଯିବା ଆସିବା କରିପାରୁ ନ ଥିବାରୁ ଗର୍ଭବତୀ ମହିଳା, ରୋଗୀମାନେ ନାହିଁ ନ ଥିବା ହଇରାଣ ହେବା ସହ ଖଟିଆରେ ବୁହାହେଉଛନ୍ତି । ସେହିପରି ତଳଗାଁ ଠାରୁ ଯାବର ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ସଡ଼କ କାମ ଚାଲିଛି । ସେହି ରାସ୍ତାରେ ମଧ ଗାଡିମୋଟର ଚଳାଚଳରେ ଅସୁବିଧା ହେଉଛି । ଉକ୍ତ କାମରେ କୌଣସି ସୂଚନା ଫଳକ ମଧ୍ୟ ଲଗାଯାଇନାହିଁ। ଏ ନେଇ ରାସ୍ତା ଦାୟିତ୍ୱରେ ଥିବା ଗ୍ରାମ୍ୟ ଉନ୍ନୟନ ବିଭାଗର କନିଷ୍ଠ ଯନ୍ତ୍ରୀ ବିଦ୍ୟାଧର ମହାନ୍ତିଙ୍କୁ ପଚାରିବାରୁ ଯେଉଁ ଠିକାଦାର କାମ ନେଇଛନ୍ତି, ତାଙ୍କୁ ତୁରନ୍ତ ମରାମତି କାମ କରିବା ସହ ବକେୟା କାମ କରିବାକୁ କୁହାଯିବ ବୋଲି ପ୍ରକାଶ କରିଥିଲେ ।

# ଏଲ୍‌ଏନ୍ କଲେଜ ସୁବର୍ଣ୍ଣ ଜୟନ୍ତୀ ସମାରୋହ

**ଝାରସୁଗୁଡ଼ା ଅଫିସ/ଲଖନପୁର, ୧୮।୮(ଡି.ଏନ୍.ଏ.)**

ଝାରସୁଗୁଡ଼ା ଲକ୍ଷ୍ମୀନାରାୟଣ (ଏଲ୍‌ଏନ୍) କଲେଜ ସୁବର୍ଣ୍ଣ ଜୟନ୍ତୀ ସମାରୋହ ରବିବାର ଅନୁଷ୍ଠିତ ହୋଇଛି। ସମ୍ବଲପୁର ବିଶ୍ୱ ବିଦ୍ୟାଳୟ ପୂର୍ବତନ ପ୍ରଫେସର ଡ. ଧ୍ରୁବରାଜ ନାୟକ ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। କଲେଜ ଅଧକ୍ଷ ଡ. ଚିରବ୍ରତ ଦତ୍ତଙ୍କ ଅଧକ୍ଷତାରେ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟବକ୍ତା ଭାବେ ପୂର୍ବତନ ଶିକ୍ଷା ଉପନିର୍ଦ୍ଦେଶକ ତଥା ସମ୍ବଲପୁର ଜିଏମ୍ କଲେଜର ପ୍ରାକ୍ତନ ଅଧକ୍ଷ ପ୍ରଫେସର ଶ୍ରୀବନ୍ତ ଦାସ, ସମ୍ମାନିତ ଅତିଥି ଭାବେ ଏଲ୍‌ଏନ୍ କଲେଜ ପୂର୍ବତନ ଛାତ୍ର ସଂଘ ସଭାପତି ତଥା ଝାରସୁଗୁଡ଼ା ବାର୍ ଆସୋସିଏଶନ୍ ସଭାପତି ସନ୍ଦିପ ଅଗସ୍ତୀ ପ୍ରମୁଖ ଯୋଗଦେଇଥିଲେ। ଅଧାପିକା ଡ. ସ୍ୱର୍ଣ୍ଣମୟୀ ପୁରୋହିତ ସଭା ପରିଚାଳନା କରିଥିଲେ। ପ୍ରଧାପକ ପୂର୍ଣ୍ଣଚନ୍ଦ୍ର ପ୍ରଧାନ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ନିଜ ଶିକ୍ଷାନୁଷ୍ଠାନର ବିକାଶ ସହ ଆନ୍ତର୍ଜାତିକ ସ୍ତରରେ ଦେଶର ଗୌରବକୁ ଆଗେଇନେବା ପାଇଁ ମୁଖ୍ୟଅତିଥି ଡ. ନାୟକ ଛାତ୍ରୀଛାତ୍ରଙ୍କୁ ଆହ୍ୱାନ କରିଥିଲେ। ଏହା ସହିତ ଜନସଂଖ୍ୟା ନିୟନ୍ତ୍ରଣ ଓ ପରିବେଶ ସୁରକ୍ଷା ସମ୍ପର୍କରେ ସଚେତନ ହୋଇ କାର୍ଯ୍ୟ କରିବା ପାଇଁ ସେ ପରାମର୍ଶ ଦେଇଥିଲେ। ପୁରାତନ ଛାତ୍ରୀଛାତ୍ରଙ୍କ କର୍ତ୍ତବ୍ୟ ତଥା କଲେଜର ଇତିହାସ ଓ ଛାତ୍ର ସଚେତନତା ସମ୍ପର୍କରେ ମୁଖ୍ୟବକ୍ତା ପ୍ରଫେସର ଦାସ ଉଦ୍‌ବୋଧନ ଦେଇଥିଲେ। ଆଗାମୀ ଦିନରେ କଲେଜର ବିଭିନ୍ନ ମୌଳିକ ସମସ୍ୟା ସହିତ ଜମି ସମସ୍ୟା ସମାଧାନ କରିବା ପାଇଁ ସମ୍ମାନିତ ଅତିଥି ଅଗସ୍ତୀ ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ ମୁଖ୍ୟଅତିଥି କଲେଜର ସୁବର୍ଣ୍ଣ ଜୟନ୍ତୀ ଲୋଗୋ ଉନ୍ମୋଚନ କରିଥିଲେ। ଏହି ଅବସରରେ କଲେଜର ଅବସରପ୍ରାପ୍ତ ପ୍ରଧାପକ ଏକନନ ସାହୁ ଓ ବସନ୍ତ କୁମାର ପଟେଲଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। କଲେଜର ପ୍ରଥମ ବ୍ୟାଚ୍ ଛାତ୍ର ମଙ୍ଗଳ ପାଣ୍ଡେ, ରବିନାରାୟଣ ପଣ୍ଡା ଓ ସନ୍ତୋଷ କୁମାର ସାହୁଙ୍କୁ ମଧ ସମ୍ବର୍ଦ୍ଧିତ କରାଯାଇଥିଲା। କଲେଜ ପରିଚାଳନା ସମିତି ସଦସ୍ୟ ତଥା ପୂର୍ବତନ ଅଧକ୍ଷ ପ୍ରତାପ ବେହେରା ପୂର୍ବ ଛାତ୍ର ସଂଘକୁ ୫୧ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ ପାଇଁ ଘୋଷଣ କରିଥିଲେ। ଏହି ଅବସରରେ କଲେଜ ପରିସରରେ ଚାରାରୋପଣ କାର୍ଯ୍ୟକ୍ରମ ହୋଇଥିଲା। ଡ. ସରୋଜ କୁଅଁର ଧନ୍ୟବାଦ ଅର୍ପଣ କରିଥିଲେ।



ସୁବର୍ଣ୍ଣ ଜୟନ୍ତୀ ସମାରୋହରେ ମଞ୍ଚାସୀନ ଅତିଥିବୃନ୍ଦ।


## CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

HEALTH CARE
ASTROLOGY
FINANCE

Dhanalaxmi Finance
Regd. No.-U6519TNI98PLC00855
ମାର୍କଶିଟ, ପ୍ରପର୍ଟି ପର୍ସନାଲ, ପଶୁପାଳନ, ମାଛଚାଷ, ରାଶନ କାର୍ଡ ଏବଂ ସବୁପ୍ରକାରର ଲୋନ୍ ଘରେ ବସି ପାଆନ୍ତୁ 3 ରୁ 4 ଦିନରେ, 2% ସୁଧ, 40% ଛାଡ଼, ମହିଳା ଏବଂ ବିଦ୍ୟାର୍ଥୀମାନଙ୍କ ପାଇଁ ବିଶେଷ ଛାଡ଼।
HELPLINE 8859690149

ଇଣ୍ଡସ୍ ଫାଇନାନ୍ସ ଲିଃ
କମ୍ପାନୀ ଋଣ ଉପଲବ୍ଧ କରାଉଛି ଏଥିରେ ଆପଣଙ୍କୁ ପର୍ସନାଲ ଋଣ, ବ୍ୟବସାୟ ଋଣ, ସାଲାରୀ ସ୍ଲିପ୍ ଋଣ ମାତ୍ର 2% ସୁଧରେ ମିଳିପାରିବ।
ମହିଳାଙ୍କ ପାଇଁ 50% ରିହାତି
9911417764
9911417461
BISWANATHPUR, BALARAMAPUR, BALESWAR, ODISHA - 756024

!! ଋଣ ଋଣ ଋଣ !!
1ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ୍, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନକାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ରିହାତି
!! ଋଦ୍ଧି ଫାଇନାନ୍ସ !!
E-mail :- ridhifinanceonlinem.p@gmail.com
7052572586
Add :- 41/14, Sec-1 Pushp Vihar, Delhi

AT PURI AT PURI AT PURI
ପୁରାତନ ରୋଗର ସର୍ବୋତ୍ତମ ଆୟୁର୍ବେଦ ଚିକିତ୍ସା
Advise & Treatment by Specialized Ayurvedic Doctors only
ରୁ୍ୟମାଟଏଡ୍ ଆର୍ଥାଇଟିସ୍, ଓଷ୍ଟିଓ ଆର୍ଥାଇଟିସ୍, ପାରାଲିସିସ୍, ସିଆଟିକା, ଅଣ୍ଟାବ୍ୟଥା, ଆଣ୍ଠୁବ୍ୟଥା, ଫ୍ରୋଜନ୍ ସୋଲ୍‌ଡର, ସ୍ପଣ୍ଡିଲୋସିସ୍, ମାଇଗ୍ରେନ୍, ସୋରିଆସିସ୍, ମୁଖ ବ୍ରଣ, ଆଦି ରୋଗର ପରାମର୍ଶ ଓ ଉତ୍ତମ ଚିକିତ୍ସା ଉପଲବ୍ଧ ।
SAMBHAV AYURVED
Bus Stand Outgate, Puri
Phone & Whats App - 7735921512 / 9439349129 ,Timing - 9 am to 8 pm

ଭଟକିବାରୁ ବଞ୍ଚନ୍ତୁ କୌଣସି ବି କାମ
ବାବା ଅଘୋରୀ ତାନ୍ତ୍ରିକ
(ସ୍ପେଶାଲିଷ୍ଟ – ବଶୀକରଣ)
ପ୍ରେମବିବାହ, ପତି-ପତ୍ନି ମଧ୍ୟରେ ଝଗଡା, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ଗୃହକ୍ଳେଶ, ବିବାହରେ ସମସ୍ୟା, ଔଷଧ କାମ ନ କରିବା, ଜାଦୁଟୋନା, କୋର୍ଟ କେସ୍, ତନ୍ତ୍ରମନ୍ତ୍ର ସମ୍ରାଟ, ମୁଠାକରଣୀ ଖୋଲା ଚ୍ୟାଲେଞ୍ଜ, ପ୍ରେମରେ ଧୋକା ୩ ଘଣ୍ଟାରେ ୧୦୦% A To Z ସମସ୍ୟାର ସମାଧାନ
ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳେଇପାରେ
ମୁଁ କରିଥିବା କାମକୁ କାଟିବା ଲୋକଙ୍କୁ ମନମୁତାବକ ପୁରସ୍କାର
ସଚ୍ଚାପ୍ରେମୀ ନିରାଶ କାହିଁକି ?
କାଳି ମନ୍ଦିର, ବରମୁଣ୍ଡା ପାଖ, ଭୁବନେଶ୍ୱର
9899587663
9910294940

BANA DURGA FINANCE
BANA DURGA FINANCE
ସମସ୍ତ ପ୍ରକାର LOAN ଠିକ୍ ସୁଧରେ ଘରେ ବସି ପାଆନ୍ତୁ। ପର୍ସନାଲ, ବିଜନେସ୍, ମାର୍କସିଟ୍, ଗୃହ, କୃଷି, ଶିକ୍ଷା, କୁକୁଡ଼ା ପାଳନ ଓ ଗାଈ LOAN ଆଦି ସମସ୍ତ ପ୍ରକାର LOAN ପାଇପାରିବେ। ସୁଧ–1% ।
Help LINE
7683949359
7381163847
C-47/8, A-Block, Vijay Enclave Burrari, New Delhi-75, Maipada, Chhindeikela, Paikmal, Bargarh-768050

ଋଣ ଧମାକା
ଆଧାର କାର୍ଡରେ ଋଣ ପାଆନ୍ତୁ
1 ଲକ୍ଷରୁ 25 ଲକ୍ଷ ପର୍ଯ୍ୟନ୍ତ
ସୁଧ 1% ପର୍ଯ୍ୟନ୍ତ, 50% ପର୍ଯ୍ୟନ୍ତ ଛାଡ଼
ସମୂହ ଋଣ, ପର୍ସନାଲ, କୁକୁଡ଼ା ପାଳନ ଋଣ
Contact No.
7491845997
7079574972
New Ashok Nagar, East Delhi, Delhi
www.toofanfinance.in

ନୂଆ ଯୋଜନା ଅଧୀନରେ ଭାରତର ନଂ.1 କମ୍ପାନୀ
1988ଠାରୁ ଆପଣଙ୍କ ସେବାରେ
DHANLAXMI FINANCE PVT. LTD. ସବୁ ବ୍ୟାଙ୍କ ଦ୍ୱାରା
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
9499135756
H.No. 10, Mandi Road, Bathinda, Punjab

VEDANSI FINANCE PVT LTD
100% ଲୋନ ପ୍ରାପ୍ତ କରନ୍ତୁ 7 ଦିନରେ।
ସୁଧ 2%, ଛାଡ଼ 40%
ଡିଲରଶିପ୍ / ଏଜେଣ୍ଟ ପାଇଁ କମ୍ପାନୀକୁ ସମ୍ପର୍କ କରନ୍ତୁ।
Balasore: 7409536767, Jajpur: 9084652616, Dhenkanal: 7409543249, Angul: 7252964716, Jeypore: 9084652615

COLOR DISPLAY CLASSIFIED

| SIZE | 15 days | 8 days | 4 days | Single day | GST 5% will be added extra |
|---|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 | |

on every Tuesday & Friday


### ପାଠକଙ୍କ ପାଇଁ ସୂଚନା:

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।